
ପ୍ରଥମ ବର୍ଷ ........ ହେମନ୍ତ ସଂଖ୍ୟା ........ ୧୩୩୪ ସାଲ




ରାୟ ବାହାଦୁର ରାଜକିଶୋର ଦାସ—ସଂପାଦକ

Digitized by srujanika@gmail.com

ଉତ୍କଳର ସୁବିଖ୍ୟାତ ଓ ବିଶ୍ୱାସୀ ସୁନାରୂପା ବ୍ୟବସାୟୀ




# ବାଉଚାନ୍ଦ ଏଣ୍ଡ କମ୍ପାନୀ ।



ନୟାସଡ଼କ—କଟକ





ସୁନା ରୂପାର ଯାବତୀୟ ଅଳଂକାର, ଜଡ଼ଉ, ପାଲିସ ଓ କଟକର ପ୍ରସିଦ୍ଧ ତାରକସୀ କାମ ସୁଲଭ ମୂଲ୍ୟରେ ଏଠାରେ ସର୍ବଦା ପ୍ରସ୍ତୁତଥାଏ । ମୋଫସଲର ଅର୍ଡର ଅତି ଯତ୍ନରେ ଓ ଶୀଘ୍ର ପ୍ରସ୍ତୁତ କରି ପଠାଯାଏ ।

ଗହଣା ପସନ୍ଦ ନୋହିଲେ ଫେରସ୍ତ ନେଉଁ, ଏହା ଆମ୍ଭ ଦୋକାନର ବିଶେଷତ୍ୱ ।



1 2 3

ଉତ୍କଳର ଅନେକ ରଜା, ମହାରଜା, ଜମିଦାର ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କଠାରୁ ପ୍ରଶଂସାପ୍ରାପ୍ତ

ଏବଂ ଭାରତୀୟ ପ୍ରଦର୍ଶନୀମାନଙ୍କରୁ ସୁପାରିସ ପ୍ରାପ୍ତ ।

ସଚିତ୍ର ମୂଲ୍ୟ ତାଲିକା ପାଇଁ ଶୀଘ୍ର ପତ୍ର ଲେଖନ୍ତୁ



ମୁଦ୍ରାକର—ଶ୍ରୀ ରଜକିଶୋର ମହାନ୍ତି
କଟକ ପ୍ରିଣ୍ଟିଂକମ୍ପାନୀ ଲିମିଟେଡ
କଟକ—୧୯୨୭

ପ୍ରକାଶକ—ଶ୍ରୀରଜକିଶୋର ମହାନ୍ତି
ବାଣୀମନ୍ଦିର, ବାଙ୍କାବଜାର
କଟକ—୧୯୨୭


Digitized by srujanika@gmail.com

# ଏ, ସୋମଶେଖରସ୍

## ଏଣ୍ଡ ସନ୍ସ

ଚୌଧୁରୀବଜାର—କଟକ

ଦେଶୀଲୁଗା ବିକ୍ରେତା ଓ ପ୍ରସ୍ତୁତକାରକ, ମାନ୍ଦ୍ରାଜ, ସେଲମ, ଓପାଡ୍ଡୁ, ମଦୁରା, ଗୋଦାବରୀ, ବ୍ରହ୍ମପୁରୀ ଧୋତି, ଯୋଡ, ଶାଢ଼ୀମାନ ଅନ୍ୟ କେଉଁଠି ଏତେ ଶସ୍ତା ଓ ସୁବିଧାରେ ମିଳେନାହିଁ । କାରଣ ଆମର ନିଜର କଳ କାରଖାନା ଅଛି ।

ଉତ୍କଳର ମହାରାଜା, ରାଜା, ଜମିଦାରମାନଙ୍କର ପଞ୍ଚ ପର୍ବାଣୀ, ବିବାହ, ବ୍ରତ ଆଦିରେ ଠିକାନେଇ ଆମ୍ଭେମାନେ ବହୁକାଳରୁ ପ୍ରଶଂସା ପାଇଆସୁଛୁ ।

## ଖଦଡ଼, ଶାଢ଼ୀ, ଧୋତି, ଚଦର, ଗାମୁଛା

ଆମ୍ଭ ଦୋକାନଭଳି କେଉଁଠି ଶସ୍ତା ମିଳେନାହିଁ । ମଫସଲର ଅର୍ଡରମାନ ଶୀଘ୍ର ଯତ୍ନରେ ପଠାଯାଇ-ଥାଏ—ଥରେ ପରୀକ୍ଷା ପ୍ରାର୍ଥନୀୟ ।

---

କବିରାଜ—ଶ୍ରୀ ହରେକୃଷ୍ଣ ଦାସଙ୍କର

# ଆତୁର ସହାୟ ଔଷଧାଳୟ

ଚୌଧୁରୀବଜାର—କଟକ

ପ୍ରତ୍ୟକ୍ଷ ଫଳପ୍ରଦ ଶାସ୍ତ୍ରୀୟ ଔଷଧମାନ ପୂର୍ଣ୍ଣମାତ୍ରାରେ ୪୦ ବର୍ଷରୁ ଉର୍ଦ୍ଧ୍ୱରେ ବାରମ୍ବାର ପ୍ରସ୍ତୁତ କରି ଆମ୍ଭ ଔଷଧମାନଙ୍କର ଯେ ପ୍ରକାର ବିଶିଷ୍ଟତା ଜନ୍ମିଅଛି ତାହା ଅନ୍ୟ କୁତ୍ରାପି ସୁଦୁର୍ଲ୍ଲଭ । ଅର୍ଥାତ୍ ଆତୁରସହାୟ-ଔଷଧାଳୟର ଔଷଧ ପ୍ରସ୍ତୁତପ୍ରଣାଳୀ, ପାକପ୍ରଣାଳୀ, ଆସ୍ୱାଦନ ବିଶିଷ୍ଟତା ଓ ଉପକାରିତା ଅନନ୍ୟ ସାଧାରଣ ।

# ମ୍ୟାଲେରିୟାର ସର୍ବଶ୍ରେଷ୍ଠ ଔଷଧ

ଯକୃତ୍ ଓ ପ୍ଳୀହା ସଂଯୁକ୍ତ ସର୍ବପ୍ରକାର ଜ୍ୱର, ଏ ଛଡ଼ା ଚରକ ଓ ସୁଶ୍ରୁତ ଶାସ୍ତ୍ରାନୁମୋଦିତ ସର୍ବ ବିଧ ରସ, ମୋଦକ, ବଟିକା ଅବଲେହ ଓ ଭସ୍ମାଦି ସର୍ବଦା ଅତିସୁଲଭ ମୂଲ୍ୟରେ ଆମ୍ଭଠାରେ ବିକ୍ରୟପାଇଁ ବହୁଳ ପରିମାଣରେ ପ୍ରସ୍ତୁତ ଥାଏ ।

ଥରେମାତ୍ର ପରୀକ୍ଷା ପ୍ରାର୍ଥନୀୟ ।


Digitized by srujanika@gmail.com

# ବିଷୟ ସୂଚୀ

୧ । ପୌରାଣିକ ଭାରତରେ ଧର୍ମ ଓ ସାମାଜିକ ଜୀବନ—
ଶ୍ରୀ ଗୋପାଳ ଚନ୍ଦ୍ର ଦାସ ୫୧୯
୨ । ବଡ଼ ଘାନ ( ଉପନ୍ୟାସ )
ଶ୍ରୀ ବୈଷ୍ଣବଚରଣଦାସ ୫୨୫
୩ । ହେମନ୍ତ ( ପଦ୍ୟ ) ନିକୁଞ୍ଜକିଶୋର ଦାସ ୫୨୯
୪ । ଇତରପ୍ରାଣୀଙ୍କର ଭାବବ୍ୟଞ୍ଜନା ୫୨୯
୫ । ମହାଭାରତରେ କଳିଙ୍ଗ—ଶ୍ରୀ ବ୍ରଜବନ୍ଧୁ ଦାସ ୫୩୩
୬ । ଘନଶ୍ୟାମ ଚଉତିଶା ( ପଦ୍ୟ )
୬/ ଦୀନକୃଷ୍ଣ ଦାସ ୫୪୩
୭ । ସେ—( ଗଳ୍ପ ) ଶ୍ରୀ ଅଜିତକୁମାର ଦାସ ୫୪୭
୮ । ନବଘନ ଚଉତିଶାର ସମାଲୋଚନା
ଶ୍ରୀ ଶ୍ରୀଧର ଦାସ ୫୫୦
୯ । ପ୍ରାଚୀନ ଭାରତ ଓ ଗ୍ରୀସ
ଶ୍ରୀ ରାମଚନ୍ଦ୍ର ଆଚାର୍ଯ୍ୟ ୫୫୫
୧୦ । ମାଧୁରୀ ( ପଦ୍ୟ ଶ୍ରୀ ଜଗଦାନନ୍ଦ ମହାନ୍ତି ୫୫୭
୧୧ । ବିସ୍ମୃତ—ଶ୍ରୀ ରତ୍ନାକର ପତି ୫୫୮
୧୨ । କବିତାରେ ବିଷୟ ବିଚାର—
ଶ୍ରୀ ଗୋବିନ୍ଦଚନ୍ଦ୍ର ତ୍ରିପାଠୀ ଏମ୍ ଏ ୫୬୪
୧୩ । ଯୁଗଳଯାତ୍ରୀ ( ଗଳ୍ପ ) ଶ୍ରୀ ଦିବ୍ୟସିଂହ ରଥ ୫୬୯
୧୪ ବ୍ୟାବହାରିକ ତତ୍ତ୍ୱବାଦ ( ଅନୁବାଦ )
ଶ୍ରୀ ଜଗନ୍ନାଥ ଦାଧ ୫୭୫
୧୫ । ଶରତ ( ପଦ୍ୟ ) ଶ୍ରୀ— ୫୭୭
୧୬ । ଇତିହାସର ଧାରା—ଶ୍ରୀ ହରନାରାୟଣ ସିଂହ ୫୭୮
୧୭ । ସାମାଜିକ ଅନୁଷ୍ଠାନ—ନୃସିଂହଚରଣ ମହାନ୍ତି ୫୮୭
୧୮ । କାନ୍ତୋଆଡ଼ ସଂଗୀତ—
ଶ୍ରୀ ଗୋଲୋକନାଥ ମହାପାତ୍ର ୫୯୪
୧୯ । ପ୍ରତିବିମ୍ବ— ୫୯୬
୨୦ । ନବରତ୍ନ ପରୀକ୍ଷା—ଶ୍ରୀ ଗଣପତି ପତି ୫୯୯
୨୧ । ପଲ୍ଲୀ ଚରିତ୍ର— ୬୦୩
୨୨ । ମଲାଜିହ୍ନ—ଉପେନ୍ଦ୍ର କିଶୋର ଦାସ ୬୦୫
୨୩ । ପୁସ୍ତକପରିଚୟ— ୬୦୮
୨୪ । ବିବିଧ ପ୍ରସଂଗ— ୬୦୯
୨୫ । ଚିତ୍ର ପରିଚୟ— ୬୧୧
୨୬ । ଲହର—ଶ୍ରୀ— ୬୧୨
୨୭ । ଉଠାଣି ( ପଦ୍ୟ ) ଶ୍ରୀ ଅଜୟ ଚନ୍ଦ୍ର ଦାସ ୬୧୩

Digitized by srujanika@gmail.com

ବାରୁଣୀ—

# ଚିତ୍ର ସୂଚି


୧ । ଏକବର୍ଣ୍ଣ ଟଙ୍କ ପୂର୍ଣ୍ଣ ପୃଷ୍ଠା ଶ୍ରୀ ରାଧାକାନ୍ତ ପାଢ଼ୀ

୨ । ସେମାଙ୍କର ପ୍ରାଣଖୋଲା ହସ— ୫୩୦

୩ । କ'ଣ କହୁଚଲେ—ମହାଶୟ ?

୪ । ଯୁଗଳ ଓସ୍ତାଂଓଟାଂ—

୫ । ଭୟ— ୫୩୧

୬ । କୋଧ ୫୩୧

୭ । ତୃପ୍ତି ୫୩୨

୮ । କ୍ରୋଧ

୯ । ଅଭିନବେଶ ୫୩୩

୧୦ । ରେଡ଼ଓର ଚକ ୫୯୬

୧୧ । ଘୋଡ଼ ଦୌଡ଼

୧୨ । ଡା: ଟାର୍ନିଂଙ୍କ ଆବିଷ୍କୃତ ମୋଟର ୫୯୬

୧୩ । ମଥାର କସରତ ୫୯୮

୧୪ । ମୋଟର ପାଦୁକା

୧୫ । ପକ୍ଷୀ ଚରିତ୍ର

୧ । ଘରେ ୬୦୩


୨ । ବାହାରେ ୬୪୦


Digitized by srujanika@gmail.com

# THE SUN OPTICAL Co.

*Opathlmic opticians and Dealers in all sorts of optical and scientfic instruments.*

24/1 CORNWALIS STREET, CALCUTTA.



ALL REQUIREMENTS.

In Scientifically fit Smart Style Eyeglasses, Opera glasses, field glasses, microscopes and other Scientific instruments.

ARE PROMPTLY SUPPLIED.

And we stand guarantee for the Scientific accuracy of Specified qualities of Goods made or supplied by us

FOR THE RIGHT THING AT THE RIGHT PRICE COME TO US.

---

ବିଖ୍ୟାତନାମା **ଶ୍ରୀ ବାଲୁକେଶ୍ୱର ଆଚାର୍ଯ୍ୟ** ଭିଷକ୍‌ରତ୍ନ


ଆଲମଚାନ୍ଦ ବଜାର—କଟକ

ବର୍ତ୍ତମାନ ଉତ୍କଳର କଂଗ୍ରେସକର୍ମୀ ଶ୍ରୀ ଗୋପବନ୍ଧୁ ଦାସ ବି, ଏଲ୍ କହନ୍ତି—ଚିକିତ୍ସା ତାଙ୍କର କେବଳ ଜୀବନୋପାୟ ବ୍ୟବସାୟ ନୁହେ । ଏତଦ୍ୱାରା ସେ ମାନବର ଅଶେଷ ହିତ କରିପାରନ୍ତି ଏବଂ ଜ୍ଞାନ ରଖି ସେ ରୋଗୀମାନଙ୍କର ଚିକିତ୍ସା କରିଥାନ୍ତି । ଯେଉଁମାନେ ତାଙ୍କର ଚିକିତ୍ସାର ସୁଯୋଗ ଥରେ ପାଇଛନ୍ତି ତାଙ୍କୁ କେବେ ଛାଡ଼ି ପାରିବେନାହିଁ । ଇତି । ୧୦-୭-୧୯

ଶ୍ରୀଯୁକ୍ତ ରାଜକିଶୋର ଦାସ, ରାଏବାହାଦୁର କହନ୍ତି—ସେ ରୋଗ ନିର୍ଣ୍ଣୟ କରିବା ବିଷୟରେ ସାବଧାନ ଓ ଯତ୍ନବାନ ଏବଂ ବାସ୍ତବରେ ଜଣେ ବିଶ୍ୱାସୀ ଲୋକ ** ଅନ୍ୟାନ୍ୟ ବହୁ ଚିକିତ୍ସକଙ୍କର ସାଧ୍ୟାତୀତ ଗୋଟିଏ ବହୁଦିନର ଦୁଃସାଧ୍ୟ ରୋଗ ଆରୋଗ୍ୟ କରିଅଛନ୍ତି * * * ।

ରୋଗର ବିବରଣ ଲେଖିଲେ ମଫସଲକୁ ମଧ୍ୟ ଔଷଧ ପଠାଇଥାଉଁ,
ଔଷଧ ତାଲିକା ପାଇଁ ପତ୍ର ଲେଖନ୍ତୁ ।

Digitized by srujanika@gmail.com



Digitized by srujanika@gmail.com



ହେମନ୍ତ ସଂଖ୍ୟା	ପ୍ରଥମବର୍ଷ	୧୩୩୪

# ପୌରାଣିକ ଭାରତରେ ଧର୍ମ୍ମ ଓ ସାମାଜିକ ଜୀବନ

ଶ୍ରୀ ଗୋପାଳଚନ୍ଦ୍ର ଦାସ

ପୌରାଣିକ ଯୁଗ ୫୦୦ ଖ୍ରୀଷ୍ଟାବ୍ଦଠାରୁ ମୁସଲମାନ-ମାନଙ୍କର ପ୍ରଥମ ଭାରତ ଆକ୍ରମଣ, ଅର୍ଥାତ୍ ୧୧୯୪ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ବିସ୍ତୃତିଲାଭ କରିଥିଲା ବୋଲି ଐତିହାସିକମାନଙ୍କ ଦ୍ୱାରା ନିର୍ଣ୍ଣିତ ହୋଇଅଛି । ଏଯୁଗର ଇତିହାସ ସମ୍ବନ୍ଧରେ ସେପରି କୌଣସି ଧାରାବାହିକ ଲିଖିତ ଗ୍ରନ୍ଥ କିମ୍ବା ଆଖ୍ୟାୟିକା ନାହିଁ । ଚୀନ ପରିବ୍ରାଜକ ହୁଏନ୍‌ସାଂ ଲିଖିତ ବିବରଣୀ, କେତେଗୁଡ଼ିଏ ଧର୍ମ୍ମପୁରାଣ ଓ ଇତସ୍ତତଃ ପ୍ରକ୍ଷିପ୍ତ ତତ୍କାଳୀନ କେତେକ ପଦ୍ୟ-ମାହାତ୍ମ୍ୟ ବ୍ୟତୀତ ଏ ଯୁଗର ଇତିହାସ ଆଧୁନିକ ଐତିହାସିକ ବା ଲେଖକପକ୍ଷରେ ଘୋର ତମସାଚ୍ଛନ୍ନ । ହୁଏନ୍‌ସାଂ ସପ୍ତଶତାବ୍ଦୀର ମଧ୍ୟଭାଗରେ ପଞ୍ଚଦଶ ବର୍ଷ କାଳ ଭାରତର ନାନାସ୍ଥାନ ପରିଦର୍ଶନ କରି ଓ ନାଳନ୍ଦା ବିଶ୍ୱବିଦ୍ୟାଳୟରେ ଅବସ୍ଥାନ କରି ତଦାନୀନ୍ତନ ଭାରତ-ସମ୍ବନ୍ଧରେ ଯେଉଁ ଅକୃତ୍ରିମ, ସୁସ୍ପଷ୍ଟ ବର୍ଣ୍ଣନା ଭାବୀ ବଂଶଧରମାନଙ୍କୁ ଗୁହସ୍ୱାମୀର ମୃତ୍ୟୁକାଳୀନ ପ୍ରଦତ୍ତ ସମ୍ପତ୍ତିରୂପେ ଦାନ କରିଯାଇଅଛନ୍ତି ତାହା ପ୍ରତ୍ୟେକ ତତ୍ତ୍ୱାନ୍ୱେଷୀ ପକ୍ଷରେ ମହା ମୂଲ୍ୟବାନ ଓ ପବିତ୍ର ଅଟେ । ପୌରାଣିକ ଯୁଗର ଧର୍ମ୍ମ ଓ ସାମାଜିକ ଜୀବନ ଆମ୍ଭମାନଙ୍କର ଏ ପ୍ରବନ୍ଧର ଆଲୋଚ୍ୟ ବିଷୟ । ଆମ୍ଭମାନଙ୍କର ଏ ଯୁଗରେ ଧର୍ମ୍ମଜୀବନ ସାମାଜିକ ଜୀବନ ଉପରେ ଶ୍ରେଷ୍ଠତ୍ୱ ଲାଭ କରିଥିଲା, କାରଣ ବୌଦ୍ଧଧର୍ମ୍ମର ପତନ ଓ ହିନ୍ଦୁଧର୍ମ୍ମର ପୁନରୁତ୍ଥାନ ଏ ଯୁଗର ବିଶିଷ୍ଟ ଘଟଣା-ଅଟେ । ତେଣୁ ପ୍ରଥମେ ଧର୍ମ୍ମଜୀବନ ବିଷୟରେ ସତ୍ତ୍ୱକିଞ୍ଚିତ୍ ଆଲୋଚନା କରି ସାମାଜିକ ଜୀବନ ଆଲୋଚନାରେ ପ୍ରବୃତ୍ତ ହେବାକୁ ହେବ । ପୌରାଣିକ ବ୍ରାହ୍ମଣ୍ୟ-ଧର୍ମ୍ମର ମୂଳତତ୍ତ୍ୱ ଓ ବୈଦିକ ଧର୍ମ୍ମଠାରୁ ଏହାର ବିଭିନ୍ନତା ପ୍ରଦର୍ଶାଇବା ପୂର୍ବରୁ ପ୍ରଥମେ ଦେଖିବାକୁ ହେବ ଯେ ବୌଦ୍ଧଧର୍ମ୍ମ କିପରି ଲୋପପ୍ରାପ୍ତ ହୋଇ ହିନ୍ଦୁଧର୍ମ୍ମର ପୁନଃ ପ୍ରଚାର ନିମିତ୍ତ ରାସ୍ତା ପରିଷ୍କୃତ କରିଥିଲା ।

ମହାମତି ଶାକ୍ୟମୁନି ପ୍ରବର୍ତ୍ତିତ ସୁଦୂରବ୍ୟାପ୍ତ ବୌଦ୍ଧଧର୍ମ୍ମ ଚତୁର୍ଥ ଶତାବ୍ଦୀର ପ୍ରାରମ୍ଭରୁ ବିକୃତ ଓ କଳୁଷିତ ହୋଇ ସପ୍ତଶତାବ୍ଦୀର ମଧ୍ୟଭାଗରେ ଅତ୍ୟନ୍ତ

Digitized by srujanika@gmail.com

ହୀନଦଶାପନ୍ନ ହେବାକୁ ଲାଗିଲା । ବୌଦ୍ଧଧର୍ମ ଯେତେବେଳେ ଏହି ଦଶାପନ୍ନ ତେତେବେଳେ ( ୬୨୯ ଖ୍ରୀଷ୍ଟାବ୍ଦଠାରୁ ୬୪୫ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ) ଚୀନ ଦେଶାଗତ ବୌଦ୍ଧଧର୍ମାବଲମ୍ବୀ, ମହାପରାକ୍ରମୀ ହୁଏନ୍‌ସାଂ ତାଙ୍କର ଭାରତ ଭ୍ରମଣରେ ପ୍ରବୃତ୍ତ, ଏଣେ ହିନ୍ଦୁଧର୍ମ ଏକ ନୂତନ ଅଦ୍ଭୁତ ଧାରଣପୂର୍ବକ ଭାରତ ଦ୍ୱାର ଦେଶରେ ଦଣ୍ଡାୟମାନ, ବୈଦିକ ଧର୍ମ ପରିବର୍ତ୍ତେ ପୌରାଣିକ ଧର୍ମର ପ୍ରଚାର ବୁଦ୍ଧଦେବ ଯେଉଁ ମହତ୍ ଉଦ୍ଦେଶ୍ୟ ହୃଦୟରେ ପୋଷଣକରି ବୌଦ୍ଧଧର୍ମ ପ୍ରଚାର ଓ ପ୍ରତିଷ୍ଠିତ କରିଯାଇଥିଲେ କାଳକ୍ରମେ ସେ ଉଦ୍ଦେଶ୍ୟ ତାଙ୍କର ବିସ୍ମୃତି ଗର୍ଭରେ ନିହିତ ହେବାକୁ ଲାଗିଲା । କାରଣ ନିରଳସ, ନିରାଡ଼ମ୍ବର, ଅମାୟିକ ବୁଦ୍ଧଦେବଙ୍କ ପ୍ରଚାରିତ ମୂଳଧର୍ମ ଭୁଲି ଶିଷ୍ୟମାନେ ତାଙ୍କର ପୌତ୍ତଳିକତାର ଆଶ୍ରୟ ନେଇ ନାନା ବୋଧିସତ୍ତ୍ୱ ପୂଜାରେ ଅନୁବସ୍ଥିତ ହୋଇଥିଲେ । ଅଧୁନା ଏହି ପୂଜା, ଅର୍ଚ୍ଚନା ବହୁ ଉପଦ୍ରବମୟ ଓ ନିରର୍ଥକ ବାହ୍ୟ ଆଡ଼ମ୍ବରପୂର୍ଣ୍ଣ । ବ୍ୟକ୍ତିତ୍ୱଶୂନ୍ୟ, ନୀତିମୂଳକ ବୌଦ୍ଧଧର୍ମ ଯେତେବେଳେ ଅଜ୍ଞାନ, କୁସଂସ୍କାରାତ୍ମକ ଜନସାଧାରଣଙ୍କୁ ପରିତୃପ୍ତ କରିବାରେ ସମ୍ପୂର୍ଣ୍ଣ ଅକ୍ଷମ, ତେତେବେଳେ ଏହି ଧର୍ମର ମୂଳତତ୍ତ୍ୱର ପରିବର୍ତ୍ତନ ସମ୍ବନ୍ଧରେ ବୌଦ୍ଧଭିକ୍ଷୁମାନଙ୍କ ମଧ୍ୟରେ ବହୁ ବାଦାନୁବାଦ ହୋଇ ପରିଶେଷରେ ତାହା ହୀନଯାନ ଓ ମହାଯାନ ନାମକ ଦୁଇ ବିଭିନ୍ନ ଶ୍ରେଣୀରେ ବିଭକ୍ତ ହେଲା । ଅତଏବ ବହୁ ଉପଦ୍ରବ ଓ ଅଯଥା ଆଡ଼ମ୍ବର ପରିପୂର୍ଣ୍ଣ ହେବାଦ୍ୱାରା ସର୍ବଜନପ୍ରିୟତା ଲାଭକରି କିଛୁକାଳ ନିମନ୍ତେ ଆପଣାର ଯଶ ଅକ୍ଷୁଣ୍ଣ ରଖିଥିଲା । କିନ୍ତୁ ଏହି ପୌତ୍ତଳିକତା ଓ କୁସଂସ୍କାରର ପ୍ରଶ୍ରୟ ଶେଷରେ ତାହାର ପତନର କାରଣ ହେଲା । ବିପଦଗ୍ରସ୍ତ ବୌଦ୍ଧଧର୍ମ ପ୍ରଚାରକମାନେ ଆଉ ରାଜାନୁଗ୍ରହ ଲାଭକରି ନପାରି ପରାକ୍ରମଶାଳୀ ବ୍ରାହ୍ମଣ ପଣ୍ଡିତମାନଙ୍କ ସାହାଯ୍ୟ ଲାଭାର୍ଥ ସୁଯୋଗ ଖୋଜି ବୁଲୁଥାନ୍ତି, କିନ୍ତୁ ଚତୁର ହିନ୍ଦୁ ପରିବ୍ରାଜକମାନେ ଦେଶ ଦେଶାନ୍ତରେ ରାଜା, ମହାରାଜା ଓ ଧନୀ ପରିବାରମାନଙ୍କର ପ୍ରତିପୋଷକତା ଲାଭକରି ବୌଦ୍ଧଧର୍ମ ପ୍ରଚାରିତ ପ୍ରଦେଶମାନଙ୍କରେ ହିନ୍ଦୁଧର୍ମର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବାକୁ ଲାଗିଲେ । ଆଜି ହିନ୍ଦୁ ଯେଉଁ ସନାତନ ଧର୍ମର ଗର୍ବକରେ ତାହା କେବଳ ପୌରାଣିକ ଯୁଗର ବ୍ରାହ୍ମଣ ପଣ୍ଡିତମାନଙ୍କର ଅବିଶ୍ରାନ୍ତ ପରିଶ୍ରମ, ସୁବିମଳ ଚିନ୍ତା, ପ୍ରାଞ୍ଜଳ ବାଗ୍ମିତା ଓ ଅକାଟ୍ୟ ଯୁକ୍ତିର ଫଳ । ଗୁପ୍ତବଂଶୀୟ ରାଜାମାନଙ୍କ ହସ୍ତରେ ହିନ୍ଦୁଧର୍ମର ଯେଉଁ କ୍ଷୁଦ୍ର ଚାରାଟି ରୋପିତ ହୋଇଥିଲା, ତାହା କାଳକ୍ରମେ ସଂରକ୍ଷିତ ଓ ସଂବର୍ଦ୍ଧିତ ହୋଇ ରାଜପୁତ ରାଜାମାନଙ୍କ ହସ୍ତରେ ଏକ ବହୁ ଶାଖା ପ୍ରଶାଖାଯୁକ୍ତ ପ୍ରକାଣ୍ଡ ବୃକ୍ଷରେ ପରିଣତ ହେଲା ।

ବର୍ତ୍ତମାନ ଏହି ନୂତନ ପ୍ରଚାରିତ ଧର୍ମ ବୈଦିକ ଧର୍ମର ପ୍ରକୃତି ଓ ମୂଳତତ୍ତ୍ୱଠାରୁ କିପରି ପୃଥକ୍, ତାହା ଦେଖାଯାଉ । ପୌରାଣିକ ବ୍ରାହ୍ମଣ୍ୟଧର୍ମ ଯେ ବୈଦିକଧର୍ମଠାରୁ କେବଳ ମୂଳତତ୍ତ୍ୱରେ ବିଭିନ୍ନ ତାହା ନୁହେଁ, ଏହାର ପାଳନ ମଧ୍ୟ ଭିନ୍ନ ଆକାରପ୍ରାପ୍ତ । କାରଣ ବୌଦ୍ଧ ଧର୍ମରେ ଯାହା ସର୍ବଜନପ୍ରିୟ ତାହା ପୌରାଣିକ ଧର୍ମର ଅନ୍ତର୍ଗତ ହୋଇଥିଲା । ଯେଉଁ ପଞ୍ଚଭୌତିକ ଦେବତାମଣ୍ଡଳ ବେଦରେ ଯଜ୍ଞର ଅଧିକାରୀ ବୋଲି ପ୍ରତିଷ୍ଠାଲାଭ କରିଥିଲେ, ବ୍ରାହ୍ମଣ୍ୟ-ଧର୍ମରେ ସେମାନଙ୍କୁ ଅତ୍ୟନ୍ତ ନିକୃଷ୍ଟ ସ୍ଥାନ ପ୍ରଦତ୍ତହେଲା; ଏପରିକି ଯଜ୍ଞସ୍ଥଳୀରେ ସେମାନଙ୍କର କୌଣସି ସ୍ଥାନ ନାହିଁ ବୋଲି ନିର୍ଣ୍ଣୟ କରାଗଲା । ତ୍ରିତ୍ୱବାଦ ଏତେ ପ୍ରାଧାନ୍ୟଲାଭ କରିବାକୁ ଲାଗିଲା ଯେ ବୈଦିକ ଧର୍ମର ସର୍ବଶ୍ରେଷ୍ଠ ଦେବତା ଇନ୍ଦ୍ର, ଅଗ୍ନି, ବରୁଣ ପ୍ରଭୃତିଙ୍କ ପରିବର୍ତ୍ତେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ସର୍ବୋଚ୍ଚ ସ୍ଥାନ ପ୍ରାପ୍ତହେଲେ । ତେଣୁ ବେଦୋକ୍ତ ଦେବତାସକଳ ବର୍ତ୍ତମାନ ଅନ୍ୟାନ୍ୟ ଅନେକ ନୂତନ-ସୃଷ୍ଟ ଦେବଦେବୀଙ୍କ ସହିତ ଶ୍ରେଣୀବଦ୍ଧ ହୋଇଥିଲେ । ଦେବରାଜ୍ୟରେ ତ୍ରିତ୍ୱର ପ୍ରାଧାନ୍ୟ ଏହି ଯୁଗରୁ ଆରମ୍ଭହୁଏ, କାରଣ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ପ୍ରଭୃତି ପ୍ରଧାନ ୨ ଦେବତାମାନଙ୍କର ଗୋଟିଏ ଲେଖାଏଁ ଅଙ୍କଲକ୍ଷ୍ମୀ ଏହି ସମୟରେ ପ୍ରଥମ ପରିକଳ୍ପିତ ହେଲେ । ଐଶ୍ୱର୍ଯ୍ୟାଧିକାରିଣୀ ମହାଲକ୍ଷ୍ମୀ ଓ ମନସ୍କାମନା-ପୂର୍ଣ୍ଣକାରିଣୀ କାଳୀ ପ୍ରଭୃତିଙ୍କର ଏହିପରି ଆବିର୍ଭାବ ହେଲା । ଉଲ୍ଲିଖିତ ତ୍ରିଦେବଙ୍କର ଶ୍ରେଷ୍ଠତ୍ୱବିଶିଷ୍ଟ ଅବତାରମାନଙ୍କ ଦ୍ୱାରା ସ୍ୱୀକୃତ ହୋଇଅଛି । ଅଯୋଧ୍ୟାର ଏକଛତ୍ର ନୃପତି ରାମଚନ୍ଦ୍ର ଓ ମଥୁରାରାଜ ଭଗବାନ ଶ୍ରୀକୃଷ୍ଣ ସେହିଦିନଠାରୁ

Digitized by srujanika@gmail.com

ବିଷ୍ଣୁଙ୍କ ଅବତାର ବୋଲି ଅଦ୍ୟାବଧି ମଧ୍ୟ ସଭକ୍ତି ପୂଜାଲାଭକରି ଆସୁଅଛନ୍ତି । ବର୍ତ୍ତମାନ ଏହି ବିଭିନ୍ନବାଦର ପ୍ରଭୂତ ଜେକେତେଗୁଡ଼ିଏ ବିଭିନ୍ନ ଧର୍ମସମ୍ପ୍ରଦାୟ ସୃଷ୍ଟିର କାରଣ ହେଲା । ଦେବଦେବୀମାନଙ୍କର ମହତ୍ତ୍ୱ ପ୍ରତିପାଦିତ କରିବା ନିମିତ୍ତ ବହୁ ଆଶ୍ଚର୍ଯ୍ୟଜନକ ଘଟଣାରେ ଜୀବନ-କାଳକୁ ସେମାନଙ୍କର ପୂର୍ଣ୍ଣକରି କେତେ ଆଖ୍ୟାୟିକା ଓ ଗଳ୍ପ ଲିଖିତ ହୋଇଥିଲା, ତାହା ସଂଖ୍ୟାତୀତ । ପ୍ରଥମତଃ ଅନ୍ଧବିଶ୍ୱାସର ବଶବର୍ତ୍ତୀହୋଇ ଏହିପରି ପୂଜା କରୁ କରୁ ହିନ୍ଦୁର ଈଶ୍ୱର ବିଶ୍ୱାସରେ ଏକ ଘୋର ପରିବର୍ତ୍ତନ ଆସେ । ତିନୋଟି ବିଭିନ୍ନ ଦେବତାଙ୍କର ପୂଜା କରିବାରେ କେତେ ବାଧା ଆସି ଉପସ୍ଥିତ ହେଲା । ଭକ୍ତ ମନେରେ ସନ୍ଦେହ ହେଲା—ଏହି ତିନିଦେବତାଙ୍କ ମଧ୍ୟରେ କିଏ ସର୍ବଶ୍ରେଷ୍ଠ ? କାହାର ପୂଜା ପ୍ରକୃତ ଈଶ୍ୱର ପୂଜା ? ମୁକ୍ତିର ଅଧିକାରୀ କିଏ ? ପରସ୍ପର ବିରୋଧୀ ଏତାଦୃଶ ଭାବନା କବଳରୁ ନିଜକୁ ରକ୍ଷାକରିବା ନିମିତ୍ତ ଏକ ବା ଅନ୍ୟ ଦେବତାଙ୍କୁ ସର୍ବୋଚ୍ଚ ସ୍ଥାନ ପ୍ରଦାନକରି ଭକ୍ତମାନେ ତାଙ୍କରି ପୂଜାରେ କାଳକ୍ଷେପଣ କରିବାକୁ ଲାଗିଲେ । ସାତ୍ତ୍ୱିକଭାବାପନ୍ନ ବ୍ରାହ୍ମଣ ପଣ୍ଡିତମାନେ ଯେତେବେଳେ ଏକେଶ୍ୱରବାଦର ଆଶ୍ରୟ ଗ୍ରହଣକରି ବ୍ରହ୍ମାଙ୍କୁ ସେମାନଙ୍କର ଉପାସ୍ୟ ଦେବତାରୂପେ ବରଣ କରନ୍ତି ସେତେବେଳେ ଅନନ୍ତ ଅନ୍ୟାନ୍ୟ ଶ୍ରେଣୀର ଲୋକମାନେ କେହି ବିଷ୍ଣୁ ଓ କେହି ଶିବପୂଜା କରିବାକୁ ଆରମ୍ଭ କରିଥିଲେ । ଯେଉଁମାନେ ବିଷ୍ଣୁଙ୍କର ଅର୍ଚ୍ଚନାକଲେ ସେମାନେ ହେଲେ ବୈଷ୍ଣବ, ଆଉ ଯେଉଁମାନେ ଶିବ ଉପାସକ ସେମାନେ ହେଲେ ଶୈବ । ଶୈବଧର୍ମ ବା ବୈଷ୍ଣବ ଧର୍ମରେ କିଛି ନୂତନତ୍ୱ ବା ବିଭିନ୍ନତା ନାହିଁ; ତାହା କେବଳ ସେହି ମହାଧର୍ମର ଦୁଇ ବିଭିନ୍ନ ମତର ପ୍ରତିଭୂ ସ୍ୱରୂପ—ଏକ କୋମଳ ଓ ମାର୍ଜ୍ଜିତ; ଅନ୍ୟଟି ସ୍ଥୂଳ ଓ ଗାଢ଼ ।

ବୈଦିକ ଧର୍ମଠାରୁ ପୌରାଣିକ ଧର୍ମର ପାଳନ କିପରି ନୂତନ ଆକାର ପ୍ରାପ୍ତହେଲା ? ଏ ପ୍ରଶ୍ନର ଉତ୍ତର ଅତ୍ୟନ୍ତ ସହଜସାଧ୍ୟ । ଏକ ଯେତେବେଳେ ଅନ୍ୟଠାରୁ ଆକାର ଓ ମୂଳତତ୍ତ୍ୱରେ ବିଭିନ୍ନ ସେତେବେଳେ ସେ ଧର୍ମପାଳନ ଯେ ଭିନ୍ନପ୍ରକାର ହେବ ତାହା ପ୍ରକୃତିସିଦ୍ଧ ।

ବର୍ତ୍ତମାନ ଧର୍ମାନୁଷ୍ଠାନ ଓ ତାହାର ପ୍ରତିପାଳନ ପ୍ରତି ଦୃଷ୍ଟି ନିକ୍ଷେପକଲେ ପ୍ରଥମତଃ ବୈଦିକଧର୍ମରେ ଅଜ୍ଞାତ ପ୍ରତିମାପୂଜାର ପ୍ରାଧାନ୍ୟ ଅନୁଭୂତ ହୁଏ । କାରଣ ଆର୍ଯ୍ୟମାନେ ଧାତବ ଦ୍ରବ୍ୟର ବ୍ୟବହାରରେ ଅନଭିଜ୍ଞ ଥାଇ ପ୍ରକୃତିରେ ଯାହା ସୁନ୍ଦର ଓ କମନୀୟ ଦେଖୁଥିଲେ ତାହାରହିଁ ପୂଜା କରୁଥିଲେ । ବୌଦ୍ଧଧର୍ମର ଆରମ୍ଭ ପୂର୍ବରୁ ଭାରତରେ ମନ୍ଦିର ବା ଦେବମୂର୍ତ୍ତି ଏକ ଅଜ୍ଞାତ ବସ୍ତୁ ଥିଲା । ଦେବମନ୍ଦିର ଓ ଦେବମୂର୍ତ୍ତିର ପ୍ରତିଷ୍ଠାନିମିତ୍ତ ଭାରତ ଏ ଯୁଗ ନିକଟରେ କୃତଜ୍ଞ । ପୁଣି ବୈଦିକଧର୍ମରେ ଗୃହସ୍ୱାମୀର ଗାର୍ହସ୍ଥ୍ୟ ପୂଜା ତର୍ପଣରେ ଯେଉଁ ଅଧିକାର ଥିଲା ଓ ଗୃହେ ଗୃହେ ଯେଉଁ ପୂଜା, ଅର୍ଚ୍ଚନା ଦୈନନ୍ଦିନ କାର୍ଯ୍ୟମାନଙ୍କ ମଧ୍ୟରୁ ଏକତମ ଥିଲା, ସେ ସମସ୍ତ କ୍ରମେ ହ୍ରାସଲାଭ କରିବାକୁ ଲାଗିଲା । କାରଣ ବ୍ରାହ୍ମଣ୍ୟ-ଧର୍ମର ପ୍ରସାର ସଙ୍ଗେ ସଙ୍ଗେ ଦେବଦେବୀର ପୂଜା ଓ ଧର୍ମୋପାସନା ଗୃହୀର ସାମାନ୍ୟ କୁଟୀରରେ ଆଉ ସୀମାବଦ୍ଧ ନ ରହି ବହୁ ସାଜସଜ୍ଜାମୟ ପ୍ରଶସ୍ତ ମନ୍ଦିର ପ୍ରାଙ୍ଗଣ ବା ମଣ୍ଡପରେ ଆଡ଼ମ୍ବର ସହିତ ଅନୁଷ୍ଠିତ ହେବାକୁ ଲାଗିଲା । ଏହାରି ଫଳରେ ବ୍ରାହ୍ମଣ ସେବକମାନଙ୍କର ଆଧିପତ୍ୟ ଦିନକୁଦିନ ବୃଦ୍ଧିପ୍ରାପ୍ତ ହୋଇ ବ୍ରାହ୍ମଣେତର ଜାତିମାନଙ୍କର ଧର୍ମୋପାସନାର ସ୍ୱାଧୀନତାରେ ହସ୍ତକ୍ଷେପ କରିଥିଲା । ବ୍ରାହ୍ମଣବ୍ୟତୀତ ଅନ୍ୟ ତିନିଜାତି ସାଧାରଣତଃ ସର୍ବଦା ନାନା କାର୍ଯ୍ୟରତ ରହି ବ୍ରାହ୍ମଣମାନଙ୍କୁ ଦେବପୂଜା ଓ ଦେବୋପାସନା ସମ୍ବନ୍ଧରେ ଯେଉଁ ଅଧିକାର ପ୍ରଦାନ କରିଥିଲେ ତାହାର ଫଳସ୍ୱରୂପ ଏହି ଜାତିତ୍ରୟ ଶାସ୍ତ୍ରାଧ୍ୟୟନ ଓ ଦେବପୂଜାଠାରୁ ବହୁଦୂରରେ ନିକ୍ଷିପ୍ତ ହେଲେ । କାରଣ ବ୍ରାହ୍ମଣମାନେ ଉପରୋକ୍ତ ଦୁଇଟି ବିଷୟରେ ଅନ୍ୟ ଜାତିର ଅଧିକାର ନାହିଁ ବୋଲି ପ୍ରଚାର-କରି ସେମାନଙ୍କୁ ତତ୍‌ଜ୍ଞାନଲାଭରୁ ବଞ୍ଚିତ କରିଥିଲେ । ଭାରତ ବର୍ତ୍ତମାନ ସଂଖ୍ୟାତୀତ ଦେବଦେବୀର ମନ୍ଦିରରେ ପୂର୍ଣ୍ଣହୋଇ ଦେବସେବାରେ ଏକାଧିପତ୍ୟ ପ୍ରାପ୍ତ ବ୍ରାହ୍ମଣ-ମାନଙ୍କର ଆଧ୍ୟାତ୍ମ୍ୟ ଶକ୍ତିର ଉପଯୁକ୍ତ ଅନୁଶୀଳନରେ ଯଥେଷ୍ଟ ସାହାଯ୍ୟ କରିଥିଲା । କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ରାଦି ଜାତିମାନେ ସେମାନଙ୍କର ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ-ହୋଇ ପରକାଳର ମଙ୍ଗଳନିମିତ୍ତ, ଆତ୍ମାର ମୁକ୍ତି-

Digitized by srujanika@gmail.com

ନିମନ୍ତେ ତୀର୍ଥପର୍ଯ୍ୟଟନ ଓ ଦେବଦର୍ଶନକୁ ମହାପୁଣ୍ୟ ଜ୍ଞାନ କରିବାକୁ ଲାଗିଲେ। ତେଣୁ ବନ ଜଙ୍ଗଲ ପରିପୂର୍ଣ୍ଣ, ରାସ୍ତା ଘାଟ ବିହୀନ ଭାରତବର୍ଷରେ ଦଳ ଦଳ ଯାତ୍ରୀଙ୍କର ତୀର୍ଥାଟନରେ ବହିର୍ଗତହେବା ଏହିଠାରୁ ପ୍ରଥମ ଆରମ୍ଭ। ବ୍ରାହ୍ମଣମାନେ ଯେ ତୀର୍ଥପର୍ଯ୍ୟଟନନିମିତ୍ତ ଗୃହତ୍ୟାଗ କରୁ ନଥିଲେ ତାହା ନୁହେଁ, ବରଂ ସେମାନେ ଅଧାର୍ମିକ ଯେ କୌଣସି ଉନ୍ନତିନିମିତ୍ତ ରାଜାନୁଗ୍ରହ ବିଶେଷ ପରିମାଣରେ ଲାଭକରୁଥିବାହେତୁ ତୀର୍ଥଦର୍ଶନର ବିଶେଷ ସୁଯୋଗ ପାଉଥିଲେ। କାଳକ୍ରମେ ଜନସାଧାରଣଙ୍କର ମଧ୍ୟ ବିଶ୍ୱାସ ହେଲା ଯେ ସମାଜର, ଜାତିର ତଥା ଦେଶର ଅଧାର୍ମିକ ଉନ୍ନତି ବ୍ରାହ୍ମଣମାନଙ୍କ ନିଷ୍ଠାପରତା ଓ ସାତ୍ତ୍ୱିକତା ଉପରେ ପୂର୍ଣ୍ଣ ନିର୍ଭରକରେ। ତେଣୁ ଏ କ୍ଷେତ୍ରରେ କେହି ସେମାନଙ୍କର ପ୍ରତିଦ୍ୱନ୍ଦ୍ୱୀ ହେଉ ନଥିଲେ, କିମ୍ବା ଧର୍ମରେ ସେମାନଙ୍କର ଏକାଧିପତ୍ୟକୁ କେହି ପ୍ରଶ୍ନ କରୁ ନଥିଲେ !

ଏତ ଗଲା ପୌରାଣିକଯୁଗର ଧର୍ମଜୀବନ। ବର୍ତ୍ତମାନ ସେ ଯୁଗର ସାମାଜିକ ଜୀବନ କିପରି ଥିଲା ତାହା ଦେଖାଯାଉ। ଆର୍ଯ୍ୟମାନେ ଯେତେବେଳେ ଶତଦ୍ରୁ ନଦୀ ପାରହୋଇ ତୁଷାରାଚ୍ଛନ୍ନ ହିମାଳୟ ପାଦଦେଶରେ ପ୍ରାକୃତିକ ସୌନ୍ଦର୍ଯ୍ୟରେ ବିମୁଗ୍ଧହୋଇ ପ୍ରକୃତିର ସନ୍ତାନ-ସନ୍ତତିତୁଲ୍ୟ କାଳଯାପନ କରୁଥିଲେ, ସେତେବେଳେ ଜାତିର ଯେ ସୃଷ୍ଟି ହୋଇ ନଥିଲା ତାହା କାହାରିକୁ ଅବିଦିତ ନାହିଁ। କିନ୍ତୁ ବେଦର ଜନ୍ମବେଳକୁ ବ୍ରାହ୍ମଣମାନେ 'ବ୍ରାହ୍ମଣ' ନାମରେ ପରିଚିତ ନ ହେଉଥିଲେ ମଧ୍ୟ ସଂଘର ମଙ୍ଗଳ ନିମିତ୍ତ ସର୍ବଦା ଈଶ୍ୱରୋପାସନାରେ ନିଯୁକ୍ତ ରହି ଅନ୍ୟାନ୍ୟ ଆର୍ଯ୍ୟମାନଙ୍କଠାରୁ ବିଭିନ୍ନ ହୋଇ ଗୋଟିଏ ସମ୍ପୂର୍ଣ୍ଣ ପୃଥକ୍ ଶ୍ରେଣୀ ସୃଷ୍ଟି କରିଥିଲେ। କାଳକ୍ରମେ ଯେଉଁ ଜାତି ଚତୁଷ୍ଟୟର ସୃଷ୍ଟି ହେଲା ତାହାର ପୂର୍ଣ୍ଣତା ସେ ଉଲ୍ଲିଖିତ ଅମୃମାନଙ୍କର ଏହି ଯୁଗରେ ପ୍ରାପ୍ତହେଲା। ଜାତିଭେଦର କଠୋରତା ପୌରାଣିକଯୁଗର ପଶ୍ଚିମକାଳରେ ପୁଣି ଅହୁରି ତୀବ୍ର ହୋଇଉଠିଲା। ସେ ତୀବ୍ରତା ଆଜି ଅନୁଭୂତ ହେଉନାହିଁ ସତ, କିନ୍ତୁ ସମାଜର ରକ୍ଷଣଶୀଳ ବ୍ୟକ୍ତିମାନଙ୍କର ପ୍ରୟାସ ସେହିପରି ରହିଅଛି। ଧର୍ମଶାସ୍ତ୍ର ପାଠକଲେ ଜଣାଯାଏ ଯେ ମହାମୁନି ଯାଜ୍ଞବଲ୍କ୍ୟଙ୍କ ସମୟରୁ ଅଷ୍ଟମ, ନବମ ଶତାବ୍ଦୀପର୍ଯ୍ୟନ୍ତ ବ୍ରାହ୍ମଣମାନଙ୍କ ସହିତ କ୍ଷତ୍ରିୟ ଓ ବୈଶ୍ୟମାନେ ବେଦପାଠ ଓ ଧର୍ମାନୁଶୀଳନରେ ସମାନ ଅଧିକାର ପ୍ରାପ୍ତହୋଇ ଆସୁଥିଲେ। କେବଳ ସେତିକି ନୁହେଁ, ଅସ୍ପୃଶ୍ୟ ଶୂଦ୍ରମାନେ ମଧ୍ୟ ସାମାନ୍ୟ କେତେକ ଅନୁଶୀଳନରେ ଯୋଗଦାନ କରିପାରୁଥିଲେ। କିନ୍ତୁ ବ୍ରାହ୍ମଣ୍ୟ ଧର୍ମର ପ୍ରଚାର ସଙ୍ଗେ ସଙ୍ଗେ ନବମ, ଦଶମ ଶତାବ୍ଦୀବେଳକୁ ଓ ସ୍ୱାଧୀନତାର ଅତି ଯଥେଚ୍ଛାଚାର ହେଲାନାହିଁ। କେବଳ ବ୍ରାହ୍ମଣମାନେହିଁ ସମାଜରେ ସର୍ବୋଚ୍ଚ ସ୍ଥାନପ୍ରାପ୍ତ ହେଲେ। ଏକାଦଶ ଶତାବ୍ଦୀରେ ଅଲ୍‌ବରୁଣୀଙ୍କ ଲିଖିତ ଇତିହାସରୁ ଜଣାଯାଏ ଯେ ବୈଶ୍ୟମାନେ ହୀନତାପ୍ରାପ୍ତ ହୋଇ ଶୂଦ୍ରମାନଙ୍କ ସହିତ ଶ୍ରେଣୀବଦ୍ଧ ହେଉଥିଲେ ଓ ତାହା ସଙ୍ଗେ ସଙ୍ଗେ ଧର୍ମରାଜ୍ୟରେ ସେମାନଙ୍କର ସ୍ୱାଧୀନତା ହରାଉଥିଲେ। ବର୍ତ୍ତମାନ ବୈଶ୍ୟମାନେ ଆଉ 'ବୈଶ୍ୟ'ନାମରେ ପରିଚିତ ନ ହୋଇ ସ୍ୱ, ସ୍ୱ ବ୍ୟବସାୟର ନାମାନୁସାରେ ପରିଚିତ ହେଲେ। ତେଣୁ ଏକ ବୈଶ୍ୟ ଜାତି ମଧ୍ୟରେ କେତେ ଉପଜାତିର ସୃଷ୍ଟି ହେଲା। ଅସ୍ପୃଶ୍ୟତାର ଜନ୍ମ ଏହି ଯୁଗରେ। କାଳେ ଏହା ଏପରି ତୀବ୍ରହୋଇ ଉଠିଲା ଯେ ସମବେତ ବ୍ରାହ୍ମଣମଣ୍ଡଳୀର ଚତୁଃସୀମାରେ ଅନ୍ୟଜାତିର ବିଚରଣ କେବଳ ବ୍ରାହ୍ମଣମାନଙ୍କ ପ୍ରତି ନୁହେଁ, ଦେବତାମାନଙ୍କ ପ୍ରତି ମଧ୍ୟ ଅବମାନନା ପ୍ରଦର୍ଶନ ବୋଲି ବିବେଚିତ ହେଲା। ଏହିସବୁ କେତେକ କାରଣବଶତଃ ତ୍ରୟୋଦଶ, ଚତୁର୍ଦ୍ଦଶ ଶତାବ୍ଦୀ ଆଡକୁ ହିନ୍ଦୁ ମହାଜାତିର ପତନ ସୂଚିତ ହୁଏ।

ଏକ ହିନ୍ଦୁସମାଜ ଯେତେବେଳେ ବହୁ ଶ୍ରେଣୀରେ ବିଭକ୍ତ ସେତେବେଳେ ସମାଜରେ ନାରୀର ସ୍ଥାନ ନିକୃଷ୍ଟ ହେବା ଅତ୍ୟନ୍ତ ସ୍ୱାଭାବିକ। ନାରୀ ବୈଦିକଯୁଗର ସେ ସ୍ୱାଧୀନତା ଲାଭରୁ ବର୍ତ୍ତମାନ ବଞ୍ଚିତ ! ସେ ତାହାର ଯେପରି ବ୍ୟକ୍ତିତ୍ୱ ହରାଇ ପୁରୁଷ ମଧ୍ୟରେ ନିୟନ୍ତ୍ରିତ ହେବାକୁ ଲାଗିଲା, ତାହାର ଯେପରି ସ୍ୱାଧୀନ ଚିନ୍ତା କରିବାର ଆଉ କ୍ଷମତା ନାହିଁ; ସ୍ୱ—କର୍ତ୍ତବ୍ୟ ଅବଧାରଣରେ ସର୍ବଦା ପରମୁଖାପେକ୍ଷିଣୀ ହେବାକୁ ପଡ଼ିଲା। ବିବାହ ଗାର୍ହସ୍ଥ୍ୟଧର୍ମପାଳନ ପ୍ରଭୃତି ପ୍ରତ୍ୟେକ ବିଷୟରେ

Digitized by srujanika@gmail.com

ସେ ପିତା କିମ୍ବା ସ୍ୱାମୀ ଉପରେ ନିର୍ଭର କରିବାକୁ ଲାଗିଲା । ମୁସଲମାନମାନଙ୍କ ଭାରତ ଆକ୍ରମଣ ବେଳକୁ ସ୍ତ୍ରୀର ବୈଦିକଯୁଗର ସେ ସ୍ଥାନ କେତେ ହ୍ରାସଲାଭ କରିଥିଲା ତାହା କଳ୍ପନାକରି ହେବନାହିଁ । କାହିଁ ପୁରୁଷ ସହିତ ଧର୍ମ, ରାଜନୈତିକ, ସାମାଜିକ ଓ ପାରିବାରିକ ସମସ୍ତ କ୍ଷେତ୍ରରେ ସମାନ ସ୍ଥାନ, ସମାନ ଅଧିକାର, ଅଉ କାହିଁ ପରାଧୀନା ନାରୀ ସମସ୍ତ ସ୍ୱାଧୀନ ଚିନ୍ତାରୁ ବଞ୍ଚିତ ହୋଇ ପୁରୁଷର ବିଳାସ ସାମଗ୍ରୀ ମାତ୍ର । ପଞ୍ଚମ ଶତାବ୍ଦୀର ଆରମ୍ଭ ସଙ୍ଗେ ସଙ୍ଗେ ବାଲ୍ୟ ବିବାହର ପ୍ରଚାର ଆରମ୍ଭ ହୁଏ । କିନ୍ତୁ କବିର କଳ୍ପନାରେ ବିଶ୍ୱାସ ସ୍ଥାପନ କରିବାକୁ ହେଲେ ଏହା ସ୍ୱୀକାର କରିବାକୁ ହେବ ଯେ କେତେଗୁଡ଼ିଏ ବିଶିଷ୍ଟ ଜାତି ବ୍ୟତୀତ ବିଶ୍ୱ ସଂସାରରେ ବାଲ୍ୟବିବାହର ଆଦୌ ସ୍ଥାନ ନ ଥିଲା । ପୁଣି ଆଶ୍ଚର୍ଯ୍ୟର ବିଷୟ ଏହି ଯେ ବାଲ୍ୟ ବିବାହର ପ୍ରଚାର ସଙ୍ଗେ ସଙ୍ଗେ ବିଧବାବିବାହ ଲୋପପ୍ରାପ୍ତ ହେଉଥିଲା । ପୌରାଣିକ ଯୁଗର ଶେଷବେଳକୁ ବିଧବାବିବାହ ଗୋଟିଏ ଘୃଣିତ ପ୍ରଥା ବୋଲି ବିବେଚିତ ହେଲା, ତେଣୁ ସୌଭାଗ୍ୟହୀନା ରମଣୀ ସ୍ୱାମୀ ବିଚ୍ଛେଦରେ ସାରା ଜୀବନଟି ତାର ପାରିବାରିକ ଓ ସାମାଜିକ, ନାନା ଦୁଃଖ, କଷ୍ଟ ଓ ଯନ୍ତ୍ରଣାରେ କଟାଉଥିଲା, କିମ୍ବା ସ୍ୱାମୀ ସହିତ ସହଗମନ କରୁଥିଲା । ଆଜି ବିଧବାବିବାହ ନାମ ଶ୍ରବଣରେ ସମାଜର ଯେଉଁ ନେତା ଓ ପଣ୍ଡିତମାନେ ନାସିକାକୁଞ୍ଚନ କରୁଅଛନ୍ତି ସେମାନେ ଏହା ଯେ, ଭାଲେ ବେଦାନୁମୋଦିତ ଥିଲା, ତାହା ଏକାବେଳକେ ବିସ୍ମୃତ ହୋଇଥାନ୍ତି । ସେ ଯାହାହେଉ ବୈଦିକଯୁଗର ନାରୀଠାରୁ ଏ ଯୁଗର ନାରୀ ହୀନଦଶାପ୍ରାପ୍ତ ହେଲେ ମଧ୍ୟ ଜାତୀୟ ସାହିତ୍ୟ, ସଙ୍ଗୀତ ଓ କଳାବିଦ୍ୟାରେ ଯଥେଷ୍ଟ ପାରଦର୍ଶିତା ଲାଭ କରୁଥିଲେ ।

ଧର୍ମଶାସ୍ତ୍ର, କବିତା ଓ ନାଟକରେ ଗାର୍ହସ୍ଥ୍ୟ ଜୀବନର ଯେଉଁ ପ୍ରାକୃତିକ ବର୍ଣ୍ଣନା ପରିଦୃଷ୍ଟ ହୁଏ ସେଥିରୁ ବେଶ ଅନୁମିତ ହେଉଅଛି ଯେ ପୌରାଣିକଯୁଗର ଗାର୍ହସ୍ଥ୍ୟଜୀବନ ସଭ୍ୟତାଭିମାନୀ, ପରିମାର୍ଜିତ ରୁଚିସମ୍ପନ୍ନ ଆଧୁନିକ ପରିବାରଠାରୁ ବହୁଗୁଣରେ ସୁଖପ୍ରଦ, ମନୋହର ଓ ଉନ୍ନତ । ସ୍ତ୍ରୀର ସ୍ଥାନ ସମାଜରେ ହୀନ ହୋଇ ଆସୁଥିଲେ ମଧ୍ୟ ଆଦର୍ଶ ସେମାନଙ୍କର ଏପରି ବିକୃତ ହୋଇ ନଥିଲା । ସ୍ତ୍ରୀ ପ୍ରକୃତ ଅର୍ଦ୍ଧାଙ୍ଗିନୀର ଉପଯୁକ୍ତା ଥିଲା ଓ ପୁରୁଷ ସ୍ତ୍ରୀକୁ ସେହିପରି ବିଶ୍ୱାସ କରି ସମ୍ମାନ ପ୍ରଦର୍ଶନରେ ଅବହେଳା କରୁନଥିଲା । ସ୍ତ୍ରୀ, ପୁରୁଷ ଉଭୟ ମିଳି ଗାର୍ହସ୍ଥ୍ୟ ଜୀବନକୁ ସ୍ୱର୍ଗତୁଲ୍ୟ ସୁଖପ୍ରଦ କରୁଥିଲେ । ଦୟା, କ୍ଷମା, ପ୍ରୀତି, ସ୍ନେହ, ଆଦର ଓ ମମତାରେ ଗାର୍ହସ୍ଥ୍ୟ ଜୀବନର ଚିତ୍ର ଯେପରି ଗଢ଼ା । ଏ ଗାର୍ହସ୍ଥ୍ୟଜୀବନ ସର୍ବଦା ଉତ୍ସବମୟ ଥିଲା, ଧର୍ମୋତ୍ସବ ଓ ଦରିଦ୍ରନାରାୟଣ ସେବା ପ୍ରତ୍ୟେକ ଗୃହୀର କର୍ତ୍ତବ୍ୟବୋଲି ବିବେଚିତ ହେଉଥିଲା । ତେଣୁ ବର୍ଷର—କେଉଁ ମାସରେ କି ଉତ୍ସବ ସମ୍ପାଦିତ ହେଉଥିଲା, ତାହାର ଗୋଟିଏ ସୁଦୀର୍ଘ ତାଲିକା ଦେଖିବାକୁ ମିଳେ । ଜନ୍ମଠାରୁ ମୃତ୍ୟୁକାଳପର୍ଯ୍ୟନ୍ତ ମାନବଜୀବନର ପ୍ରତ୍ୟେକ ସ୍ମରଣୀୟ ଘଟଣା ବିଶିଷ୍ଟ ଉତ୍ସବଦ୍ୱାରା ସମ୍ପାଦିତ ହେଉଥିଲା । ବନ୍ଧୁବାନ୍ଧବ ଆତ୍ମୀୟ ସ୍ୱଜନମାନେ ଏକତ୍ରିତ ହୋଇ ପାନାହାର କରି ଈଶ୍ୱରୋପାସନାରେ ଯୋଗଦାନ କରୁଥିଲେ । ହିନ୍ଦୁର ତତ୍କାଳୀନ ଏ ଉତ୍ସବମାନଙ୍କରେ କେବଳ ଯେ ବ୍ୟକ୍ତିବିଶେଷର କଲ୍ୟାଣସାଧିତ ହେଉଥିଲା ତାହା ନୁହେଁ, ଏହାଦ୍ୱାରା ସାଧାରଣ ସମାଜର ମଧ୍ୟ ଯଥେଷ୍ଟ ଉପକାର ହେଉଥିଲା । ମାନବର ଆଧ୍ୟାତ୍ମିକ ଉନ୍ନତିର ଏହା ପ୍ରଶସ୍ତ ପଥ, କାରଣ—ତତ୍କାଳୀନ ମାନବହୃଦୟ ଏପରି ଜଟିଳ ଓ କପଟତାପୂର୍ଣ୍ଣ ନଥିଲା । ସରଳତା ଓ ସାଧୁତାରେ ପ୍ରାଣଟା ଯେପରି ପୂର୍ଣ୍ଣ ଥିଲା, କ୍ରମେ କ୍ରମେ ସମାଜିକ ଏ ଉତ୍ସବଗୁଡିକ ଏତେ ବେଶୀ ହୋଇଗଲା ଯେ ପ୍ରତିଦିନ କୌଣସି ନା କୌଣସି ଗୋଟିଏ ଉତ୍ସବ ଉପଲକ୍ଷରେ ଏକତ୍ରିତ ହେବାକୁ ହେଉଥିଲା ଓ ନିଜର ସମସ୍ତ କଠିନ ପରିଶ୍ରମପରେ ଭକ୍ତିଭରେ ଥରେ ହେଲେ ଈଶ୍ୱରଙ୍କର ନାମୋଚ୍ଚାରଣ କରିବାକୁ ପଡୁଥିଲା । ଆଜି ସମାଜ ଉନ୍ନତ, ଶିକ୍ଷିତ, ପରିମାର୍ଜିତ ଓ ସୁସଭ୍ୟ, ତେଣୁ ବର୍ଷ ବର୍ଷାନ୍ତରେ ମଧ୍ୟ ଥରେ ଭଗବାନଙ୍କର ନାମ ଉଚ୍ଚାରିତ ହେବା କଠିନ । ଯେତେବେଳେ ଈଶ୍ୱରଙ୍କର ଅସ୍ତିତ୍ୱ ନାହିଁ ତେତେବେଳେ ତାଙ୍କର ପୂଜା ବା ଉପାସନା ହେବ କିପରି?

ତତ୍ପରେ ଏ ଯୁଗର ଶାସନପ୍ରଣାଳୀ:—କେତେ ପ୍ରକାର ନୂତନ ଦଣ୍ଡର ସୃଷ୍ଟି ହେବାଦ୍ୱାରା ଏହା କ୍ରମେ

Digitized by srujanika@gmail.com

କ୍ରମେ କଠିନ ହୋଇ ଆସିବାକୁ ଲାଗିଲା । ନିଷ୍କଳଙ୍କ ସମାଜରେ ଅଳ୍ପେ ଅଳ୍ପେ ଦୋଷୀର ସଂଖ୍ୟା ବୃଦ୍ଧିପ୍ରାପ୍ତ ହେଲା । ରାଜମନ୍ତ୍ରୀ ଓ ରାଜପାରିଷଦମାନେ ସ୍ଥିର ଚିତ୍ତରେ ବିଚାର କରି ଦୋଷୀକୁ ଦଣ୍ଡ ଦେଉଥିଲେ । ବର୍ତ୍ତମାନ ରାଜ ଦରବାର ବୈଦିକ ଯୁଗର ସେହି 'ସଭା' ନାମରେ ବିଖ୍ୟାତ । ବ୍ରାହ୍ମଣ ପଣ୍ଡିତମାନେ ସାଧାରଣତଃ ବିଚାରର ଭାରପ୍ରାପ୍ତ ହେଉଥିଲେ, କିନ୍ତୁ ଏହି ବ୍ରାହ୍ମଣ କର୍ମଚାରିମାନଙ୍କୁ ଦଣ୍ଡବିଧି ଆଇନର ପରିଚାଳନାରେ ସାହାଯ୍ୟ କରିବାନିମିତ୍ତ ଅନ୍ୟ ଜାତିମାନଙ୍କରୁ ପ୍ରତିନିଧି ନିର୍ବାଚିତ ହେଉଥିଲେ । ମୋକଦ୍ଦମାର ପ୍ରକୃତି ନେଇ ତିନଠାରୁ ସାତ ପର୍ଯ୍ୟନ୍ତ ପ୍ରତିନିଧି ବିଚାରକର୍ତ୍ତାମାନଙ୍କୁ ସାହାଯ୍ୟ କରୁଥିଲେ । ଏମାନଙ୍କର ବିଚାର ସ୍ୱରୂପ ଯେଉଁ ଦଣ୍ଡ ଅଜ୍ଞା ହେଉଥିଲା ତାହା ରାଜାଙ୍କର ଦସ୍ତଖତ ନହେଲେ କାର୍ଯ୍ୟକାରୀ ହୋଇ ପାରୁନଥିଲା । ରାଜମନ୍ତ୍ରୀ ଭିନ୍ନ ଭିନ୍ନ ପ୍ରଦେଶର ଶାସନକର୍ତ୍ତା, ସେନାପତି ଓ ଅନ୍ୟାନ୍ୟ କର୍ମଚାରୀମାନଙ୍କୁ ନିଯୁକ୍ତ କରିବାର ଅଧିକାର ପ୍ରାପ୍ତ ହୋଇଥିଲେ । ଅଲ୍‌ବରୁଣୀଙ୍କ ଲିଖିତ ବିବରଣୀରୁ ଜଣାଯାଏ ଯେ ରାଜା କୃଷୀମାନଙ୍କଠାରୁ ସେମାନଙ୍କ ଆୟର ଏକଷଷ୍ଠାଂଶ କରରୂପେ ଆଦାୟ କରୁଥିଲେ । କିନ୍ତୁ ଶିଳ୍ପୀ ବା ବ୍ୟବସାୟୀମାନଙ୍କଠାରେ ଏ ନିୟମ ପ୍ରଯୁଜ୍ୟ ହେଉ ନଥିଲା । ସେମାନଙ୍କ ବାର୍ଷିକ ଆୟ ନିରୂପିତ ହୋଇ ତାହା ଉପରେ କରଧାର୍ଯ୍ୟ କରା ହେଉଥିଲା । ଅମ୍ଳାନ ବଦନରେ ସମସ୍ତେ ସ୍ୱତଃପ୍ରବୃତ୍ତ ହୋଇ ପ୍ରତିବର୍ଷ 'ରାଜସ୍ୱ' ରାଜକର୍ମଚାରିମାନଙ୍କ ନିକଟରେ ଜମାଦେଇ ଯାଉଥିଲେ । କାରଣ ସେମାନଙ୍କର ବିଶ୍ୱାସ ଥିଲା ଯେ ରାଜସ୍ୱ ରୀତିମତ ପ୍ରଦତ୍ତ ନହେଲେ କୃଷୀର କୃଷି, ବ୍ୟବସାୟୀର ବ୍ୟବସାୟ ଓ ଶିଳ୍ପୀର ଶିଳ୍ପ ନିଶ୍ଚୟ ହ୍ରାସ ଲାଭ କରିବ । ବ୍ରାହ୍ମଣମାନେ କିନ୍ତୁ କୌଣସି ପ୍ରକାର ରାଜସ୍ୱ ପ୍ରଦାନ କରୁନଥିଲେ, କିମ୍ବା କଠିନ ଦଣ୍ଡଭୋଗୀ ହେଉନଥିଲେ; ତାହାର କାରଣ ଶାସ୍ତ୍ରଜ୍ଞ ବ୍ରାହ୍ମଣ ଦେବକଳ୍ପ ।

ଏ ଯୁଗରେ ଧନୀ ପରିବାରର ସଂଖ୍ୟା ଅତ୍ୟନ୍ତ ଅଳ୍ପ ଥିଲା; କାରଣ ହିନ୍ଦୁର ଉଚ୍ଚ ଆଦର୍ଶ ଜମି କୃଷିପୂର୍ବକ ସରଳ ଜୀବନ ଅତିବାହିତ କରିବା । ଆଳସ୍ୟପୂର୍ଣ୍ଣ ଜୀବନ ଘୃଣିତ ଜୀବନରୂପେ ପରିଗଣିତ ହେଉଥିଲା । ମାନବ ସନ୍ତୋଷର ଦାସ ହୋଇ ଜୀବିକାନିର୍ବାହ ନିମିତ୍ତ ଅତ୍ୟନ୍ତ ଆବଶ୍ୟକୀୟ ବସ୍ତୁ ବ୍ୟତୀତ ଅଧିକ ଧନ ସମ୍ପତ୍ତି ଏକତ୍ରିତ କରି ଧନୀର ଆଖ୍ୟା ଲାଭକରିବାକୁ ପ୍ରୟାସ ମଧ୍ୟ କରୁନଥିଲା । ଯେଉଁ ଅଳ୍ପ ଐଶ୍ୱର୍ଯ୍ୟଶାଳୀ ବ୍ୟକ୍ତି ଥିଲେ ସେମାନେ ରାଜା ମହାରାଜାମାନଙ୍କ ସହିତ ରାଜଧାନୀ ଓ ନଗରୀରେ ସର୍ବଦା ବିଳାସମୟ ଜୀବନ ଅତିବାହିତ କରୁଥିଲେ । ମଦ୍ୟପାନ ଓ ପାପକାର୍ଯ୍ୟ ସମ୍ପାଦନକୁ ସେମାନେ ଅକୁଣ୍ଠିତ ଚିତ୍ତରେ ବରଣ କରୁଥିଲେ । ଦ୍ୟୂତକ୍ରୀଡ଼ା କେବଳ ଧନୀ ପରିବାର କାହିଁକି ସମସ୍ତ ଜନସାଧାରଣଙ୍କ ନିକଟରେ ଅତ୍ୟନ୍ତ ଆଦୃତ ହେଉଥିଲା । ନଗରୀଗୁଡ଼ିକ ଧନୀ ପରିବାରମାନଙ୍କର ବିଳାସକ୍ଷେତ୍ର ଥିବାହେତୁ ନାନା କାରୁକାର୍ଯ୍ୟମଣ୍ଡିତ ରାଜପ୍ରାସାଦ-ତୁଲ୍ୟ ଅଟ୍ଟାଳିକାମାନଙ୍କରେ ପରିପୂର୍ଣ୍ଣ ହୋଇଥିଲା । ପ୍ରବନ୍ଧଟି ଦୀର୍ଘ ହୋଇଯିବା ଭୟରେ କେଉଁ ନଗରୀର ଅବସ୍ଥା କିପରି ଥିଲା ତାହା ବର୍ଣ୍ଣନା କରିବାରୁ କ୍ଷାନ୍ତ ହେବାକୁ ପଡୁଅଛି । ଏସ୍ଥଳରେ କେବଳ ଏତିକି କୁହାଯାଇପାରେ ଯେ କନୌଜ ଓ ଉଜ୍ଜୟିନୀ ମଧ୍ୟରେ ଉଜ୍ଜୟିନୀ ସମୃଦ୍ଧିଶାଳିନୀ ନଗରୀମାନଙ୍କର ଶୀର୍ଷସ୍ଥାନୀୟା ।

ଶେଷତଃ ତତ୍କାଳୀନ ଭାରତର ଶିଳ୍ପ ଓ ବାଣିଜ୍ୟ ମଧ୍ୟରେ ଶିଳ୍ପ ଅତ୍ୟନ୍ତ ଉନ୍ନତି ଲାଭ କରିଥିଲା ବୋଲି ଲିଖିତ ଅଛି । କିନ୍ତୁ ସେ ଉନ୍ନତି, ଉଚ୍ଚ ଜାତିମାନଙ୍କର ଶିଳ୍ପୀମାନଙ୍କ ପ୍ରତି ଅବହେଳା ପ୍ରଦର୍ଶନଦ୍ୱାରା ପୂର୍ଣ୍ଣତା ଲାଭ କରିପାରିନଥିଲା । ପ୍ରତିଭା ଓ ଶିଳ୍ପ ଏକତ୍ର କାର୍ଯ୍ୟ କରିଥିଲେ ଏ ଯୁଗରେ ଯେ କେତେ ଆଶ୍ଚର୍ଯ୍ୟଜନକ ବସ୍ତୁର ସୃଷ୍ଟି ହୋଇପାରିଥାନ୍ତା ତାହା କିଏ କହିପାରିବ ! ବିଶେଷତଃ ବୈଜ୍ଞାନିକ ଉନ୍ନତି ସେତେବେଳେ ଅଳ୍ପ ପ୍ରତିଷ୍ଠାଲାଭ କରିନଥିଲା । ଜାତିର କଠିନ ବନ୍ଧନ ଓ ସମାଜର ନୀଚଜାତି ପ୍ରତି ଅବହେଳା ପ୍ରଦର୍ଶନ ଯେ କି କ୍ଷତି କରିଅଛି ତାହା କଳ୍ପନା ପର୍ଯ୍ୟନ୍ତ କରି ହେଉନାହିଁ । ପୂର୍ବରୁ କୁହାଯାଇଅଛି ଯେ ଦେବମୂର୍ତ୍ତି ଓ ଦେବମନ୍ଦିର ପ୍ରାଗ୍ ବୌଦ୍ଧଯୁଗରେ ଅଜ୍ଞାତ ଥିଲା, କିନ୍ତୁ ଶିଳ୍ପର ଉନ୍ନତି ସଙ୍ଗେ ସଙ୍ଗେ ଅଳ୍ପଦିନ ମଧ୍ୟରେ ଭାରତ ପକ୍ଷରେ କାରୁକାର୍ଯ୍ୟର ଜୀବନ୍ତମୂର୍ତ୍ତିସ୍ୱରୂପ କେତେ ଦେବମନ୍ଦିର

Digitized by srujanika@gmail.com

ଓ ରାଜପ୍ରାସାଦ ମସ୍ତକୋତ୍ତୋଳନ କରିବାକୁ ଲାଗିଲା । ବ୍ରହ୍ମାବର୍ତ୍ତ ଓ ଦାକ୍ଷିଣାତ୍ୟର କଳା ଏକତ୍ରିତ ହୋଇ ଏକ ବିଚିତ୍ର ଆକାର ଧାରଣ କରିଥିଲା । କିନ୍ତୁ ଦାକ୍ଷିଣାତ୍ୟ ତାହାର ସ୍ଥାପତ୍ୟ ବିଦ୍ୟା, ମୂର୍ତ୍ତି-ସକଳର ସୁଠାମ ଗଠନ, ଓ ସୂକ୍ଷ୍ମ କାରୁକାର୍ଯ୍ୟ ନିମନ୍ତେ ପ୍ରସିଦ୍ଧି ଲାଭ କରିଥିଲା । ଏପରିକି ମୂର୍ତ୍ତିଗୁଡ଼ିକର ଶରୀରର ପ୍ରତ୍ୟେକ ଅଂଶ ଓ ସାମାନ୍ୟ ଅଳଙ୍କାର ପର୍ଯ୍ୟନ୍ତ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଅଙ୍କିତ ହେଉଥିଲା । ମଦୁରା, ତାଞ୍ଜୋର ଓ ବିଜୟନାପଲ୍ଲୀର ମନ୍ଦିରଗୁଡ଼ିକ ଆଜ ମଧ୍ୟ ସେ ସୁନ୍ଦର ଉନ୍ନତ ସ୍ଥାପତ୍ୟ ବିଦ୍ୟାର ପରିଚୟସୂଚକ-ସ୍ୱରୂପ ବିଦ୍ୟମାନ । ଭାରତ ତାହାର କଳାବିଦ୍ୟାରେ ଓ ମୂର୍ତ୍ତି ସକଳର ବେଶଭୂଷାର ପରିପାଟୀରେ ଯେ ଅତୁଳନୀୟ ତାହା ବିଜ୍ଞାନୀୟମାନେ ମଧ୍ୟ ସ୍ୱୀକାର କରି-ଅଛନ୍ତି । ସେ ଶିଳ୍ପକୌଶଳ ଆଜ ବିସ୍ମୃତ—ରହିଛି କେବଳ ତାହାର ପୁଣ୍ୟସ୍ମୃତି ।

ଇଉରୋପ ପ୍ରଭୃତି ସମୃଦ୍ଧିଶାଳୀ ମହାନଗରମାନଙ୍କର ଯେତେବେଳେ ସଭ୍ୟତାର ଉଷା-ବିକାଶ ସୁଦ୍ଧା ହୋଇନାହିଁ; ଯେତେବେଳେ ଜଡ଼ବାଦୀ ଆମେରିକା ଅସଭ୍ୟ ବର୍ବର ଜାତିରେ ପରିପୂର୍ଣ୍ଣ, ସେତେବେଳେ ଭାରତର ବାଣିଜ୍ୟ କପରି ସମୃଦ୍ଧିପ୍ରାପ୍ତ ହୋଇଥିଲା ତାହା ଏହି ଯୁଗର ବର୍ଣ୍ଣନାରୁ ଜଣାଯାଏ । ଭାରତବଣିକ୍ କେତେ-ବେଳେ ବୋଇତରେ ସମୁଦ୍ର ପାରହୋଇ ବା କେତେ-ବେଳେ ଉଷ୍ଟ୍ର ଓ ଅଶ୍ୱଯାନରେ ବିପଦସଂକୁଳ, ଗିରିଗହ୍ୱର ଅତିକ୍ରମ କରି ବିଦେଶରେ ବାଣିଜ୍ୟ କରିବାରେ ପ୍ରବୃତ୍ତ ହେଉଥିଲେ । ପ୍ରସ୍ତର ଓ ଧାତବ ଦ୍ରବ୍ୟରେ କେତେ ସୁନ୍ଦର ସୁନ୍ଦର ମୂର୍ତ୍ତି ଓ ଶିଳ୍ପ-ନୈପୁଣ୍ୟ ବହୁ କାରୁକାର୍ଯ୍ୟମଣ୍ଡିତ ପଟ୍ଟବସ୍ତ୍ର, ପୋଷାକ, ଗନ୍ଧଦ୍ରବ୍ୟ ଏବଂ ହୀରା, ନୀଳା ପ୍ରଭୃତି ବହୁ ମୂଲ୍ୟବାନ୍ ପଦାର୍ଥ ସକଳ ଭାରତର ପ୍ରତ୍ୟେକ ବ୍ୟବସାୟୀ ନିକଟରେ ପ୍ରାପ୍ତ ହେଉଥିଲା, ସୁଦୂର ବାଗଦାଦ୍ ପ୍ରଭୃତି ଦେଶର ରାଜଦରବାରରେ କପରି ଭାରତୀୟ ଦ୍ରବ୍ୟ ଆଦୃତ ହେଉ-ଥିଲା ସେସମ୍ବନ୍ଧରେ ସେହି ଦେଶର ଇତିହାସ ସାକ୍ଷୀ ଅଟେ । ଭାରତର ସାମାନ୍ୟ ଖଣ୍ଡିଏ ଜରିଜଡ଼ିତ ବସ୍ତ୍ର ଦେଖି ଜଣେ ଇଂରେଜ କବି କହିଥିଲେ—

"It has raised our visions and we look with wonder on the skills and brocades and jewellery which had come from the East to the infant trading marts of Europe"

---

## ବଡ଼ସାନ

( ଉପନ୍ୟାସ )

ଶ୍ରୀ ବୈଷ୍ଣବଚରଣ ଦାସ

( ୩ )

ଗଣେଶ କାର୍ତ୍ତିକ ଦୁହେଁ ଯାଆଁଳା ଭାଇ, ଏହା ଆଗରୁ କହା ଯାଇଛି । ଦୁହିଙ୍କ ମଧ୍ୟରେ ଗଣେଶ ବଡ଼, କାରଣ କାର୍ତ୍ତିକଠାରୁ ଏକମିନିଟ ପୂର୍ବରୁ ତାଙ୍କର ଜନ୍ମ । ଲବକୁଶ ବୋଲି ତାଙ୍କୁ ସମସ୍ତେ ଡ଼ାକନ୍ତି । କାର୍ତ୍ତିକ ମଧ୍ୟ ଗଣେଶଙ୍କୁ ନନା ବୋଲି ଡ଼ାକେ—କେବେ ତାଙ୍କୁ ଅଗ୍ରଜର ସମ୍ମାନ ଦିଏ ନାହିଁ ।

ଦୁଇଭାଇ ଯେତେବେଳେ ଜନ୍ମହେଲେ ସେତେ-ବେଳେ ମଧ୍ୟ ତାଙ୍କୁ କେହି ଦୁଇଭାଇ ବୋଲି କହିବ ନାହିଁ—ଦୁହିଙ୍କ ଚେହେରାରେ ଏତେ ବେଶୀ ପ୍ରଭେଦ । ଗଣେଶ ହୋଇଥାଏ ଗୋଟିଏ ପ୍ରକାଣ୍ଡ ଲୋହିତ ଶିଶୁ, କାର୍ତ୍ତିକ ଗୋଟିଏ କ୍ଷୁଦ୍ର ଶ୍ୱେତ ଶୁଭ୍ର ରକ୍ତପିଣ୍ଡ । ବୟସ ସଙ୍ଗେ ସଙ୍ଗେ ଦୁହିଙ୍କ ଦେହଗତ ପାର୍ଥକ୍ୟ ଆହୁରି ସ୍ପଷ୍ଟତର

Digitized by srujanika@gmail.com

ହୋଇଉଠିଲା । ଗଣେଶ କଳାଭୁଷୁଣ୍ଡା ଏକ ବୃହଦାକାର ଷଣ୍ଢାମାର୍କା ହୋଇ ଉଠିଲେ, ଅଉ କାର୍ତ୍ତିକ ହେଲେ ପ୍ରକୃତରେ କାର୍ତ୍ତିକୁଟିଏ—ଦୁର୍ବଳ ଭଙ୍ଗୁର କ୍ଷୀଣ ଦେହରେ ରମଣୀ-ସୁଲଭ ଲାଳିତ୍ୟ ଓ କମନୀୟତା ସଙ୍ଗେ ବିଷମ ବେଶବିନ୍ୟାସ ଓ ପରିପାଟୀ ଯେପରି ସ୍ୱାର୍ଥପରତାର ଏକ ଅବତାର ହୋଇ ଉଠିଲେ । ସ୍ୱଭାବସୌନ୍ଦର୍ଯ୍ୟ ସହିତ ତାଙ୍କର ଥିଲା ଏକ ବାଳସୁଲଭ ଚପଳ ଆଚରଣ ଓ ହାସ୍ୟମୟୀ ପ୍ରକୃତି, ତାଉପରି ଥିଲା ତାଙ୍କର ସୂକ୍ଷ୍ମବୁଦ୍ଧି ଓ ସକଳପ୍ରକାର କାର୍ଯ୍ୟ କାରଣ ତତ୍ତ୍ୱରେ ପ୍ରବେଶର ଅମିତ ଶକ୍ତି । ଗଣେଶ ବିଚାରା ମୋଟାସୋଟା—ରୁଚି ତାର ଅତି ସାଧାରଣ, ସ୍ୱଭାବ ଗମ୍ଭୀର, ଆଚରଣ ସରଳ, କିନ୍ତୁ ସଳଖ । କାର୍ତ୍ତିକପରି ତୀକ୍ଷ୍ଣବୁଦ୍ଧି ଓ ପ୍ରବେଶଶକ୍ତି ତାଙ୍କର-ଥିଲେ ସୁଦ୍ଧା ନିଜଠାରେ ନିର୍ଭରତା ବା ଗର୍ବ ନଥିବାରୁ ସେ ସବୁ ପ୍ରକାଶ ପାଇପାରେନାହିଁ । ସେଥିଯୋଗେ ଗଣେଶ ବୟସରେ ଏବଂ ଦୈହିକ ଓ ଅନ୍ୟାନ୍ୟ ବଳରେ କାର୍ତ୍ତିକଠାରୁ ବଡ଼ ହୋଇଥିଲେ ସୁଦ୍ଧା କାର୍ତ୍ତିକହିଁ ସମସ୍ତଙ୍କର ଅଧିକତର ପ୍ରିୟ ହୋଇ ଆସିଛନ୍ତି । କି ଘରେ, କି ବାହାରେ, କି ସ୍କୁଲରେ କି ଖେଳରେ ସର୍ବତ୍ରହିଁ କାର୍ତ୍ତିକ ଗଣେଶଠାରୁ ଅଧିକ ସ୍ନେହ ଓ ଆଦର ପାଇଥାନ୍ତି । ଗଣେଶ ନିଜର ନିକୃଷ୍ଟତା କେବେହେଁ ବୁଝିପାରନ୍ତିନାହିଁ, ଅଥଚ ପ୍ରତିକ୍ଷେତ୍ରରେ ଘଟନାଚକ୍ରରେ ତାଙ୍କୁ କାର୍ତ୍ତିକ-ଠାରେ ନ୍ୟୂନତା ସ୍ୱୀକାର କରିବାକୁ ହୋଇଥାଏ । ସମୟରେ ସେ ଭାବନ୍ତି 'ଶପଥୀ ପରଫରାୟତେ' ଛାଡ଼, ଯାନଭାଇଟାତ କାର୍ତ୍ତିକର ପ୍ରକୃତିକୁ ସେ ଭଲରୂପେ ବୁଝିରଖିଛନ୍ତି ଓ ନିଜର ଶକ୍ତି ଓ ସ୍ୱଭାବ ମଧ୍ୟ ତାଙ୍କୁ ଅଜଣା ନାହିଁ—ତଥାପି ଆତ୍ମପ୍ରତିଷ୍ଠାର ଇଚ୍ଛା କେବେହେଁ ତାଙ୍କ ମନରେ ପ୍ରବେଶ କରିନାହିଁ । କ୍ରମେ ଅସ୍ମାଭମାନ ଓ ସହଜ ଲଜ୍ଜା ତାଙ୍କୁ ଏ ଅବିଚାରଟିକୁ ନତଶିରରେ ମାନିନେବାକୁ ବାଧ୍ୟ କରିଦେଇଛି । ସେ ପୁଣି ନିଜେ କାର୍ତ୍ତିକର କମ୍ ପକ୍ଷପାତୀ ନୁହନ୍ତି—ପ୍ରକୃତରେ ତାଙ୍କୁ ଯଥେଷ୍ଟ ସ୍ନେହ କରନ୍ତି । ତଥାପି କାର୍ତ୍ତିକର ପ୍ରତିଦ୍ୱନ୍ଦ୍ୱିତାରେ ତାଙ୍କୁ ସମୟ ସମୟରେ ଏପରି ବିଧ୍ୱସ୍ତ ଓ ମର୍ମାହତ ହେବାକୁ ହୋଇଛି ଯେ ସେ ଏକାଧିକବାର ନୀରବରେ ନିର୍ଜ୍ଜନରେ ବସି ନିଜ ଭାଗ୍ୟପ୍ରତି ଧିକ୍କାର ଦେଇ ରୋଦନ ପର୍ଯ୍ୟନ୍ତ କରିଛନ୍ତି । ତଥାପି କେବେହେଁ କାର୍ତ୍ତିକ ପ୍ରତି ଅସଦ୍‌ବ୍ୟବହାର ବା ଗୁରୁଜନମାନଙ୍କ ବ୍ୟବହାର ପକ୍ଷପାତିତାରେ ଅସନ୍ତୋଷ ପ୍ରକାଶ କରି-ନାହାନ୍ତି ।

କମଳଲୋଚନ ବଞ୍ଚିଥିବାଯାଏ ସେ ଏ ଦୁହିଙ୍କୁ ଠିକ୍ ଚିହ୍ନିଥିଲେ ଏବଂ ଗଣେଶଙ୍କୁ କାର୍ତ୍ତିକଠାରୁ ଅଧିକ ସ୍ନେହ ମଧ୍ୟ କରୁଥିଲେ । କାର୍ତ୍ତିକଙ୍କ ସ୍ୱଭାବ ତାଙ୍କୁ ଆଦୌ ଭଲ ଲାଗୁନ ଥିଲା, ଭଲ ପଢ଼ିଲେ କ'ଣ ହେବ—ତାଙ୍କ ସଉକୀ ବାବୁଅଳି ଦେଖିଲେ ତାଙ୍କ ହାଡ଼ ଜଳୁଥିଲା; ସେ ମଧ୍ୟ ଦୁଇଜଣଙ୍କର ଠିକ ବିଚାର କରୁଥିଲେ । ଓ ଯାହାର ଯାହା ପ୍ରାପ୍ୟ ଶାସନ ବା ପୁରସ୍କାର; ନିନ୍ଦା ବା ପ୍ରଶଂସା—ଯେତେବେଳେ ଯାହା ତାଙ୍କୁ ତାହା ଦେଉଥିଲେ । ଏଥିରେ କାର୍ତ୍ତିକହିଁ ବେଶୀ ଦଣ୍ଡ ଓ ଶାସନ ପାଉଥିଲେ ବୋଲି ତାଙ୍କର କମଳଲୋଚନଙ୍କ ପ୍ରତି ପ୍ରାଣରେ ଭୟ ରହିଥିଲା । କିନ୍ତୁ କମଳଲୋଚନଙ୍କ କାଳହେଲା ଦିନୁ ତାଙ୍କୁ 'ଇ' ବୋଲି କହିବାକୁ କେହି ରହିଲେନାହିଁ; ସେହି-ଦିନୁ କ୍ରମେ ସେ ଆହୁରି ଅଧିକ ମାତିଲା ଓ ସ୍ୱାର୍ଥପର-ତାରେ ଅଭ୍ୟସ୍ତ ହୋଇ ଉଠିଲେ ।

କମଳଲୋଚନଙ୍କ ବିଧବା ସ୍ତ୍ରୀ କୁଞ୍ଜଲତା ମଧ୍ୟ ଗଣେଶଙ୍କୁ ଅଧିକ ସ୍ନେହ କରନ୍ତି, ତାର କାରଣ— ସେ ଏ ଘରକୁ ଆସିଲା ଦିନୁ ଗଣେଶ ତାଙ୍କର ଅଭିମାନ ବଶ—ବଣୀକଙ୍କର ହୋଇଥାନ୍ତି । କାର୍ତ୍ତିକ ତ ଭାଇଙ୍କ ଡ଼ରେ ତାଙ୍କ ପାଖେ ପଶେନାହିଁ ଏହି ସୁଯୋଗରେ ଗଣେଶ ନୂଆବୋଉଙ୍କ ହୃଦୟରେ ବେଶ୍ ସୁନ୍ଦର ସ୍ଥାନଟିଏ ଜମାଇ ନେଇଥିଲେ । ଆଜି ବିଧବା କୁଞ୍ଜଲତା ଏ ଘରର ଗୃହିଣୀ; ଶାଶୁଙ୍କ ହାତରୁ ସବୁ କାର୍ଯ୍ୟର ଭାର ନେଇ ବର୍ତ୍ତମାନ କର୍ମ ଜୀବନରେ ଆତ୍ମାହୁତି ଦେଇ ଛନ୍ତି । ଏପରି ନ୍ୟାୟରେ ଏପରି ନିଷ୍ଠାରେ ସେ ସଂସାର ଚଳାନ୍ତି ଯେ ନିକୁଛରୁ ନିକୁଛ ପ୍ରାଣୀଟିର ପର୍ଯ୍ୟନ୍ତ ଅସ-ନ୍ତୋଷ ଥାଏନାହିଁ, ମଧ୍ୟ ବଡ଼ରୁବଡ଼ ଯେଉଁମାନେ ଶାଶୁ ଶ୍ୱଶୁର ପର୍ଯ୍ୟନ୍ତ ତାଙ୍କ କଥାରେ କଥା କହନ୍ତିନାହିଁ । କାର୍ତ୍ତିକ ବିଳାତ ଯିବା ପରଠୁଁ ସେ ଆଜକୁ ବର୍ଷେ ପୂର୍ବର କଥା—କୁଞ୍ଜଲତା ଗଣେଶଙ୍କୁ 'ବାହାହୁଅ', 'ବାହାହୁଅ' ବୋଲି ଅସ୍ଥିର କରୁଛନ୍ତି । ଶାଶୁ ଶ୍ୱଶୁରଙ୍କ ପାଖରେ କହି

Digitized by srujanika@gmail.com

ନିଜେ ପାଏର ଅନୁସନ୍ଧାନ କରି ଶେଷରେ ଯେତେବେଳେ କଥା ସ୍ଥିରହେବାର ହେଲା, ସେତେବେଳେ ଦିନେ ଗଣେଶ ଧୀରେ୨ ଅସି ମୁହଁ ତଳକୁ ପୋତି ନୂଅବୋଉଙ୍କ ପାଖରେ ଠିଆହେଲେ । କୁଞ୍ଜଲତା ହସି-ମୁଖରେ ତାଙ୍କ ଆଡ଼କୁ ଅନାଇଁ କହିଲେ "କି ହୋ ! ଆଜ ଏତେ ବିରସ ?" ଗଣେଶ ଅତି କଷ୍ଟରେ ମୁହଁ ଟେକି ଟିକିଏ ମାଏ ହସିଦେଇ ପୁଣି ହଠାତ୍ ଗମ୍ଭୀର ହୋଇ କହିଲେ "ଭାଉ, ଗୋଟେ କଥା କହନ୍ତି ?" "କି ହୋ, କହୁନା—ଏତେ ଲଜ କରୁଚ କ'ଣ ବହୁତି କଥା ପଚାରିବ କି ? "ନାଇମ—ମଲା, ବହୁନି ପାଇଁ ତ ମୋତେ ଅଉ ନିଦ ନାହିଁ ।" "ଅଉ କଣ, କହ ହେଲେ ! "ଭାଉ, ମୁଁ ବାହା ହେବନାହିଁ !" "ଓଃ; ଏଇକଥା ,ହଉ୨" ଏହାକହି କୁଞ୍ଜଲତା ହସି୨ ସେଠାରୁ ବାହାରି ଯିବାକୁ ଉଦ୍ୟତ ହେଲେ—ଗଣେଶ ପୁଣି ଯଥାସମ୍ଭବ କରୁଣ ଅଥଚ ଦୃଢ଼ ସ୍ୱରରେ କହିଲେ "ମୁଁ କେବେହେଁ ବାହା ହେବନାହିଁ । ଭାଉ—ମିଛ ନୁହେଁ ତମକୁ କହି ରଖିଲି—ଏବେ ତମ ଇଚ୍ଛା ।"

କୁଞ୍ଜଲତା ହଠାତ୍ ଗମ୍ଭୀର ହୋଇ କିଛିକ୍ଷଣ ଭାବିଲେ ତା'ପରେ ତାଙ୍କ ହାତଧରି ଗୋଟିଏ ଚଉକି ଉପରେ ବସାଇ ନିଜେ ପାନ ଖାଇ୨ କହିଲେ "ସତେ ନବ କ'ଣ କଥା ମତେ କହିବଟି !" "କଥା ଆଉ ଗୋଟିଏ କଣ ? ମୁଁ ବାହା ହେବନାହିଁ, ଏଇଯା ।" କି କାହିଁକି ? କାରଣ କଣ, ନ କହିଲେ ମୁଁ ସଜରେ ଗ୍ରହିଦଉଚି ପରା ! ଦେଖିର, ମୋ ପାଖରେ କେତେଦିନ ଚୋରି କରିବ—ଆଜ ଧରାପଡ଼ିଚ—" "କଣ ମୁଁ ଧରାପଡ଼ିଚି—ମୁଁ କଣ ଚୋରି କଲି ! ମୁଁ ମୋର ବାହା ନ ହେବ—" "କାହିଁକି ବାହା ନ ହେବନା—" "ସେତ ଢେର କଥା; ତମକୁ ବି ମୁଁ ସେ ସବୁ କଥା କହିପାରିବ ନାହିଁ—" "ନାଇଁ ନବ, ମୋତେ କହିବନାହିଁ ! କହିବ ନାହିଁ ? ହଉ—" "ଭାଉ, ରାଗନାହିଁ—ତମକୁ ମୋ ରାଣେ—ମୁଁ କହୁଚି, ଶୁଣ, ମୋର ପ୍ରଧାନ କାରଣ ହଉଚି—" "କଣ କହୁନା—ଫେରେ ଚୁପ କରି ତଳକୁ ଅନାଇ ରହିଲ ଯେ ? ଛି, କହିପକା, ମୋତେ କାହିଁକି ଲାଜ ମ ?" "ନାଇଁ, ଭାଉ, ତେମେ କ'ଣ ଭାବିବ କେଜାଣି, କଣ କି, ମୁଁ କେତେଦିନ ବଞ୍ଚିବ ତା'ର ତ ଠିକଣାନାହିଁ—ଆଜ ଗୋଟିଏ ବାହା ହେବି, କାଲି ଯଦି ମରିଗଲି ଅଉ ଗୋଟିଏ ଜୀବନତ ବୃଥାରେ ନଷ୍ଟଯିବ—" "ଅଉ ଗୋଟିଏ ଜୀବନ ମାନେ ?—ତେମେ ବା ସେ ଅମଙ୍ଗଳିଆ କଥାଗୁଡ଼ାକ ଭାବୁଚ କାହିଁକି—" ଜୀଇବା ମରିବାରେତ କାହାରି ହାତ ନାହିଁ ଭାଉ, ସେହିପରି ଏ ପୋଡ଼ା ସମାଜ ଉପରେ ବି କାହାରି ହାତ ନାହିଁ । ଯେଉଁ ଅନିଷ୍ଟ ଘଟିଲେ ଏ ସମାଜରେ ଅଉ ତାର ପ୍ରତିକାର ନାହିଁ, ସେ ଅନିଷ୍ଟ ଘଟିବାର ବାଟଟି ବନ୍ଦ କରିଦେଲେ ଯାଏ—ଏଇ ମୋ କଥା ? ବୃଥାରେ ଆଉ ଗୋଟିକର ଜୀବନ ନଷ୍ଟ କରିବିନାହିଁ—" "ଅଉ ଗୋଟିକର ଜୀବନମାନେ—ମାନିଲି ତମବହୁଟି ହେଲା ଗୋଟିଏ, ଅଉ କାହାକଥା କହୁଚ ମୁଁ ଜାଣିପାରୁନାହିଁ, ନବ ! ମୁ ତ ମାଇପିଲୋକ ମୋର ଏତେକଥା କିଏ ବୁଝୁଚି, ମୁଁ ତମକୁ ଖାଲି ଏତିକି କହୁଚି ଏ ପାଗଳାମି ଛାଡ଼ । ନିଜପାଇଁ ନ ହେଲେ ମୋ ପାଇଁ ବାପାବୋଉଙ୍କ ପାଇଁ ବାହାହେଇ ଗୋଟିଏ ବହୁ ଆଣ—" କୁଞ୍ଜଲତାଙ୍କ ଆଖି ଛଳ୨ ହୋଇଆସିଲା—ସେ ତାଙ୍କର ଏ ଉଦାର ଉଚ୍ଚମନା ଦେବରଟିର ମର୍ମକଥା ବୁଝିପାରିଲେ—ମୁହଁରେ ନ ବୁଝିବାର କହିଲେ ସୁଦ୍ଧା ଗଣେଶଙ୍କ ସଂକଳ୍ପ ମୂଳରେ ଯେ ସେ ନିଜେ-ଏକଥା ଆଉ ତାଙ୍କୁ ଅଛପା ରହିଲାନାହିଁ । ଏତେବଡ଼ ସହାନୁଭୂତିଟା ଅପ୍ରତ୍ୟାଶିତ ଭାବରେ ପାଇ ଅଉ ସେ ଥୟଧରି ରହିପାରିଲେ ନାହିଁ—ତାଙ୍କ ହୃଦୟରେ ଯେ ଗୋଟାଏ ଚିରସୁପ୍ତ ହାହାକାର କର୍ମ ଅତିନୟର ଅନ୍ତରାଳରେ ଲୁକ୍କାୟିତ ରହିଥିଲା ସେଇଟା ପୁଣି ଜାଗିଉଠିଲା—ପ୍ରାଣପଣ ବଳରେ ପ୍ରାଣର କୋହଟାକୁ ଚାପିରଖି ନତମୁଖରେ କହିଲେ "ନବ, ତେମେ କାହାପାଇଁ ତମର ସାରା ଜୀବନଟା ନଷ୍ଟ କରିଦବ ଭଲା ? ଛି, ଛି, ତମମୁହଁରେ ଏ କଥା ଶୋଭା ଦଉନାହିଁ ! ତମକୁ ମୋ ରାଣେ—ଯା କହିବ ନାହିଁ !" "ନାଇଁ ଭାଉ, ତେମେ ବୁଝିପାରୁ ନାଁ, ମୁଁ ଠିକ କଥା କହୁଚି ! ମରି କଥା ବୋଲି ତମକୁ କହିପାରୁ ନଥିଲି କାଲେ ତମ ମନରେ ଅଧିକା କ୍ଷୋଭହବ, ନ ହେଲେ ତେମେ ଭାବିବନାହିଁ ଯେ ଏଟା ଖାଲି ଗୋଟାଏ କଥାର କଥା ! ପ୍ରକୃତରେ ମୋର ବିଶ୍ୱାସ ହିନ୍ଦୁ ସମାଜରେ ପୁରୁଷ ଅମର



Digitized by srujanika@gmail.com

ନ ହେଲେ କେବେହେଁ ତା'ର ସ୍ତ୍ରୀ ଗ୍ରହଣ କରିବା ଉଚିତ ନୁହେଁ !" କୁଞ୍ଜଲତା କେତେକ୍ଷଣ ଧୀର ପ୍ରଶାନ୍ତଭାବରେ ବସିରହି ହଠାତ୍ ଗଣେଶଙ୍କ ହାତ ଧରିପକାଇ କହିଲେ "ନବ, ଭାଇ ! ତମେ ବାହା ନହେଲେ ମୁଁ କ'ଣ କରିବି ଜାଣ ?—ନାଁ ମୁଁ ସେ କଥା ତମକୁ କହିବିନାହିଁ— ଖାଲି ତମକୁ ଅଳ୍ପ ସାବଧାନ କରିଦେଉଚି ଜାଣିଥା ! ମୁଁ ଏ ଘରେ କିପରି ଏକାରେ ରହି କଷ୍ଟ ପାଉଚି ତା ଜାଣ ? ତମେମାନେ ପିଲା ଥିଲ—ଘର ବାହାର ପୂରି ଉଠୁଥିଲା—ଏବକୁ ଯେଝା କାମରେ ଯେଝାରେ ଲାଗିଗଲ—ମୁଁ କିପରି ଏ ଘର କରେଁ ତା' ଭାବୁଚିଟି ନବ ? ତେମେ ଯେପରି ମୋର ସୁଖଦୁଃଖର ସାଥୀହୋଇ ଅଛଯାଏ ମୋ ଅସାର ଜୀବନଟାକୁ ଟାଣିଅଣିଚ, ସେହିପରି ଗୋଟିଏ କାହାକୁ ମୋତେ ଅଣି ନଦେଲେ ମୁଁ କ'ଣ ତମକୁ ଛାଡୁଚି ! ନବ, ଭାଇ, ମୋ କଥା ମାନିବନାହିଁ ? ନାଇଁ, ମୁଁ କିଛି ଶୁଣିବିନାହିଁ—-ମୋରି ପାଇଁ ଅସେ ତମକୁ ନିଶ୍ଚେ ବାହାହେବାକୁ ହବ !"

ଗଣେଶ ନୂଅବୋଉଙ୍କ କଥାର ବଳ ଓ ଢଙ୍ଗ ଦେଖି ସ୍ତମ୍ଭିତ ହୋଇଗଲେ ! କୁଞ୍ଜଲତା ଗଣେଶଙ୍କ ପ୍ରକୃତି ଭଲରୂପେ ଜାଣିଥିଲେ—ସେ ଜାଣନ୍ତି ଯଦି କିଛି ଏ ଗଇଁମାର ଯୁବକର ପ୍ରତିଜ୍ଞା ଟଳାଇପାରେତ ସେ ଅନ୍ୟର ଉପକାର ପରାର୍ଥ, ସ୍ୱାର୍ଥନୁହେଁ ! ସେ ଯୋଗେ କୁଞ୍ଜଲତା ନିଜ ଉପରେ ଅରୋପିତ ସବୁ ଦୁଃଖତକ ବିନା ପ୍ରତିବାଦରେ ମାନିନେଇ ସେହି ଦୁଃଖ ଦୂରୀକରଣ ଛଳରେ ଗଣେଶଙ୍କ ଅସ୍ତ୍ରରେହିଁ ତାଙ୍କୁ ନିରସ୍ତ୍ର କରିଦେଲେ। ଅନ୍ୟାନ୍ୟ ଅନେକ ଗୁରୁତର କାରଣ ତାଙ୍କୁ ଜଣାଥିଲେ ସୁଦ୍ଧା ସେ ସବୁ ଗଣେଶର ସ୍ୱାର୍ଥସଂକ୍ରାନ୍ତ ବୋଲି ତାର ନାମ ମାତ୍ର ଧରିଲେନାହିଁ ! କୁଞ୍ଜଲତାଙ୍କଠାରୁ ବଳି କାହାକୁ ବେଶି ଜଣାଥିଲା ଯେ ଗଣେଶ ଓ ପ୍ରମିଳାଙ୍କ ମଧ୍ୟରେ ଅବାଲ୍ୟ ସଖ୍ୟ ରହିଛି ଏବଂ ସେହି ସଖ୍ୟ ଏବେ ପ୍ରେମରେ ପରିଣତ ହେଲାଣି ବୋଲି ବୁଦ୍ଧିମତୀ ନାରୀସୁଲଭ ବିଚକ୍ଷଣତା ବଳରେ ଏ ସମସ୍ତ ଗୁରୁତର କାରଣମାନ ପରିତ୍ୟାଗକରି ଧରିବସିଲେ କ'ଣ ନା ବିଭାହୋଇ ମୋର ଦୁଃଖ ଦୂରକର !

ଔଷଧ ମଧ୍ୟ ଠିକ ଧରିଲା । ଗଣେଶ ଅନେକକ୍ଷଣ ଚୁପ୍‌କରି ବସି ଶେଷରେ କହିଲେ "ଭାଉ, ମୁଁ କେଡ଼େ ନିର୍ବୋଧ ! ମୁଁ ବାହା ନ ହେବି ଏ ପ୍ରତିଜ୍ଞାକରି ମନେ୨ କେଡ଼େ ଆତ୍ମପ୍ରସାଦ ଉପଭୋଗ କରୁଥିଲି ଯେ କ'ଣ କହିବି ! ଭାବୁଥିଲି ସେଇଟାହିଁ ସବୁଠଉଁ ବଡ଼ କାମ ହବ ! କିନ୍ତୁ ମୁଁ କି ଅନ୍ଧ ! ଦେଖ, ମୋରି ଆଖିଅଗରେ ତମେ ଏତେ ଦୁଃଖରେ ଅଛ, ସେ କଥା ମୋତେ ଥରେ ହେଲେ ଦେଖିଲିନାହିଁ ! ଛି, ଛି !—ଭାଉ, ମୋତେ କ୍ଷମାକର !" ଏହା କହି ଗଣେଶ କୁଞ୍ଜଲତାଙ୍କ ଗୋଡ଼—ତଳେ ପଡ଼ିବାକୁ ଅଗ୍ରସର ହେଲେ କିନ୍ତୁ କୁଞ୍ଜଲତା ତାଙ୍କୁ ଅଗରୁ ଧରିପକାଇ କହିଲେ "ଛି ନବ ଏ କ'ଣ ମୋର ତମଉପରେ ଅଧିକାର ଅଛି ବୋଲି କହିଲି ସବୁବେଳେ ତେମେ ମୋ କଥା ମାନିଥାଅ ବୋଲି କହିଲି ସିନା ! ତେମେ ମୋ ଦୁଃଖପାଇଁ ଭାବ ବୋଲି ତମକୁ ଦୁଃଖକଥା କହିଲି—"

ଗଣେଶଙ୍କ ପକ୍ଷରେ ଏ ପ୍ରଶଂସାବାଦ ଅସହ୍ୟ ହୋଇ-ଉଠିଲା—ସେ ଅସଭ୍ୟ ଭାବରେ କୁଞ୍ଜଲତାଙ୍କ ହାତରୁ ହାତ ଛଡ଼ାଇନେଇ ସେଠାରୁ ପଳାଇଗଲେ ।

କୁଞ୍ଜଲତା ପଛଅଡୁ ଡାକକରି କହିଲେ "ଏ କଥା ମୁଁ ପ୍ରମିଳାକୁ କହିଦେଉଚି ରହ !"

( କ୍ରମଶଃ )

Digitized by srujanika@gmail.com

## ହେମନ୍ତ—

ଧନ ରଡ଼ ରଢ଼ କାକର-ଝରି
କୁହୁଡ଼ିଆ ସଂଜ କୁହୁକ କରି ।
ଘୋର ଫର ଫର
ବହଳ ବାଦଲ
ନସୁନ ଘରଗ ପଣନ୍ତ-ଚରି
ବରଷା ଗହଳ ଚହଲ-ସରି ।

ଗାଈ ଝୁଟେ ଝୁଟେ କାକର-ଫରି
ମଲ୍ଲି ଜାଈ ମନ ହରିଗ-ମରି ।
ନଦ ମଲ ମଲ
ଦହ ଥର ଥର
ଅରୁଟା ମକରି ଗମନ ଧୀରି
ମୋହନ ସପନ ଅଧରୁ-ଟରି ।

ସୁନା ଚକ ଚକ ଗମ୍ଭୀର ସାରି
ଯତନ କୁଡ଼ିଆ ଉଷୁମ ଭରି ।
ଖରି ତବ ତର
ପବନ ଶୀତଳ
ଘାସ-ମଞ୍ଜୀ ଗନ୍ଧ ପୁଲକ ପୁରି
ଶରତ ଚଉଁରି ମହତ-ଜୁରି ।

ତରି ଛନ ଛନ ଅନ୍ଧାର-ଢ଼ରି
ଅମୃ ଢୋଠା ସାରି ଦଆଳ-ଜଳା ।
ଦ୍ୱସ ଖଳ ଖଳ
ତମାଲ ମାହାଲ
ଶାଲ ତାଲ ଯେତେ ଠିଆ ପହରି
ଉଠି ବୁଣିଗଲା ମୁକୁତା-ମାଳା ।

ଶ୍ରୀ ନିକୁଞ୍ଜକିଶୋର ଦାସ

## ଇତର ପ୍ରାଣୀଙ୍କର ଭାବ ବ୍ୟଞ୍ଜନା

ମୁଖ ମନର ଦର୍ପଣ । ମନ ଭିତରେ ଭାବରାଶି ଘାତ ପ୍ରତିଘାତରେ ନିରନ୍ତର ଯେ ବିକାର ଘଟେ ତାହା ଅତି ସ୍ପଷ୍ଟ ଭାବରେ ମୁଖରେ ପ୍ରକଟିତ ହୋଇଥାଏ । ଏହା ପ୍ରାଣୀର ଧର୍ମ, ଈଶ୍ୱରଙ୍କର ଅନୁଶାସନ । ଅଖିଳ ପ୍ରାଣୀ-ଜଗତ ଭିତରେ ମନୁଷ୍ୟଠାରେ ଏହି ଅନୁଶାସନ ବିଶିଷ୍ଟ ଭାବରେ କାର୍ଯ୍ୟକାରୀ । କିନ୍ତୁ ଏ ପ୍ରକାର ଭାବ ବ୍ୟଞ୍ଜନା-ଲାଗି ମୁଖମଣ୍ଡଳର କେତୋଟି ପ୍ରତ୍ୟଙ୍ଗ ଯେ ବିଶେଷ ଭାବରେ ଦାୟୀ, ଠିକେ ଅଭିନିବେଶ ସହକାରେ ଦେଖିଲେ ସେ କଥା ସ୍ପଷ୍ଟ ଜଣାପଡ଼େ । ମୁଖମଣ୍ଡଳ ଭିତରେ ଆଖି, ପାଟି ଓ ତତ୍ସଂଲଗ୍ନ ମାଂସପେଶିମାନଙ୍କର ସାମାନ୍ୟ ଇତର ବିଶେଷରେ ମନର ଅତି ସୂକ୍ଷ୍ମତମ ବିକୃତିଗୁଡ଼ିକ ସହଜରେ ପ୍ରକଟିତ କରି ହୁଏ । ମୋଟ ଉପରେ, ଆଖି ଦୁଇଟି ଓ ଚିବୁକଟି ଘେନି ଗୋଟିଏ ତ୍ରିଭୁଜ କଳ୍ପନା କଲେ ତହିଁ ଭିତରେ ଯେତେଗୁଡ଼ିଏ ପ୍ରତ୍ୟଙ୍ଗ ରହିଲେ ସେମାନେ ସମସ୍ତେ ଏକପ୍ରକାର ଭାବ ଅଭିବ୍ୟକ୍ତି ପାଇଁ ଅଳ୍ପାଧିକ ପରିମାଣରେ ଦାୟୀ ହେବେ ।


କିନ୍ତୁ ମନୋଭାବ ମୁଖରେ ପ୍ରକାଶ କରିବା ଶକ୍ତି କ'ଣ ଏକା ମନୁଷ୍ୟଠାରେ ସୀମାବଦ୍ଧ ? ବୋଧ ହୁଏ



Digitized by srujanika@gmail.com

ନୁହେଁ । ଜୀବସୃଷ୍ଟି ଭିତରେ ଅଖି ନାକ ପାଟିର ନୌସାଦୃଶ୍ୟରେ ଯେଉଁ ପ୍ରାଣୀ ମନୁଷ୍ୟର ଯେତେ ନିକଟବର୍ତ୍ତୀ ତାହାଠାରେ ଉପରୋକ୍ତ ଭାବବ୍ୟଞ୍ଜକ ଶକ୍ତି ସେତେ ପରିପୁଷ୍ଟ ବୋଲି ଅଜ କାଲିକାର ବିଜ୍ଞାନବିତ୍ ଗଣଙ୍କର ମତ । ଏପରି ଧରିବାକୁ ଗଲେ ମନୁଷ୍ୟର ନିକଟତମ ଜ୍ଞାତି ବାନର ଜାତିର କଥା ଅଗେ ପହୁଞ୍ଚିଯାଏ ।

ମନର ଭାବ ହସ ଭିତର ଦେଇ ଅନେକ ପରିମାଣରେ ଧରା ପଡ଼ିଯାଏ । କିନ୍ତୁ ଏହି ହସରେ କଣ ମନୁଷ୍ୟର ଏକା



ଛୁଆ ଓରାଙ୍ଗ ଓଟାଙ୍ଗ

ଅଧିକାର ? ଛବିରେ ଦେଖିଲ ଭଲା, ବାନର ପୁଙ୍ଗବଙ୍କର ହସଟା ଥରେ । ଏ ଯେ ଏକାଥରକେ ପ୍ରାଣଖୋଲା ହସ ଏ ବିଷୟରେ କାହାର କ'ଣ ସନ୍ଦେହ ଥାଇପାରେ ?

ଅପର ଛବିଟିରେ ଦେଖ, ଦୁଇଟି ଶିମ୍ପାଞ୍ଜୀ କିପରି କୌତୁକ କରୁଅଛନ୍ତି । ଜଣେ ଅରଜଣକୁ ଧରି ଟାଣୁଛନ୍ତି ଅଉ ମୁରୁକ ମୁରୁକ ହସୁଛନ୍ତି । ଅନ୍ୟଟିର ଆଦୌ ଖେଳିବାର ଇଚ୍ଛା ନାହିଁ । ସେଥିଲାଗି ଅସିବାକୁ ବେକାୟଦା ନାରାଜ; ମୁହଁମେଘ ନିତାନ୍ତ ଅନିଚ୍ଛାର ଭାବ !



ତୃତୀୟ ଛବିଟିରେ ଅଉ ଗୋଟିଏ ଶିମ୍ପାଞ୍ଜୀ ମୁହଁଟି ଦେଖିଲେ ମନେହୁଏ ଯେପରି କହୁଛନ୍ତି "କଣ କହିଲେ



ମହାଶୟ ? ଭଲକରି ବୁଝି ହେଲାନାହିଁ । ଅଉ ଥରେ କହନ୍ତୁ ତ ? ଶୁଣିବା ।"


ଅନ୍ୟ କୌଣସି ଜନ୍ତୁ ରାଗ ଅଉ ଭୟଛଡ଼ା ଅନ୍ୟ ପ୍ରକାରର ମନୋଭାବ ଏପରି ସୁନ୍ଦର ଭାବରେ ବ୍ୟକ୍ତ-କରି ପାରିବେ କିନା ସନ୍ଦେହ । ବାନର ଭିତରେ ପୁଣି ଶିମ୍ପାଞ୍ଜୀ ଓ ଓରାଂଓଟାଂ ଏପରି ମନୋଭାବ ପ୍ରକଟିତ କରିବାରେ 'ଓସ୍ତାଦ' । ହସିବାର ଛବି ଦୁଇଟିଯାକ


Digitized by srujanika@gmail.com

ସିମ୍ପାଞ୍ଜି ଜାତୀୟ ବାନରର; ଏଇଥିରୁ ଏକଥା ସ୍ପଷ୍ଟଜଣାଯାଏ ।

ଅନ୍ୟାନ୍ୟ ଜନ୍ତୁମାନଙ୍କର ମନର ଭାବ କେତେକ ପରିମାଣରେ ମୁଖରେ ପ୍ରକାଶ ପାଇବାର ଦେଖାଯାଏ । କୁକୁରର ମନରେ ଆନନ୍ଦ ହେଲେ ସେ ଭାବ ତା ମୁହଁରେ ବେଳେ ବେଳେ ପ୍ରକାଶପାଏ, କିନ୍ତୁ ବାନର ପରି ସେ ମୁଖ ଭଙ୍ଗି କରି ହସିପାରେ ନା କେବେ ।

ରାଗ ଆଉ ଭୟ ଏ ଦୁଇଟା ପ୍ରାୟ ସବୁ ଜନ୍ତୁଙ୍କର ମୁଖରୁ ଧରାପଡ଼େ । ଛବିରେ ଦେଖ ଗୋଟିଏ ହରିଣ ପ୍ରାଣ ଭୟରେ କିପରି ଦୌଡ଼ୁଛି । ସେତେ କି ଦିକ୍ ବିଦିକ ଜ୍ଞାନ-ଶୂନ୍ୟ । ଶିକାରିର ଭୟରେ ବିଚରା ଅସ୍ଥିର ହୋଇ ଧାଇଁଛି । ଶରୀରର ଯେତେ ଶକ୍ତି, ସବୁଯାକ ଯେପରି ଏଇ ଦୌଡ଼ା ଭିତରେ ଢାଳଦେଇଛି ! ଟିକେଅଭିନିବେଶ ସହକାରେ ତାର ଅଖି ଦୁଇଟି ଦେଖ— କିପରି ଭୟର ଛବି ସ୍ପଷ୍ଟ ପ୍ରତିଫଳିତ ତହିଁରେ । ଖାଲି ମୁହଁ ଦେଖି ବୋଧହୁଏ କିଛି ଜାଣି ହୁଅନ୍ତାନାହିଁ କିନ୍ତୁ ଆଖି ଦେଖି ଆଉ କୌଣସି ସନ୍ଦେହ ହେଉନାହିଁ ଯେ ହରିଣଟି ଭୟରେ ପ୍ରକୃତ ଅସ୍ଥିର ହୋଇଛି ବୋଲି । ବାଘର ଚେହେରା ଯେତେ ଭୟାନକ ହେଉ ପଛେ ଭଲ ପାଇଲେ ତା ମୁହଁରେ ମଧ ସେ ଭାବ ସ୍ପଷ୍ଟ ଜଣାପଡ଼େ ।






ମନୁଷ୍ୟର ଦୂରତର ଜ୍ଞାତି ପକ୍ଷୀ ଜାତି ଭିତରେ ଯେଉଁ ଭାବରାଶି ମୁଖରେ ପ୍ରକଟିତ ହେବାର ଦେଖାଯାଏ ତାହା ମଧ୍ୟରେ ରାଗଟା ସର୍ବପ୍ରଧାନ ! କାରଣ ଅନ୍ୟ ଭାବ ସମସ୍ତ ଭିତରେ ଏ ଭାବଟା ମୁଖର ସର୍ବାଙ୍ଗୀନ ପରିବର୍ତ୍ତନ ଆଣି-ଦିଏ ! ଛବିରେ ଦେଖାଯିବ, ଗୋଟିଏ ବଗୁଡ଼ି ଓ କାକତୁଆ ଭିତରେ କିପରି କଳିଲାଗିଛି । ଦୁହେଁଯାକ ଭୟାନକ ରାଗି-ଛନ୍ତି । ବଗୁଡ଼ି ଯେପରି ଜିଦ୍ ଧରିଛି ସେ ବାଟଦେଇ ସେ ଯିବ ନିଶ୍ଚୟ । କାକତୁଆ କଣ ଘୁଞ୍ଚିବା ଜନ୍ତୁ ! ଡେଣା ମେଲାକରି ମୁଖ ବିସ୍ତାର କରି ସେ ସତେକି କହୁଛି "ଗଲୁ ଅଗ ଏ ବାଟେ, କେତେ ସାହସ ଦେଖିବା ।"

ସବୁବେଳେ ଯେ ମନର ଭାବ କେବଳ ମୁଖରେ ପ୍ରକାଶପାଏ ତାହା ନୁହେଁ । ସୂକ୍ଷ୍ମ ପର୍ଯ୍ୟବେକ୍ଷଣ ଶକ୍ତି ଥିଲେ ମନର ଭାବ ଦେହର ଯେ କୌଣସି ଅଙ୍ଗରୁ କଳନା କରି ହୁଏ ।

Digitized by srujanika@gmail.com

ଅପଦ ଜାତୀୟ ସାର୍ଦ୍ଦାଙ୍ଗ ପ୍ରାଣୀମାନଙ୍କ ଭିତରେ ଏ ପ୍ରକାର ଭାବବ୍ୟଞ୍ଜନା ଅଙ୍ଗ ପ୍ରତ୍ୟଙ୍ଗରୁ ଅନୁମାନ କରିବା ଅପେକ୍ଷାକୃତ ସହଜ ।

ପ୍ରଥମ ଚିତ୍ରରେ ସାଧାରଣ ଭାବରେ ଦେଖିବାକୁ ଗଲେ ଗୋଟିଏ ଚିତା ବାଘ ଖାଲି ଶୋଇଥିବାର ଅନୁମାନହୁଏ । କିନ୍ତୁ ଟିକେ ମନୋଯୋଗ ଦେଇ ଦେଖିଲେ ଜଣାଯିବ ଶାର୍ଦ୍ଦୂଳ ରାଜଙ୍କ ମୁଖ ଓ ଅଙ୍ଗ ପ୍ରତ୍ୟଙ୍ଗରୁ ତୃପ୍ତିର ଭାବ ପରିସ୍ଫୁଟ । ଦେହ ଓ ଅବୟବ ଶିଥିଳ । ମାଂସପେଶି ଶୃଙ୍ଖଳ୍ୟହୀନ, ସତେକି ଉଦର ପୂର୍ତ୍ତିପରେ ଦେହ ଓ ମନ ଅବସାଦଗ୍ରସ୍ତ । ଲାଙ୍ଗୁଳ ପଶ୍ଚାଦ୍ ଭାଗରେ ଅଯତ୍ନ ବିନ୍ୟସ୍ତ । ବୋଧହୁଏ ଅଦୂରରେ କୌଣସି ସଞ୍ଚରଣ-ଶୀଳ ପ୍ରାଣୀର ଅସ୍ତିତ୍ୱ ବୁଝିପାରି ଆଳସ୍ୟ ମନ୍ଥର ଭାବରେ ମସ୍ତକ ଈଷତ୍ ଉତ୍ତୋଳିତ ହୋଇଅଛି । ଚକ୍ଷୁରେ ଆକାଙ୍କ୍ଷାର ବିଦ୍ୟୁଦ୍ଦୀପ୍ତି ନାହିଁ ।



ତୃପ୍ତି

ଈଷତ୍ମୁଖ ବ୍ୟାଦାନରେ ହିଂସ୍ର ଭାବର ଚିହ୍ନମାତ୍ର ସୂଚିତ ହେଉନାହିଁ ।

ଦ୍ୱିତୀୟ ଚିତ୍ରଟି କ୍ରୋଧର ମୂର୍ତ୍ତିମାନ ପ୍ରତିକୃତି । ଦେହ ସଙ୍କୁଚିତ, ଅଙ୍ଗ ପ୍ରତ୍ୟଙ୍ଗ କାଠିଣ୍ୟ ଭାବାପନ୍ନ । ପଦନଖର ବହିଃ ପ୍ରକଟିତ, ଲାଙ୍ଗୁଳ ବକ୍ର, ମୁଖବ୍ୟାଦାନ ଭୀଷଣ । ନାସା ରନ୍ଧ୍ର ସଙ୍କୁଚିତ ଓ ଦନ୍ତ-ପନ୍ତି ବିସ୍ତାରିତ କରି ଶାର୍ଦ୍ଦୂଳ-ରାଜ ଯେପରି କହୁଅଛନ୍ତି "ଆଚ୍ଛା, ଆସିଲ ମୋ ଆଗକୁ ଦେଖେଁ ।"




କ୍ରୋଧ

ତୃତୀୟ ଚିତ୍ରଟିରୁ ଅଭିନିବେଶର ଭାବ ପରିସ୍ଫୁଟ । ସମ୍ମୁଖପଦ ସଙ୍କୁଚିତ । ଅଗ୍ରହାତିଶଯ୍ୟରେ ମୁଖମଣ୍ଡଳ ଅବନତ । ଚକ୍ଷୁ ତାରକା ଶୃଙ୍ଖଳ୍ୟହୀନ । କର୍ଣ୍ଣ ଉଦ୍ୟତ, ପଶ୍ଚାତ୍ଭାଗରେ ବିନ୍ୟସ୍ତ ଲାଙ୍ଗୁଳର ଅଗ୍ରଭାଗ ଈଷତ୍ ଉତ୍ତୋ-ଳିତ । ଯେପରି ସମ୍ମୁଖସ୍ଥ ପ୍ରାଣୀ ଉପରେ ଅତର୍କିତରେ ଲମ୍ଫ ପ୍ରଦାନ କରିବାକୁ ଉଦ୍ୟତ । ଦେହ ଅଚଞ୍ଚଳ ଅଥଚ ସର୍ବଅଙ୍ଗରେ ଗୋଟିଏ ଗଭୀର ଅଭିନିବେଶର ଭାବ ସ୍ପଷ୍ଟୀକୃତ ।

ଟିକିଏ ଯତ୍ନର ସହିତ ଏ ସବୁ ଅନୁଶୀଳନ କଲେ ଦେଖାଯାଏ ଭାବବ୍ୟଞ୍ଜନ ଶକ୍ତିରେ ଚତୁଷ୍ପଦ ପ୍ରାଣି-ମାନେ ମଧ୍ୟ କୌଣସି ଅଂଶରେ ମନୁଷ୍ୟଠାରୁ ନିକୃଷ୍ଟ ନୁହନ୍ତି । ଅଧୁନିକ ପାଶ୍ଚାତ୍ୟ ପଣ୍ଡିତଗୋଷ୍ଠୀରେ ଏ ବିଜ୍ଞାନ ଆଲୋଚନାର ଯଥେଷ୍ଟ ଆଦର ଦେଖାଯାଏ । ଏପରକି କେତେଜଣ ଖ୍ୟାତନାମା ପ୍ରାଣିତାତ୍ତ୍ୱିକ ଏହାକୁ

Digitized by srujanika@gmail.com

ପ୍ରାଣିତତ୍ତ୍ୱର ଗୋଟିଏ ବିଶିଷ୍ଟ ଓ ଅପରିହାର୍ଯ୍ୟ ଅଙ୍ଗ ବୋଲି ପ୍ରଚାର କରନ୍ତି । ସେମାନଙ୍କ ମତରେ ପ୍ରାଣିତତ୍ତ୍ୱର ଏହି ବିଭାଗଟି ଅତି ବିସ୍ତୃତ ଓ ସମ୍ୟକ୍ ମୂଲ୍ୟବାନ୍ ମଧ୍ୟ ।



— ଅରଣ୍ୟଦେଶ —

# ମହାଭାରତରେ କଳିଙ୍ଗ

ଶ୍ରୀ ବ୍ରଜବନ୍ଧୁ ଦାସ

ସାଧାରଣ କଥାରେ ଅଛି ଯାହା ନାହିଁ "ଭାରତେ" ତାହା ନାହିଁ "ଭାରତେ" । ଅର୍ଥାତ୍ ମହାଭାରତରେ ଯେଉଁ ସବୁ ବର୍ଣ୍ଣନା ଦିଆ ହୋଇଅଛି ସେଥିରେ ତତ୍କାଳୀନ ଭାରତବର୍ଷର ରାଜନୈତିକ, ଅର୍ଥନୈତିକ ସାମାଜିକ ଓ ଧାର୍ମିକ ଜୀବନର ସମସ୍ତ ଚିତ୍ର ଚିତ୍ରିତ । କୃଷ୍ଣଦ୍ୱୈପାୟନ ବ୍ୟାସଦେବ ତାଙ୍କ ସମୟରେ ଭାରତର ଜାତୀୟ ଜୀବନର ସମସ୍ତ ବିବରଣ ଚିରକାଳ ପାଇଁ ଭାରତବାସୀ ଓ ଜଗତ୍‌ବାସୀ ସମ୍ମୁଖରେ ଉପସ୍ଥାପିତ କରିଯାଇ ଅଛନ୍ତି । ସେ ସମସ୍ତ ବିବରଣର ଆଲୋଚନା କରିବା ଏପ୍ରବନ୍ଧର ଉଦ୍ଦେଶ୍ୟ ନୁହେଁ । କେବଳ ଆମ୍ଭମାନଙ୍କ ପ୍ରଦେଶ ଅର୍ଥାତ୍ ପ୍ରାଚୀନ କଳିଙ୍ଗ ମହାଭାରତୀୟ ଯୁଗରେ ଭାରତବର୍ଷରେ କି ସ୍ଥାନ ପାଇଥିଲା ଓ ରାଜନୀତି କ୍ଷେତ୍ରରେ କି ଉଚ୍ଚାସନ ଓ ପ୍ରତିପତ୍ତି ଲାଭକରିଥିଲା ତାହାର ସଂକ୍ଷେପ ସୂଚନା ଏ ପ୍ରବନ୍ଧରେ ଦିଆଯିବ । ବ୍ୟାସଦେବଙ୍କ ପ୍ରଣୀତ ମୂଳ ସଂସ୍କୃତ ଗ୍ରନ୍ଥମାନ ଯାହା କି ବମ୍ବେଇ ଓ ମାନ୍ଦ୍ରାଜର କୁମ୍ଭକୋଣଠାରୁ ପ୍ରାପ୍ତହୋଇ ମୁଦ୍ରିତ ହୋଇଥିଲା ତାହା ଉପରେ ନିର୍ଭର କରାଯାଉଅଛି । ବିଭିନ୍ନ ପ୍ରାଦେଶିକ ଭାଷାରେ ଯେଉଁ ସବୁ ଅନୁବାଦମାନ ହୋଇଅଛି ତାହା ଅବିକଳ ଠିକ ନୁହେଁ । ସେଥିରେ ପ୍ରାଦେଶିକ ଅନୁବାଦକମାନଙ୍କର କେତେକ ମନଗଢ଼ା କଥା ଅଛି ଓ ସେମାନେ ନିଜ ନିଜ ପ୍ରଦେଶର କେତେକ ଅତିରିକ୍ତ ଚିତ୍ର ପ୍ରଦାନ କରିଅଛନ୍ତି । ଅତଏବ ଏହି ପ୍ରବନ୍ଧଗତ ବିଷୟମାନଙ୍କର ଯେଉଁମାନେ ଆଲୋଚନା କରିବାକୁ ଇଚ୍ଛାକରନ୍ତି ସେମାନଙ୍କୁ ପୂର୍ବୋକ୍ତ ମୂଳ ସଂସ୍କୃତ ମହାଭାରତ ପ୍ରତି ଦୃଷ୍ଟି ନିକ୍ଷେପ କରିବା ସକାଶେ ଅନୁରୋଧ କରାଯାଉଅଛି ।

ସର୍ବପ୍ରଥମେ ମହାଭାରତୀୟ ଯୁଗର କଳିଙ୍ଗର ଭୌଗୋଳିକ ସୀମା ନିର୍ଣ୍ଣୟ କରିବା ଆବଶ୍ୟକ । ଏ ସମ୍ବନ୍ଧରେ ଆମ୍ଭେମାନେ ବନପର୍ବରେ ସବିଶେଷ ବିବରଣ ପାଉଁ । ପାଣ୍ଡବମାନେ ବନବାସ ସମୟରେ ଉତ୍ତର ପୂର୍ବାଞ୍ଚଳମାନ ପରିଭ୍ରମଣ କରି ଭାଗୀରଥୀ ମୁହାଣସ୍ଥ ଗଙ୍ଗାସାଗରରେ ପ୍ରବେଶ କଲେ । ସେଠାରୁ

Digitized by srujanika@gmail.com

ଲୋମଶ ମୁନି ପାଣ୍ଡବମାନଙ୍କୁ ଦକ୍ଷିଣାଞ୍ଚଳର ବର୍ଣ୍ଣନା ଦେଇଥିଲେ । ତାଙ୍କ ମତରେ ଗଙ୍ଗାସାଗର ମୁହାଁଣଠାରୁ କଳିଙ୍ଗ ରାଜ୍ୟ ଦକ୍ଷିଣଦିଗକୁ ବିସ୍ତାରିତ ହୋଇଥିଲା, ଓ ଗଞ୍ଜାମଜିଲ୍ଲାର ମହେନ୍ଦ୍ର ପର୍ବତ କଳିଙ୍ଗର ଦକ୍ଷିଣସୀମା ଥିଲା । ବୈତରଣୀ ନଦୀ ଏହି ରାଜ୍ୟର ମଧ୍ୟସୀମାରେ ପ୍ରବାହିତ । ମହାଭାରତମତେ ଉତ୍କଳ ଓ ଉଡ୍ର ସମୁଦ୍ର ତଟବର୍ତ୍ତୀ କୌଣସି ସ୍ଥାନ ନ ଥିଲା । ଏହି ଦୁଇଟି ସ୍ଥାନ କେବଳ ଦୁଇଟି ପ୍ରଧାନ ଗୋଷ୍ଠୀର ବାସସ୍ଥାନ ଥିଲା ଓ ଆଧୁନିକ ଓଡ଼ିଶାର ପାର୍ବତ୍ୟ ଅଞ୍ଚଳ ଛୋଟନାଗପୁର ଓ ମଧ୍ୟ ପ୍ରଦେଶର କେତେକ ଅଞ୍ଚଳରେ ଉତ୍କଳ ଓ ଉଡ୍ର ଜାତିଦ୍ୱୟ ବିକ୍ଷିପ୍ତ ଭାବରେ ପଡ଼ିରହିଥିଲେ । ଯେତେଦୂର ସମ୍ଭବ—ଉତ୍କଳ ଓ ଉଡ୍ରମାନେ କଳିଙ୍ଗ ରାଜାମାନଙ୍କର ପାର୍ବତୀୟ ପ୍ରଜା ବିଶେଷ ବା ମିତ୍ରବିଶେଷ ଥିଲେ ଓ ସୁବିଧାନୁସାରେ ବିପକ୍ଷ ଭାବରେ ରହିବାକୁ ମଧ୍ୟ କୁଣ୍ଠିତ ହେଉ ନ ଥିଲେ । ଅତଏବ ଆଧୁନିକ ଓଡ଼ିଆଶ୍ରେଣୀ ପ୍ରଦେଶର ଉତ୍କଳାଂଶମାନ ତତ୍କାଳୀନ କଳିଙ୍ଗ ନାମରେ ଅଭିହିତ ହେଉଥିଲା । ଅତଏବ ଆଧୁନିକ ଓଡ଼ିଆଜାତିର ସେମାନଙ୍କ ପୂର୍ବ ଅଧିବାସୀମାନଙ୍କର କାର୍ଯ୍ୟ କଳାପରେ ଗର୍ବିତ ହେବାର ଯଥେଷ୍ଟ କାରଣ ଅଛି ।

ମହାଭାରତ ବିବରଣରୁ ମଧ୍ୟ ଅନୁମିତ ହୁଏ ଯେ କଳିଙ୍ଗ ପ୍ରଥମେ ଅନାର୍ଯ୍ୟବସତି ଥିଲା, ଓ ଆର୍ଯ୍ୟମାନେ ପ୍ରଥମେ ଉତ୍ତର ଭାରତରେ ବସତି ସ୍ଥାପନକରି କ୍ରମେ୨ ପୂର୍ବ ଓ ଦକ୍ଷିଣ ଅଞ୍ଚଳକୁ ମାଡ଼ିଆସିଲେ । ଏହା ଯେତେବେଳେ ଅନାର୍ଯ୍ୟଭୂମି ଥିଲା ତେତେବେଳେ ଆର୍ଯ୍ୟମାନେ କଳିଙ୍ଗକୁ ଘୃଣାଚକ୍ଷୁରେ ଦେଖୁଥିଲେ ଓ ଆର୍ଯ୍ୟବସତି ସଙ୍ଗେ୨ ଏହା ଆର୍ଯ୍ୟମାନଙ୍କ ଚକ୍ଷୁରେ ପୁଣ୍ୟଭୂମି ରୂପେ ପରିଗଣିତ ହେଲା । ଏଣୁ କଳିଙ୍ଗ କିପରି ଆର୍ଯ୍ୟ ସଭ୍ୟତାରେ ପ୍ରଭାବିତ ହେଲା ତା'ର ମଧ୍ୟ ବିବରଣ ଆମ୍ଭେମାନେ ମହାଭାରତରୁ ପାଉଁ ।

ଭିନ୍ନ ଭିନ୍ନ ପର୍ବମାନଙ୍କରେ କଳିଙ୍ଗର ଯେଉଁ ପ୍ରସଙ୍ଗରେ ଯେଉଁଠାରେ ଉଲ୍ଲେଖ ଅଛି ସେ ଗୁଡ଼ିକ ଧାରାବାହିକ ଭାବରେ ଦିଆଯିବ । ଯେଉଁଠାରେ ଯେଉଁ ମନ୍ତବ୍ୟ ଓ ଅଲୋଚନାର ମଧ୍ୟ ଅବଶ୍ୟକ ତାହା ମଧ୍ୟ ସଙ୍ଗେ୨ ଦିଆହେବ । ପ୍ରତି ପର୍ବର ଉପପର୍ବ ଓ ସଂସ୍କୃତ ଶ୍ଳୋକର ସଂଖ୍ୟା ଦେଇପାରିଥିଲେ ବିଷୟଗୁଡ଼ିକ ସମ୍ୟକ୍ ବୋଧଗମ୍ୟ ହୋଇପାରିଥାନ୍ତା କିନ୍ତୁ ନାନା ଅସୁବିଧାରୁ ତାହା ହୋଇପାରିଲା ନାହିଁ ।

### ଆଦିପର୍ବ—

ସର୍ବପ୍ରଥମେ ଆଦିପର୍ବରେ ବିବୃତ ଅଛି ଯେ—କ୍ରୋଧବଶ ନାମକ ଅସୁର ବଂଶରେ ଅନେକ ଶୌର୍ଯ୍ୟ ବୀର୍ଯ୍ୟବାନ୍ ଭାରତୀୟ ରାଜା ଜନ୍ମଗ୍ରହଣ କରିଥିଲେ । ସେଥିମଧ୍ୟରୁ କଳିଙ୍ଗରାଜା ଏକଜଣ । ଏପରି ଲେଖିବାର ତାତ୍ପର୍ଯ୍ୟ ଏହି ଯେ—ପ୍ରାଚୀନ ମୁନିଋଷିମାନେ ଯେତେବେଳେ ଅନାର୍ଯ୍ୟମାନଙ୍କ ମଧ୍ୟରେ ଆସି ପ୍ରବେଶ କରନ୍ତି ତେତେବେଳେ ପାର୍ବତ୍ୟ ଓ ଅନାର୍ଯ୍ୟ ଲୋକେ ସେମାନଙ୍କର ତପସ୍ୟାଭଙ୍ଗ କରୁଥିଲେ ଏ ସେମାନଙ୍କ ନିକଟରେ ଦସ୍ୟୁବୃତ୍ତି ଅବଲମ୍ବନ କରି ଦୁର୍ଦ୍ଦାନ୍ତ କାର୍ଯ୍ୟମାନ କରୁଥିଲେ । ଏହି ହେତୁରୁ ସେମାନେ ତତ୍କାଳୀନ ଅନାର୍ଯ୍ୟମାନଙ୍କୁ ଅସୁର ଆଖ୍ୟା ଦେଇଥିଲେ । ସୁର ଓ ଅସୁର ଦୁଇଜଣ ଏକରକ୍ତରୁ ଜନ୍ମ । ଦିତି ଓ ଅଦିତି ଦୁଇ ଭଗ୍ନୀ ଥିଲେ । କିନ୍ତୁ କାର୍ଯ୍ୟକଳାପ ଭେଦରୁ ସର୍ବଦା ସୁର ଅସୁର ମଧ୍ୟରେ ଯୁଦ୍ଧ ଲାଗୁଥିଲା । ଏହେତୁ ଅନାର୍ଯ୍ୟମାନଙ୍କୁ ଅସୁର ବୋଲି ଆଖ୍ୟା ଦିଆହୋଇଥିଲା । ଏହି ବିବରଣରୁ ସ୍ପଷ୍ଟ ପ୍ରତିପନ୍ନ ହୁଏ ଯେ ଆର୍ଯ୍ୟଙ୍କ ଆଗମନ ପୂର୍ବରୁ ଭାରତୀୟ ଅନ୍ୟାନ୍ୟ ପ୍ରଦେଶମାନଙ୍କ ପରି କଳିଙ୍ଗରେ ଅନାର୍ଯ୍ୟମାନେ ବସବାସ କରୁଥିଲେ ।

ଆଦିପର୍ବର ଅନ୍ୟ ଏକସ୍ଥଳରେ କଳିଙ୍ଗରାଜ୍ୟ ପ୍ରଥମ ଆର୍ଯ୍ୟରାଜାଙ୍କର କିପରି ସ୍ଥାପିତହେଲା, ତାର ବିବରଣ ଅଛି । ଯେତେବେଳେ ଜାମଦଗ୍ନ୍ୟ ପର୍ଶୁରାମ ପୃଥିବୀକୁ ଏକବିଂଶବାର ନିଃକ୍ଷତ୍ରିୟ କଲେ ଅର୍ଥାତ୍ ଯେତେବେଳେ ବ୍ରାହ୍ମଣ ଶକ୍ତି ଭାରତୀୟ କ୍ଷତ୍ରିୟ ଶକ୍ତିକୁ ପରାସ୍ତ କଲା ଓ କ୍ଷତ୍ରିୟ ରାଜବଂଶ ଲୋପ ପାଇଲା ତେତେବେଳେ କ୍ଷତ୍ରିୟ ରମଣୀମାନେ ବେଦାଧ୍ୟାୟୀ ବ୍ରାହ୍ମଣମାନଙ୍କ ଔରସରେ ସନ୍ତାନ ଉତ୍ପାଦନ କରାଇଲେ । ଏହିପରି ଭାବରେ କାମ ଉଦ୍ଦେଶ୍ୟରେ ନୁହେଁ କିନ୍ତୁ ରାଜନୈତିକ ଅଭିପ୍ରାୟରୁ ନୂତନ ଏକ କ୍ଷତ୍ରିୟ ଜାତିର ଉତ୍ପତ୍ତିହେଲା । କଳିଙ୍ଗର ପ୍ରଥମ ଆର୍ଯ୍ୟରାଜା ମଧ୍ୟ କ୍ଷତ୍ରିୟ ରମଣୀ ଗର୍ଭରୁ ବ୍ରାହ୍ମଣ ଔରସରେ ଜନ୍ମ । ଉତଥ୍ୟ ଋଷିଙ୍କର ମମତା ନାମ୍ନୀ ସ୍ତ୍ରୀ ଥିଲା ।

Digitized by srujanika@gmail.com

ସେ ନିଜ ସ୍ୱାମୀଙ୍କ ଔରସରେ ଗର୍ଭବତୀ ହେବା ପରେ ନିଜର ଦେବର ବୃହସ୍ପତି ତାଙ୍କ ପ୍ରତି ଆକୃଷ୍ଟ ହେଲେ । ବୃହସ୍ପତି ନିଜର କାମପ୍ରବୃତ୍ତି ଚରିତାର୍ଥ କରିବାରେ ବିଫଳ ମନୋରଥ ହୋଇ ମମତାଙ୍କୁ ଏକ ଅନ୍ଧପୁତ୍ର ପ୍ରସବ କରିବା ପାଇଁ ଅଭିଶାପ ଦେଲେ । ସେହି ଅଭିଶାପ ଫଳରେ ଦୀର୍ଘତମସ ଋଷି ଜନ୍ମହେଲେ । ସେ ଜନ୍ମାନ୍ଧ ଥିଲେ । ସେ ନିଜ ବିଦ୍ୟା ଓ ଜ୍ଞାନ ବଳରେ ପ୍ରଦ୍ୱେଷୀ ନାମ୍ନୀ ବ୍ରାହ୍ମଣ କନ୍ୟାର ପାଣି ଗ୍ରହଣକଲେ । ସେମାନଙ୍କର ଗୌତମ ଆଦି ପୁତ୍ର ଜନ୍ମହେଲେ । ଦୀର୍ଘତମସ ମୁନି ଅନେକ ପାପ ଓ ଦୁରାଗ୍ରହ କାର୍ଯ୍ୟରେ ଲିପ୍ତ ହେବାରୁ ପ୍ରଦ୍ୱେଷୀ ତାଙ୍କୁ ତ୍ୟାଗକଲେ । ଶେଷରେ ଦାମ୍ପତ୍ୟ କଳହ ହେବାରୁ ଦୀର୍ଘତମସ କହିଲେ "ଆଜିଠାରୁ ଏହି ନିୟମ ହେଲା ଯେ ପ୍ରତ୍ୟେକ ସ୍ତ୍ରୀର ଗୋଟିଏ ମାତ୍ର ସ୍ୱାମୀ ହେବ । କିନ୍ତୁ ଯେଉଁ ସ୍ତ୍ରୀର ସ୍ୱାମୀ ନଥିବ ବା ବହୁସ୍ୱାମୀ ଥିବେ ସେ ପତିତାରୂପେ ଗଣ୍ୟହେବ" । ପ୍ରଦ୍ୱେଷୀ ରାଗାନ୍ୱିତା ହୋଇ ନିଜପୁତ୍ରମାନଙ୍କୁ କହିଲେ "ତମ ପିତାଙ୍କୁ ଗଙ୍ଗା ନଦୀରେ ଭସାଇଦିଅ ।" ସେମାନେ ତାହା କରିବାରୁ ଅନ୍ଧ ଦୀର୍ଘତମସ ଗଙ୍ଗାନଦୀରେ ଭାସି ଭାସି ଧର୍ମପରାୟଣ ବଳୀରାଜାଙ୍କ ଦୃଷ୍ଟି ପଥାରୂଢ଼ ହେଲେ । ଏ ବଳିପାତାଳର ରାଜା ଦାନୀ ବଳିଠାରୁ ଭିନ୍ନ । ଏ ଆଧୁନିକ ଉତ୍ତର ବିହାରର ଏକ ରାଜାଥିଲେ । ବଳିରାଜା ତାଙ୍କୁ କହିଲେ ମୋର ସ୍ତ୍ରୀ ସୁଦେଷ୍ଣାର ଗର୍ଭରେ ତୁମ୍ଭର ଔରସରେ ପୁତ୍ର ଜନ୍ମହେବା ମୁଁ ବାଞ୍ଛାକରେ । ତା'ର ଫଳରେ ସୁଦେଷ୍ଣାଙ୍କ ଗର୍ଭରେ ଅଙ୍ଗ ବଙ୍ଗ, କଳିଙ୍ଗ, ପୁଣ୍ଡ୍ର ଓ ସୁହ୍ମ ଆଦି ପଞ୍ଚପୁତ୍ର ଜନ୍ମହେଲେ । ସେମାନେ ଯଥାକ୍ରମେ ପାଞ୍ଚଗୋଟି ରାଜ୍ୟର ରାଜାହେଲେ । ଏହି ପାଞ୍ଚଦେଶର ରାଜା ଏକଜାତୀୟ । ସେମାନେ କ୍ଷତ୍ରିୟା ଗର୍ଭରୁ ବ୍ରାହ୍ମଣ ମୁନିଙ୍କର ଔରସରେ ଜାତ; ଏହି ବିବରଣରୁ ଆମ୍ଭେମାନେ ତତ୍କାଳୀନ ସାମାଜିକ କେତେକ ବିଷୟର ଆଭାସ ପାଉଅଛୁଁ । ଦାମ୍ପତ୍ୟ ଜୀବନରେ ମଧ୍ୟ ଅନେକ ବ୍ୟତିକ୍ରମ ଦେଖୁଅଛୁଁ; ଆଜିକାଲି ଯେଉଁ କଥାକୁ ଆମ୍ଭେମାନେ ପାପ ଓ ବ୍ୟଭିଚାର ବୋଲି ଗ୍ରହଣ କରୁଅଛୁଁ ସେ କାଳେ ସମାଜରେ ତାହା ସବୁ ଚଳନୀୟ ଥିଲା । ଜ୍ଞାନବାନ୍ ଓ ବୀର୍ଯ୍ୟବାନ୍ ପୁତ୍ର ପ୍ରସବ କରିବା ଉଦ୍ଦେଶ୍ୟରେ ଅନ୍ତର୍ବିବାହ ଓ ନିୟୋଗ ପ୍ରଥାନୁସାରେ ପୁତ୍ର ପ୍ରସବ ଗର୍ହିତକାର୍ଯ୍ୟ ବୋଲି ବିବେଚିତ ହେଉ ନ ଥିଲା । ଆମ୍ଭମାନଙ୍କ କଳିଙ୍ଗର ଆଦି ଆର୍ଯ୍ୟ ରାଜା ଯେ ଅନ୍ତର୍ବିବାହ ଓ ନିୟୋଗ ପ୍ରଥାର ପ୍ରସୂତ, ଏକଥା ଆମ୍ଭମାନଙ୍କୁ ସର୍ବଦା ମନରେ ରଖିବାକୁ ହେବ । ଏପରି ପ୍ରଥା ସେ କାଳରେ ରାଜନୀତି ଆବଶ୍ୟକ କରୁଥିଲା, ସମାଜନୀତି ଅନୁମୋଦନ କରୁଥିଲା ଓ ହିନ୍ଦୁ ସଂହିତାମାନ ଏହି ପ୍ରଥାକୁ ଧର୍ମଶାସ୍ତ୍ର ଅନୁମୋଦିତ ବୋଲି ଲିପିବଦ୍ଧ କରାଇଅଛନ୍ତି । ଅତଏବ ଆମ୍ଭେମାନେ ଦେଖୁଅଛୁଁ ଯେ ଏହି ଅନ୍ତର୍ବିବାହ ଓ ନିୟୋଗ ବଳରେ ଯେଉଁ ବୀର୍ଯ୍ୟବାନ୍ ପୁତ୍ରମାନେ ଜନ୍ମ ହୋଇଥିଲେ ସେମାନେ ଦିଗ୍‌ବିଜୟ କରି ଅନାର୍ଯ୍ୟମାନଙ୍କୁ ପରାସ୍ତ କରି ଆର୍ଯ୍ୟସଭ୍ୟତା ବିସ୍ତାର କଲେ । ଏହି ପଞ୍ଚପୁତ୍ରଙ୍କ ମଧ୍ୟରେ କଳିଙ୍ଗ ସର୍ବାପେକ୍ଷା ଦକ୍ଷିଣ ଦିଗକୁ ରାଜ୍ୟ ବିସ୍ତାର କରିଥିଲେ । ତାଙ୍କ ରାଜ୍ୟର ବିସ୍ତୃତି ସମସ୍ତଙ୍କ ଅପେକ୍ଷା ବେଶି ଥିଲା । ଏତ ଗଲା କଳିଙ୍ଗର ଆର୍ଯ୍ୟ ବସତିର ପ୍ରାରମ୍ଭ ବର୍ତ୍ତମାନ୍ ଦେଖାଯାଉ ମହାଭାରତ ଘଟନାମାନଙ୍କ ସମୟରେ କଳିଙ୍ଗର ଅବସ୍ଥା କ'ଣ ଥିଲା ।

ଆଦିପର୍ବର ସ୍ୱୟମ୍ବର ଉପପର୍ବରୁ ଆମ୍ଭେମାନେ ଅବଗତ ହେଉଁ ଯେ ଦ୍ରୌପଦୀଙ୍କ ସ୍ୱୟମ୍ବର ଉପଲକ୍ଷରେ କର୍ଣ୍ଣ, ଦୁର୍ଯୋଧନ, ଶଲ୍ୟ, ଅଶ୍ୱତ୍ଥାମା, କ୍ରଥବକ୍ର, କଳିଙ୍ଗରାଜା ବଙ୍ଗ, ପାଣ୍ଡ୍ୟ, ପୁଣ୍ଡ୍ର, ବିଦେହ ପ୍ରଭୃତିର ରାଜାମାନେ ନିମନ୍ତ୍ରିତ ହୋଇ ମତ୍ସ୍ୟ ଆଖିକୁ ଶରଭେଦ କରିବାକୁ ଯାଇଥିଲେ । କଳିଙ୍ଗରାଜା ଯେ ପୂର୍ବୋକ୍ତ ରାଜାମାନଙ୍କ ସଙ୍ଗେ ବୀର୍ଯ୍ୟ ଓ ପରାକ୍ରମରେ ସମକକ୍ଷ ଥିଲେ ତହିଁର ଯଥେଷ୍ଟ ସୂଚନା ଏଥିରୁ ମିଳୁଅଛି ।

ଆଦିପର୍ବର ଅର୍ଜ୍ଜୁନ ବନବାସପର୍ବ ପାଠକମାନଙ୍କୁ ବିଦିତ ଥିବ । ସେ ଅଭିଶପ୍ତ ହୋଇ ଏକଦା ଏକାକୀ ବନବାସ କରିଥିଲେ । ସେ ପୂର୍ବାଞ୍ଚଳକୁ ଯାଇ ଗଙ୍ଗା ପାର ହୋଇ ଅଙ୍ଗ, ବଙ୍ଗ ଓ କଳିଙ୍ଗ ଦେଶର ପୁଣ୍ୟ ସ୍ଥାନମାନ ପରିଦର୍ଶନ କରିଥିଲେ ୮୦୮ ଅନେକ ପ୍ରଶସ୍ତିଗୀତମାନ କରି କଳିଙ୍ଗ ରାଜ୍ୟର ରାଜଧାନୀ ମଧ୍ୟକୁ ପ୍ରବେଶ କଲେ । ଅନେକ ବ୍ରାହ୍ମଣ ତାଙ୍କୁ ତୀର୍ଥ ସ୍ଥାନମାନଙ୍କରେ ଅନୁଧାବନ କରୁଥିଲେ । ସେ ସେମାନଙ୍କୁ ସେଠାରେ ବିଦାୟଦେଇ ସମୁଦ୍ର ଅଭିମୁଖରେ ଗମନ କଲେ ।



Digitized by srujanika@gmail.com

କଳିଙ୍ଗ ରାଜ୍ୟ ପାରହୋଇ ତଦସ୍ଥିତ ସମଗ୍ର ତୀର୍ଥ ଓ ସମୃଦ୍ଧିଶାଳୀ ପ୍ରାସାଦବିଶିଷ୍ଟ ନଗରମାନଙ୍କ ମଧ୍ୟ ଦେଇ ମୁନିଋଷି ପରିବେଷ୍ଟିତ ମହେନ୍ଦ୍ର ପର୍ବତ ଅତିକ୍ରମ କରି ସମୁଦ୍ର ତଟେ ତଟେ ମଣିପୁର ରାଜ୍ୟକୁ ଗଲେ । ଏହି ବର୍ଣ୍ଣନାରୁ ଅମ୍ଭେମାନେ ଦେଖି ପାରୁଅଛୁଁ ଯେ ଅର୍ଜୁନଙ୍କ ବନବାସ ସମୟକୁ କଳିଙ୍ଗରେ ଆର୍ଯ୍ୟ ସଭ୍ୟତା ବିଶେଷରୂପେ ବ୍ୟାପି ଯାଇଥିଲା । ତୀର୍ଥ ଓ ନଗର ସଂଖ୍ୟା ମଧ୍ୟ ବୃଦ୍ଧିପ୍ରାପ୍ତ ହୋଇଥିଲା ଓ ମହେନ୍ଦ୍ର ପର୍ବତ ଧର୍ମ ଚର୍ଚ୍ଚାର ଏକ ପୀଠସ୍ଥାନ ଥିଲା । ଭାରତ ଭ୍ରମଣ ନିମିତ୍ତ କଳିଙ୍ଗର କେତେ ଆଦର ଓ ମର୍ଯ୍ୟାଦା ଥିଲା ଏବଂ କଳିଙ୍ଗର ତୀର୍ଥ ନଗର ଓ ମହେନ୍ଦ୍ର ପର୍ବତର କେତେ ଆଦର ଥିଲା ତାହା ସହଜରେ ଅନୁମେୟ ।

## ସଭାପର୍ବ

ଯୁଧିଷ୍ଠିରଙ୍କର ଅଭିଷେକ ହେବା ସମୟରେ ଯେଉଁ ଦରବାର ହସ୍ତିନାପୁରରେ ହୋଇଥିଲା ସେଠାରେ ନାନା-ଦେଶରୁ ନାନା ରାଜା ଉପସ୍ଥିତ ହୋଇଥିଲେ । ପାଣ୍ଡବ-ମାନଙ୍କ ସମୀପରେ ନାନାଦେଶାଗତ ଋଷିମାନେ ଉପବେଶନ କରିଥିଲେ । କଳିଙ୍ଗ ରାଜା ଶ୍ରୁତାୟୁଧ ମଧ୍ୟ ନିମନ୍ତ୍ରିତ ହୋଇ ଏକ ଉଚ୍ଚ ଆସନ ଲାଭ କରିଥିଲେ । ଅଭିଷେକ ପୂର୍ବରୁ ପାଣ୍ଡବମାନେ ଭିନ୍ନ ଭିନ୍ନ ଅଞ୍ଚଳକୁ ଭାରତର ସମସ୍ତ ରାଜାମାନଙ୍କୁ ଦିଗ୍ବିଜୟ କରିବା ନିମିତ୍ତ ବାହାରିଥିଲେ । ସହଦେବଙ୍କ ଭାଗରେ ଦକ୍ଷିଣ ପୂର୍ବ ଭାରତ ପଡ଼ିଥିଲା । ସେ ଦକ୍ଷିଣ ପୂର୍ବାଞ୍ଚଳର ରାଜମାନଙ୍କ ମଧ୍ୟରେ କଳିଙ୍ଗ ରାଜାଙ୍କୁ ପରାଜୟ କରି ତାଙ୍କଠାରୁ କର ଗ୍ରହଣ କରିଥିଲେ । ଭାରତରେ ସମସ୍ତ ରାଜା ପରାଜିତ ହେବା ସମୟରେ କଳିଙ୍ଗର ପରାଜୟ କିଛି ଲଜ୍ଜାଜନକ କଥା ନୁହେଁ । ଏହା ସଭାପର୍ବର ଶିଶୁପାଳ ବଧ ଉପପର୍ବରେ ବିବୃତ ଅଛି ଯେ—ରୁକ୍ମିଣୀବିବାହ ସମୟରେ ଯେତେବେଳେ ଭୀଷ୍ମ କୃଷ୍ଣଙ୍କର ବିଶେଷ ପ୍ରଶଂସା କରିଥିଲେ ତେତେବେଳେ ଶିଶୁପାଳ ତାଙ୍କୁ କହିଥିଲେ "ହେ ଭୀଷ୍ମ, ବୃଷସେନ ! ଏକଲବ୍ୟ ଓ କଳିଙ୍ଗର ରଥାରୋହୀ ମହାରାଜା ଥାଉଁ ଥାଉଁ ତୁମ୍ଭେ କିପରି କୃଷ୍ଣକୁ ଏତେ ପ୍ରଶଂସା କରୁଅଛ, ଏହି ଉକ୍ତିରୁ ସୂଚିତ ହେଉଅଛି ଯେ—ଦ୍ୱାରକା ରାଜା କୃଷ୍ଣଙ୍କ ପ୍ରଶଂସା କରାଗଲେ କଳିଙ୍ଗ ରାଜାଙ୍କର କୃତିତ୍ୱକୁ ହେୟ ଜ୍ଞାନ କରାଯାଇଅଛି । କଳିଙ୍ଗ ରାଜା ସେ ସମୟରେ ପ୍ରଧାନ ବୀର୍ଯ୍ୟବାନ୍ ଥିଲେ । ସଭାପର୍ବର ଅନ୍ୟ ଏକ ସ୍ଥଳରେ ମଧ୍ୟ ଉଲ୍ଲେଖ ଅଛି ଯେ—ଯୁଧିଷ୍ଠିରଙ୍କ ଦ୍ୱାରରକ୍ଷକମାନେ କଳିଙ୍ଗ ପ୍ରଜାମାନଙ୍କଠାରୁ କର ଦାବୀ କରୁଥିଲେ । କଳିଙ୍ଗ ସ୍ଥାନ ଏତେ ଉଚ୍ଚ ଥିଲା ଯେ ତାକୁ ପରାଜୟ କରି କର ଗ୍ରହଣ କରିବା ପାଣ୍ଡବମାନଙ୍କ ପକ୍ଷରେ ଏକ ଶ୍ଳାଘାର ବିଷୟ ଥିଲା ।

## ବନପର୍ବ

ଏହି ପର୍ବରେ ବୈତରଣୀ ନଦୀ ଓ ମହେନ୍ଦ୍ର ପର୍ବତର ମାହାତ୍ମ୍ୟ ବର୍ଣ୍ଣିତ ଅଛି । ଗଙ୍ଗା ପାର ହୋଇ ବୈତରଣୀକୁ ଗଲେ ସେଠାରେ ପାପକ୍ଷୟ ହୁଏ । ମହେନ୍ଦ୍ର ପର୍ବତ ଜାମ-ଦଗ୍ନ୍ୟ ପରଶୁରାମଙ୍କ ତପସ୍ୟା—କ୍ଷେତ୍ର ହେତୁ ପବିତ୍ର । ସେଠାରେ ରାମତୀର୍ଥରେ ସ୍ନାନ କଲେ ଅଶ୍ୱମେଧଯଜ୍ଞର ଫଳପ୍ରାପ୍ତି ହୁଏ । ସେହିଠାରେ ବ୍ରହ୍ମା ମଧ୍ୟ ଯଜ୍ଞ କରିଥିଲେ । କଳିଙ୍ଗର ଏହି ଦୁଇଟି ତୀର୍ଥର ଭୂରି ଭୂରି ଉଲ୍ଲେଖ ଅମ୍ଭେମାନେ ମହାଭାରତରେ ଦେଖିବାକୁ ପାଉଁ । ବୈତରଣୀ କୂଳ ଓ ମହେନ୍ଦ୍ର ପର୍ବତ ଭାରତବର୍ଷରେ ତତ୍କାଳୀନ ଧର୍ମଚର୍ଚ୍ଚାର ପ୍ରଧାନ ପୀଠ ଥିଲା; ଏଥିରେ ସନ୍ଦେହ ନାହିଁ । ଏହି ପର୍ବତରେ ବୈଶମ୍ପାୟନ, ଜନ୍ମେଜୟ ରାଜାଙ୍କୁ କହୁଅଛନ୍ତି—ଦ୍ୟୂତକ୍ରୀଡ଼ାରେ ପରାଜିତ ହୋଇ ପାଣ୍ଡବମାନେ ଯେତେବେଳେ ଦ୍ୱାଦଶବର୍ଷ ବନବାସରେ ବାହାରିଲେ ତେତେବେଳେ ସେମାନେ ଭାରତର ଅନେକ ଅଞ୍ଚଳ ପରିଭ୍ରମଣ କରି ଗଙ୍ଗାସାଗର ମୁହାଣ ନିକଟରେ ପ୍ରବିଷ୍ଟ ହୋଇ ସେଠାରେ ତୀର୍ଥବାରିରେ ସ୍ନାନକଲେ । ସେହିଠାରେ ଲୋମଶ ମୁନି ଯୁଧିଷ୍ଠିରଙ୍କ ଆହ୍ୱାନ କରି ଗଙ୍ଗାସାଗର ଦକ୍ଷିଣସ୍ଥ କଳିଙ୍ଗ ରାଜ୍ୟର ବିବରଣ ସେମାନଙ୍କୁ ଦେଉଅଛନ୍ତି ।

ଲୋମଶ କହିଲେ—ହେ କୁନ୍ତୀପୁତ୍ର ! ଏହି କଳିଙ୍ଗ ଦେଶ ପଡ଼ିଲା । ଏହାମଧ୍ୟରେ ପବିତ୍ର ବୈତରଣୀ ନଦୀ ପ୍ରବାହିତ । ଏହାରି କୂଳରେ ଧର୍ମ ଯଜ୍ଞ କରିଥିଲେ । ଏହାରି ଉତ୍ତର କୂଳରେ ଋଷିମାନେ ବାସ କରନ୍ତି, ବ୍ରାହ୍ମଣମାନେ ଯଜ୍ଞ କରନ୍ତି, ଏହିପରି ପଥରେ ପୁଣ୍ୟାତ୍ମାମାନେ ସ୍ୱର୍ଗକୁ ଗମନ କରନ୍ତି । "ଶିବ ଏହିଠାରେ ଯଜ୍ଞ ପଶୁକୁ ଧରିଥିଲେ ଓ ଦେବତାମାନେ

Digitized by srujanika@gmail.com

ତାଙ୍କୁ ସନ୍ତୁଷ୍ଟ କରିବାକୁ ଚେଷ୍ଟା କରିବାରୁ ସେ ପଶୁକୁ ଛାଡ଼ିଦେଇ ଦେବଦଳିତ ପଥରେ ସ୍ୱର୍ଗକୁ ଗମନକଲେ।” ଲୋମଶ ଏହା କହିସାରିବା ପରେ ପାଣ୍ଡବମାନେ ଦ୍ରୌପଦୀ-ସହ ବୈତରଣୀରେ ପିଣ୍ଡଦାନ କଲେ ସେ ସେମାନଙ୍କୁ ଯଜ୍ଞବେଦୀ ଦେଖାଇ ଦେଲେ । ବ୍ରହ୍ମା କଶ୍ୟପ ଋଷିଙ୍କୁ ଏସବୁ ସ୍ଥାନ ଦକ୍ଷିଣାସ୍ୱରୂପ ଦେଇଥିଲେ ଯେଉଁ ସ୍ଥାନରେ ବିଶ୍ୱାମିତ୍ର ଯଜ୍ଞ ସମାପନ କରିଥିଲେ ତାହାମଧ୍ୟ ସେମାନେ ଦେଖିଲେ । ତତ୍ପରେ ଲୋମଶ କହିଲେ “ହେ ରାଜା ଏହି ବେଦୀ ସମୁଦ୍ରକୂଳପର୍ଯ୍ୟନ୍ତ, ବସ୍ତୁତ ଏହିଠାରେ ଈଶ୍ୱର ଆରାଧନା କର, ତାହା ନ କରି ଏ ପବିତ୍ର ନଦୀ ଓ ପବିତ୍ର ସମୁଦ୍ରର ଜଳସ୍ପର୍ଶ କରନାହିଁ । ଆରାଧନା ପର ଯୁଧିଷ୍ଠିର ଆଦି ସମୁଦ୍ର କୂଳକୁ ଗଲେ ଓ କୂଳେ କୂଳେ ମହେନ୍ଦ୍ରପର୍ବତ ଅଭିମୁଖରେ ଯାତ୍ରାକଲେ । ମହେନ୍ଦ୍ରରେ ରାତ୍ରି ଯାପନ କରି ତତ୍ରତ୍ୟ ଋଷିମାନଙ୍କୁ ଯଥେଷ୍ଟ ସମ୍ମାନ ପ୍ରଦାନ କଲେ । ଭୃଗୁ, ଅଙ୍ଗିରା, ବଶିଷ୍ଠ, କାଶ୍ୟପ ପ୍ରଭୃତି ଋଷିମାନଙ୍କୁ ଲୋମଶ ଯୁଧିଷ୍ଠିରଙ୍କୁ ଚିହ୍ନାଇ ଦେଲେ । ଯୁଧିଷ୍ଠିର ପର୍ଶୁରାମଙ୍କ ଶିଷ୍ୟ ଅକୃତବର୍ଣ୍ଣଙ୍କୁ ପଚାରିଲେ—“ଋଷିବର ! ଆପଣ କହି ପାରିବେକି ପର୍ଶୁରାମ କେତେବେଳେ ଋଷିମାନଙ୍କୁ ଦେଖା ଦେବେ ! ମୁଁ ଟିକିଏ ଭୃଗୁପୁତ୍ରଙ୍କୁ ଦେଖିବାକୁ ଇଚ୍ଛାକରେ” । ତହୁଁ ଅକୃତବର୍ଣ୍ଣ କହିଲେ “ତମକୁ ଜାମଦଗ୍ନ୍ୟ ପର୍ଶୁରାମ ଜାଣନ୍ତି, ସେ ଆସନ୍ତା ରାତ୍ରିରେ ତୁମ୍ଭଙ୍କୁ ଦେଖାଦେବେ” ଯୁଧିଷ୍ଠିର ଅକୃତବର୍ଣ୍ଣଙ୍କଠାରୁ ବୁଝିଲେ ଯେ ପର୍ଶୁରାମ ହୈହୟବଂଶର କାର୍ତ୍ତବୀର୍ଯ୍ୟାର୍ଜ୍ଜୁନ ଆଦି ସମସ୍ତ କ୍ଷତ୍ରିୟମାନଙ୍କୁ ନିହତକରି ପୃଥିବୀର ଭାର କାଶ୍ୟପଙ୍କୁ କଠକ ସମର୍ପଣ କରି ମହେନ୍ଦ୍ର ପର୍ବତରେ ଘୋରତମ ତପସ୍ୟାରେ ମଗ୍ନ । ପରଦିନ ରାତ୍ରିରେ ପର୍ଶୁରାମଙ୍କୁ ଦେଖି ଯୁଧିଷ୍ଠିର ଓ ପାଣ୍ଡବମାନେ ଦକ୍ଷିଣ ଦିଗକୁଯାଇ ଗୋଦାବରୀ ମୁହାଣରେ ସମୁଦ୍ରସ୍ନାନ କଲେ । କଳିଙ୍ଗର ଓ ତନ୍ମଧ୍ୟସ୍ଥ ବୈତରଣୀ ଓ ମହେନ୍ଦ୍ରର ତତ୍କାଳୀନ ଭାରତରେ କି ସ୍ଥାନ ଥିଲା ତାହାର ଆଲୋଚନା ଚର୍ବିତ ଚର୍ବଣ ପରି ଅନାବଶ୍ୟକ । କେବଳ ଏତିକି କହିଲେ ଚଳେ ଯେ ବୈତରଣୀ ନଦୀର ଉତ୍ତର କୂଳ ତୀର୍ଥଭୂମି ଓ ଯଜ୍ଞଭୂମି ଥିଲା । ବୈତରଣୀର ଉତ୍ତରରେ ଗଙ୍ଗାମୁହାଣ ପର୍ଯ୍ୟନ୍ତ ଯେ କଳିଙ୍ଗର ଉତ୍ତରାଂଶ ବିସ୍ତୃତଥିଲା ଏଥିରୁ ତାହାର ଯଥେଷ୍ଟ ପ୍ରମାଣ ମିଳୁଅଛି । ଯଜ୍ଞଭୂମିର ଅନତିଦୂରରେ ସମୁଦ୍ର ଥିଲା । ସମୁଦ୍ର ଏକକାଳ ଅନେକ ଅପସାରିତ ହୋଇଗଲାଣି ଓ ଯଜ୍ଞଭୂମିର ପୂର୍ବକୁ ଭୂଭାଗର ବୃଦ୍ଧି ହୋଇଅଛି । ସମୁଦ୍ର କୂଳେ କୂଳେ ଗଞ୍ଜାମର ମହେନ୍ଦ୍ର ପର୍ବତ ପର୍ଯ୍ୟନ୍ତ ରାସ୍ତା ଥିଲା । ଭାରତର ପ୍ରଧାନ ଋଷିମାନେ ମହେନ୍ଦ୍ରକୁ ଅନ୍ତିମ କାଳର ଆଶ୍ରୟସ୍ଥାନ ମନେ କରି ଆସୁଥିଲେ । ଗୋଦାବରୀ ନଦୀର ଦକ୍ଷିଣରେ ଦ୍ରାବିଡ଼ ଦେଶ ଥିଲା ।

ଏହି ବନପର୍ବର ଏକସ୍ଥଳରେ ବର୍ଣ୍ଣିତଅଛି ଯେ ଅଙ୍ଗରାଜ କର୍ଣ୍ଣ ବଙ୍ଗ କଳିଙ୍ଗ ମାଣ୍ଡିକ ମିଥିଳା ମଗଧ ପ୍ରଭୃତି ଦେଶ ଅଧିକାର କରିଥିଲେ । କର୍ଣ୍ଣପର୍ବରେ ଏ ବିଷୟର ପୁନର୍ବାର ଉଲ୍ଲେଖ କରାଯିବ ।

### ଉଦ୍ୟୋଗ ପର୍ବ

ବନବାସରୁ ଫେରିଆସିବାପରେ ଯେତେବେଳେ ଦୁର୍ଯ୍ୟୋଧନ କହିଲେ ଯେ “ସେ ବିନାଯୁଦ୍ଧରେ ପାଣ୍ଡବମାନଙ୍କୁ ସୂଚ୍ୟଗ୍ର ପରିମାଣ ଭୂମି ଦେବେ ନାହିଁ” ସେତେବେଳେ କୃଷ୍ଣଙ୍କ ପ୍ରରୋଚନାରେ ଯୁଦ୍ଧର ଉଦ୍ଯୋଗ ହେଲା । ସେତେବେଳେ ଉଭୟପକ୍ଷ ଭାରତର ବିଭିନ୍ନ ଅଞ୍ଚଳର ରାଜାମାନଙ୍କର ସାହାଯ୍ୟ ଲୋଡିଲେ । ପ୍ରଥମ ଅଭିଷେକୋତ୍ସବ ପୂର୍ବରୁ ଯେତେବେଳେ ସହଦେବ ଦିଗ୍ବିଜୟରେ ବାହାରି କଳିଙ୍ଗମାନଙ୍କୁ ଦନ୍ତକୁରଠାରେ ଧନୁଯୁଦ୍ଧରେ ପରାଜୟ କରିଥିଲେ ସେ କଥା ମନେ ପଡ଼ି ଯାଇଥିଲା । ପାଣ୍ଡବମାନେ ଭାବିଲେ ଯେ କଳିଙ୍ଗମାନେ ନିଶ୍ଚୟ ସହଦେବର ଶୌର୍ଯ୍ୟ ଓ ପରାକ୍ରମ ମନେ ରଖିଥିବେ । ଦ୍ରୁପଦ ମଧ୍ୟ ପାଣ୍ଡବମାନଙ୍କୁ ଏହି ପ୍ରସଙ୍ଗରେ କହିଥିଲେ “ଦୁର୍ଯ୍ୟୋଧନ ବିନାଯୁଦ୍ଧରେ କିଛିମାତ୍ର ଦେବେନାହିଁ—ଅତଏବ ଶ୍ରୁତାୟୁ, ଦୃଢ଼ାୟୁ, ପରାକ୍ରମୀ କଳିଙ୍ଗ ରାଜା ଓ ଯୁବରାଜମାନଙ୍କ ନିକଟକୁ ଦୂତ ପଠାଇ ସେମାନଙ୍କ ମତ ବୁଝିବାକୁ ହେବ । କୃଷ୍ଣ ପାଣ୍ଡବ ପକ୍ଷରେ ଥିଲେ । ସଞ୍ଜୟ ତାଙ୍କର ପ୍ରଶଂସା କରିଥିଲେ “କୃଷ୍ଣ ଏକଦା କଳିଙ୍ଗରାଜାଙ୍କୁ ଯୁଦ୍ଧରେ ପରାସ୍ତ କରିଅଛନ୍ତି ଅତଏବ ତାଙ୍କର ପରାକ୍ରମ ଏଥିରୁ ସହଜରେ ଅନୁମେୟ” । ଭୀମର ପରାକ୍ରମକୁ ଲକ୍ଷ୍ୟ କରି ମଧ୍ୟ ସଞ୍ଜୟ କହିଲେ ଯେ “କଳିଙ୍ଗରାଜା ମଧ୍ୟ ଭୀମଦ୍ୱାରା ଏକଦା ପରାହତ” କର୍ଣ୍ଣମଧ୍ୟ ଦୁର୍ଯ୍ୟୋଧନଙ୍କୁ କହିଥିଲେ “ଅବନ୍ତୀରାଜା, କଳିଙ୍ଗରାଜା,

Digitized by srujanika@gmail.com

ଜୟଦ୍ରଥ, ବେଦୀଧ୍ୱଜ ଓ ବହ୍ଲୀକ ରାଜାଙ୍କୁ ସାର୍ଥୀରୂପେ ଦଣ୍ଡାୟମାନ କରାଇ ମୁଁ ଲକ୍ଷଲକ୍ଷ ସହସ୍ର ସହସ୍ର ଶତ୍ରୁସୈନ୍ୟଙ୍କୁ ନିହତ କରିବି” ।

ଏହି ପର୍ବରୁ କଳିଙ୍ଗ ସମ୍ବନ୍ଧରେ ଆମ୍ଭେମାନେ ଏତକ ଅବଗତହେଉଁ ଯେ ପାଣ୍ଡବ ଓ କୌରବ ଉଭୟେ କଳିଙ୍ଗର ସାହାଯ୍ୟ ନେଉଥିଲେ । ବୋଧହୁଏ କର୍ଣ୍ଣଙ୍କର ପ୍ରଭାବ ହେତୁରୁ କଳିଙ୍ଗରାଜା କୌରବମାନଙ୍କ ପକ୍ଷ ଅବଲମ୍ବନ କରିଥିଲେ କିନ୍ତୁ ପାଣ୍ଡବମାନେ କଳିଙ୍ଗମାନଙ୍କ ପରାକ୍ରମକୁ ହେୟ ଜ୍ଞାନ କରି ନଥିଲେ । କେବଳ କୃଷ୍ଣ ଭୀମ ଓ ସହଦେବ ପ୍ରଭୃତି ସେମାନେ ବିଶେଷରେ କଳିଙ୍ଗ-ମାନଙ୍କୁ ପରାସ୍ତ କରିଥିଲେ ଏହି ସାହସରେ ସେମାନେ ଭୟପ୍ରାପ୍ତ ହୋଇ ନ ଥିଲେ ।

ଭୀଷ୍ମପର୍ବ

ଏହି ପର୍ବରେ ଯୁଦ୍ଧସମ୍ବନ୍ଧୀୟ ଅନେକ ବିବରଣ ରହିଅଛି । କେତେକ ବିଷୟର ପୁନରୁକ୍ତି ପାଠକମାନଙ୍କୁ ବିରକ୍ତିଜନକ ହୋଇପାରେ । କଳିଙ୍ଗର ରାଜା ଓ ସୈନ୍ୟଗଣ ମହାଭାରତ ଯୁଦ୍ଧରେ କୌରବମାନଙ୍କ ପକ୍ଷରେ କିପରି ପରାକ୍ରମ ଦେଖାଇଥିଲେ ତାହାର ସବିଶେଷ ବିବରଣ ଏ ପର୍ବରେ ଅଛି । ଯେତେବେଳେ ଭୀମ ଦ୍ରୋଣଙ୍କୁ ତୀକ୍ଷ୍ଣ ଶର ବିଦ୍ଧ କଲେ ସେତେବେଳେ ଦୁର୍ଯ୍ୟୋଧନ ଦ୍ରୋଣଙ୍କ ରକ୍ଷାନିମିତ୍ତ କଳିଙ୍ଗ ରାଜାଙ୍କୁ ବହୁସୈନ୍ୟ ନେଇ ଭୀମଙ୍କ ସଙ୍ଗେ ଯୁଦ୍ଧ କରିବାକୁ ଅନୁରୋଧ କଲେ । ତତ୍ପରେ ଅସଂଖ୍ୟ କଳିଙ୍ଗ ସୈନ୍ୟ ଭୀମଙ୍କ ବିରୁଦ୍ଧରେ ଯୁଦ୍ଧ କଲେ । ଧୃତରାଷ୍ଟ୍ର ସଞ୍ଜୟଙ୍କୁ କଳିଙ୍ଗରାଜାଙ୍କର ଭୀମସଙ୍ଗେ ହୋଇଥିବା ଯୁଦ୍ଧକଥା ପଚାରିବାରୁ ସଞ୍ଜୟ କହିଲେ “ଆପଣଙ୍କ ପୁତ୍ରଙ୍କ ଦ୍ୱାରା ଅନୁରୁଦ୍ଧ ହୋଇ କଳିଙ୍ଗରାଜା ଭୀମ ନିକଟରେ ପ୍ରଧାବିତ ହେଲେ । ସେ ବହୁତ ରଥ, ଅଶ୍ୱ, ଗଜ ଓ ଅସ୍ତ୍ରଶସ୍ତ୍ର ଦ୍ୱାରା ସୁରକ୍ଷିତ ଥିଲେ । କଳିଙ୍ଗ ରାଜା ଶ୍ରୁତାୟୁଧ ଅନେକ ସହସ୍ର ରଥୀ ସଙ୍ଗରେ ନେଇ ଭୀମସେନଙ୍କୁ ଘେରି-ଗଲେ । ଭୀମସେନଙ୍କୁ ସାହାଯ୍ୟ କରିବା ନିମିତ୍ତ ତାଙ୍କ ସଙ୍ଗେ ଚେଦୀ, ମତ୍ସ୍ୟ ଓ କାରୁଷମାନେ ଥିଲେ । ଇନ୍ଦ୍ର ଓ ଦାନବଙ୍କ ମଧ୍ୟରେ ଯେଉଁ ପୌରାଣିକ ଯୁଦ୍ଧର ବର୍ଣ୍ଣନା ଅଛି ଠିକ୍ ସେହିପରି ଭୟଙ୍କର ଯୁଦ୍ଧ ହେଲା । ସମୁଦ୍ରଗର୍ଜନବତ୍ ଶବ୍ଦମାନ ହେଲା । ଯେ ଯାହାକୁ ପାରିଲା ସେ ଅନ୍ୟର ମସ୍ତକ ଛେଦନ କଲା । ରକ୍ତର ନଦୀ ଓ ଶବର ପର୍ବତରେ ରଣକ୍ଷେତ୍ର ଭୟାବହ ଦେଖାଗଲା । ଶତ୍ରୁବଧ କରିବା ଉଦ୍ଦେଶ୍ୟରେ ମତ୍ତହୋଇ ଶତ୍ରୁ ଓ ମିତ୍ର କିଏ କିଛି ଚିହ୍ନି ପାରିଲେ ନାହିଁ । ଅଜେୟ ଯୋଦ୍ଧାମାନେ ନିଜ ମିତ୍ର ପକ୍ଷୀୟ ଅନେକ ରଥୀଙ୍କର ମଧ୍ୟ ମସ୍ତକ ଛେଦନ କଲେ । ଯଥାସାଧ୍ୟ ଚେଷ୍ଟା କରି ସାରିବା ପରେ ଚେଦୀମାନେ ଭୀମସେନଙ୍କୁ ଛାଡ଼ି ଗଲେ । ତେଣୁ ଏକାକୀ ଭୀମସେନଙ୍କର କଳିଙ୍ଗ ରାଜାଙ୍କ ସଙ୍ଗେ ସମ୍ମୁଖ ଯୁଦ୍ଧହେଲା । କଳିଙ୍ଗ ରାଜପୁତ୍ର ଶକ୍ରଦେବ ଭୀମଙ୍କ ଉପରେ ଅସଂଖ୍ୟ ଶର ବୃଷ୍ଟିକଲେ ଓ ତଦ୍ଦ୍ୱାରା ଭୀମଙ୍କର ଅଶ୍ୱମାନଙ୍କୁ ନିହତ କଲେ । ଭୀମଙ୍କୁ ରଥଶୂନ୍ୟ ଦେଖି ଶକ୍ରଦେବ ଭୀମଙ୍କୁ ଆକ୍ରମଣ କଲେ । ଗ୍ରୀଷ୍ମ ଶେଷରେ ବର୍ଷା ଆରମ୍ଭରେ ଯେପରି ମୂଷଳ ଧାରାରେ ବୃଷ୍ଟି ହୁଏ ଶକ୍ରଦେବ ସେହିପରି ଭାବରେ ଭୀମଙ୍କଉପରେ ଶରବୃଷ୍ଟି କଲେ । କିନ୍ତୁ ଭୀମ ଅବିଚଳିତ ହୋଇ ରହିଲେ ଓ ଅବଶେଷରେ ଏକ ଗଦା ନିକ୍ଷେପ କରି କଳିଙ୍ଗ ରାଜପୁତ୍ରଙ୍କୁ ଭୂମିଶାୟୀ କରାଇଲେ । କଳିଙ୍ଗ-ରାଜା ପୁତ୍ରକୁ ନିହତ ଦେଖି ଭୀମଙ୍କ ଚତୁର୍ଦ୍ଦିଗରେ ଅସଂଖ୍ୟ ସୈନ୍ୟ ପରିବେଷ୍ଟିତ କରାଇଲେ । ଭୀମ ଢାଲ ଓ ଖଣ୍ଡା ଧାରଣ କଲେ ଓ କଳିଙ୍ଗରାଜ ରାଗାନ୍ୱିତ ହୋଇ ଏକ ଶକ୍ତିଶାଳୀ ଶର ଭୀମଙ୍କ ନିକଟରେ ନିକ୍ଷେପ କଲେ । ଭୀମ ତାଙ୍କ ଖଡ୍ଗଦ୍ୱାରା ସେ ଶରକୁ ଦ୍ୱିଖଣ୍ଡ କରିଦେଲେ । ତାଙ୍କର ଭୟଙ୍କର ଗର୍ଜ୍ଜନରେ କଳିଙ୍ଗ ସୈନ୍ୟ ଭୟତ୍ରସ୍ତ ହେଲେ । କଳିଙ୍ଗ ରାଜା ଭୀମଙ୍କ ଉପରେ ଚଉଦ ଗୋଟି ପ୍ରସ୍ତର ମୂନବିଶିଷ୍ଟ କାଣ୍ଡ ନିକ୍ଷେପ କଲେ । ତାହାଦ୍ୱାରା ମଧ୍ୟ ବିଶେଷ ଫଳ ହୋଇନାହିଁ । କଳିଙ୍ଗ ରାଜପୁତ୍ର ଭାନୁମନ୍ତ ପୁନର୍ବାର ଅନେକ ଶର ନିକ୍ଷେପ କଲେ । ଭୀମ ହସ୍ତରେ ଖଡ୍ଗ ଧାରଣ କରି ଭାନୁମନ୍ତଙ୍କ ହସ୍ତିର ଦନ୍ତ ଉପରେ ହସ୍ତି ପୃଷ୍ଠକୁ ଆରୂଢ ହୋଇ ଭାନୁମନ୍ତଙ୍କୁ ଖଡ୍ଗରେ ଦ୍ୱିଖଣ୍ଡ କରିଦେଲେ । କଳିଙ୍ଗ ରାଜପୁତ୍ର ପରେ ସେ ହସ୍ତିକୁ ବଧ କଲେ । ତତ୍ପରେ ସେ ଅନେକ ରଥ ଅଶ୍ୱ ଗଜ ଓ ସୈନ୍ୟ ନିହତ କରି କଳିଙ୍ଗ ସୈନ୍ୟଙ୍କୁ ଛାର ଖାର କରି ପକାଇଲେ । ଝଞ୍ଜାବାୟୁ ବିଘୂର୍ଣ୍ଣାୟମାନ ହୋଇ ଯୁଦ୍ଧ ଭୂମିସ୍ଥ ଶବମାନଙ୍କୁ ଇତସ୍ତତଃ କଲା । ପୁନର୍ବାର କଳିଙ୍ଗ ସୈନ୍ୟ ତାଙ୍କୁ ପରିବୃତ ହେବାରୁ ଓ କଳିଙ୍ଗ

Digitized by srujanika@gmail.com

ରାଜାଙ୍କ ଦ୍ୱାରା ପୁନଃ ପୁନଃ ଶରବିଦ୍ଧ ହେବାରୁ ଭୀମ ତାଙ୍କ ଅଭିକୁ ଅଗ୍ରସର ହୋଇ କହିଲେ "ଅପେକ୍ଷା କର" ସେହି ସମୟରେ କଳିଙ୍ଗ ରାଜା ଶ୍ରୁତାୟୁଧ ଶର ଯୁଦ୍ଧର ପରାକାଷ୍ଠା ଦେଖାଇଥିଲେ । ଭୀମ ସେଥିରେ କ୍ରୋଧାନ୍ଧ ହୋଇ କଳିଙ୍ଗ ରାଜାଙ୍କ ପ୍ରତି ଯେଉଁ ଶେଷ ଶର ନିକ୍ଷେପ କଲେ ସେଥିରେ ସେ ଭୂପତିତ ହେଲେ । ଶ୍ରୁତାୟୁଧଙ୍କ ସଙ୍ଗେ ଶଲ୍ୟ ମଧ୍ୟ ନିହତ ହେଲେ । ତହୁଁ କଳିଙ୍ଗ ସୈନ୍ୟମାନେ ଏକବେ ଶତଶତ ଓ ସହସ୍ର ସହସ୍ର ଭୀମଙ୍କୁ ପରିବେଷ୍ଟନ କଲେ । ଭୀମ ତାଙ୍କ ରଥରୁ ଅବରୋହଣ କରି ଛଅଶତ ଅଶ୍ୱ ନିହତ କଲେ । ଅନେକ ସହସ୍ର କଳିଙ୍ଗ ସୈନ୍ୟଙ୍କୁ ନିହତ କରି ହସ୍ତୀମାନଙ୍କୁ ଅରୋହୀଶୂନ୍ୟ କରିଦେଲେ । କଳିଙ୍ଗ ସୈନ୍ୟମାନେ ଏହା ଦେଖି ଚେତନାଶୂନ୍ୟ ହୋଇଗଲେ । ଅନେକ ନିହତ ହେଲେ । ଏହିପରି କଳିଙ୍ଗ ସୈନ୍ୟ ଓ ଭୀମଙ୍କ ମଧ୍ୟରେ ପ୍ରଥମ ଯୁଦ୍ଧ ଶେଷ ହେବାରୁ କଳିଙ୍ଗ ସୈନ୍ୟମାନେ ଇତସ୍ତତଃ ଛତ୍ରଭଙ୍ଗ ଦେଲେ । ପୁନର୍ବାର ଯେତେବେଳେ ସେମାନେ ଏକତ୍ରିତ ହୁଅନ୍ତି—ତତ୍ପରେ ଧୃଷ୍ଟଦ୍ୟୁମ୍ନ, ଶିଖଣ୍ଡି ଓ ଯୁଧିଷ୍ଠିର ସ୍ୱ ସ୍ୱ ସୈନ୍ୟ ଦଳ ସହିତ ଆସି ଭୀମଙ୍କୁ ସାହାଯ୍ୟକଲେ । ତଥାପି ସୁଦ୍ଧା ଅସଂଖ୍ୟ କଳିଙ୍ଗ ସୈନ୍ୟ ଭୀମଙ୍କୁ ଘେରି ରହି ଥିଲେ । ସାତ୍ୟକିଙ୍କୁ ଦୂରରେ ଦେଖି ଧୃଷ୍ଟଦ୍ୟୁମ୍ନ ଓ ବୃକୋଦର ମଧ୍ୟ କଳିଙ୍ଗ ସୈନ୍ୟଙ୍କୁ ଆକ୍ରମଣ କଲେ । କଳିଙ୍ଗ ସୈନ୍ୟଙ୍କ ରକ୍ତରେ ଏକ ରକ୍ତନଦୀ ବୃଦ୍ଧିପ୍ରାପ୍ତ ହେଲା । କଳିଙ୍ଗ ସୈନ୍ୟମାନେ ଚିତ୍କାର କରି କହିଲେ "ଭୀମ ବେଶରେ ଯେ ଯୁଦ୍ଧ କରୁଅଛି ସେ ସ୍ୱୟଂ ଏକ ଯମ" ଏହି ଚିତ୍କାର ଶୁଣି ଶାନ୍ତନୁ ପୁତ୍ର ଭୀଷ୍ମଦେବ ବହୁ ସୈନ୍ୟ ପରିବେଷ୍ଟିତ ହୋଇ ଭୀମସେନଙ୍କ ନିକଟକୁ ଆସିଲେ । ତାହା ଦେଖି ପାଣ୍ଡବ ବୀରମାନେ ତାଙ୍କ ସମୀପବର୍ତ୍ତୀ ହେଲେ । ସାତ୍ୟକି ଭୀଷ୍ମଙ୍କ ରଥଭଙ୍ଗ କରିଦେବାରୁ ତାଙ୍କୁ ଅଶ୍ୱପୃଷ୍ଠରେ ଅନ୍ୟତ୍ର ନିଆ ଯାଇଥିଲା । ଭୀଷ୍ମ ସ୍ଥାନାନ୍ତରିତ ହେବାରୁ ଭୀମ ସମସ୍ତ କଳିଙ୍ଗ ସୈନ୍ୟଙ୍କୁ ନିହତ କଲେ ଓ ସାତ୍ୟକି ଭୀମସେନଙ୍କୁ କହିଲେ "ସୌଭାଗ୍ୟ କ୍ରମେ କଳିଙ୍ଗରାଜା, କଳିଙ୍ଗ ଯୁବରାଜ କେତୁମନ୍ତ ଓ ଶକ୍ରଦେବ ଓ ତୁମ୍ଭଦ୍ୱାରା ବଧହେଲେ ଓ ଅସଂଖ୍ୟ ରଥ, ହସ୍ତୀ ଅଶ୍ୱ ସୈନ୍ୟ ମଧ୍ୟ ଧ୍ୱଂସପ୍ରାପ୍ତ ହେଲେ ।

ଏଥିପରେ ଜମ୍ବୁଦ୍ୱୀପ ବର୍ଣ୍ଣନ ପର୍ବରେ ସମସ୍ତ ଭାରତର ସମସ୍ତ ପ୍ରଦେଶଜାତ ନଦୀ ପର୍ବତ ଆଦିର ବିବରଣ ଦିଆଯାଇଅଛି । ଏଥିରେ ଉତ୍କଳକୁ ମେଖଳ ସଙ୍ଗରେ ଉଲ୍ଲେଖ କରା ଯାଇଅଛି । ସେଥିରୁ ଜଣାଯାଏ ଆଧୁନିକ ଛୋଟନାଗପୁର ଓ ବିଳାସ ପୁର ଜିଲ୍ଲା ଅନ୍ତର୍ଗତ କୌଣସି ସ୍ଥାନ ସେତେବେଳର ଉତ୍କଳ ଥିଲା । ଓଡ୍ରକୁ ମଧ୍ୟ ଏକସ୍ଥାନରେ ଉଲ୍ଲିଖିତ ଥିବାର ଦେଖାଯାଏ । କଳିଙ୍ଗକୁ ତିନିଗୋଟି ବିଭିନ୍ନ ସ୍ଥାନରେ ଦେଖାଯାଏ । ବୋଧହୁଏ କଳିଙ୍ଗ ସେହି ସମୟରୁ ତିନି ଖଣ୍ଡରେ ବିଭକ୍ତ ହୋଇ ତ୍ରି କଳିଙ୍ଗ ନାମରେ ସୂଚନା ଦିଆଉ ଅଛି । ବୈତରଣୀ, ମହେନ୍ଦ୍ର ପର୍ବତ, ଋଷିକୁଲ୍ୟା, ଚନ୍ଦ୍ରଭାଗା ପ୍ରଭୃତିର ନାମ ମଧ୍ୟ ମିଳେ । ଭୀଷ୍ମଦେବଙ୍କ ଯୁଦ୍ଧର ସଂକ୍ଷିପ୍ତ ବିବରଣ ଦେବା ମଧ୍ୟ ଆବଶ୍ୟକ । ସେ ଯେଉଁ ଗରୁଡ଼ବ୍ୟୂହ ରଚନାକରି ସୈନ୍ୟମାନଙ୍କୁ ସଜାଇଥିଲେ ସେ ସେଥିରେ ମଗଧ ଓ କଳିଙ୍ଗ ସୈନ୍ୟମାନଙ୍କୁ ବର୍ମରେ ସଜ୍ଜିତ କରାଇ ବ୍ୟୂହର ଦକ୍ଷିଣପାର୍ଶ୍ୱରେ ରଖିଥିଲେ । ଦୁର୍ଯ୍ୟୋଧନ ମଧ୍ୟ ବହୁ ସଂଖ୍ୟକ କଳିଙ୍ଗ ସୈନ୍ୟପରିବୃତ ହୋଇ ଭୀଷ୍ମଦେବଙ୍କୁ ସମ୍ମୁଖରେ ରଖି ପାଣ୍ଡବମାନଙ୍କୁ ଆକ୍ରମଣ କରିଥିଲେ । ଭୀଷ୍ମଦେବ, ମଦ୍ର, ସୌବୀର, ଗାନ୍ଧାର ବୀରେ ଓ କଳିଙ୍ଗ-ସୈନ୍ୟ ଓ କଳିଙ୍ଗ ରାଜାଙ୍କ ଦ୍ୱାରା ସାହାଯ୍ୟପ୍ରାପ୍ତ ହୋଇ ଭୀଷଣ ଯୁଦ୍ଧ କରିଥିଲେ । ଦ୍ରୋଣ ଯୁଦ୍ଧକୁ ଅଗ୍ରସର ହେବାପରେ ଭଗଦତ୍ତ ମଧ୍ୟ ମଗଧ ଓ କଳିଙ୍ଗ ସାହାଯ୍ୟନେଇ ଯୁଦ୍ଧ କଲେ । ବିଦେହ ଓ କଳିଙ୍ଗ ଗୋଷ୍ଠୀର ପରାକ୍ରମଶାଳୀ ଯୋଦ୍ଧାମାନେ ଅର୍ଜୁନଙ୍କୁ ଆକ୍ରମଣ କରିଥିଲେ । ଭଗବତ୍ ଗୀତା ଉପପର୍ବରେ ମଧ୍ୟ ବର୍ଣ୍ଣିତଅଛି ଯେ ଏକ ଅକ୍ଷୌହିଣୀ ସୈନ୍ୟଙ୍କ ସମ୍ମୁଖବର୍ତ୍ତୀ ହୋଇ ଅନ୍ୟାନ୍ୟ ରାଜା ଓ ସେନାପତିମାନଙ୍କ ସଙ୍ଗରେ କଳିଙ୍ଗ ରାଜା ଦଣ୍ଡାୟମାନ ଥିଲେ । ଅନ୍ୟ ଏକସ୍ଥଳରେ ମଧ୍ୟ ଲିଖିତଅଛି ଯେ ଦୁର୍ଯ୍ୟୋଧନଙ୍କ ସମ୍ମୁଖବର୍ତ୍ତୀ ହୋଇ କଳିଙ୍ଗ ରାଜା ସୌରବ, କାମ୍ବୋଜ ଓ ଶଲ୍ୟଙ୍କ ନିକଟରେ ରଣକ୍ଷେତ୍ରରେ ଦଣ୍ଡାୟମାନ ଥିଲେ । ଷାଠିଏ ସହସ୍ର ରଥ, ଦଶସହସ୍ର ହସ୍ତୀ ସମଭିବ୍ୟାହାରରେ କଳିଙ୍ଗରାଜା, କେତୁମନ୍ତଙ୍କ ସଙ୍ଗେ ନେଇ ରଣଭୂମିକୁ ଅଗ୍ରସର ହୋଇଥିଲେ । ସେଥିରେ କଳିଙ୍ଗର ହାତୀମାନେ ଗୋଟିଏ୨ ପର୍ବତରୂପେ

Digitized by srujanika@gmail.com

ଧାଣ୍ଡୁଥିଲେ କଳିଙ୍ଗ ରାଜା ଅତ୍ୟନ୍ତ ସୁନ୍ଦରଭାବରେ ସୁସଜ୍ଜିତ ଓ ଅଳଂକୃତ ହୋଇଥିଲେ ।

ଏହି ଭୀଷ୍ମ ପର୍ବରୁ କଳିଙ୍ଗର ସୈନ୍ୟମାନଙ୍କ ବୀରତ୍ୱ ଓ କଳିଙ୍ଗ ରାଜାଙ୍କ ସେନାପତିଙ୍କର ବିଶେଷ ପରିଚୟ ମିଳୁଅଛି । ସେମାନେ କୌରବ ପକ୍ଷୀୟ ମିତ୍ରମାନଙ୍କ ମଧ୍ୟରେ ଯେ ଏକପ୍ରକାର ସର୍ବଶ୍ରେଷ୍ଠ ସାହାଯ୍ୟକାରୀ ଥିଲେ ଏଥିରେ ସନ୍ଦେହନାହିଁ । ହସ୍ତୀ ଯୁଦ୍ଧରେ ସମଗ୍ର ଭାରତରେ ତାଙ୍କର କେହି ସମକକ୍ଷ ନଥିଲେ ଓ ଭୀମଙ୍କ ବ୍ୟତୀତ ଅନ୍ୟ କେହି କଳିଙ୍ଗ ସୈନ୍ୟଙ୍କୁ ଆକ୍ରମଣ କରିବାକୁ ସାହସ କଲେନାହିଁ ଓ ଭୀଷ୍ମ ମଧ୍ୟ କଳିଙ୍ଗ ସୈନ୍ୟଙ୍କୁ ତାଙ୍କ ବ୍ୟୂହର ଦକ୍ଷିଣ ପାର୍ଶ୍ୱରେ ରଖି କଳିଙ୍ଗର ମର୍ଯ୍ୟାଦା ବଢ଼ାଇ ପାରିଥିଲେ ।

### ଦ୍ରୋଣପର୍ବ

ଦ୍ରୋଣାଭିଷେକ ଉପପର୍ବରେ ଲିଖିତଅଛି ଯେ ସଞ୍ଜୟ ଯୁଧିଷ୍ଠିରଙ୍କୁ କହୁଅଛନ୍ତି—ସିନ୍ଧୁରାଜା କଳିଙ୍ଗରାଜା ଓ ବିକର୍ଣ୍ଣ ଲୌହବର୍ମରେ ସୁସଜ୍ଜିତ ହୋଇ ଦ୍ରୋଣଙ୍କ ଦକ୍ଷିଣ ପାର୍ଶ୍ୱରେ ବିରାଜିତଥିଲେ "ଦ୍ରୋଣଙ୍କ ରଚିତ ସୁପର୍ଣ୍ଣ ବ୍ୟୂହରେ କଳିଙ୍ଗ ଓ ସିଂହଳ ସୈନ୍ୟମାନେ ବହୁ ରଥ, ଅଶ୍ୱ, ଗଜ ସହିତ ଏହାର ଘଟିକା ଆବରଣ କରି ରହିଥିଲେ । ପୁଣି ଅନ୍ୟ ଏକଥର ଅମ୍ବଷ୍ଠ, ମଗଧ, ପୌଣ୍ଡ୍ର, ଓ ମଦ୍ରକମାନଙ୍କ ସଙ୍ଗେ ବ୍ୟୂହର ପଶ୍ଚାତ୍ ଦେଶକୁ ରକ୍ଷା କରିଥିଲେ" ।

ଯେତେବେଳେ କୀର୍ତ୍ତିବର୍ମନ୍, ଦ୍ରୋଣପୁତ୍ର ଅଶ୍ୱତ୍ଥାମା, କୃପାଚାର୍ଯ୍ୟ, କର୍ଣ୍ଣ ଓ ବୃହଦ୍ରଥ ଅଭିମନ୍ୟୁଙ୍କୁ ପରିବୃତ ହେଲେ ସେ ସେମାନଙ୍କୁ ବିକଳକରି ସିନ୍ଧୁରାଜାଙ୍କୁ ଆକ୍ରମଣ କଲେ; କଳିଙ୍ଗମାନେ ହସ୍ତୀଆରୂଢ଼ ହୋଇ ସେହି ବ୍ୟୂହକୁ ସଜାଡ଼ି ଦେଲେ । ଦୁର୍ଯ୍ୟୋଧନ ପ୍ରତିଜ୍ଞା ଉପପର୍ବରେ ଦ୍ରୋଣାଚାର୍ଯ୍ୟଙ୍କୁ କହୁଅଛନ୍ତି "ହେ ଗୁରୁ ! ଆପଣଙ୍କର ଭୟ କରିବାର କାରଣ ନାହିଁ । ପରାକ୍ରମଶାଳୀ କ୍ଷତ୍ରିୟମାନଙ୍କ ମଧ୍ୟରେ ଆପଣ ରହି ଯୁଦ୍ଧ କରିବେ । ଦୁଃଶାସନ, କଳିଙ୍ଗ ରାଜା ସୁବାହୁ ପ୍ରଭୃତି ଅଛନ୍ତି—ସେମାନେ ଆପଣଙ୍କୁ ସାହାଯ୍ୟ କରିବେ ।

ଜୟଦ୍ରଥବଧ ଉପପର୍ବରେ ବର୍ଣ୍ଣିତ ଅଛି ଯେ ଦୁର୍ଯ୍ୟୋଧନଙ୍କ ଆଦେଶମତେ ପ୍ରାଚ୍ୟ ଓ ଅବାଚ୍ୟ ଅଧିପ ସମସ୍ତ ରାଜାମାନଙ୍କର ନେତୃତ୍ୱ ଗ୍ରହଣ କରି କଳିଙ୍ଗର ରାଜା ପର୍ବତାକାର ହସ୍ତୀ ପୃଷ୍ଠାରୋହୀ ସୈନ୍ୟମାନଙ୍କୁ ନେଇ ଅର୍ଜୁନଙ୍କୁ ପରିବୃତ ହୋଇଥିଲେ । ଘଟୋତ୍କଚ ବଧ ଉପପର୍ବରେ ବର୍ଣ୍ଣିତଅଛି ଯେ ଦ୍ରୋଣ ପିତାଙ୍କର ଅଶ୍ୱ ଓ ରଥ ଧ୍ୱଂସ କଲାପରେ ଦୁର୍ଯ୍ୟୋଧନଙ୍କ ଆଦେଶମତେ କଳିଙ୍ଗ ସୈନ୍ୟଦ୍ୱାରା ସାହାଯ୍ୟପ୍ରାପ୍ତ ହୋଇ ଶତ୍ରୁଦଳଙ୍କୁ ପ୍ରଧାବିତ ହେଲେ । କଳିଙ୍ଗ ରାଜପୁତ୍ର ପିତାର ମୃତ୍ୟୁରେ ପ୍ରତିହିଂସା ଜର୍ଜ୍ଜରିତ ହୋଇ ମଧ୍ୟ ଅଗ୍ରସର ହେଲେ । ପ୍ରଥମେ ପାଞ୍ଚଗୋଟି, ପରେ ସାତ ଗୋଟି ଶର ନିକ୍ଷେପକରି ଭୀମର ରଥକୁ ଆକ୍ରମଣ କଲେ । ଭୀମ ତାଙ୍କୁ ଗଦାରେ ନିହତକଲେ କଳିଙ୍ଗ ଯୁବରାଜର ଅସ୍ଥିସବୁ ଭଗ୍ନ ହୋଇଗଲା ଓ ପ୍ରତ୍ୟେକ ପରସ୍ପରଠାରୁ ବିଭିନ୍ନ ହେଲା । କର୍ଣ୍ଣ ଓ କଳିଙ୍ଗର ଅନ୍ୟାନ୍ୟ ରାଜପୁତ୍ରଗଣ ଏହା ସହ୍ୟକରି ନପାରି ବିଷାକ୍ତ ଶରମାନ ଭୀମଙ୍କ ଆଡ଼କୁ ନିକ୍ଷେପକଲେ ।

ନାରାୟଣାସ୍ତ୍ର ମୋକ୍ଷ ଉପପର୍ବରୁ ଜଣାଯାଏ ଯେ ଦ୍ରୋଣଙ୍କ ହତ୍ୟାପରେ ଅବଶିଷ୍ଟ କଳିଙ୍ଗ ସୈନ୍ୟଗଣ କୀର୍ତ୍ତିବର୍ମନଙ୍କ ସଙ୍ଗେ ପଛଘୁଞ୍ଚା ଦେଇ ଚାଲିଗଲେ । ଦ୍ରୋଣଙ୍କପରେ ଯେତେବେଳେ କର୍ଣ୍ଣଙ୍କୁ ସେନାପତି ପଦରେ ବରଣ କରାଯାଏ ତେତେବେଳେ ତାଙ୍କୁ ପାଣ୍ଡବମାନେ ପ୍ରଶଂସା କରି କହିଥିଲେ ଯେ "ତୁମ୍ଭେ ଯେତେବେଳେ ଉତ୍କଳ, ମେଖଳ, ପୌଣ୍ଡ୍ର, କଳିଙ୍ଗ, ତ୍ରିଗର୍ତ୍ତ ଓ ବାହ୍ଲିକମାନଙ୍କୁ ପରାସ୍ତ କରିଅଛ ତେତେବେଳେ ତୁମ୍ଭର ପରାକ୍ରମ କମନୁହେଁ ତୁମ୍ଭେ ସେନାପତିତ୍ୱ ଗ୍ରହଣ କର"

ଜୟଦ୍ରଥ ବଧ ଉପପର୍ବରୁ ଜଣାଯାଏ ଯେ ସାତ୍ୟକୀ ତ୍ରିଗର୍ତ୍ତମାନଙ୍କୁ ପରାଜୟ କରି ସାରିବା ପରେ କଳିଙ୍ଗମାନଙ୍କ ସଙ୍ଗେ ଯୁଦ୍ଧ ଆରମ୍ଭକଲେ । କଳିଙ୍ଗ ସୈନ୍ୟଦଳ ଭେଦକରି ପ୍ରବେଶ କରିବା ତାଙ୍କ ପକ୍ଷରେ ଅତି ଦୁରୂହ ଥିଲା ।

ଏହି ଦ୍ରୋଣପର୍ବରୁ ମଧ୍ୟ କଳିଙ୍ଗମାନଙ୍କର ବୀରତ୍ୱର ଯଥେଷ୍ଟ ପରିଚୟ ମିଳୁଅଛି । କଳିଙ୍ଗ ରାଜାଙ୍କ ସଙ୍ଗେ ତାଙ୍କର ସମସ୍ତ ରାଜପୁତ୍ରମାନେ ଯୁଦ୍ଧ କ୍ଷେତ୍ରରେ ଅବତୀର୍ଣ୍ଣଥିଲେ ଏହାର ମଧ୍ୟ ପରିଚୟ ମିଳୁଅଛି । ଭୀଷ୍ମପର୍ବରେ ଯେଉଁ କଳିଙ୍ଗ ସୈନ୍ୟମାନଙ୍କର ନିଧନ କଥା ଲେଖାଅଛି

Digitized by srujanika@gmail.com

ସେଥିରୁ କେତେକ ଅବଶିଷ୍ଟ ସୈନ୍ୟ ଥିଲେ ଓ କେତେକ ଜୀବିତ ଯୁବରାଜ ଥିଲେ ସେମାନଙ୍କ ବିବରଣମାନ ଦ୍ରୋଣପର୍ବରୁ ଜଣାଯାଏ ।

## କର୍ଣ୍ଣପର୍ବ

ବହୁ କଳିଙ୍ଗ ସୈନ୍ୟ ନିହତ ହୋଇଥିବା କଥା ମଧ୍ୟ ଏ ପର୍ବରେ ବର୍ଣ୍ଣିତଅଛି । କର୍ଣ୍ଣ ଯେଉଁ ସବୁ ଦେଶ ଓ ରାଜ୍ୟ ଜୟ କରିଥିଲେ ତନ୍ମଧ୍ୟରେ କଳିଙ୍ଗ ଏକ ପ୍ରଧାନ ସ୍ଥଳ । ସ୍ଥଳ ବିଶେଷରେ କର୍ଣ୍ଣ କହିଅଛନ୍ତି "କୌରବ, ପାଞ୍ଚାଳ, ସଲ୍ୟ, ମତ୍ସ୍ୟ କଳିଙ୍ଗ ଓ ମଗଧବାସୀମାନେ ପାରନୈକ ସନାତନ ଧର୍ମଜ୍ଞାନରେ ବିଶେଷ ଜ୍ଞାନବନ୍ତ, ଏଣୁ ଧନ୍ୟ" ଏହି ଉକ୍ତିରୁ ଜଣାଯାଏ ଯେ କର୍ଣ୍ଣଙ୍କ ସମୟରେ କଳିଙ୍ଗରେ ବିଶେଷ ଭାବରେ ଧର୍ମଶାସ୍ତ୍ର ଓ ନୀତିଚର୍ଚ୍ଚା ହେଉଥିଲା । କର୍ଣ୍ଣଙ୍କର ଜନ୍ମ ପାତଦନରେ ଏକ ଦୈବବାଣୀ ତାଙ୍କ ମାତା ପୃଥାଙ୍କ କର୍ଣ୍ଣରେ ପ୍ରବେଶ କଲା "ତୋର ପୁଏ ମଦ୍ର, କେକୟ, କଳିଙ୍ଗ ଓ କୁରୁମାନଙ୍କୁ ଜୟ କରିବ" କୌଣସି ଏକ ପ୍ରସଙ୍ଗରେ ଅର୍ଜୁନ ମଧ୍ୟ କହିଅଛନ୍ତି ଯେଉଁ ଭୀମସେନ ଗଜାରୋହୀ ବହୁସଂଖ୍ୟକ କଳିଙ୍ଗ ସୈନ୍ୟଙ୍କୁ ଏବଂ ଅଙ୍ଗ ବଙ୍ଗ ମଗଧ ସୈନ୍ୟଙ୍କୁ ନିହତ କରିଅଛନ୍ତି, ସେ ମୋର କାର୍ଯ୍ୟକଳାପରେ ସନ୍ତୁଷ୍ଟ ହେବେ ନାହିଁ । ଧୃତରାଷ୍ଟ୍ର ଏକସ୍ଥଳରେ ସଞ୍ଜୟଙ୍କୁ ପଚାରିଅଛନ୍ତି—ବହୁ ପରାକ୍ରମଶାଳୀ କଳିଙ୍ଗଙ୍କୁ ଯେଉଁ କର୍ଣ୍ଣ ପରାଜୟ କରିଥିଲା, ସେ କିପରି ଯୁଦ୍ଧରେ ନିହତ ହେଲା, ମୋତେ କହ । ସଞ୍ଜୟ ଉତ୍ତର ଦେଲେ—ହେ ଧୃତରାଷ୍ଟ୍ର ! ଅଙ୍ଗ, ବଙ୍ଗ, ପୁଣ୍ଡ୍ର, ମଗଧ, ତାମ୍ରଲିପ୍ତ ମେକଲ, କୋଶଳ, ମଦ୍ର, ଦଶାର୍ଣ୍ଣ ପ୍ରଭୃତି ଦେଶର ବହୁ କୌଶଳୀ ସୈନ୍ୟ ଏମାନଙ୍କ ସଙ୍ଗେ ପୁଣି କଳିଙ୍ଗ ସୈନ୍ୟ ମିଶିଥିଲେ; ଏ ସମସ୍ତଙ୍କୁ ନେଇ ସୁଦ୍ଧା କର୍ଣ୍ଣ ନିହତ ହେଲେ । କଳିଙ୍ଗ ନକୁଳଙ୍କ ଉପରେ ଶରବର୍ଷଣ କରିଥିବା ବିଷୟ କର୍ଣ୍ଣପର୍ବରୁ ମିଳେ । ଯେତେବେଳେ ଅର୍ଜୁନ ଓ ଅଶ୍ୱତ୍ଥାମାଙ୍କ ମଧ୍ୟରେ ଯୁଦ୍ଧ ହୁଏ ! ସେତେବେଳେ କଳିଙ୍ଗବାସୀ ଅନେକ ଯୋଦ୍ଧା ହସ୍ତୀପୃଷ୍ଠରେ ଅରୂଢ଼ ହୋଇ ଦ୍ରୁତଗତିରେ ଅର୍ଜୁନଙ୍କ ସଙ୍ଗରେ ପ୍ରଧାବିତ ହେଲେ । ଏହି ବିଷୟ କର୍ଣ୍ଣ ପର୍ବରେ ଦେଖାଯାଏ ।

କଳିଙ୍ଗର ଧର୍ମ ସମ୍ବନ୍ଧରେ ପୁଣି ଏକ ଉକ୍ତି ଅଛି । ଏକଶ୍ଳୋକରେ ଅଛି "କର୍ଣ୍ଣ ଶଲ୍ୟଙ୍କୁ କହୁଅଛନ୍ତି—କାରସ୍କର, ମହିଷେକ, କଳିଙ୍ଗ, କେରଳ, କର୍କୋଟକ, ବୀରକ ପ୍ରଭୃତି ଲୋକଙ୍କ ମଧ୍ୟରେ ଧର୍ମ ନାହିଁ ଏଣୁ ସେମାନେ ତ୍ୟାଜ୍ୟ" ପୁଣି ତାର ପରବର୍ତ୍ତୀ ଶ୍ଳୋକରେ ଅଛି—"କଳିଙ୍ଗ ମଗଧ କୋଶଳ ଚେଦିରାଜ୍ୟରେ ସମସ୍ତେ ସନାତନ ଧର୍ମବିତ୍, ସେ ଦେଶମାନଙ୍କର ଖଳ ଓ ଦୁଷ୍ଟ ଲୋକେ ସୁଦ୍ଧା ଧର୍ମଚର୍ଚ୍ଚା କରନ୍ତି" । ବୋଧହୁଏ ପ୍ରଥମ ଶ୍ଳୋକଟିରେ କିଛି ମୁଦ୍ରାକର ଦୋଷ ରହିଅଛି ।

କର୍ଣ୍ଣ ପର୍ବରେ କଳିଙ୍ଗମାନଙ୍କ ପରାକ୍ରମର ଯେ ଚିହ୍ନ ମିଳୁଅଛି ଏଥିରେ ସନ୍ଦେହ ନାହିଁ । ମହାଭାରତ ଯୁଦ୍ଧ ଶେଷପର୍ଯ୍ୟନ୍ତ ସେମାନେ ଯେ କୌରବପକ୍ଷରେ ପ୍ରାଣପଣେ ଯୁଦ୍ଧକରି ବୀରତ୍ୱ ଦେଖାଇଅଛନ୍ତି ଏଥିରେ ସନ୍ଦେହନାହିଁ । ସେମାନଙ୍କର ଧର୍ମଚର୍ଚ୍ଚାର ମଧ୍ୟ ବିବରଣ ସମ୍ୟକ ଭାବରେ ମିଳୁଅଛି ।

## ଶଲ୍ୟପର୍ବ

ଏହି ପର୍ବରେ ସଞ୍ଜୟ ତାଙ୍କ ବର୍ଣ୍ଣନାମଧ୍ୟରେ ପ୍ରକାଶ କରୁଅଛନ୍ତି ବାସୁଦେବ ଭୀମସେନଙ୍କୁ ଉତ୍ତେଜିତ କରି କହିଲେ "ଯୁଧିଷ୍ଠିର ରାଜ୍ୟ ପାଇବା ନିମିତ୍ତ ତୁମ୍ଭରି ଉପରେ ନିର୍ଭର କରୁଅଛନ୍ତି । ତୁମୂଳ ଓ ଭୀଷଣ ଯୁଦ୍ଧରେ ଯେତେବେଳେ ତୁମ୍ଭେ କଳିଙ୍ଗ ମଗଧମାନଙ୍କୁ ନିହତ କରିଅଛ ତେବେ ଦୁର୍ଯ୍ୟୋଧନକୁ ବଧ କରିବାରେ ଭୟ କଣ ?" ଏହି ପର୍ବରେ କଳିଙ୍ଗନାମଧାରୀ ଏକ ଯୋଦ୍ଧାର ନାମୋଲ୍ଲେଖ ଅମ୍ଭେମାନେ ଦେଖୁ, ସେ କଳିଙ୍ଗ ଦେଶବାସୀ ବା ଅନ୍ୟବାସୀ ତାହା ଜାଣିବାର ଉପାୟ ନାହିଁ ।

## ସ୍ତ୍ରୀପର୍ବ

ଏପର୍ବର ଜଳପ୍ରଦାନକ ଉପପର୍ବରେ ଯୁଦ୍ଧଶେଷପରେ ଗାନ୍ଧାରୀ ଶ୍ରୀକୃଷ୍ଣଙ୍କୁ କହୁଅଛନ୍ତି "ହେ ମଧୁସୂଦନ ! ଦେଖନ୍ତୁ ! ମହାତେଜା କଳିଙ୍ଗରାଜା କିପରି ଭୂତଳଶାୟୀ ହୋଇ ସୁଦ୍ଧା ଅଜାନୁଲମ୍ବିତ ବାହୁ ବିସ୍ତାର କରି ତେଜସ୍ୱୀ ଦେଖାଯାଉଅଛି ।

## ଅନୁଶାସନ ପର୍ବ

ଏହିପର୍ବରେ କଳିଙ୍ଗର ଧାମାକର ଅବସ୍ଥା ପ୍ରତି ଟିକିଏ କଟାକ୍ଷପାତ କରାଯାଇଅଛି । ଭୀଷ୍ମ ଯୁଧିଷ୍ଠିରଙ୍କୁ ଅଗରୁ

Digitized by srujanika@gmail.com

କହୁଥିବା ଏକ ବିଷୟର ଉଲ୍ଲେଖ ଅଛି । ସେଥିରେ ଅଛି ଯେ ଦ୍ରାବିଡ଼, କଳିଙ୍ଗ, ପୁଲିନ୍ଦ, ଉଶିନର, ମାହିଷକ ଓ ଅନ୍ୟାନ୍ୟ କେତେକ କ୍ଷତ୍ରିୟଙ୍କ ମଧ୍ୟରେ ବ୍ରାହ୍ମଣ ବାସ କରନ୍ତି ନାହିଁ । ଏଣୁ ସେମାନେ ପତିତ ହୋଇ ଶୂଦ୍ର ରୂପେ ବିବେଚିତ । ତାଙ୍କୁ ଜୟକଲେ ଯଶନାହିଁ 'ବରଂ ସେମାନଙ୍କ ଦ୍ୱାରା ପରାଜିତହେବା ଶ୍ରେୟସ୍କର' ଏପରି ଉକ୍ତିରୁ ଅନୁମିତ ହୁଏ ସେ ସମୟରେ ବ୍ରାହ୍ମଣ ସମାଗମ ଅତି ସାମାନ୍ୟ ଥିଲା । କିନ୍ତୁ ଅମ୍ଭେମାନେ ଯେତେବେଳେ କର୍ଣ୍ଣଙ୍କ ଠାରୁ ଶୁଣିଅଛୁଁ ଯେ କଳିଙ୍ଗର ଦୁଷ୍ଟ ଓ ଖଳଲୋକେ ସୁଦ୍ଧା ଶାସ୍ତ୍ର ଓ ବେଦାଧ୍ୟୟନ କରନ୍ତି ଏବଂ ବୈତରଣୀ, ମହେନ୍ଦ୍ର ପର୍ବତ ମୁନିଋଷି ତପସ୍ୱୀମାନଙ୍କର ଲୀଳାଭୂମି ଥିଲା; ସେତେବେଳେ ଅମ୍ଭମାନଙ୍କର ମନେକରିବା ଉଚିତ ଏହି ଉକ୍ତିଟି ଆର୍ଯ୍ୟ ଆଗମନର ପ୍ରଥମସମୟ ପ୍ରତି ପ୍ରଯୁଜ୍ୟ ହୋଇଥିଲା ଓ ମହାଭାରତ ଘଟନାର ବହୁପୂର୍ବର ସାମାଜିକ ଅବସ୍ଥାକୁ ଏହା ଲକ୍ଷ୍ୟ କରୁଥିଲା ।

### ଶାନ୍ତିପର୍ବ

ରାଜଧର୍ମାନୁଶାସନ ପର୍ବରୁ ଜଣାଯାଏ ଯେ ଯେତେବେଳେ ଅସ୍ତ୍ରଶିକ୍ଷା ସମୟରେ ଦ୍ରୋଣ ଗୁରୁ କହିଲେ ଯୋଗସାଧନକାରୀ ବ୍ରାହ୍ମଣ ବା କ୍ଷତ୍ରିୟମାନଙ୍କ ବ୍ୟତୀତ ବ୍ରହ୍ମାସ୍ତ୍ର କେହି ଧାରଣ କରିପାରିବ ନାହିଁ ସେତେବେଳେ କର୍ଣ୍ଣ ତାଙ୍କ ଅନୁମତି ନେଇ ମହେନ୍ଦ୍ର ପର୍ବତରେ ବାସ କରୁଥିବା ଜାମଦଗ୍ନ୍ୟ ପର୍ଶୁରାମଙ୍କ ନିକଟରେ ଯୁଦ୍ଧ ବିଦ୍ୟାଶିକ୍ଷା ଓ ତପସ୍ୟା କରିବାନିମିତ୍ତ ଶୀଘ୍ର ପ୍ରସ୍ଥାନ କଲେ । କର୍ଣ୍ଣ ସେହି୨ ଅସ୍ତ୍ରମାନଙ୍କର ବ୍ୟବହାର ଶିକ୍ଷାକରି ଦୁର୍ଯ୍ୟୋଧନଙ୍କ ସଙ୍ଗରେ ବାସକଲେ । ଯେତେବେଳେ କଳିଙ୍ଗରାଜ ଚିତ୍ରାଙ୍ଗଦଙ୍କ କନ୍ୟାର ସ୍ୱୟମ୍ବର ଘୋଷଣା କରାଯାଏ ସେତେବେଳେ ସେମାନେ ସେହି ଚିତ୍ରାଙ୍ଗଦର ରାଜଧାନୀକୁ ଆସିଥିଲେ । ସେହି ରାଜଧାନୀର ନାମ ଥିଲା ରାଜପୁର । ସେହି କନ୍ୟାର ପାଣିଗ୍ରହଣ ନିମିତ୍ତ ଶତଶତ ଭାରତୀୟ ରାଜା ଓ ରାଜପୁତ୍ର ରାଜପୁରରେ ଉପସ୍ଥିତଥିଲେ । ଶିଶୁପାଳ, ଜରାସନ୍ଧ, ଭୀଷ୍ମକ, ବକ୍ର, କପୋତରୋମାନ, ନୀଳ, ରୁକ୍ମୀ, ଶୃଗାଳ, ଅଶୋକ, ଶତଧାବନ, ଭୋଜ ଦାକ୍ଷିଣାତ୍ୟବାସୀ ଅନେକ ରାଜପୁତ୍ର ଓ ଅନ୍ୟାନ୍ୟ ଦେଶବାସୀ ରାଜଗଣ ସେହି ସ୍ୱୟମ୍ବରରେ ଉପସ୍ଥିତ ଥିଲେ । ରାଜା ଓ ରାଜପୁତ୍ରମାନେ ଆସୀନ ହେବାପରେ ସେହି କଳିଙ୍ଗ ରାଜକନ୍ୟା ସଭାମଧ୍ୟକୁ ଆସିଲା । ଦୁର୍ଯ୍ୟୋଧନଙ୍କ ପାର୍ଶ୍ୱ ଦେଇ ସେ ଅତିକ୍ରମ କରିଗଲା ବେଳେ ଦୁର୍ଯ୍ୟୋଧନ ନିଜକୁ ଅପମାନିତ ମନେକରି ଅନ୍ୟାନ୍ୟ ରାଜାମାନଙ୍କ ପ୍ରତି ଅବଜ୍ଞା ପ୍ରଦର୍ଶନ ପୂର୍ବକ ସେ ରାଜକନ୍ୟାକୁ ବନ୍ଦୀକରି ରଖିଲେ । ନିଜର ଶକ୍ତିରେ ଗର୍ବାନ୍ୱିତହୋଇ, ଭୀଷ୍ମ ଓ ଦ୍ରୋଣଙ୍କ ଉପରେ ନିର୍ଭର କରି ବଳପୂର୍ବକ ସେ ରାଜକନ୍ୟାଙ୍କୁ ନିଜରଥରେ ବସାଇ ନେଇଗଲେ । ରାଜପୁରରେ ତହୁଁ ଏକ ଯୁଦ୍ଧର ଅୟୋଜନ ହେଲା ଓ କର୍ଣ୍ଣଙ୍କ ସାହାଯ୍ୟରେ ଦୁର୍ଯ୍ୟୋଧନ ଜୟଲାଭକଲେ ଏହିପର୍ବରେ କର୍ଣ୍ଣଙ୍କର ଯୁଦ୍ଧବିଦ୍ୟା ଶିକ୍ଷା ବିଷୟ, ମହେନ୍ଦ୍ର ପର୍ବତରେ ବୀରମାନଙ୍କ ତପସ୍ୟା ଓ କଳିଙ୍ଗ ରାଜକନ୍ୟାର ସ୍ୱୟମ୍ବର ବିଷୟ ଅବଶ୍ୟ କଳିଙ୍ଗର ଗୌରବ ବୃଦ୍ଧି କରୁଅଛି । କଳିଙ୍ଗ ଭାରତରେ ଅତି ଉଚ୍ଚସ୍ଥାନ ଅଧିକାର କରିଥିଲା ବୋଲି ମହାରଥୀ ଓ ପ୍ରଧାନ୨ ରାଜାମାନେ ସେ ସ୍ୱୟମ୍ବରକୁ ଆସିଥିଲେ ।

### ମହୁଷପର୍ବ

ଏହିପର୍ବରେ ଯଦୁବଂଶ ଧ୍ୱଂସ ପ୍ରତି ଲକ୍ଷ୍ୟ କରାଯାଇଅଛି । ଯେଉଁକୃଷ୍ଣ କେଶୀ, କଂସ ଚେଦୀ ଏକଲବ୍ୟ, କଳିଙ୍ଗ, ମଗଧ, ଗାନ୍ଧାର ଓ କାଶୀକୁ ନିହତ କରିଥିଲେ ସେ ନିଜବଂଶ ପ୍ରତି ଯେଉଁ ଅଭିଶାପ ପଡ଼ିଅଛି ସେଥିପ୍ରତି ଏତେ ଉଦାର ରହିଲେ କିପରି ? ଏ ବିଷୟଟି ମାତ୍ର ଉଲ୍ଲିଖିତଅଛି ।

### ଓଡ୍ର ଓ ଉତ୍କଳ

ପୂର୍ବରୁ ବୋଲାଯାଇଅଛି ଯେ ଓଡ୍ର କି ଉତ୍କଳ ବିଷୟରେ ସେପରି କିଛି ସବିଶେଷ ଉଲ୍ଲେଖ ନାହିଁ । ସଭାପର୍ବରେ ଯୁଧିଷ୍ଠିରଙ୍କ ଅଭିଷେକ ସମୟରେ କଳିଙ୍ଗମାନଙ୍କ ସଙ୍ଗେ ଓଡ଼୍ରମାନେ ଦରବାର ପ୍ରାଙ୍ଗଣ ମଧ୍ୟକୁ ପ୍ରବେଶ କରିଥିଲେ । ଦିଗ୍ୱିଜୟ ଉପପର୍ବରେ, ସହଦେବ କଳିଙ୍ଗମାନଙ୍କ ସଙ୍ଗେ ଓଡ୍ରମାନଙ୍କୁ ପରାଜୟ କରିଥିଲେ । ଦ୍ୟୂତପର୍ବରେ ଦୁର୍ଯ୍ୟୋଧନ ବିଳାପ କରି କହିଲେ ଯେ ଅନେକ ଚୀନ, ଶକ, ଓଡ୍ର, ବର୍ବର, ବନବାସୀପ୍ରଭୃତି ଉପସ୍ଥିତ ହେଲେ, ଯୁଧିଷ୍ଠିରଙ୍କ ପ୍ରାଙ୍ଗଣ ମଧ୍ୟକୁ ପ୍ରବେଶ କରିବାର ଅନୁମତି ପାଇଲେ ନାହିଁ । ଭୀଷ୍ମପର୍ବରେ କଳିଙ୍ଗ ସଙ୍ଗେ ଓଡ୍ର ଓ ଉତ୍କଳ ନାମୋଲ୍ଲେଖ ଅଛି । ସେହି ପର୍ବରୁ ଅମ୍ଭେମାନେ ଅବଗତ ହେଉଁ ଯେ ଓଡ୍ରମାନେ ପାଣ୍ଡବ—

Digitized by srujanika@gmail.com

ମାନଙ୍କ ପକ୍ଷୀୟ ଥିଲେ । ଅଶ୍ୱମେଧଯଜ୍ଞ ଉପପର୍ବରୁ ଜଣାଯାଏ ଅର୍ଜୁନ ଉତ୍କଳମାନଙ୍କୁ ଏକ ଯୁଦ୍ଧରେ ପରାଜୟ କରିଥିଲେ । ଉତ୍କଳ ଗୋଟିଏ ଗୋଷ୍ଠୀ ଥିଲା । ତାହାର ରାଜ୍ୟ ଓ ସୈନ୍ୟମାନଙ୍କ ବିବରଣ କିଛି ନାହିଁ । ଏହି ଉଡ୍ର ଓ ଉତ୍କଳମାନେ ତତ୍କାଳୀନ ଭାରତୀୟ ସମାଜରେ କିଛି ପ୍ରତିପତ୍ତି ଦେଖାଇନାହାନ୍ତି । ଯେତେବେଳେ ସେମାନେ କଳିଙ୍ଗମାନଙ୍କ ପ୍ରଜାମାନଙ୍କ ମଧ୍ୟରେ ପରିଗଣିତ ହେଉଥିଲେ କହିଲେ ଅତ୍ୟୁକ୍ତି ହେବନାହିଁ ।

ମହାଭାରତ କେବେ ଲେଖା ହୋଇଥିଲା ସେ ବିଷୟରେ ଅନେକ ମତଭେଦ ହୁଏ । ଏହା ଯେଉଁ-ସମୟର ଲେଖା ସେହି ସମୟର ରାଜନୈତିକ ଓ ସାମାଜିକ ଅବସ୍ଥାର ବର୍ଣ୍ଣନ ଏଥିରେ ବର୍ଣ୍ଣିତ ହୋଇଅଛି । ମହାଭାରତ ଓ ପୁରାଣମାନଙ୍କ ବଂଶାବଳୀର ଏକ ହିସାବ ନେଇ ଅନେକ ଐତିହାସିକ ପ୍ରମାଣ କରିଅଛନ୍ତି ଯେ ମହାଭାରତ ଯୁଦ୍ଧ ଖ୍ରୀଷ୍ଟପୂର୍ବ ୧୪୦୦ ସାଲରେ ଘଟିଥିଲା (Vide pargiter on purans) ବାଲ୍ମୀକି ରାମାୟଣରେ ଯେଉଁ ସବୁ ବିବରଣ ଅଛି ସେଥିରେ କଳିଙ୍ଗର କେବଳ ଥରେ ମାତ୍ର ଉଲ୍ଲେଖ ଅଛି । ସୀତା ଯେତେବେଳେ ପଞ୍ଚବଟୀରୁ ଅପହୃତ ହେଲେ ଓ ରାମଚନ୍ଦ୍ର ତାହା ଜାଣି ପାରି ନ ଥିଲେ ସେତେବେଳେ ସେ ମର୍କଟ ଦୂତମାନଙ୍କୁ କହିଥିଲେ— ତୁମ୍ଭେମାନେ ଗୋଦାବରୀ ପାରହୋଇ କଳିଙ୍ଗ ଓ ଦଶାର୍ଣ୍ଣ ପ୍ରଭୃତି ଦେଶକୁ ଯାଇ ସୀତାଙ୍କର ଅନୁସନ୍ଧାନ କର ? ଏଥିରୁ ଜଣାଯାଏ ରାମାୟଣ ଯୁଗରେ କଳିଙ୍ଗର ବିଶେଷ କିଛି ପ୍ରତିପତ୍ତି ନ ଥିଲା । ରାମଚନ୍ଦ୍ର ପ୍ରଥମେ ଦାକ୍ଷିଣାତ୍ୟରେ ଆର୍ଯ୍ୟ ଉପନିବେଶ ସ୍ଥାପନ କରାଇ ଆର୍ଯ୍ୟସଭ୍ୟତା ପ୍ରଚାର କରିଥିଲେ । କିନ୍ତୁ କଳିଙ୍ଗ ତାଙ୍କ ଗମନପଥରୁ ଦୂରରେ ରହିଥିଲା । ରାମାୟଣ ଘଟନାପରେ ମହାଭାରତ ଘଟନା ପୂର୍ବରୁ କଳିଙ୍ଗରେ ଆର୍ଯ୍ୟସଭ୍ୟତା ବ୍ୟାପ୍ତ ହେଲା । ବୌଦ୍ଧ ଧର୍ମ ପ୍ରଚାରପୂର୍ବରୁ ଅବଶ୍ୟ ମହାଭାରତର ଲେଖା ହୋଇଥିବ । ଅତଏବ ବୌଦ୍ଧଧର୍ମର ପୂର୍ବରୁ ଭାରତ ଓ ତଥା କଳିଙ୍ଗର ଅବସ୍ଥା ବିଷୟରେ ମହାଭାରତ ପ୍ରଧାନ ଉପାଦେୟ ଗ୍ରନ୍ଥ ।

ବିଭିନ୍ନ ପର୍ବମାନଙ୍କ ମଧ୍ୟରେ ଥିବା କଳିଙ୍ଗର ଯାବତୀୟ ଉଲ୍ଲେଖ ଦିଆହେବା ପରେ ଅନ୍ୟାନ୍ୟ ଆଲୋଚନା ଓ ମନ୍ତବ୍ୟ ଅନାବଶ୍ୟକ । ସେଥିରୁ ଓଡ଼ିଆ ପାଠକମାନେ ଜାଣିପାରିବେ ତାଙ୍କ ଅଧ୍ୟୁଷିତ ଭୂଖଣ୍ଡ ପ୍ରକୃତରେ କଳିଙ୍ଗ ଥିଲା ଓ ଗଙ୍ଗାଠାରୁ ମହେନ୍ଦ୍ର ପର୍ବତବ୍ୟାପ୍ତ ରାଜ୍ୟମଧ୍ୟରେ ଏକ ଗୋଷ୍ଠୀ ଓ ଏକ ପରାକ୍ରମଶାଳୀ ରାଜା ରାଜତ୍ୱ କରୁଥିଲେ । ସେଠାରେ ସେମାନେ ଯୁଦ୍ଧବିଦ୍ୟାନିପୁଣ ଓ ଧର୍ମପରାୟଣ ଥିଲେ । ବହୁମୁନି ଋଷି ବିଜ୍ଞ ବ୍ରାହ୍ମଣ-ମାନେ ଆଦରର ସହିତ ଆଗମନ କରି ବୈତରଣୀ କୂଳରେ ଯଜ୍ଞ ଓ ମହେନ୍ଦ୍ର ପର୍ବତରେ ତପସ୍ୟା କରୁଥିଲେ । ମହାଭାରତ ଯୁଦ୍ଧରେ କଳିଙ୍ଗମାନେ ଯେଉଁ ବୀରତ୍ୱ ଦେଖାଇଅଛନ୍ତି ତାହା ତତ୍କାଳୀନ ଭାରତରେ ଅତୁଳନୀୟ ।

## ଘନଶ୍ୟାମ ଚଉତିଶା

୰ ଦୀନକୃଷ୍ଣ ଦାସ

( ରାଗ—କାମୋଦୀ )

କୃଷ୍ଣ କଂସନଗର　　ଯିବା ଶୁଣି କାତର
　ସକଳ ବ୍ରଜ ସୁନ୍ଦରୀ
କାକୁସ୍ଥ ହୋଇ ଧୀରେ　　କର କବରୀ କରେ
　କହନ୍ତି କୋମଳତା କରି ହେ ।
　　ଘନଶ୍ୟାମ
କରୁଣାକୃପଣ ହେଉଛ　　କଂସ ଭୁବନକୁ ଯାଉଛ
କଇତବ ନ କରି　　କହ ଧର୍ମ ବିଚାରି
　ଆମ୍ଭଙ୍କୁ କାହାକୁ ଦେଉଛ ହେ । ୧ ।

ଖଳ ସହୁ ବଦନେ　　ଅମୃତ ଦେଲ ପ୍ରାଏ
　କାମମୁଖେ ଥମ୍ଭଙ୍କୁ ଦେଇ
ଖଣ୍ଡି ସମସ୍ତ ସୁଖ　　ମଣ୍ଡନ କରି ମୁଖ
　ସଜ ହୋଇଛ ଯିବାପାଇଁ ହେ ।
　　ଘନଶ୍ୟାମ
ଖାଇ ମରନ୍ତୁ ଅବା ବିଷ　　ଖଣ୍ଡିତ ଅଛୁ ତହିଁ ଦୋଷ
ଖୁଆଇ ସୁଧାକର　　ଅମୂଲ୍ୟ ମନୋହର—
　ବର୍ଗମା ଅଧର ପୀୟୂଷ ହେ । ୨ ।

Digitized by srujanika@gmail.com

ଗଳା ସଙ୍କେତମାଳ *   ଗଳାରେ ଥାଇ ଯେବେ
ପାଶ ପାଲଟି ପ୍ରାଣ ନେବ
ଗଣ୍ଡି ସୁବର୍ଣ୍ଣ ଯେବେ   ଅରକ୍ଷିତ ହୋଇବ
ତେବେ ତା କାହାକୁ କହିବ ହେ ।
ଘନଶ୍ୟାମ

ଗାଢ଼ ସଙ୍କଟମୁଁ ରକ୍ଷି   ଗୋକୁଳ କରିଅଛ ସୁଖୀ
ଗୁରୁକଷ୍ଟ ହୋଇଲା   ଯାଦ ପଶୁ ପକ୍ଷୀଏ
ଅନ୍ତଦଶାରେ ଅତି ଦୁଃଖୀ ହେ ।୩।
ଘଡ଼ିଏ ନ ଦେଖିଲେ   ଘନଶ୍ୟାମ ମୂରତି
ଘରକୁ ମଣୁଁ ଘୋର ପ୍ରାୟେ
ଘାରି ହେଉଛି ଅଙ୍ଗ   ଅନଙ୍ଗ ଭୁଜଙ୍ଗମ
ଘନଘାଉ ଲଗିଲା ପ୍ରାୟେ ହେ ।
ଘନଶ୍ୟାମ

ଘେନଇନାହିଁ ମନେ ସୁଖ   ଘନ ଘନ ପଡ଼ଇ ଦୁଃଖ
ଘେନଗଲେ ତୁମ୍ଭଙ୍କୁ   କଂସ ଦୂତ ଅମ୍ଭଙ୍କୁ
ହଂସସୁତ କି କରେ ଦେଖ ହେ ।୪।
ନଷ୍ଟେଁ ଜାଣିଲୁଁ ଅମ୍ଭେ   ରସାଳ ପ୍ରାଏ ତୁମ୍ଭେ
ଜଗତ ଜନ ମନ ତୋଷ
ନାନାରୂପେ ମଧୁର   ନୟନ ସୁଖକର
ହୃଦୟ ଅଟହିଁ କର୍କଶ ହେ ।
ଘନଶ୍ୟାମ

ନାହିଁ ତୁମ୍ଭର ଦୟା ଲେଶେ   ନ ଶୁଣ ବିଅର୍ଥେ କି ଦୋଷେ
ନୋହୁ ଅମ୍ଭେ ପୂତନା—   ପ୍ରାୟେ କୁଟିଳ ସ୍ତନା
ସ୍ତନତ ମଣ୍ଡି ନାହୁଁ ବିଷେ ହେ । ୫ ।
ଚନ୍ଦ୍ରେ ଚକୋର ନିବ—   ଘନେ ଚାତକ ପ୍ରାୟେ
ତୁମ୍ଭବିନୁ ନ ଜାଣୁ କିଛି
ଚନ୍ଦ୍ରେ ଚତୋଇ ସବୁ   ପ୍ରକାରେ ବିଗିରିଲେ
ସବୁ ଦୋଷ ଅମ୍ଭର ଅଛି ହେ ।
ଘନଶ୍ୟାମ

ଚଣ୍ଡାଳ ଦଇବ କଷଣ   ଚଉଦ ଲୋକରେ ଭୂଷଣ
ଚନ୍ତାମଣିକି ଦେଇ   ଚନ୍ତାମଣି କହୁଛ
ଏକେଉଁ ଅବିବେକ ପଣ ହେ । ୬ ।
କ୍ଷଣ କ୍ଷଣକ କଥା   ପ୍ରସଙ୍ଗ ପ୍ରାୟେ ବ୍ୟଥା
ହେଉଛି ଅମ୍ଭର ଅଥୟ
କ୍ଷୋଭସାଗରେ ମନ   ପଡ଼ିଣ ଚଇତନ
ଏ କେଉଁ ବିପରୀତ କହ ହେ ।
ଘନଶ୍ୟାମ

ଛୁରିମାରିଲା ପ୍ରାୟେ ଦେହ   ଛେଦ ହୋଇ ହେଉଛି ଦେହ
ଛାୟାଗତ ଥାଉ   ଅନ୍ଧାର ହେଉଅଛି
ଏକେଉଁ ବିପରୀତ କହ ହେ । ୭ ।
ଯେଉଁ ଶ୍ୟାମ ରତନ   କରି ଅତି ଯତନ
ଥୋଇଛୁ ହୃଦ ସମ୍ପୁଟରେ
ଜାଣୁ ଜାଣୁ ଅକ୍ରୂର   ନାମକୁ ବହି କ୍ରୂର—
ପ୍ରାୟେ ତା ନେଉଛି ଛଟକେ ହେ ।
ଘନଶ୍ୟାମ

ଯହିଁ ନୃପତି ଅବିବେକ   ଜାଣିଲୁଁ ସେ ନଗରଲୋକ
ଜୀବନ ଧନ ଦୁଇ   ହେଲେହେଁ ସୁଖ ନାହିଁ
ମହାଭୟରେ ଦକ ଦକ ହେ । ୮ ।
ଝାଡ଼େ ମଧୁମକ୍ଷିକା   ମଧୁ ସଞ୍ଚିଲା ପ୍ରାଏ
ଯତନେ ତୁମ୍ଭଙ୍କୁ ସଞ୍ଚିଲୁଁ
ଝିମିଟେହେଁ ନଛାଡ଼ି   ମଦନଶରେ ବୁଡ଼ି
ରଜନୀ ଦିବସ ବଞ୍ଚିଲୁଁ ହେ ।
ଘନଶ୍ୟାମ

ଝାଡ଼ବାସୀ ପରିଏ ଆସି   ଝାସି ଅକ୍ରୂର ଅଛି ବସି
ଝଟକେ ଘେନଯିବ   ଅମ୍ଭ ଅଭାଗ୍ୟ ହେବ
ଝଷକେତୁ ଅନଳ ରାଶି ହେ । ୯ ।
ନାନାବର୍ଣ୍ଣେ କୃଷକ   କୃଷି କରି ଅନେକ—
ପ୍ରକାରେ କରିଥାଇ ଅଶ
ନୃପତି ଲୋକ ଆସି   ଫଳମୁଖରେ ବସି
ସବୁ ଅଣ୍ଣ କରଇ ନାଶ ହେ ।
ଘନଶ୍ୟାମ

ନବୀନା ବିରଜ ଯୁବତୀ   ନଷ୍ଟେଁ ହୋଇଲେ ସେହିମତି
ଅଶ କରି ଯେ ଯାହା   ନାଶ କରଇ ତାହା
ଯାଉ ତା ସକଳ ସମ୍ପତ୍ତି ହେ । ୧୦ ।
ଟିକାଏ ନ ଦେଖିଲେ   ଟାଣ କୁସୁମ ଶରେ
ସ୍ମରେ ଯେ ପାଉଥାଉଁ ବ୍ୟଥା
ଟେକ ଗୃହକ ଅଣେ   କୃପଣ ହୋଇ ଏବେ
ମୁଖଟେକ ନ କହ କଥା ହେ ।
ଘନଶ୍ୟାମ

Digitized by srujanika@gmail.com

ଝଲ ଯେସନେହ ଗଲା କାହିଁ　ଝିକାଏ ଦୟା ଏବେ ନାହିଁ
ଝେକ କରୁଣା ତୁମ୍ଭେ　ନିର୍ଗୁଣ ଫଳାଉଛ
ବିଧାତା ବିଡମ୍ବଣ ଏହି ହେ । ୧୧ ।
ଠାବକରି ନଥିଲୁଁ　ଏବେ ସେ ଠାବ କଲୁଁ
ଠାକୁର ମାନଙ୍କର ରୀତି
ଠାଠିକ ଢରି ମେଳେ　କହନ୍ତି ଯେତେ ଯେତେ
କେତେ ନ କରନ୍ତି ସେ ଭ୍ରାନ୍ତି ହେ ।
ଘନଶ୍ୟାମ
ଠୂଳ ଭାଗ୍ୟ ଅମ୍ଭର ଯେତେ　ଠିକେ ଅମ୍ଭ ଅଭାଗ୍ୟ ତେତେ
ଠୂଳ ନିଧିକି ଦେଇ　ଘେନ ଯାଉଛୁ ବିହି
ଏହା କହିବୁଁ ଅବା କେତେ ହେ । ୧୨ ।
ଡ଼େଲାରେ ଦେଖିବା　କି ଶ୍ରବଣରେ ଶୁଣିମା
ଦୁଃଖ କାଳରେ ସୁଖକର
ଡ଼ହକ ବିଷ ଅମ୍ଭେ　ଖାଇକରି ମରିବୁଁ
ଡ଼ଙ୍କଡଙ୍କିଲା ହୃଦୟର ହେ ।
ଘନଶ୍ୟାମ
ଡକାଇତର ତୁମ୍ଭେ ଗୁରୁ　ଡ଼କା କରୁଛୁ କଂସ ଦୂରୁ
ଡ଼କାଇତରେ ପଡ଼ି　ଗଲେଣି ଡକାଉକି
ଅମ୍ଭେ କପାଇଁ ଅଡକଲୁଁ ହେ । ୧୩ ।
ଢ଼ାଳେ ତୁମ୍ଭ ମୂରତି　ମଧୁ ପଡ଼ିଏ ରୀତି
ଦେଖି ଯା ଶ୍ରବଣେ ଶୁଣିଲୁଁ
ଢ଼ମ ନୋହେ ହରିଣୀ—　ପ୍ରାୟେ ଗୋପ ତରୁଣୀ
ମଦନପଥିକ ଜାଣିଲୁ ହେ ।
ଘନଶ୍ୟାମ
ତଳ ନ ଯାଇଥିଲା ଜୀବ　ଢ଼ାଳେ ସେ କଥା ଏବେ ହେବ
ଢ଼ଳ କମଳ ଜଳେ　ଥଳ କମଳ ପ୍ରାୟେ
ସେହି ରୂପରେ ତୁମ୍ଭ ଭାବ ହେ । ୧୪ ।
ଆହେ ଶ୍ୟାମସୁନ୍ଦର　ବୃନ୍ଦାବନ ଚନ୍ଦ୍ରମା
ଆରତ ଜନଙ୍କ ଶରଣ
ଅନାଥ ଗୋପୀ ନାଥ　କରି ତୁମ୍ଭଙ୍କୁ ପାଇ
ଏବେ ହେଉଛୁଁ ଅକାରଣ ହେ ।
ଘନଶ୍ୟାମ
ଅଉ କି କହିବୁଁ ବିସ୍ତରି　ଏମନ୍ତ ଅଭାଗ୍ୟ ଅମ୍ଭରି
ଅଙ୍ଗ ବସନ ଯେବେ　ବିଷ ହୋଇଲା ଅସି
ଏଥି କେମନ୍ତ ଉପକାରୀ ହେ । ୧୫ ।
ତୁମ୍ଭ ପ୍ରଭୁପଣକୁ　ତୁମ୍ଭେ ସେ ପଟାନ୍ତର
ତୁମ୍ଭର ଏଥି କେଉଁ ଦୋଷ
ତେଥିପିହିଁ ପଇଡ଼—　କର୍ପୂର ଲେମ୍ବୁ ଯୋଗୁଁ
ପ୍ରତ୍ୟକ୍ଷେ ହୋଇଅଛି ବିଷ ହେ ।
ଘନଶ୍ୟାମ
ତୁମ୍ଭେତ ଜାଣ ସବୁ ରୀତି　ତହିଁକି ଅମ୍ଭର ଯୁଗତି
ତୁମ୍ଭ ଅମ୍ଭ ପୀରତି　କ୍ଷୀର ନୀରକୁ ପ୍ରତି
ଅକ୍ରୂର ହେଲା ହଂସ ବୃତ୍ତି ହେ । ୧୬ ।
ଥାପନା କରି ବୃକ୍ଷ　ବୃକ୍ଷ ନକରି ନାଶ
ଏମନ୍ତ ବୋଲନ୍ତି ସଂସାରେ
ଥୋଇଛ ସବୁରୂପେ　ଯଶ ତୁମ୍ଭେ ଏ ଗୋପେ
ଚନ୍ଦ୍ରମା ଯେସନେ ନଶାରେ ହେ ।
ଘନଶ୍ୟାମ
ଥିଲେ କି ହେବ ପ୍ରଭୁପଣ　ଥାଇ ଯେବେ ସମସ୍ତ ଗୁଣ
ଥିର ବିବେକ କ୍ଷମା　ଦୟାଧର ଗାରିମା
ଜାଣ ଯେ କଉ ମଲକ୍ଷଣ ହେ । ୧୭ ।
ଦେଖ ଯେଉଁ ସଭାରେ　ଦଳ ଲୋକ ବେଭାରେ
ନାମ ଅକ୍ରୂର ଖଳବୁଦ୍ଧି
ଦେଖି ହେଲା କେବଳ　ଦୁଃଖ ହେଲା ସଫଳ
ଗ୍ରାହନାମ ତା ସ୍ୱକ ସିଦ୍ଧି ହେ ।
ଘନଶ୍ୟାମ
ଦୁଷ୍ଟଙ୍କୁ କଂସା ଏଥେ ବାଛ　ଦୂରୁ ଯେ ନାମରେ ପ୍ରତ୍ୟକ୍ଷ
ଦେଖି ହେଲା କରଏ　ଚନ୍ଦ୍ର ସୂର୍ଯ୍ୟ ପଡ଼ିଏ
ଗତାଗତିରେ ତାଙ୍କୁ ଲକ୍ଷ ହେ । ୧୮ ।
ଧରି ତୁମ୍ଭ ଚରଣ　କହୁଛୁ ଅହେ ପ୍ରାଣ—
ବନ୍ଧୁ ଅମ୍ଭବଚନ ଶୁଣ
ଧନୂଯାତ୍ରା ନିମନ୍ତେ　ଧରାଇ ନେଉଅଛି
ଧ୍ରୁବ ବୋଲି ଏ କଥା ଜାଣ ହେ ।
ଘନଶ୍ୟାମ
ଧାତା ସହିଲେ ବଡପଣ　ଧାର୍ମ୍ମିକ ବିବେକ ଲକ୍ଷଣ
ଧାର୍ମ୍ମିକ ଅନୁକ୍ରମେ　ହୋଏ ସେ ସବୁ ବୁଦ୍ଧି
ଧଇର୍ଯ୍ୟ ନିଧି ଏହା ଜାଣ ହେ । ୧୯ ।
ନଷ୍ଟେ ଦଇବ ପ୍ରତି—　କୂଳ ହୋଇଲେ ମତି
ଅନତ ନୁହଇ ପ୍ରମାଣ

Digitized by srujanika@gmail.com

ନନ୍ଦ ଯଶୋଦା ଲେଶେ    ନ ଗୁଣନ୍ତି ଏ ବେଶେ
ହୃଦୟ କଲେତ ପାଷାଣ ହେ ।
ଘନଶ୍ୟାମ

ନିଆଁରେ ଘୃତ ଦେଲା ପ୍ରାଏ    ନିରନ୍ତରେ ଜଳୁଛି କାୟେ
ନିଶ୍ଚୟେ ଇଚ୍ଛା ପ୍ରାଣ    ନୋହିଥିଲେ ପ୍ରମାଣ
ନଥାନ୍ତା ଅଜ ଧନଯାଏ ହେ । ୨୦ ।

ପୂତନା ଅଘା ବକା    କେଶି ଅଦ ଧେନୁକା
ତୃଣାବର୍ତ୍ତକ ବସ୍ତ୍ରାସୁର
ପ୍ରାଣେ ଏହାଙ୍କୁ ମାରି    ପ୍ରାଣକୁ ରକ୍ଷାକରି
ଅମ୍ଭଙ୍କୁ କଲ ପ୍ରତିକାର ହେ ।
ଘନଶ୍ୟାମ

ପ୍ରବଳ ବାଦାନଳେ ପୋଡ଼    ପ୍ରତାପ ପୁରନ୍ଦର ଯାଡ଼
ପର୍ବତେ ହେଉଅଛି    ସମସ୍ତ ଏକ ହୋଇ
ବାହୁଡ଼ ଅସୁରନ୍ତି ମାଡ଼ ହେ । ୨୧ ।

ଫୁଲ୍ଲାରବିନ୍ଦ ମୁଖ    ଦେଖୁଥିବାର ସୁଖ
ଦୁଃଖକୁ ଗାଇବାର ନାହିଁ
ଫୁଲ ଧନୁରେ ଫୁଲ—    ଶର ବସାଇ ଫୁଲ-
ଶରହିଁ ବସିଅଛି ଗୃହିଁ ହେ ।
ଘନଶ୍ୟାମ

ଫୁରୁଣା ହୋଇଅଛି ଯାହା    ଫେଡ଼ କେ କହୁଛନ୍ତି ତାହା
ଫାଇ କାଳ ଅମ୍ଭଙ୍କୁ    ଅଶେଷ କରିବ ବୋଲି
ହୋଇଥିଲା ଅତି ଉତ୍ସାହା ହେ । ୨୨ ।

ବୃନ୍ଦାବନରେ ଥିଲେ    ବିକଳ ହେଉଥାଉଁ
ଯୁଗସମାନ ମଣୁଁ ଦିନ
ବିଧାତାର ବିଗ୍ରହ    କେମନ୍ତ ମଣୁଅଛ
ମନରେ କରୁଅଛ ଭଜନ ହେ ।
ଘନଶ୍ୟାମ

ବଧିକ ବୋଲିବା ବିଅର୍ଥ    ବିଗ୍ରହରେ ତୁମ୍ଭେ ସବୁ ସାର୍ଥ
ବତ୍ସା ବାଳକ ହରି    ନେବାର କାଳେ ତୁମ୍ଭେ
ତା ସଙ୍ଗେ ନକଲ ଅନର୍ଥ ହେ । ୨୩ ।

ଭ୍ରମର ଫୁଲେ ବସି    ବିହରୁ ଥିଲେ ହଂସୀ
କରୁଥାଉଁ ସେ ଯେଉଁ ହାସ୍ୟ
ଭଲ ଭଲ ପୀରତି    ଦଣ୍ଡକେ ଅନ ସ୍ଥିତି
ଭଲ ଅମ୍ଭର ପରିହାସ ହେ ।
ଘନଶ୍ୟାମ

ଭକତ ସେ ପୀରତି ଏବେ    ଭଗାରି ପ୍ରାୟେକ ହସିବେ
ଭବଗ୍ରାହୀ ହୋଇଣ    ଅଭାବ କରୁଅଛ
ଜଗତେ କି ବୋଲି ଭାଷିବେ ହେ । ୨୪ ।

ମହାଥିରତ ଲୋଭେ    ମହତ ଲୋକମାନେ
ମହତ ତୋପରେ ପଡନ୍ତି
ମହାତୃଷା ଥିରତେ    ମୃଗମାନେ ହେ ମୃଗ—
ତୃଷ୍ଣାରେ ଜୀବନ ହାରନ୍ତି ହେ ।
ଘନଶ୍ୟାମ

ମହାପଣ୍ଡିତପଣ ଥିଲେ    ମାୟାରେ ଭ୍ରମି ହୋଇ ଭଲେ
ମହା ଅଶାରେ ମହା—    ଦୁଃଖ ଭୋଗ କରନ୍ତି
ମହାଦୁଃଖ କୃପଣ ବୋଲେ ହେ । ୨୫ ।

ଜନମକାଳୁଁ ଯେତେ    ଅଇଲେ ଦୂତ ଯେତେ
ଗୁପତେ ତାହାଙ୍କୁ ମାରିଲ
ଜଗତକଳଙ୍କର    ହୋଇ ଏବେ ଅକ୍ରୂର
କଳଙ୍କର ପ୍ରତିମା ହେଲ ହେ ।
ଘନଶ୍ୟାମ

ଯେମନ୍ତ ସୂତ୍ରଧାର ବୋଲେ    ଜୀବନ ଅନ୍ତରେ କି ଥିଲେ
ଯୌବନରୁ ବାହାର-    ହୁଅଇ ନଟବର
ସେରୂପେ ତୁମ୍ଭଙ୍କୁ ସେ କଲେ ହେ । ୨୬ ।

ରାଜାମାନେ ହାସରେ    ମାତାଙ୍ଗ ପରୂପରେ
ସର୍ବ ଅଭ୍ରାଣରେ ନାଶନ୍ତି
ରବ ଅଗ୍ନିବିଷରୁ    ନଷ୍ଟାରେ ମହାଗୁରୁ
ମୁଖେ ଯା ମୃତ୍ତିରେ ଭାଷନ୍ତି ହେ ।
ଘନଶ୍ୟାମ

ରଙ୍ଗସଭାକୁ ତୁମ୍ଭେ ରସି    ରଥରେ ଯାଉଅଛ ବସି
ରଙ୍ଗ-ରାଜୀବକରେ    ଧେନ ଅସିମଣ୍ଡରେ
ଅମ୍ଭର ଗଳା ଦିଅ ଘଷି ହେ । ୨୭ ।

ଲାବଣ୍ୟନିଧି ହସି    ରଥୁଁ ଓହ୍ଲାଇ ଅସି
ବୋଲନ୍ତି ଅହେ ଗୋପୀମାନେ
ଲକ୍ଷ ନାହିଁ ତୁମ୍ଭଙ୍କୁ    ଯେତେରୂପେ ଅମ୍ଭଙ୍କୁ
କହିଲ ଅତିହିତମନେ ଗୋ
ଗୋପୀମାନେ

ଲୀଳାରେ ଯେ ଯାହାକୁ କଣେ    ଲୋଭ ତାପରେ ଅନୁକ୍ଷଣେ-
ଲକ୍ଷେ କୋଶରେ ଥିଲେ    ସେହି ତାହାର ହଲେ
କେବଳ ରାଜଅଜ୍ଞା ଏଣେ ହେ । ୨୮ ।

Digitized by srujanika@gmail.com

ବୈଭବରେ ହେଁ ତୁମ୍ଭର ଗୁଣମାନ ଅପାର
ବେଭରେ ବନ୍ଧନ ହୋଇଛୁଁ
ବଡ଼କରି ଯେତେହେଁ ସେହିଥିଲେ ତେତେହେଁ
ତୁମ୍ଭ ପାଶରେ ରହୁଅଛୁଁ ହେ

ଘନଶ୍ୟାମ

ବିଶ୍ୱରକର ଏହା ମନେ ବିଦେଶ କରିଥିଲେ ଜନେ
ବଢ଼ାଇ ଯେ ଯାହାର କାର୍ଯ୍ୟମାନ ଦୋଷର
ପ୍ରବେଶ କରନ୍ତି ଭୁବନେ ହେ । ୨୯ ।
ସଂସାରେ ଏହିମତ ଦୁଃଖ ସୁଖ ସମ୍ପତ୍ତି
ଚିର ହୋଇ ନରହେ କେହି
ଶୁଭାଶୁଭ କରମ ବିୟୋଗ ହାନି ଲାଭ
ଶରୀର ଥିଲେ ସବୁ ପାଇ ହେ ।

ଘନଶ୍ୟାମ

ସମସ୍ତ ହୋଇ ଯୋଗଥିଲେ ଯବୁ ସରଇ ଜୀବଗଲେ
ସମସ୍ତ ମନ ନୋହି— ଥିବ ଅନନ୍ଦ ହୋଇ
ଅଧିକ କି ହେବ କହିଲେ ହେ । ୩୦ ।
ଶୁଣିଲେ ହେଁ ସମସ୍ତେ ଯେତେରୂପେ ଶ୍ରୀହସ୍ତେ
ଲେଖିଥିଲେ ଶ୍ରୀଭୁଜପତୀ ।
ସହଜେ ରାଜ ଅଜ୍ଞା କରି ନୋହେ ଅବଜ୍ଞା
କଲେ ରହି ନପାରି ସ୍ଥିତି ହେ ।

ଗୋପୀମାନେ

ସେ ଯେ ଶ୍ରୀହସ୍ତର ପତ୍ରକ ସାକ୍ଷାତେ ହୁଅଇ ଅନ୍ତକ
ସାମାନ୍ୟ କଲେ ଚିହ୍ନ ସକଳ ଦୋଷ ନାଶେ
ସୁଖ ସେ ଦିଅଇ ଅନେକ ଗୋ । ୩୧

ସନ୍ତୋଷ ହୋଇ ଯେବେ ତୁମ୍ଭେ ବୋଲିବ ଏବେ
ରଥରେ ବିଜୟ କରିବୁଁ
ଶୁଭେ ଧନୁ ଉତ୍ସବ ଯାତ୍ରା ବଢ଼ାଇ କରି
ସବୁରି ସନ୍ତାପ ନାଶିବୁଁ ଗୋ

ଗୋପୀମାନେ

ସ୍ନେହଅମୃତ୍କୁ କରିଥିବ ସ୍ଫଟିକ ପରାଏ ନୋହିବ ।
ସେ ଯେମନ୍ତ ପାଶରେ ଥିଲେ ଶୁକ୍ତିକ ଧରେ
ଅନ୍ତର ହେଲେ ଅନଭାବ ଗୋ ।୩୨ ।
ହରଷେ ଶୋକାଭରେ ଏକଗୋପୀଏ ଧୀରେ
ବୋଇଲା ଅହେ ବ୍ରଜରାଏ
ହୃଦ ଉଡୁଚେ ଆମ୍ଭେ ତୁମ୍ଭଙ୍କୁ ସେନୁଅଛୁଁ
ଜଳରେ ନଳିନୀ ପରାଏ ହେ ।

ଘନଶ୍ୟାମ

ହାସ୍ୟ ରସ ବଚନେ କହି ହୃଦରେ କପଟ ନ ରହି
ହରିଲେ ଅମୃତମନ ଧନ ବସ୍ତ୍ର ଦେଇଣ
ତୁମ୍ଭପରାଏ ଗ୍ରହୁଁ ତା ହିଁ ହେ । ୩୩ ।
କ୍ଷମାସାଗର ଲୋକ ଛଡ଼ାଇ ଅଧି ଭାବ
ଦେଖାଇ ଗୋପୀଙ୍କି ମୋହିଲେ
ଛଛନ୍ଦେ ରଥେ ବସି ଅକ୍ରୂର ମନ ତୋଷି
ମଥୁରାକୁ ବିଜୟ କଲେ ସେ ।

ଘନଶ୍ୟାମ

କ୍ଷମାକର ବଦନ ଦେଖି ଛଛନ୍ଦେ ଶୁଣ ହେ ସଖି
କ୍ଷମେ କହଇ ଦୀନ— କୃଷ୍ଣ ଦାସ ଲଭିଣ
ତାଙ୍କ କରୁଣା ସିନା ଲେଖି ହେ ।

---

# ସେ

( ଗଳ୍ପ )

**ଶ୍ରୀ ଅଜିତକୁମାର ଦାସ**

ପୁନେଇ ସଞ୍ଜ । ରୂପାଥାଳ ପରି ଜହ୍ନଟା, ଉଣା-ହେଲା ତୁଳାପରି ମେଘଗୁଡ଼ାକ ଆଢ଼ୁଆଳରେ ପଶି ଅକାଗ୍ରକା ହୋଇଗଲେଣି । ନେଳ ପାଚରିଘେର ଗଛକଟାକୁ ଧାଁଉଥାଏ ସେଇଥିପାଇଁ । କାଉଗୁଡ଼ାଏ କା କା କରିଉଠିଲେ ସକାଳ ହେଲାଣି ଭାବି । ପୁଣି ଯେଉଁ ଭୁଲ ବୁଝିପାରି ଅପଣା ଅପଣା ବସାକୁ ଫେରିଲେ ତୁନହୋଇ । ବୁଢ଼ୀପେଲ ଅଲୁଅର ନହଡ଼ ଭସିଯାଉଥାଏ ବଣର ଛାଇରେ—ଦକ୍ଷିଣାପବନ ବହିଯାଉଥାଏ ଅଳସ-ମନ୍ଥର ଛନ୍ଦରେ । ନଦୀଟି କଲକଲକରି ବହିଯାଉଥାଏ କେତେ ଅଲବଲ କଥା ଶିଶୁର କାକଳି ପରି ।

Digitized by srujanika@gmail.com

ବଣ ଶେଷରେ ଗଛ ଉହାଡ଼ରେ ଗୋଟିଏ ଲଙ୍ଗା-କୁଡ଼ିଆ—ତା ଚାଳ ଭିତର ଦେଇ ମେଞ୍ଚାଏ ଜହ୍ନ ଆଲୁଅ ସି ଘର କଣଟାକୁ ଆଲୁଅ କରି ପକାଇଛି—ବାଡ଼ପଟ ପିଜୁଳି ଗଛରେ ଗୁଡ଼ାଏ ବାଦୁଡ଼ି ଫଡଫଡ଼ ହେଉଛନ୍ତି । ମେଲି କୁଟୀରଟାରେ ଅସି ପସିଲି ସେ—କହିଲି "ମୁଁ ଅସିଛି ।" ହସି ଉଠିଲେ ଗୃହିଅଡ଼େ ଫୁଲ—ମହକ ଚହଟରେ କୁଡ଼ିଆଟା ଭରିଗଲା । ଗୃହିଅଡ଼େ; ଗୋଟାଏ ଅନନ୍ଦର ମର୍ମର ଶବ୍ଦ—ପୁଲକର ମଧୁର ଝଙ୍କାର—ଅଗମଣୀର ମଧୁର ମୂର୍ଚ୍ଛନା, ଦେବୁ ମିଶି ଗୋଟାଏ ଅପୂର୍ବ କୋଳାହଳ ଶୁଭି ଉଠିଲା । ପୃଥିବୀ, ପ୍ରକୃତି ବରି-ନେଲେ ତାକୁ ଅବାହନ ଗୀତିଗାଇ ଅପଣା ମନ୍ଦିରକୁ । ଅଗଣା ମନ୍ଦିରରେ ଗୋଟିଏ ରଜନୀଗନ୍ଧା ଭରିଦେଲା ସାରା କୁଟୀରଟାକୁ ଅପଣା ମଦର ବାସରେ ।

ମୁହଁରେ ତାର ଲଗିରହିଥାଏ ଖାଲି ହସ, ଚକ୍ଷୁରେ ନିର୍ମଳ ଚାହାଣି, ସମଗ୍ର ଶରୀରଟାରେ ଗୋଟାଏ ସ୍ନିଗ୍ଧ ସୌନ୍ଦର୍ଯ୍ୟର ଅପୂର୍ବ ବିକାଶ । ଏହି ସମୟରେ ବାଟରେ ଯାଉଥିଲା ଜଣେ ବାଟୋଇ ଖୋଲା ଦୁଆରବାଟେ ପଶି ଅସି ଘର ମଝିରେ ଅସି ଛିଡ଼ା ହେଲା । ବାଟୋଇ କହିଲା—ମୁଁ ଯାଉଛି । ବାଟୋଇ ମୁହଁକୁ ଅନାଇ ସେ ହସି ଉଠିଲା—ସୁନ୍ଦର ନିର୍ମଳ ପ୍ରାଣ ଖୋଲା ହସ । କହିଲା—ନା, ମୁଁ ଅସିଛି । ବାଟୋଇ ଟିକେ ହସିଦେଇ ଚାଲିଗଲା ।

—୨—

ସେଦିନ ଶୁକ୍ଳ ଦ୍ୱାଦଶୀ—ଠିକ ଦୁଇପହର ରାତି ଗର୍ଜଣି— ନେଳି ଚନ୍ଦ୍ରଅଟାରେ ଲକ୍ଷେ ଖଣ୍ଡେ ହୀରା ଝକଝକ କରି ଉଠିଲେ—ତାଙ୍କସାଙ୍ଗରେ ବାଦ କରି ଗୁଡ଼ାଏ ଜୁଳୁଜୁଳିଆ ପୋକ ବଣସାକ ଧକ ଧକ କରି ଜଳୁଥାନ୍ତି—ବାମୁଣୀ ବେଙ୍ଗଟାଏ ଓଲଟଲେ କଠର କଠର ହେଉଥାଏ । ନଈରେ ଅସିଥାଏ ଜୁଆର—ପଠାରେ ପାଣି ପଶି ଗୁଡ଼ାଏ ଚଢ଼େଇଙ୍କୁ ଦେଲା ଘଉଡ଼ାଇ । ସେଥିରୁ ଗୋଟାଏ କୋଉଠାଏ ଅକାଶରେ ଉଡ଼ ଉଡ଼ ଟେଁ ଟେଁ ହେଉଥାନ୍ତି—ବୋଧହୁଏ ମନେ ନ ଉହାଡରେ ଥିବା ବିଶ୍ୱପ୍ରଭୁଙ୍କ ଠାରେ ଦୁଃଖର ଗୁହାରି କରିବାକୁ । ଅକାଶରେ ଖଣ୍ଡେହେଲେ ମେଘ ନାହିଁ । ତାରାଗୁଡ଼ାକ ଜହ୍ନକୁ ଘେରି କ'ଣ ଗୋଟାଏ ଉତ୍ସବରେ ମାତିଛନ୍ତି ।

କୁଟୀରର ଗୃହିଅଡ଼େ ମଧ୍ୟ ଉତ୍ସବର ଅଡ଼ମ୍ବର—ଉଚ୍ଛୁଳତା-ଦୁର୍ବାର ବାସନାର ମଦର ବନ୍ୟା—ଫୁଲ-ଗୁଡ଼ାକ ଢଳ ଢଳ ପଡ଼ୁଥାନ୍ତି ଯେଝା ଯେଝା ଉପରେ ସେହି ଉତ୍ସବ ନିଶାରେ ମାତାଲ ହୋଇ ।—କୁଡ଼ିଆ ଭିତରେ ସେ ଏ-କଣ ସେ-କଣ ହୋଇବୁଲୁଥାଏ । ମୁଖରେ ହସ ନାହିଁ-ପ୍ରଶସ୍ତ କପାଳ କୁଞ୍ଚିତ—ଆଖିରେ ଗୋଟାଏ ଅଶା - ଗୋଟାଏ ଲାଲସା—ଗୋଟାଏ କାମନାର ଶିଖା । ସେ ଲାଗିଥାଏ ଉତ୍ସବର ସହସ୍ର ଅୟୋଜନରେ । ଗୃହି-ଅଡ଼େ ତାର ତୃପ୍ତ ଆକାଂକ୍ଷା, ମଧ୍ୟାହ୍ନ ସୂର୍ଯ୍ୟର ପ୍ରଚଣ୍ଡ କିରଣ ଭଳି - ଉଗ୍ର, କ୍ଷିପ୍ର ଅସୀମ ତାର ସେ ବ୍ୟସ୍ତତା । ଅବସର ବିନ୍ଦୁମାତ୍ର ନାହିଁ । ଗୃହିଅଡ଼େ କେବଳ କର୍ମ ଓ କୋଳାହଳ । କପାଳରେ ତାର ଝାଳ ବୁନ୍ଦା ବୁନ୍ଦା ହୋଇ ଫୁଟି ଉଠିଥାଏ—ଅକାଶର ତାରାଗୁଡ଼ାକ-ଭଳି । ମଝିରେ ମଝିରେ ଗୋଟାଏ ହାତରେ ସେ ଝାଳ ଝାଡ଼ିପକାଉଥାଏ, ଏହି ଯା ତାର ଦଣ୍ଡେ ବିଶ୍ରାମ ।

ଏହିପରି ସମୟରେ ପୁଣି ସେହି ବାଟୋଇ ଅସି ପହଞ୍ଚିଲା ଦାଣ୍ଡଦୁଆରେ । ଗୃହି ଅଡ଼କୁ ଅନାଇ ଘର ଭିତରେ ପଶିଗଲା, କହିଲା—କାହିଁ ! କ'ଣ ହେଉଛି କି ? ମୋତେ ଚିହ୍ନିପାରୁଚ ଟିକି ? ସେ ଅନାଇଲା—ଥରେ ବାଟୋଇ ମୁହଁକୁ ବିସ୍ମିତ ହୋଇ, କହିଲା,—କିଏସେ ତୁମେ ? ମୋର ବର୍ତ୍ତମାନ ସମୟ ନାହିଁ—ବଡ ବ୍ୟସ୍ତ । ତା ପରେ ଅପଣା କାମରେ ଲାଗିଲା ବାଟୋଇ ଅନେକ ବେଳଯାଏ ଛିଡ଼ାହୋଇ ରହିଲା—ତା ମୁହଁରେ ଗୋଟାଏ କୌତୁକର ହସ, ଚକ୍ଷୁରେ ଗୋଟାଏ ସହାନୁ-ଭୂତିର ଦୃଷ୍ଟି । କିଛିକ୍ଷଣ ଅନାଇ ଧୀରେ ଧୀରେ ବାଟୋଇ ଚାଲିଗଲା ଅପଣା ଗଲା ବାଟରେ । ବାଟୋଇ ଯିବା କଥା ସେ କିଛି ଜାଣି ପାରିଲା ନାହିଁ—ଏଡ଼େ ବ୍ୟସ୍ତ ସେ ।

( ୩ )

ପୁଣି ଅଉଦିନେ । ସେ ଦିନ ଜଁଅସ—ସାରା ବିଶ୍ୱ-ଜଗତ ଅପଣାକୁ ଗୋଟାଏ କାଳିଆ ଶାଢ଼ୀରେ ଲୁଚାଇ--ପକାଇଛି । ପୃଥିବୀ ଅନ୍ଧାର ଦେଖି ଅକାଶ ଅପଣା ମୁହଁ କଳା ମେଘରେ ଘୋଡ଼ାଇ ପକାଇଛି । କେଉଁଠି କମିଳ

Digitized by srujanika@gmail.com

ଗୋଟାଏ ଅଧେ ଚିରା କଳା ମେଘ-ଗହ୍ୱରଟାରେ କଣାକରି ତା ଭିତର ଦେଇ ପୃଥିବୀ ଅଡ଼କୁ ଅନାଇ ରହିଛି । ଗୁଡ଼ାଏ ପେଚା ହୁଁ ହୁଁ କରୁଛନ୍ତି—ଗଭୀର ରାତିର ନିସ୍ତବ୍ଧ ବିଭୀଷିକାକୁ ଭୀଷଣତର କରି । ବଣ ଗଛଅଡ଼େ ଅଜସ୍ର ଝିଲ୍ଲିଙ୍କର ବିମର୍ଷ ରବ । ଟପ ଟପ କରି ପାଣି ପଡ଼ୁଥାଏ । ଫୁଲଗୁଡ଼ାକ ସବୁ ଝାଉଁଳି ପଡ଼ିଲେଣି—ରଜନୀଗନ୍ଧା କୁଣ୍ଡତଳେ କେତେଗୁଡ଼ାଏ ବାସିଫୁଲ ପଡ଼ିଥାନ୍ତି, ଉତ୍ସବର ଶେଷ ଚିହ୍ନ ଭଳି ।—ଥାଇଁ ଥାଇଁ ବିଜୁଳି ଚକଚକ ହୋଇ ଉଠୁଥାଏ, ପରିପୂର୍ଣ୍ଣ ବିଷାଦର ହୃଦଭଙ୍ଗା କ୍ଷଣିକ ହସପରି । ଦୂରରେ ମେଘର ଗୁରୁଗୁରୁ ଶବ୍ଦ ଭଙ୍ଗାବୀଣାର ମର୍ମଭେଦୀ ଆର୍ତ୍ତନାଦପରି । ଗୁଡ଼ାଏ ବଲ୍ଲୁଅ ଅନ୍ଧାର ଦେଖି ଅପଣାର କାମରେ ଚାଲିଥାନ୍ତି— ଥାଇ ଥାଇ ଗୋଟାଏ ଡାକଦେଇ ନିସ୍ପନ୍ଦ ରାତିର ନୀରବତାକୁ ଭାଙ୍ଗିଦେଇ ।

ରାତି ଅଧି ଉଣା ବିତି ଚାଲିଣି । ସେହି କୁଡ଼ିଅଟିରେ ସେ ବସିଥାଏ ମୁଣ୍ଡରେ ହାତ ଦେଇ । ତା ଆଖିରେ ତାର ସେ ଦୀପ୍ତି ନାହିଁ—ସେଥିରେ କେତେ ହତାଶାର, କେତେ ବ୍ୟର୍ଥତାର, କେତେ ବିରହର, କେତେ ଅତୃପ୍ତିର ଅପରିସୀମ ବେଦନାଭରା ଉଦାସ ଚାହାଁଣି । କୋଟରଗତ ଆଖିକୋଣରେ ଦୁଇଟୋପା ଲୁହ । ଚାରିଅଡ଼େ ବିଶ୍ୱପ୍ରକୃତି ଆଜ ମୌନ—ମଳିନ—ନିଃଶବ୍ଦ—ଅଧୋମୁଖ । ଦେହରେ ସେ ତେଜ ତାର ନାହିଁ—ଲୋଳ ଚର୍ମ ଉପରେ ସଂସାର ଝଟିକାର ଅସଂଖ୍ୟ ରେଖା—କପାଳରେ ଅଗଣିତ ବଳି—ମୁଣ୍ଡର ବାଲଗୁଡ଼ାକ ସବୁ ବିଶୃଙ୍ଖଳ ଶୁଭ୍ର ।

ଦୂରରେ—ଅତିଦୂରରେ ଗୋଟାଏ କ୍ଷୀଣଶବ୍ଦ, ଯେପରି କି'ଣ ଗୋଟାଏ ବିଷାଦର ରାଗିଣୀ—ବିଦାୟର ଶେଷ-କ୍ରନ୍ଦନ—ଯନ୍ତ୍ରଣାର ଅବ୍ୟକ୍ତ ମର୍ମଭେଦୀ କାତରତା । ଧୀରେ ଧୀରେ ଉଠିଲା ସେ । ଅନାଇଁ ଦେଖିଲା—ବାହାରେ କେହି ନାହିଁ—ଫେରି ବସିଲା ପୁଣି ନିଜ ଜାଗାରେ । ଗୋଟାଏ ଦୀର୍ଘ ନିଃଶ୍ୱାସ ତାର ବକ୍ଷ-ପିଞ୍ଜରରୁ ଖସି, ହାହା କରି ବୁଲିଗଲା ଘରଦ୍ୱାର—କେତେ ଅତୀତର ଇତିହାସ ଗାଇଦେଇ । ଏହି ସମୟରେ ଦୁଆରଟା ଫିଟିଗଲା । ଘର କଣରେ ମିଞ୍ଜି ମିଞ୍ଜି କରି ଜଳୁଥିବା ଦୀପର ମଳିନ ଆଲୁଅରେ ଅନାଇ ଦେଖିଲା ସେ—ସେହି ବାଟୋଇ । ବାଟୋଇ ମୁଖରେ ସେହି କରୁଣାର ହସ—ଆଖିରେ ସେହି ଅପୂର୍ବ ଦୀପ୍ତି । ବାଟୋଇ କହିଲା—ମତେ ଚିହ୍ନିପାରୁଛ କି ?

ସେ କହିଲା—ହଁ

ବାଟୋଇ କହିଲା—ଆଜ ମୁଁ ଆସିଛି

ତାର ମୁଖରେ ଗୋଟାଏ ବିଷାଦର ହାସ୍ୟ ଫୁଟି-ଉଠିଲା—କହିଲା—କିନ୍ତୁ ବନ୍ଧୁ, ମୁଁ ଆଜ ଯାଉଛି ।

Digitized by srujanika@gmail.com



# ନବଘନ ଚଉତିଶାର ସମାଲୋଚନା

**ଶ୍ରୀ ଶ୍ରୀଧରଦାସ**

ଉତ୍କଳସାହିତ୍ୟରେ ଚଉତିଶା ସୁପରିଚିତ । କ-ଠାରୁ କ୍ଷ ପର୍ଯ୍ୟନ୍ତ ଚଉତିଶଟି ଅକ୍ଷରର ପ୍ରତ୍ୟେକକୁ ଆଦ୍ୟରେ ରଖି ଗୋଟି ଗୋଟିଏ ପଦ ରଚିତ ହୋଇଥିବାରୁ ଏ ଶ୍ରେଣୀର କବିତାକୁ ଚଉତିଶା କହନ୍ତି । କମଳାକାନ୍ତ ଚଉତିଶା, ମନବୋଧ ଚଉତିଶା, କମଳଲୋଚନ ଚଉତିଶା ପ୍ରଭୃତି ଉତ୍କଳର ଜନସାଧାରଣଙ୍କଠାରେ ଅତ୍ୟନ୍ତ ଆଦୃତ । ଯେପରି ଚତୁର୍ଦ୍ଦଶ ପଦୀ କବିତା ସାହିତ୍ୟ କ୍ଷେତ୍ରରେ ଗୋଟିଏ ଶ୍ରେଣୀ ବୋଲି ପରିଗଣିତ ସେହିପରି ଚଉତିଶା ମଧ୍ୟ ଗୋଟିଏ ଶ୍ରେଣୀର କବିତା । ନବଘନ ଚଉତିଶା ଏହି ପ୍ରାଚୀନ ଧରଣର ଗୋଟିଏ ଚଉତିଶା । ପ୍ରାଚୀନ ଉତ୍କଳସାହିତ୍ୟ ( Classical poetry ) 'ପୁରାତନ ଧରଣ କବିତା'ରେ ପୂର୍ଣ୍ଣ; ( romantic ) 'ବୈଚିତ୍ର୍ୟପୂର୍ଣ୍ଣ କବିତା' ସେ କାଳରେ ବିଶେଷ ପ୍ରଚଳିତ ନ ଥିଲା । ନବଘନ ଚଉତିଶା ଏହି ପ୍ରଥମୋକ୍ତ ( Classical ) ପୁରାତନ ଧରଣର କବିତା ଶ୍ରେଣୀର ।

ଏହି ଚଉତିଶାର ପ୍ରଣେତା ଶ୍ରୀ ଦୀନକୃଷ୍ଣ ଦାସ ବୋଲି ଚଉତିଶାର ଶେଷ ପଦରୁ ଜଣାପଡ଼ୁଅଛି । ପ୍ରାଚୀନ ଉତ୍କଳସାହିତ୍ୟ କ୍ଷେତ୍ରରେ ଦୁଇଜଣ ଦୀନକୃଷ୍ଣ ଦାସ ପରିଦୃଷ୍ଟ ହୁଅନ୍ତି । ଜଣେ ସୁନାମଖ୍ୟାତ ରସକଲ୍ଲୋଳ-ପ୍ରଣେତା ଦୀନକୃଷ୍ଣ ଦାସ, ତାଙ୍କର ବାସସ୍ଥାନ ପୁରୀରେ ଥିଲା । ସେ ଜାତିରେ କରଣ ବୈଷ୍ଣବ ଥିଲେ । ଅପର ଦୀନକୃଷ୍ଣ ଦାସ ବାଲେଶ୍ୱର ଜିଲ୍ଲାର ଜଲେଶ୍ୱର ଗ୍ରାମ-ନିବାସୀ ଜନୈକ ରାଜପୁତ ଥିଲେ । ସେ ଗୁଣସାଗର, ପ୍ରସ୍ତାବସିନ୍ଧୁ, ନାମରତ୍ନଗୀତା ପ୍ରଭୃତି କେତେକ ପୁସ୍ତକ ରଚନା କରିଥିଲେ । ଶଂସିତ ନବଘନ ଚଉତିଶାଖଣ୍ଡି ରସକଲ୍ଲୋଳ ରଚୟିତା ଦୀନକୃଷ୍ଣଙ୍କ ବିରଚିତ ବୋଲି ସମ୍ପୂର୍ଣ୍ଣ ଅନୁମିତ ହୁଏ । ଉକ୍ତ ଦୀନକୃଷ୍ଣ ରସର ଆଶ୍ରୟ ନେଇ ରଚନା କରିବାରେ କିପରି ସିଦ୍ଧହସ୍ତ ତାହା ରସକଲ୍ଲୋଳରୁ ସ୍ପଷ୍ଟ ପ୍ରତୀୟମାନ ହୁଏ । ଅଧିକନ୍ତୁ ମଧ୍ୟ ତାଙ୍କର ଭାଷା ଲଳିତ ଓ କଠିନ ଛନ୍ଦୋଯୁକ୍ତ । ଏହି କ୍ଷୁଦ୍ର ଚଉତିଶାରେ ଯେପରିଭାବରେ ବର୍ଣ୍ଣନା କରାଯାଇଅଛି ଓ ଯେ ପ୍ରକାର ଭାଷା ବ୍ୟବହାର କରାଯାଇଅଛି ସେଥିରୁ ରସକଲ୍ଲୋଳପ୍ରଣେତା ଦୀନକୃଷ୍ଣ ଏହାର ରଚୟିତା ବୋଲି ନିଃସନ୍ଦେହରୂପେ ବୋଲାଯାଇପାରେ । କବିଙ୍କର 'ଆରତବାଣ ଚଉତିଶା' ନାମକ ଅଉ ଗୋଟିଏ ଚଉତିଶା ମଧ୍ୟ ଅଛି ।



Digitized by srujanika@gmail.com

ଚଉତିଶା ଭିନ୍ନ ଭିନ୍ନ ରାଗିଣୀରେ ହୋଇପାରେ । ମନବୋଧ ଚଉତିଶା କଳହଂସ କେଦାର ବୃତ୍ତରେ, କମଳାକାନ୍ତ ଚଉତିଶା କେଶିବୃତ୍ତରେ, କମଳଲୋଚନ ଚଉତିଶା ଭାଗବତ ବୃତ୍ତରେ, ଅରତବାଣ ଚଉତିଶା କାମୋଦୀ ବୃତ୍ତରେ ରଚିତ । ଆଲୋଚ୍ୟ ନବଘନ ଚଉତିଶାର ବୃତ୍ତ କାମୋଦୀ ।

କ ଠାରୁ ଆରମ୍ଭକରି ପର୍ଯ୍ୟାୟକ୍ରମେ କ୍ଷ ପର୍ଯ୍ୟନ୍ତ ଅକ୍ଷରକୁ ଆଦ୍ୟରେ ରଖି ଚଉତିଶା ସାଧାରଣତଃ ଲେଖାଯାଉଥିଲେହେଁ କବିମାନେ ଙ, ଞ ଓ ଣ ଆଦ୍ୟରେ ଥିବା ଶବ୍ଦର ପ୍ରାଚୁର୍ଯ୍ୟ ଅଭାବରୁ ସେ ସବୁ ସ୍ଥଳରେ ନ, ବା ଅଣ ରଖି ରଚନା କରିଥାନ୍ତି । ଣ ସ୍ଥଳରେ ଅନ୍ୟ ଅକ୍ଷର ଆଦ୍ୟରେ ରଖିବାର ମଧ୍ୟ ଦେଖାଯାଏ । ଙ ସ୍ଥଳରେ ଉ ର ବ୍ୟବହାର; ଯଥା :—

ଉଇଁ ଅସ୍ତଛି କି ଚନ୍ଦ୍ରମା ଏ କି ମଧୁସାଗରୁ,
ଉଠ ମଧୁପୁର ଯୁବତୀ ଓଗାଳିବା ଆଗରୁ ।
( କଳାକଳେବର ଚଃ )

ଉଦ୍ଧାର ହେବୁ ଯେବେ ଭବସାଗରୁ,
ଉପାୟ କରି ଭଜ ଏବେ ଶ୍ରୀଗୁରୁ ଯେ । ଇତ୍ୟାଦି
( ମନବୋଧ ଚଃ )

ଙ ସ୍ଥଳରେ ନ ର ବ୍ୟବହାର; ଯଥା :—

ନନ୍ଦନନ୍ଦନ ଗୋପୀନାଥ,
ନିସ୍ତରିଯିବା ନରେ ଚିନ୍ତ ।
( କମଳଲୋଚନ ଚଃ )

ଞ ସ୍ଥଳରେ ନ, ଯଥା :—

ନିଶି ଦିବସେ ଥାଅ ନୋହୁ ନା ମନ,
ନିଦ୍ରାରେ ଦେଖୁଅଛୁ ଯଥା ସ୍ୱପନରେ ଇତ୍ୟାଦି
( ମନବୋଧ ଚଃ )

ନିୟମ କରି କହୁଛି, ନ ରହିବ ଜୀବ ତାଙ୍କୁ ନଦେଖି ଯେ । ମୁଁ ତ ନପାରେ ତାଙ୍କୁ ମୁରୁଛି ସଜନୀ ଗୋ ।
( ରାଧାକୃଷ୍ଣ ମିଳନ ଚଃ )

ଣ ସ୍ଥଳରେ ଅଣ, ଯଥା :—

ଏଣେ ତୁ ଦେଇଥିଲେ ତେଣେ ପାଇବୁ,
ଅଣଆସ୍ୱାନ୍ତ ବେଳେ କି ସେନ ଯିବୁ ରେ
ଅଣ ନିଶ୍ୱାସୀ ହୋଇ ରହିବୁ ଦିନେ,
ଅନେକ ଦୁଃଖ ଦେବେ ଯମ ଭୁବନେ ରେ ।
( ମନବୋଧ ଚଃ )

ଏଠାରେ ଆଦ୍ୟ ପଂକ୍ତିରେ ଅଣ ମଧ୍ୟ ବ୍ୟବହାର ହୋଇ ନାହିଁ ।

କ୍ଷ ସ୍ଥଳରେ ଛ, ଯଥା ;—ଛନ୍ଦିଲେ ବଳରାମ ଦାସ ।
( କମଳଲୋଚନ ଚଃ )

ଛାର ଦେହକୁ ମନ ନଯା ବିଶ୍ୱାସ,
ଛାର ବୁଝିବ କହେ ଭକତ ଦାସ ।
( ମନବୋଧ ଚଃ )

କ୍ଷ—କ ଓ ଷ ର ମିଶ୍ରଣରେ ଗଠିତ । ହିନ୍ଦୁସ୍ଥାନୀମାନେ କ୍ଷକୁ କ୍ସ ପରି ଉଚ୍ଚାରଣ କରନ୍ତି । ଆମ୍ଭେମାନେ ପ୍ରଚଳିତ ଭାଷାରେ ମଧ୍ୟ କ୍ଷ ସ୍ଥାନରେ ସମୟ ସମୟରେ ଛ ବ୍ୟବହାର କରିଥାଉଁ, ଯଥା, ଚକ୍ଷୁ ପରିବର୍ତ୍ତରେ ଚଛୁ । ତେଣୁ କ୍ଷ ସ୍ଥଳରେ ଛ ବ୍ୟବହାର କରିବା ଅସମୀଚୀନ ନୁହେ । କବି ବର୍ଣ୍ଣିତ ଚଉତିଶାରେ କ୍ଷ ସ୍ଥଳରେ ଛର ଆଶ୍ରୟ ନେବା ଆବଶ୍ୟକ ବୋଧ କରିନାହାନ୍ତି । କବିବର ଦିନକୃଷ୍ଣ ଏହି ଚଉତିଶାରେ ଙ ସ୍ଥାନରେ ନ, ଞ ସ୍ଥାନରେ ନ, ଓ ଣ ସ୍ଥାନରେ ଏ ଆଦ୍ୟରେ ରଖି ରଚନା କରିଅଛନ୍ତି । ସ ଆଦ୍ୟରେ ଥାଇ ତିନୋଟି ପଦ ଅଛି; କିନ୍ତୁ ସେମାନଙ୍କରେ ତାଲବ୍ୟ ଶ, ମୂର୍ଦ୍ଧଣ୍ୟ ଷ ଓ ଦନ୍ତ୍ୟସର ସ୍ୱାତନ୍ତ୍ର୍ୟ ରକ୍ଷା ହୋଇନାହିଁ । ଅନ୍ତସ୍ଥ ଯ ଓ ବର୍ଗ୍ୟ ଜ ସମ୍ବନ୍ଧରେ ମଧ୍ୟ ତାହାହିଁ ହୋଇଅଛି ।

ଏହି ଚଉତିଶାରେ ରାଧିକା-ବିରହ-ବିଧୁର ଶ୍ରୀକୃଷ୍ଣ ମଥୁରାରେ ଥିବା ସମୟରେ ନବଘନକୁ ଦର୍ଶନ କରି, ପ୍ରିୟାଙ୍କର ବିଗତଭାବ ସ୍ମରଣପୂର୍ବକ ତାହା ନିକଟରେ ଅନୁଭବ ପ୍ରକାଶ କରୁଥିବାର କବି କଳ୍ପନା କରିଅଛନ୍ତି । ଦୂତଦ୍ୱାରା ପ୍ରିୟା ଓ ପ୍ରିୟ ମଧ୍ୟରେ ଭାବ ବିନିମୟର କଳ୍ପନା କରି କାବ୍ୟ ଲେଖିବା ନୂତନ ନୁହେଁ । ମେଘଦୂତ, ହଂସଦୂତ ଏହାର ନିଦର୍ଶନ । ଶ୍ରୀରୂପ ଗୋସ୍ୱାମୀ କୃତ ହଂସଦୂତରେ ଲଳିତା କୃଷ୍ଣଙ୍କ ନିକଟକୁ ରାଧାଙ୍କର ବିରହବେଦନା ଜଣାଇ ସମ୍ବାଦ ପ୍ରେରଣକରିବା ବର୍ଣ୍ଣିତ ହୋଇଅଛି ଓ କବିବର କାଳୀଦାସଙ୍କର ମେଘଦୂତରେ



Digitized by srujanika@gmail.com

ଧନପତିଶାପରେ ପ୍ରିୟାବିଯୁକ୍ତ ଯକ୍ଷର ଅଳକା-ନଗରୀ-ପୁରୋଦ୍ୟାନବାସିନୀ ପ୍ରିୟା ନିକଟକୁ ମେଘଦ୍ୱାରା ସମ୍ବାଦ ପ୍ରେରଣ ବର୍ଣ୍ଣିତ ହୋଇଅଛି । ତେଣୁ ନବଘନ ଦୂତରେ ଶ୍ରୀରାଧା-ବିରହ-ବ୍ୟାକୁଳ ଶ୍ରୀକୃଷ୍ଣ ନବଘନ ନିକଟରେ ଆତ୍ମବେଦନା ପ୍ରକାଶ କରିବାରେ କିଛି ବୈଚିତ୍ର୍ୟ ନାହିଁ ।

ନରନାରୀ ବିଶେଷତଃ ବର୍ଷାକାଳରେ ପରସ୍ପରର ସଙ୍ଗଲିପ୍ସା କରିଥାନ୍ତି । ପ୍ରାବୃଟ୍ ପ୍ରକୃତିର ଏକ ଅଦ୍ଭୁତ ଶକ୍ତି ମାନବ ହୃଦୟରେ କାର୍ଯ୍ୟକରି ଅସଙ୍ଗଲିପ୍ସାର ଉତ୍ତେଜନା ଆଣିଥାଏ । ଡାହୁକର ଡାକ, ଦର୍ଦ୍ଦୁରର ରବ, ମେଘର ଗର୍ଜ୍ଜନ, ତଡ଼ିତ୍‌ର ସ୍ଫୁରଣ ମଧ୍ୟରେ କି ଏକ ଅକଥନୀୟ ଶକ୍ତି ଅଛି ଯେ ତାହା ବିରହୀ ଓ ବିରହିଣୀର ହୃଦୟକୁ ଆଲୋଡ଼ନ କରିପକାଏ । କାଳିଦାସ କହିଅଛନ୍ତି, :—

"ମେଘାଲୋକେ ଭବତି ସୁଖିନୋ
ଽପ୍ୟନ୍ୟଥା ବୃତ୍ତି ଚେତଃ
କଣ୍ଠାଶ୍ଳେଷପ୍ରଣୟିନି ଜନେ
କିଂ ପୁନର୍ଦ୍ଦୂରସଂସ୍ଥେ ।"

ବର୍ଷାକାଳୀନ ବାହ୍ୟ ପ୍ରକୃତିର ମାନବ ହୃଦୟ ଉପରେ ଏହି ଅଦ୍ଭୁତ ପ୍ରଭାବ ଉପଲବ୍ଧି କରି କବି ନବଘନକୁ ଦୂତରୂପରେ ବରଣ କରିନେଇ ଅଛନ୍ତି ।

ମେଘଦୂତର ଯକ୍ଷ ଅଷାଢ଼ର ପ୍ରଥମ ଦିବସରେ 'ବପ୍ରକ୍ରୀଡ଼ା ପରିଣତ ଗଜ' ସଦୃଶ 'ପ୍ରେକ୍ଷଣୀୟ' ମେଘକୁ ଦର୍ଶନକରି ତାହାଦ୍ୱାରା ଅଳକାନଗରୀବାସିନୀ ପ୍ରିୟା ନିକଟକୁ ସମ୍ବାଦ ପ୍ରେରଣ କରିବାର ପ୍ରୟାସ କରିଥିଲା; କାଳିନ୍ଦୀପୁଳିନରେ ଲଳିତା 'ଖେଳାମୃତ ଗତି' 'ମଧୁର ବିରୁତି' 'ଶ୍ୱେତ ଗରୁତ'କୁ ଦର୍ଶନକରି ତାହାଦ୍ୱାରା ମଥୁରାବାସୀ କୃଷ୍ଣଙ୍କ ନିକଟକୁ ସମ୍ବାଦ ପ୍ରେରଣ କରିବା ସକାଶେ ଚେଷ୍ଟା କରିଥିଲେ । ଠିକ୍ ସେହିପରି 'କୃଷ୍ଣ କଂସ ନଗରେ ଜଳଦ ସମୟରେ କଜ୍ଜ୍ୱଳକାନ୍ତି ମେଘ ଦେଖି' ମନରେ ଯେଉଁ ଚିନ୍ତା କରିଥିଲେ ତାହା ନବଘନ ନିକଟରେ ସେ ପ୍ରକାଶ କରିଥିବାର କବିବର ଦୀନକୃଷ୍ଣ ଦାସ କଳ୍ପନା କରିଅଛନ୍ତି । ଉତ୍ତର ମେଘରେ ଯେପରି ଯକ୍ଷ ମେଘସହିତ ଅଳକାନଗରୀର ପୂର୍ଣ୍ଣ ସୌସାଦୃଶ୍ୟ ଦେଖିପାରିଅଛି, ନବଘନ ଚଉତିଶାର ଶ୍ରୀକୃଷ୍ଣ ମଧ୍ୟ ସେହିପରି ନବଘନକାଳ ଠାରେ ନିଜର ଓ ପ୍ରିୟାର ପୂର୍ଣ୍ଣ ସାମ୍ୟ ଦେଖିପାରି ଅଛନ୍ତି; ଯଥା—"ଯେବେ ଭୂମିକାଳରେ ···ଅମାପ" (୮ମ ପଦ) । ନବଘନ ଚଉତିଶାର ୧୯ଶ, ୨୦ଶ ଓ ୨୧ଶ ପଦର ଭାବ ସହିତ ମେଘଦୂତର ଉତ୍ତର ମେଘର ନିକଟ ସାଦୃଶ୍ୟ ଦେଖି ବୋଧହୁଏ ଯେ ଏହା ଉପରେ ମେଘଦୂତର ଛାୟା ପଡ଼ିଅଛି । 'କେତକାଧାନହେତୁ' ଜଳଦ ସମ୍ବନ୍ଧରେ ଯକ୍ଷର ବିନୟ ବଚନ ସ୍ମରଣକରି ବୋଧହୁଏ କବି ଲେଖିଅଛନ୍ତି; "ତୋରାହେବ କାର୍ତ୍ତିକେତକ" । (୧୬ଶ ପଦ)

ହଂସଦୂତରେ ଲଳିତା ହଂସକୁ ଦୌତ୍ୟକାର୍ଯ୍ୟରେ ନିୟୋଗ କରିବା ଉଦ୍ଦେଶ୍ୟରେ ପଥ ସମ୍ବନ୍ଧରେ ଯଥେଷ୍ଟ ଉପଦେଶ ଦେଇଅଛନ୍ତି । ମେଘଦୂତରେ ମଧ୍ୟ ଯକ୍ଷ ମେଘକୁ ପଥର ବିସ୍ତୃତ ବର୍ଣ୍ଣନା ଦେଇଅଛି; କିନ୍ତୁ ଶ୍ରୀକୃଷ୍ଣ ନବଘନ ଦୂତକୁ ପଥସମ୍ବନ୍ଧରେ କିଛିମାତ୍ର କହିନାହାନ୍ତି କହିଲେ ଚଳେ । ମେଘଦୂତର ପାଠକ ରାମଗିରିଠାରୁ ଅଳକାପର୍ଯ୍ୟନ୍ତ ପଥ ଅନାୟାସରେ ଜାଣିପାରିବେ; କିନ୍ତୁ ନବଘନ ଦୂତରେ ପଥ ପରିଚୟର ଲେଶମାତ୍ର ଆଭାସ ନାହିଁ । ପୁନଶ୍ଚ 'ହଂସ' ଓ 'ମେଘ'କୁ ଯଥାକ୍ରମେ ମଥୁରା ଓ ଅଳକାକୁ ଯିବା ନିମନ୍ତେ ଦୂତପ୍ରେରକ ଅନୁରୋଧ କରିଅଛନ୍ତି; କିନ୍ତୁ ଜଳଦର ବିରହିଣୀ ଉପରେ କଠୋର ପ୍ରଭାବ ବିଷୟ ସ୍ମରଣକରି ନବଘନକୁ 'ଠାକୁରାଣୀ ପାଶକୁ ପେଷିବାକୁ ବିଶ୍ୱାସ' ହେଉଥିଲେହେଁ, 'ଜଳଜନେତ୍ରୀକୁ କହିବା' ଇଚ୍ଛାଥିଲେହେଁ ପ୍ରିୟାଙ୍କୁ କଷ୍ଟ ନ ଦେବା ଅଭିପ୍ରାୟରେ ଗୋକୁଳକୁ ଯିବାକୁ ବାରଣ କରିଅଛନ୍ତି ଏବଂ ନବଘନ ମଧ୍ୟ 'ରସିକ ଗିରିଧରଙ୍କ ବୋଲ'ରେ 'କ୍ଷପାକରବଦନୀ କ୍ଷୋଭକରିବା ଘେନି ଗୋକୁଳ ମାଡ଼ି ନ ମାଡ଼ିଲା ।' ଚଉତିଶାରେ ପଦସଂଖ୍ୟା ସୀମାବଦ୍ଧ ହେତୁ ସ୍ଥାନାଭାବ କାରଣରୁ କି ନିଜର ଭୌଗୋଳିକ ଜ୍ଞାନର ସ୍ୱଳ୍ପତା ହେତୁରୁ କବି ପଥର ବିଶଦ ବିବରଣ ଦେଇନାହାନ୍ତି ତାହା ନିଶ୍ଚିତରୂପେ ବୋଲିଯାଇ ନପାରେ । ହଂସଦୂତ ଓ ମେଘଦୂତରେ ଯେପରି ଯଥାକ୍ରମେ ମଥୁରା ଓ ଅଳକାର ବିଶେଷ ବର୍ଣ୍ଣନା ଦିଆଯାଇଅଛି, ନବଘନ ଦୂତରେ ତାଦୃଶସ୍ଥାନ ବର୍ଣ୍ଣନାର ଏକାନ୍ତ ଅଭାବ ପରିଲକ୍ଷିତ ହୁଏ ।

Digitized by srujanika@gmail.com

ପ୍ରାଚୀନ ଧରଣର କବିତାରେ ପ୍ରତ୍ୟକ୍ଷ ଭାବରେ ପ୍ରକୃତିବର୍ଣ୍ଣନା ସାଧାରଣତଃ ପରିଦୃଷ୍ଟ ହୁଏନାହିଁ । କବି ଉପମା ଛଳରେ ପ୍ରାବୃଟ୍ ପ୍ରକୃତିର ଯେଉଁ ଚିତ୍ରମାନ ଛବି ଅଙ୍କନ କରିଅଛନ୍ତି ତାହା ଅତ୍ୟନ୍ତ ମନୋରମ । ଉପମାଗୁଡ଼ିକରୁ ଅନ୍ତର କରିଦେଲେ ଏହା ପ୍ରକୃତି-ବର୍ଣ୍ଣନାର ଗୋଟିଏ ଉତ୍ତମ ଉଦାହରଣ ହୋଇପାରେ । ନବମେଘ ଦର୍ଶନ କରି ପ୍ରିୟା-ବିରହ-କାତର ହୃଦୟରେ ଯେ ସବୁ ଭାବ ଜାତ ହେବା ସମ୍ଭବ ତାହାହିଁ କବି ବର୍ଣ୍ଣନା କରିଅଛନ୍ତି । ବର୍ଣ୍ଣନାର ବିଶେଷତ୍ୱ ଏହି ଯେ ନାୟକ ନିଜଠାରେ, ପ୍ରିୟା ସହବାସ ଲାଭ କାଳରେ ତଥା ପ୍ରିୟା ବିରହକାଳରେ ମେଘ ସହିତ ତୁଳନା କରିବାର ଅବତାରଣା କରି କବି ପ୍ରାବୃଟ୍‌କାଳୀନ ଜଳଧରର ଅତି ସୁନ୍ଦର ବର୍ଣ୍ଣନା କରିଅଛନ୍ତି । କୌଣସିଠାରେ ପ୍ରକୃତିବର୍ଣ୍ଣନା ସ୍ପଷ୍ଟତଃ ପ୍ରତ୍ୟକ୍ଷଭାବରେ କରାଯାଇ ନ ଥିଲେହେଁ ଜଳଦ ପ୍ରକୃତି ବର୍ଣ୍ଣନା ଏଥିରେ ଅନୁକୂଳ ପ୍ରଚ୍ଛନ୍ନ ରହିଅଛି । ଦ୍ୱାଦଶ ପଦରେ 'ଠାଟିକି ତୁମ୍ଭ ଟୋକି' ଇତ୍ୟାଦି, ଅଷ୍ଟମ ପଦରେ 'ଯେବେ ତୁମ୍ଭ କାଳରେ' ଇତ୍ୟାଦି ନବମପଦରେ 'କ୍ଷୀଣବଦନୀ ଧ୍ୟାଏ' ଇତ୍ୟାଦି ଏହାର ଉଦାହରଣ । ପଞ୍ଚଦଶ ପଦରେ ମଦନାତୁର ବାଳକୁ ମେଘ ସହିତ ତୁଳନା କରି ସାମ୍ୟ ଦେଖାଇଅଛନ୍ତି । ଷୋଡଶ ପଦରେ ମଧ୍ୟ ଏହି ଋତୁ ସହିତ ପ୍ରିୟାର ସାମ୍ୟ-ରକ୍ଷା କରାଯାଇଅଛି । ମେଘର ରୂପ ଦର୍ଶନ କରି ଯେପରି କି କବି ଆତ୍ମହରା ହୋଇ ସର୍ବତ୍ର ସେହି ନବୀନ ଜଳ-ଧରର ଅସ୍ତିତ୍ୱ ବୋଧ କରିଅଛନ୍ତି ।

ଏ ଚଉତିଶାରେ ଉପମାର ବହୁଳ ବ୍ୟବହାର କରାଯାଇଅଛି । ସେଥି ମଧ୍ୟରୁ ଅଧିକାଂଶ ପୂର୍ଣ୍ଣୋପମା । ତୃତୀୟ ପଦରେ ଗଜରାଜ ସହିତ ନବଘନର, ପଞ୍ଚମ ପଦରେ ନାଗନାଗ ସହିତ ନବଘନର, ଅଷ୍ଟମ ଓ ନବମ ପଦରେ ନାୟକ ନାୟିକାଙ୍କ ସହିତ ଘନକାଳର ଏବଂ ପଞ୍ଚଦଶ ଓ ଷୋଡଶ ପଦରେ ମକରକେତୁ-ଚାପ-ଚାପିତା ବାଳା ସହିତ ନବଘନର ତୁଳନା କରାଯାଇ ସାଦୃଶ୍ୟ ଦେଖାଇବାର ପ୍ରୟାସ କରାଯାଇଅଛି । କବି ସ୍ୱୀୟ ରଚନାଚାତୁରୀ ଓ ଶବ୍ଦଯୋଜନା ବଳରେ ଏଥିରେ କେତେଦୂର କୃତକାର୍ଯ୍ୟ ହୋଇଅଛନ୍ତି ତାହା ପାଠକମାନେ ଜାଣିପାରିବେ । ପଞ୍ଚଦଶ ପଦରେ ଅନଙ୍ଗକୁ କୃଷକ ସହିତ ତୁଳନା କରିବା ଚତୁର ବଡ ଉପଯୋଗୀ ହୋଇଅଛି ।

ଏହି ଚଉତିଶାରେ ଖେଦ ଓ କରୁଣ ରସ ପ୍ରଧାନ । କବି ଏଥିରେ କୌଣସି ଶିକ୍ଷା ଦେବାର ପ୍ରୟାସ କରିନାହାନ୍ତି, ଏବଂ ଚଉତିଶା ଲେଖିବାରେ ତାହା ମଧ୍ୟ ତାଙ୍କର ଲକ୍ଷ୍ୟ ନଥିଲା । ତଥାପି ସ୍ଥଳ ବିଶେଷରେ ତାଙ୍କ ରଚନା ସ୍ୱତଃ ଉପଦେଶାତ୍ମକ ହୋଇପଡ଼ିଅଛି । ଉଦାହରଣସ୍ୱରୂପ ଏଠାରେ କେତୋଟି ଦେଖାଇ ଦିଆଗଲା :—

(କ) ଠେକ ମଞ୍ଜରି କାଳେ,   ଯେଉଁ ଲୋକ ବିକଳେ
ସେ ଘେନନ୍ତି ଲୋକର ବେଦନା
ଟଙ୍କଧର ଅଦ୍ୟରୁ   ବ୍ରହ୍ମାଣ୍ଡ କର୍ତ୍ତାଠାରୁ
ବଡ଼ ବୋଲିବ ତାକୁ ସିନା ହେ । ୧୧ଶପଦ

(ଖ, ଖେଳନ ବିନୁ ଭେଖୀ   ମର୍ନ ଯେମନ୍ତ ସୁଖୀ
ନୁହିଇ ବଚନ ଭୂଷଣେ
ଭୂପତି ବସ୍ତ୍ରନେ ସମ୍ପତ୍ତି
ଭଗାରି ପଗ୍ଣ ଦଶନ୍ତି । ୨୪ଶପଦ

(ଗ) ବିଷଧର ପିଇଲେ ପୟ,
ବୃଦ୍ଧି କରଇ ବିଷଚୟ ୨୯ଶପଦ

(ଘ) ସହଜେଟି ଶୀତଳ   କର୍ପୂର ନାରିକେଳ
ଲେମ୍ବୁ ସଂଯୋଗେ ହୁଏ ବିଷ,
ସୁଜନ ସଙ୍ଗେ ଯେବେ   ଦୁର୍ଜନ ସଙ୍ଗ ହୁଏ
ଅବଶ୍ୟ ହୋଏ ଅପଯଶ । ୩୦ଶପଦ

କବି କେତେକ ସ୍ଥଳରେ ବିରଳ-ବ୍ୟବହାର କେତେ ଗୁଡ଼ିଏ ଶବ୍ଦ ବ୍ୟବହାର କରିଅଛନ୍ତି । ଜଳ ଅର୍ଥରେ ବିଷ, ପ୍ରତିକୂଳ ଅର୍ଥରେ ବାମତା, ପତାକା ଅର୍ଥରେ ଫଉକା, ପ୍ରକାର ଅର୍ଥରେ ଅନା ଶବ୍ଦମାନଙ୍କର ପ୍ରୟୋଗ କରିଅଛନ୍ତି । ୨୬ଶ ପଦରେ ବାମତା ବିଶେଷଣ-ରୂପେ ବ୍ୟବହୃତ ହୋଇଅଛି । ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଏତାଦୃଶ ବ୍ୟବହାର ବିରଳ ନୁହେ । ପ୍ରବଳ ଶବ୍ଦ ସାଧାରଣତଃ ବିଶେଷଣରୂପେ ବ୍ୟବହୃତ ହେଉଥିଲେହେଁ କବି ପଞ୍ଚମ ପଦରେ ପ୍ରକୃଷ୍ଟ ବଳ ଅର୍ଥରେ ଏହାକୁ ବିଶେଷ୍ୟରୂପେ ବ୍ୟବହାର କରିଅଛନ୍ତି ।

ତାଳପତ୍ର ପୋଥିରୁ ଲେଖିବା ସମ୍ବନ୍ଧରେ ଲେଖକଙ୍କର ଅସାବଧାନତା ହେତୁରୁ ହେଉ ଅଥବା ଅନ୍ୟ କାରଣରୁ

Digitized by srujanika@gmail.com

ହେଉ ଏହ୍ୱ ଚଉତିଶାରେ କେତେକ ଭ୍ରମ ରହିଯାଇଥିବାର ଅନୁମିତ ହୁଏ ।

ତୃତୀୟ ପଦରେ ବକପନ୍ତି ଛଳରେ ଗଜରାଜର 'ବଦନ' ପ୍ରକାଶ ହେଉଥିବାର ଲେଖାଅଛି । ବଦନ ଅର୍ଥରେ ଏଠାରେ ଦନ୍ତ ନେବା ଅଧିକ ସମ୍ଭବପର ବୋଧ ହେଉଅଛି । ଏଠାରେ 'ବଦନ' ପରିବର୍ତ୍ତେ ଦଶନ ଶବ୍ଦ ବ୍ୟବହାର କରିବା ସୁସଙ୍ଗତ ବୋଧହୁଏ । ଉପେନ୍ଦ୍ର-ଭଞ୍ଜ ମଧ୍ୟ ଲାବଣ୍ୟବତୀରେ ବର୍ଷାବର୍ଣ୍ଣନା କରିବାକୁ ଯାଇ ବକାବଳୀକୁ ଜଳଦ-ଶାର୍ଦ୍ଦୂଳର ଦନ୍ତ ବୋଲି ବର୍ଣ୍ଣନା କରିଅଛନ୍ତି; 'ପ୍ରକାଶି ଝଳ ବକାବଳୀ-ଦନ୍ତ' ।

ପଞ୍ଚଦଶ ପଦରେ 'ଅମ୍ବୁଧର ରିପୁରେ' ବ୍ୟବହାର ଦ୍ୱାରା କୌଣସି ଅର୍ଥ ବୋଧଗମ୍ୟ ହେଉନାହିଁ । ଏଠାରେ 'ପ୍ରକାରେ' ବା 'ପରିରେ' ବ୍ୟବହାର କରାଗଲେ ଅର୍ଥ ସ୍ପଷ୍ଟୀକୃତ ହେବ ।

ଏକବିଂଶ ପଦରେ 'ରତିପ୍ରଗତ ସଙ୍ଗେ' ପରିବର୍ତ୍ତେ 'ରତି ପ୍ରଗତସଙ୍ଗେ' ବା 'ରତି ପୀରତି ରଙ୍ଗେ' ବ୍ୟବହାର କଲେ ଅର୍ଥ ସୁଖବୋଧ ହେବ ।

ନବମ ପଦରେ 'ନାହିଁ ଭିଷଇ' ପରିବର୍ତ୍ତେ 'କାହିଁ-ଭିଷଇ' ବା 'ତହିଁ ଭିଷଇ' ବ୍ୟବହାର କଲେ ଅର୍ଥ ବୋଧଗମ୍ୟ ହେବ ।

ଦଶମ ପଦରେ ନଶାସମସ୍ତ ହେବ

ତ୍ରୟୋଦଶ ପଦରେ 'ଡ଼କାପରେ ହେଲା ଡକା' ଏଥିରେ ଗୋଟିଏ ଅକ୍ଷର ଊଣା ଅଛି । 'ଡକାପରେ ହୋଇଲା ଡକା' କଲେ ଏ ଦୋଷ ଦୂରୀକୃତ ହୋଇପାରେ ଏହିପଦରେ ଅନ୍ତରମଧ୍ୟ 'ଯେବେ' ସ୍ଥଳରେ 'ଏବେ' କରାଗଲେ ଅର୍ଥର ପ୍ରଗାଢ଼ତ ହେବ ।

ସପ୍ତଦଶ ପଦରେ 'ସ୍ଥୂଳନତମ୍ବ ଦନ୍ତପତି' ଦ୍ୱାରା କିଛି ଅର୍ଥ ହେଉନାହିଁ । 'ଦନ୍ତପତି' ସ୍ଥଳରେ 'ଦନ୍ତିଗତି' କଲେ ସୁସଙ୍ଗତ ହେବ ।

ଏକବିଂଶ ପଦରେ 'ପୁଲକଗଢ଼' ସ୍ଥଳରେ 'ପଲକ-ଗତି' ହେବା ଉଚିତ ।

ତ୍ରୟୋବିଂଶ ପଦରେ 'ଗିରିସମ' 'ଗିରିଷମ' (ଗ୍ରୀଷ୍ମ) ହେବା ସଙ୍ଗତ ।

ପଞ୍ଚବିଂଶ ପଦରେ 'ସେ ଅଟେ ରସିକ ସିହାଣୀ' ଠାରେ 'ସେ ଅଟେ ରସିକ ସିହାଣି' କଲେ ଅର୍ଥ ବୋଧଗମ୍ୟ ହେବ ।

ଏକବିଂଶ ପଦରେ ଶିତିକଣ୍ଠ ପରିବର୍ତ୍ତେ 'ଶିତିକଣ୍ଠ' ହେବ ।

ଏତାବ୍ୟତୀତ କେତେକ ସ୍ଥାନରେ କୌଣସି ଅର୍ଥ ବୋଧ ହେଉନାହିଁ ଯଥା :—

୧. ଚନ୍ଦ୍ରା ଜଳରେ ସ୍ନାନ     କଲ ହେ । ୭ମ ପଦ
୨. ନଶାସମସ୍ତ ଚକ୍ର ଦଶା     ଲକ୍ଷ୍ମୀ ପତିହେ । ୧୦ମପଦ
୩. ଦଗଧପଠ ପ୍ରାୟେ     ରହିଲି ହେ । ୧୮ଶପଦ
୪. ଫନ୍ଦାଇ ଅଛୁ ଯେତେ     ଯାଏ ହେ । ୨୨ଶପଦ ।

ଏହିସବୁ ସ୍ଥଳରେ ସୁଖବୋଧ ଅର୍ଥନିମିତ୍ତ ପ୍ରକାଶେ କିଛି ପରିବର୍ତ୍ତନ ଅବଶ୍ୟକ ।

ଚଉତିଶାର ଅର୍ଥବୋଧ ପ୍ରକାଶେ କେତେକ ଶବ୍ଦର ଅର୍ଥ ଦିଆଗଲା ।

ନାଗ ନାଗ—ଶ୍ରେଷ୍ଠ ନାଗ, ସର୍ପ
ବିଷ ବିଷ—ଜଳରୂପକ ଗରଳ
ଅନା—ପ୍ରକାର
ପୁଷ୍ପଦନ୍ତ—ବାୟୁକୋଣର ହସ୍ତୀ
ଝଷ କେତନ—କନ୍ଦର୍ପ
ଟଙ୍କଧର—ମହାଦେବ
ଫଡ଼କା—ପତାକା
ଢ଼ାଳେନେବୀ—ଯେ ନେତ୍ରକୁ ଢ଼ାଳେ
ଅର୍ଥାତ୍ କୁଟିଳନୟନା
ଥିବ ମଣ୍ଡନା—ମହାମଣ୍ଡନା
ଶିତିକଣ୍ଠ—ନୀଳକଣ୍ଠ ଅର୍ଥାତ୍ ମୟୂର
କ୍ଷପାକର—ଚନ୍ଦ୍ର

ପ୍ରାଚୀନ କବିମାନଙ୍କ ମଧ୍ୟରେ ରାଧାକୃଷ୍ଣଙ୍କର ପ୍ରେମ-ବର୍ଣ୍ଣନା କରି ଆଦିରସାତ୍ମକ କାବ୍ୟ ଲେଖିବା ବିଷୟରେ ଅନୁରାଗ ଦେଖା ଯାଇଥାଏ । ଦୀନକୃଷ୍ଣ ଦାସ ରସ-କଲ୍ଲୋଳରେ ଯେଉଁ ରସର ଅସୀମ ପ୍ରବାହ ସୃଷ୍ଟି କରି-ଅଛନ୍ତି କ୍ଷୁଦ୍ର ନବଘନ ଚଉତିଶାରେ ମଧ୍ୟ ସେଥିର ଅଭାବ ନାହିଁ । ଉପଯୁକ୍ତ ଅବୋଧ ସ୍ଥାନ ଗୁଡ଼ିକରେ ସଂଶୋଧନ ଓ ପରିବର୍ତ୍ତନ କରାଗଲେ ଏହା ଚଉତିଶା ମଧ୍ୟରେ ଗୋଟିଏ ଉତ୍କୃଷ୍ଟ ଆସନ ଅଧିକାର କରିବ, ଏଥିରେ ସନ୍ଦେହ ନାହିଁ । ଭକ୍ତିପୂର୍ଣ୍ଣ ହୃଦୟରେ ପ୍ରଣିଧାନ ପୂର୍ବକ ପାଠକଲେ ପାଠକ ଏଥିରୁ ଯଥେଷ୍ଟ ରସର ଆସ୍ୱାଦନ, ହୃଦୟର ଆମୋଦ ଓ ଭାଷାର ଲଳିତ ମାଧୁରୀ ଉପଭୋଗ କରିପାରିବେ ।

Digitized by srujanika@gmail.com

# ପ୍ରାଚୀନ ଭାରତ ଓ ଗ୍ରୀସ

## ଶ୍ରୀରାମଚନ୍ଦ୍ର ଆଚାର୍ଯ୍ୟ

ଭାରତର ସଭ୍ୟତା ଜଗଦ୍‌ବିଖ୍ୟାତ । ପ୍ରାଚୀନ ଭାରତବାସୀଗଣ ନୀତି-ରାଜ୍ୟରେ ବିଶ୍ୱ-ବିଖ୍ୟାତ ଥିଲେ, ଏବେ କିନ୍ତୁ ସେହି ଗୌରବର ଅନେକାଂଶ ବିଦେଶୀମାନଙ୍କ ଦ୍ୱାରା ଅପହୃତ ହୋଇଅଛି । ସେମାନେ ଆମ୍ଭମାନଙ୍କର ଶାସ୍ତ୍ରସମୂହରୁ ବିବିଧ ସତ୍ୟ ଆବିଷ୍କାର କରି ଧରାତଳରେ ପ୍ରଶଂସା ଅର୍ଜ୍ଜନ କରିପାରିଛନ୍ତି ଓ ନାନାପ୍ରକାର ଗୌରବ ଲାଭ କରିଅଛନ୍ତି । ଆଜକାଲି ଇତିହାସ-ଜଗତରେ ଗୋଟିଏ କଥାକୁ ନେଇ ଖୁବ୍ ଆଲୋଚନା ଚାଲିଛି, ତାହା ଏହି ଯେ,—ଭାରତବର୍ଷହିଁ ଆର୍ଯ୍ୟମାନଙ୍କର ଆଦି ନିବାସଭୂମି ଏବଂ ଏଠାରୁ ସେମାନେ ଦେଶ ବିଦେଶକୁ ଚାଲିଯାଇଛନ୍ତି କି ନା India in Greece ନାମକ ଗ୍ରନ୍ଥ ଉକ୍ତ ମତର ପରିପୋଷକତା କରେ ।

ଇଉରୋପୀୟ ସଭ୍ୟତାର କେନ୍ଦ୍ରଭୂମି ଗ୍ରୀସ ଦେଶୀୟଗଣ ଯେ ଭାରତରୁ ଯାଇଛନ୍ତି ଏବଂ ସେଠାରେ ଯାଇ ଭାରତୀୟ ଆଚାର ବ୍ୟବହାର, ରୀତିନୀତି ପାଳନକରି ଯେ ସଭ୍ୟଜାତି ନାମରେ ପରିଚିତ ହୋଇଛନ୍ତି, ଏହାହିଁ ଦେଖାଇବା ଏହି ପ୍ରବନ୍ଧର ମୁଖ୍ୟ ଉଦ୍ଦେଶ୍ୟ ।

'ଦି ହେଲସ'—ସଭ୍ୟ ଜଗତରେ ସୁପରିଚିତ । "ହେଲସ" ଶବ୍ଦଟି ଭାରତର ଉତ୍ତର ପଶ୍ଚିମ ସୀମାନ୍ତ ପ୍ରଦେଶରେ ବେଲୁଚିସ୍ଥାନ ରାଜ୍ୟର ହେଲ ଗିରିଶ୍ରେଣୀର ଅଧିବାସୀଗଣଙ୍କ ଠାରୁ ଆସିଛି । ହେଲ ପର୍ବତବାସୀଗଣ ହେଲଇନ ବା ହେଲରାଜ ନାମରେ ପରିଚିତ ଥିଲେ । ଏହି ହେଲ ପର୍ବତର ନାମ, ଏବଂ ସେଠାର ରାଜାମାନଙ୍କ ନାମ ଯେ ହେଲି ବା ସୂର୍ଯ୍ୟଶବ୍ଦରୁ ଉଦ୍‌ଭୂତ ହୋଇଅଛି ଏହି ବିଷୟରେ କୌଣସି ସନ୍ଦେହ କରିବାର କାରଣ ନାହିଁ । ଏଥିରୁ ପ୍ରତିପନ୍ନ ହୋଇଅଛି ଯେ ହେଲଅଧିପତିଗଣ ରାଜପୁତ ଜାତିର ଗୋଟିଏ ଶାଖା, କାରଣ ରାଜପୁତ ଜାତି ସୂର୍ଯ୍ୟୋପାସକ ଥିଲେ । ଗ୍ରୀକ୍‌ଦେଶୀୟ ହେଲିନୀ ପଦଟି ନିଶ୍ଚୟ ଯେ ସଂସ୍କୃତ ଶବ୍ଦ ସହିତ ଏକାର୍ଥ ବୋଧକ ଏଥିରେ ତର୍କ କରାଯାଇ ନପାରେ । କଥିତ ଅଛି, ହେଲେନ୍ ( ସୂର୍ଯ୍ୟରାଜ ) ଜ୍ୟେଷ୍ଠପୁତ୍ର ଏଓ୍ୱୋଲସଙ୍କୁ ରାଜ୍ୟଦାନ କରିଥିଲେ ଏବଂ ଡ୍ରୋରସ୍ ଓ ଯୁଥାସ୍‌ଙ୍କୁ ବିଦେଶାଧିକାରରେ ପ୍ରେରଣ କରିଥିଲେ ।

ଭାରତର ଉତ୍ତର ପଶ୍ଚିମ ପ୍ରାନ୍ତବାସୀ ସୂର୍ଯ୍ୟୋପାସକ ରାଜପୁତଗଣଙ୍କର ଏକଶାଖା । ହୟବଂଶ ନାମରେ ଖ୍ୟାତ । ଅଶିଇ [ Asii ] ବା ଅଶ୍ୱନାମରେ ବି ପରିଚିତ ଥିଲେ । ସେମାନଙ୍କର ରାଜାମାନଙ୍କୁ 'ଅଶ୍ୱପତି' କହା ଯାଇଥିଲା । ବିଶପ ଥାରଲ୍ ଓ୍ୱାଲ କହନ୍ତି ଯେ ଗ୍ରୀକଦେଶୀୟ କଲୋନଭଲ ସେହି ଏଓ୍ୱୋଲସଙ୍କର ପିତୃରାଜ୍ୟ । ଏଶୋପାଲ [ ଅଶ୍ୱପତି ] ଓ ଇନପାଶ ନଦୀ ଦ୍ୱୟଦ୍ୱାରା ପରିସୀମାସ୍ଥ ଥିଲା ।

ସୁତରାଂ ଏଶୋପାଶ ହୟବଂଶର ବାସସ୍ଥାନ ଥିଲା । ଏଠାର ଅଧିପତିଗଣ ସୂର୍ଯ୍ୟୋପାସନା କରୁଥାନ୍ତି ଏବଂ ସୂର୍ଯ୍ୟଦେବଙ୍କ ସନ୍ତାନ ମନୁଷ୍ୟ ବୋଲି ପରିଚିତ ଥିଲେ ।

ଗ୍ରୀସ ନୃପତି ହେଲନଙ୍କ ରାଜ୍ୟର ନାମ ଥିଲା ହେଲଡ୍‌ସ୍ । ହେଲଡ୍‌ସ୍ ଓ ସଂସ୍କୃତ ହେଲ ଦେଶ ଏକ ଶବ୍ଦ ମାତ୍ର, ହେଲ ଦେଶବାସୀ ଏକାଲସଗଣ ଭାରତୀୟ ରାଜପୁତ ଜାତିରହିଁ ଗୋଟିଏ ଶାଖା । ସେମାନେ ସୂର୍ଯ୍ୟୋପାସକ । କର୍ଣ୍ଣଲ ଟଡ୍‌ବର୍ଣ୍ଣିତ "ରାଜସ୍ଥାନ ବିବରଣୀ" ରେ ଅଶ୍ୱବଂଶର ଯେଉଁ ବିବରଣୀ ଦିଆଯାଇଅଛି, ତାହା ପ୍ରାୟ ଏକଦଳ । ପରେ ତାହା ବର୍ଣ୍ଣିତ ହୋଇଅଛି ।

ଆମୁ ଅଥବା ଅକ୍‌ସାସରୁ ଆଗତ ଅଧିବାସୀମାନଙ୍କ ସହିତ ଗ୍ରୀସିୟ ମେସିଡ଼ନବାସୀଗଣଙ୍କ ବହୁ ସାମଞ୍ଜସ୍ୟ ଅଛି । ମେସିଡ଼ନୟମାନେ ଗ୍ରୀସକୁ ଯାଇ ରାଜ୍ୟ ସ୍ଥାପନ କଲେ ଏବଂ ନିକଟବର୍ତ୍ତୀ ସମୁଦ୍ରକୁ ଇୟୁସ୍କାଇନ ନାମରେ ଅଭିହିତ କଲେ । ସେମାନଙ୍କ ରାଜ୍ୟ ଉକ୍‌ସିନ୍ [ Ooxine ] ରାଜ୍ୟ ନାମରେ ପରିଚିତ ଥିଲା ।

ସଂସ୍କୃତ ଇତିହାସରେ ମଧ୍ୟ ଭାରତୀୟ ରାଜନ୍ୟବୃନ୍ଦ 'ଉକ୍ଷନ' ନାମରେ ପରିଚିତ ଥିଲେ । ଗ୍ରୀସୀୟ ଅକ୍‌ସାସ ଶବ୍ଦଟି ଉକ୍ଷରୁ ଉତ୍ପନ୍ନ । ସଂସ୍କୃତ ଓ ଗ୍ରୀସିୟ ଉଭୟ ଭାଷାରେ ଉକ୍ଷର ଅର୍ଥ ବଳଦ ବା ଷଣ୍ଢ ।

କର୍ଣ୍ଣଲ ଟଡ଼ ଲେଖିଅଛନ୍ତି,—'ଅଶ୍ୱବଂଶୀୟଗଣ ହିନ୍ଦୁ ଥିଲେ । ବର୍ତ୍ତମାନ ସୁଦ୍ଧା ସୂର୍ଯ୍ୟବଂଶର ରାଜାମାନଙ୍କର ଏକ ଶାଖା ଏହି ନାମରେ ଅଭିହିତ । ସେମାନେ ସୁଟଲୁର ଅଶ୍ୱପାଳକ ଥିଲେ । ଅଶ୍ୱବଂଶୀୟଗଣ ଅଶ୍ୱପୂଜା କରୁଥାନ୍ତି ଏବଂ ସୂର୍ଯ୍ୟଙ୍କ ନିକଟରେ ଅଶ୍ୱବଳି ଦେଉଥାନ୍ତି । ଏହା ପ୍ରସିଦ୍ଧ ଅଶ୍ୱମେଧଯଜ୍ଞ ନାମରେ ଦେଶରେ ପରିଚିତ । ଖ୍ରୀଷ୍ଟଜନ୍ମର ଦ୍ୱାଦଶଶତ ବର୍ଷ ପୂର୍ବେ ସୂର୍ଯ୍ୟବଂଶାଧିପତିଗଣ ଗଙ୍ଗା ଓ ସରଯୂନଦୀ ତଟରେ ଉକ୍ତ ଯଜ୍ଞ ସମାହିତ କରୁଥାନ୍ତି । ପ୍ରାଚୀନ ଗ୍ରୀସରେ ମଧ୍ୟ ଏହି ପ୍ରଥା ପ୍ରଚଳିତ ଥିଲା । ନରପତି ସାଇରସଙ୍କ ସମୟରେ ଗେଟିଶ୍‌ମାନେ ସେହିଭଳି ଅଶ୍ୱବଳି ଦେଉଥିଲେ ।' ହେରୋଡୋଟାସ ଲେଖିଛନ୍ତି,— 'ସେମାନଙ୍କର ବିଶ୍ୱାସ ଥିଲା ଯେ, ସୃଷ୍ଟ ଜୀବ ମଧ୍ୟରେ ସମସ୍ତଙ୍କ ଅପେକ୍ଷା ଦ୍ରୁତଗାମୀ ଜୀବକୁ ଅସ୍ପୃଷ୍ଟ ଜୀବାଧିପତିଗଣଙ୍କ ନିକଟରେ ବଳି ଦେବା ଉଚିତ ।' ଇଉରୋପରେ 'ଓଡ଼େନ୍' ଦେବତାଙ୍କ ପୂଜା କରା ହେଉଥାଏ । ଭାରତରେ ବି ଅଶ୍ୱକୁ ବୁଧ' ପୁଣ ଭାବ ପୂଜା କରାଯାଉଥାଏ । [ଉକ୍ସନ୍ (ଅକ୍ସାସ୍+ଇନ—ରାଜା)+ବୁଧ—ବୋଧନ, ଓଧନ, ଓଡ଼େନ୍]

କାଳଚକ୍ରରେ ପ୍ରତି ଭାଷାର ପରିବର୍ତ୍ତନ ଘଟିଥାଏ ଏବଂ ସେଥିସଙ୍ଗେ ମାନବଜାତିର ଆଚାର ବ୍ୟବହାର ଚାଲି ଚଳନ ମଧ୍ୟ ପରିବର୍ତ୍ତିତ ହୋଇଥାଏ । ଟେକିଟାସ୍ ( Tacitus ) କହିଛନ୍ତି,—'ଜାର୍ମାନ୍‌ଗଣ ପୂର୍ବେ ହୋମ କରୁଥାନ୍ତି, ମସ୍ତକରେ ସୁଦୀର୍ଘ କେଶ ରଖୁଥାନ୍ତି ଏବଂ ତାହା ଏକତ୍ର ବାନ୍ଧି ମଥା ଉପରେ ରଖୁଥାନ୍ତି ।' ଏହି ସମସ୍ତ ଯେ ପୂର୍ବ ଦେଶୀୟ ରୀତି, ସେହି ବିଷୟରେ କୌଣସି ଯୁକ୍ତି ତର୍କ ରହି ନପାରେ । ଏବେ ସୁଦ୍ଧା ହିନ୍ଦୁ ସନ୍ନ୍ୟାସୀମାନେ ଏହି ସକଳ ରୀତି ନୀତି ପାଳନ କରିଥାନ୍ତି ।

କର୍ଣ୍ଣଲ୍ ଟଡ୍ କହିଛନ୍ତି,—'ରାଜପୁତମାନେ ଅଶ୍ୱ, ତରବାରୀ ଓ ସୂର୍ଯ୍ୟଙ୍କର ଉପାସନା କରୁଥିଲେ । ସେମାନେ ଈଶ୍ୱର ଉପଦେଶ ଅପେକ୍ଷା ସମର-ସଙ୍ଗୀତରେ ଅଧିକ ମତ୍ତ ହେଉଥାନ୍ତି, ସ୍କେଣ୍ଡିନେଭିୟଗଣଙ୍କ ସମରସଂଗୀତ ସହିତ ରାଜପୁତଜାତି ଚାରଣ-ସଙ୍ଗୀତର ଖୁବ୍ ଐକ୍ୟ ଦେଖାଯାଏ । ସ୍କେଣ୍ଡିନେଭିୟମାନଙ୍କ ସଙ୍ଗେ ରାଜପୁତମାନଙ୍କର ଅନେକ ସମ୍ବନ୍ଧ ଅଛି । ସେମାନେ କ୍ଷତ୍ରିୟ ଥିଲେ ଏବଂ ଭାରତୀୟ କ୍ଷତ୍ରିୟମାନଙ୍କ ପରି ଯୋଦ୍ଧୃବଂଶୀୟ ଥିଲେ । 'ସ୍କେଣ୍ଡିନେଭିଆ' ଶବ୍ଦଟି କ୍ଷତ୍ରିୟର ପ୍ରତିଶବ୍ଦ । 'ସ୍କନ୍ଦନାଭି' ର ଅର୍ଥ ସ୍କନ୍ଦ ନରପତିଗଣ । ସଂସ୍କୃତରେ ଯୋଦ୍ଧୃବୀର କାର୍ତ୍ତିକେୟଙ୍କର ଅନ୍ୟ ନାମ ସ୍କନ୍ଦ । ଉକ୍ତ ଦୁଇଜାତିର ସାମଞ୍ଜସ୍ୟ ଫୁଟାଇବାକୁ ଗଲେ ଦେଖାଯାଏ ଯେ, ସେମାନଙ୍କର ଭାଷା, ଆଚାର ବ୍ୟବହାର ଉଭୟ ପ୍ରାୟ ଏକ ରକମ ଥିଲା ।

'ଟ୍ରୋଜାନ୍' ଯୁଦ୍ଧର 'ହେଲାସ୍'ମାନେ ଭାରତବାସୀ ଥିଲେ । ଟଡ୍ କହନ୍ତି,—ଯେତେବେଳେ ଜେଷ୍ଟରଟାଇପ୍‌ଙ୍କର ଗେଟିକ୍‌ମାନେ ଜାରସେସ୍‌ଙ୍କୁ ଏବଂ ଡରାୟସ୍‌ଙ୍କୁ ସାହାଯ୍ୟ କଲେ, ସେହି ସମୟରେ ସେମାନଙ୍କର ପ୍ରଧାନ ଶକ୍ତି ଥିଲା ସମର-ରଥରେ । ଏହି ସମର-ରଥ କଥା ରାମାୟଣ ଓ ମହାଭାରତରେ ଦେଖାଯାଏ । ଅଯୋଧ୍ୟାପତି ଦଶରଥଙ୍କର ରଥଶକ୍ତି ଥିଲା । କୁରୁକ୍ଷେତ୍ର ଯୁଦ୍ଧବେଳେ ଭଗବାନ୍ ଶ୍ରୀକୃଷ୍ଣ ସେଥିସଙ୍ଗେ ଅର୍ଜ୍ଜୁନଙ୍କର ସାରଥି ଥିଲେ ।

ଯୋଦ୍ଧୃଗଣଙ୍କର ଅଶ୍ୱପୂଜା ସମ୍ବନ୍ଧରେ ଟଡ୍ ଲେଖିଛନ୍ତି,—ରାଜପୁତମାନେ ବର୍ତ୍ତମାନ ସୁଦ୍ଧା ଅଶ୍ୱ ଏବଂ ଅସ୍ତ୍ରପୂଜା କରିଥାନ୍ତି । ଗ୍ରୀସ୍‌ରେ ବି ଏଥେନୀୟ ଏଟିକ୍ଲ ଏକ୍ରୋପଲିସେ ମହା ଧୂମଧାମରେ ଅସ୍ତ୍ରପୂଜା କରିଥିଲେ ।

ଗ୍ରୀସ୍‌ର 'ଅଟୀକା' ଦେଶର ଉତ୍ତର ପଶ୍ଚିମରେ ହେଲିକାନ, ପାର୍ଣ୍ଣାସସ ଓ ସିଥାରଣ ପର୍ବତୋପଦେଶରେ ବୋଓସିୟାନ୍ ନାମରେ ଏକ ଜାତିର ଲୋକ ବାସ କରୁଥାନ୍ତି । ଏମାନେ ନିଜ ଶୌର୍ଯ୍ୟବୀର୍ଯ୍ୟ ନିମିତ୍ତ ପ୍ରସିଦ୍ଧି ଅର୍ଜ୍ଜନ କରିଥିଲେ । ଏମାନେ ଜାତୀୟ ଉନ୍ନତି ସଙ୍କାଶେ ଅଲିମ୍ପିକ୍ କ୍ରୀଡ଼ାର ପ୍ରବର୍ତ୍ତନ କଲେ । ଏମାନଙ୍କର ଆଦିମ ବାସସ୍ଥାନ ଯେ ଭାରତର ଉତ୍ତର ପଶ୍ଚିମ ପ୍ରାନ୍ତରେ ଥିଲା, ଏହି ବିଷୟରେ ଲବମାତ୍ର ସଂଶୟ ନାହିଁ । ପଞ୍ଜାବ ପ୍ରଦେଶରେ ଝେଲମ ନଦୀତଟରେ ଦଳେ ଅଧିବାସୀ ବୈହିସସ୍ଥା ନାମରେ ବିଦିତ ଥିଲେ । ବେହୁତିରୁ ବୈହୁତି

Digitized by srujanika@gmail.com

ପଦଟି ସାଧିତ ହୋଇଅଛି । ବୋଧହୁଏ, ବୈହୃତିଗଣଙ୍କର ବିଶ୍ୱାସ ଥିଲା ଯେ ସେମାନେ ବ୍ରହ୍ମାଙ୍କ ବାହୁରୁ ଜାତ । ଗ୍ରୀସୀୟ ‘ବୋଯ୍ୟେସିସ୍’ ପଦଟି ନିକଟସ୍ଥ ସୁପ୍ରେସିୟ ଦ୍ୱୀପରୁ ନିଷ୍ପନ୍ନ କରାହୋଇଛି । ପ୍ରୁବୋୟିସ୍ଦ୍ୱୀପ ସୁବାହୁଙ୍କ ଗଣଦ୍ୱାରା ଅଧିଷ୍ଠିତ ଥିଲା । ସେମାନେ, ବୀର ସୁଯୋଦ୍ଧା ଥିଲେ ।

ଭାରତୀୟ କ୍ଷତ୍ରିୟମାନେ ବାହୁଯୁକ୍ତ ନାମରେ ଖ୍ୟାତ ଏବଂ ସେମାନଙ୍କରହିଁ କୌଣସି ଶାଖାଦ୍ୱାରା ସୁବୋୟିସ୍ ଦ୍ୱୀପଟି ନାମିତ ହୋଇଥିଲା । ବସୁନଦର ଜଳଦ୍ୱାରା ଝେଲମ୍ ପରିପୁଷ୍ଟ । ଅର୍ନଷ୍ଟନ ଲେଖିଛନ୍ତି,—ପୀରପଞ୍ଜାଲ ପର୍ବତର କୁଷନାଗ ହ୍ରଦରୁ ବାବୁନଦ ପ୍ରବାହିତ ହୋଇ ମାର୍ଗରେ ସିଟିହ୍ରଦ, ମାନସ ସରୋବର, ଉଲାର ଓ ଗ୍ରେଟ୍ ହ୍ରଦ ଜଳ ଦ୍ୱାରା ଅନ୍ତରି ପରିପୁଷ୍ଟ ହୋଇ ଝେଲମ୍‌ରେ ଯାଇ ମିଳିତ ହୋଇଅଛି । ଝେଲମ୍‌ହିଁ ଗ୍ରୀକ୍-ବର୍ଣ୍ଣିତ ହାଇଡାସ୍‌ପେଡ଼ସ୍ ନଦୀ ! ଆଜିକାଲି ସୁଦ୍ଧା ଏହା ହିନ୍ଦୁମାନଙ୍କ ନିକଟରେ ବିତସ୍ତା ନାମରେ ପରିଚିତ । କାଳଚକ୍ରରେ ବିତସ୍ତା ଶବ୍ଦଟିହିଁ ବିକୃତ ହୋଇ ହାଇଡାସ୍‌ପେଡ଼ସ୍‌ରେ ପରିଣତ ହୋଇଅଛି । ପୁରୁ ଓ ମାସିଡୋନ ରାଜା ଅଲେକ୍‌ଜାଣ୍ଡରଙ୍କର ଯୁଦ୍ଧସ୍ଥଳ ବର୍ତ୍ତମାନ ଜାଲଲପୁର ।

ଏଣୁ ଦେଖାଯାଏ ଯେ, ଗ୍ରୀକମାନେ ନଦୀସିକ୍ତ ପର୍ବତଶୋଭିତ ଭାରତ ତ୍ୟାଗ କରି, ତାହାଭଳି ଅନ୍ୟ ଏକ ଦେଶକୁ ସ୍ୱଦେଶ ବୋଲି ବରଣ କରିଥିଲେ, ଏବଂ ସେଠାରେବି ନିଜ ଶୌର୍ଯ୍ୟବୀର୍ଯ୍ୟ ସମ୍ୟକ୍‌ରୂପେ ରକ୍ଷା କରିବାକୁ ସମର୍ଥ ହୋଇଥିଲେ । ଯେଉଁ ଜାତି ଇଉରୋପୀୟ ଜଗତକୁ ସଭ୍ୟତାକ୍ଷେତ୍ରରେ ଦିନେ ସ୍ତମ୍ଭିତ କରି ଦେଇଥିଲା, ସେମାନେହିଁ ଭାରତବାସୀ । ଏହା ଅପେକ୍ଷା ଅଧିକ ଗୌରବ ଓ ଗର୍ବର କଥା ଅଉ ହୋଇପାରେ କା'ଣ ?

---

# ମାଧୁରୀ

**ଶ୍ରୀଜଗଦାନନ୍ଦ ମହାନ୍ତି**

ତରଳ କନକ ଜଳ ସରସ ଛୁଇ
ଧରି ବନ୍ଧୁଅସେ କାହୁଁ ରସର ନଈ;
 ଗମ୍ଭୀର କଳ କଳ
 ବେଳାପାଶେ ଅବିରଳ
ସଙ୍ଗୀତ ସମୀରଣେ ମଧୁରେ ବାଜେ;
ସପନ ସଉଧ କେତେ ମାନସେ ରାଜେ !

ଆହା କି ଘଟଣ କରି-ରଦର ତରୀ !
ରଜତ ସଲିଳ ସଙ୍ଗେ ଖେଳେ ସନ୍ତରି !
 ତରୀ ପରେ ସଖୀବାର
 ସହିତେ ବିହରିବାର
କି ଏ ଏ ଦେବତା ? କେଉଁ ସୁରଗ ଶଚୀ !
ବିଳସେ ପୁଲକ ଶତ ପଲକେ ରଚି ?

ଜଳ ସମତଳ ଚିରି ଧାଇଁଛି ତରୀ,
ଫେନ ଶିଶୁ ଖେଳେ ସଙ୍ଗେ ଚକାଭଉଁରୀ;
 କେଉଁ ଦେଶ ନଉକା ଏ ?
 କାହୁଁ ଅସି କାହିଁ ଯାଏ ?
ନ ହେବକି ମୋର ନାହା ବାହନ ଖେଳା ?
ତୀର ତରୁତଳେ ବସି ଯାଏ ଯେ ବେଳା !

ଟ୍ଟଳୁଛି ସେତାର ତାରେ କମଳ କର,
ଝଙ୍କାରି ଉଠୁଛି ଜୀରେ କମଳା-କର;
 ଝିମ୍ ଗେଡ଼ ଠୁଣୁ ଠୁଣ୍
 ସ୍ୱରେ ନାଚ ଝୁମୁ ଝୁମ୍
ବାଉଳ ଚପଳ ସମ ପଲକେ ଅସି
ସର୍ବାବାଳା ସମୀରଣେ ଯାଅନ୍ତି ଭାସି !

Digitized by srujanika@gmail.com

ଅମୀୟ ତୁମର, ଅୟି ପାଗଳକରୀ !
ଲୋଭାଇ ନେଉଛୁ ସାରା ଜୀବନ ପରି !
ଓଁକାର ଅଳସନେ
କେତେ ପ୍ରାଣ ଛନ ଛନେ
ସଂସାର ଭୁଲ ଉଡ଼େ ଚରଣୀପାଶେ
ଅପଣେ ଅରପି ପଦ ପୂଜବା ଆଶେ !

ଚରଣୀ ଯୁଗଳ ବାଡ଼େ, ଚନ୍ଦ୍ରିମା ନୀରେ
ଭାସୁଛ, ଝୁଲୁଛ ମୃଦୁ ପବନେ ଧୀରେ
ରଙ୍ଗ, ନେଳି, କଳା, ଧଳା
ହରିତାଳ-ଦ୍ୟୁତ-ଦଳା
ସୁରଭି ସ୍ୱପନେ ରଚି ମାଳିକାମାଳା;
ମଧୁପାନେ ମଧୁଚଖା ସମାଜ ଖେଳା !

କେତେ ଯୁଗ ଯୁଗାନ୍ତରେ ରସିକବରେ
ଜୀବନ କାନନେ ବସି, ଚୟନ କରେ
ଗୁନ୍ଥିଲେ ଫୁଲମାଳୀ
ଅରପିଲେ ପଦେ ଭାଳି
ସରସ ସକଳ ତବ ପ୍ରକ୍ଷ ପରଶେ
ଯୁଗ ଯୁଗ ସଞ୍ଚରଭି ସୁଧା ବରଷେ

ସ୍ମୃତିର ଅତୀତ ସେ ଯେ ବିଗତ ବେଳା
ଟାରୁ ତାର ଛବି ପଛେ କରୁଛୁ ଖେଳା
ଅନ୍ତର ପାଗଳାମୀ
ସହଜେ ମରମଗାମୀ
ନାଚିଲୁ ନାଚୁଛୁ ତହିଁ ନାଚିବ କେତେ
ବିଶ୍ୱର ତାରେ ଲଗା ଅତମା ଯେତେ,

ଯେ ହୁଅ ଗୋ ଅପୂରୁବ ସରଗଶିରୀ
ସପନେ କଳପି ନାହିଁ ଏତେ ମାଧୁରୀ
ଖେଳା ଲାଗି ତୋଳା ଫୁଲ
ନ ଜାଣଇ ଭଲାଭଲ
ପରାଣ ଅଦରେ ଦେଲି ପଦେ ଅଞ୍ଜଳି
ତୁମରି ଚରଣୀ ସରେ ପଡୁ ଏ ଚଳି ।

ତୁମରି ଚରଣୀ ପରେ ନେବ କି ମୋରେ
ବସି ବସି ଦିନ ଯାଏ ଭାବନା ଘୋରେ
ଏ ଗୀତରେ ଯେ ଦିନରାତି
ଅସି ଭାସିଯାଏ ନାତି
ଭାଙ୍ଗଇ ସବୁ ମୋର ଧୂଳିର ଘର
ମୋତେ ପୁଣି ନେବା ଲାଗି କଠାଳ ତାର ।

ସରଗତରୀ ଏ ନବ ଜୀବନେ ଗତା
ସୁଷମା ରଚାଣ ଦିଅ ସପନବେତା
ତା-ପରାଣେ ଗାନ ତୁମେ
ଗାଉଛ ମାନର ଘୁମେ
କାଳର କାଳିମା ମୁଖେ ମାଧୁରୀ ମାଖି
କର ଗୋ ମୋହରେ ତବ ଯାରୁଣ ସଖି

ଚନ୍ଦ୍ରିମା ମଞ୍ଚାଲେ ଖେଳେ ମଲ୍ଲିଲତରୀ
ସାଦରେ ପ୍ରଣମି ଅଙ୍ଗ ହୁଏ ଲହରୀ
ଅରଘ ବନ୍ଧାଣ ଥାଳୀ
ଧରିଣ ଗୋଧୂଳି ବାଳୀ
ବାରୁଣୀ କନକାଚଳେ ଅବତରିଲେ
ଭ୍ରମର ଘେରିଲୁ ମୋରେ ଚନ୍ଦ୍ରର ବଳେ ।

Digitized by srujanika@gmail.com

# ବିସ୍ମୃତି

ଅଧ୍ୟାପକ ଶ୍ରୀ ରତ୍ନାକର ପଣ୍ଡା

ବିସ୍ମୃତି ଗୋଟିଏ ମାନସିକ ପ୍ରକ୍ରିୟା । ପ୍ରତ୍ୟେକ ମାନବ-ଜୀବନରେ ଏହା ନ୍ୟୂନାଧିକ ପରିମାଣରେ ପରିଲକ୍ଷିତ ହୋଇଥାଏ । ଯେତେ ସ୍ମରଣଶୀଳ ହେଲେ ମଧ୍ୟ କେହି ଏହାର ପ୍ରଭାବରୁ ବଞ୍ଚିତ ନୁହେ । ପିତାର ବିୟୋଗରେ ପୁତ୍ର, ପୁତ୍ରର ବିୟୋଗରେ ପିତା ମାତା ଓ ପତିର ବିୟୋଗରେ ପତ୍ନୀ ସମସ୍ତେ କ୍ଷଣ କାଳପାଇଁ ଶୋକରେ ଅଧୀର ହେଲେହେଁ କାଳକ୍ରମେ ସେମାନଙ୍କର ସମସ୍ତ ଶୋକ ବିସ୍ମୃତିଗର୍ଭରେ ଲୀନ ହେଉଅଛି । ସେହିପରି ମାନବ-ସମାଜରେ ବନ୍ଧୁର ବିଚ୍ଛେଦ, ଶତ୍ରୁର ନିର୍ଯ୍ୟାତନା, ପରିବାରର କଳହ, ଦେଶର ଅନ୍ତର୍ବିବାଦ, ବାଗ୍ମୀର ବାଗ୍ମିତା, ଜେତାର ବିଜୟଗାନ ଓ କବିର ପ୍ରତିଷ୍ଠା, ସମସ୍ତ ଏହି ବିସ୍ମୃତି ରାଜ୍ୟର କେଉଁ ଗଭୀର ସ୍ତରରେ ଲୁକ୍କାୟିତ ରହିଯାଉଅଛି । ଆଜି ଯାହା ନୂତନ ବୋଲି ଜଗତ—ସମକ୍ଷରେ ପ୍ରତିଭାତ ହେଉଅଛି, କାଲି ତାହା ପୁରାତନର ଅନ୍ତର୍ଭୁକ୍ତ ହୋଇ ମାନସ ରାଜ୍ୟରୁ କ୍ରମେ କ୍ରମେ ତିରୋହିତ ହେଉଅଛି । ଆଜି ଯାହାକୁ ଅଦ୍ଭୁତ ବୋଲି ଲୋକେ ଉତ୍ସୁକ ନେତ୍ରରେ ଅନାଇ ରହିଅଛନ୍ତି, କାଲି ତାହା ସାମାନ୍ୟ ବା ନଗଣ୍ୟ ବୋଲି ବିବେଚିତ ହୋଇ ମନରୁ ବିଦୂରିତ ହେଉଅଛି । ଏହିପରି ଶତ ଶତ ଘଟଣା ଅହରହ ସଂସାର-କ୍ଷେତ୍ରରେ ଦେଖା ଦେଇ ବିସ୍ମୃତି-ଯବନିକାର ଅନ୍ତରାଳରେ ଅଦୃଶ୍ୟ ହୋଇଯାଉଅଛି । ସଂସାରରେ ମୃତ ବ୍ୟକ୍ତିର ସ୍ମୃତିରକ୍ଷା ନିମିତ୍ତ ଯେଉଁ ଅନୁଷ୍ଠାନମାନ ସଂରକ୍ଷିତ ହୋଇ ରହିଅଛି, ସେ ଗୁଡ଼ିକ କେବଳ ମାନବର ଏହି ବିସ୍ମୃତି-ପ୍ରକ୍ରିୟାର ପ୍ରତିରୋଧକ କହିଲେ ଚଳେ । ଯଦି ପ୍ରତ୍ୟେକ ଘଟଣା ମାନବର ସ୍ମୃତିପଟ୍ଟରେ ଅଙ୍କିତ ହୋଇ ରହିବା ସ୍ୱାଭାବିକ ହୋଇଥାନ୍ତା; ତାହା ହେଲେ ସ୍ମୃତି ରକ୍ଷାର୍ଥ ଏହିପରି ଚେଷ୍ଟାର ସତ୍ତା ତାହାର ଜୀବନରେ ଦେଖା-ଯାଆନ୍ତାନାହିଁ । ମାତ୍ର ସ୍ୱଭାବତଃ ମାନବ ବିସ୍ମୃତିର ଅଧୀନ, ଜୀବନର ବିଭିନ୍ନ ବିଭାଗରେ ନାନାବିଧ କାର୍ଯ୍ୟରେ ନିଯୁକ୍ତ ରହି ତାହାର ମନ ଏପରି ବ୍ୟତିବ୍ୟସ୍ତ ହୋଇପଡ଼େ ଯେ ଜୀବନଗତ ସମସ୍ତ ବିଷୟ ମନମଧ୍ୟରେ ଜାଗରିତ କରି ରଖିବା ତାହା ପକ୍ଷରେ ଅସମ୍ଭବ ହୋଇପଡ଼େ । ବର୍ତ୍ତମାନର ଅଧୀନ ହୋଇ ଜୀବନଟିର ଗତି କରୁଥିବା ସମୟରେ, ତାହାକୁ କେବଳ ଅତୀତ ନୁହେ—ଭବିଷ୍ୟତ ମଧ୍ୟ ଚିନ୍ତା କରିବାକୁ ହୁଏ । ତେଣୁ ତାହାର ଜୀବନରେ ବିସ୍ମୃତିର କାର୍ଯ୍ୟ ପରିଦୃଷ୍ଟ ହୋଇଥାଏ । ମାତ୍ର ଜୀବନରେ ବିସ୍ମୃତିର ଏହି ପ୍ରକ୍ରିୟା ସର୍ବଦା ଏକଭାବରେ ହୋଇ ନଥାଏ । ବ୍ୟକ୍ତିର ପ୍ରକୃତି ଅନୁସାରେ ଏହାର ମାତ୍ରାରେ ନ୍ୟୂନାଧିକ୍ୟ ଘଟିଥାଏ । ଆମେ କହିଅଛୁ—ସ୍ୱଭାବତଃ ମାନବଜୀବନ ବିସ୍ମୃତିର ଅଧୀନ, ମାତ୍ର ବ୍ୟାବହାରିକ ଭାବରେ ଦେଖିବାକୁ ଗଲେ, ଭିନ୍ନ ଭିନ୍ନ ଜୀବନରେ ବିସ୍ମୃତି ଭିନ୍ନ ଭିନ୍ନ ଭାବରେ କାର୍ଯ୍ୟ କରିଥାଏ,—ମନର ଅବସ୍ଥାଭେଦରେ ବିସ୍ମୃତିର ପ୍ରଭାବରେ ତାରତମ୍ୟ ଦେଖିବାକୁ ମିଳେ । ଯେପରି ଖାଦ୍ୟ, ପେୟ ଜୀବନର ପ୍ରକୃତିଗତ ହେଲେହେଁ, ଲୋକର ପ୍ରକୃତିଭେଦରେ ତାହାର ପରିମାଣଗତ ଓ ପ୍ରକାରଗତ ପ୍ରଭେଦ ଘଟିଥାଏ, ସେହିପରି ବିସ୍ମୃତି ମାନବର ସ୍ୱଭାବସିଦ୍ଧ ହେଲେହେଁ ତାହାର ଜୀବନର ଗତିବିଧି ଅନୁସାରେ ତାହାର ପ୍ରଭାବରେ ଆଧିକ୍ୟ ବା ଅଳ୍ପତା ଅନୁଭୂତ ହୋଇଥାଏ । ପୁଣି ଶରୀରରକ୍ଷା ନିମିତ୍ତ ଯେଉଁ ପରିମାଣର ଖାଦ୍ୟ ପେୟ ଆବଶ୍ୟକ, ଲୋକର ସ୍ୱଭାବ ନେଇ ତାହା ଅପେକ୍ଷା ଅଳ୍ପ ବା ଅଧିକ ଭୋଜନ ବା ପାନ କରିବାକୁ ହୋଇଥାଏ । ତେଣୁ କେହି ପେଟୁକ କେହି ପୁଣି ଅଳ୍ପାହାରୀ ବୋଲି ବିବେଚିତ ହୋଇଥାନ୍ତି । ଖାଦ୍ୟର ଅତିରିକ୍ତତାବଶତଃ ଯେପରି ଶରୀରର ସ୍ୱାସ୍ଥ୍ୟଭଙ୍ଗ ଘଟିଥାଏ, ତାହାର ଅଳ୍ପତାବଶତଃ ମଧ୍ୟ ତଦ୍ରୂପ ଫଳ ଘଟିବାର ଦେଖାଯାଏ । ବିସ୍ମୃତିସମ୍ବନ୍ଧରେ ମଧ୍ୟ ସେହିପରି । ଜୀବନର ସୌଷ୍ଠବ ରକ୍ଷା ନିମିତ୍ତ ବିସ୍ମୃତି



Digitized by srujanika@gmail.com

ଗୋଟିଏ ପ୍ରଧାନ ଉପାୟ ରୂପରେ ଆବଶ୍ୟକ । ମାତ୍ର ଅବସ୍ଥାର ବୈଷମ୍ୟ ହେତୁରୁ କେହି କେହି ଏକାବେଳକେ ବିସ୍ମୃତିର ଅଧୀନ ହୋଇପଡନ୍ତି, କେହି କେହି ପୁଣି ଏହାକୁ ଜୀବନ-କ୍ଷେତ୍ରରେ କ୍ୱଚିତ୍ ସ୍ଥାନ ଦେଇଥାନ୍ତି । ଫଳ ହୁଏ, ଜୀବନର ସୌଷ୍ଠବ ଭଙ୍ଗ—ଜୀବନର କର୍ତ୍ତବ୍ୟ କ୍ଷେତ୍ରରେ ନାନାପ୍ରକାର ଅବହେଳା ଓ ବିସମ୍ବାଦ, ସେଥିପାଇଁ ଖାଦ୍ୟପେୟାଦିରେ ଯେପରି ଅମ୍ଭମାନଙ୍କୁ ସଂଯତ ରହିବାକୁ ପଡେ, ସେହିପରି ବିସ୍ମୃତି ବିଷୟରେ ମଧ୍ୟ ସାବଧାନ ହେବାକୁ ହେବ । ଜୀବନର ଉପାଦାନଗୁଡ଼ିକ ଲୋପ ପାଇଲେ ଯେପରି ସର୍ବନାଶ, ସେ ଗୁଡ଼ିକର ଅତିମାତ୍ର ବିହାର ମଧ୍ୟ ସେହିପରି ବିପଜ୍ଜନକ । ସୁତରାଂ ବିସ୍ମୃତିର ଉପାଦେୟତା ଥିଲେ ମଧ୍ୟ ଅବସ୍ଥାଭେଦରେ ତାହାର ଅନୁପାଦେୟତା ଅସ୍ୱୀକାର କରିହେବ ନାହିଁ । ତେଣୁ ଜୀବନ-କ୍ଷେତ୍ରରେ ବିସ୍ମୃତିର ସ୍ଥାନନିରୂପଣହିଁ ଅମ୍ଭମାନଙ୍କର ଗୋଟିଏ ସମସ୍ୟା ହେବା ଉଚିତ ।

ଜୀବନଗତ ନାନାପ୍ରକାର ଅବସ୍ଥାର ଅଧୀନ ହୋଇ ଲୋକମାନେ ଏତେ ବିସ୍ମୃତିଶୀଳ ହୋଇ ପଡ଼ିଥାନ୍ତି ଯେ ତାହାର ଫଳରେ ନିଜନିଜର କର୍ତ୍ତବ୍ୟ ଅବଧାରଣ କରି ନ ପାରି ସେମାନେ ଗୋଟିଏ ଗୋଟିଏ ବିଶୃଙ୍ଖଳ ଜୀବନ ଯାପନ କରିଥାନ୍ତି । ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସ୍ମୃତିର ଉପଦେୟତା ବିଦ୍ୟମାନ ରହିଅଛି । ଅତୀତର ଭିତ୍ତିଉପରେ ବର୍ତ୍ତମାନକୁ ଅବସ୍ଥାପିତ କରି ଭବିଷ୍ୟତ୍ ନିର୍ଦ୍ଦେଶ କରିବାକୁ ହେଲେ ସ୍ମୃତି ଏକାନ୍ତ ଅବଶ୍ୟକ । ଯଥାର୍ଥରେ ମାନବର ବର୍ତ୍ତମାନ ଜୀବନ ତାହାର ଅତୀତ କାର୍ଯ୍ୟ କଳାପର ବୈଧତା ବା ଅବୈଧତା ଉପରେ ନିର୍ଭର କରେ ଏବଂ ତାହାର ଭବିଷ୍ୟତ୍ ଜୀବନ ମଧ୍ୟ ଅତୀତ ଓ ବର୍ତ୍ତମାନର ଦୃଷ୍ଟିରେ ନିର୍ଦ୍ଦେଶିତ ହୋଇଥାଏ । ସୁତରାଂ ଯଦି ବିସ୍ମୃତିଶୀଳତାର ଅଧୀନ ହୋଇ ସେ ଅତୀତକୁ ଭୁଲିଯାଏ; ତାହାହେଲେ ତାହାର ବର୍ତ୍ତମାନ ମୂଳବିହୀନ ବୃକ୍ଷତୁଲ୍ୟ ତିଷ୍ଠି ପାରିବନାହିଁ । ସେହିପରି ଅତୀତ ଓ ବର୍ତ୍ତମାନକୁ ଭୁଲିଗଲେ ତାହାର ଭବିଷ୍ୟତ ନିରୁଦ୍ଦେଶ୍ୟ ତଥା ଅନ୍ଧକାରମୟ ହୋଇ ପଡ଼ିବା ଅବଶ୍ୟମ୍ଭାବୀ । ଅଶୋକ ତାଙ୍କର ଅତୀତକୁ ଏକାବେଳକେ ବିସ୍ମୃତି ଗର୍ଭରେ ନିକ୍ଷେପ କରିଥିଲେ ଧର୍ମାଶୋକରେ ପରିଣତ ହୋଇ ପାରି ନ ଥାନ୍ତେ, ଏବଂ ବୁଦ୍ଧ ଅତୀତ ପ୍ରତି ଦୃକ୍‌ପାତ କରି ନ ଥିଲେ ନବତଲ ପ୍ରାସାଦର ସମସ୍ତ ସୁଖ ସମ୍ଭୋଗ ପରିତ୍ୟାଗ କରି ବନେ ସନ୍ନ୍ୟାସୀ ବେଶରେ ଜୀବନର ଗୂଢ଼ତତ୍ତ୍ୱ ପ୍ରଚାର କରିବାରେ କୃତକାର୍ଯ୍ୟ ହୋଇ ପାରି ନଥାନ୍ତେ । ସୁତରାଂ ଅତୀତର ସ୍ମରଣ, ଜୀବନର ଗୋଟିଏ ପ୍ରଧାନ ଅବଲମ୍ବନ । ମାତ୍ର ଅନେକେ 'ଗତସ୍ୟ ଶୋଚନା ନାସ୍ତି' ମନ୍ତ୍ରରେ ଉଦ୍‌ବୁଦ୍ଧ ହୋଇ ଜୀବନର ଅତୀତ କାର୍ଯ୍ୟ କଳାପ ପ୍ରତି ଦୃକ୍‌ପାତ କରନ୍ତିନାହିଁ । ଫଳତଃ ସେମାନଙ୍କର ଜୀବନରେ ଆତ୍ମପରୀକ୍ଷାର କୌଣସି ସ୍ଥାନ ରହିପାରେ ନାହିଁ । ତେଣୁ ସେମାନେ ଜନ୍ତୁର ଭଳିରେ କାର୍ଯ୍ୟସାଧନ କରି କେବଳ ବ୍ୟକ୍ତିଗତ ଭାବରେ ନୁହେଁ—ଜାତିଗତ ଭାବରେ ମଧ୍ୟ ନାନା ଅନିଷ୍ଟର କାରଣ ହୋଇପଡ଼ନ୍ତି । ଆତ୍ମପରୀକ୍ଷା ବ୍ୟତିରେକେ କୌଣସି ଜୀବନ—ଜୀବନ ପଦବାଚ୍ୟ ହୋଇପାରେନାହିଁ । ମାତ୍ର ଏହି ଆତ୍ମପରୀକ୍ଷା ଜୀବନର ବିଭିନ୍ନ କାର୍ଯ୍ୟ କଳାପର ପର୍ଯ୍ୟାଲୋଚନା ଉପରେ ନିର୍ଭରକରେ । ଏବଂ ଏହି ପର୍ଯ୍ୟାଲୋଚନା କାର୍ଯ୍ୟଟି ପୁଣି ସେହି ବିଭିନ୍ନ କାର୍ଯ୍ୟ ଗୁଡ଼ିକର ସ୍ମୃତି ବ୍ୟତୀତ ଅସମ୍ଭବ ହୋଇପଡ଼େ । ସୁତରାଂ ମାନବଜୀବନର ଗଠନ ସ୍ମୃତି ସାପେକ୍ଷ । ଯେଉଁ ବ୍ୟକ୍ତି ଯେତେ ଅଧିକ ବିସ୍ମୃତିଶୀଳ—ତାଙ୍କର କାର୍ଯ୍ୟ କଳାପ ସେତେ ବିଶୃଙ୍ଖଳ ଓ କ୍ରମ ବିହୀନ । ତେବେ 'ଗତସ୍ୟ ଶୋଚନା ନାସ୍ତି', ଏହିମନ୍ତ୍ରଟିକୁ କି ଅର୍ଥରେ ବୁଝିବାକୁ ହେବ ? ଗତସ୍ୟ ଶୋଚନାନାସ୍ତି କହିଲେ ବୁଝିବାକୁ ହେବ—ଗତ ବିଷୟନେଇ ସର୍ବଦା ଶୋଚନା କରିବା ଉଚିତ ନୁହେଁ କାରଣ ଗତ ବିଷୟର ଶୋଚନାରେ ଜୀବନ ଏକାବେଳକେ ନିବଦ୍ଧ ରହିଲେ ତାହାର ଉନ୍ନତି ଅସମ୍ଭବ ହୋଇପଡ଼େ—ମାନବ ପୁରୋଦୃଷ୍ଟି ବିହୀନ ହୋଇ ଜୀବନରେ ପଦେମାତ୍ର ଅଗ୍ରସର ହୋଇ ପାରେନାହିଁ । ସ୍ୱୀକାର କରୁଅଛୁଁ—ଗତ ବିଷୟର ଶୋଚନା ଜୀବନର ବହୁତ ମଙ୍ଗଳସାଧନ କରିଥାଏ । ମାତ୍ର ଏହା ମାନବର ନିଷ୍କ୍ରିୟ ଶୋଚନା ନୁହେଁ । ଗତର ନିଷ୍କ୍ରିୟ ଶୋଚନା କେବଳ ପଶ୍ଚାଦ୍ ଦୃଷ୍ଟି ଛଡ଼ା ଅନ୍ୟ କିଛି ନୁହେ । ଯେତେବେଳେ ଗତର ଶୋଚନା ମାନବର ପ୍ରାଣରେ ନବୀନ ଉଦ୍ୟମ ଓ ନବୀନ

Digitized by srujanika@gmail.com

ପ୍ରେରଣା ସୃଷ୍ଟିକରି ତାହାକୁ ଉନ୍ନତତର ଜୀବନର ପଥରେ ଚାଳିତ କରେ, ଯେତେବେଳେ ତାହାର ପଶ୍ଚାଦ୍‌ଦୃଷ୍ଟି ତାହାର ପୁରୋଦୃଷ୍ଟିର ପରିସର ବଢ଼ାଏ, ସେତେବେଳେ ତାହାର ଜୀବନରେ ଗତସ୍ୟ ଶୋଚନା ନାସ୍ତି ମନ୍ତ୍ରଟି କାର୍ଯ୍ୟ କରିଅଛି ବୋଲି ବୁଝିବାକୁ ହେବ । ମାତ୍ର ଯଦି ମାନବ ସର୍ବଦା ଗତ ବିଷୟ ଉପରେ ଅଶ୍ରୁବିନ୍ଦୁ ବର୍ଷଣ କରି ମନ ଓ ଶରୀରକୁ କର୍ମ-ବିମୁଖ କରିପକାଏ ତାହାହେଲେ ତାହାର ଜୀବନ ଜୀବନ୍ତ ମରଣ ଛଡ଼ା ଅନ୍ୟ କିଛି ନୁହେଁ । ଗତ ବିଷୟର ନିଷ୍କ୍ରିୟ ଶୋଚନାରୁ ଉତ୍ପନ୍ନ ଏହି କର୍ମବିମୁଖତା ପ୍ରତି ଲକ୍ଷ୍ୟରଖି କବି ବୋଧହୁଏ କହିଅଛନ୍ତି, "ଗତସ୍ୟ ଶୋଚନା ନାସ୍ତି" ମାତ୍ର ଗତର ଶୋଚନା ନ କରିବା ଗତର ବିସ୍ମୃତ ହୋଇ ନପାରେ । କାରଣ ଆମ୍ଭେମାନେ ଗତ ବିଷୟ ନେଇ ଦୁଃଖ ବା ଅନୁତାପ ଅନୁଭବ କରି ନପାରୁ; ତଥାପି ଗତ ବିଷୟ ସ୍ମରଣ କରିପାରୁ । ପୁଣି ଗତ ବିଷୟର ଶୋଚନାରେ ଆମ୍ଭେମାନେ ଜୀବନରେ ଯେଉଁ ଉତ୍ତାପ ଓ କ୍ଲାନ୍ତି ଅନୁଭବ କରୁ, ତାହା ମଧ୍ୟ ସ୍ମୃତି ଆକାରରେ ମନ ମଧ୍ୟରେ ସଞ୍ଚିତ ରହି ଜୀବନର ବର୍ତ୍ତମାନ ଓ ଭବିଷ୍ୟତକୁ ନିୟମିତ କରିବାର ଦେଖାଯାଏ । ମନେକର—ତୁମ୍ଭେ ଗୋଟିଏ ଅନ୍ୟାୟ କାର୍ଯ୍ୟ କରିଅଛ । ଏଥିପାଇଁ ବର୍ତ୍ତମାନ ତୁମ୍ଭ ମନରେ ଭୟଙ୍କର ଦୁଃଖ ଆସି ଉପସ୍ଥିତ ହେଲା । ତୁମ୍ଭେ ଯଦି ସର୍ବଦା ଏହି ଅତୀତ ଅନ୍ୟାୟ ବିଷୟରେ ଶୋଚନା କରି କରି ଜୀବନକୁ ଦୁଃଖମୟ କରିପକାଅ, ତାହାହେଲେ ତୁମ୍ଭର ମନର ପ୍ରସାର ଓ ପ୍ରସନ୍ନତା ରହିବନାହିଁ ତେଣୁ ତୁମ୍ଭେ ଜୀବନରେ ଆଉ କୌଣସି କାର୍ଯ୍ୟ ସମାଧାନ କରିପାରିବ ନାହିଁ । ତେଣୁ ତୁମ୍ଭେ ଏହି ଦୁଃଖରୁ ରକ୍ଷା ପାଇବା ଉଦ୍ଦେଶ୍ୟରେ ଗତର ଅନ୍ୟାୟକୁ ଭୁଲିଯିବାକୁ ଚେଷ୍ଟାକରିବ । କିନ୍ତୁ ତୁମ୍ଭେ ଏହି ଅନ୍ୟାୟ ଓ ତଜ୍ଜନିତ ଦୁଃଖ ବା ମର୍ମବେଦନାକୁ ଏକାବେଳକେ ଭୁଲିଯାଇ ପାରିବନାହିଁ । ସମୟ ସମୟରେ ତୁମ୍ଭର ଏହି ଆତ୍ମକ୍ଳେଶ ସ୍ମୃତି-ଆକାରରେ ମନ ମଧ୍ୟରେ ଜାଗରିତ ହେବ ଓ ତୁମ୍ଭେ ଏହାରି ଦୃଷ୍ଟିରେ ଏହିପରି କ୍ଳେଶ ଓ ଅଶାନ୍ତି ଅନୁଭବ କରିବା ଆଶଙ୍କାରେ ତୁମ୍ଭର ବର୍ତ୍ତମାନ ଜୀବନକୁ ନିୟମିତ କରି ଭବିଷ୍ୟତ କାର୍ଯ୍ୟକଳାପ ନିର୍ଦ୍ଦେଶ କରିବ । ଏହିପରି ତୁମ୍ଭଙ୍କୁ ଅତୀତର କାର୍ଯ୍ୟ ଓ ତଜ୍ଜନିତ ଫଳକୁ ସ୍ମରଣ କରିବାକୁ ହେବ । ନଚେତ୍ ତୁମ୍ଭେ ଜୀବନରେ କୌଣସି ନିୟମ ବା କ୍ରମ ଦେଖିବାକୁ ପାଇବନାହିଁ । ତେଣୁ ଯେଉଁମାନେ ଗତ ବିଷୟର ଆଲୋଚନା ନକରି ସମସ୍ତ କାର୍ଯ୍ୟକଳାପ ବିସ୍ମୃତି ଗର୍ଭରେ ନିକ୍ଷେପ କରନ୍ତି ସର୍ବଦା ବର୍ତ୍ତମାନରେ ଆବଦ୍ଧ ହୋଇ ଜୀବନରେ ଗତି କରନ୍ତି, ସେମାନେ ଭ୍ରାନ୍ତ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ଅବଶ୍ୟ କବି କହିଛନ୍ତି Let the dead past bury its dead ଏହି ଉକ୍ତିରେ କବିବର ଅତୀତକୁ ମୃତ ବୋଲି ବର୍ଣ୍ଣନା କରିଅଛନ୍ତି । ତାଙ୍କ ମତରେ ଅତୀତ ଆଉ କେବେହେଁ ଫେରି ଆସିବନାହିଁ । ତେଣୁ ମୃତ ବ୍ୟକ୍ତି ସଦୃଶ ମୃତ ଅତୀତକୁ ଏକାବେଳକେ ମନୋ-ରାଜ୍ୟରୁ ବିତାଡ଼ିତ କରିବାକୁ ହେବ । ମାତ୍ର ଆମ୍ଭମାନଙ୍କ ମତରେ ଅତୀତ କୌଣସିମତେ ମୃତ ନୁହେ । ଅତୀତର ଉଦ୍‌ବୋଧନ ଜୀବନରେ ଯେଉଁ ମହାପରିବର୍ତ୍ତନ ସଂଘଟିତ କରିଥାଏ, ତାହା ଭାବିଲେ କିଏ କହିବ ଯେ, ଅତୀତ ଏକାବେଳକେ ମୃତ—ଅତୀତର ଜୀବନ-କ୍ଷେତ୍ରରେ କୌଣସି ପ୍ରଭାବ ନାହିଁ ? ଜଗତରେ ଯାହା କିଛି ଘଟୁଅଛି, ତାହାର ଛବି ସ୍ମୃତିପଟ୍ଟରେ ଅଙ୍କିତ ରହି ଜୀବନର ଭିନ୍ନ ଭିନ୍ନ ବିଭାଗକୁ ପ୍ରଭାବିତ କରିଥାଏ । ଇତିହାସର ବିଭିନ୍ନ ଘଟଣାର ପୁନରାଲୋଚନା ଜୀବନକ୍ଷେତ୍ରରେ ଯେ କି ଅଦ୍ଭୁତ ପରିବର୍ତ୍ତନ ଆନ ଘଟାଇଥାଏ, ତାହା କାହାରିକୁ ଅବିଦିତ ନାହିଁ । ଅବଶ୍ୟ ଅତୀତର ଘଟନାବଳୀ ତଦାନୀନ୍ତନ ବାସ୍ତବତା ସହ ଦେଖାଯାଇ ନଥାଏ, ତଥାପି ତାହାର ପ୍ରଭାବ ଜୀବନରେ ନ୍ୟୂନାଧିକ ପରିମାଣରେ ବିଦ୍ୟମାନ ଥାଏ । ଅର୍ଥାତ୍ ଘଟନାଗୁଡ଼ିକ ପୁନଃ ସଂଘଟିତ ନହେଲେ ସୁଦ୍ଧା, ସେମାନଙ୍କର ସ୍ମୃତି କାର୍ଯ୍ୟ କରୁଥାଏ । ଏହି ଦୃଷ୍ଟିରେ ଦେଖିବାକୁ ଗଲେ ଅତୀତକୁ ମୃତ ବୋଲି ଭାବିବାକୁ ହେବନାହିଁ । କାରଣ ଯାହା ମୃତ, ତାହା ପ୍ରଭାବବିହୀନ । ମାତ୍ର ଉପରେ କଥିତ ହୋଇଅଛି, ଅତୀତ ପ୍ରଭାବବିହୀନ ନୁହେ । ତେଣୁ ଅତୀତ ମୃତ ନୁହେଁ । ଅଧିକନ୍ତୁ ମଧ୍ୟ କଥିତ ଅଛି; 'କୀର୍ତ୍ତିର୍ଯସ୍ୟ ସ ଜୀବତି' ଅର୍ଥାତ୍ ବ୍ୟକ୍ତି ବିଶେଷ ସ୍ୱାଭାବିକ ଭାବରେ ମୃତ୍ୟୁମୁଖରେ ପତିତ ହେଲେ ସୁଦ୍ଧା, ତାହାର କାର୍ଯ୍ୟକଳାପ ଦୃଷ୍ଟିରେ, ତାହାର

Digitized by srujanika@gmail.com

ଶକ୍ତିଦୃଷ୍ଟିରେ, ତାହାକୁ ଜୀବିତ ବୋଲି ମନେକରିବାକୁ ହେବ । ସେହିପରି ଅତୀତର ଘଟଣାବଳି ଅଦୃଶ୍ୟ ହୋଇ ତାହାକୁ ମୃତ ବୋଲି ପ୍ରତୀୟମାନ କଲେ ସୁଦ୍ଧା, ଜୀବନ-କ୍ଷେତ୍ରରେ ତାହାର ପ୍ରଭାବ ଓ ତତ୍କୃତ କାର୍ଯ୍ୟକଲାପରୁ ତାହାକୁ ସଂଜୀବିତ ବୋଲି ଭାବିବା ଅନୁଚିତ ନୁହେଁ । ଅତଏବ ଜୀବନ ଉପରେ ଅତୀତର ପ୍ରଭାବ କେହି ଅସ୍ୱୀକାର କରିପାରିବେ ନାହିଁ । ମାତ୍ର ଏହି ପ୍ରଭାବର ଅବବୋଧ ମାନବର ସ୍ମୃତିଶକ୍ତି ଉପରେ ନିର୍ଭର କରେ । ତେଣୁ ଯେ ଯେଉଁ ପ୍ରକାର ଜୀବନ ଯାପନ କରନ୍ତୁ, କେବେହେଁ ସ୍ମୃତିର ସାହାଯ୍ୟ ପରିତ୍ୟାଗ କରିପାରିବେ ନାହିଁ, ଅତଏବ କେବଳ ବିସ୍ମୃତି-ଶୀଳତାର ବଶବର୍ତ୍ତୀ ହୋଇ ଜୀବନଧାରଣ କରିବା ଅଦୂରଦର୍ଶିତା ବୋଲି ବୁଝିବାକୁ ହେବ ।

ଉଲ୍ଲିଖିତ ବିଷୟରୁ ଅବଶ୍ୟ ବୁଝିବାକୁ ହେବ ନାହିଁ ଯେ, ଜୀବନକ୍ଷେତ୍ରରେ ବିସ୍ମୃତିର ସ୍ଥାନ ନାହିଁ । ପର୍ଯ୍ୟବେକ୍ଷଣରୁ ଜଣାପଡ଼େ—ସ୍ମୃତିପରି ବିସ୍ମୃତିର ମଧ୍ୟ ଉପାଦେୟତା ସ୍ୱୀକାର କରିବାକୁ ହେବ । ଉଲ୍ଲିଖିତ ଯୁକ୍ତିଗୁଡ଼ିକରେ କେବଳ ଅତି-ବିସ୍ମୃତି-ଶୀଳ-ଜୀବନ ପ୍ରତି ଲକ୍ଷ୍ୟ କରାଯାଇଅଛି, ସୁତରାଂ ସେ ଗୁଡ଼ିକରୁ ବୁଝିବାକୁ ହେବ ନାହିଁ ଯେ, ବିସ୍ମୃତିର ଉପାଦେୟତା ଆଦୌ ନାହିଁ । ଯଥାର୍ଥରେ ବିସ୍ମୃତି ବ୍ୟତୀତ ମାନବ ଜୀବନରେ ଅନେକ କାର୍ଯ୍ୟ ଅସମାହିତ ରହିଯିବ । ଦେଖାଯାଏ, ସ୍ମୃତି ବିସ୍ମୃତି-ସାପେକ୍ଷ Forgetfullness is one of the best conditions of memory କୌଣସି ବିଷୟ ସ୍ମରଣ ରଖିବାକୁ ହେଲେ, ଅମ୍ଭମାନଙ୍କୁ ଅନ୍ୟାନ୍ୟ ବିଷୟ ଗୁଡ଼ିକ ବିସ୍ମୃତି ଗର୍ଭରେ ନିକ୍ଷେପ କରିବାକୁ ହୁଏ । ଉଦାହରଣ-ସ୍ୱରୂପ, ମୁଁ ଏହି ପ୍ରବନ୍ଧଟି ଲେଖିଲାବେଳେ, ମୋତେ କେବଳ ବହିର୍ଜଗତର ଘଟଣାମାନ ନୁହେଁ—ଜୀବନଗତ ଅନେକ ବିଷୟ ଭୁଲିଯିବାକୁ ହେଉଅଛି । ଯଦି ଜୀବନର ସମସ୍ତ ଘଟଣା ମୋହର ମନୋରାଜ୍ୟରେ ପ୍ରବେଶ କରେ, ତାହାହେଲେ ଏହି ପ୍ରବନ୍ଧର ବିଷୟ ଉପରେ ମୋର ମନ ଆଦୌ କେନ୍ଦ୍ରୀଭୂତ ହୋଇପାରିବ ନାହିଁ । ଏହିପରି ପ୍ରତ୍ୟେକ କାର୍ଯ୍ୟରେ ମାନବକୁ ବିସ୍ମୃତି ଉପରେ ନିର୍ଭର କରିବାକୁ ହୁଏ । ନଚେତ୍ ମନୋନିବେଶର ଅଭାବବଶତଃ କୌଣସିଟି ସାଧିତ ହୋଇ ପାରିବ ନାହିଁ । ପୁଣି ଜୀବନର ଅନେକ ଘଟଣାରେ ମାନବକୁ ଅତୀତର କେତେକ ବିଷୟ ସ୍ମୃତିରାଜ୍ୟକୁ ପ୍ରତ୍ୟାନୟନ କରିବାକୁ ହୋଇଥାଏ । ମାତ୍ର କୌଣସି ଅତୀତ ଘଟଣା ସ୍ମରଣ କରିବାକୁ ହେଲେ କେବଳ ଅନ୍ୟାନ୍ୟ ଅତୀତ ଘଟଣାଗୁଡ଼ିକ ନୁହେଁ—ବର୍ତ୍ତମାନର ଅନ୍ୟାନ୍ୟ ଅନେକ ବିଷୟ ମଧ୍ୟ ମନୋରାଜ୍ୟରୁ ଦୂର କରିବାକୁ ହେବ । ନେପୋଲିୟନ ରଣକ୍ଷେତ୍ରରେ ସମର ଚିନ୍ତାରେ ନିଯୁକ୍ତ ରହିଥିବା ସମୟରେ ଅନ୍ୟାନ୍ୟ ଘଟଣା ବା ବିଷୟମାନ ଭୁଲିଯିବା ଓ ନିଉଟନ ବିଜ୍ଞାନାନୁଶୀଳନରେ ନିବିଷ୍ଟ ରହିଥିବା ସମୟରେ ଖାଦ୍ୟପାନାଦି ସମସ୍ତ ଭୁଲିଯିବା ସ୍ୱାଭାବିକ । ବିସ୍ମୃତିର ଏହି ଉପାଦେୟତା ଯୋଗକ୍ଷେତ୍ରରେ ବେଶ ଉପଲବ୍ଧି ହୋଇଥାଏ । 'ଯୋଗଃ ଚିତ୍ତବୃତ୍ତି-ନିରୋଧଃ' । ଏହାର ଅର୍ଥ ଏହି ଯେ, ଯୋଗସାଧନ କଲାବେଳେ ଅମ୍ଭମାନଙ୍କୁ ଚିତ୍ତବୃତ୍ତିଗୁଡ଼ିକୁ ଅନ୍ୟାନ୍ୟ ବିଷୟମାନଙ୍କରେ ଲଗାଇବାକୁ ହେବ ନାହିଁ । ମାତ୍ର ଏହି କାର୍ଯ୍ୟଟି କରିବାକୁ ହେଲେ ପ୍ରତ୍ୟେକଙ୍କୁ ବିସ୍ମୃତିର ଆଶ୍ରୟ ନେବାକୁ ହେବ—ସଂସାରର ଅନ୍ୟାନ୍ୟ ଯାବତୀୟ ବିଷୟ ଭୁଲିଯିବାକୁ ହେବ । ଯଥାର୍ଥରେ ଯୋଗ କେବଳ ମନଃସଂଯୋଗ ଛଡ଼ା ଅନ୍ୟ କିଛି ନୁହେଁ । ମାତ୍ର ଏହି ମନଃସଂଯୋଗ ଅସମ୍ଭବ ହେବ, ଯଦି ଅନ୍ୟାନ୍ୟ ଚିନ୍ତା ପ୍ରତିମୁହୂର୍ତ୍ତରେ ଏହାକୁ ଉଦ୍ବେଳିତ କରି ପକାଏ । ସେଥିପାଇଁ ସେଗୁଡ଼ିକର ବିସ୍ମରଣ ଏକାନ୍ତ ଆବଶ୍ୟକ ।

ଏ ପର୍ଯ୍ୟନ୍ତ ଅମ୍ଭେମାନେ ଜୀବନକ୍ଷେତ୍ରରେ ବିସ୍ମୃତିର ସ୍ଥାନ ନିରୂପଣ କରିଅଛୁଁ । ମାତ୍ର ପୂର୍ବେ କହିଅଛୁଁ, ଏହାର ଅତି ମାତ୍ରା ଜୀବନରେ ବହୁ ଅନିଷ୍ଟ ସାଧନ କରିଥାଏ । ବର୍ତ୍ତମାନ ଦେଖାଯାଉ—କି ଉପାୟରେ ମାନବ ଏହି ଅତି ବିସ୍ମୃତିଶୀଳତାରୁ ସ୍ୱାଧୀନ ରହି ଜୀବନକୁ ଏହି ଅନିଷ୍ଟମାନଙ୍କରୁ ରକ୍ଷା କରିପାରେ ? ଏହି ଉପାୟଟି ଅନ୍ୟ କିଛି ନୁହେଁ, କେବଳ ଆତ୍ମସଂଯମ । ନିଷ୍ଠାର ସହିତ ଆତ୍ମଶକ୍ତିଗୁଡ଼ିକୁ ନିୟମିତ କରିବାହିଁ ଆତ୍ମସଂଯମ, ସୁତରାଂ ଏହା ଆତ୍ମାକର୍ତ୍ତୃକ ଆତ୍ମାର ଶାସନ । ଜୀବନରେ ଏହାର ପ୍ରଭାବ ବଡ଼ ଆଶ୍ଚର୍ଯ୍ୟଜନକ । ଏହାରି ବଳରେ ଲୋକ ଅତୀନ୍ଦ୍ରିୟତା ଲାଭ କରି ଜୀବନକୁ ଅମୃତମୟ କରିପାରେ । ମାତ୍ର ଏହାର ଅଭାବରେ ସେ ଇନ୍ଦ୍ରିୟମାନଙ୍କର ବଶୀଭୂତ ହୋଇ ନିଜର ସମସ୍ତ ମାନ ମର୍ଯ୍ୟାଦା

Digitized by srujanika@gmail.com

ନଷ୍ଟ କରିପାରେ । ଗୀତାକାର ଯଥାର୍ଥରେ କହିଅଛନ୍ତି —

"ବନ୍ଧୁରାତ୍ମାତ୍ମନସ୍ତସ୍ୟ ଯେନାତ୍ମୈବାତ୍ମନା ଜିତଃ ।
ଅନାତ୍ମନସ୍ତୁ ଶତ୍ରୁତ୍ୱେ ବର୍ତ୍ତେତାତ୍ମୈବ ଶତ୍ରୁବତ୍ ।"

ସୁତରାଂ ଆତ୍ମସଂଯମହିଁ ଜୀବନର ସମସ୍ତ ସୌନ୍ଦର୍ଯ୍ୟର ମୂଳଭିତ୍ତି, ଏହାର ଆଶ୍ରୟରେ ଜୀବନର ଶକ୍ତିଗୁଡ଼ିକ ବିପଥରେ ଚାଳିତ ନ ହୋଇ, ଯଥାବିଧି କାର୍ଯ୍ୟ ସାଧନ କରିଥାନ୍ତି । ତେଣୁ ଜୀବନର ସୌଷ୍ଠବ ସଂରକ୍ଷିତ ହୋଇ ଉତ୍କର୍ଷ ସଂପାଦିତ ହୁଏ । ଇନ୍ଦ୍ରିୟ କାମନା ବଶୀଭୂତ ହେଲେ, ମାନବର ବୁଦ୍ଧି ନିର୍ବିଘ୍ନରେ ବିକଶିତ ହେବାକୁ ଲାଗେ, ତଥା ଶକ୍ତିଗୁଡ଼ିକ ସ୍ୱ ସ୍ୱ କ୍ଷେତ୍ରରେ ଅବସ୍ଥିତ ରହି ନିଜ ନିଜର କାର୍ଯ୍ୟ ସମାଧାନପୂର୍ବକ ଜୀବନର ସମୂହ କଲ୍ୟାଣ ସମ୍ପାଦନ କରନ୍ତି । ଅନ୍ୟଥା ଇନ୍ଦ୍ରିୟମାନଙ୍କର ପ୍ରାବଲ୍ୟ ମନୋରାଜ୍ୟରେ ଘୋର ବିପ୍ଳବ ସୃଷ୍ଟି କରି ଜୀବନର ସମସ୍ତ ସୁଖ ଶାନ୍ତି ନଷ୍ଟ କରି ପକାଏ । ଅତି-ବିସ୍ମୃତ-ଶୀଳତା-ବଶତଃ ମାନବର ଜୀବନରେ ଯେଉଁ ଅନିଷ୍ଟମାନ ଘଟିଥାଏ, ସେ ଗୁଡ଼ିକର ମୂଳରେ ଏହି ଆତ୍ମ-ସଂଯମର ଅଭାବ ବିଦ୍ୟମାନ । କାରଣ ଅତି-ବିସ୍ମୃତ-ଶୀଳତାହିଁ ଆତ୍ମସଂଯମ ଅଭାବର ଫଳମାତ୍ର । ଯଦି ମାନବ ସୁଖ, ଦୁଃଖ, ମାନ, ଅପମାନ, କାମ, କ୍ରୋଧ, ମୋହ ପ୍ରଭୃତିର ମଧ୍ୟରେ ପ୍ରକୃତିସ୍ଥ ନ ରହେ, ତାହାହେଲେ ଜୀବନର କର୍ତ୍ତବ୍ୟଗୁଡ଼ିକ ପ୍ରତି ଦୃଷ୍ଟିଦେବା ତାହା ପକ୍ଷରେ ଅସମ୍ଭବ ହୋଇପଡ଼ନ୍ତି । ଫଳତଃ ସେ ସମସ୍ତ କର୍ତ୍ତବ୍ୟ ବିସ୍ମୃତି ରାଜ୍ୟକୁ ଠେଲିଦେଇ କେବଳ ପ୍ରବୃତ୍ତି-ମାନଙ୍କ ପଛରେ ଧାବମାନ ହେବାକୁ ଲାଗିବ । ବାସ୍ତବିକ ପ୍ରବୃତ୍ତିମାନଙ୍କର ଆହ୍ୱାନରେ ମୁଗ୍ଧ ହୋଇ ଲୋକ ସମୟ ସମୟରେ ଏପରି ବିସ୍ମୃତଶୀଳ ହୋଇପଡ଼େ ଯେ, ତାହାର ଦାୟିତ୍ୱବୋଧ ମାନସ-ରାଜ୍ୟରୁ ଏକାବେଳକେ ଲୋପ ପାଇଯାଏ । ତେଣୁ ପ୍ରତିଜ୍ଞାଭଙ୍ଗ କୃତଘ୍ନତା ପ୍ରଭୃତି ଦୁର୍ଗୁଣ ତାହାର ଜୀବନକୁ କଳଙ୍କିତ କରି ପକାଏ । କୃତ ପ୍ରତିଜ୍ଞାର ଗୁରୁତ୍ୱ ଏକାବେଳେକେ ଭୁଲି ନ ଗଲେ, କେହି ତାହାର ଭଙ୍ଗରେ ପ୍ରବୃତ୍ତ ହେବେ ନାହିଁ । ସେହିପରି ଲୋକ କାହାରିଠାରୁ ନିଜେ ପାଇଥିବା ଉପ-କାର ନାନା ସୁଖ ସମ୍ପଦର ଉନ୍ମାଦନାରେ ଭୁଲି ଯାଇ ଉପକାରିର ନାନା ଅନିଷ୍ଟସାଧନ କରିବାରେ ପ୍ରବୃତ୍ତ ହୋଇଥାଏ । ସ୍ୱାର୍ଥାନ୍ଧତାଜନିତ ଅତି-ବିସ୍ମୃତ-ଶୀଳତାର ଫଳରେ କେତେ ପୁତ୍ର ଯେ ପିତା, ମାତା, ଭ୍ରାତା, ଭଗିନୀ ପ୍ରଭୃତିଙ୍କ ପ୍ରତି ରୂଢ଼ନେଏ ହୋଇ ସମାଜର ଗୋଟିଏ ଗୋଟିଏ କଣ୍ଟକ ରୂପରେ ଜୀବନ ଧାରଣ କରନ୍ତି ଏହା କାହାରିକୁ ବୁଝାଇବାକୁ ହେବନାହିଁ । ବଡ଼ ଆଶ୍ଚର୍ଯ୍ୟର କଥା, ଜୀବନର ଗୋଟିଏ ଗୋଟିଏ ସାମାନ୍ୟ ବିଷୟରେ ଆସକ୍ତ ରହି ଅନେକେ ସମାଜସେବାରେ ନିଜ ନିଜର କର୍ତ୍ତବ୍ୟ ଏକାବେଳେକେ ଭୁଲିଯାନ୍ତି । ସମୟ ସମୟରେ ଗର୍ବ, ଦମ୍ଭ, ଅଭିମାନ ଏତେ ପ୍ରବଳ ହୋଇ ପଡ଼େ ଯେ ସେମାନେ ଧର୍ମକୁ ସର୍ବ ଜ୍ଞାନ କରି ବହୁତ ଦାୟିତ୍ୱ ବି-ସ୍ମୃତି ଗର୍ଭରେ ନିକ୍ଷେପ କରନ୍ତି । କେବେ କେବେ ପୁଣି କାମିନୀ କାଞ୍ଚନର ଚିନ୍ତା ଏତେ ପ୍ରବଳ ହୋଇପଡେ ଯେ ଲୋକର 'ଅସ୍ମିତା' ବିସ୍ମୃତିରେ ଲୀନହୋଇ ଜପ, ତପ ଓ ସମାଧିବିଧି, ସମସ୍ତ ଲୋପପାଏ । ମୋଟ କଥା, ମାନବସମାଜ ପ୍ରବୃତ୍ତିମାନଙ୍କର ବଶୀଭୂତ; ତେଣୁ ଅତି ବିସ୍ମୃତ ଶୀଳତାରେ ଅନ୍ଧୀଭୂତ, ବ୍ୟକ୍ତିମାନଙ୍କର ଦାୟିତ୍ୱହୀନ କାର୍ଯ୍ୟକଳାପରେ ଅପରିସୀମ ଦୁଃଖ ବିପଦର କେନ୍ଦ୍ର ହୋଇ ପଡ଼ିଥାଏ । ଏହି ହେତୁରୁ ଆତ୍ମସଂଯମର ଆବଶ୍ୟକତା । ଏହାରି ବଳରେ ମନ ପ୍ରକୃତିସ୍ଥ ରହିବ, ଇନ୍ଦ୍ରିୟ ବଶୀଭୂତ ହେବ ଓ ଦାସ ଭାବରେ ଜୀବନର କର୍ତ୍ତବ୍ୟ ସାଧନରେ ମାନବକୁ ସାହାଯ୍ୟ କରି ପ୍ରାଣର ଶାନ୍ତି ସମ୍ପାଦନ କରିବ । ଆହୁରି ଗୋଟିଏ କଥା—ଜୀବନର ଅନେକ ଗୁଡ଼ିଏ ଘଟଣାର ବିସ୍ମରଣ ଅନେକ ସମୟରେ ନିତାନ୍ତ ଆବଶ୍ୟକ ହୋଇଥାଏ । ସମୟ ସମୟରେ ଲୋକେ ଅଭିମାନ ଓ ଅହଂକାରର ବଶବର୍ତ୍ତୀ ହୋଇ ଏପରି ଭାବପ୍ରବଣ ହୋଇ ପଡନ୍ତି ଯେ, ସେମାନେ କୌଣସି ଭ୍ରମ ବା ପ୍ରମାଦ ଘଟାଇଲେ ସର୍ବଦା ବ୍ୟଥିତ ହୋଇ କ୍ଷୁଧା ତୃଷ୍ଣା ପର୍ଯ୍ୟନ୍ତ ଭୁଲି ଯାନ୍ତି । ମନେ ପଡ଼େ—ଗୋଟିଏ ଛାତ୍ର ଟିଏ ଅଙ୍କ ଭୁଲ କରି ଶିକ୍ଷକଙ୍କ କର୍ତ୍ତୃକ ତିରସ୍କୃତ ହୋଇ ସାରିଲା-ପରେ ଲଜ୍ଜା ଓ ଆତ୍ମଗ୍ଲାନି ଭୟରେ ଏତେ ବିହ୍ୱଳ ହୋଇ ପଡ଼ିଲା ଯେ ସେ ଶେଷରେ ସମସ୍ତ ଅଙ୍କ ଭୁଲକରି ପରୀକ୍ଷାରେ ଅକୃତକାର୍ଯ୍ୟ ହେଲା । ବାସ୍ତବିକ ଛାତ୍ରମାନଙ୍କ ମଧ୍ୟରୁ ଅନେକଙ୍କଠାରେ ଏପରି ଭାବପ୍ରବଣତା ବିଶେଷ ପରି-ମାଣରେ ଦେଖା ଦେଇଥାଏ । କେବଳ ଛାତ୍ର କାହିଁକି?

Digitized by srujanika@gmail.com

ଅନେକ ବୟସ୍କଙ୍କ ଠାରେ ମଧ୍ୟ ଏହି ଅଭିମାନ ଓ ଅହଂକାରରୁ ଘଟିତ ମ୍ରିୟମାଣତା ଓ ତଜ୍ଜନିତ କର୍ମବିତୃଷ୍ଣା ପରିଦୃଷ୍ଟ ହେବା ଅସମ୍ଭବ ନୁହେ । କେତେକ ଭାବପ୍ରବଣ ବ୍ୟକ୍ତି ଜୀବନର ସାମାନ୍ୟ-ସ୍ଖଳନରେ ବିହ୍ୱଳ ହୋଇ କର୍ତ୍ତବ୍ୟ ସମ୍ପାଦନରେ ବଡ଼ ବୀତସ୍ପୃହ ହୋଇ ପଡ଼ନ୍ତି, ମୋତେ ସଂସାରର ଲୋକେ କ'ଣ କହୁଥିବେ, ସମାଜରେ ମୋର ସାରବତ୍ତା ଏକାବେଳେକେ ନଷ୍ଟ ହୋଇଯିବ, ଏହିପରି ଅଶଙ୍କାରେ ଲୋକ ଏପରି ହୀନବୀର୍ଯ୍ୟ ଓ ହତୋତ୍ସାହ ହୋଇପଡେ ଯେ, ଶେଷରେ ତାହାର ମାନସିକ ବିକୃତି ପର୍ଯ୍ୟନ୍ତ ଘଟିପାଏ । ସେତେବେଳେ ସେ ସମସ୍ତ ବିଷୟପ୍ରତି ବିରକ୍ତ ହୋଇ ଜୀବନକୁ ଅଶାନ୍ତିର ଗୋଟିଏ ଆଧାରରେ ପରିଣତ କରେ । ଏହିପରି ଅବସ୍ଥାରେ ମାନବର କର୍ତ୍ତବ୍ୟ ସେଗୁଡ଼ିକୁ ଭୁଲିଯାଇ ଜୀବନକୁ ନବୀନ ଉତ୍ସାହ ଓ ନବୀନଉଦ୍ୟମରେ ଅନୁପ୍ରାଣିତ କରିବା, ମାତ୍ର ତାହା ହୋଇପାରେ ନାହିଁ । କାରଣ କେବଳ ଆତ୍ମ-ସଂଯମର ଅଭାବ, ତେଣୁ କହୁଁ— ଆତ୍ମସଂଯମର ଅଭ୍ୟାସ-ବଳରେ ଜୀବନର ପ୍ରବୃତ୍ତିଗୁଡ଼ିକୁ ସୁନିୟନ୍ତ୍ରିତ କରିବା ପ୍ରତ୍ୟେକଙ୍କର କର୍ତ୍ତବ୍ୟ । ତାହାହେଲେ କେଉଁ ୨ ଘଟନା ଗୁଡ଼ିକର ବିସ୍ମୃତି ଆବଶ୍ୟକ ଓ କେଉଁ ଗୁଡିକ ସ୍ମରଣ ରଖିବା ଉଚିତ, ଏହା ସ୍ଥିରକରି ଜୀବନକୁ ମଧୁମୟ କରି-ପାରିବାରେ । ଅତଏବ ଅସ୍ଥିର ନହୋଇ ଧୀରଚିତ୍ତରେ ଆତ୍ମସଂଯମ ଅଭ୍ୟାସ କରିବା ଉଚିତ, ଏହାରି ବଳରେ ପ୍ରବୃତ୍ତିଗୁଡ଼ିକ ସ୍ୱ ସ୍ୱ ସୀମାମଧ୍ୟରେ ଅବସ୍ଥିତ ରହିବେ, ଓ ପ୍ରଶାନ୍ତ ଚିତ୍ତତା ଉପଲବ୍ଧ ହୋଇ କର୍ତ୍ତବ୍ୟର ପନ୍ଥା ସର୍ବଦା ଉନ୍ମୁକ୍ତ ରହିବ ।

---

# କବିତାରେ ବିଷୟ ବିଗ୍ରହ

ଶ୍ରୀ ଗୋବିନ୍ଦଚନ୍ଦ୍ର ତ୍ରିପାଠୀ

( ପୂର୍ବାନୁବୃତ୍ତି )

କେତେକ କବି ଓ ସମାଲୋଚକ ଏହି ସମ୍ଭୋଗେଚ୍ଛାକୁ ସୌନ୍ଦର୍ଯ୍ୟପିପାସା ବା ସୌନ୍ଦର୍ଯ୍ୟୋପାସନା ଆଖ୍ୟା ଦେଇଥାନ୍ତି । କୀଟସ୍ ତାଙ୍କ ଜୀବନରେ ଏହି ସୌନ୍ଦର୍ଯ୍ୟର ଉପାସକ ଥିଲେ । 'Truth is beauty; beauty truth' ଯାହା ସୁନ୍ଦର ତାହା ସତ୍ୟ ଏବଂ ଯାହା ସତ୍ୟ ତାହା ସୁନ୍ଦର। ଆମର ପ୍ରାଚୀନ ଋଷିମାନେ ଗାଇଗଲେ "ସତ୍ୟଂ ଶିବଂ ସୁନ୍ଦରଂ" ଯାହା ସୁନ୍ଦର ତାହା ମିଥ୍ୟା ହୋଇପାରେ ନାହିଁ । ସୁନ୍ଦରହିଁ ଜଗତର ଅଧିଷ୍ଠାନ, ଈଶ୍ୱରତ୍ୱର ବିକାଶ । ଏ ସୌନ୍ଦର୍ଯ୍ୟ ବାହ୍ୟିକ ସୌନ୍ଦର୍ଯ୍ୟ ହୋଇପାରେ ବା ଆଭ୍ୟନ୍ତରିଣ ସୌନ୍ଦର୍ଯ୍ୟ ହୋଇପାରେ ? କବି ସୁନ୍ଦର ଫୁଲଟିଏ ଦେଖି ମୁଗ୍ଧ ହୋଇପାରେ, ଅଥବା ସୁନ୍ଦର ଗୁଣଟିଏ ଦେଖି ଆତ୍ମ ବିକ୍ରୟ କରିପାରେ। କୀଟସ୍‌ଙ୍କର Isabella ଇଜାବେଲା ସୁନ୍ଦରୀ, La Bella Dame Sans mercy ନିଷ୍ଠୁରହୃଦୟା ସୁନ୍ଦରୀ ମଧ୍ୟ ସୁନ୍ଦରୀ । ଇଜାବେଲାର ଶୟନକକ୍ଷ ସୁନ୍ଦର । ବେଲଡ୍ରେମଙ୍କର ଅବାସସ୍ଥଳ ମନୋରମ । ପ୍ରେମିକ ପ୍ରେମିକାଙ୍କ ମିଳନ ସୁନ୍ଦର, ସୁତରାଂସତ୍ୟ । ପ୍ରାଚୀନ ମୃଣ୍ମୟ ପାତ୍ରରେ ଖୋଦିତ ହୋଇଥିଲେ ମଧ୍ୟ ସେ ଛବି, ତାହା ସୁନ୍ଦର ଏବଂ ଜୀବନ୍ତ । କୀଟସ୍ ନୀରବରେ ବସି ଏହି ସୌନ୍ଦର୍ଯ୍ୟକୁ ଧ୍ୟାନକରିଅଛନ୍ତି ଏବଂ ସେହି ଧ୍ୟାନରେ ଯେ ଭୋଗେଚ୍ଛା ଜାତ ହୋଇଛି, ତାହାର ତୃପ୍ତି କରିବାର ସୁବିଧା ସେ ପାଇନାହାନ୍ତି ବୋଲି ଜୀବନକୁ ନିତାନ୍ତ ଅସାର ଓ ଯନ୍ତ୍ରଣାମୟ ମନେକରି-ଅଛନ୍ତି । ତରୁଣ ପ୍ରାଣରେ ଏହି ଭୋଗେଚ୍ଛା, ଏହି ସୌନ୍ଦର୍ଯ୍ୟ-ପିପାସା ବଡ଼ ଆବେଗମୟ, ବଡ଼ ଆବେଗପୂର୍ଣ୍ଣ । ତରୁଣ କବି ଯୌବନର ଉଦ୍ଦାମତେଜରେ ମନେକରେ— ବିଶ୍ୱ-ସଂସାରର ଏ ନିଗଡ଼ ଚୂର୍ଣ୍ଣକରି ଅଭୀପ୍ସିତକୁ ପାଇ

Digitized by srujanika@gmail.com

ଅଲଙ୍ଘନ କରିବ । ବିବେକ, ଭାବନା, ସାବଧାନତାର ତର୍ପଣ-କରି କେବଳ ରକ୍ତର କୋଳରେ ପ୍ରେୟସୀକୁ ହୃଦୟ ଉପରକୁ ଟାଣିଆଣିବ, ସୁତରାଂ ତାହାର ନିକଟରେ ସମୀରର ସଁ ସଁ ଶବ୍ଦ ନୂପୁରର ଧ୍ୱନି, ମେଘର ଗୁରୁଗମ୍ଭୀର ଧ୍ୱନି ସମରର ଅହ୍ୱାନ । ତାହାର କାରଣ ଯୌବନ ଜୀବନର ପରିପୁଷ୍ଟି ସମୟ ; ଜୀବ-ଉପାଦାନ ଏହି ଯୌବନକାଳରେ ମନୁଷ୍ୟ ହୃଦୟରେ ପୂର୍ଣ୍ଣମାତ୍ରାରେ ଜାଗ୍ରତ ଥାଏ । ଭୋଗଲାଳସା ଅବାଧ-ଗତିରେ ପ୍ରବାହିତ ହୁଏ, ସେଥିପାଇଁ ବାଇରନ ଗାଇଛନ୍ତି “The days of our youth are the days of our glory” ଯୌବନର ସେ ଉଦ୍‌ଦାମଶକ୍ତି ମନୁଷ୍ୟର ଚକ୍ଷୁରେ ଏକ ରଙ୍ଗିନ ଚଷମା ପିନ୍ଧାଇ ଦିଏ । ତାହାରି ବଳରେ ‘ପୁରୁଷେ ଦେଖନ୍ତି ନାରୀମୟ ସୃଷ୍ଟି, ନାରୀଏ ପୁରୁଷମୟ’ ପୁରୁଷ ନାରୀର ଏହି ସମ୍ବନ୍ଧ ଚିରନ୍ତନ କବିପ୍ରାଣ । ପୃଥିବୀର ସାହିତ୍ୟଇତିହାସରେ ଯୁବକ ଯୁବତୀ ପ୍ରେମବିହୀନ କବିତା ଏବଂ ଲେଖା ବଡ଼ ବିରଳ । ମିଲଟନଙ୍କ Paradise Lost ଓ୍ୱର୍ଡ୍‌ସ୍ୱର୍ଥଙ୍କ ଏକସ କର୍ସନ ଓ ପ୍ରିଲୁଡ ଏବଂ ଟେନିସନଙ୍କ ଇନ୍ ମେମୋରିୟମ ପ୍ରଭୃତି ଦୁଇ ଚାରିଟିଙ୍କ କାବ୍ୟ ଛାଡ଼ି ଦେଲେ ଇଂରେଜି ସାହିତ୍ୟରେ କୌଣସି ଉଚ୍ଚଦରର କବିତା ଏହି ପ୍ରେମବିହୀନ ନୁହେଁ । ଏପରିକି ଏ ସମସ୍ତ କାବ୍ୟମଧ୍ୟ ଏକାବେଳକେ ପ୍ରେମଶୂନ୍ୟ ନୁହେଁ । କେବଳ ଏତିକି ଯେ ଯୁବକ ଯୁବତୀର ପ୍ରେମ ଏଥିରେ ମୂଳ ବା ମୁଖ୍ୟ କଥା ନୁହେଁ । ଏହି ପ୍ରେମ, ଏହି Eternal Feminine [ ଚିରନ୍ତନୀ ନାରୀ ] କବିଜୀବ--ନରେ କେତେବଡ଼ ଆଦରର ବସ୍ତୁ ତାହା ଆମ୍ଭେମାନେ ଦେଖିପାରିବୁଁ । ୱର୍ଡ୍‌ସ୍ୱର୍ଥଙ୍କର ନିମ୍ନଲିଖିତ କେତୋଟି ଛତ୍ରରୁ Oh' it is very heaven to see... ଏହି କ୍ଲେଦମୟ କ୍ଲେଶମୟ ଜଗତରେ ଦୁଇଟି ଯୁବ ପ୍ରାଣର ମିଳନ ବଡ଼ ମଧୁର, ବଡ଼ ସ୍ୱର୍ଗୀୟ । କବି ଚିରୁବେଳେ ଚିରୁଯୁଗରେ ଯୌବନର ଏହି ମଧୁର ଉନ୍ମାଦନା ଦ୍ୱାରା ଆକୃଷ୍ଟ ହୁଏ । ସଂସ୍କୃତ ସାହିତ୍ୟରେ ଯୌବନର ଉନ୍ମାଦନା ନ ଥାଇ କାବ୍ୟ ନାହିଁ । ତେବେ ଏତିକି କୁହାଯାଇପାରେ- ସଂସ୍କୃତ ସାହିତ୍ୟର ଯେ ଯୌବନ ମୂର୍ଚ୍ଛନା ତାହା ଅତିବେଶୀ ଉନ୍ମାଦନାମୟ, ଅତିବେଶୀ ସମ୍ଭୋଗେଚ୍ଛାର ସ୍ପଷ୍ଟ ବିକାଶରେ କଳୁଷିତ; ଏଥିଲାଗି ସଂସ୍କୃତ କବିଙ୍କୁ ଦୋଷଦେବା ଅନ୍ୟାୟ । ଆଜି ପାଶ୍ଚାତ୍ୟ ଆଲୋକର ଛଟାରେ ଯାହା ଅମ୍ଭମାନଙ୍କୁ ଅତିରଞ୍ଜିତ ଓ ଅତି ଚର୍ବିତ ବୋଲି ଲାଗେ, ପ୍ରାଚ୍ୟସାହିତ୍ୟରେ ତାହା ସାଧାରଣ ଓ ସ୍ୱାଭାବିକ । ପଶ୍ଚାତ୍ୟ ଜଗତରେ ସୌନ୍ଦର୍ଯ୍ୟ ଦୁର୍ଲ୍ଲଭ ଅଥବା ପ୍ରାଚ୍ୟପରି ଏତେ ସୁଲଭ ନୁହେଁ, ପ୍ରକୃ-ତିର ଉନ୍ମାଦନାମୟୀ ରୂପ ବଡ଼ ବିରଳ ଓ ଅପ୍ରତ୍ୟାଶିତ ଭାବରେ ସେମାନଙ୍କ ନିକଟରେ ବେଳେ୨ ଦେଖାଦିଏ । ସେହି ହେତୁରୁ ସେମାନେ ସେ ସୌନ୍ଦର୍ଯ୍ୟ ଦୂରେ୨ ରହି ଉପଭୋଗ କରନ୍ତି । ଦେବତା ଜ୍ଞାନରେ ଉପାସନା କରନ୍ତି । ସେମାନେ ଦେଖନ୍ତି ପ୍ରକୃତିର ଗମ୍ଭୀର ଭୀତିପ୍ରଦ ଛବି, ଚିରଆଚ୍ଛାଦିତ ଗଗନର କୋଣକୁ ହିରଣ୍ମୟ ରବିରଶ୍ମି ଏତେ କମ୍ ସମୟ ସେମାନଙ୍କ ଚକ୍ଷୁର ଅଗ୍ରତରେ ଏକ ଅପରୂପ ସୌନ୍ଦର୍ଯ୍ୟ ବିଦ୍ୟୁତର ବିକାଶପରି ସୃଷ୍ଟିକରେ ଯେ, ସେମାନେ ସ୍ତବ୍ଧ ହୃଦୟରେ, ମୁଗ୍ଧ ନୟନରେ ତା ଆଡ଼କୁ ଅନାଇଁ ଅସ୍ଥିର ହୁଅନ୍ତି । ଚିର ତୁଷାରାବୃତ ତୁଙ୍ଗ ଗିରିଶ୍ରେଣୀ, ବାତ୍ୟାବିକ୍ଷୁବ୍ଧ ଅନନ୍ତ ସାଗରର ଫେନିଳ ଉତ୍ତାଳ ତରଙ୍ଗମାଳ, ଚିର ଅନ୍ଧକାର-ମୟ ନିବିଡ଼ ବର୍ଣ୍ଣବିଚ୍ଛେଦହୀନ ଅରଣ୍ୟାନି ମଧ୍ୟରେ ବାତ୍ୟୋତାଡ଼ିତ ତୁଷାରରାଶି ଓ କରକାର ଝଣ ଝଣପାତ, କଲ୍ଲୋଳମୟୀ କଳକଳାୟିତା ରୁଦ୍ରବେଗା ସ୍ରୋତସ୍ୱିନୀ—ଏଇହେଲା ପାଶ୍ଚାତ୍ୟ ଜଗତର ସୌନ୍ଦର୍ଯ୍ୟ ବିଭବ । ଏହାର ମଧ୍ୟରେ ପରିପୁଷ୍ଟ କବିହୃଦୟ ଅବାଧ ଭୋଗେଚ୍ଛା ଓ ଉନ୍ମାଦନାମୟ ଲାଳସା ପାଇବ କାହିଁ ? ପାଶ୍ଚାତ୍ୟ କବି ଉପାସନାପ୍ରବଣ ହୃଦୟ ଘେନି ପ୍ରକୃତିର ପୂଜାବେଦୀ ନିକଟକୁ ଆସେ ଏବଂ ଉପାସନା ଛଳରେ ବେଳେ୨ ଭୋଗଲାଳସା ପ୍ରକାଶ କରେ ମାତ୍ର । ପ୍ରାଚ୍ୟ କବିର ଇନ୍ଦ୍ରିୟପରତା, ପ୍ରେମପ୍ରବଣତା( sensousness ) ସେ ପାଇବ କେଉଁଠାରୁ ? ନୀଳ ଗଗନରେ ଚିରବାଳାର୍କ ହିରଣ୍ମୟ ରବିକରର ବହୁବର୍ଣ୍ଣ ଚିତ୍ର ତାଙ୍କର ନାହିଁ, ବହୁବିଧ ପ୍ରାଣୋନ୍ମାଦକାରୀ ସୁବାସ ମଧୁଭିତ ଉପବନରେ ପୁଞ୍ଜ୨ ଅଳିର ଗୁରୁ ଗୁଞ୍ଜନ ନାହିଁ । ପ୍ରଶାନ୍ତ ସଲିଳ ପଟରେ ପ୍ରତିଫଳିତ ବେତସ ନିକୁଞ୍ଜ ଶ୍ରେଣୀର କମନୀୟ ଶୋଭା ସେମାନଙ୍କର ସପ୍ନ । ପ୍ରକୃତିର ଏହି ସରସ ଓ ବିଳାସିତାତ୍ମକ ଦୃଶ୍ୟ ଯେ ସମ୍ଭୋଗ ପୂର୍ଣ୍ଣତାର ଅନୁକୂଳ,

Digitized by srujanika@gmail.com

ଏହି ଜୀବନ-ଚକ୍ରପଟଳରେ ଇନ୍ଦ୍ରିୟପରତାର ଛବି ଅଙ୍କିତ କରିବାନିମନ୍ତେ ଯେ ପ୍ରକୃତିର ଏହି ଷଟପିଙ୍ଗା ବେଶ ପ୍ରଶସ୍ତ, ତାହାର ଜଳନ୍ତ ନିଦର୍ଶନ କେତେକ ଇଂରେଜ କବିଙ୍କର କଳ୍ପନାପ୍ରସୂତ ଦୃଶ୍ୟାବଳିରେ । ସ୍ପେନ୍‌ସର ଅକ୍ରେଶିଅର କୁଞ୍ଜ ନିର୍ମାଣ କରିଥିଲେ ତପୋବନର ଶାନ୍ତ ନିର୍ବେଦ ପ୍ରଖ୍ୟାପନ କରିବା ନିମନ୍ତେ ନୁହେଁ, କିନ୍ତୁ ଇନ୍ଦ୍ରିୟପରତନ୍ତ୍ରତାର ଉଦାହରଣ ନିମନ୍ତେ । କବି ଜୀବନରେ ଏହି ଇନ୍ଦ୍ରିୟପରତନ୍ତ୍ରତା କେତେ ସୁନ୍ଦର ଓ ଆଦରଣୀୟ, ତାହାର ଜ୍ୱଳନ୍ତ ନିଦର୍ଶନ ଅମ୍ଭେମାନେ ପାଉଁ ବାଇରଣ୍ ଓ ସେଲିଙ୍କର ପ୍ରାଚ୍ୟ ନିବାସରେ । ବାଇରଣ୍ ଓ ସେଲିଙ୍କର ଇଂରେଜ ଜଳବାୟୁ ପ୍ରସୂତ କବିତାବଳି ସହିତ ଇଟାଲୀୟ ସୌରକିରଣ ସମ୍ଭୂତ କବିତାସମୂହ ତୁଳନା କଲେ ଅମ୍ଭେମାନେ ଦେଖିବୁଁ ଜଳବାୟୁର ପ୍ରଭେଦ ନେଇ କବିର କଳ୍ପନା କିପରି ପରିବର୍ତ୍ତିତ ହୋଇଯାଏ । ଆଶ୍ଚର୍ଯ୍ୟ କଥା, ଯେଉଁ ସମାଲୋଚକମାନେ ଓଡ଼ିଆସାହିତ୍ୟରେ ଭଞ୍ଜଙ୍କର ବା ସାମନ୍ତସିଂହାରଙ୍କର ଇନ୍ଦ୍ରିୟପରତନ୍ତ୍ରତା ପ୍ରତି ଘୃଣା ପ୍ରକାଶ କରନ୍ତି, ସେହିମାନେ ପୁଣି ମୁକ୍ତକଣ୍ଠରେ ସ୍ୱୀକାର କରନ୍ତି ଯେ ମେନଲସ୍‌ପତ୍ନୀ ହେଲେନାଙ୍କର ପାରିସଙ୍କ କର୍ତ୍ତୃକ ଅପହରଣ, ସାଇକ୍ ଓ କୁପିଡ଼ଙ୍କର ପ୍ରେମ କାହାଣୀ, ଆଡୋନେ ଓ ଭେନସଙ୍କର ଅପାର୍ଥିବ ପ୍ରଣୟ, ପ୍ଲୁଟୋଙ୍କ ଦ୍ୱାରା ପ୍ରସର୍ପାଇନ୍‌ଙ୍କର ଅପହରଣ, ଏନିୟାସଙ୍କ କର୍ତ୍ତୃକ ହତଭାଗିନୀ ଡ଼ିଡ଼ୋର ପ୍ରଣୟାବମାନନା, ରୋମାନ ଚିଜୋଙ୍କ ଦ୍ୱାରା ଲୁକ୍ରେସିଙ୍କର ସତୀତ୍ୱଭଙ୍ଗ ଇତ୍ୟାଦି ପାର୍ଥିବ ଓ ପାଶବ ପ୍ରେମ ବର୍ଣ୍ଣନାକୁ କବିତ୍ୱର ଅତିଉଚ୍ଚଆସନ ଦେଇଥାନ୍ତି ଯୌବନର ଏହି ପ୍ରେମପ୍ରବଣତା ତାହେଲେ ଅମ୍ଭେମାନେ ଦେଖିଲୁଁ ପ୍ରକୃତ କବିତ୍ୱର ବୀଜମନ୍ତ୍ର । ଯୁବକ କବି ଯେଉଁଠାରେ ଏହି ପ୍ରେମମନ୍ତ୍ରକୁ ଦଳିତକରି ନୈତିକତାର ଛଳରେ ତର୍ଜନ ଗର୍ଜନର ଝଙ୍କାର ସୃଷ୍ଟି କରେ ସେଠାରେ ସେ ସାଧାରଣତଃ କବିପଦବୀରୁ କିଛିଦୂର ନିମ୍ନକୁ ଖସି ଆସେ । ଉଦାହରଣ ସ୍ୱରୂପ କୌଣସି ପାଠକ ସେଲିଙ୍କର "One word is too often profaned for me to profane it" ସହିତ Queen Mabର ଯେ କୌଣସି ଖଣ୍ଡାଂଶ, ଅଥବା ପ୍ରମିଥିଅସ୍ ଅନ୍‌ବାଉଣ୍ଡ ( Prometheus unbound ) ର 'Light of Life ! thy lips enkindle' ପଦ୍ୟଟି ସହିତ ପ୍ରମିଥିଅସର ଯେ କୌଣସି କଥିତାଂଶ ତୁଳନାକଲେ ଦେଖିପାରିବେ, କବି ନୈତିକ ଆଗ୍ରହ ଆବେଗ ଓ ଉତ୍ସାହଦ୍ୱାରା ପରିଚାଳିତ ହୋଇ ଓଜସ୍ୱିନୀ ଶବ୍ଦଶ୍ରେଣୀର ସୃଷ୍ଟି କଲେ ମଧ୍ୟ ପ୍ରେମର ହୃଦୟସ୍ପର୍ଶୀ ରସ ନ ଥିବାରୁ ଉଚ୍ଚଦରର କବି ହୋଇପାରେ ନାହିଁ । ଅମ୍ଭେମାନେ ଆଜକାଲି ଓଡ଼ିଆ ଓ ବଙ୍ଗଳା ସାହିତ୍ୟରେ ଯେ ଆବେଗମୟୀ ଓଜସ୍ୱିନୀ କବିତାର ବହୁଳତା ଦେଖୁଁ, 'ଧ୍ୱଂସ' 'ପ୍ରଳୟ' 'ତାଣ୍ଡବନୃତ୍ୟ' ର ଯେ ଅଶ୍ରାନ୍ତ ଭୀମଝଙ୍କାର ଏତେଦିନହେଲା ଅମ୍ଭମାନଙ୍କ କର୍ଣ୍ଣକୁ ବଧୀର କରିଦେଲାଣି- ତାହାର କାରଣ ଲେଖକଶ୍ରେଣୀରେ କବି ହୃଦୟର ଅଭାବ । ଏହି ଯୁବକ ଲେଖକମାନେ ଯୁଗଶକ୍ତି ଦ୍ୱାରା ପରିଚାଳିତ ହୋଇ ନିଜର ଅସାଧାରଣ ବୁଦ୍ଧି ପ୍ରଭାବରେ ସମାଜର କୌଣସି ଏକ ବା ଅନ୍ୟତର କଳଙ୍କର କାରଣ ଓ ପରିଣାମ ପରମ୍ପରା ଅନୁଧ୍ୟାନ କରୁ୨ ଏତେ ଅଧୀର ଓ ଅସମ୍ଭାଳ ହୋଇପଡ଼ନ୍ତି ଯେ ସଭାମଣ୍ଡପରେ ଆବେଗମୟ ବକ୍ତାପରି ସେମାନଙ୍କ ମୁଖରୁ ବାକ୍ୟବାଣର ଅଶ୍ରାନ୍ତ ଧାର ଛୁଟି ଚାଲିଯାଏ । ଲେଖକର ଆବେଗ ପାଠକର ମନକୁ ସ୍ପର୍ଶ କରି ତା ମଧ୍ୟରେ ଓ ସେହିପରି ଏକ ଆବେଗ ସ୍ରୋତ କ୍ଷଣକପାଇଁ ଖେଳାଇଦିଏ । କିନ୍ତୁ ପରେ ତାହାର କୌଣସି ସତ୍ତା ରହେନାହିଁ ଏ ସମସ୍ତ କବିତା କେବଳ ଧୀକ । ଏଥିରେ ହୃଦୟର ସତ୍ତାନାହିଁ । ଜୀବନର ମୁଖ୍ୟତଥ୍ୟ ଗୁଡ଼ିକର କୌଣସି ଆଲୋଚନା ନାହିଁ । ଅବଶ୍ୟ କେତେକ ସମାଲୋଚକ କହନ୍ତି ଧୀବନା ସମାଲୋଚନା କିପରି ସମ୍ଭବ ? କବିତା ଯଦି ଜୀବନ ସମାଲୋଚନା ହୁଏ ତାହେଲେ ତାହା ଧୀକ ନହେବ କିପରି ? ମୁଁ କହେଁ-ଅମ୍ଭମାନଙ୍କର ସମାଲୋଚନାରେ ଏଇଦୋଷ ଯେ ଅମ୍ଭେମାନେ କେବଳ ବୁଦ୍ଧି ବୃତ୍ତିର ପ୍ରୟୋଗରେ କବିର ସମାଲୋଚନା କରୁ୨ ସମାଲୋଚନାରେ ଯେ ହୃଦୟଟା ବଡ଼ କଥା ତାହା ଅମ୍ଭେମାନେ ଏକାବେଳେକେ ପାସୋରିଦେଉଁ । କବି ବା ଲେଖକର ହୃଦୟ ସହିତ ତୁମ ହୃଦୟ ସମାନସ୍ତରକୁ ନ ଉଠିଲେ ତୁମେ କବିତାର ସମାଲୋଚନା କରିପାରିବ ନାହିଁ । ଲେଖକ କେଉଁ-

Digitized by srujanika@gmail.com

ଛବି କେଉଁ ସ୍ଥାନରୁ ଅଣିଛନ୍ତି, ଲେଖକର ମାନସିକ ଗତି କିପରି ଥରେ୨ ବିକଶିତ ହୋଇଅଛି, ଏହା ଦେଖାଇବା ସମାଲୋଚନା ନୁହେ । ପ୍ରକୃତ ସମାଲୋଚନା କରିବା ନିମନ୍ତେ ଧୀଶକ୍ତିର କେତେ ପରିମାଣରେ ପ୍ରୟୋଜନ ତାହା ଦାର୍ଶନିକମାନେ ନିରୂପଣ କରନ୍ତୁ । ମୁଁ ଅନ୍ତତଃ ଜାଣେ ମୁଁ ଯାହାକୁ ଭଲ ପାଏଁ ତାକୁ ବୁଝିବା ନିମନ୍ତେ, ତାହାର ସମାଲୋଚନା କରିବା ନିମନ୍ତେ ମୋର ଲେଶମାତ୍ର ବୁଦ୍ଧିର ପ୍ରୟୋଜନ ହୁଏ ନାହିଁ । ମୋ ବନ୍ଧୁର କେଉଁ ଗୁଣଟି ସୁନ୍ଦର ମୋ ଶତ୍ରୁର କେଉଁ ଗୁଣଟି ଅସୁନ୍ଦର, ତାହା ମୁଁ କିପରି ସ୍ୱାଭାବିକ ଭାବରେ ଜାଣିପାରେ । ଜୀବନର କେଉଁ ଗୀତ ସାର କେଉଁ ମହନୀୟ ଗୁଣର ବଳରେ ମନୁଷ୍ୟ ନିଜର ବିଶେଷତ୍ୱଟିକି ରକ୍ଷା କରିପାରେ, ତାହା ଜାଣିବା ନିମନ୍ତେ ସମାଲୋଚକଙ୍କୁ ମନର କୌଣସି ଉପକାରର ଗ୍ରହଣ କରିବାକୁ ପଡ଼େ ନାହିଁ । ଚୁମ୍ବକ ଲୌହକୁ ଆକର୍ଷଣ କଲାପରି ଏକ ମନୁଷ୍ୟର ଏହି ସାରଗୁଣ ଅନ୍ୟର ହୃଦୟକୁ ଆକର୍ଷଣ କରେ, ମନୁଷ୍ୟ ଅଜ୍ଞାତସାରରେ ତାହାର ଅସ୍ତିତ୍ୱ ନିଜ ହୃଦୟ ମଧ୍ୟରେ ଉପଲବ୍ଧି କରିପାରେ । ସୁତରାଂ ଏପରି ଅନେକ ଦେଖାଯାଇଛି ଯେ ଦାର୍ଶନିକ ବା ରାଜନୀତିଜ୍ଞମାନେ ଅସାଧାରଣ ଧୀଶକ୍ତିର ବଳରେ ମନୁଷ୍ୟ ସମାଜସମ୍ବନ୍ଧରେ ଯେ ତଥ୍ୟ ନିରୂପଣ କରିପାରିନାହାନ୍ତି, କ୍ଷୁଦ୍ର କବି ତାହାର ହୃଦୟ ନେଇ ସେହି ତଥ୍ୟ ଅତି ସହଜରେ ଆବିଷ୍କାର କରିପାରିଅଛି । ଏହି ହେତୁରୁ ଇଂରେଜୀରେ କବିକୁ Unrecognised legislative of the world ବୋଲି କହନ୍ତି ।

କବି ହୃଦୟର ଏହି ବିରୁଦ୍ଧଭାବମାନଙ୍କର ଘାତ ପ୍ରତିଘାତ-ସଂକୁଳ ସମ୍ଭୋଗେଚ୍ଛା ବିଭିନ୍ନ ସ୍ଥଳରେ ବିଭିନ୍ନ ଆକାର ଧାରଣ କରେ । ପୁରୁଷରମଣୀର ଏହି ପ୍ରଣୟମନ୍ତ କବିଦୃଷ୍ଟିରେ ପ୍ରକୃତ ରକ୍ତ ମାଂସର ଇନ୍ଦ୍ରିୟ ସମ୍ଭୋଗ ବସ୍ତୁ ହୋଇପାରେ ବା ଅତୀନ୍ଦ୍ରିୟ ଇନ୍ଦ୍ରିୟର ଭୋଗ୍ୟ ହୋଇପାରେ । ରବିଠାକୁରଙ୍କର କବିତା ଗୁଡ଼ିକରେ ଆମ୍ଭେମାନେ ଯେ ସମ୍ଭୋଗେଚ୍ଛା ବା ପ୍ରଣୟକାହାଣୀ ପାଉଁ, ତାହା ଅନୈସର୍ଗିକ ଅତୀନ୍ଦ୍ରିୟ । କବିଙ୍କର ପ୍ରଣୟୀ କେତେବେଳେ କବିହିଁ, କେତେବେଳେ ଈଶ୍ୱରହିଁ ଏବଂ ସେ ନିଜେ ତାଙ୍କ ନିଜର ଆତ୍ମା ପ୍ରଣୟିନୀ ଭାବରେ କେତେବେଳେ ବିଚ୍ଛେଦର ଗାନ ଗାଏ କେତେବେଳେ ବା ଏହି ଅତୀନ୍ଦ୍ରିୟ ଭାବର ସତ୍ତା କ୍ଷଣକ ପାଇଁ ହୃଦୟରେ ଅନୁଭବ କରି ଅନନ୍ତସଙ୍ଗୀତର ଉଦ୍ଦାମ ଉଚ୍ଛ୍ୱାସ ମେଲାଇ ଦିଏ, କିନ୍ତୁ ଏହି ପ୍ରଣୟୀ ପ୍ରଣୟିନୀର ଭାବ କବିତାର ପ୍ରତ୍ୟେକ ଛନ୍ଦରେ ଜାଗ୍ରତ । କବି କେତେବେଳେ ପ୍ରଣୟୀର ଚରଣତଳେ ପୂର୍ଣ୍ଣ ଭାବରେ ଆତ୍ମ ସମର୍ପଣ କରୁଅଛନ୍ତି, କେତେବେଳେ ପ୍ରକୃତିର ସୌନ୍ଦର୍ଯ୍ୟରେ ପ୍ରଣୟୀର ସତ୍ତା ଅନୁଭବ କରି ପୁଲକିତ ହୋଇ ଉଠୁଅଛନ୍ତି । କେତେବେଳେ ଦାମ୍ପତ୍ୟକଳହର ମଧୁରକାକଳି ସୃଷ୍ଟି କରୁଅଛନ୍ତି । ଯେଉଁମାନେ ତାଙ୍କର ଗୃହପ୍ରବେଶ ନାମକ ନାଟକଟି ପଢ଼ିଥିବେ, ସେମାନେ ଜାଣିଥିବେ କବି ଅଭିଲଷିତର ଦାରୁଣ ଅଭାବ ହୃଦୟରେ ଅନୁଭବ କରି ତାହାର ପ୍ରକାଶ କିପରି ଭୁଲିନି ପ୍ରଣୟୀ ପ୍ରଣୟିନୀର ପ୍ରଣୟ କାହାଣୀରେ ସମାବେଶିତ କରିଅଛନ୍ତି । ରବିବାବୁଙ୍କୁ କେତେକ ଲୋକ Mystic ବୋଲି କହନ୍ତି । କିନ୍ତୁ ଇଂରେଜୀରେ Mystic କବିମାନଙ୍କଠାରୁ ରବିବାବୁଙ୍କର Mysticism ଯଥେଷ୍ଟ ଭିନ୍ନ, ରବିବାବୁଙ୍କର ପ୍ରେମ ଅନୈସର୍ଗିକ ସତ୍ୟ, କିନ୍ତୁ ଏକାବେଳେକେ ଅନନୁଭୂତ, ଅନନ୍ୟ ସାଧାରଣ ଏବଂ ଅତୀନ୍ଦ୍ରିୟ ନୁହେ । ଭାରତୀୟ ପକ୍ଷରେ ତାଙ୍କର ପ୍ରେମ ନୂତନ ନୁହେ । ବୈଷ୍ଣବ କବିମାନେ ଭଗବାନଙ୍କୁ ଏହି ଅନୈସର୍ଗିକ ଅତୀନ୍ଦ୍ରିୟ ଈଶ୍ୱରତାକୁ ପ୍ରଣୟୀ ଭାବରେ ଦେଖି ଏବଂ ଗାଇ ଆସିଅଛନ୍ତି । ସେମାନଙ୍କଠାରୁ ଠାକୁରଙ୍କର ଏହି ବିଶେଷତ୍ୱ ଯେ ସେମାନେ ଇନ୍ଦ୍ରିୟପରତା ଓ ଅତୀନ୍ଦ୍ରିୟତାମଧ୍ୟରେ ବ୍ୟବଧାନ ଅତି ସୂକ୍ଷ୍ମ କରି ପକାଇଥିଲେ, ଇନ୍ଦ୍ରିୟପର ସମ୍ଭୋଗକୁ ସେମାନେ ଘୃଣାର ଚକ୍ଷୁରେ ନ ଦେଖି, ତାହାର ମଧ୍ୟରେ ଓ ରୂପକତା ଛଳରେ ଈଶ୍ୱରତ୍ୱର ବିକାଶ ଅନୁଭବ କରି ପାରିଥିଲେ । ଠାକୁର ଏହି ଯୁଗକୁ କେବଳ ଅତୀନ୍ଦ୍ରିୟ ଭାବରେ ଦେଖିଅଛନ୍ତି । ବିଳାସବାସନା ନରଖି, ମିଳନର ଆଶା ନ ରଖି, ଏହି ଈଶ୍ୱରତ୍ୱକୁ ଏକ ଅନବଚ୍ଛିନ୍ନ କାମନା, ଏକ ଅନନୁଭୂତ ଉଦ୍ଦାମ ଆବେଗରେ ପରିଣତ କରି ପକାଇଅଛନ୍ତି ।



Digitized by srujanika@gmail.com

ପାଶ୍ଚାତ୍ୟ mystic କବିମାନଙ୍କର କବିତା ସ୍ଥଳ ବିଶେଷରେ ଦୁର୍ବୋଧ, ଏବଂ ସେମାନଙ୍କର ରୂପକତା ଅନନୁଭବ୍ୟ, ଏକାବେଳେକେ ଅଗାଦ୍ୟ । ସେଲିଙ୍କର Laon ଲେଓନ ଏବଂ cythna ସିଥିନା queen mab, କୁଇନମାବ୍ ଏବଂ Alaster ( ଅଲେଷ୍ଟର ) ଏ ରକ୍ତ ମାଂସର ଜୀବ ବିଶେଷ ନୁହନ୍ତି । ସେମାନେ କେବଳ ଗୁଣ ବିଶେଷର ରୂପାନ୍ତରିତ ବ୍ୟକ୍ତି ମାତ୍ର । ଅମ୍ଭେମାନେ ଯଦି ସେଲିଙ୍କର କବିତାକୁ ବାସ୍ତବତାର ଆଦର୍ଶରେ ପଢ଼ୁଁ, ତା ହେଲେ ତାର କବିତ୍ୱ ଆଦୌ ହୃଦୟଙ୍ଗମ କରିପାରିବୁ ନାହିଁ । ପ୍ରମିଥିଅସ୍‌ଙ୍କର ଧୈର୍ଯ୍ୟ ଓ ସହନଶୀଳତା ଅସୀମ ଏବଂ ଅମାନୁଷିକ । ପ୍ରମିଥିଅସ୍ ପ୍ରଣୟିନୀଙ୍କର ଦେବୀତ୍ୱ କଳ୍ପନାତୀତ । ପ୍ରମିଥିଅସ୍ ଅନବାଉଣ୍ଡର ସମସ୍ତ ଗଳ୍ପ ଏକ ଅଦ୍ଭୁତ କଳ୍ପନା ଅସମ୍ଭବ ବ୍ୟାପାର, କିନ୍ତୁ ତାକୁ ଯଦି ଅମ୍ଭେମାନେ ରୂପକତା ଦୃଷ୍ଟିରେ ଅଧ୍ୟୟନ କରୁଁ ତା ହେଲେ ତାହାର ପ୍ରାଣୋନ୍ମାଦୀ କବିତ୍ୱ ଅମ୍ଭମାନଙ୍କ ହୃଦୟ ସ୍ପର୍ଶ ନ କରି ରହିପାରିବ ନାହିଁ । ସେ ରୂପକତାର ବ୍ୟାଖ୍ୟାନ ଏ ସ୍ଥଳରେ ସମ୍ଭବପର ନୁହେଁ । କବି ସମାଲୋଚକ ଓ ସାହିତ୍ୟାନୁରାଗୀ ମାତ୍ରକେ ତାହା ଜାଣିଥିବେ ଏହି ଭରସାରେ ସେ ଚେଷ୍ଟା ଏଠାରେ ପରିତ୍ୟାଗ କରିବାକୁ ବାଧ୍ୟହେଲି । ଏ ସମ୍ପର୍କରେ ମୁଁ ଏତିକି କହିବି ଯେ ଯେଉଁ ସମାଲୋଚକ ଓ ତଥା କଥିତ ସାହିତ୍ୟିକମାନେ ଅଶ୍ଳୀଳତା ଓ ଉଚ୍ଛୃଙ୍ଖଳ ଭୋଗଲାଲସାର ଦୋହାଇଦେଇ ବୈଷ୍ଣବ-ସାହିତ୍ୟଗୁଡ଼ିକ ପ୍ରତି ଅନାଦର କରିଥାନ୍ତି, ସେମାନଙ୍କର କବିତାର ଏହି ରୂପକତା ଜାଣିଷ୍ଟି ମନେ ରଖିବା ଉଚିତ । ଶ୍ରୀକୃଷ୍ଣଙ୍କର ବାଲଲୀଳା ଠାରୁ ଆରମ୍ଭ କରି ରାସଲୀଳା ପର୍ଯ୍ୟନ୍ତ ଏକ ଅଦ୍ଭୁତ ଓ ମଧୁର ରୂପକତା ମାତ୍ର ସାଧୁ ସମାଲୋଚକ ଓ ସାହିତ୍ୟିକ ଏହି ରୂପକତାର କଠିଣ ଆବରଣ ଭେଦ କରି ତାହାର ମଧ୍ୟରୁ ମଧୁରସ ପାନ କରେ; ଅସ୍ଥାଭିମାନୀ ସାହିତ୍ୟିକ ସ୍ୱମତ ଉପରେ ଅନ୍ଧବିଶ୍ୱାସ ସ୍ଥାପନ କରି କାଞ୍ଚନକୁ କାଚଭ୍ରମରେ ପରିତ୍ୟାଗ କରେ ମାତ୍ର । ତା ହେଲେ ଅମ୍ଭେମାନେ ଦେଖିଲୁଁ—କବିର ବ୍ୟକ୍ତିଗତ ଅଭିରୁଚିଦ୍ୱାରା ଶାସିତ ଅଦମ୍ୟ ଅଭିଳାଷରେ ବାଧା ବିଘ୍ନର ସୂତ୍ରପାତ ହେଲେ କବିତା ସମ୍ଭବ ହୁଏ ଏବଂ ତାହାର ଯଥାଯଥ ପ୍ରଖ୍ୟାପନରେହିଁ କବିର କଳାକୁଶଳତା ପ୍ରକାଶିତ ବା ଅପ୍ରକାଶିତ ରହେ । ଏହିହେଲା, ସବୁଯୁଗରେ ସବୁ ଦେଶରେ କବିତାର ଆତ୍ମା । ତେବେ କେତେକ ଗୁଡ଼ିଏ କବିତା ଅଛି, ଯାହାପ୍ରତି ପୋରଜବିରଦର୍ଶି ବିନା ଏମାତ ଖଟି ପାରେ ନାହିଁ । ବର୍ଣ୍ଣସଙ୍କର ଫୁଲ ଓ ମୂଷା ସମ୍ବନ୍ଧରେ କବିତା, ଏହି ଶ୍ରେଣୀର । ନିଃସହାୟର ଗଭୀର ଯନ୍ତ୍ରଣାରେ ବ୍ୟଥିତ ହୋଇ କବିହୃଦୟ ଦୟାବାରିଦ୍ୱାରା ଆର୍ଦ୍ର ହେଲେ ସେଥିରୁ କବିତାରୂପ ମନ୍ଦାକିନୀ ଝର ଝର ଶବ୍ଦରେ ଶିବଜଟାରୁ ଭଗୀରଥିଙ୍କର ପଛେ ପଛେ ଧାବମାନ ହୁଏ । ଏହି ସ୍ୱାର୍ଥ ଜଡ଼ିତ ସଂସାରର ପାବନ ନିମନ୍ତେ ହୃଦୟର ଏହି ଆର୍ଦ୍ରତା କବିର ଗୋଟିଏ ଅବାନ୍ତର ଗୁଣ ଏବଂ ଏହି କୋମଳତା ଜାତ ପଦ୍ୟ ବା କବିତା ସୁନ୍ଦର, ମଧୁର ଓ ପାବନ ହୋଇପାରେ, କିନ୍ତୁ ଆତ୍ମାସମ୍ବଳିତ ନୁହେଁ । ଦୀନ ହରିଶ୍ଚନ୍ଦ୍ର ଓ ଯୋଗୀନ୍ଦ୍ର ବଶିଷ୍ଠଙ୍କ ମଧ୍ୟରେ ଯେ ପ୍ରଭେଦ; କରୁଣରସପ୍ରଧାନ ପଦ୍ୟ ଓ କବିତାତ୍ମକ ପଦ୍ୟ ମଧ୍ୟରେ ସେଇ ପ୍ରଭେଦ । ଏହାର ବହୁଶଃ ଆଲୋଚନା ଏ ସ୍ଥଳରେ ନିଷ୍ପ୍ରୟୋଜନ ।

ଉପସଂହାରରେ ମୁଁ ମୋର ସମାଲୋଚକମାନଙ୍କୁ ଅନୁରୋଧ କରେଁ, ମୋର ଅପରିପକ୍ୱ ଜ୍ଞାନ ନିଃସୃତ ଏହି ଆଲୋଚନାରେ ଦୋଷଥିଲେ ଯଥାଯଥ ଆଲୋଚନା କରି ଦେଖାଇଦେଲେ ଚିରୋପକୃତ ହେବି । ଏଥିରେ ମୋର, ସମାଲୋଚକଙ୍କର ଏବଂ ଦେଶର ମଙ୍ଗଳ, ଓଡ଼ିଆ ସାହିତ୍ୟରେ କବିତାର ବର୍ତ୍ତମାନ ଯେପରି ଆକାର ଓ କବିମାନଙ୍କର ଯେପରି ଅତ୍ୟାଚାର, ସେଥିରେ ପ୍ରକୃତ କବିତା ସମ୍ବନ୍ଧରେ ଲୋକମତ ଗଠିତ ନହେଲେ ସାହିତ୍ୟ-କ୍ଷେତ୍ରକୁ ଏହି 'ବାଲୁଙ୍ଗା' ଗୁଡ଼ିକ ଚିରଦିନ ପାଇଁ ଅନୁର୍ବର କରି ପକାଇବେ, ସୁତରାଂ ସମାଲୋଚକମାନଙ୍କୁ ମୋର ଅନୁରୋଧ ସେମାନେ ଯଥେଷ୍ଟ ଗବେଷଣାର ସହିତ ଏ ବିଷୟଟିର ଆଲୋଚନା କରି କବିତାର ରୂପ ଓ ଗୁଣ ନିର୍ଦ୍ଦେଶ କରନ୍ତୁ । ଅବଶ୍ୟ ଯେ ପ୍ରକୃତ କବିତା ତାହାର ଆଦର ଓ ଉପଭୋଗ ନିମନ୍ତେ କୌଣସି ବିଧିବଦ୍ଧ ନିୟମାବଳୀର ଆବଶ୍ୟକତା ଆଦୌ ନାହିଁ । ଯାହା କବିର ତପ୍ତ ଅଶ୍ରୁ ଦେଇ ଲିଖିତ, ତାହା ପାଠକର ତପ୍ତଅଶ୍ରୁ ଆଣିବଇ ଆଣିବ । ସେଥି ନିମନ୍ତେ ସମାଲୋଚକମାନଙ୍କର ଠେଙ୍ଗା ବାଡ଼ିର ପ୍ରୟୋଜନ ନାହିଁ, ତେବେ କ'ଣ କି,

Digitized by srujanika@gmail.com

ହୃଦୟଟି ଠିକ୍ ଏ ମୁକ୍ତ ଥିଲେ; ରୁଚିଟା ଠିକ ଏ ଉନ୍ନତ ଥିଲେ, ବୋଧଶକ୍ତିଟା ଠିକ ଏ ମାର୍ଜିତ ଥିଲେ ନିଷ୍ପାପ ହୃଦୟରେ ଦେବତ୍ୱର ଅବିର୍ଭାବ ପରି କବିତାର ଅବିର୍ଭାବ ସହଜ ହୋଇଯାଏ । କିନ୍ତୁ ଓଡ଼ିଆ–ସାହିତ୍ୟରେ ଏତିକ ଆଶା କରିବା ବୃଥା, ଯାହାର ଲବ୍ଧପ୍ରତିଷ୍ଠ ସମାଲୋଚକମାନେ ଠେକ୍‌ସନ ଓ ଲମ୍ବର୍ଡ଼ଙ୍କର ଉକ୍ତିକୁ ମାକଲେଙ୍କର ଉକ୍ତିଦ୍ୱାରା ଖଣ୍ଡନ କରିବାକୁ ଚେଷ୍ଟା କରନ୍ତି, ସେମାନଙ୍କଠାରୁ ଅଉ କ'ଣ ଆଶା କରାଯାଏ ? ସମାଲୋଚକଙ୍କର ବୁଝିବା ଉଚିତ ଥିଲା, ସାହିତ୍ୟ ସମାଲୋଚନା କ୍ଷେତ୍ରରେ ମାକଲେଙ୍କର ପ୍ରତିପତ୍ତି କେତେ, ଇଂରାଜୀ ସାହିତ୍ୟ, ବା ବିଶ୍ୱସାହିତ୍ୟରେ ଲେଜ୍ ଅବ୍ ଏନ୍‌ସିଏଣ୍ଟ୍ ରୋମ୍ (Lays of ancient Rome) ର ରଚୟିତା, ଟେନିସନ୍‌ଙ୍କର ଇନ୍ ମେମୋରିୟାମ (In-memoriam) ର କବିଙ୍କ ସହିତ ତୁଳନୀୟ, ଯଦି ମାକଲେଙ୍କର ସାହିତ୍ୟ ଆଦର୍ଶ ଆମ୍ଭମାନଙ୍କର ଅନୁକରଣୀୟ ହୁଏ, ତା'ହେଲେ ସେକ୍‌ସପିୟର, ଓ୍ୱାର୍ଡସ୍‌ଓ୍ୱାର୍ଥ, ସେଲି, କୀଟ୍‌ସ୍, ବାଇରନ ଗେଟେ, ଦାନ୍ତେ, ଓମର, କାଳିଦାସ, ଭବଭୂତି ଶ୍ରୀହର୍ଷ; ରବୀନ୍ଦ୍ରନାଥ ପ୍ରଭୃତିଙ୍କୁ ଛାଡ଼ିଦେଇ 'କଳାପାହାଡ଼ ଗାଥା' ଓ ତତ୍‌ଶ୍ରେଣୀୟ ପଦ୍ୟ ଲେଖକମାନଙ୍କର ପଦ୍ୟକୁ ଆଦର୍ଶ କବିତାରୂପେ ଗ୍ରହଣ କରିନେବାକୁ ପଡ଼ିବ, ଶେଷରେ ପାଠକମାନଙ୍କ ନିକଟରେ ମୋର ଏତିକି ମାତ୍ର ଅନୁରୋଧ ସେମାନେ ମୋର ଏ ବିଷୟଗୁଡ଼ିକୁ ପଢ଼ି ଯଦି ବିରକ୍ତ ହୋଇଥା'ନ୍ତି, ତାହେଲେ ଉତ୍ସାହୀ ଲେଖକର ସାଧୁ ଅଭିଳାଷ—ହୁଏତ ଭ୍ରାନ୍ତ ଅଭିଳାଷ—ବୋଲି ମାର୍ଜନା କରିବେ ।

# ଯୁଗଳଯାତ୍ରୀ

( ଗଳ୍ପ )

—୧—

ଶ୍ରୀଦିବ୍ୟସିଂହ ରଥ

ଯମୁନାର ନୀଳ ଜଳ— ବେଣୀ ଉପରୁ ଫିକା ଜର୍ଦ୍ଦା ରଙ୍ଗର 'ଉଡ଼ନୀ'ଟି ଫିଟାଇ ଦେଇ ଖଣ୍ଡେ ବଡ଼ ସୁନାର ଚୁମ୍‌କିପରି ସୂର୍ଯ୍ୟ ବୁଡ଼ିଗଲେ । ସନ୍ଧ୍ୟାର ତରଳ ଅନ୍ଧାର ଭିତରେ ସୁଦୂର ଅରଣ୍ୟର ଅସ୍ପଷ୍ଟ ଛବି, ନୀଡ଼ ପ୍ରତ୍ୟାଗତ ବିହଗର କଳ–କାକଳିରେ, ଜାଗ୍ରତ ବୀଣାତାରପରି ଥରେ ଥରେ ଝଙ୍କୃତ ହୋଇ ଉଠୁଥିଲା; ଆଉ ତାହା ସଙ୍ଗେ ତାନ ମିଳାଇ ଅଗ୍ରାର ବିପୁଳକାୟ ମୋତି ମସଜିଦର ନଭଶ୍ଚୁମ୍ବୀ 'ମିନାର' ଶିଖରରୁ ଉଠୁଥିଲା ସାନ୍ଦ୍ର ଗମ୍ଭୀର ସ୍ୱରରେ ମୋଲ୍ଲାମାନଙ୍କର ପ୍ରାତ୍ୟହିକ ଉପାସନାର "ଆଜାନ୍" । ଅଗ୍ରାର ସୁଦୂର ପ୍ରାନ୍ତବର୍ତ୍ତୀ, ଔରଙ୍ଗଜୀବଙ୍କ ବିଳାସ ଭବନ "ଗୁଲମଞ୍ଜିଲ୍" ସଂଲଗ୍ନ ଉଦ୍ୟାନରେ ସେତିକିବେଳେ ଜଣେ ଯୁବକ ପ୍ରବେଶ କରି ଘନ ଅନ୍ଧାରିତ ଗୋଟିଏ ଲତାମଣ୍ଡପତଳେ ଆତ୍ମଗୋପନ କଲା ।

ଉଦ୍ୟାନଟି ଅପୂର୍ବ । ମୋଗଲ ରାଜବଂଶର ବିଳାସ ବାହୁଲ୍ୟର ନିଦର୍ଶନ—ତାର ପ୍ରତି ଧୂଳିକଣାରେ ପରିସ୍ଫୁଟ । ଅସୃତାକାର କ୍ଷୁଦ୍ର କ୍ଷୁଦ୍ର "ଗୁଲାବ" କିଆରି ଗୁଡ଼ିକ ଚାରି ଶ୍ୱେତ ମର୍ମ୍ମରର ରାସ୍ତାମାନ ଇତସ୍ତତଃ ପ୍ରସାରିତ । ତା'ରି ମଝିରେ ନର୍ମଦା ତଟର ଦୁର୍ଲ୍ଲଭ ରକ୍ତପ୍ରସ୍ତରର କୁଣ୍ଡ ଭିତରେ ସ୍ୱର୍ଣ୍ଣ–ରୌପ୍ୟର ବିଚିତ୍ର କାରୁ–ଖଚିତ ମୟୂର–ପୁଚ୍ଛ–ଫୁଆରା, ଅବିରତ 'ଗୁଲାବଜଳ' ବର୍ଷଣ କରୁଅଛି । ମଧ୍ୟେ ମଧ୍ୟେ ରଜତ–ସମ୍ଭବ ବେଦୀ ଗୁଡ଼ିକ ପାଖେ ସୁବିନ୍ୟସ୍ତ ଲତାମଣ୍ଡପ ଅନ୍ଧକାର ଭିତରେ ଦୂରରୁ ବିମାନପରି ଦେଖାଯାଉଛି······

ଅନ୍ଧାର ଗାଢ ହୋଇଗଲା । ହଠାତ୍ ଦୂରରେ ନୂପୁରର ମଧୁର ଶବ୍ଦ ଶୁଣି ଯୁବକ ଲତାଗୃହ ବାହାରକୁ ଆସିଲେ । ତାଙ୍କ ମୁଖମଣ୍ଡଳରେ କ୍ଷୀଣ ହାସ୍ୟରେଖା ଝଲସି ମିଳାଇ ଯିବା ଆଗରୁ ଗୋଟିଏ ଅନନ୍ୟ ସୁନ୍ଦରୀ ତରୁଣୀ ଲତାମଣ୍ଡପ ଭିତରେ ପ୍ରବେଶ କଲା । ଯୁବକ ଚମକିପଡ଼ି ସେ ଆଡ଼କୁ ଅଗ୍ରସର ହେଲେ କିନ୍ତୁ ତରୁଣୀ ହଠାତ୍ ପଛକୁ ଘୁଞ୍ଚାଇ ଦୃଢ଼ ମିନତିପୂର୍ଣ୍ଣ ସ୍ୱରରେ କହିଲା ।—

Digitized by srujanika@gmail.com

'ପୁରନ୍ଦର ! ମୁଁ ଅସ୍ପୃଶ୍ୟା, ମତେ ଛୁଅଁନା ।' ପୁରନ୍ଦରଙ୍କର ସେ ଆଡ଼କୁ ଲକ୍ଷ ନାହିଁ । ପାଗଳ ପରି ସେ ତରୁଣୀକୁ ଭୁଜରେ ଭିଡ଼ି ଧରି ତାର 'ଗୁଲାବ' ପରି ସୁକୁମାର ଜାଫ୍ରାନରଞ୍ଜିତ କସ୍ତୁରୀ ସୁରଭିତ ଅନନ୍ୟ ଓଷ୍ଠରେ ପ୍ରଣୟର ସହସ୍ର ମୁଦ୍ରା ଅଙ୍କିତ କରିଦେଲେ । ଦୁହିଙ୍କ ଆଖିରୁ ଛିନ୍ନବନ୍ଧନ ମୁକ୍ତାଫଳପରି ଅବିରଳ ଲୋତକଧାର ଝରିପଡ଼ି ଗୋଡ଼ତଳେ ଅକଳଙ୍କ ଶ୍ୱେତ-ଶିଳାପଥ ସିକ୍ତ ହୋଇଗଲା ।

କେତେବେଳକେ ପୁରନ୍ଦର କହିଲେ— "ମିଶ୍ର ଦେହ ଅପବିତ୍ର ହୋଇଛି, ହୃଦୟ ତ ହୋଇନାହିଁ । ତମର ହୃଦୟ ମୋର; ଶରୀର ଆଡ଼କୁ କେବେ ଚାହିଁନାହିଁ; ଆଶା କରିନାହିଁ । ଆଜି ତମର ଅନୁରୋଧରେ ସେହି ଶରୀରରୁ ହୃଦୟର ବିଚ୍ଛେଦ ଘଟାଇବାକୁ ତ ଆସିଛି ମିଶ୍ର······

ପୁରନ୍ଦରଙ୍କ ବକ୍ଷରେ ମୁହଁ ପୋତି ମିଶ୍ର କାନ୍ଦୁଥିଲା; ପୁରନ୍ଦର କାନ୍ଦୁଥିଲେ । ଦୁହେଁ ଦୁହିଙ୍କ ଆଡ଼କୁ ଅପଲକ ମୁଗ୍ଧ ଦୃଷ୍ଟିରେ ଚାହିଁ କେତେକ୍ଷଣ ଯେ ଏପରି କାନ୍ଦିଲେ ସେମାନେ ଜାଣି ପାରିଲେନାହିଁ । ସେହି ମୂଲ୍ୟହୀନ ଲୋତକଧାର ଦେଇ କେତେ କାଳର ସୁଖଦୁଃଖ, ପ୍ରଣୟ, ଆବେଗ, କେତେ ଗୁରୁବେଦନା, କେତେ ବିଚ୍ଛେଦ କେତେ ବ୍ୟଥା ଯେ ସେଠି ଝରି ପଡ଼ିଲା ତାହାର ସମ୍ବାଦ ମଧ୍ୟ କେହି ରଖିଲେନାହିଁ । କେତେବେଳକେ ମିଶ୍ର ଆଗେ କଥା କହିଲା । ଆଖିରୁ ତା'ର ସେତେବେଳକୁ ଲୋତକ ଧାର ଶୁଖିଗଲାଣି । ମିଶ୍ର କହିଲା—'ପୁରନ୍ଦର' ସ୍ୱାମୀ ପୃଥିବୀରେ ଏ ଦେହର ପ୍ରୟୋଜନ ମୋର ସରିଛି । ହୃଦୟ ମୋର ହୋଇଥିଲେ କେତେ ଦିନୁ ଏହା ଦେହରୁ ବିଚ୍ଛିନ୍ନ କରିଦେଇଥାନ୍ତି । କିନ୍ତୁ ପୁରନ୍ଦର ପିଲାଦିନୁ ଏ ହୃଦୟ ଯେ ତମର । ଶରୀର ମଧ୍ୟ ତୁମର ଥିଲା, କିନ୍ତୁ—

କହୁ କହୁ ମିଶ୍ର କ'ଣ ଭାବି ହଠାତ୍ ତୁନିହେଲା । ପୁରନ୍ଦର ଆଗ୍ରହରେ ତା ଆଡ଼କୁ ଚାହିଁ ପଚାରିଲେ—କିନ୍ତୁ ?

ମିଶ୍ର ଧୀରେ ଧୀରେ କହିଲା । "କିନ୍ତୁ ଏ ଶରୀରକୁ ଆଜି ତୁମର କହିବା ଅଧିକାର ମୋର ନାହିଁ । ବିଜାତୀୟ ମୋଗଲର ଅଖଣ୍ଡ କାମ-ବହ୍ନିରେ ତାହା ଅନେକ ଦିନୁ ଆହୁତି ହୋଇ ସରିଛି । ଆଜି ତାହାର ପ୍ରାୟଶ୍ଚିତ୍ତ । ସେଥିଲାଗି ଶବ୍ଦପୁରୀରେ ଆଜି ତୁମକୁ ଏ ବିପଦ ଭିତରକୁ ଡାକିଆଣିଛି । ଚାଲ ଆଉ ବିଳମ୍ବ କରନା ।"

ଚାରିଆଡ଼ ମୃତ୍ୟୁପରି ନିସ୍ତବ୍ଧ—ସ୍ଥିର । ସେହି ପ୍ରାସାଦକାର ଉଦ୍ୟାନ ଭିତରେ କୋଉଠି ଗୋଟିଏ ପତ୍ର ସୁଦ୍ଧା ଚଳୁନାହିଁ । ବାକ୍ୟହୀନ ଗମ୍ଭୀର ଭାବରେ ପୁରନ୍ଦର ଧୀରେ ଧୀରେ 'କମରବନ୍ଧ'ରୁ ଶାଣିତ ଛୁରି ଫିଟାଇଲେ । କହିଲେ 'ହୃଦୟ ବକ୍ଷରେ ବନ୍ଧାଇ ଆସିଛି ମିଶ୍ର ! ମରି ଦୁଇଜଣଯାକ ମିଳିବା । ତେବେ—

ମିଶ୍ର ଟିକିଏ ବିଷାଦପୂର୍ଣ୍ଣ ସ୍ପଷ୍ଟ ହାସ୍ୟରେ ଦୃଢ଼-କଣ୍ଠରେ ତିରସ୍କାର ଭରି କହିଲା ଛି "ସ୍ୱାମୀ ତୁମେ ମତେ ନରକ ଯନ୍ତ୍ରଣାରୁ ସ୍ୱର୍ଗକୁ ନେଇଯିବାକୁ ଇତସ୍ତତଃ କରୁଛ ?"

ପୁରନ୍ଦର ମିଶ୍ରକୁ ଉନ୍ମତ୍ତପରି ଆଲିଙ୍ଗନ କରି ବିକୃତ କଣ୍ଠରେ କହିଲେ "ନା-ଚାଲ ।"

ମିଶ୍ର ମହାର୍ଘ ବକ୍ଷବସନ ଫିଟାଇ ହୃଦୟ ଉନ୍ମୁକ୍ତ କରି ଠିଆହେଲା । ଯୁବକଙ୍କ ହାତରେ ଶାଣିତ ଛୁରି ଉତ୍ତୋଳିତ ହେଲା । ଗୋଡ଼ତଳେ ଅମଳ ମର୍ମର ପ୍ରସ୍ତର ଠାରୁ ଅଧିକ ଶୁଭ୍ର, ଅଧିକ ସୁକୁମାର ମିଶ୍ରର ବକ୍ଷଦେଶରେ ଛୁରି ଆମୂଳ ବିଦ୍ଧ ହୋଇଯାଇଥାନ୍ତା କିନ୍ତୁ ତାହା ହେଲାନାହିଁ ।

କୁଞ୍ଜ ଅନ୍ତରାଳରୁ ଅସୁରପରି ବଳିଷ୍ଠ ଜଣେ କୃଷ୍ଣକାୟ 'ଖୋଜା' ଯୁବକର ଉତ୍ତୋଳିତ ମଣିବନ୍ଧ ଦୃଢ଼-ମୁଷ୍ଟିରେ ଧରିପକାଇ ବଜ୍ରଗମ୍ଭୀର କଣ୍ଠରେ କହିଲା— "ଯୁବକ ତୁମେ ମୋର ବନ୍ଦୀ"

ସହସା ମିଶ୍ରର ଭାବ ପରିବର୍ତ୍ତନ ହୋଇଗଲା । ଦୃପ୍ତା ସିଂହୀପରି ମରାଳ-ଗ୍ରୀବା ଉତ୍ତୋଳନ କରି ସେ କହିଲା— "ମସରୁର, ଜାଣ ମୁଁ କିଏ ?"

'ଖୋଜା' ବିନ୍ଦୁମାତ୍ର ବିଚଳିତ ନ ହୋଇ ଉତ୍ତର କଲା । "ଜାଣେ ଆପଣ ବେଗମ ଫୁଲଜାନୀ ।"

ମିଶ୍ର ଦୃଢ଼ ପ୍ରଭୁତ୍ୱବ୍ୟଞ୍ଜକ କଣ୍ଠରେ କହିଲା "ଆଦେଶ କରୁଛି ଏହି ମୁହୂର୍ତ୍ତରେ ଏହାଙ୍କ ହସ୍ତ ତ୍ୟାଗକର । ସେ ମୋର ଜଣେ ଆତ୍ମୀୟ ।"

ଅବିଚଳିତ କଣ୍ଠରେ 'ଖୋଜା' କହିଲା—ବେଗମ ସାହେବଙ୍କ ଆଦେଶ ଶିରୋଧାର୍ଯ୍ୟକରି 'କାଫେର୍'ର

Digitized by srujanika@gmail.com

ହସ୍ତ ପରିତ୍ୟାଗ କଲା । କିନ୍ତୁ ଯେ ବେଗମ ସାହେବଙ୍କର ପ୍ରାଣନାଶ କରିବାକୁ ଉଦ୍ୟତ ହୋଇଥିଲା ବାଦଶାହ-ଙ୍କର ଆଦେଶ ଭିନ୍ନ ମୁଁ ତାକୁ ଛାଡ଼ିଦେଇ ପାରିବ-ନାହିଁ ।"

"ତେବେ ପାଇ ଯେବେ ବନ୍ଦୀକର" ଏହା କହି ମିରୁ ଦୁଇ ଏକ ପଦ ଅଗ୍ରସର ହୋଇ ମର୍ମ୍ମର ପଥ ଉପରେ ସଜୋରରେ ପଦାଘାତ କଲା । ଦେଖୁଁ ଦେଖୁଁ ପୁରନ୍ଦର ଯେଉଁଠି ଠିଆ ହୋଇଥିଲେ ସେ ସମଗ୍ର ଭୂମିଖଣ୍ଡ ହଠାତ୍ ଗୋଡ଼ତଳକୁ ଦବିଗଲା । ହସ୍ତ ମୁକ୍ତ ପାଇ ପୁରନ୍ଦର 'ଖୋଜାକୁ' ଆକ୍ରମଣ କରିବାକୁ ଯାଉଥିଲେ କିନ୍ତୁ ପର-ମୁହୂର୍ତ୍ତରେ ଯେ ମୃତ୍ତିକା ନିମ୍ନରେ ହଠାତ୍ କାହିଁ ଅଦୃଶ୍ୟ ହୋଇଗଲେ, ନିମ୍ନଭୂମି ପୁଣି ପୂର୍ବପରି ସମତଳ ହୋଇଗଲା ତୃପ୍ତା ସିଂହୀପରି ଫୁଲଜାନିବେଗମ କୁଞ୍ଜଭିତରୁ ବାହାରକୁ ଆସିଲେ । ଅଦୂରରେ, ଉଦ୍ୟାନ-ବାଟିକାର ଅତୁଳନୀୟ 'ଗୁଲ-ମଞ୍ଜୀଲ' ପ୍ରାସାଦ-ଗବାକ୍ଷରେ ଆଲୋକମାଳା ପ୍ରଭାତ ତାରାପରି ଉଜ୍ଜ୍ୱଳ ଜ୍ୟୋତି ବିକିରଣ କରୁ-ଥିଲା । ସେହି ଆଡ଼କୁ ଯାଉଁ ଯାଉଁ—ସେ କହିଲା "ଯଦି ଇଚ୍ଛା ହୁଏ ଏ ସମ୍ବାଦ ବାଦଶାହଙ୍କୁ ଦେଇପାର ।"

ଚକ୍ଷୁ ସମକ୍ଷରେ ଏ ଅଭାବନୀୟ ଘଟନା ଦେଖି 'ଖୋଜା' ପ୍ରବଳ ବିସ୍ମୟରେ ହତବାକ୍ ହୋଇ ଠିଆ ହୋଇଥିଲା । କେତେବେଳକେ ସେ ଆପଣା ମନକୁ କହିଲା । "ଗୋଟାଏ ବାଳିକା ମୋତେ ପ୍ରତାରିତ କଲା ? ସ୍ୱୟଂ 'ପୟଗମ୍ବର' ସ୍ତ୍ରୀଲୋକଙ୍କ ନିକଟରେ ପରାଜିତ ହୋଇଥିଲେ, ମୁଁ ଅବା କେଉଁ ଛାର । ଯାହାହେଉ 'କାଫେରକୁ' ଧରିବାକୁ ହେବ ନିଶ୍ଚୟ ।"

ଉଦ୍ୟାନ-ପ୍ରାଚୀର ଆଡ଼କୁ ଅଗ୍ରସର ହୋଇ 'ଖୋଜା' ବଂଶୀଧ୍ୱନି କଲା । ପରମୁହୂର୍ତ୍ତରେ ନିବିଡ଼ ଅନ୍ଧକାର ଭିତରୁ ଅନ୍ଧକାରଠାରୁ ଅଧିକ କୃଷ୍ଣବର୍ଣ୍ଣ ଦୁଇଜଣ ଖୋଜା ଅଗ୍ରସର ହୋଇ ମହରୁରକୁ ସଲାମ କଲେ ।

ମହରୁର କହିଲା—"ତମେମାନେ ବୋଧହୁଏ ଜାଣ ଏହି ଉଦ୍ୟାନରେ ଗୋଟିଏ ଗୁପ୍ତ ସୁଡ଼ଙ୍ଗ ପଥ ଅଛି' । ଜଣେ 'ଖୋଜା' କହିଲା ହଁ ବାଦଶାହଙ୍କ ଶୟନାଗାରଠାରୁ ଏ ସୁଡ଼ଙ୍ଗ ଭୂଗର୍ଭରେ ନଗର ପର୍ଯ୍ୟନ୍ତ ବିସ୍ତୃତ" ।

ମହରୁର କହିଲା—"ଶୀଘ୍ର ଯାଅ । ଏହି ସୁଡ଼ଙ୍ଗ ବାଟେ ଏହିକ୍ଷଣି ଜଣେ କ୍ଷତ୍ରିୟ ଯୁବକ ପଳାଇଯାଇଛି, ଯେ କୌଣସି ଉପାୟରେ ତାକୁ ଧରିବାକୁ ହେବ, ଯାଅ" ।

ସେମାନେ ଦ୍ରୁତପଦରେ ସେଠାରୁ ଅନ୍ତର୍ହିତ ହେଲେ । 'ଖୋଜା' ମହରୁର ଚିନ୍ତିତ ଭାବରେ ଧୀରେ ଧୀରେ ସେ ସ୍ଥାନ ତ୍ୟାଗକଲା ।

—୨—

ମୀରା ଓ ପୁରନ୍ଦରଙ୍କ କିଛି ପରିଚୟ ପ୍ରୟୋଜନ । ଆଗ୍ରାଦୁର୍ଗର ପାଞ୍ଚକୋଶ ଦୂରରେ ଦେବୀଗ୍ରାମ ବୋଲି ଗୋଟିଏ କ୍ଷୁଦ୍ର ପଲ୍ଲୀ ନାରାୟଣ ଦତ୍ତ ନାମରେ ଜଣେ ମଧ୍ୟ-ବିତ୍ତ କ୍ଷତ୍ରିୟ ମୋଗଲ ପ୍ରଦତ୍ତ ସାମାନ୍ୟ ଜାଗୀର ସେଠାରେ ଭୋଗ କରୁଥିଲେ । ପୁରନ୍ଦର ତାଙ୍କରି ଏକମାତ୍ର ସନ୍ତାନ । ଦତ୍ତଙ୍କ ଘର ପାଖରେ ଗୋଟିଏ ଦରିଦ୍ର ବିଧବାର ଘର । ମୀରା ତା'ରି କନ୍ୟା । ଲୋକେ କହନ୍ତି—ଏଇ ଦୁଃଖିନୀ ବିଧବା କୌଣସି ରାଜପୁତ ରାଜାଙ୍କ ମହିଷୀ । କିନ୍ତୁ ମୀରାର ଅଲୋକସାମାନ୍ୟ ରୂପ ଓ ରାଜରାଜେଶ୍ୱରୀ ଭାବ ଦେଖି କିମ୍ବା ପ୍ରକୃତ କଥା ଜାଣି ଲୋକେ ଏପରି କହୁଥିଲେ ସେକଥା ଅନୁମାନ କରିବା ଦୁରୂହ ।

ପିଲାଦିନରୁ ପୁରନ୍ଦର ସଙ୍ଗେ ମୀରାର ପରିଚୟ । ରସାଳ, ପଣସର ଛାୟା-ବହୁଳ ନିର୍ଜନ-ପଲ୍ଲୀ ପଥରେ ଦୁହେଁ ଦୁହିଙ୍କ ଆଡ଼କୁ କେବେ ଅଜ୍ଞାତରେ ଆକୃଷ୍ଟ ହୋଇ ପଡ଼ୁଥିଲେ; କିନ୍ତୁ ସେକଥା ଗୋପନରେ ଥିଲା । କୈଶୋର ସୀମାନ୍ତରେ ମୀରା ଦେହରେ ଯେତେବେଳେ ଯୌବନରେ କୁହୁକ ସ୍ପର୍ଶ ଲାଗି ସମସ୍ତ ଅଙ୍ଗରେ ଲାବଣ୍ୟ ହିଲ୍ଲୋଳିତ ହୋଇ ଉଠିଲା, ଆୟତନେତ୍ରପ୍ରାନ୍ତରେ ଆବେଗର ବିଦ୍ୟୁଦ୍ଦୀପ୍ତି ଖେଳିଗଲା, ଦୁହେଁ ଦୁହିଙ୍କ ହୃଦୟର ନିଭୃତ କନ୍ଦରର ଗୂଢ଼ବାର୍ତ୍ତା ସେତେବେଳେ ଭଲକରି ବୁଝି-ପାରିଲେ

କ୍ରମେ ପୁରନ୍ଦରଙ୍କ ପିତା ନାରାୟଣ ଦତ୍ତ ଏକଥା ଶୁଣିଲେ । ଶୁଣି ବୃଦ୍ଧ ଟିକିଏ ହସିଲେ । ଏହାର ଅଳ୍ପଦିନ ପରେ ପୁରନ୍ଦରଙ୍କ ସଙ୍ଗେ ମୀରାର ବିବାହ ହୋଇ-ଗଲା

ବିବାହର ଦୁଇମାସ ପରେ ମୀରାର ମା ହଠାତ୍ ମରି-ଗଲେ । ପ୍ରେମମୟ ଦୁଇଟି ହୃଦୟର ନିବିଡ଼ ମିଳନ ହେବା

Digitized by srujanika@gmail.com

ଅପରୁ ଶୋକରେ ମୁହ୍ୟମାନ ହୋଇପଡ଼ିଲା ? କିନ୍ତୁ ଏହାଠାରୁ ଅଧିକ ଦୁଃଖ ଅଧିକ ଦୁର୍ଦ୍ଦଶା, ଦରିଦ୍ର ଗୁଲାବ କଳୀପରି ଏଇ ଦୁଇଟିଙ୍କ ଭାଗ୍ୟରେ ଥିଲା ବୋଲି କିଏ ଜାଣେ

ଆଗ୍ରାବାହାରେ ଶୀକାର ଉଦ୍ଦେଶ୍ୟରେ ଆସି ସମ୍ରାଟ ଔରଙ୍ଗଜୀବ ଦେବଗ୍ରାମର ପଲ୍ଲୀପଥରେ ଦିନେ ମୀରାର ଅଲୋକସାମାନ୍ୟ ରୂପ ଦେଖି ସ୍ତମ୍ଭିତ ହୋଇ ଠିଆ-ହେଲେ

ଏ ସୌନ୍ଦର୍ଯ୍ୟ ଯେ ବେଗମ ମହଲର ଉପଯୁକ୍ତ !

ଔରଙ୍ଗଜୀବଙ୍କ ଅଭିଳାଷରେ ବାଧା ଦେବାକୁ ସମଗ୍ର ଭାରତରେ ସେତେବେଳେ ଶିବାଜୀଙ୍କ ଛଡ଼ା ଅନ୍ୟ କେହି ନଥିଲେ । ସୁତରାଂ ମିରା ଅବିଳମ୍ବେ ଆଗ୍ରାକୁ ପ୍ରେରିତ ହେଲା । ସେଠାରେ "ଫୁଲଜାନୀ ବେଗମ" ନାମରେ ସମ୍ରାଟଙ୍କର ପ୍ରିୟତମା ମହିଷୀ ହୋଇ ମିରା ଆଗ୍ରାର ଅତୁଳନୀୟ ଉଦ୍ୟାନବାଟିକା 'ଗୁଲବାଗ' କୁ ଅଲୋକିତ କରି ଗୋଟିଏ ଅନିନ୍ଦ୍ୟ ସଦ୍ୟୋଗ୍-ଗୋଲାପପରି ଫୁଟି-ଉଠିଲା । କାର୍ଯ୍ୟାନ୍ତରରେ ପୁରନ୍ଦର ଦୂରଦେଶକୁ ଯାଇ-ଥିଲେ । ଗ୍ରାମକୁ ଫେରି ଦେଖିଲେ, ଘର ଶୂନ୍ୟ—ତାଙ୍କ ମିରା ନାହିଁ ।

ଗୁଲବାଗର ସେହି ପ୍ରାସାଦରେ, ଗଜଦନ୍ତ ପଲଙ୍କରେ ମଖମଲ 'କିଂଖାପ'ର ସୁକୋମଳ ଗାଲିଚାରେ ପହୁଡ଼ି, ଅତର ଅଗୁରୁ ବାସିତ ହର୍ମ୍ମ୍ୟତଳେ, ସ୍ୱର୍ଣ୍ଣ ପ୍ରଦୀପର ସୁଗନ୍ଧ ଅଲୋକ-ରେ ରହି ସୁଦ୍ଧା ମିରା ଆଜ ଅସୁଖୀ । ଅଗଣିତ ଦାସ ଦାସୀ ପରିବେଷ୍ଟିତ ସେହି ବିରାଟ ପ୍ରାସାଦରେ; ଭାରତ ସମ୍ରାଟଙ୍କର ଅବିରତ ପ୍ରଣୟ ଗୁଞ୍ଜନ—ମିରା ସ୍ଥିରକଲା ସେ ମରିବ । ମୃତ୍ୟୁ – ମୃତ୍ୟୁ, ତାହାଛଡ଼ା ଏ ନରକ ଯନ୍ତ୍ରଣାରୁ ମୁକ୍ତି ଲଭିବାର ଦ୍ୱିତୀୟ ଉପାୟ ନାହି ...

ସେହି ଶତ୍ରୁପୁରରେ ମଧ୍ୟ ମିରା ଗୋଟିଏ ସଖୀ ପାଇ-ଥିଲା । ରାଜପ୍ରାସାଦର ସେ ଜଣେ 'ବାଁଦୀ' । ସମସ୍ତେ ତାକୁ 'ଜୁମେଲା' ବୋଲି ଡାକନ୍ତି । ମିରା ଜୁମେଲା ହାତରେ ପୁରନ୍ଦରଙ୍କ ପାଖକୁ ଖଣ୍ଡିଏ ପତ୍ର ଦେଲା । ପତ୍ରରେ ନିଜର ଅବସ୍ଥା ବର୍ଣ୍ଣନ କରି ତାହାପରେ ସେଠାକୁ ଆସି ତାର ପ୍ରାଣ ନାଶକରିବାକୁ ଅନୁରୋଧ କରି ପଠାଇଲା । ଲେଖିଲା–'ପୁରନ୍ଦର ' ଯଦି ମୋପ୍ରତି ତୁମର ବିନ୍ଦୁମାତ୍ର ସ୍ନେହ ଥାଏ, ତେବେ ଆସ ଦୁହେଁଯାକ ଏକାସାଥିରେ ମରିବା । ତା ହେଲେ ଏ ପାପ ପୃଥିବୀରୁ ବିଦାୟ ନେଇଯାଇଁ ସ୍ୱର୍ଗରେ ଦୁହେଁଯାକ ସୁଖରେ ରହିବା । ଜୀବନ ଥାଉଁ ଏ ନରକରୁ ଉଦ୍ଧାର ହେବାର ଯେତେବେଳେ ଅନ୍ୟ-ଉପାୟ ନାହିଁ; ତେବେ ଆସ; ତୁମର ଶାଣିତ ଛୁରିକା ଏ ବକ୍ଷରେ ଆମୂଳ ବିଦ୍ଧକରି ମୋତେ ବଞ୍ଚାଅ ।

ପୁରନ୍ଦର ତେଜସ୍ୱୀ ମର୍ହଟ୍ଟା । ନିଜ ସ୍ତ୍ରୀକୁ ପାପପଙ୍କରେ କଳଙ୍କିତ ହେବାକୁ ଦେବା ଅପେକ୍ଷା, ତାର ପ୍ରାଣନାଶ କରିବା ଶ୍ରେୟସ୍କର ବିବେଚନା କରି, ମିରାସହିତ ସାକ୍ଷାତ କରିବାକୁ ସମ୍ମତ ହେଲେ । ତାହା ପରେ ଜୁମେଲାର ବୁଦ୍ଧି କୌଶ-ଳରେ ଦିନେ ପୁରନ୍ଦର ଅନ୍ୟର ଅଲକ୍ଷ୍ୟରେ 'ଗୁଲବାଗ'ରେ ପ୍ରବେଶ କରି ମିରା ସଙ୍ଗେ ସାକ୍ଷାତ କଲେ ।

— ୩ —

ସହସା ମୃତ୍ତିକା ନିମ୍ନରେ ଅନ୍ଧକାରମୟ ଗହ୍ୱରରେ ପଡ଼ି ପୁରନ୍ଦର ସ୍ତମ୍ଭିତ ହୋଇଗଲେ । ଚକ୍ଷୁର ପଲକରେ ଏତେ ଶୀଘ୍ର ଏସବୁ ଅଦ୍ଭୁତ କାଣ୍ଡ ହୋଇଗଲା ଯେ, କ'ଣ ହେଲା କିଛି ବୁଝି ନପାରି ସେ କିଂକର୍ତ୍ତବ୍ୟ ବିମୂଢ଼ ହୋଇ ଠିଆ ହୋଇ ରହିଲେ । ହଠାତ୍ ଅନ୍ଧକାର ଭିତରେ କାହାର କୋମଳ ହସ୍ତ–ସ୍ପର୍ଶରେ ପୁରନ୍ଦର ଚମକି ଉଠିଲେ କିନ୍ତୁ ଗଭୀର ଅନ୍ଧକାରରେ କିଛି ଦେଖି ପାରିଲେନାହିଁ । ପୁରନ୍ଦର ଅଧିକତର ଅସ୍ଥିର ହୋଇ ପଚାରିଲେ "କିଏ ? ସ୍ତ୍ରୀ କଣ୍ଠରେ କିଏ ଉତ୍ତର ଦେଲା " ଯୁବକ, ଶୀଘ୍ର ପଳା-ୟନ କର, ଚାରିଆଡ଼େ ଶତ୍ରୁ; ଫୁଲଜାନୀ ବେଗମଙ୍କର ଏକାନ୍ତ ଅନୁରୋଧ ସତ୍ୱର ପଳାଅ । ବଞ୍ଚିପାରିଲେ ପରେ ତାଙ୍କସଙ୍ଗେ ଦେଖା ହେବ । ଅନ୍ୟକଥା ଜିଜ୍ଞାସ କରନା । ପଳାଅ, ସୁଡ଼ଙ୍ଗ ଦ୍ୱାରରେ ସଜ୍ଜିତ ଅଶ୍ୱ ପାଇବ ।" ସ୍ୱର କ୍ରମେ କ୍ଷୀଣରୁ କ୍ଷୀଣତର ହୋଇ ଅନ୍ଧକାରରେ ମିଶିଗଲା, ପୁରନ୍ଦର ନିରୂପାୟ ! ଶେଷରେ ପଳାୟନ ସ୍ଥିର କରି ଅନ୍ଧ-କାର ଭିତରେ ଅଗ୍ରସର ହେଲେ । ସୁଡ଼ଙ୍ଗ ଦ୍ୱାରକୁ ଆସି-ବାକୁ ଅନେକ ସମୟ ଲାଗିଲା । କିନ୍ତୁ ବାହାରକୁ ଆସି ଦେଖିଲେ ପ୍ରକୃତରେ ଗୋଟିଏ ଅଶ୍ୱ ସଜ୍ଜିତ ହୋଇ ଠିଆ ହୋଇଛି । ଏକ ଲମ୍ଫରେ ତହିଁରେ ଆରୋହଣ କରି ପୁରନ୍ଦର ଘୋଡ଼ା ଛୁଟାଇଦେଲେ ।

Digitized by srujanika@gmail.com

କିଛିଦୂର ଅବଗ୍ରାମ ଗଡ଼ରେ ଘୋଡ଼ା ଛୁଟାଇ ପୁରନ୍ଦର ବୁଝି ପାରିଲେ ଦୁଇଜଣ ଅଶ୍ୱାରୋହୀ ତାଙ୍କର ଅନୁସରଣ କରୁଛନ୍ତି । ସେ ଅଶ୍ୱକୁ ଅଧିକରି ବେଗରେ ଦୌଡ଼ାଇଲେ କିନ୍ତୁ ଅଳ୍ପଦୂର ନ ଯାଉଣୁ ହଠାତ୍ ଶବ୍ଦନିକ୍ଷିପ୍ତ ଛୁରିଟି ତୀର ଆସି ତାଙ୍କ ଦକ୍ଷିଣ ବାହୁରେ ବିଦ୍ଧହେଲା । ପୁରନ୍ଦର ସେ ଦୁଃସହ ଯନ୍ତ୍ରଣା ଅଗ୍ରାହ୍ୟ କରି ଅଧିକରି ବେଗରେ ଦୌଡ଼ିବାକୁ ଅଶ୍ୱକୁ ବାରମ୍ବାର କଶାଘାତ କଲେ; ତଥାପି ଦେଖିଲେ ଅଶ୍ୱାରୋହୀ ଦ୍ୱୟ କ୍ରମେ ତାଙ୍କର ନିକଟବର୍ତ୍ତୀ ହେଉଅଛନ୍ତି

ଏପରି ସମୟରେ ପୁରନ୍ଦର ଏକ ଅଦ୍ଭୁତ କୌଶଳ କଲେ । ହଠାତ୍ ଅଶ୍ୱ ପୃଷ୍ଠରୁ ଅବତରଣ କରି ଅଶ୍ୱକୁ କଶାଘାତ କଲେ । ତେଜସ୍ୱୀ ଅଶ୍ୱ ପ୍ରଚଣ୍ଡ ବେଗରେ ଧାବିତ ହେଲା । ସେ ଅନ୍ଧକାରରେ ଗୋଟିଏ ଗୃହର ଅନ୍ତରାଳରେ ଯାଇଁ ଲୁଚିଲେ । କ୍ରମେ ୨ ଅପର ଅଶ୍ୱାରୋହୀ ଦ୍ୱୟ ସେଠାରେ ପହୁଞ୍ଚିଗଲେ । ନିବିଡ଼ ଅନ୍ଧକାରରେ, ସମ୍ମୁଖସ୍ଥ ଅଶ୍ୱରେ ଯୁବକ ଅଛନ୍ତି ଭାବି ସେମାନେ ତାହାରି ଅନୁସରଣ କଲେ । ଦୂରରୁ ଦୂରତର ହୋଇ କ୍ରମେ ଅଶ୍ୱର କ୍ଷୁରଧ୍ୱନି ବାୟୁରେ ମିଶିଗଲା । ଅଉ କିଛିକ୍ଷଣ ସେଠାରେ ଅପେକ୍ଷା କରି ପୁରନ୍ଦର ପଦାକୁ ଆସିଲେ । କୁଆଡ଼େ ଆସିଛନ୍ତି, କେତେ ରାତି ହୋଇଅଛି ତାହା ଏପର୍ଯ୍ୟନ୍ତ ଦେଖିବାକୁ ସମୟ ନ ଥିଲା । ବର୍ତ୍ତମାନ ଦେଖିଲେ ଆଗ୍ରାର ଅଳ୍ପ ଦୂରରେ ଗୋଟିଏ ଜନଶୂନ୍ୟ ସ୍ଥାନରେ ସେ ଆସି ପହୁଞ୍ଚି ଅଛନ୍ତି । ରାତି ଅତୀତ ପ୍ରାୟ । ଯୁବକ ନିଜ ବାହୁରୁ ସବଳେ ତୀର ଛୁରିଟି ଉପାଡ଼ି ପକାଇଲେ । ତୀର ସଙ୍ଗେ ୨ ପ୍ରବଳ ରକ୍ତ ଧାରା ଝରିବାକୁ ଲାଗିଲା । ନିଜ ଉଷ୍ଣୀଶ ବସ୍ତ୍ର ଦ୍ୱାରା ପୁରନ୍ଦର ବାହୁ ବନ୍ଧନ କଲେ, କିନ୍ତୁ ଦେଖୁ ୨ ଅବିରଳ ରକ୍ତ ଧାରାରେ ତାଙ୍କର ସର୍ବାଙ୍ଗ ସିକ୍ତ ହୋଇଗଲା । କିନ୍ତୁ ଆଶ୍ରୟରେ ଅଳ୍ପଦୂର ଅଗ୍ରସର ନ ହେଉଣୁ ରାଜମାର୍ଗ ନିକଟବର୍ତ୍ତୀ ଗୋଟିଏ ଅଟ୍ଟାଳିକାର ତୋରଣ ପାଖରେ ସେ ମୂର୍ଚ୍ଛିତ ହୋଇ ପଡ଼ିଲେ

—୪—

ପୁରନ୍ଦରଙ୍କର ଯେତେବେଳେ ମୂର୍ଚ୍ଛାଭଙ୍ଗହେଲା, ସେ ମନେକଲେ ସ୍ୱପ୍ନ ଦେଖୁଛନ୍ତି । ଗୋଟିଏ ସୁସଜ୍ଜିତ ପରିସର କକ୍ଷ ଭିତରେ ସୁକୋମଳ ଶଯ୍ୟାରେ ସେ ଶୋଇଛନ୍ତି । ମସ୍ତକ ଉପରେ ସ୍ୱର୍ଣ୍ଣ-ଦୀପାଧାରରେ ସୁଗନ୍ଧି ଆଲୋକ ଭିତ୍ତିଗାତ୍ରର ଅତୁଳନୀୟ ମିନା କାର୍ଯ୍ୟ ଉପରେ ପ୍ରତିଫଳିତ ହୋଇ, ଶତ ସହସ୍ର ଆଲୋକ କଣାରେ ଝଲସି ଉଠୁଛି ! କିନ୍ତୁ ହସ୍ତଦ୍ୱୟ ତାଙ୍କର ଶୃଙ୍ଖଳିତ । ଶଯ୍ୟା ଉପରେ ପଡ଼ି ପଡ଼ି ପୁରନ୍ଦର ପୂର୍ବ ଘଟନା ସବୁ ସ୍ମରଣ କରିବାକୁ ଚେଷ୍ଟାକଲେ । ପୂର୍ବଦିନ ରବିରେ ଗୁଲବାଗର ଅଲୌକିକ ଘଟନା ଅନ୍ଧକାର ସୁଡ଼ଙ୍ଗ ପଥରେ ଅଶ୍ୱ ପୃଷ୍ଠରେ ପଳାୟନ, ଏକେ ଏକେ ସବୁ ଘଟନା ମନେ ପଡ଼ିଲା । ସେ ବୁଝିପାରିଲେ ବର୍ତ୍ତମାନ ସେ କାହାର ବନ୍ଦୀ । ପୁରନ୍ଦର ଶଯ୍ୟା ଉପରେ ଉଠି ବସିବାକୁ ବହୁ ଚେଷ୍ଟାକଲେ କିନ୍ତୁ ପାରିଲେ ନାହିଁ । ଉତ୍ତେଜନାର ଆଧିକ୍ୟରୁ କ୍ଷତ ମୁଖରୁ ପ୍ରବଳ ବେଗରେ ରକ୍ତଧାରା ଝରିବାକୁ ଲାଗିଲା । ସେ ପୁଣି ମୂର୍ଚ୍ଛିତ ହୋଇ ଶଯ୍ୟା ଉପରେ ପଡ଼ିଗଲେ

ଦ୍ୱିତୀୟବାର ଯେତେବେଳେ ତାଙ୍କର ଚେତନା ହେଲା, ଦେଖିଲେ—ସେ ଅଉ ଶଯ୍ୟା ଉପରେ ନାହାନ୍ତି । ଔରଙ୍ଗଜୀବଙ୍କ ଦରବାର୍-ପ୍ରାସାଦର ଗୋଟିଏ କକ୍ଷକୁ ସେ ନୀତ ହୋଇଛନ୍ତି । ସମ୍ମୁଖରେ ବହୁ କ୍ରୀତଦାସୀ ପରିବେଷ୍ଟିତ ସ୍ୱୟଂ ସମ୍ରାଟ ଆସୀନ । ପାଖରେ ତାଙ୍କରି ହୃଦୟାନନ୍ଦକାରିଣୀ ମୀରା !

ପୁରନ୍ଦରଙ୍କୁ ପ୍ରବୁଦ୍ଧ ହେବାର ଦେଖି ସମ୍ରାଟ ଗମ୍ଭୀର କଣ୍ଠରେ ପ୍ରଶ୍ନକଲେ—"ଯୁବକ, ତୁମ୍ଭର ପରିଚୟ ?"

ଯେତେବେଳେ ପୁରନ୍ଦରଙ୍କର କହିବାକୁ ଇଚ୍ଛାହେଲା "ଦେବୀଗ୍ରାମର ଘଟନା ଏତେ ଶୀଘ୍ର ଭୁଲି ନଥିବ—ଦସ୍ୟୁ ।" କିନ୍ତୁ ସେ କହିଲେ "ମୁଁ ଜଣେ ରାଜପୁତ, ଏହିମାତ୍ର ମୋର ପରିଚୟ ।"

ଔରଂଜୀବ ପୁଣି ପଚାରିଲେ—"କି ସାହସରେ ଏବଂ କି ଉଦ୍ଦେଶ୍ୟରେ ତୁମ୍ଭେ ବେଗମ ମହଲର କସିବା ଉଦ୍ୟାନରେ ପ୍ରବେଶ କରିଥିଲ ? ଯୁବକ, ସତ୍ୟକହ । ତାହାହେଲେ ତୁମ୍ଭଙ୍କୁ ଏହି ମୁହୂର୍ତ୍ତରେ ମୁକ୍ତି ଦିଆଯିବ । ନୋହିଲେ—"

ପୁରନ୍ଦର ଅବଜ୍ଞାରେ ମୃଦୁହାସ୍ୟ କରି ପଚାରିଲେ "ନୋହିଲେ ?" ଜଣେ ସାମାନ୍ୟ ରାଜପୁତ ଯୁବାର ଔଦ୍ଧତ୍ୟ ଦେଖି ସମ୍ରାଟଙ୍କ ମନରେ ବିରକ୍ତିର ସଞ୍ଚାର

Digitized by srujanika@gmail.com

ହେଲ । ଟିକିଏ କଠିନ କଣ୍ଠରେ ସମ୍ରାଟ କହିଲେ "ନୋହିଲେ ମୃତ୍ୟୁ ଅନିର୍ବାର୍ଯ୍ୟ । କି ଉଦ୍ଦେଶ୍ୟରେ ତୁମ୍ଭେ ଅନ୍ତଃପୁର ଉଦ୍ୟାନ ଭିତରେ ପ୍ରବେଶ କରିଥିଲ, ଏତିକି କହିଲେ ତୁମ୍ଭଙ୍କୁ ମୁକ୍ତି ଦିଆଯିବ । ଅଉ ସେକଥା ପ୍ରକାଶ ନକଲେ, ଏହି ମୋହର ସମ୍ମୁଖରେ ତୁମ୍ଭର ପ୍ରାଣଦଣ୍ଡ । ଯୁବକ ଥରେ ଭାବ ଦେଖ ? କେଉଁଟା ଏ ସମୟରେ ତୁମ୍ଭ ପକ୍ଷରେ ଶ୍ରେୟଃ ।"

ଦରବାର ସମ୍ପୂର୍ଣ୍ଣ ନିସ୍ତବ୍ଧ । ପୁରନ୍ଦର ଚକ୍ଷୁ ଫେରାଇ ଥରେ ଉର୍ଦ୍ଧ୍ବକୁ, ଥରେ ପ୍ରାଣପ୍ରିୟା ମୀରା ଅଡ଼କୁ ଚାହିଁଲେ । ତାହାପରେ ଦୃଷ୍ଟି ଅବନତ କରି ଦୃଢ଼ ଗାମ୍ଭୀର୍ଯ୍ୟଞ୍ଜକ କଣ୍ଠରେ କହିଲେ "ନା ମୁଁ ସେ କଥା ପ୍ରକାଶ କରିବାକୁ ସମ୍ପୂର୍ଣ୍ଣ ଅସମ୍ମତ, ତୁମର ଯାହା ଇଚ୍ଛା କରିପାର ।"

ଔରଙ୍ଗଜୀବଙ୍କ ଦରବାରରେ ଅଉ ବେଶୀ ତର୍କ ବିତର୍କର ପ୍ରୟୋଜନ ହେଲନାହିଁ । ସମ୍ରାଟଙ୍କ ଇଙ୍ଗିତମାତ୍ରେ ଚାରିଜଣ ଭୀମକାୟ 'ଖୋଜା' ଉନ୍ମୁକ୍ତ ଛୁରୀ ହସ୍ତରେ ପୁରନ୍ଦରଙ୍କ ଅଡ଼କୁ ଅଗ୍ରସର ହୋଇଗଲେ ! ଦରବାର ସମ୍ପୂର୍ଣ୍ଣ ନିସ୍ତବ୍ଧ । ସମସ୍ତେ ରୁଦ୍ଧଶ୍ୱାସରେ ଚାହିଁଛନ୍ତି ! ଚାରିଟି ତୀକ୍ଷ୍ଣଧାର ଛୁରୀ ଏକ ସମୟରେ ଉର୍ଦ୍ଧ୍ବକୁ ଉଠିଲା ! ପର ମୁହୂର୍ତ୍ତରେ ଚାରୋଟିଯାକ ହତଭାଗ୍ୟ ପୁରନ୍ଦରଙ୍କ ବକ୍ଷରେ ବିଦ୍ଧ ହୋଇଥାନ୍ତା; କିନ୍ତୁ ହଠାତ୍ ଗୋଟିଏ ଅଦ୍ଭୁତ ଘଟଣା ଘଟିଲା ।

ଜଲ୍ଲାଦଙ୍କର ଛୁରୀ ପୁରନ୍ଦରଙ୍କ ହୃଦୟ ସ୍ପର୍ଶକରିବା ପୂର୍ବରୁ, ମୀରା ବିଦ୍ୟୁତ୍ ବେଗରେ ସିଂହାସନରୁ ଉଠିଆସି ପୁରନ୍ଦରଙ୍କୁ ଆଡ଼ୁଆଳ କରି ଘାତକଙ୍କ ଆଗରେ ବକ୍ଷପାତି ଠିଆହେଲା । ପର ମୁହୂର୍ତ୍ତରେ ଉର୍ଦ୍ଧ୍ବକ୍ଷିପ୍ତ ଛୁରୀ କୁସୁମଠାରୁ କୋମଳ, ଶଙ୍ଖଠାରୁ ଶୁଭ୍ର ସେହି ବକ୍ଷରେ ଆମୂଳବିଦ୍ଧ ହୋଇଗଲା; କିନ୍ତୁ ଏତେକରି ସୁଦ୍ଧା ପୁରନ୍ଦର ରକ୍ଷା ପାଇଲେ ନାହିଁ । ଚାରିଟି ଛୁରୀ ମଧ୍ୟରୁ ଦୁଇଟି ପୁରନ୍ଦରଙ୍କର ବକ୍ଷରେ ପ୍ରବେଶକଲା ।

ଏ ଅଲୌକିକ ଘଟଣା ଦେଖି ଔରଙ୍ଗଜୀବ କିଂକର୍ତ୍ତବ୍ୟବିମୂଢ଼ ହୋଇ ବସିରହିଲେ; କିନ୍ତୁ ସେ କ୍ଷଣକପାଇଁ । ତା' ପରେ ସେ ସିଂହାସନରୁ ଲମ୍ଫ ପ୍ରଦାନକରି ମୀରା ନିକଟରେ ଉପସ୍ଥିତ ହେଲେ । ବିଚଳିତ କଣ୍ଠରେ ପ୍ରଶ୍ନ କଲେ "ଫୁଲଜାନୀ, ଏ କ'ଣ କଲୁ" ? ଅଶ୍ରାନ୍ତ ରକ୍ତ ସ୍ରାବରେ ସେତେବେଳକୁ ମୀରାର ଅଙ୍ଗ ଶିଥିଳ ହୋଇ ଆସିଥିଲା । ସେ ଟିକିଏ ମ୍ଳାନ ହାସ୍ୟରେ କହିଲା । "ଦାସୀକୁ କ୍ଷମା କରିବେ; ବିପଦରେ ସ୍ୱାମୀକୁ ଜୀବନ ଦେଇ ରକ୍ଷା କରିବା ଉଚିତ, ମୁଁ ସେହିଆ କରିଛି ।" ତା'ପରେ ପୁରନ୍ଦରଙ୍କ ନିଷ୍ପନ୍ଦ ହସ୍ତଉପରେ ନିଜର ଶିଥିଳ ହସ୍ତ ରଖି କହିଲା "ପ୍ରଭୁ, ଅଜି ଆମର ମଧୁଶଯ୍ୟା !"

ପୁରନ୍ଦର ଟିକେ ହସିଲେ, ମୀରା ମଧ୍ୟ ଟିକେ ହସିଲା । ତାପରେ ଉଭୟଙ୍କ ଚକ୍ଷୁ ଧୀରେ ଧୀରେ ଚିରଦିନ ଲାଗି ମୁଦ୍ରିତ ହୋଇଗଲା

ବାଦସାହଙ୍କର କଠିନପ୍ରାଣ ସୁଦ୍ଧା ଏ ଦୃଶ୍ୟରେ ଦ୍ରବୀଭୂତ ହୋଇଗଲା । ସେହିକ୍ଷଣି ଅଜ୍ଞା ହେଲା 'ସାତଦିନ ଯାଏ ଅଗ୍ରାର ସମସ୍ତ ଲୋକେ ଶୋକଚିହ୍ନ ଧାରଣ କରିବେ । ଅଉ ସାତରାତ୍ରୀ ପର୍ଯ୍ୟନ୍ତ ଅଗ୍ରାନଗରର ସବୁ ଗୀତବାଦ୍ୟ ବନ୍ଦ ହେବ ।'

ଆଦେଶମାତ୍ରେ ସମସ୍ତ ଅଗ୍ରାବାସୀ ଏହି ଅତୁଳନୀୟ ପ୍ରେମ-ବ୍ୟାପାରର ସମ୍ମାନ ରକ୍ଷା କଲେ, ଶୋକଚିହ୍ନ ଧାରଣ କଲେ । ତାହା ପରେ—ତାହାପରେ ସେହି ଗୁଲବାଗର ଉଦ୍ୟାନ ମଧ୍ୟରେ ସମ୍ରାଟଙ୍କ ଅଦେଶ ଅନୁସାରେ ଏହି ପ୍ରେମିକ ଦମ୍ପତି ଏକାଏ ସମାହିତ ହୋଇ ତାଙ୍କଉପରେ ନର୍ମଦାର ମହାର୍ଘ ରକ୍ତପ୍ରସ୍ତରର ଗୋଟିଏ କୁଣ୍ଡ ନିର୍ମିତ ହେଲା । କୁଣ୍ଡ ମଧ୍ୟରେ ଗୋଟିଏ ସୁବର୍ଣ୍ଣ ନିର୍ମିତ ଝରଣା ଅବିରାମ ଗୁଲାବଜଳ ବର୍ଷଣ କରିବାକୁ ଲାଗିଲା ।

ଦିନେ ସମ୍ରାଟ ତାଙ୍କର ଦେଡଶତ ମହିଷୀ ଓ ତିନୀଶତ ଦାସୀ ପରିବୃତ ହୋଇ ସେହି କବର ଉପରେ ସ୍ୱହସ୍ତରେ ଗୋଟିଏ ଗୁଲାବ ବୃକ୍ଷ ରୋପଣ କରିଲେ । ଅଉ ତାଙ୍କରି ଆଦେଶରେ ସେହି କବର ଉପରେ ସ୍ୱର୍ଣ୍ଣାକ୍ଷରରେ ଏହି ଦୁଇ ପଂକ୍ତି ଲେଖା ହେଲା :—

"ଗର ଦର୍ ଦୁନିଆ ଶହର୍ ଇକ୍ ସର୍-ଏ-ନେଶତର୍ ଅସ୍ତ୍
ଦରପାୟ ଜମେ ଦଓୟଦ୍ କି ଦୁର୍ ଓୟେଶ୍ ଅସ୍ତ୍"

Digitized by srujanika@gmail.com

# ବ୍ୟାବହାରିକ ତତ୍ତ୍ୱବାଦ

## ( ବିଖ୍ୟାତ ମାର୍କିନ ଦାର୍ଶନିକ James ଙ୍କ Pragmatism)

[ ସଙ୍କଳିତ ]

ଶ୍ରୀ ଜଗନ୍ନାଥ ଦାସ

ଯେ କୌଣସି ଦର୍ଶନତନ୍ତ୍ର ହେଉପଛେ ଯଦି ତାହା ସମ୍ବନ୍ଧରେ କେହି ପ୍ରତିବାଦ ବା ବିତର୍କ ଉପସ୍ଥାପିତ କରେ ଏହା ତା ପକ୍ଷରେ ପରମ ମଙ୍ଗଳର ବିଷୟ । ଏହା ଅପେକ୍ଷା ବାଞ୍ଛନୀୟ ଅନ୍ୟ କିଛି ହୋଇ ନ ପାରେ । ପ୍ରତିବାଦ ନ କଲେ ବୁଝିବାକୁ ହେବ, ତାହା ପ୍ରତି ଦୃଷ୍ଟି ଆକୃଷ୍ଟ ହୋଇ ନାହିଁ । ଜନ ସାଧାରଣ ତାହାପ୍ରତି ଉଦାସୀନ । ତାହାକୁ ପ୍ରତିବାଦ କଲେ ତାହାର ଏକପ୍ରକାର ପ୍ରତିଷ୍ଠା ହୁଏ । ତେତେବେଳେ ସେ ଦର୍ଶନତନ୍ତ୍ର କହେ ମୋର ପ୍ରତିବାଦ ହୋଇଛି ଅତଏବ ମୁଁ ଅଛି । ଏହିନିମନ୍ତେ ଆମ୍ଭେମାନେ ବ୍ୟାବହାରିକ ତତ୍ତ୍ୱବାଦ ( Pragmatism )କୁ ଅଭିନନ୍ଦନ କରୁଛୁଁ ଯେତାହାର M. Schinz ପ୍ରମୁଖ ପ୍ରତିଭାଶାଳୀ ଲେଖକମାନଙ୍କଦ୍ୱାରା ପ୍ରତିବାଦ କରା ହୋଇଛି । M. Schinz ମଧ୍ୟ anti pragmatism ନାମକ ଏକଗ୍ରନ୍ଥ ପ୍ରଣୟନ କରିଛନ୍ତି ।

ବ୍ୟାବହାରିକ ତତ୍ତ୍ୱବାଦର ମାର୍କିନ ଦେଶରେ ଜନ୍ମ । ତଦ୍ଦେଶୀୟ ବିଖ୍ୟାତ ମନସ୍ତତ୍ତ୍ୱବେତ୍ତା ପଣ୍ଡିତ M. William James ଏହି ମତବାଦର ପ୍ରଧାନ ପ୍ରବର୍ତ୍ତକ; ଏହି ବ୍ୟାବହାରିକ ତତ୍ତ୍ୱବାଦ ସମ୍ବନ୍ଧରେ ଯେଉଁରି ଆଜକାଲି ଗୋଳମାଳ ଲାଗିଛି ଏହାର ସାରମର୍ମ କ'ଣ ? ଥରେ ଏ ବିଷୟରେ ଅନୁଧାବନ କଲେ ବୋଧହୁଏ ଏହା ପାଠକମାନଙ୍କର ଅରୁଚିକର ହେବନାହିଁ । ସ୍ୱୀୟ ମାହାତ୍ମ୍ୟ ସମ୍ବନ୍ଧରେ ଏହାର ଧାରଣା ଓ ଅଭିମାନ ଅତି ବ ଉଚ୍ଚ । M. W. James କହନ୍ତି ଅନ୍ୟାନ୍ୟ ଦର୍ଶନବାଦ ପ୍ରବାହମାନ ତରଙ୍ଗବତ୍ ଉଠୁଛି ପଡୁଛି—ଜଳ ବୁଦ୍ବୁଦ୍ପରି ଏକ ଫଟକାରରେ ହୋଇଯାଉଛି । କିନ୍ତୁ ଏ ବ୍ୟାବହାରିକତତ୍ତ୍ୱବାଦହିଁ ଚିରସ୍ଥାୟୀ; ତାହାର କାରଣ ଏହା "ବିଶୁଦ୍ଧ ଜ୍ଞାନ" ବିତଣ୍ଡାରେ ଯୋଗ ଦିଏ ନା, ପରସ୍ପର ବିରୁଦ୍ଧ ମାନବଚିନ୍ତା ସହିତ ଏହାର କୌଣସି ପ୍ରକାର ସଂଶ୍ରବ ନାହିଁ । ସମସ୍ତ ସାର ସତ୍ୟସହିତ ଅତୀନ୍ଦ୍ରିୟ ମତବାଦ ଓ ଦାର୍ଶନିକ କଳ୍ପନାକୁ ଦୂରରେ ରଖି ବ୍ୟାବହାରିକ ଓ ଲୌକିକ ବିଶ୍ୱାସର ସୁଦୃଢ଼ ଭିତ୍ତି ଉପରେ ଏହି ତତ୍ତ୍ୱ ନିଜକୁ ସୁପ୍ରତିଷ୍ଠିତ କରିଛି । ଏହା ସେହି ସବୁ ବିଶ୍ୱାସ ଉପରେ ପ୍ରତିଷ୍ଠିତ—ଯାହା ଅମ୍ଭମାନଙ୍କ ଅଭାବର ଉପଯୋଗୀ, ଯାହା ଅମ୍ଭମାନଙ୍କର ଆଶା ଓ ସ୍ପୃହାର ଉପଯୋଗୀ, ଯାହା ସହଜ ଜ୍ଞାନସମ୍ମତ ତତ୍ତ୍ୱସମୂହର ଉପଯୋଗୀ, ଯାହା ଆମ ସ୍ୱାର୍ଥର ଉପଯୋଗୀ ଏବଂ ବିଶ୍ୱମାନବର ସୁଖସମ୍ବର୍ଦ୍ଧନ କରିବାକୁ ସର୍ବାପେକ୍ଷା ସମର୍ଥ ।

ରାଷ୍ଟ୍ରନୈତିକ ଜଗତରେ ବେଳେ ୨ ଯାହା ଘଟିଥାଏ ତାହା ସହିତ ତୁଳନାକଲେ, ବ୍ୟାବହାରିକ ତତ୍ତ୍ୱବାଦର ଅସଲ ପ୍ରକୃତି କଅଣ ଓ ଦାର୍ଶନିକ ଜଗତରେ ଏ କେଉଁ ସ୍ଥାନ ଅଧିକାର କରେ ତାହା ନିର୍ଣ୍ଣୟ କରିବା ପକ୍ଷରେ ସୁବିଧାହେବ । ଯେତେବେଳେ ବିବିଧ-ରାଷ୍ଟ୍ର ଦଳ ମଧ୍ୟରେ ସଂଗ୍ରାମ ଚୂଡ଼ାନ୍ତ ସୀମାରେ ଉପନୀତ ହୁଏ, ତେତେବେଳେ ଏହି ରାଷ୍ଟ୍ରବିପ୍ଳବରୁ ଉତ୍ତୀର୍ଣ୍ଣ ହେବା ନିମନ୍ତେ ଜାତୀୟ ସଭାର ଅଧିନେତା କେବେ କେବେ କାର୍ଯ୍ୟ ନିର୍ବାହର ମନ୍ତ୍ରୀସଭା ଆହ୍ୱାନ କରନ୍ତି । ସେ ସଂଘରୁ ଏପରି ସବୁ ଲୋକଙ୍କୁ ବାଦ ଦିଆହୁଏ ଯେଉଁମାନେ କୌଣସି ବିଶେଷ ପକ୍ଷର ପ୍ରତିନିଧି, କିମ୍ବା ଯେଉଁମାନେ ବିସମ୍ବାଦୀ ମତାବଲମ୍ବୀମାନଙ୍କର ନେତା । ଏହି ସଭାରେ ରୁହନ୍ତି, କେବଳ ରାଜସ୍ୱ ନିୟୋଗକୁଶଳ ବ୍ୟାପାରୀ ଲୋକ, ଇଞ୍ଜିନିୟର ଓ ଅନ୍ୟାନ୍ୟ କାମିକା ଲୋକେ । ବ୍ୟାବହାରିକ ତତ୍ତ୍ୱବାଦ ଏହିପରି ଗୋଟାଏ କାମିକା ତତ୍ତ୍ୱବାଦ । ବିବିଧ ଦାର୍ଶନିକ ସମ୍ପ୍ରଦାୟମଧ୍ୟରେ ବିବାଦ



Digitized by srujanika@gmail.com

ବିସମ୍ବାଦ ରହିତ କରିବାପାଇଁ ଏହା ଯେପରି ଗୋଟିଏ ସନ୍ଧି ପ୍ରସ୍ତାବ ।

ବ୍ୟାବହାରିକ ତତ୍ତ୍ୱବେତ୍ତାମାନେ "ସାର ସତ୍ୟର" ଅନ୍ୱେଷଣ କିମ୍ବା ଅବିଷ୍କାର କରିବା ନିମନ୍ତେ ସଚେଷ୍ଟ ନୁହନ୍ତି, ସାରସତ୍ୟ ଯେ ମାନବ ଜ୍ଞାନର ଅଗମ୍ୟ— ଦାର୍ଶନିକ ମତର ବୈଚିତ୍ର୍ୟ କଅଣ ତାହାର ଯଥେଷ୍ଟ ପ୍ରମାଣ ନୁହେଁ ? ଅତଏବ, ଯେଉଁ ସବୁ ଦର୍ଶନ ଝାଣ୍ଟି ବୁଦ୍ଧି ସହିତ ଓ ଯାହାର ପରିଣାମ ଫଳ ମାନବଜୀବନ-ପକ୍ଷରେ ହିତଜନକ ନୁହେଁ, କିମ୍ବା କାର୍ଯ୍ୟତଃ ଯାହା ଅହିତ କର—ତାହା ଅପସାରିତ କରହେବ । ଯଥା ଧରାଯାଉ ଅଦୃଷ୍ଟବାଦ । ଯଦି ଏହି ଅଦୃଷ୍ଟବାଦରେ ବିଶ୍ୱାସ କଲେ ଦାୟିତ୍ୱବୋଧ ଓ କର୍ତ୍ତବ୍ୟଜ୍ଞାନରେ ହାନିହୁଏ ତେବେ ଏ ବିଷୟରେ ଅମ୍ଭେମାନେ ଇତସ୍ତତଃ କରିବୁନାହିଁ;— ଅମ୍ଭେମାନେ ଅଦୃଷ୍ଟବାଦକୁ ତତ୍‌କ୍ଷଣାତ୍ ଅସ୍ୱୀକାର କରିବୁଁ, ପରିତ୍ୟାଗ କରିବୁଁ, ଯେଉଁ ସହଜଜ୍ଞାନ ଅମ୍ଭମାନଙ୍କ ସ୍ୱାଧୀନ ଇଚ୍ଛାକୁ ସାହାଯ୍ୟ କରେ ଏବଂ ଏହିରୂପେ ନୈତିକ ଆଦର୍ଶକୁ ସମର୍ଥନ କରେ, ଅମ୍ଭେ ସେହି ସହଜ ଜ୍ଞାନର ବିଶ୍ୱାସକୁହିଁ ସତ୍ୟ ବୋଲି ଗ୍ରହଣ କରିବୁଁ । ସାମାଜିକ ଓ ନୈତିକ ହିତକାରିତା ଛଡ଼ା ନୈତିକ ସତ୍ୟର ଅଉ କିଛି ମାନଦଣ୍ଡ ନାହିଁ । ବାସ୍ତବ ତଥ୍ୟ ଓ ପ୍ରତ୍ୟକ୍ଷ ବ୍ୟାପାର ସହିତ ଯାହାର ସମ୍ବନ୍ଧ—ଯେଉଁ ସବୁ ଲୌକିକ "କାମ" ମଣିଷକୁ ଅଧିକତର ସୁଖି କରିପାରେ— ତାହାଛଡ଼ା ଅଉ କିଛି ସତ୍ୟନାହିଁ । ଯଦି ଦିଓଟି ବିଶ୍ୱାସ ମଧ୍ୟରୁ ଅମକୁ ଗୋଟିକୁ ଗ୍ରହଣ କରିବାକୁ ହୁଏ ତେବେ ଯେଉଁ ବିଶ୍ୱାସ ସମାଜର ସମଧିକ ହିତକର—ତାକୁହି ଅମକୁ ନିର୍ବାଚନ କରିବାକୁ ହେବ । ଗୋଟିଏ କଥାରେ ବ୍ୟାବହାରିକତତ୍ତ୍ୱବାଦୀମାନେ ଗୋଟାଏ ପ୍ରକାର ହିତବାଦୀ ଏବଂ ଏହି ହିତବାଦ ସମୟାନୁସାରୀ; ସମାଜର ଅବସ୍ଥା ପରିବର୍ତ୍ତନ ସଙ୍ଗେ ସଙ୍ଗେ ସମାଜର ସୁଖର ଆଦର୍ଶ ପରିବର୍ତ୍ତିତ ହୁଏ ଏବଂ ନବୀନ ଆଶା ଓ ସ୍ପୃହାର ଅଭ୍ୟୁଦୟ ହୁଏ ।

ଏ ଦର୍ଶନତତ୍ତ୍ୱ ଯେ ମାର୍କିନ ଦେଶରେ ସଫଳତା ଲାଭ କରିବ ଏଥିରେ ସନ୍ଦେହ ନାହିଁ । ଏହା ସେମାନଙ୍କ ପରି 'କାମିକା' ଲୋକଙ୍କ ଦୃଷ୍ଟିରେହିଁ ଉପଯୋଗୀ । ଯାହା ବର୍ତ୍ତମାନ କାମରେ ଲାଗିବ ସେହିସବୁ ତତ୍ତ୍ୱର ଆଲୋଚନାରେ ସେମାନେ ଆସକ୍ତ, ବିଶୁଦ୍ଧ ଜ୍ଞାନର ଅନୁଶୀଳନ ସେମାନେ ଅବଜ୍ଞା କରନ୍ତି । James କହନ୍ତି ସବୁ ଦେଶରେ ସବୁକାଳରେ ଦାର୍ଶନିକମାନଙ୍କ ମଧ୍ୟରୁ ଅଧିକାଂଶ ଅଜ୍ଞାତସାରେ ବ୍ୟାବହାରିକତତ୍ତ୍ୱବାଦୀ । ଏହା ଏକରକମ ସାମ୍ରାଜ୍ୟ ତନ୍ତ୍ର—ଏହାର ବିଜୟ ନିଶାଣ ତଳେ ବିଭିନ୍ନ ସଂପ୍ରଦାୟର ବିଭିନ୍ନ ମତବାଦୀମାନେ ଆସି ସମବେତ ହେବେ ।

ଅବଶ୍ୟ ଏକଥା ସ୍ୱୀକାର କରିବାକୁ ହେବ, ସବୁ ଯୁଗରେ ବ୍ୟାବହାରିକ ଦାର୍ଶନିକମାନେ ନୈତିକ କାର୍ଯ୍ୟକାରିତାର ପରିମାଣ ଅନୁସାରେ କୌଣସି ତତ୍ତ୍ୱର ମୂଲ୍ୟ ଓ ମର୍ଯ୍ୟାଦା ଉପଲବ୍ଧି କରୁଥିଲେ । Rousseau ଥରେ ଏହିପ୍ରକାର ପ୍ରଶ୍ନ କରିଥିଲେ;—"ଏହି ସିଦ୍ଧାନ୍ତଟି ନୈତିକ ହିସାବରେ ଭଲ କି ମନ୍ଦ ?" Locke କହୁଥିଲେ—"ଏ ଦୁନିଆରେ ଯେ ଆମକୁ ସବୁ ଜାଣିବାକୁ ହେବ ଏପରି କିଛି କଥା ନାହିଁ ! ଆମର ସେତିକି ଜାଣିବା ଦରକାର ଯେତିକି ଆମ ଜୀବନର ଆଚାର ବ୍ୟବହାରରେ କାର୍ଯ୍ୟରେ ଲାଗିବ । ସମସାମୟିକମାନଙ୍କ ମଧ୍ୟରେ Tolstoy ଙ୍କୁ ଜଣେ ବ୍ୟାବହାରିକତତ୍ତ୍ୱବାଦୀ କୁହାଯାଇପାରେ । 'ବିଜ୍ଞାନ' ନିମନ୍ତେ 'ବିଜ୍ଞାନ' ଅଥବା 'ଶିଳ୍ପକଳା' ନିମନ୍ତେ 'ଶିଳ୍ପକଳା'—ଏକଥା ତାଙ୍କ ମତରେ ନିତାନ୍ତ ଅସଙ୍ଗତ । ତାଙ୍କ ମତରେ ଯେଉଁ ଜ୍ଞାନର ଅନୁଶୀଳନ ମଣିଷକୁ ଭଲ କରିଦିଏ, ତାହା ଛଡ଼ା ଅଉ କିଛି ଜ୍ଞାନର ଆଲୋଚନା ବା ଅନୁଶୀଳନ ପ୍ରୟୋଜନୀୟ ନୁହେଁ ।

ତତ୍ତ୍ୱଜ୍ଞାନୀ Kant ଙ୍କ ସମ୍ବନ୍ଧରେ James ଏହିପ୍ରକାର ଅବଜ୍ଞା ସହକାରେ କହିଛନ୍ତି— ଯାଦୁଘରେ ଯେପରି ଦୁର୍ଲ୍ଲଭ ଛୋଟ ଛୋଟ ଚିଜ ରଖାହୁଏ ଏ ସବୁ ସିଦ୍ଧାନ୍ତ ମଧ୍ୟ ସେହିପରି । Kant ଙ୍କୁ ଯେ ସେ କାହିଁକି ବ୍ୟାବହାରିକ ତତ୍ତ୍ୱବାଦୀଙ୍କ ଦଳକୁ ନ ଆଣିଛନ୍ତି ଏହାହିଁ ଆଶ୍ଚର୍ଯ୍ୟ । ସେତ ବିଶୁଦ୍ଧ ଜ୍ଞାନର ଧ୍ୱଂସ ଉପରେ ବ୍ୟାବହାରିକ ଜ୍ଞାନର ପ୍ରାସାଦ ନିର୍ମାଣ କରିଅଛନ୍ତି; ତାଙ୍କୁ କ'ଣ ବ୍ୟାବହାରିକତତ୍ତ୍ୱବାଦୀ କୁହାଯାଇ ପାରିବ ନାହିଁ ?

ଏହି ନବ୍ୟ ଦର୍ଶନର ଗୋଟାଏ ବଡ଼ ମୋହିନୀ ଶକ୍ତି ଅଛି । ଅନେକେ ଏହାଦ୍ୱାରା ମୁଗ୍ଧ ହେଲେଣି ।

Digitized by srujanika@gmail.com

M. Schinz ନିଜେ କଅଣ ତାହାର ସାକ୍ଷୀ ନୁହନ୍ତି ? ଏ ବ୍ୟାବହାରିକ ତତ୍ତ୍ୱବାଦକୁ ଖଣ୍ଡନ କରିବା ତାଙ୍କର ଉଦ୍ଦେଶ୍ୟ ଥିଲା, ଯୁଦ୍ଧଘୋଷଣା କଲାପରେ ପୁଣି ସେ ଶତ୍ରୁ ସହିତ ସନ୍ଧି ସ୍ଥାପିଲେ । ସେ କହିଲେ "ବ୍ୟାବହାରିକ ତତ୍ତ୍ୱବାଦରହିଁ ଜୟହେବ" । ତଥାପି ସେ କହନ୍ତି ଯେ ଜୟ ସତ୍ୟ ବୋଲି ନୁହେଁ, ମିଥ୍ୟା ବୋଲି ଜୟହେବ । କେତେଗୁଡ଼ାଏ ସ୍ୱାଧୀନ ଚିନ୍ତାବଲମ୍ବୀ (Free thinker) ଯେପରି ଧର୍ମସମ୍ବନ୍ଧରେ ଏହି ପ୍ରକାର ଗୋଟାଏ ଅଯୋଗ୍ୟ ପ୍ରସ୍ତାବ କରନ୍ତି ଯେ "ସାଧାରଣ ଲୋକଙ୍କ ପାଇଁ ଗୋଟାଏ ବିଶେଷ ଧର୍ମ ଆବଶ୍ୟକ" । ସେହିପରି ବ୍ୟାବହାରିକ ତତ୍ତ୍ୱବାଦୀମାନେ ମଧ୍ୟ ଜ୍ଞାନ ବିଜ୍ଞାନକୁ ସାଧାରଣଙ୍କ ଉପଯୋଗୀ କରିବାକୁ ଉଦ୍ୟତ । M. Schiller ତାହାଙ୍କ 'Studies in Humanism' ଗ୍ରନ୍ଥରେ କହନ୍ତି, "ବ୍ୟାବହାରିକ ତତ୍ତ୍ୱବାଦ" ଗୋଟାଏ ଦର୍ଶନ ମଧ୍ୟରେ ଗଣ୍ୟ ନୁହେଁ, ଏହା ଦର୍ଶନ ବୋଲି ଚଳେଇବାର ଗୋଟାଏ ପଦ୍ଧତି ମାତ୍ର । ଯାହାଙ୍କର କୌଣସି ଦର୍ଶନଶାସ୍ତ୍ର ନାହିଁ ଏହି ଦର୍ଶନତନ୍ତ୍ର ସେମାନଙ୍କ ଉପଯୋଗୀ । ଆମ୍ଭେମାନେ ଏଥିପାଇଁ ପରିଣାମରେ ଏହାର ଜୟରେ ବିଶ୍ୱାସ କରୁନା । ବିଶୁଦ୍ଧ ଜ୍ଞାନବାଦୀମାନେ ତାଙ୍କ ଶେଷ କଥା ଅଜସୁଦ୍ଧା କହିନାହାନ୍ତି । ସେମାନେ ନିଜ ଅଧିକାର କେବେ ଛାଡ଼ିବେନାହିଁ । ଯେଉଁ ମତବାଦ ବିଶୁଦ୍ଧ ଜ୍ଞାନର ଅକ୍ଷମତା ଘୋଷଣା କରୁଛନ୍ତି ସେ ବୈଜ୍ଞାନିକ-ଚିନ୍ତାର ପ୍ରବଳ ଆବେଗକୁ ବନ୍ଦକରି ପାରିବେନାହିଁ । ଅମେ ଦେଖୁଛୁଁ ଦର୍ଶନ ପରେ ଦର୍ଶନ କ୍ରମାଗତ ଅବିର୍ଭୂତ ହେଉଛି । ନିଷ୍ଫଳତାର ଅଶଙ୍କା ଥିଲେ ମଧ୍ୟ ପରିଣାମନିରପେକ୍ଷ ହୋଇ ସତ୍ୟର ନିଃସ୍ୱାର୍ଥ ଅନୁରାଗୀ ବୃନ୍ଦ ସତ୍ୟ ନିମନ୍ତେ ସତ୍ୟ ଅନୁସନ୍ଧାନରୁ କେବେ କ୍ଷାନ୍ତ ହେବେନାହିଁ । James ନିଜେ ସ୍ଥାନକରେ କହିଛନ୍ତି "ମାନସ-ସୃଷ୍ଟ ଅତାଦୃଶ୍ୟ ସିଦ୍ଧାନ୍ତଗୁଡ଼ିକ ( Utopias ) ମାନବ ଜ୍ଞାନର ମହତ୍ତମ ସାଧନା ।"

# ଶରତ

( ମେଘମଲ୍ଲାର )

ଶରତ ଅସିଛି ଅଜ ଦୋହଲା କାଇଁଶ-ବଣେ
ଶୁଭୁଛି ଶରମ-ଛୁଆଁ ଦରଫୁଟା-ବାଣୀ
ଫୁଲ-ଫୁଟା କାଶତଣ୍ଡି ଉହାଡ଼େ ଲୋଟୁଛି ତାର
ଶଣ-ଫୁଲ-ମକା ଧାଡ଼-ପଣନ୍ତର କାନି ।
ନିଜନ ଗହନ ମେଲେ ଦର-ଫୁଟା ଧାନ-ଫୁଲେ
ବାଜି ରହିଗଲା କାହା ଝିଙ୍କାରି ଝୁଣ୍ଟିଆ
ଦୋହଲା କାଇଁଶ ବଣେ ଶରତ ଅସିଛି ଅଜ
ବସୁଛି ଅଳସ-ଚକ୍ଷୁ ଜହ୍ନିଫୁଲଦିଅ ।
ଶରତ ଆଣିଛି ପରା ଚନ୍ଦ୍ରରୂପା ଥାଳ ଭରି
ଜୋସ୍ନା-ଦହି ଦହି ମେଘ-ପଣନ୍ତ ଘୋଡ଼ାଇ
ଦପା ପାଣି ଆରଶିରେ ପଦ୍ମ ଫୁଟା ବାହାନାରେ
ଶରମ-ଉକୁଟା ମୁହଁ ଦେଖିବାର ପାଇଁ ।
ଯାହାନ୍ତା ପବନ-ଝଡ଼ା ଗଙ୍ଗଶିଉଳରେ ପରା
ପାରି ରଖିଅଛି ଶେଯ ମଧୁଶଯ୍ୟା ପରି
ଦୋହଲା କାଇଁଶ-ବଣେ ଶରତ ଅସିଛି ଶୁଣି
ଏତେଦିନେ ଲାଜକୁଳ ନୂଆବହୂ ପରି ।

Digitized by srujanika@gmail.com

# ଇତିହାସର ଧାରା

ଶ୍ରୀ ହରିନାରାୟଣ ସିଂହ *

ଭୌତିକ ବିଜ୍ଞାନ ଯେପରି ପଦାର୍ଥର ( Matter ) ଅବିନଶ୍ୱରତା ପ୍ରଚାର କରେ, ଇତିହାସ ସେହିପରି ମାନବର କାର୍ଯ୍ୟକଳାପର ଅବିନଶ୍ୱରତା ପ୍ରଚାର କରେ । ଯେଉଁ ମହାନିୟମର ବଶବର୍ତ୍ତୀ ହୋଇ ସୂକ୍ଷ୍ମାତିସୂକ୍ଷ୍ମ ଧୂଳିକଣାଟିଏ ବିନଷ୍ଟ ହୁଏନା—ହୋଇଥାଏ କେବଳ ରୂପାନ୍ତର ମାତ୍ର, ସେହି ମହା ନିୟମର ପ୍ରେରଣାରେ ମାନବର ସମସ୍ତ ଆକାଂକ୍ଷା, ଉଦ୍ୟୋଗ ଓ ସାଧନାର ସମଷ୍ଟି କାଳର ଅତ୍ୟାଚାରକୁ ଅତିକ୍ରମ କରି ଶତ ଶତ ବାଧା-ବିପ୍ଳବ ଭିତର ଦେଇ ମନୁଷ୍ୟକୁ ଉତ୍ତରୋତ୍ତର ସୁଖ, ଉନ୍ନତି ଓ ଆତ୍ମାନୁଭୂତି ( Self realization ) ଆଡ଼କୁ ଘେନିଯାଏ । ଆଜି ଆମ୍ଭେମାନେ ଯାହା ଦେଖୁଅଛୁଁ, ଯାହା ହେତୁ ବିଂଶଶତାବ୍ଦୀର ମାନବ ଅନ୍ୟାନ୍ୟ ଶତାବ୍ଦୀର ମାନବମାନଙ୍କଠାରୁ ନିଜକୁ ଅତ୍ୟନ୍ତ ଉନ୍ନତ ଓ ସଭ୍ୟ ବୋଲି ମନେକରେ, ଯେଉଁ ଜ୍ଞାନ ନୀତି ଓ ତନ୍ତ୍ରର ଅଧିକାରୀ ହୋଇ ଆଜି ଆମ୍ଭମାନଙ୍କର ଗର୍ବର ସୀମା ରହିନାହିଁ, ତାହା କି କେବଳ ବିଂଶ ଶତାବ୍ଦୀର ମାନବର ଅଧ୍ୟବସାୟର ଫଳ ? ଆମ୍ଭେମାନେ କି ଏହାର କର୍ତ୍ତା ? ଆମ୍ଭେମାନେ ଏହାର ଅଧିକାରୀ ସତ୍ୟ । କିନ୍ତୁ ଏକାଧିପତି କର୍ତ୍ତା ନୋହୁଁ । ଏହି ବିଂଶ ଶତାବ୍ଦୀର ସଭ୍ୟତାର ଭିତ୍ତି ଯେଉଁ ସବୁ ସରଞ୍ଜାମ ଉପରେ ଅବସ୍ଥିତ ସେ ସବୁ ମନୁଷ୍ୟ ସୃଷ୍ଟିର ଆରମ୍ଭରୁ ଚାଲି-ଆସୁଛି । ମନୁଷ୍ୟ ଆଜି ଯାହାହେବାରୁ ଏତେ ଉନ୍ନତ, ତାହାର ସୂତ୍ରପାତ ହଜାର ହଜାର ବର୍ଷ ଆଗରୁ ହୋଇ ସାରିଛି; ହଜାର ହଜାର ବର୍ଷ ବ୍ୟାପୀ ତାହାର ବୃଦ୍ଧି ହୋଇ ଆସିଛି; ଆଜି ଆମ୍ଭେମାନେ ତାହାରି ଫଳ ଭୋଗ କରୁଅଛୁଁ । ଏହିପରି ପ୍ରତ୍ୟେକ ବିଷୟର ସୂତ୍ରମୟ ଧାରା ବାହକତା ମନୁଷ୍ୟ ଜୀବନର ସର୍ବତୋମୁଖୀ ବିକାଶ ସଙ୍ଗେ ସମ୍ମିଳିତ ହୋଇ ମାନବ ଇତିହାସକୁ ଏକ ବୈଚିତ୍ର୍ୟମୟ କଳେବର ପ୍ରଦାନ କରିଅଛି । ତାହାର ପ୍ରଥମ ଅଧ୍ୟାୟରେ ମାନବ ନଗ୍ନ, ବର୍ବର ଓ ହିଂସ୍ର ପଶୁପରି ରକ୍ତପାୟୀ, ମାଂସାଶୀ ଓ ଅରଣ୍ୟବାସୀ; ଶେଷଅଧ୍ୟାୟରେ ମାନବ ସୁନ୍ଦର ପରିଚ୍ଛଦଧାରୀ, ଜ୍ଞାନବାନ୍, ପରହିତବ୍ରତ, ଈଶ୍ୱରବାଦୀ ଓ ସଂଯମନିଷ୍ଠ । କି ପ୍ରକାଣ୍ଡ ପରିବର୍ତ୍ତନ ! କି ଆକାଶପାତାଳର ପ୍ରଭେଦ ! ଏକସମୟରେ ଯେଉଁ ମନୁଷ୍ୟ ଦନ୍ତନଖଦ୍ୱାରା ପରସ୍ପରକୁ ଆକ୍ରମଣ କରୁଥିଲା, ସେ ଆଜି ଜାତୀୟତା ଓ ବିଶ୍ୱପ୍ରେମର ଦୀକ୍ଷା ଘେନି ଆତ୍ମବଳି ଦେବାକୁ ଉଦ୍ୟତ ! ଯେଉଁ ମାନବ କ୍ରୁଦ୍ଧ ହେଲେ ଶତ୍ରୁର ହୃଦୟ ବିଦାରଣ କରି ଉଷ୍ଣ ରକ୍ତ ପାନ କରୁଥିଲା ସେ ଆଜି ପୃଥିବୀର ଅପର ପ୍ରାନ୍ତସ୍ଥ କୌଣସି ଅଦୃଷ୍ଟ ଓ ଅଜ୍ଞାତ ମାନବର ଦୁଃଖରେ ଦୁଃଖିତ ହୋଇ ନିଜର ସର୍ବସ୍ୱ ଦେବା ପାଇଁ ପ୍ରସ୍ତୁତ ! ଏହା କି ମନୁଷ୍ୟର ସାମାନ୍ୟ ପରିବର୍ତ୍ତନ ? ଏହି ଅଶ୍ଚର୍ଯ୍ୟ ପରିବର୍ତ୍ତନ ଗତ କ୍ରମବିକାଶର ଧାରା ବିଭିନ୍ନ ସମୟରେ ପୃଥିବୀର ବିଭିନ୍ନ ପ୍ରଦେଶରେ ପରିସ୍ଫୁଟ ହୋଇ ମାନବ ଜୀବନକୁ କିପରି ଭାବରେ ପ୍ରଭାବାନ୍ୱିତ କରିଅଛି, ତାହାହିଁ ଇତିହାସର ବିଷୟ ଅଟେ ।

ଅବହମାନ କାଳରୁ ଆଜଯାଏ ମନୁଷ୍ୟ କେତେ ଅନୁଭୂତି, କେତେ ଦୁଃଖ, କଷ୍ଟ, କେତେ ବିବାଦ ବିଦ୍ରୋହର ଭିତର ଦେଇ କାହିଁକି ଯେ ଅଗ୍ରସର ହୋଇ ଯାଇଛି କିଏ କହିପାରିବ ? ଏହି ବିଚିତ୍ର ଅଥଚ ବିରାଟ ଇତିହାସର ଧାରା କୁଆଡ଼ୁ ଆସି କୁଆଡ଼କୁ ବହିଯାଉଛି ଏହା ଚିନ୍ତାକରିବାର ବିଷୟ ନୁହେ କି ? କାହିଁ ସେ ନଗ୍ନ ବଳିଷ୍ଠ ମାନବ, ଯେ କେବଳ ସଂଘ-ପ୍ରବୃତ୍ତି (Pack instinct)ର ପ୍ରେରଣାରେ ଦଳବଦ୍ଧ ହୋଇ ରହିବାକୁ ଶିଖିଥିଲା ? ସେତେବେଳେ ତାକୁ ଅଗ୍ନି କିମ୍ବା ଅଗ୍ନିର ଉପଯୋଗୀତା ଜଣାନାହିଁ, ଇତର ପଶୁଙ୍କ ପରି ଜୀବିକା ନିର୍ବାହ କରେ । ପିତୃତ୍ୱ, ମାତୃତ୍ୱ, ଭ୍ରାତୃତ୍ୱ ଓ ଭଗିନୀତ୍ୱର ଧାର ସତ୍ୟ

* ଏତେ ଦିନଯାଏ ଲକ୍ଷ୍ମୀକାନ୍ତ କେଶରୀ, ଯେଉଁ ଉପନାମ ଦେଇ ଲେଖୁଥିଲେ, ତାହା ଆଜି ବାଧ୍ୟହୋଇ ତ୍ୟାଗକଲେ ।



Digitized by srujanika@gmail.com

ସେତେବେଳକୁ ଉଦ୍ରେକ ହୋଇନାହିଁ ଏହିପରି ଶତ-ଶତବର୍ଷ କଟିଗଲା; ମାନବ ପୁଣି ପଦେ ଅଗ୍ରସର ହେଲା କ୍ରମଶଃ ପଶୁସୃଷ୍ଟି ଉପରେ ନିଜର ପ୍ରାଧାନ୍ୟ ସ୍ଥାପନ କଲା; ଅଗ୍ନିର ପ୍ରୟୋଗ ଏବଂ ପଶୁସୃଷ୍ଟି ଉପରେ ନିଜର ପ୍ରଭୁପଣ 'କାଏମ' ରଖିବାପାଇଁ ଅସ୍ତ୍ରଶସ୍ତ୍ରର ଉଦ୍ଭାବନ ମଧ୍ୟ କରିବାକୁ ଲଗିଲା । ତାହାଉପରେ କ୍ରମଶଃ ଗାର୍ହସ୍ଥ୍ୟ ଜୀବନର ସୂତ୍ରପାତ, ସନ୍ତାନର ଉପଯୋଗିତାର ଉପଲବ୍ଧି ଏବଂ ଶେଷରେ Tribe ବା ଜାତିର ସୃଷ୍ଟି । ଏ ସମୟରେ ଜୀବିତ ପଶୁଜାତିଇ ତାହାର ଜୀବିକା ନିର୍ବାହର ଉପାୟ ସେଥିପାଇଁ ସେତେବେଳେ ସେ ପଶୁଗ୍ରହଣ ଓ ପାଳନରେ ନିଯୁକ୍ତ । କ୍ରମଶଃ ଲଙ୍ଗଳର ଉଦ୍ଭାବନ, କୃଷିର ଆରମ୍ଭ, କୃଷିଜୀବନର ଆରମ୍ଭ ସଙ୍ଗେ ସଙ୍ଗେ ଗ୍ରାମ ନଗର ଓ ରାଜ୍ୟର ସୃଷ୍ଟି, ରାଜ୍ୟ ବଢ଼ି ସାମ୍ରାଜ୍ୟରେ, ସାମ୍ରାଜ୍ୟ ବଢ଼ି ବିଶ୍ୱ-ସାମ୍ରାଜ୍ୟରେ ଏବଂ ଗ୍ରାମ୍ୟ କୁଟୁମ୍ବିତା ବଢ଼ି ବିଶ୍ୱ—କୁଟୁମ୍ବିତାରେ ପରିଣତ ହେବାର ଉପକ୍ରମ ସଙ୍ଗେ ସଙ୍ଗେ ଭୌତିକ ପ୍ରକୃତିର ତତ୍ତ୍ୱାନ୍ୱେଷଣ ଏବଂ ତାହାଉପରେ ନିଜର ପ୍ରଭୁତ୍ୱ ସ୍ଥାପନ । ଏହି ବିରାଟ ବିବର୍ତ୍ତନ ମାନବର ଉନ୍ନତିର ଗୋଟିଏ ଅଂଶମାତ୍ର – ଗୋଟିଏ ପ୍ରବୃତ୍ତିର କାର୍ଯ୍ୟକଳାପ ମାତ୍ର ଯେଉଁ ଉଲ୍ଲିଖିତ Pack-instinct ବା ସଙ୍ଘବୃତ୍ତି ପଶୁପକ୍ଷୀ ଦଳପରି ନରମାନଙ୍କର ଦଳସୃଷ୍ଟିର କାରଣ ହୋଇଥିଲା ତାହା ପୁଣି ନାନା ଅନୁଭୂତିର ମଧ୍ୟ ଦେଇ ସୁମାର୍ଜିତ ହୋଇ ଆଜି ବିଂଶ ଶତାବ୍ଦୀର Internationalism, Brotherhood of nations ବା ବିଶ୍ୱରାଷ୍ଟ୍ରୀୟତା ଓ ବିଶ୍ୱ ସଙ୍ଘର ଉଦ୍ଦେଶ୍ୟରେ ଅଗ୍ରସର ହେଉଅଛି । ମାନବ ପ୍ରତିଭାର କି ମଧୁର ବିକାଶ ! ଏହି କ୍ରମବିକାଶର ଶିରୋମଣି ଆଧୁନିକ ନରନାରୀ ଯେତେବେଳେ ଭୌତିକ ପ୍ରକୃତିର ଅଚିନ୍ତନୀୟ ଶକ୍ତି ପ୍ରୟୋଗରେ ନଦୀ ପର୍ବତ, ଝଡ଼ ବର୍ଷା, ହିମ ଅଗ୍ନି, ଦୂରତ୍ୱ ଏବଂ ନିକଟତ୍ୱର ପ୍ରଭାବକୁ ତିରସ୍କାର କରି ଜଳ, ସ୍ଥଳ, ଆକାଶ ଓ ପାତାଳରେ ସ୍ୱଚ୍ଛନ୍ଦରେ ବିଚରଣ କରନ୍ତି ସେତେବେଳେ ନିଜର ପୂର୍ବଜମାନଙ୍କର ନିଃସହାୟ ଦୁରବସ୍ଥା ସ୍ମରଣ କରି କିଏ ଆନନ୍ଦ ଓ ଗର୍ବରେ ଫୁଲି ଉଠିବନାହିଁ ?

କିନ୍ତୁ ପୂର୍ବରୁ କହିଅଛୁଁ ବିଂଶ ଶତାବ୍ଦୀର ମାନବ ବିଂଶ ଶତାବ୍ଦୀର ସଭ୍ୟତାର ସ୍ରଷ୍ଟା ନୁହେ । ଏହା ପୂର୍ବରୁ କୋଟି କୋଟି ନରନାରୀ ନିଜ ହୃଦୟର ରକ୍ତଦେଇ ନାନା କୌଶଳ୍ୟ ଓ ବିପତ୍ତିପାତ ସହନକରି ଏହାକୁ ଗଢ଼ିଯାଇ ଅଛନ୍ତି । ଏହି ବିଶ୍ୱରାଷ୍ଟ୍ରୀୟତାର ଉଦାତ୍ତପ୍ରବାହରେ ବିଭିନ୍ନ ସମୟରେ ବିଭିନ୍ନ ଦେଶର ଜାତୀୟ ସଭ୍ୟତାର ଶତ ଶତ ସ୍ରୋତସ୍ୱିନୀ ସମ୍ମିଳିତ ହୋଇଅଛି । ଶତ ଶତ ରାଜ୍ୟ ଓ ସାମ୍ରାଜ୍ୟର ଶତ ଶତ ସଭ୍ୟତା ଓ ରାଷ୍ଟ୍ରୀୟତାର ଉତ୍ଥାନ ପତନର ଉପକରଣରେ ଆଜି ଏହି ବିଂଶ ଶତାବ୍ଦୀର ବିଶ୍ୱସଭ୍ୟତାର ଅଙ୍ଗ ପରିପୁଷ୍ଟ ହେଉଅଛି । ମିସର ଓ ବେବିଲନ୍ ଏସିରିୟା ଓ ପାରସ୍ୟ, ଚୀନ ଓ ଭାରତ, ଗ୍ରୀସ ଓ ରୋମ ପ୍ରାଚ୍ୟ ଓ ପାଶ୍ଚାତ୍ୟର ରାଷ୍ଟ୍ରୀୟତା ଓ ସଭ୍ୟତାର ବିପୁଳ ଉପାଦାନ ଉପରେ ଏହି ବିଶ୍ୱରାଷ୍ଟ୍ରୀୟତା ଓ ବିଶ୍ୱ ପ୍ରେମର ମୂଳଭିତ୍ତି ସନ୍ନିବେଶିତ ହୋଇଅଛି ।

ଏହା ମଧ୍ୟ କମ ଆଶ୍ଚର୍ଯ୍ୟର କଥା ନୁହେ । କାହିଁ ମରୁ ଓ ସମୁଦ୍ର ବେଷ୍ଟିତ ମିସର, କାହିଁ ଦୁର୍ଲଙ୍ଘ୍ୟ ପର୍ବତ ଓ ସମୁଦ୍ର ମେଖଳା ଚୀନ ଓ ଭାରତ ! କାହିଁ ଗ୍ରୀସ ଓ ରୋମ, କାହିଁ ଶତ ଶତ ନଦୀ, ଉପତ୍ୟକା ଓ ଅଧିତ୍ୟକା ବ୍ୟବହିତ ଏସିରିୟା, ବେବିଲନ ଓ ପାରସ୍ୟ ! ପୁଣି କାହିଁ ଏହିସବୁ ସୁଦୂର ଦେଶ ବିଦେଶ, କାହିଁ ପୁଣି ୟୁରୋପ ! କାହିଁ ମେମ୍ଫିସ୍ ( ମିସରର ରାଜଧାନୀ ) କାହିଁ ବେବିଲନ ଓ ନେନେଭା (ଏସିରିୟାର ରାଜଧାନୀ) କାହିଁ ସୁସା (ପାରସ୍ୟର ରାଜଧାନୀ ) ଓ ଦିଲ୍ଲୀ କାହିଁ ଏଥେନ୍ସ ଓ ରୋମ ! ଏହି ଯେ ସହସ୍ର ସହସ୍ର ଯୋଜନ ଦୂରରେ ସମୁଦ୍ର ନଦୀ ଓ ପର୍ବତ ଉହାଡ଼ରେ ରହି ବିଭିନ୍ନ ଜାତି ବିଭିନ୍ନ ଭାବରେ ଜୀବନ ଅତିବାହିତ କରିଯାଇଅଛନ୍ତି ଏବଂ ବିଭିନ୍ନ ସମ୍ରାଜ୍ୟ ଓ ସଭ୍ୟତାର ସୂତ୍ରପାତ କରି ଯାଇଅଛନ୍ତି ସେମାନେ ପରସ୍ପରକୁ କିପରି ସାହାଯ୍ୟ କରିଥିବେ, କିପରି ପ୍ରଭାବାନ୍ୱିତ କରିଥିବେ ଏବଂ ତାହାରି ଫଳରେ ଏହି ଆଧୁନିକ ସଭ୍ୟତାର କଳେବର କିପରି ଗଠିତ ହୋଇଥିବ ଏହା ଆଶ୍ଚର୍ଯ୍ୟଜନକ ନୁହେଁକି ?

ଆଗରୁ କହୁଅଛୁଁ ଯେ—ବସ୍ତୁର ସତ୍ତା ବିନଷ୍ଟ ହୁଏ ନା, ଏବଂ ଭୌତିକ ସୃଷ୍ଟିରେ ଯାହା ସତ୍ୟ ମାନବର ଚିନ୍ତା ଓ କାର୍ଯ୍ୟ ଜଗତରେ ତାହା କମ ସତ୍ୟ ନୁହେ । ମାନବର ଚିନ୍ତା ଓ କାର୍ଯ୍ୟକଳାପ, ମାନବର ବହୁଯୁଗର ସାଧନା କେବେହେଁ ନଷ୍ଟ ହୁଏ ନାହିଁ । ନଷ୍ଟ ହୁଏ ସେଇଆ ଯାହା

Digitized by srujanika@gmail.com

ଭେଲ, ଖାଁଟି ନୁହେ । ନାମ ବା ରୂପର ନାଶ ହୋଇଥାଏ; ବାକି ଶତ ଶତ ନଦୀ ପର୍ବତର ବାଧା ନମାନି ପରସ୍ପର ସମ୍ମିଳିତ ହୁଏ । ଯେଉଁ କେନ୍ଦ୍ରାଭିମୁଖିନୀ (centripetal) ଏବଂ କେନ୍ଦ୍ରାପସାରିଣୀ (centrifugal) ଶକ୍ତି ଭୌତିକ ଜଗତର ସୃଷ୍ଟିର ମୂଳରେ ବିଦ୍ୟମାନ, ତାହା ମଧ୍ୟ ମାନବ ଜଗତରେ ପ୍ରତ୍ୟେକ ସଭ୍ୟତାର ଉତ୍ଥାନ ଓ ପତନର କାରଣ ଅଟେ । ଏହି ଶକ୍ତିର କାର୍ଯ୍ୟ ହେତୁରୁ ବିଭିନ୍ନ ଦେଶର ସଭ୍ୟତାର ଧାରା ବିଭିନ୍ନ ରୂପ ଧାରଣ କରି ବିଭିନ୍ନ ଜାତିକୁ ଅଘାତ ଏବଂ ଆଲିଙ୍ଗନ କରେ । ସେହି ଅଘାତ ଓ ଆଲିଙ୍ଗନ ସଂଘର୍ଷ ଓ ସୌହାର୍ଦ୍ଦ୍ୟ ଫଳରେ ବିଶ୍ୱ ମାନବର ଏକ ନୂତନ ସମ୍ପଦର ସୃଷ୍ଟି ହୁଏ । ତାହାର ବେଗ କେହି ରୁଦ୍ଧ କରି ପାରେ ନାହିଁ । ଆମ୍ଭେମାନେ ନିଜର ଧନସମ୍ପତ୍ତିକୁ ଲୌହ ସିନ୍ଦୁକର ଅନ୍ତରାଳରେ ରଖିବାପାଇଁ ଯେପରି ଗନ୍ଧାଗାର ( ଗୁପ୍ତଗୃହ ) ଆଦି ନିର୍ମାଣ କରିଥାଉଁ କୌଣସି ସଭ୍ୟଜାତି ନିଜର ସଭ୍ୟତାକୁ ସେହିପରି କୃତ୍ରିମ ଉପାୟରେ ଆବଦ୍ଧ କରି ରଖିବାର ଚେଷ୍ଟା କରେନାହିଁ, କଲେ ମଧ୍ୟ ରଖିପାରେ ନାହିଁ । ତାହା ଖାଲି ସେହି ଜାତି ବିଶେଷର ସମ୍ପତ୍ତି ନୁହେଁ, ବିଶ୍ୱମାନବର ସମ୍ପତ୍ତି ଅଟେ । ନାନା ବ୍ୟବଧାନର ସୀମାକୁ ଲଙ୍ଘନ କରି ତାହା ଚାରିଆଡ଼େ ବ୍ୟାପିଯାଏ । ସେଥିପାଇଁ ସଭ୍ୟତା static ବା ସ୍ଥିତିଶୀଳ ନୁହେଁ, dynamic ବା ଗତିଶୀଳ ଅଟେ, ସେଥିପାଇଁ ମାନବ ଜୀବନ ବର୍ଦ୍ଧନଶୀଳ ଅଟେ । ସେଥିପାଇଁ ଏହାର ପଦେ ପଦେ ପରିବର୍ତ୍ତନ । ଏହି ପରିବର୍ତ୍ତନର ଧାରା କିପରି ଭିନ୍ନ ଭିନ୍ନ ସଭ୍ୟତାର ଉତ୍ଥାନ ଓ ପତନର ପଥରେ ଅଗ୍ରସର ହୋଇଅଛି ତାହା ସଂକ୍ଷେପରେ ପର୍ଯ୍ୟାଲୋଚନା କଲେ ଉଲ୍ଲିଖିତ ବିଷୟର ଯଥାର୍ଥତା ପ୍ରତିପାଦିତ ହେବ ।

ଇତିହାସର ଘନ କୁହେଳିକା ଭେଦକରି ଯେଉଁ ଦେଶ ପ୍ରଥମେ ଆମ୍ଭମାନଙ୍କର ଦୃଷ୍ଟି ଗୋଚର ହୁଏ ତାହା Bible ବାଇବେଲ୍‌ବର୍ଣ୍ଣିତ ଏଡେମ୍ ଓ ଇଭଙ୍କର ଦେଶ, ଇଡ଼େନ୍ ଉଦ୍ୟାନର ଦେଶ । ଏହି ଦେଶରେ ମେସୋପୋଟେମିଆ ବା ଦୁଇ ନଦୀର ବଂକହିତ ଦେଶରେ ବର୍ତ୍ତମାନ ଦୁଇଟି ପ୍ରକାଣ୍ଡ ସଭ୍ୟତା ଓ ଶକ୍ତିଶାଳୀ ସାମ୍ରାଜ୍ୟର ଧ୍ୱଂସାବଶେଷ ବିଦ୍ୟମାନ—ତୋଟିକର ନାମ ବେବିଲୋନିଆ, ଅନ୍ୟଟିର ଏସିରିଆ । ପ୍ରାୟ ୬୦୦୦ ବର୍ଷପୂର୍ବେ ଅକ୍କାଡ୍ ( Akkad ) ର ଅଧିପତି ସାର୍ଗନ ପ୍ରଥମ ବେବିଲନ୍ ମହାନଗରର ମୂଳଭିତ୍ତି ସ୍ଥାପନ କରିଥିଲେ । ତାହାପରେ ବେବିଲନ୍ କ୍ରମଶଃ ଶକ୍ତିଶାଳୀ ହୋଇ ସମଗ୍ର ମେସୋପୋଟେମିଆରେ ରାଜ୍ୟ ବିସ୍ତାର କଲା । ବେବିଲନ୍‌ର ଶ୍ରୀବୃଦ୍ଧି ହେବାକୁ ଲାଗିଲା । ରାଜା ପରେ ରାଜା ଶତ ଶତ ବର୍ଷବ୍ୟାପୀ ରାଜ୍ୟ ପାଳନ କରିବାକୁ ଲାଗିଲେ । କାଳର ବିପୁଳ ପ୍ରବାହରେ ଶତ ଶତ ଯୁଗ କୁଆଡ଼େ ଭାସିଗଲା । ତାହାପରେ ସେହି ଶତ ଶତ ଯୁଗର ବିରାଟ ଆୟୋଜନକୁ ମଣ୍ଡିତ କରି ଉଠିଲା ବେବିଲନର ପ୍ରକାଣ୍ଡ ସାମ୍ରାଜ୍ୟ ଯାହାର ପୂର୍ବ ସୀମାନ୍ତରେ ହିମାବୃତ ହିନ୍ଦୁକୁଶ ଏବଂ ପଶ୍ଚିମ ସୀମାନ୍ତରେ ସୁନୀଳସାଗରବାହିନୀ ନୀଳ ( Nile ) ନଦୀ । ବାଣିଜ୍ୟ ଓ କୃଷିର ବିସ୍ତାର ସଙ୍ଗେ ଅର୍ଥନୀତି ଓ ଦଣ୍ଡନୀତି ଚରମୋନ୍ନତି ଲାଭ କଲା । ଯେଉଁ ହେମୁରବିଙ୍କର "ଅକ୍ଷୟ ଅକ୍ଷରେ" ଖୋଦିତ ଦଣ୍ଡ ନୀତି ସମ୍ମୁଖରେ ଆଜି ବିଂଶ ଶତାବ୍ଦୀର ରାଜନୀତିବିଶାରଦ ନେତା ଓ ଶାସକମାନେ ସ୍ତମ୍ଭୀଭୂତ ହୋଇ ଛିଡ଼ା ହୋଇ ରହନ୍ତି ସେହି ହେମୁରବି ଆଜଠାରୁ ୪୦୦୦ ବର୍ଷ ପୂର୍ବେ ବେବିଲନରେ ରାଜତ୍ୱ କରୁଥିଲେ । ଅସିୟା ଓ ୟୁରୋପର ବାଣିଜ୍ୟ ଧାରା ଏହି ବେବିଲନ ପଥରେ ବହି ଯାଉଥିଲା । ସ୍ୱର୍ଣ୍ଣପ୍ରସୂ ଭାରତର ମହାର୍ଘ ସମ୍ପତ୍ତି, କର୍ମରତ ଚୀନର କୋମଳ ରେଶମ, ସିଂହଳର ହସ୍ତୀଦନ୍ତ, ମିସରର ମୁକ୍ତା, ବଲ୍‌ଖ୍ ( Balkh ) ଓ ବଦାଖ୍‌ସାନ୍ (Badakshan) ର ହୀରା ଓ ପନ୍ନା ବେବିଲନର ଶିରୀ ସୁଶୋଭିତ କରୁଥିଲା । ତାହାପରେ ଭାଗ୍ୟଚକ୍ର ପରିବର୍ତ୍ତିତ ହେଲା । ଅଧୀନସ୍ଥ ଏସିରିଆ ବିଦ୍ରୋହୀ ହୋଇ ବେବିଲନ୍ ଧ୍ୱଂସ କଲା । ବେବିଲନର ସମୃଦ୍ଧି ନିନେଭ ( Nineveh )କୁ ବହିଗଲା । ସେ ପୁଣି ସଂସାରର ଇତିହାସରେ ଗୋଟିଏ ବିଚିତ୍ର ଯୁଗ । ବେବିଲନୀୟ ସାମ୍ରାଜ୍ୟର ଧ୍ୱଂସାବଶେଷ ଉପରେ ଏସିରିୟ ସାମ୍ରାଜ୍ୟର ମୂଳଭିତ୍ତି ସ୍ଥାପିତ ହେଲା । ଏସିରିଆ ନାମରେ ସମସାମୟିକ ସଭ୍ୟଜାତିମାନେ ଭୟତ୍ରସ୍ତ ହେଉଥିଲେ । ଶାରୀରିକ ବଳରେ ମହାବଳୀ ଏସିରିୟମାନେ ଧରାକୁ ସରା ଜ୍ଞାନ କରୁଥିଲେ । ମନୁଷ୍ୟମାନଙ୍କୁ ଦାସ ଦୃଷ୍ଟିରେ ଦେଖୁଥିଲେ । ଶକ୍ତିର ପରାକାଷ୍ଠା ଏବଂ ଅପବ୍ୟବହାର

Digitized by srujanika@gmail.com

ହେତୁ ଏସିରିୟାର ମଧ୍ୟ ପତନ ଆରମ୍ଭ ହେଲା । ଏସିରିୟାର ପତନ ବେଳକୁ ପୁଣି ବେବିଲନରେ ଏକ ନୂତନ ଜାଗ୍ରତିର ଆରମ୍ଭହେଲା । ବେବିଲୋନୀୟ ସାମ୍ରାଜ୍ୟର ପୁନରୁତ୍ଥାନ ସଂସାରର ଇତିହାସରେ ଗୋଟିଏ ଅଭିନବ ବ୍ୟାପାର ଅଟେ । ଏପରି ଧନରତ୍ନର ସମଷ୍ଟି ଶିଳ୍ପ ଓ ବିଜ୍ଞାନର ଏପରି ବିକାଶ ଏବଂ ଶକ୍ତିର ଏପରି ପ୍ରବଳତା ଅନ୍ୟ କାଉର ଇତିହାସରେ ଲକ୍ଷିତ ହୋଇନାହିଁ । ଯେଉଁ ବେବିଲନର Hanging gardens ବା ଦୋଦୁଲ୍ୟମାନ ଉଦ୍ୟାନ, ବେବେଲର ଚନ୍ଦ୍ରଶାଳା (Tower of Babel) ପ୍ରଶସ୍ତ ବିହାରଭୂମି, ପ୍ରକାଣ୍ଡ ବିଗୁଣିତ ପ୍ରାକାର, ପିତ୍ତଳର ଅସଂଖ୍ୟ ସିଂହଦୁଆର, [illegible]ଲ, ମଣି ମୁକ୍ତା ଓ ରେସମର ବିପଣି ୟୁଫ୍ରେଟିସ ନଦୀର ଶୁଭ୍ରକଳେବର ଭେଦୀ ଶତ୨ ଜେଟି, ସପ୍ତତଳ ରାଜପ୍ରାସାଦ ଓ କାରୁକାର୍ଯ୍ୟ ଖଚିତ ପ୍ରକାଣ୍ଡ ସ୍ତମ୍ଭମାଳା ତତ୍କାଳୀନ ସଭ୍ୟ ଜଗତର ଆଶ୍ଚର୍ଯ୍ୟ ଓ ଆନନ୍ଦ ଉଦ୍ରେକ କରୁଥିଲା ତାହା ପ୍ରାୟ ଶତବର୍ଷବ୍ୟାପୀ ଏହି ପୁନରୁତ୍ଥାନ ଯୁଗର କାର୍ଯ୍ୟ ଅଟେ । କିନ୍ତୁ ଏଡ଼େ ଉଚ୍ଚ ସଭ୍ୟତାର ଅଧିକାରୀ ବେବିଲନ ମନୁଷ୍ୟକୁ ମନୁଷ୍ୟ ବୋଲି ଚିହ୍ନି ନ ଥିଲା । ଯେଉଁ ସମୃଦ୍ଧି ଦେଖି ତତ୍କାଳୀନ ପରିବ୍ରାଜକମାନେ ମୁଗ୍ଧ ହେଉଥିଲେ ଏବଂ ଯେଉଁ ପ୍ରବଳ ରାଜ୍ୟଶକ୍ତି ସମ୍ମୁଖରେ ସମଗ୍ର ସଭ୍ୟସଂସାର କମ୍ପିତ ହେଉଥିଲା ସେହି ସମୃଦ୍ଧି ଓ ରାଜଶକ୍ତିର ମୂଳରେ ଥିଲା ଘୃଣ୍ୟ ଦାସତ୍ୱ ପ୍ରଥା; ଯେଉଁ ବେବିଲନର ପ୍ରଶସ୍ତ ଓ ସୁନ୍ଦର ବିପଣିରେ ଆସିୟା ଓ ୟୁରୋପର ଧନରତ୍ନ, ଶସ୍ୟ ସମ୍ଭାର ଏକତ୍ରିତ ହେଉଥିଲା ସେହି ବିପଣିରେ ଗୋଟିଏ ଦାସର ଦାମ ଥିଲା ଟ ୨୦ ଙ୍କା ଏବଂ ଦାସୀର ଟ ୯ ଙ୍କା ମାତ୍ର । ମନୁଷ୍ୟତ୍ୱର ଏତେ ନିରାଦର ଭଗବାନ୍ ସହିପାରନ୍ତି ନାହିଁ । ମୁଷ୍ଟିମେୟ ଏମେଲୁ ( ସମ୍ଭ୍ରାନ୍ତ ) ଓ ମସ୍କେନୁ ( ମଧ୍ୟବିତ୍ତ ) ମାନେ ଅଗଣିତ ଅର୍ଦୁ ( ଦାସ ) ଙ୍କର ହାଡଭଙ୍ଗା ପରିଶ୍ରମରୁ ଉପାର୍ଜିତ ଧନସମ୍ପତ୍ତି ଦ୍ୱାରା ସୁଖ ସ୍ୱଚ୍ଛନ୍ଦ, ଆରାମ ଆମୋଦରେ ଦିନପାତ କରିବେ ଏହା ପ୍ରକୃତିର ନିୟମ ନୁହେ । ସେଥିପାଇଁ ବେବିଲନର ପତନ ।

ବେବିଲନର ସମସାମୟିକ ସଭ୍ୟତା, ପଶ୍ଚିମରେ ମିସରୀୟ ଓ ପୂର୍ବରେ ଦ୍ରାବିଡ଼ୀୟ(Dravidian)ସଭ୍ୟତା ଅଟେ । ଏହି ଦୁଇ ସଭ୍ୟତା ସଙ୍ଗେ ବେବିଲୋନୀୟ ସଭ୍ୟତାର ଘନିଷ୍ଠ ସମ୍ବନ୍ଧ ଥିଲା । ଶୁଣାଯାଏ ଶିଳ୍ପୋପଯୋଗୀ ପଥରର ଖଣି ଖୋଜୁଁ ୨ ଆରବ୍ ମରୁଭୂମିରେ ହଠାତ୍ ମିସରୀୟମାନଙ୍କର ବେବିଲୋନୀୟଙ୍କ ସଙ୍ଗେ ସାକ୍ଷାତ୍ ହୁଏ । ବେବିଲୋନୀୟମାନେ ମଧ୍ୟ ସେହି ଉଦ୍ଦେଶ୍ୟରେ ଆରବ ମରୁଭୂମିରେ ଭ୍ରମଣ କରୁଥିଲେ । ତାହା ପରେ ଶତ ଶତ ବର୍ଷ ଉଭୟ ରାଷ୍ଟ୍ର ଭିତରେ ପ୍ରତିଯୋଗିତା ଲାଗି ରହିଥିଲା । ମିସରରେ ମଧ୍ୟ ଏହି ସମୟରେ ଗୋଟିଏ ନବଯୁଗର ସୃଷ୍ଟି ହୋଇଥିଲା । ଚତୁର୍ଥ ରାଜବଂଶର ରାଜତ୍ୱକାଳରେ ନୀଳନଦୀର ଉପତ୍ୟକା ଭୂମି ଅତିକାୟ ପିରାମିଡ଼ମାଳାରେ ବିଭୂଷିତ ହେଲା । ସିଅପ୍ସ ( cheops ) ସେଫ୍ରେ ( chephren) ଏବଂ ମିସେରିନସ୍ ( mycerinus ଯଥାକ୍ରମେ ପୃଥିବୀର ୧ମ, ୨ୟ ଓ ୩ୟ ବୃହତ୍ତମ ସୌଧସ୍ତୂପ ବା ପିରାମିଡ଼ର ନିର୍ମାଣକର୍ତ୍ତା ଅଟନ୍ତି । ଏ ଗୁଡ଼ିକ ଗୋଟିଏ ସଂସାରର ଆଶ୍ଚର୍ଯ୍ୟଜନକ ବସ୍ତୁ ( wonders of the world) ଅଟନ୍ତି । କେବଳ ଏହି ପିରାମିଡ ନିର୍ମାଣ ବ୍ୟାପାରରୁ ମିସରୀୟ ଶିଳ୍ପର ଉନ୍ନତି ସହଜରେ ଅନୁମିତ ହୋଇପାରେ । ଯାହା ଆଜିକାଲିକାର ବିଚକ୍ଷଣ ଇଞ୍ଜିନିୟରମାନଙ୍କର ଟେଁ ଚନାକରି ଦେଉଥାଏ ତାହା ଆଜଠାରୁ ଅନ୍ୟୂନ ୪୦୦୦ ବର୍ଷ ପୂର୍ବେ ନିର୍ମିତ ହୋଇଥିଲା । ତାହା ପରେ—ପ୍ରାୟ ୭୦୦ ବର୍ଷ ପରେ—ଆଉ ଗୋଟିଏ ନବଯୁଗର ଆରମ୍ଭ ହୁଏ । ସେତେବେଳେ ଅଷ୍ଟାଦଶ ଓ ଊନବିଂଶ ରାଜବଂଶର ରାଜତ୍ୱକାଳ । ସେ ସମୟରେ ନୀଳ ନଦୀର ଉର୍ବର ଉପତ୍ୟକାରୁ ପ୍ରଚୁର ଶସ୍ୟୋତ୍ପାଦନ ପାଇଁ ପ୍ରକାଣ୍ଡ ବନ୍ଧମାନ ନିର୍ମିତ ହୋଇ ତହିଁରୁ ଶତ ଶତ କେନାଲ ବା ପୟଃପ୍ରଣାଳୀମାନ ମିସରର ଅଙ୍ଗକୁ 'ସୁଜଳା, ସୁଫଳା ଓ ଶସ୍ୟଶ୍ୟାମଳା' କରିବାକୁ ଲାଗିଲା କଳା ଓ ବିଜ୍ଞାନରେ ମିସରର ଗୌରବ ବୃଦ୍ଧି ହେବାକୁ ଲାଗିଲା । ମିସରୀୟ ସାମ୍ରାଜ୍ୟ ବେବିଲୋନୀୟ ସାମ୍ରାଜ୍ୟର ସ୍ଥାନ ଗ୍ରହଣ କଲା । ତାହା ପରେ, ଷଡ଼ବିଂଶ ରାଜବଂଶର ରାଜତ୍ୱକାଳରେ ଗ୍ରୀକ୍ ଓ ବ୍ରିଟନମାନେ ଆମନ୍ତ୍ରିତ ହୋଇ ମିସରରେ ବସବାସ କରିବାକୁ ଲାଗିଲେ। ସେମାନଙ୍କର ନୌ-କୁଶଳତା ହେତୁରୁ ନୌବିଭାଗରେ ନିଯୁକ୍ତ ହୋଇଥିଲେ ଏବଂ ଭାସ୍କୋଡ଼ାଗାମାଙ୍କର (Vasco-da-gama) ଅନ୍ତତଃ ୨୦୦୦ ବର୍ଷ

Digitized by srujanika@gmail.com

ପୂର୍ବରୁ ରାଜାଜ୍ଞାରେ ଆଫ୍ରିକା ପ୍ରଦକ୍ଷିଣ କରି ଆସିଥିଲେ। ମିସରରୁ ଆଲୋକ ରେଖା ବକ୍ରୀଭୂତ ହୋଇ ସମଗ୍ର ଇଜିପ୍ସିଆନ ଦ୍ୱୀପମାଳା ଓ ଚଲ୍ଡିଆନ ଉପଦ୍ୱୀପକୁ ଆଲୋକିତ କରିଥିଲା। କିନ୍ତୁ କ୍ରମଶଃ ମିସର ନାନାପ୍ରକାର ଅଭ୍ୟନ୍ତରିକ ବିଦ୍ରୋହ ଓ ବିପ୍ଳବରେ ଜର୍ଜରିତ ହୋଇ ପୂର୍ବ ସମୃଦ୍ଧି ହରାଇବାକୁ ଲାଗିଲା। ସମାଜରେ ବିଳାସିତା ଓ ଆଳସ୍ୟ ପ୍ରବେଶ କରି ଶାରୀରିକ ଓ ମାନସିକ ବଳକ୍ଷୟ କଲା। ଫଳତଃ ବାହ୍ୟ ଶତ୍ରୁମାନେ ଆକ୍ରମଣ କରିବାକୁ ଲାଗିଲେ ଏବଂ ଶେଷରେ ମିସର ପରପଦାନତ ହୋଇ ନିଜର ସ୍ୱାଧୀନତା ଜଳାଞ୍ଜଳି ଦେଲା।

ଯେତେବେଳେ ପୂର୍ବରେ ବେବିଲନ୍ ଓ ପଶ୍ଚିମରେ ମିସରର ଗୌରବ ରବି ଅସ୍ତମିତ ପ୍ରାୟ ସେତେବେଳେ ପାରସ୍ୟ ଓ ଭାରତରେ ସଭ୍ୟତାର ପୂର୍ଣ୍ଣ ବିକାଶ ହୋଇ ସାରିଛି। ନିତ୍ୟନୈମିତ୍ତିକ କ୍ରିୟାଠାରୁ ଆରମ୍ଭ କରି ଗୀତଗୀତ ଓ ଦେବ ଦେବୀଙ୍କର ପୂଜାଅର୍ଚ୍ଚନା ଆଦି ବିଷୟରେ ଆଜି ଭାରତୀୟ ପାର୍ସି ଓ ହିନ୍ଦୁଙ୍କ ଭିତରେ ଯେଉଁ ସାଦୃଶ୍ୟ ଲକ୍ଷିତ ହୁଏ ତାହାର କାରଣ ଆଜିଠାରୁ ଅନ୍ତତଃ ୪ ୦୦୦ ବର୍ଷ ପୂର୍ବର ଉଭୟ ଜାତିର ଇତିହାସରେ ଖୋଜିବାକୁ ହେବ। ଆଜି ପାର୍ସି ଓ ହିନ୍ଦୁ ଯେଉଁ ସୂର୍ଯ୍ୟଙ୍କୁ ଉପାସନା କରନ୍ତି, ଯେଉଁ ହୋମ କରନ୍ତି, ଯେଉଁ ଉପବୀତ ଧାରଣ କରନ୍ତି ଏବଂ ଏହି ଅନ୍ତରଙ୍ଗ ଐକ୍ୟକୁ ଆଚ୍ଛାଦିତ କରି ଆଜି ଯେଉଁ ବାହ୍ୟ ବିଭିନ୍ନତା ବଦ୍ଧମୂଳ ହୋଇଅଛି ତାହାର ବୀଜ ପ୍ରଥମେ ବେଦ ଓ ଜନ୍ଦାବାସ୍ତାରେ ରୋପିତ ହୋଇଥିଲା। ତାହା ପୂର୍ବରୁ ଭାରତୀୟ ଆର୍ଯ୍ୟମାନେ ଇରାନୀୟ ଆର୍ଯ୍ୟଙ୍କ ଠାରୁ ବିଚ୍ଛେଦ ହୋଇ ଯାଇଥିଲେ। ଏହି ବିଚ୍ଛେଦର ଅନତିକାଳ ଅନ୍ତେ ଦୁଇ ନୂତନ ସଭ୍ୟତାର ଧାରା ଦୁଇ ଦିଗରେ ପ୍ରବାହିତ ହେଲା। ପାରସିକ ଆର୍ଯ୍ୟ ଏସିରିୟା ଓ ବେବିଲୋନିଅର ସାମ୍ରାଜ୍ୟ ଧ୍ୱଂସ କରି ନିଜର ପ୍ରତିପତ୍ତି ସ୍ଥାପନ କଲେ; ଭାରତୀୟ ଆର୍ଯ୍ୟ ଦ୍ରାବିଡୀୟ ରାଜ୍ୟ ଓ ସଭ୍ୟତା ଧ୍ୱଂସକରି ନିଜର ପ୍ରଭୁତ୍ୱ ସ୍ଥାପନକଲେ। ସେଥିପାଇଁ ଯେତେବେଳେ ଭାରତୀୟ ଆର୍ଯ୍ୟମାନଙ୍କର ଦାକ୍ଷିଣାତ୍ୟ ପ୍ରବେଶର ଶେଷ ସଂଗ୍ରାମ ସାଙ୍ଗହୋଇ ଆସୁଛି ଠିକ ସେତିକିବେଳେ ଶକ୍ତିଶାଳୀ ଲିଡ଼ିଆ (Lydia) ର ସିମାନ୍ତବର୍ତ୍ତୀ ହେଲିସ ( Halys ) ନଦୀ କୂଳରେ ପାରସ୍ୟର ରାଜା ସିରସ ଓ ଲିଡ଼ିଆର ଅଧିପତି କ୍ରିସସଙ୍କର ତୁମୁଳ ଯୁଦ୍ଧର ଆରମ୍ଭ। ଏହି ଯୁଦ୍ଧରେ ଲିଡ଼ିଆ ଭୂମିସାତ୍ ହୁଏ। ସଙ୍ଗେ ସଙ୍ଗେ ଇଜିଅନ୍ (Aegian) ଉପକୂଳର ଅଯୋନିଆନ୍ଷ୍ଟାନ ( Ionian ) ଗ୍ରୀକ ରାଜ୍ୟ ଓ ଥେସେଲି, ପାରସ୍ୟ ପଦାନତ ହୁଅନ୍ତି। ଏହାପରେ ପ୍ରାଚ୍ୟ ଓ ପାଶ୍ଚାତ୍ୟର ପ୍ରଥମ ସଂଘର୍ଷ। ଗ୍ରୀକ୍ ଓ ପାରସିକ ମାନଙ୍କର ଭୀଷଣ ପ୍ରତିଦ୍ୱନ୍ଦ୍ୱିତା ଯୁଦ୍ଧ ଓ ଶେଷରେ ଗ୍ରୀକମାନଙ୍କର ବିଜୟ। ଯେଉଁ ସଂଘର୍ଷର ପ୍ରାରମ୍ଭିକ ନିଷ୍ପତ୍ତି ଭୁବନବିଖ୍ୟାତ ମେରେଥନ ( Marathan ) ଥାର୍ମୋପିଲି(Thermopylae) ସେଲେମିଶ (Salamis) ଓ ପ୍ଲେଟିଆ ( Platia ) ଯୁଦ୍ଧ ଅଶ୍ବତ୍ଥାମା ଚକ୍ଷୁରେ ଦେଖି-ଥିଲା ସେହି ସଂଘର୍ଷର ଅନ୍ତିମ ନିଷ୍ପତ୍ତି ହେଲା ଭାରତର (St Thome) ବା ମଇଲାପୁର, ପଲସି ବକ୍ସର ଅନ୍ଧ-ଯୁଦ୍ଧରେ। ଗ୍ରୀସର ବିଜୟ ତଦୀୟ ସଭ୍ୟତାର ବୈଶିଷ୍ଟ୍ୟ ରକ୍ଷାର ମୂଳ କାରଣ ଅଟେ। ତାହା ନହୋଇଥିଲେ ଆଧୁନିକ ସଭ୍ୟତାରେ ଗୋଟିଏ ବିରାଟ ଅପୂର୍ଣ୍ଣତା ରହି-ଯାଇଥାନ୍ତା; ୟୁରୋପର ଅଂଶ ( Contribution) ତହିଁରୁ ଲୋପ ପାଇଥାନ୍ତା; କିଏ ଜାଣେ ଇତିହାସର ଧାରା ପରି-ବର୍ତ୍ତିତ ହୋଇଯାଇଥାନ୍ତା ! ସେଥିପାଇଁ ବୋଧହୁଏ ଭଗବାନ ଯେପରି ମନୁଷ୍ୟକୁ ଗ୍ରହ ଆଡୁ ଆଲୋକ ଦେଇ-ଥାନ୍ତି, ସେହିପରି ୟୁରୋପୀୟ ସଭ୍ୟତାର ବିଶିଷ୍ଟ ଅଂଶ ଦ୍ୱାରା ଆଧୁନିକ ସଭ୍ୟତାକୁ ସବଳିତ କରିବାପାଇଁ ଗ୍ରୀସକୁ ପାରସ୍ୟଉପରେ ବିଜୟଲକ୍ଷ୍ମୀ ଦେଇଥିଲେ ପରା !

ଗ୍ରୀସର ବିଜୟହେତୁ ଇତିହାସର ଧାରା ଗୋଟିଏ ନୂତନ ଦିଗରେ ପ୍ରବାହିତ ହେଲା। ବେବିଲ, ଏସିରିୟାନ୍, ମିସର, ପାରସ୍ୟ ଓ ଭାରତ—ଏମାନଙ୍କ ଠାରୁ ଗ୍ରୀସକୁ ନାନାବିଷୟ ଶିକ୍ଷା କରିବାକୁ ପଡ଼ିଥିଲା ସତ୍ୟ କିନ୍ତୁ ଶିକ୍ଷା ସଙ୍ଗେ ସଙ୍ଗେ ଗ୍ରୀକ୍ ପ୍ରତିଭା ପ୍ରତ୍ୟେକ ବସ୍ତୁରେ ନିଜର ବିଶିଷ୍ଟ ମୌଳିକତାର ମୁଦ୍ରା ଅଙ୍କିତ କରି ଦେଇଥିଲା। କି ସାହିତ୍ୟ, କି ଦର୍ଶନ, କି କଳା, କି ବିଜ୍ଞାନ, କି ରାଜନୀତି, କି ଅର୍ଥ-ନୀତି—ସମସ୍ତ ବିଷୟରେ ସେମାନେ ଏକ ନୂତନତ୍ୱ ଆନୟନ କରିଥିଲେ। ପ୍ରଚଳିତ ପଦ୍ଧତିର ଅନୁସରଣ

Digitized by srujanika@gmail.com

ନକରି ପ୍ରତ୍ୟେକ ବିଷୟକୁ ଯୁକ୍ତିଯୁକ୍ତ ଭାବେ ଆଲୋଚନା କରିବା ଏବଂ ସେହି ଆଲୋଚନାରୁ ଉପଲବ୍ଧ ସତ୍ୟକୁ ଜଗତ ସମ୍ମୁଖରେ ନିଃସଙ୍କୋଚରେ ଠେକଧରିବା ଏହାହିଁ ଗ୍ରୀକ୍ ପ୍ରତିଭାର ବିଶିଷ୍ଟତା ଅଟେ । ସେମାନେ ପ୍ରାଚ୍ୟ ମାନଙ୍କଠାରୁ ଯାହା ପାଇଲେ ତାହା ନିର୍ବିବାଦରେ ଓ ନିଃ ସନ୍ଦେହରେ ଗ୍ରହଣ କରିନଥିଲେ । ବସ୍ତୁତଃ ସେପରି ଗ୍ରହଣ କରିବା ତାଙ୍କର ସ୍ୱଭାବବିରୁଦ୍ଧ ଥିଲା । ସେଥିପାଇଁ ସମାଜର ସଭ୍ୟତା ଠାରୁ ଆରମ୍ଭ କରି ରାଜ୍ୟଶାସନ ପର୍ଯ୍ୟନ୍ତ ପ୍ରାୟ ପ୍ରତ୍ୟେକ ବିଷୟରେ ଗ୍ରୀକ ଜାତି ପ୍ରାଚ୍ୟ-ମାନଙ୍କଦ୍ୱାରା ପ୍ରଭାବାନ୍ୱିତ ହୋଇଥିଲେହେଁ ସେହି ପ୍ରଭାବର କାର୍ଯ୍ୟକାରିତା ଗ୍ରୀକମାନଙ୍କର ମାନସିକ ସ୍ୱାତନ୍ତ୍ର୍ୟ ଏବଂ ପ୍ରତିଭାର ମୌଳିକତ୍ୱର ପ୍ରତିଦ୍ୱନ୍ଦ୍ୱୀତାକୁ ସହ୍ୟ କରି ପାରିନଥିଲା । ଫଳତଃ ଗ୍ରୀକ ସମାଜ ଓ ଶାସନପଦ୍ଧତି ଏକ ନୂତନ ଛାଞ୍ଚରେ ଗଢ଼ା ହୋଇଥିଲା । ଗ୍ରୀସରେ ପ୍ରାଚ୍ୟ-ସ୍ଥଳବିଶିଷ୍ଟ କୁଟୁମ୍ବ ପ୍ରଥା ( Paternal Government)ଏବଂ ରାଜକୀୟ ସ୍ୱେଚ୍ଛାଚାରିତା ମୂଳକ ଶାସନପଦ୍ଧତି ଜଣା ନ ଥିଲା । *"Among all the considerable natioans of Inner Asia, the paternal government of every household was corrupted by polygamy; where that custom exists, a good political constitution is impossible. Fathers being converted into domestic despots, are ready to pay the same abject obedience to their sovereign which they exact from their family and dependants in their domestic economy" ଏହି ହେତୁରୁ ଗ୍ରୀସର ରାଜନୀତି କ୍ଷେତ୍ରରେ ଏକ ନୂତନ ନାଗରିକ ଜୀବନର (Civic life) ଆରମ୍ଭ ହେଲା । ନାଗରିକ ସ୍ୱତ୍ୱ (Civic rights) ଯଦ୍ୱାରା ପ୍ରତ୍ୟେକ ମନୁଷ୍ୟ ରାଜନୀତି-କ୍ଷେତ୍ରରେ ଅବତୀର୍ଣ୍ଣ ହୋଇ ନିଜର ବା ନିଜରାଜ୍ୟର ଶାସନପଦ୍ଧତି ଏବଂ ଆଦର୍ଶର ନିର୍ଣ୍ଣାୟକ ହୋଇପାରେ ସେହି ସ୍ୱତ୍ୱ ପ୍ରତ୍ୟେକ ଗ୍ରୀକର ନ୍ୟାଯ୍ୟ ଦାବୀ ବୋଲି ପରିଗଣିତ ହେଲା । ଏହା ଗ୍ରୀକ ଶାସନତନ୍ତ୍ରର ବିଶିଷ୍ଟତାର କାରଣ ଅଟେ । ଏହି ହେତୁରୁ ଗ୍ରୀକ୍ ରାଜନୀତି ସ୍ଥିତିଶୀଳ (Static) ହୋଇନଥିଲା ବିଭିନ୍ନ ସମୟରେ ବିଭିନ୍ନ ଘଟଣା ପରମ୍ପରାର ବଶବର୍ତ୍ତୀ ହୋଇ ବିଭିନ୍ନ ଶାସନପଦ୍ଧତିର ସୃଷ୍ଟି ହୋଇଥିଲା । ଏଥିରେ ନୂତନ ଶାସନପଦ୍ଧତିମାନଙ୍କର ଉଦ୍ଭାବନ ବିଷୟରେ ଗ୍ରୀକ ପ୍ରତିଭା ଆଗକାର ସଭ୍ୟଜାତିମାନଙ୍କର ଅଦୃଷ୍ଟ ଓ ଅଜ୍ଞାତ ପଥରେ ଅଗ୍ରସର ହୋଇ ଆଧୁନିକ ଯୁଗର ରାଜନୈତିକ କ୍ଷେତ୍ରରେ ପଥପ୍ରଦର୍ଶକ ହୋଇଥିଲା । ରାଜନୈତିକ ଜୀବନର ପ୍ରତ୍ୟେକ ସ୍ତରକୁ ବିଶଦରୂପେ ପର୍ଯ୍ୟାଲୋଚନା କରି ଗ୍ରୀକ ନୀତିଜ୍ଞ(Greek politicians) ମାନେ ରାଜନୀତିର ଚରମୋନ୍ନତି ସାଧନ କରିଥିଲେ । ରାଜତନ୍ତ୍ର (Monarchy) ଠାରୁ ଆରମ୍ଭ କରି ଧନୀତନ୍ତ୍ର ( Oligarchy) ଏବଂ ପ୍ରଜାତନ୍ତ୍ର (Democracy) ପର୍ଯ୍ୟନ୍ତ ପ୍ରତ୍ୟେକଟିର ସାରବତ୍ତା ପରୀକ୍ଷା ଶେଷରେ ପ୍ରଜା-ତନ୍ତ୍ରର ମହତ୍ତ୍ୱକୁ ଏଥେନ୍ସ ଆଦି ଉନ୍ନତ ରାଷ୍ଟ୍ର ଗ୍ରହଣ ଓ ବରଣ କରିଥିଲେ । ଏଥେନ୍ସର ଜାତୀୟ ସଭାରେ (Popular Assembly) ଯେଉଁ (Party politic) ଏବଂ Freedom of speech ହେତୁରୁ ରାଜ-ନୈତିକ ନେତୃତ୍ୱର (Political leadership) ସୂତ୍ରପାତ ହୋଇଥିଲା ତାହା ଆଧୁନିକ ଯୁଗରେ ପ୍ରାୟ ଦୁଇ ସହସ୍ର ବର୍ଷପରେ ୟୁରୋପ ଓ ଆମେରିକାର ଜାତୀୟ ମହାସଭା-ମାନଙ୍କରେ ପୂର୍ଣ୍ଣତା ଲାଭକଲା । ଏଥିପାଇଁ ଆଧୁନିକ ସଭ୍ୟ-ଜଗତ ଗ୍ରୀସଠାରେ ଚିରଋଣୀ ରହିବ ।

ପ୍ରାଚ୍ୟସ୍ଥଳର ରାଜକୀୟ ସ୍ୱେଚ୍ଛାଚାରିତା ( Royal dispotion ) ଗ୍ରୀସ ଶାସନପଦ୍ଧତିରେ ପ୍ରବେଶ କରି ପାରି ନ ଥିଲା ସତ୍ୟ, କିନ୍ତୁ ପ୍ରାଚ୍ୟ ରାଜନୀତିର ନାନା କଳଙ୍କ ଗ୍ରୀକ ( Polity ) ରାଜନୀତିକୁ କଳଙ୍କିତ କରି ଦେଇଥିଲା । ଅସ୍ଥିରତା, ବିଦ୍ୱେଷବୁଦ୍ଧି, ସ୍ୱାର୍ଥପରତା, ଓ ଅନ୍ତର୍ବିବାଦ ଏହାକୁ ଗ୍ରୀସର ଅନ୍ତର୍ରାଷ୍ଟ୍ରୀୟ ସମ୍ବନ୍ଧକୁ ବିଷମୟ କରି ପ୍ରତ୍ୟେକ ରାଷ୍ଟ୍ରକୁ ଅନ୍ତଃସାରଶୂନ୍ୟ କରି ଦେଇଥିଲା । ଗ୍ରୀସପରି କ୍ଷୁଦ୍ର ଭୂଖଣ୍ଡରେ ୧୫୦ ଗୋଟି ନଗର ରାଷ୍ଟ୍ର ( City-States ) ପ୍ରତିଷ୍ଠିତ ହୋଇଥିଲା । ଏମାନଙ୍କ ମଧ୍ୟରେ ସର୍ବଦା ଅନ୍ତର୍ବିବାଦ ( Civil war ) ଲାଗିରହି ଥିଲା । ଗୋଟିକର ଉତ୍ଥାନ ଏବଂ ଉନ୍ନତି, ଚତୁଃପାର୍ଶ୍ୱସ୍ଥ ଅନ୍ୟାନ୍ୟ ରାଷ୍ଟ୍ରମାନଙ୍କର ପତନ ଓ ଅଧୋଗତିର କାରଣ

* Creasys' Fifteen Decisive Battles of the World.



Digitized by srujanika@gmail.com

ହେଉଥିଲା । ଗୋଟିଏ ଶକ୍ତିଶାଳୀ ହେଲେ ଅନ୍ୟଟିକୁ ପଦାନତ କରିବାକୁ ସେମାନେ ଚେଷ୍ଟିତ ହେଉଥିଲା । ସେଥିପାଇଁ ଏମାନଙ୍କ ଭିତରେ ଶାନ୍ତି ଓ ଏକତାର ଅଭାବ ଥିଲା । ଏକ ଏଥେନ୍‌ସ ଓ କାଲି ସ୍ପାର୍ଟା, ଅଜ ଥିବସ ଓ କାଲି ମେସେ-ଡନ୍ ଗ୍ରୀକ ରାଷ୍ଟ୍ରସଂଘ ଉପରେ ନିଜର ଅଧିପତ୍ୟ ବିସ୍ତାର କରିବା ପାଇଁ ପ୍ରୟାସୀ ହେଉଥିଲେ । ଏହି ଅନ୍ତର୍ବିବାଦର ଶ୍ରେଷ୍ଠ ପାରସିକ ଏବଂ ପେଲପନେସୀୟ ସମରମାନଙ୍କରେ ପ୍ରତିଫଳିତ ହୋଇଥିଲା । ସଙ୍ଗେ ସଙ୍ଗେ ପୁଣି ଅଉ ଗୋଟିଏ ପ୍ରାଚ୍ୟସୁଲଭ ପ୍ରଥା ଗ୍ରୀକ ରାଜନୈତିକ ଓ ସାମାଜିକ ଅଙ୍ଗରେ ଜଡ଼ିତ ହୋଇ ତାହାକୁ କ୍ରମଶଃ ହୀନବଳ କରି-ବାକୁ ଲାଗିଲା । ବେବିଲୋନିଆ ଏସିରିଆ ଓ ପାରସ୍ୟ ପରି ଗ୍ରୀସରେ ମଧ୍ୟ ପୁରାକାଳରୁ (ଗ୍ରୀକ ବା ହେଲେନ ଜାତିର ଆଗମନ ଦିନଠାରୁ ଦାସତ୍ୱପ୍ରଥା ପ୍ରଚଳିତ ଥିଲା । ଏହି ପ୍ରଥା ହେତୁରୁ) ଗ୍ରୀକମାନେ କଳା, ଦର୍ଶନ, ବିଜ୍ଞାନ ଓ ରାଜନୀତି କ୍ଷେତ୍ରରେ ନିଜର ସମସ୍ତ ସମୟ ଅତି ଉଦାର ଭାବରେ ଅତିବାହିତ କରିପାରୁଥିଲେ । ଜୀବନଯାତ୍ରା ପାଇଁ ଯାହା ଲୋଡ଼ା ବା ଶାରୀରିକ ରକ୍ଷାପାଇଁ ଯାହା ପ୍ରୟୋଜନ ତାହାପାଇଁ ସେମାନଙ୍କୁ ଚିନ୍ତା ବା ଶ୍ରମ କରି-ବାକୁ ହେଉ ନ ଥିଲା । ସେହି ହେତୁରୁ ସେମାନେ ବିଭିନ୍ନ କ୍ଷେତ୍ରରେ ନିଜର କୃତିତ୍ୱ ଦେଖାଇ ପାରୁଥିଲେ; ସେଥିପାଇଁ ଏତେ କ୍ଷୁଦ୍ର ରାଷ୍ଟ୍ରଟିର ଚରମୋନ୍ନତି ସମୟରେ Plato, Aristotle, Socrates, Pericles, Demosthe-nes, Euripides, Sophocles, Thucydides, Aeschy-lus, Phydias ଆଦି ଜଗଦ୍‌ବିଖ୍ୟାତ ଦାର୍ଶନିକ, ରାଜ-ନୈତିକ ଭାବୁକ, ବକ୍ତା, କବି ଓ ଶିଳ୍ପୀ ମାନଙ୍କର ଜନ୍ମ ସମ୍ଭବ ହୋଇଥିଲା । କିନ୍ତୁ ଦାସତ୍ୱ ଓ ଅନ୍ତର୍ବିବାଦ ଉଭୟେ ମିଳି ଗ୍ରୀସକୁ ହୀନବଳ କରି ପକାଇଲେ । ଏପରି ଅବସ୍ଥାରେ ସାଧାରଣତଃ ଯାହା ହୋଇଥାଏ ତାହାହିଁ ହେଲା । ଆଭ୍ୟ-ନ୍ତରିକ ଦୁର୍ବଳତାର ସୁଯୋଗ ଲାଭକରି ଉତ୍ତରରୁ ବଳିଷ୍ଠ ମେସେଡ଼ନ୍ ଆକ୍ରମଣ କଲା । ମହାବୀର ଆଲେକଜାଣ୍ଡର ଗ୍ରୀସ ବିଜୟ କରି ସମଗ୍ର ସଂସାର ଜୟ କରିବାକୁ ବାହା-ରିଲେ । ମେସେଡନର ଗ୍ରୀସ ବିଜୟଠାରୁ ଗ୍ରୀକ ସ୍ୱାଧୀନତା ଅସ୍ତମିତ ହେଲା କିନ୍ତୁ ରହିଗଲା ତାହାର ଅକ୍ଷୟ ସାଧନାର ଅମୂଲ୍ୟ ଧନ—ଉନ୍ନତଶାସନପଦ୍ଧତି, କଳାସାହିତ୍ୟ ଓ ଦର୍ଶନ ।

ଯେତେବେଳେ ଗ୍ରୀସ୍ ପରପଦାନତ ସେତେବେଳକୁ ଟାଇବର ନଦୀକୂଳରେ ଗୋଟିଏ ନୂତନ ଶକ୍ତିର ଉଦୟ ହୋଇସାରିଛି । ସେତେବେଳକୁ ରୋମ ସମଗ୍ର ଇଟାଲି ଅଧିକାରକରି କାର୍ଥେଜର ଦର୍ପଚୂର୍ଣ୍ଣ କରିବାରେ ବ୍ୟାପୃତ । Punic wars ରେ ବିଜୟଲକ୍ଷ୍ମୀ ରୋମକୁ ପକ୍ଷପାତ କରୁଅଛନ୍ତି । ତାହାପରେ କାର୍ଥେଜର ଧ୍ୱଂସ ଓ ରୋମ ସାମ୍ରାଜ୍ୟର ପ୍ରତିଷ୍ଠା । ଏହି ସାମ୍ରାଜ୍ୟ ମୂଳରେ ଯେଉଁ ମହାନୀତି କାର୍ଯ୍ୟ କରୁଥିଲା ତାହାର ବିକାଶକ୍ଷେତ୍ର ପ୍ରଥମେ ଗ୍ରୀସ୍‌ରେ, ରୋମରେ ନୁହେ । ଗ୍ରୀସର ସମୃଦ୍ଧି ନଷ୍ଟକଲା ଅନ୍ତର୍ବିବାଦ; ରୋମର ସମୃଦ୍ଧି ବୃଦ୍ଧି କଲା ଏକତା । ଏହି ଏକତାର ମୂଳରେ ଯାହା ଥିଲା, ତାହା ରୋମର ନିଜସ୍ୱ ନୁହେ, ଗ୍ରୀସର ଯେଉଁ ନାଗରିକ ସ୍ୱତ୍ୱ (Civic rights) ଗ୍ରୀସର କ୍ଷୁଦ୍ର ନଗର ଓ ରାଷ୍ଟ୍ରମାନଙ୍କର ରାଜନୈତିକ ଜୀବନକୁ ଉନ୍ନତ କରିଥିଲା, ତାହା ରୋମାନମାନଙ୍କ ହାତରେ ପଡ଼ି ରୋମ ସାମ୍ରାଜ୍ୟର ମୂଳଭିତ୍ତି ସ୍ଥାପନ କଲା ଏହାହିଁ ରୋମାନ୍ ପ୍ରତିଭାର ବିଶିଷ୍ଟତା ଅଟେ । ଯେଉଁ Civic rights ଗ୍ରୀସର ସ୍ୱାଧୀନ ରାଷ୍ଟ୍ରମାନଙ୍କର ନାଗ-ରିକମାନେ ନିଜର ଦାବୀ ବୋଲି ମନେ କରୁଥିଲେ ତହିଁରୁ ବିଜିତ ରାଷ୍ଟ୍ରମାନଙ୍କର ନାଗରିକମାନେ ସର୍ବଦା ବଞ୍ଚିତ ହେଉଥିଲେ । Civic rights କେବଳ ସ୍ୱାଧୀନରାଷ୍ଟ୍ରର ନାଗରିକର ପ୍ରାପ୍ୟ ବସ୍ତୁ ଥିଲା, ବିଜିତର ନୁହେ । Athenian ମାନେହିଁ ଏଥେନ୍ସରେ ଉକ୍ତସତ୍ତ୍ୱର ଅଧିକାରୀ ହୋଇପାରୁଥିଲେ—ଅନ୍ୟ କେହି ନୁହେ । କିନ୍ତୁ ରୋମାନ୍-ମାନେ ଯେଉଁ ଦେଶ ବା ଜାତିକୁ ଜୟ କରୁଥିଲେ ସେ ଦେଶବାସୀ ବା ସେହି ଜାତିକୁ Civic rights ପ୍ରଦାନ କରୁଥିଲେ । ସ୍ୱଭାବତଃ ବିଜିତଜାତି ଓ ବିଜେତା ରୋମାନମାନଙ୍କ ମଧ୍ୟରେ ଯେଉଁ ଶାସକ-ଶାସିତ ସମ୍ବନ୍ଧର କଠୋରତା ରହିବାର କଥା ତାହା ରହିପାରୁ ନ ଥିଲା । ରାଜନୈତିକ ଦୃଷ୍ଟିରେ ସମସ୍ତେ ସମାନ ଥିଲେ । ତାହା ଛଡ଼ା Roman Law ର ସାମ୍ୟବାଦ ଓ ଉଦାରତା ସମ୍ମୁଖରେ ଜେତା—ବିଜିତର ଭେଦ ଲୋପ ପାଇଥିଲା । ସମସ୍ତେ ଏହାରି ଆଗରେ ନତମସ୍ତକ ହୋଇ ରହୁଥିଲେ । ଏହି ଦୁଇଟି ମହାନୀତିର ଅନୁସରଣକରି ରୋମାନମାନେ ଗୋଟିଏ ପ୍ରକାଣ୍ଡ ଓ ପ୍ରବଳ ସାମ୍ରାଜ୍ୟ ସ୍ଥାପନ

Digitized by srujanika@gmail.com

କରିପାରିଥିଲେ । କିନ୍ତୁ ଏହି ଦୁଇଟି ପନ୍ଥା ଅବଲମ୍ବନ କରିଥିଲେ—ପ୍ରଥମେ ଗ୍ରୀକ୍‌ମାନେ Civic liberty (ନାଗରିକ ସ୍ୱାତନ୍ତ୍ର୍ୟ) ପରି ଦଣ୍ଡନୀତି ମଧ୍ୟ ରୋମାନମାନଙ୍କୁ ଶିକ୍ଷା କରିବାକୁ ହୋଇଥିଲା । ଗ୍ରୀସରୁ ଯେଉଁ ରୋମାନ୍ ଦଣ୍ଡନୀତି ଅକସ୍ମାତ୍ ଇଉରୋପରେ ପ୍ରଚଳିତ, ତାହାର ବୀଜ Decimvers ମାନେ ଗ୍ରୀସରୁ ଆଣି Twelve tables ରୂପରେ ରୋମର (Forum) ଫୋରମରେ ଘୋଷଣ କରିଥିଲେ । ତାହାପରେ ଅଙ୍କୁରିତ ଓ ପରିପୁଷ୍ଟହୋଇ ବିଖ୍ୟାତ Roman Law ଆଖ୍ୟା ଧାରଣ କଲା । ଆଧୁନିକ ୟୁରୋପୀୟାନ ଦଣ୍ଡନୀତି ଏହି ରୋମାନ୍ ଦଣ୍ଡନୀତିଠାରେ ଯେ କେତେଦୂର ଋଣୀ ତାହା କହିବା ବାହୁଲ୍ୟମାତ୍ର । କିନ୍ତୁ ଯେଉଁ ରୋମ ସାମ୍ରାଜ୍ୟରେ Civic liberty ଏବଂ Roman Law ପ୍ରତିଷ୍ଠିତ ଥିଲା ତହିଁରେ ଦାସତ୍ୱ ପ୍ରଥା ମଧ୍ୟ ପ୍ରଚଳିତ ଥିଲା । ରୋମର ବିପୁଳ ଗୌରବ ଓ ପ୍ରଚଣ୍ଡ ଶକ୍ତି ଚିନ୍ତାକରିବା ସମୟରେ ଏହା ମଧ୍ୟ ମନେ ରଖିବାକୁ ହେବ ଯେ ଯେତେବେଳେ ରୋମରେ ନାଗରିକ ସଂଖ୍ୟା ଥିଲା ୩୨୦,୦୦୦ ସେତେବେଳେ ଦାସଦାସୀ ସଂଖ୍ୟା ଥିଲା ୧,୦୦୦,୦୦୦ । "A luxurious minority living on the fruits of servile industry is not a state" ଯାହା ମିଶର, ବେବିଲନ୍, ଗ୍ରୀସ ଓ ପାରସ୍ୟର ସର୍ବନାଶର କାରଣ ହୋଇଥିଲା, ତାହା ପୁନର୍ବାର ରୋମର ଅଧୋଗତିର କାରଣ ହେଲା । ଧନରତ୍ନ ଓ ସାମ୍ରାଜ୍ୟର ଶ୍ରୀବୃଦ୍ଧି ସଙ୍ଗେ ସଙ୍ଗେ ଦାସଦାସୀଙ୍କର ସଂଖ୍ୟା ବୃଦ୍ଧି ହେବାକୁ ଲାଗିଲା । ବିଳାସ ଓ ବିଳାସର ସହଚର ନାନାପ୍ରକାର ସାମାଜିକ ବିଳାସମାନ ଜନତାକୁ ହୀନବୀର୍ଯ୍ୟ କରିବାକୁ ଲାଗିଲା । ଉତ୍ତରରୁ ବଳିଷ୍ଠ ବର୍ବର ଜର୍ମାନ-ମାନେ ରୋମରାଜ୍ୟ ଅକ୍ରମଣ କଲେ । ପ୍ରବଳ ରୋମଧ୍ୱଂସ ହେଲା କେତେକ ବର୍ବରମାନଙ୍କର ଅକ୍ରମଣରେ । ଏ ଶୋଚନୀୟ ଏବଂ କି ଅଲୌକିକ କଥା । ଏହି ପ୍ରସଙ୍ଗରେ ସୁବିଦିତ ଐତିହାସିକ Gibbon କହିଅଛନ୍ତି ରୋମ ସାମ୍ରାଜ୍ୟର ପତନ ମାନବ ଇତିହାସର ଗୋଟିଏ ମହାମାନ୍ୱିତ ଭୀଷଣ ଘଟଣା ଅଟେ । ରୋମସାମ୍ରାଜ୍ୟ ଧ୍ୱଂସହେଲା ସତ୍ୟ କିନ୍ତୁ ରୋମର ଦଣ୍ଡନୀତି, ରାଜପଥ, ଶାସନପଦ୍ଧତି, କଳା ଓ ବିଜ୍ଞାନର ଉଚ୍ଚ ଆଦର୍ଶ ଧ୍ୱଂସ ହେଲନାହିଁ ।

ରୋମର ପତନ ଅନ୍ତେ ବିଭିନ୍ନ ବର୍ବର ଜାତିମାନେ Angles Saxons, Franks, Goths ୟୁରୋପରେ ବିଭିନ୍ନ ପ୍ରଦେଶରେ ନିଜ ନିଜର ରାଜ୍ୟସ୍ଥାପନ କରିଥିଲେ । ବର୍ବରତାର ମହାବନ୍ୟାରେ ରୋମସଭ୍ୟତା ନିମଜ୍ଜିତ ହେଲା । ବିରାଟ ରାଷ୍ଟ୍ରତନ୍ତ୍ର, ଉଦାର ଖ୍ରୀଷ୍ଟଧର୍ମ, କଳା ଓ ବିଜ୍ଞାନ ଛିନ୍ନଭିନ୍ନ ହୋଇ କୁଆଡ଼େ ବିକ୍ଷିପ୍ତହେଲା । ଅଭିଯାନ ଓ ଅତ୍ୟାଚାର, ଲୁଣ୍ଠନ ଓ ରକ୍ତପାତର ନିର୍ମମ ପୀଡ଼ନରେ ଶାନ୍ତି, ସୃଷ୍ଟି ଓ ସଭ୍ୟତାର ଚିହ୍ନ ପର୍ଯ୍ୟନ୍ତ ଲୋପ ପାଇବାକୁ ବସିଲା । କିନ୍ତୁ ଅଶାନ୍ତି ଓ ବର୍ବରତା କୌଣସି କାଳରେ ଚିରସ୍ଥାୟୀ ହୋଇ ରହିପାରେନାହିଁ । ଏହା ପ୍ରକୃତିର ନିୟମବିରୁଦ୍ଧ ଅଟେ । କ୍ରମଶଃ ସେହି ଅଶାନ୍ତିର ସମୁଦ୍ର ମନ୍ଥନରୁ ଉଦ୍‌ଗତ ହେଲା ମଧ୍ୟ ଯୁଗର ( Middle Ages ) ଦୁଇଟି ବିରାଟ ସଂସ୍ଥାର—The Papacy and the Holy Roman Empire ଖ୍ରୀଷ୍ଟୀୟ ୮୦୦ ଅଙ୍କରେ ସାର୍ଲମେନ ( Charle Magne ) ଙ୍କର ଅଭିଷେକ ଦିନଠାରୁ ଏହି ଦୁଇଟି ସଂସ୍ଥାର ସୂତ୍ରପାତ ହୁଏ । ରୋମ ସାମ୍ରାଜ୍ୟ ଓ ସଭ୍ୟତା ନାମକୁ ଧ୍ୱଂସହେଲା ସତ୍ୟ, କିନ୍ତୁ ତାହାର ସାର ଏହି ଦୁଇଟି ସଂସ୍ଥାର ଅନ୍ତଃସ୍ଥଳରେ ପ୍ରାୟ ଏକସହସ୍ରବର୍ଷ ପର୍ଯ୍ୟନ୍ତ ଜୀବିତ ରହିଲା । ଏଥିରୁ ଗୋଟି-କ Papacy ର ଉଦ୍ଦେଶ୍ୟଥିଲା ସମଗ୍ର ୟୁରୋପରେ ଏକ ଧର୍ମମତର ପ୍ରଚାରକରି ପୋପଙ୍କ ଧର୍ମାଧିପତ୍ୟ ପ୍ରତିଷ୍ଠିତ କରିବା ଏବଂ ଅନ୍ୟଟିର ଉଦ୍ଦେଶ୍ୟଥିଲା ସମଗ୍ର ୟୁରୋପକୁ ଏକ ସାମ୍ରାଜ୍ୟଭୁକ୍ତ କରି "ଏକାତପତ୍ର" ରାଜତ୍ୱ ସ୍ଥାପନ କରିବା । ରୋମସାମ୍ରାଜ୍ୟ ଓ ସଭ୍ୟତାର ବିଶିଷ୍ଟତା ଏହି ଦୁଇଟି ସଂସ୍ଥାର ଭିତରଦେଇ ପୁନର୍ବାର ପରିସ୍ଫୁଟ ହେଲା ।

କିନ୍ତୁ ଏହି ଦୁଇଟି ସଂସ୍ଥାର ପ୍ରକ୍ରିୟା ଜର୍ମାନ ଜାତିର ବିଶିଷ୍ଟତା—ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟ (Individual liberty) କୁ କ୍ରମଶଃ ଗ୍ରାସକରିବାକୁ ଉଦ୍ୟତ ହେଲା । ଏହି କାର୍ଯ୍ୟ ସାଧନ କରିବା ପାଇଁ ନାନା କୃତ୍ରିମ ଉପାୟମାନ ଉଦ୍ଭାବିତ ହେଲା । ଧର୍ମ, ସମାଜ ଓ ଶାସନପ୍ରଣାଳୀ ସ୍ୱେଚ୍ଛାଚାରିତାର ଉତ୍ପୀଡ଼ନରେ ଜର୍ଜରିତ ହେବାକୁ ଲାଗିଲା । ଯାଜକ (Priest) ଏବଂ ଶାସକ (Rulers) ମାନଙ୍କ ସ୍ୱାର୍ଥରେ ଯେପରି ବାଧା ନ ପଡ଼େ, ସେହିପରି ପ୍ରତ୍ୟେକ ବିଷୟ ନିୟନ୍ତ୍ରିତ ହେଲା । ପ୍ରତ୍ୟେକ ବସ୍ତୁରେ ଅନ୍ଧବିଶ୍ୱାସ

Digitized by srujanika@gmail.com

ପ୍ରତ୍ୟେକ କାର୍ଯ୍ୟରେ ଅଜ୍ଞାନୁବର୍ତ୍ତନ ବୃତ୍ତି (Obedience to authority) ଜୀବନରେ ଆଦର୍ଶ ବୋଲି ବିବେଚିତ ହେଲା । ଶିକ୍ଷାରୁ ସ୍ୱାଧୀନଚିନ୍ତା ଓ ଗବେଷଣା, ଧର୍ମରୁ ସ୍ୱାଧୀନ ଅନୁଶୀଳନ ଓ ଧ୍ୟାନ, ସମାଜରୁ ସ୍ୱାଧୀନ ବିବେକ ବୁଦ୍ଧି ଏବଂ ରାଜନୀତିରୁ ନ୍ୟାୟ ଓ ବ୍ୟକ୍ତିଗତ ସ୍ୱାଧୀନତା ବହିଷ୍କୃତ ହେବାକୁ ଲାଗିଲା । ଶିକ୍ଷା ମାନବକୁ ଉନ୍ନତ କଲାନାହିଁ । ଧର୍ମ ପବିତ୍ର ଓ ପ୍ରଫୁଲ୍ଲ କଲାନାହିଁ । ସମାଜ ପୂର୍ଣ୍ଣତା ପ୍ରଦାନ କଲାନାହିଁ ଏବଂ ରାଜନୀତି ମନୁଷ୍ୟତ୍ୱକୁ ଚିହ୍ନିଲା ନାହିଁ । ଯେତେବେଳେ ପୋପ ଓ ସମ୍ରାଟ ଉଭୟେ ମନୁଷ୍ୟର ପ୍ରତ୍ୟେକକାର୍ଯ୍ୟକ୍ଷେତ୍ରରେ ସ୍ୱାତନ୍ତ୍ର୍ୟ ଓ ବିବେକ ବୁଦ୍ଧିକୁ ଦମନ କରି ନିଜର ପ୍ରାଧାନ୍ୟ ସ୍ଥାପନ କରିବାରେ ବ୍ୟାପୃତ, ଯେତେବେଳେ ମାନବର ଧାର୍ମିକ ସାମାଜିକ ଓ ରାଜନୈତିକ ଜୀବନ ଅନ୍ଧବିଶ୍ୱାସ ଓ ସ୍ୱେଚ୍ଛାଚାରିତାର ଶୃଙ୍ଖଳା ଚିହ୍ନ Christendom ଏବଂ Empire ର କାରାଗୃହରେ ଅଟକ, ସେତେବେଳେ ପୂର୍ବରୁ ଅନେକ ଧାରା ବହିଆସିଲା, ମୁକ୍ତିର ପଥ ଉଦ୍ଘାଟିତ ହେଲା । ଗ୍ରୀକ୍ ସାହିତ୍ୟ ଓ ବିଜ୍ଞାନର ବୈଭବ ପତନୋନ୍ମୁଖ ପାଶ୍ଚାତ୍ୟ-ମାନଙ୍କର ଦୁରବସ୍ଥା ଦୂରକଲା । ସେତେବେଳେ କାବ୍ୟ, କଳା, ରାଜନୀତି, ଧର୍ମ ଓ ସମାଜ—ସଂକ୍ଷେପତଃ ମାନବ ଜୀବନରେ ଏକ ନବଜାଗ୍ରତିର ବିକାଶହେଲା । ତାହା The Renaissance ବା ପୁନର୍ଜନ୍ମ ବୋଲି ଅଭିହିତ । ଏହାଦ୍ୱାରା ୟୁରୋପ ପୁନର୍ଜନ୍ମ ବା ପୁନରୁଜ୍ଜୀବନ ଲାଭ କରିଥିଲା । ଏହି ପୁନରୁଜ୍ଜୀବନର ସହସ୍ରମୁଖୀ ପ୍ରକ୍ରିୟା ମାନବର ଚିନ୍ତା ଓ କାର୍ଯ୍ୟକ୍ଷେତ୍ରରେ ପ୍ରବେଶକରି ଗୋଟିଏ ନୂତନ ଅନୁଭୂତି ଅନୁଭବ କରିଥିଲା । ଏହାର ତେଜସ୍ୱୀ ବିକାଶ ସମ୍ମୁଖରେ ମ୍ରିୟମାଣ Papacy ଏବଂ Holy Roman Empire ଦଗ୍ଧୀଭୂତହେବାକୁ ଲାଗିଲା । ୟୁରୋପୀୟ ପ୍ରତିଭାର ସର୍ବତୋମୁଖୀ ବିକାଶହେତୁ କଳା ଓ ବିଜ୍ଞାନ, ସାହିତ୍ୟ ଓ ରାଜନୀତି, ଉଦ୍ଭାବନ ଓ ଆବିଷ୍କାର କ୍ଷେତ୍ରରେ ନବଯୁଗର ଆରମ୍ଭହେଲା । DaVinci, Raphael, Michaelangelo, Velazquez, Cerventes, Chancer, Shakespeare, Bacon, Copernicus, Galileo ଏବଂ Gutenburg ଆଦି ଅନ୍ୟାନ୍ୟ ଅନେକ କୃତୀ ନୂତନ ସାହିତ୍ୟ, ନୂତନ କଳା ଓ ନୂତନ ବିଜ୍ଞାନର ଅବତାରଣା କରିଥିଲେ । ସଙ୍ଗେ ସଙ୍ଗେ Columbus, Vascodagama Cortez ଏବଂ Pizaro ଆଦି ସୁବିଖ୍ୟାତ ନାବିକମାନଙ୍କର ନବୋଦ୍ୟମ ଫଳରେ ନାନା ଅଜ୍ଞାତ ଦେଶ ଆବିଷ୍କୃତ-ହୋଇ ପୃଥିବୀ ( Known world ) ର କଳେବର ବୃଦ୍ଧି କରିଥିଲା । ନୂତନ ଆବିଷ୍କାର, ନୂତନ ଉଦ୍ଭାବନ ନୂତନ କଳା ଓ ନୂତନ ଜ୍ଞାନ ବିଜ୍ଞାନର ଆନନ୍ଦରେ ମାନବର ଅନ୍ତର ଓ ବାହାର ଗୋଟିଏ ଉଦାର ବିସ୍ତାରର ଅନିର୍ବଚନୀୟ ଅନୁଭୂତିରେ ପୂରି ଉଠିଥିଲା ।

ଏହିସବୁ ଆବିଷ୍କାର ଓ ଉଦ୍ଭାବନର ଫଳରେ ଧର୍ମ, ସମାଜ ଓ ରାଜନୀତି କ୍ଷେତ୍ରରେ ଏକ ପ୍ରକାଣ୍ଡ ବିପ୍ଳବ ବହ୍ନି ପ୍ରଜ୍ୱଳିତ ହେଲା । ଏହା ପ୍ରଥମ Papacy କୁ ଭୂପତିତ କରି ମାନବର ଧର୍ମ ଓ ବିବେକକୁ ସ୍ୱତନ୍ତ୍ରତା ପ୍ରଦାନ କଲା । Lutheranism, Calvernism, Puritanism ଆଦି ନାନା ଧର୍ମ ସମ୍ପ୍ରଦାୟ ପ୍ରତିଷ୍ଠିତ ହୋଇଥିଲେ । Papacy ର ଧ୍ୱଂସପରେ ବାକିରହିଲା । Holy Roman Empire । ଧର୍ମବିପ୍ଳବ ସଙ୍ଗେ ସଙ୍ଗେ ରାଷ୍ଟ୍ରବିପ୍ଳବ ମଧ୍ୟ ଅଗ୍ରସର ହେଉଥିଲା । ଏହା ପୁଣି ନୂତନ ଭାବରେ । ଅଷ୍ଟ୍ରୋ ବିଶେଷର ଅନୁକୂଳରେ ନୂତନ ନୂତନ ସ୍ୱାଧୀନତାର ବିଭିନ୍ନ ଦେଶମାନଙ୍କରେ ଯେଉଁ ରାଜନୈତିକ ଭୂକମ୍ପମାନ ସୃଷ୍ଟି କରିଥିଲା, ତାହାର ଲୋମହର୍ଷଣ ବିବରଣ ବର୍ଣ୍ଣନା କରିବାକୁ ଗଲେ ପ୍ରକାଣ୍ଡ ପୁସ୍ତକମାନ ଲେଖାହୋଇପାରେ । ସଂକ୍ଷେ-ପରେ ଯେଉଁ ବ୍ୟକ୍ତିତ୍ୱର ସ୍ୱାତନ୍ତ୍ର୍ୟ ଜର୍ମାନ ଜାତିର ବିଶିଷ୍ଟତା ଥିଲା ତାହା ରାଜନୀତିରେ ମଧ୍ୟ ନିଜର ଅକ୍ଷୁଣ୍ଣ ସତ୍ତା ପ୍ରତିଷ୍ଠିତ କରିବାଇଁ ବଦ୍ଧପରିକର ହେଲା । ଇଂଲଣ୍ଡରେ ୧୨୧୬ ସାଲର Magna charta ଯେଉଁ ଅଦମ୍ୟ ପ୍ରବୃତ୍ତିରେ ପ୍ରଥମ ବିକାଶକୁ ଚିହ୍ନିତ କରିଥିଲା ତାହା ୧୬୮୯ ସାଲର Bloodless Revolution ୧୭୭୫ ସାଲର American war of independence ଏବଂ ୧୭୮୯ ସାଲର The French Revolution ର ଭିତର ଦେଇ ଶେଷରେ ଆଧୁନିକ ଯୁଗର Self determination ନାମରେ ସାରାପୃଥିବୀରେ ବ୍ୟାପିଗଲା । ଏହା Tuton ବା ଜର୍ମାନ ଜାତିର ବିଶ୍ୱସଭ୍ୟତାର ଉନ୍ନତି କଳ୍ପେ ବିଶିଷ୍ଟ-ସାଧନଲବ୍ଧ ଉପହାର ଅଟେ ।

Digitized by srujanika@gmail.com

Empire ଓ Papacy ର ଧ୍ୱଂସହେତୁ ଜାତୀୟତା ଓ ରାଷ୍ଟ୍ରୀୟତା ବୃଦ୍ଧି ହେବାକୁ ଲାଗିଲା । ଫଳତଃ ୟୁରୋପରେ ଜାତୀୟ ରାଷ୍ଟ୍ରମାନ ପ୍ରତିଷ୍ଠିତ ହୋଇ ଶକ୍ତି ଓ ସମୃଦ୍ଧି-ଶାଳୀ ହେବାକୁ ଲାଗିଲା । ଏହାର ଅନତିକାଳ ପରେ ଭୌତିକ ବିଜ୍ଞାନର ନାନା ପ୍ରକାର ଆଶ୍ଚର୍ଯ୍ୟକର ଉଦ୍ଭାବନ ହେତୁ ବ୍ୟାପାର ବାଣିଜ୍ୟରେ ନବଯୁଗର ଆରମ୍ଭହେଲା । ଶକ୍ତି ଓ ବାଣିଜ୍ୟର ପ୍ରସାରହେତୁ ଅନ୍ତର୍ରାଷ୍ଟ୍ରୀୟ ପ୍ରତିଦ୍ୱନ୍ଦ୍ୱିତା ତୀବ୍ରତର ହେବାକୁ ଲାଗିଲା । ଏହାରିଫଳରେ ପୁଣି ବିଗତ ମହାଯୁଦ୍ଧର ଆରମ୍ଭ । ଜର୍ମାନର ପରାଜୟ ଏବଂ ସମଗ୍ର ପୃଥିବୀରେ ଏକ ନୂତନ ଜାଗରଣର ଉଦ୍ରେକ ହେଲା । ଲୋକେ ହୃଦୟଙ୍ଗମ କଲେ ଯେ ଧନଶକ୍ତି ଓ ଜନଶକ୍ତିର ପ୍ରେରଣାରେ ପରିଚାଳିତ ହୋଇ ଅନ୍ଧପ୍ରତି-ଦ୍ୱନ୍ଦ୍ୱିତା ଜାତିମାନଙ୍କର ଶାନ୍ତି, ସୁଖ ଓ ଉନ୍ନତିର ଉପାୟ ନୁହେ—ଅଧୋଗତିର ମାର୍ଗଅଟେ । ସେଥିପାଇଁ ବର୍ତ୍ତମାନ ବିଶ୍ୱରାଷ୍ଟ୍ରୀୟତାର ବିଶ୍ୱକୁଟୁମ୍ବିତାର ଜୟର ପ୍ରତି-ହୃଦୟରେ ଫୁଟି ଉଠୁଛି । କିନ୍ତୁ ଏହି ବିଶ୍ୱକୁଟୁମ୍ବିତାର ଉନ୍ନତ ଆଦର୍ଶତଳେ ଯେ ଫିଲିପାଇନ ଓ ଫିଜିଦ୍ୱୀପର ଦାରୁଣ ଦାସତ୍ୱ ପ୍ରଥା, ଆଫ୍ରିକାର ନିରୀହ ନିଗ୍ରୋଙ୍କର ନିର୍ମମ ନିଷ୍ପୀଡ଼ନ; ଏବଂ ଭାରତରେ ହିନ୍ଦୁ ମୁସଲମାନଙ୍କର ପାଶବିକ ପ୍ରତିଦ୍ୱନ୍ଦ୍ୱିତା ଲୁକ୍କାୟିତ ଅଛି, ତାହା ଭୁଲିହେବ କି ? ତେବେ ଏହି ଇତିହାସର ଧାରା କୁଆଡୁ ଆସି କୁଆଡୁକୁ ବହିଯାଉଛି ? ଯେଉଁ ମହାନ ମନୁଷ୍ୟତ୍ୱର ନିରାଦର କରି ବେବିଲନ୍, ଏସିରିୟା, ଗ୍ରୀସ ଓ ରୋମର ପତନ ହୋଇଥିଲା ସେହି ମନୁଷ୍ୟତ୍ୱ ଉପରେ ଅତ୍ୟାଚାର କରିବାକୁ ଆଜକୁଡ଼ିକା ବିଂଶଶତାବ୍ଦୀର ସଭ୍ୟତା କୁଣ୍ଠିତ ନୁହେ । କିନ୍ତୁ ମନୁଷ୍ୟର ଏହି ଦଶା ଯେ ଚିରଦିନ ରହିଥିବ ତାହା ଇତିହାସର ଧାରା ସମର୍ଥନ କରେନାହିଁ । କ୍ଷୁଦ୍ର କୁଟୁମ୍ବଠାରୁ ଆରମ୍ଭ କରି ଜଗତ ବିରାଟ ବିଶ୍ୱକୁଟୁମ୍ବିତା ପଥରେ ଯେଉଁ ମନୁଷ୍ୟ ଅଗ୍ରସର ହେଉଅଛି, ତାହା ଦିନେ ସଭ୍ୟତାର ଏହି ତ୍ରୁଟି ବା ନ୍ୟୂନତାକୁ ଅତିକ୍ରମକରି ବିଶ୍ୱକୁଟୁମ୍ବିତାର ଆଦର୍ଶକୁ ଚରିତାର୍ଥ କରିବ ଏହାହିଁ ଇତିହାସର ଧାରା ସୂଚିତକରେ । ଅନ୍ତତଃ ଭାରତର ଏବିଷୟରେ ବିଶେଷ ଦୃଷ୍ଟି ଦେବା ଉଚିତ । ଏଦେଶରେ ବର୍ତ୍ତମାନ ଗୋଟିଏ ନୂତନ ସମସ୍ୟା ଉପସ୍ଥିତ ହୋଇଅଛି । ବର୍ତ୍ତମାନ ସବୁ ଜାତିର ଅପମାନ, ଅସ୍ପୃଶ୍ୟତାର କଳଙ୍କ, ଧାର୍ମିକ ଓ ନୈତିକ ଅତ୍ୟାଚାର, ହିନ୍ଦୁ ମୁସଲମାନ କଳହ ଆଦି ନାନାପ୍ରକାର ହୀନତାରେ ଭାରତ ଜଗତର ଏବଂ ଈଶ୍ୱରଙ୍କର ଘୃଣାପାତ୍ର । ଅନ୍ୟାନ୍ୟ ବିଖ୍ୟାତ ଜାତିମାନଙ୍କର ଉତ୍ଥାନ ପତନର ଦୃଷ୍ଟାନ୍ତ କୁସଂସ୍କାରାଚ୍ଛନ୍ନ ଭାରତୀୟ-ମାନଙ୍କୁ ଉଦ୍ବୋଧିତ କରିବନାହିଁ କି ? ଭଗବାନ୍ ଭାରତ ଇତିହାସର ଧାରାକୁ କେଉଁଆଡ଼କୁ ଚଳାଉ ଅଛନ୍ତି କିଏ କହିପାରେ !

---

## ସାମାଜିକ ଅନୁଷ୍ଠାନ

### ଶ୍ରୀ ନୃସିଂହ ମହାନ୍ତି

ସମାଜରେ ପ୍ରତ୍ୟେକ ବ୍ୟକ୍ତି, ପ୍ରତ୍ୟେକ ସଂସ୍ଥାନିତ ଭାବ ଓ ଆଦର୍ଶ ପ୍ରତ୍ୟେକ ଆଚାର, ପ୍ରଚଳନ ଓ ପ୍ରଥା ଗୋଟିଏଲେଖାଏଁ ଅନୁଷ୍ଠାନ । କିନ୍ତୁ ବାସ୍ତବିକ ଅର୍ଥରେ, ସେମାନେ "ସାମାଜିକ" ହୋଇ ନ ପାରନ୍ତି, କାରଣ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କର ସମାଜ ଉପରେ ପ୍ରବଳ ପ୍ରଭାବ ନ ଥାଇପାରେ, ବା ସେମାନେ ସମାଜବ୍ୟାପୀ ବା ପ୍ରଶସ୍ତ ହୋଇ ନ ପାରିଥାନ୍ତି । ପୁଣି ଅନୁଷ୍ଠାନ ମୂଳରେ ଯେବେ ପୂର୍ଣ୍ଣତମ ଆଦର୍ଶ, ସତ୍ୟ ବା ବିଶ୍ୱ-ସୁଖ-ଶାନ୍ତି ଉପଲବ୍ଧିର ଆକାଂକ୍ଷା ନ ଥାଏ, ତେବେ ସେ ଅନୁଷ୍ଠାନ ମାନବୀୟ ବା ବିଶ୍ୱର ଅନୁଷ୍ଠାନ ନୁହେ । ତାହା ଅପ୍ରଶସ୍ତ ଓ ଅନିତ୍ୟ, ସେଥିରେ ସମାଜର ସାମୟିକ ଅସ୍ଥାୟୀ ସୁଖ-ଶାନ୍ତି ହୋଇପାରେ, କିନ୍ତୁ ସେଥିରେ ମାନବ ଜୀବନର ଶ୍ରେୟର ସ୍ଥାନ ନାହିଁ । ଏହି ପ୍ରଶସ୍ତି ଓ ସତ୍ୟୋପଲବ୍ଧି ବା ଆଦର୍ଶଲାଭର ଆକାଂକ୍ଷା ଦେଶ, ଧର୍ମ, କାଳ, ବ୍ୟକ୍ତି

Digitized by srujanika@gmail.com

ତା ଅନ୍ୟ କୌଣସି କୃତ୍ରିମ ବେଷ୍ଟନୀର ଅତୀତ, ତାହା ମାନବକୁ ମାନବକରେ,—ହିନ୍ଦୁ, ଖ୍ରୀଷ୍ଟାନ୍, ବୌଦ୍ଧ, ବା ଇଂରେଜ, ଭାରତୀୟ, ଆର୍ଯ୍ୟ, ଅନାର୍ଯ୍ୟ, ନମଃଶୂଦ୍ର, ବ୍ରାହ୍ମଣ ତୋ ପରିହା କରି ରଖେନା—ତାହା ସମସ୍ତ କ୍ଷୁଦ୍ରତା ଦୂରକରି ଐକ୍ୟ ଓ ପ୍ରଶସ୍ତ ସୌହାର୍ଦ୍ଦ୍ୟ ଓ ସହାନୁଭୂତି ସଂସ୍ଥାପିତ କରେ, ଏହାହିଁ ପ୍ରଶସ୍ତତମ ଓ ଉତ୍କୃଷ୍ଟତମ ଅନୁଷ୍ଠାନ । ମାନବଜୀବନର ଆଦର୍ଶ ସର୍ବଦା ଏହି ଅନୁଷ୍ଠାନଟିକୁ ବିକାଶ ଦିଗରେ ମୁକ୍ତ ରଖିବା ଓ ଜୀବନ୍ତ କରିବା । ଯେଉଁ ସମାଜରେ ଏ ପ୍ରକାର ଅନୁଷ୍ଠାନର ସଂଖ୍ୟା ବେଶୀ, ସେ ସମାଜ ଶିବ-ସୁଖ-ଶାନ୍ତି ଦିଗରେ ସେତେ ଅଗ୍ରସର । ଏଥିପାଇଁ ଧର୍ମାନୁଷ୍ଠାନ ଉଚ୍ଚତମ ଅନୁଷ୍ଠାନ ଓ ଧର୍ମ—ସମାଜ ଆଦର୍ଶ ସମାଜ । ଯେଉଁ ସମାଜରେ ସତ୍ୟ-ଧର୍ମର ପ୍ରଚଳନ ଯେତେ ବେଶୀ, ସେ ସମାଜ ସୌହାର୍ଦ୍ଦ୍ୟ ସୂତ୍ରରେ ବଦ୍ଧ ସେତେ ସେପରି ପ୍ରଶସ୍ତ ଅର୍ଥରେ ବଦ୍ଧ ।

ସମାଜର ଉଦ୍ଦେଶ୍ୟ ବ୍ୟକ୍ତିର ଆଦର୍ଶ ଓ ପୂର୍ଣ୍ଣତମର ଅନୁସନ୍ଧାନରେ ତାହାର ଗତିବିଧି ନିୟନ୍ତ୍ରିତ କରିଦେବା ।—ପୂର୍ଣ୍ଣତମ ବିକାଶ ନିମିତ୍ତ ସମସ୍ତପ୍ରକାର ଆୟୋଜନ କରି ତାହାର ବ୍ୟକ୍ତିଗତ ବିକାଶକୁ ସାମାଜିକ ବିକାଶ ସଙ୍ଗେ ସହଯୋଗ ଓ ସମନ୍ୱିତ କରିଦେବା । ତାହାହେଲେ ବ୍ୟକ୍ତି ବାସ୍ତବିକ ଅର୍ଥରେ ସମାଜର ଏକ ଅଙ୍ଗ ହୋଇଥାଏ ଏବଂ ସମାଜର ସମଷ୍ଟିଗତ ଚେଷ୍ଟା ସତ୍ୟପଥରେ ଦୃଢ଼ତର ଓ ଅଗ୍ରସର ଶୀଳ ହୁଏ ଏବଂ ଅନ୍ୟପକ୍ଷରେ ବ୍ୟକ୍ତିଗତ ଜୀବନ ମଧ୍ୟ ସମାଜର ସହାୟତା ଲାଭକରି ଉନ୍ନତ ଓ ବିକଶିତ ହୁଏ । ସମାଜ ମଧ୍ୟ ଦେଇ ମାନବ ତାହାର ବ୍ୟକ୍ତିତ୍ୱକୁ ଯେତେ ଗଭୀର ଓ ସ୍ପଷ୍ଟ ଭାବରେ ଉପଲବ୍ଧି କରିପାରେ, ତାହାର ସାମାଜିକ ଜୀବନ ସେତେ ଜୀବନ୍ତ ଓ ସାର୍ଥକ ହୋଇଉଠେ । ସତ୍ୟୋପଲବ୍ଧିର ପନ୍ଥା ଯେତେ ସାମାଜିକ ଓ ପ୍ରଶସ୍ତ ହୋଇଥାଏ—ମାନବସମାଜର ଉଚ୍ଚତମ ଆଦର୍ଶଦିଗରେ ସେ ସେତେ ଅଗ୍ରସର କରୁଥାଏ । ବ୍ୟକ୍ତି ଓ ସମାଜମଧ୍ୟରେ ସୂକ୍ଷ୍ମ ଓ ସହଜ ସଂପର୍କଟି ଏହିପରି ସତତ ବିଦ୍ୟମାନ । ବ୍ୟକ୍ତି ତଥା ସମାଜ, ଏକ ବ୍ୟତୀତ ଅନ୍ୟଟି ତିଷ୍ଠିବା ଅସମ୍ଭବ, ଯେବେ ବା ସମ୍ଭବପର ହୁଏ ତାହାହେଲେ, ତାହା ଆମ୍ଭମାନଙ୍କର ଆଲୋଚନାର ବାହାରେ ।

ଆମ୍ଭେମାନେ ବ୍ୟକ୍ତି ଓ ସମଷ୍ଟି ମଧ୍ୟରେ ଗୋଟିଏ ଅଖଣ୍ଡନୀୟ ସଂପର୍କ ବିଷୟରେ କିଛି ଆଲୋଚନା କରୁଅଛୁଁ । ବର୍ତ୍ତମାନର ଆଲୋଚ୍ୟ—ବ୍ୟକ୍ତି ଓ ସମାଜମଧ୍ୟରେ ଏ ସହଜ ସଂପର୍କଟି କିପରି ସଂସ୍ଥାପିତ ଓ ପରିବର୍ଦ୍ଧିତ ହୁଏ । ଗଭୀର ଭାବରେ ଅନୁସନ୍ଧାନ କଲେ ଏ ସତ୍ୟଟି ସ୍ପଷ୍ଟ ହୋଇ ଉଠେ ଯେ ବ୍ୟଷ୍ଟି—ସମଷ୍ଟି ସଂପର୍କ ସାମାଜିକ ଅନୁଷ୍ଠାନ ମଧ୍ୟ ଦେଇ ପ୍ରବାହିତ, ତାହାରି ଦ୍ୱାରା ସଂସ୍ଥାପିତ ଓ ପରିପୋଷିତ । ସମାଜିକ ଅନୁଷ୍ଠାନ ବ୍ୟତୀତ, ପ୍ରଥମତଃ ବ୍ୟକ୍ତି ଉପରେ ସମାଜର କୌଣସି ଶକ୍ତି ବା କ୍ଷମତା ରହେନାହିଁ । ବ୍ୟକ୍ତିର ସମାଜ ନିମିତ୍ତ କୌଣସି କୃତଜ୍ଞତା ବୋଧ ରହେନା, ଦ୍ୱିତୀୟତଃ ସମାଜର ମହତ୍ତର ଉଦ୍ଦେଶ୍ୟ ସାଧିତ ହୋଇପାରେନାହିଁ, ଅର୍ଥାତ୍ ସାମାଜିକ ଅନୁଷ୍ଠାନ ପ୍ରତି ସଂଯୁକ୍ତ ହୋଇ ବ୍ୟକ୍ତି ଯେଉଁ ସାମାଜିକ ଐକ୍ୟ ଓ ମାନବୀୟ ସୌହାର୍ଦ୍ଦ୍ୟ ଉପଲବ୍ଧି କରେ, ତାହାର ଆଦୌ ସମ୍ଭାବନା ନ ଥାଏ । ଜୀବନରେ, ଆଦର୍ଶରେ ବା ଆଦର୍ଶୋପଲବ୍ଧିରେ କୌଣସି ଏକ ସାଧାରଣ ପ୍ରଚେଷ୍ଟା ରହେନାହିଁ । ମାନବ ମାନବ ମଧ୍ୟରେ ଶାଶ୍ୱତ ଅନ୍ତଃସଂପର୍କଟି ଆଉ ନଥାଏ । ବସ୍ତୁତଃ, ସମାଜ ନିରର୍ଥକ ହୋଇ, କେବଳ ପଶୁ ବା ଉଦ୍ଭିଦଗୋଷ୍ଠୀ ସ୍ୱରୂପ ଅଶାନ୍ତିପୂର୍ଣ୍ଣ ମାନବ-ଗୋଷ୍ଠୀ ହୋଇଯାଏ । ଏହି ନୈସର୍ଗିକ ମାନବୀୟ ସଂପର୍କଟିକୁ ଜୀବନ୍ତ, ସରସ ଓ ମହତ୍ତର କରିବା ସମସ୍ତ ଅନୁଷ୍ଠାନର କାର୍ଯ୍ୟ । ଗଭୀର ଭିନ୍ନତା ସତ୍ତ୍ୱେ ପ୍ରାଚୀନ ଭାରତୀୟ ଯୋଗବିଦ୍ୟା ଓ ଯୋଗସାଧନ ତଥା ଆଧୁନିକ ୟୁରୋପରେ ବିଜ୍ଞାନର ଉଦ୍ଦେଶ୍ୟ ଏହିଠାରେ ସଂପୂର୍ଣ୍ଣ ସମନ୍ୱିତ । ଯୋଗୀ ଅନ୍ତରାତ୍ମାର ସୂକ୍ଷ୍ମ ଅନୁଭୂତି ଦ୍ୱାରା ବିଶ୍ୱର ତଥା ବିଶ୍ୱକର୍ତ୍ତାଙ୍କର ପ୍ରତ୍ୟେକ ଅଂଶାଣୁ ସହିତ ମାନବୀୟ ତଥା ଅତିମାନବୀୟ ସଂପର୍କ ସ୍ଥାପନ କରିପାରୁଥିଲେ, ବୈଜ୍ଞାନିକ ମଧ୍ୟ ସ୍ୱୀୟ ଗବେଷଣା ଓ ଧୀମତ୍ତା ଦ୍ୱାରା ସତ୍ତା—ସଂପର୍କ (relativity of substauce) ସ୍ଥାପନ କରୁଅଛନ୍ତି । ଉଭୟେ ଏକ ଅର୍ଥରେ ଯୋଗୀ ଓ ବୈଜ୍ଞାନିକ । ଏ ଉଭୟଙ୍କର କାର୍ଯ୍ୟ ଗୋଟିଏ ମହତ୍ ସାମାଜିକ ଅନୁଷ୍ଠାନ । ଅନୁଷ୍ଠାନ ଯେତେବେଳେ ନୀଚ-ଉଦ୍ଦେଶ୍ୟ ସମ୍ପନ୍ନ (utilitarian) ଓ ସ୍ୱାର୍ଥାତ୍ମକ

Digitized by srujanika@gmail.com

( absolute ) ନ ହୋଇ ପୂର୍ଣ୍ଣ ଓ ଅଭିମାନବୀୟ ହୁଏ, ତାହାର ସତ୍ୟୋପଲବ୍ଧିର ପନ୍ଥା ଉନ୍ମୁକ୍ତ ହୋଇଯାଏ, ଗୋଷ୍ଠୀଗତ ଜୀବନର ସାର୍ଥକତା ସାଧିତ ହୁଏ । ଯେଉଁ ଅନ୍ତୋପଲବ୍ଧ ବ୍ୟକ୍ତିଗତ ଆଂଶିକତାର କ୍ଷୁଦ୍ର ସୀମା ଲଙ୍ଘନ କରି ମାନବ-ପ୍ରକୃତିର ମଧ୍ୟ ଦେଇ ବିଶ୍ୱ-ପ୍ରକୃତିର ସତ୍ୟ ଓ ସୌନ୍ଦର୍ଯ୍ୟ ଉପଭୋଗ କରେ, ତାହା ସାମାଜିକ ଅନ୍ତୋପଲବ୍ଧି—ତାହା ସାମାଜିକ ଅନୁଷ୍ଠାନର କାର୍ଯ୍ୟ ।

ଏହି ଅନୁଷ୍ଠାନଗୁଡ଼ିକ ସମାଜରେ ଯେତେ ଶକ୍ତିଶାଳୀ, ବ୍ୟକ୍ତିଗତ ଜୀବନ ସେତେ ଉନ୍ନତ ଓ ସମାଜ ଆଦର୍ଶ ଦିଗରେ ସେତେ ଅଗ୍ରସରଶୀଳ ଓ ବ୍ୟକ୍ତି-ସମାଜ ସମ୍ପର୍କ ସେତେଦୃଢ଼, ସହଜ ଓ ନିକଟ । ସମାଜରେ ଅଭିନବ ସଂସ୍କାରର ସମ୍ଭାବନା ସେତେ ପ୍ରବଳ । ପ୍ରାଚୀନ ଭାରତରେ ବ୍ୟଷ୍ଟି-ସମଷ୍ଟି ସମ୍ପର୍କ ଠିକ ଏହି ଧରଣର ଥିଲା—ଅର୍ଥାତ୍ ସାମାଜିକ ଅନୁଷ୍ଠାନଗୁଡ଼ିକ ସବୁବେଳେ ଦୃଢ଼, ସତେଜ ଓ ଶକ୍ତିଶାଳୀ ଥାଇ, ପ୍ରଥମତଃ ବ୍ୟକ୍ତିଗତ ଜୀବନପାଇଁ ସ୍ପଷ୍ଟ ଆଦର୍ଶର ଧାରା ଓ ସ୍ଥାନ ନିର୍ଦ୍ଦେଶ କରି ଦେଉଥିଲା । ୨ୟତଃ ଏହା କରିବାଦ୍ୱାରା ସମାଜର ଚେଷ୍ଟା ସମଷ୍ଟିକୁ ଅପଚୟରୁ ରକ୍ଷାକରି ନିର୍ଦ୍ଦିଷ୍ଟ ଦିଗରେ ଚାଳିତ କରାଇଦେଇ ଆଦର୍ଶ ସମ୍ପର୍ଶରେ ଆଣୁଥିଲା । କିନ୍ତୁ ବର୍ତ୍ତମାନ ଅମ୍ଭମାନଙ୍କର ସାମାଜିକ ଅନୁଷ୍ଠାନଗୁଡ଼ିକ ଦୁର୍ବଳ, ଅର୍ଦ୍ଧମୃତ, ମଙ୍ଗଳଶୂନ୍ୟ, ନବ ନବ ସଂସ୍କାର ବା ପରିବର୍ତ୍ତନର ବିରୋଧୀ । ଏଥିରୁ ସହଜେ ଅନୁମେୟ—ସାମାଜିକ ଜୀବନର ଅବସ୍ଥା କିପରି ହୋଇଥିବ—ବ୍ୟକ୍ତି-ସମାଜ ମଧ୍ୟରେ ସମ୍ପର୍କ କି ଶିଥିଳ ଓ ଅଦୃଢ଼, ବ୍ୟକ୍ତିଗତ ତଥା ସାମାଜିକ ଶକ୍ତିଚୟ କିପରି ବିକ୍ଷିପ୍ତ ଓ ସମାଜ କିପରି ମୁମୂର୍ଷୁ ଓ ବ୍ୟକ୍ତି ଜୀବନ୍ମୃତ ।

ସମାଜର ସାଧାରଣ ଉନ୍ନତି ନିମିତ୍ତ ଅନୁଷ୍ଠାନଗୁଡ଼ିକର ନୂତନ ସଂସ୍କାର ଅବଶ୍ୟକ । ସମାଜ ବର୍ତ୍ତମାନ ଅନ୍ଧ—ନିର୍ବିଚାରରେ କାଳଦୂଷିତ ଆବର୍ଜନାପୂର୍ଣ୍ଣ ଅନୁଷ୍ଠାନଗୁଡ଼ିକୁ ସ୍ଥାନଦେଇ ଓ ପୂଜାକରି ବ୍ୟକ୍ତିର ଜୀବନରେ ଉନ୍ନତିର ପ୍ରଧାନ କଣ୍ଟକରୂପରେ କାର୍ଯ୍ୟ କରୁଅଛି । ଏ ସମାଜ-ନୀତିରେ ହେତୁବାଦିତା ନାହିଁ, ସ୍ୱାଧୀନ ଚିନ୍ତା, ସ୍ୱାଧୀନତା ଲାଭର ପ୍ରୟାସ ବା ଚେଷ୍ଟା—ନାହିଁ, ଅଛି କେବଳ ସଂସ୍କାରବିରୁଦ୍ଧତା, ରକ୍ଷଣଶୀଳତା । ମାନବ ଅନେକ ସମୟରେ ହେତୁବାଦୀ,—ପୁଣି ଅଳ୍ପତର ସମୟରେ ସମାଜ ଓ ଧର୍ମ୍ମ-ସଂସ୍କାରରେ ହେତୁବାଦୀ ଓ ସ୍ୱାଧୀନ ଚିନ୍ତାଶୀଳ, ଅଥଚ ହେତୁର ଦୋହାଇ ଦେବାକୁ କେବେ ଛାଡ଼ି ନଥାଏ । ପ୍ରତ୍ୟେକ ରକ୍ଷଣଶୀଳ ହେତୁବାଦୀ ତାର ମିଥ୍ୟା-ବୈଜ୍ଞାନିକତା ଦ୍ୱାରା ତାଙ୍କର ଯୁକ୍ତିର ଯାଥାର୍ଥ୍ୟ ଓ ସତ୍ୟ ସମର୍ଥନ କରନ୍ତି । ଧର୍ମ୍ମର ଦୁହାଇ-ଦେଇ, ଶାସ୍ତ୍ର, ପୁରାଣ, ସ୍ମୃତିର ଦୁହାଇଦେଇ ଚଳିତ ପ୍ରଥାମାନ, ସମାଜର ଉଚ୍ଚତମ ମଙ୍ଗଳ (?) ଦୃଷ୍ଟିରେ ରକ୍ଷଣଶୀଳ ପୁରାତନ ଅର୍ଦ୍ଧମୃତ ଅନୁଷ୍ଠାନ ଗୁଡ଼ିକୁ ସିନା ଆସକ୍ତ ଥାନ୍ତି ! ତାଙ୍କର ମାନସିକ ଜଗତରେ କାଳର ପ୍ରଭାବ, ଶିକ୍ଷା ବା ପରିବର୍ତ୍ତିତ ଅବସ୍ଥାର ପରିବର୍ତ୍ତନ ଓ ଉନ୍ନତଶିକ୍ଷା ଯୋଗୁଁ ନୂତନ ସଂସ୍କାରର ଯେତେ ଢେଉ ଆସି ପଡ଼ୁକେ ସେ ସବୁକୁ ଆତ୍ମ-ପ୍ରବଞ୍ଚନା ଦ୍ୱାରା ଏଡ଼େଇ ଦେବାକୁ ପ୍ରସ୍ତୁତ । ସେ ପରିବର୍ତ୍ତନର ଅପକ୍ଷପାତ,—ମୃତ ପ୍ରାଚୀନର ଅନ୍ତ୍ୟେଷ୍ଟି ପୁରୋହିତ, ରାଜନୈତିକ ଜଗତରେ No-changers ଙ୍କ ଭଳି ସେମାନେ ଅବସ୍ଥା ଭେଦରେ ଉପାୟଭେଦ ସ୍ୱୀକାର କରିବାକୁ ନାରାଜ । ସତ୍ୟର ଭିନ୍ନ ଭିନ୍ନ ସ୍ୱରୂପ ସଂଦର୍ଶନ ଓ ଅନୁଭୂତିର ବିରୋଧୀ, —ତାମସିକତା ଦ୍ୱାରା ଆତ୍ମ-ପ୍ରତାରଣାରେ ସର୍ବଦା ଉଦ୍‌ବିଗ୍ନ । ଅମ୍ଭମାନଙ୍କ ସମାଜରେ, ଏ କଥାଟି ବ୍ୟକ୍ତିଗତ ଭାବରେ କାହିଁକି, ସାମାଜିକ ଭାବରେ ସତ୍ୟ । ସମାଜ ରକ୍ଷଣଶୀଳ ହେବା ସ୍ୱାଭାବିକ ମନେକରି ଯେ କୌଣସି ଅବଶ୍ୟକ ପରିବର୍ତ୍ତନକୁ ଏଡ଼େଇ ଦେଉଅଛି, ସେଥିପାଇଁ ସମାଜ ଅର୍ଦ୍ଧମୃତ ଓ ଅନଗ୍ରସରଶୀଳ, ବ୍ୟକ୍ତିର ଆତ୍ମଶକ୍ତି ବିକ୍ଷିପ୍ତ ଓ କାର୍ଯ୍ୟୋପଯୋଗୀ ନୁହେ । କାଳଶକ୍ତି ( Zeitgiest ) ର ଧାରା ଅନୁସରଣ କରିବାରେ ଅବହେଳା କରିବାରୁ, କାଳଶକ୍ତି ସମାଜ ପ୍ରତି ଏଡ଼େ ନିଷ୍ଠୁର,—ଶତ ଶତ ଶତାବ୍ଦୀ ମଧ୍ୟରେ ଏହାର ଉନ୍ନତି ଦିଗରେ ପରିବର୍ତ୍ତନ ହୁଏନାହିଁ, ବସ୍ତୁତଃ, କାଳର ବହୁଦର୍ଶିତାରୁ ଏହା କିଛିମାତ୍ର ଶିକ୍ଷା କରୁନାହିଁ । ଯେତେବେଳେ ଏଟା ସଂପୂର୍ଣ୍ଣ ହୃଦୟଙ୍ଗମ ହେଲା ଯେ ବର୍ତ୍ତମାନର ସମୁଦାୟ ଅସଙ୍ଗତି ବା ଅଶାନ୍ତି ମୃତ ପ୍ରାଚୀନର ଦୋଷେଭବ ସେତେବେଳେ ନବବିକାଶ ବା ପରିବର୍ତ୍ତନକୁ

Digitized by srujanika@gmail.com

ବରଣ କରି ନ ଆଣିବା କେତେ ମୂର୍ଖତାର କାର୍ଯ୍ୟ ! ନମ୍ନୋକ୍ତ ଅବସ୍ଥା ଦୃଷ୍ଟିରେ ରକ୍ଷଣଶୀଳତା ମହାପାପ । ଯେଉଁସବୁ ଅନୁଷ୍ଠାନ—ଶାସ୍ତ୍ର, ପୁରାଣ, ଭାବ, ଆଦର୍ଶ ଓ ବ୍ୟକ୍ତିଙ୍କ ବଳରେ (authority) ଆମ୍ଭେମାନେ ନିଜର ମତାମତକୁ ଯୁକ୍ତିସଙ୍ଗତ ମନେକରୁ—ସେ ଗୁଡ଼ିକ ଯେ କେବଳ ବିକାଶ ବା ପରିବର୍ତ୍ତନର ଫଳ—ଏ ଐତିହାସିକ ସତ୍ୟଟିକୁ ଆମ୍ଭେମାନେ ଏକାବେଳକେ ଦୃଷ୍ଟି ଦେଉନାହିଁ ।

ପରିବର୍ତ୍ତନ ଯେ ସବୁ ଅବସ୍ଥାରେ ଯେବେ 'ମହାପାପ' ବା 'ଅବୈଦିକ' ନ ହୋଇ ବରଂ ତା ପ୍ରତି ହିତକର ବା ଉନ୍ନତିକର ହୋଇଛି ବୋଲି ପ୍ରମାଣିତ ହେଉଛି, ଆମ୍ଭମାନଙ୍କର ବର୍ତ୍ତମାନ ଅନୁଷ୍ଠାନ ଗୁଡ଼ିକର ପରିବର୍ତ୍ତନ ତେବେ ଛିଦ୍ରକାରକ କାହିଁକି ? ୨ୟତଃ, ଯେତେବେଳେ ପ୍ରକୃତିର ଶକ୍ତି ମାନବ ଅପେକ୍ଷା ବଳବତୀ ବୋଲି ସ୍ୱୀକାର କରାଯାଏ ଏବଂ ଯେତେବେଳେ ଇତିହାସରୁ ଏହା ଦେଖାଯାଇଛି ଯେ ପ୍ରକୃତି, ମାନବ ଅନିଚ୍ଛାରେ ସୁଦ୍ଧା ତାହାର ନିର୍ଦ୍ଦିଷ୍ଟ ପରିବର୍ତ୍ତନ ମାନ କରିନେଇ ଯାଉଅଛି, ଯେତେବେଳେ ପରିବର୍ତ୍ତନର ଅପକ୍ଷପାତୀ ହେବା ସଭ୍ୟତା ତ ନୁହେଁ ।—ଘୋର ବର୍ବରତା (Philistinism) ନୁହେଁ କି ? ପରିବର୍ତ୍ତନ ବ୍ୟତୀତ ଇତିହାସ ଅସମ୍ଭବ । ସେଥିପାଇଁ ଇତିହାସ ମାନବକୁ ଶିକ୍ଷାଦିଏ—ଅବସ୍ଥା ଦୃଷ୍ଟିରେ ପରିବର୍ତ୍ତନକର । ଇତିହାସ ପୁନରାବୃତ୍ତି କରେ ନା । ପରିବର୍ତ୍ତନ ପୁନରାବୃତ୍ତିର ବିରୋଧୀ । ସେଥିପାଇଁ ଇତିହାସ ପରିବର୍ତ୍ତନଶୀଳ । ଯେଉଁଠାରେ ପୁନରାବୃତ୍ତିର ସମ୍ଭାବନା ନ ଥାଏ ସେ ଦେଶର ବା ଜାତିର ଭାଗ୍ୟ ରିକ୍ତ । ଅନୁନ୍ନତ ବା ଅନିର୍ଦ୍ଦିଷ୍ଟ ବସ୍ତୁତଃ ଇତିହାସ ଲେଖା ଅଦୌ ହୁଏନା । ମାନବ ଜାତିର ଇତିହାସ ଗବେଷଣା କଲେ କ'ଣ ଜଣାଯାଏ ?—ପ୍ରଥମ ଦୃଷ୍ଟିରେ ଜଣାଯାଏ ଗୋଟିଏ ପରିବର୍ତ୍ତନଶୀଳ ସଭ୍ୟତା ଓ ସଂସ୍କୃତି ।

୨ୟ ଦୃଷ୍ଟିରେ ଜଣାଯାଏ—ଯେଉଁ ୨ କ୍ଷୁଦ୍ର ଓ ଅପ୍ରଶସ୍ତ ବା ଅନଗ୍ରସରଶୀଳ ଆନ୍ଦୋଳନମାନ ଏ ସଭ୍ୟତାର ବିରୋଧୀ ବୋଲି ଜଣାଯାଇଅଛି, କାଳ ସେ ସବୁକୁ ଏକାବାରେ ବିନାଶ କରି ଦେଇଅଛି । ସେ ସବୁ କ୍ଷୁଦ୍ର ଦେଶ ବା ଜାତିକୁ ଉପକାର କରିଥିଲେ ସୁଦ୍ଧା ବର୍ତ୍ତମାନ ମାନବ ଇତିହାସରେ କେବଳ କ୍ଷୀଣତର ହୋଇ ଯାଉଅଛି । ଏହି ସଭ୍ୟତା ଗୋଟିଏ ପ୍ରକାଣ୍ଡ ସାମାଜିକ ଅନୁଷ୍ଠାନ । ଏହାର ଉଦ୍ଦେଶ୍ୟ ବିକାଶ ଓ ସତ୍ୟୋପଲବ୍ଧି, ପ୍ରାଥମିକ ଅବସ୍ଥା [ rimordial Stage ] ରେ କେବଳ ଏହା ଗୋଟିଏ କ୍ଷୀଣ ମନଃଶକ୍ତି ଥିଲା । ମାନବକୁ ଇତର ଜନ୍ତୁମାନଙ୍କଠାରୁ ଭିନ୍ନ ଓ ଉଚ୍ଚତର କରିବା ଏହାର ଉଦ୍ଦେଶ୍ୟ ଥିଲା । ମାନବ ସ୍ୱଭାବତଃ ପ୍ରକୃତିର ବିରୋଧୀ, ଇତର ପ୍ରାଣୀପରି ପ୍ରକୃତିର ଦାନରେ ସେ ସନ୍ତୁଷ୍ଟ ନ ହୋଇ ସତତ ଚେଷ୍ଟାକରେ । ଏଥିପାଇଁ ଶୀତପ୍ରଧାନ ଦେଶର ଜୀବ ଜନ୍ତୁଙ୍କ ଦେହରେ ଲୋମ ଓ ମାନବ ଦେହରେ ତାହାର ହସ୍ତ-ବସ୍ତ୍ର କମ୍ବଳ ଓ ଅନ୍ୟାନ୍ୟ ବସ୍ତ୍ର । ସେଥିପାଇଁ ମଧ୍ୟ ମଧୁମକ୍ଷିକା ତାହାର ମଧୁଚକ୍ରର ଆକୃତି ଓ ଗଠନ ପରିବର୍ତ୍ତନ କରି ପାରେନା । ପରିବର୍ତ୍ତନ ଜୀବନ ଓ ସଭ୍ୟତାର ପରିଚାୟକ । ପରିବର୍ତ୍ତନ ଭ୍ରମାତ୍ମକ ହେଲେ ସୁଦ୍ଧା, ସେଥିରୁ ଅନେକ ଶିକ୍ଷା କରିବାର ଥାଏ ।

ସାଧାରଣତଃ, ଲୋକେ ପରିବର୍ତ୍ତନ ପ୍ରତି ଯେଉଁ ଅନାସ୍ଥା ପ୍ରଦର୍ଶନ କରିଥାନ୍ତି ସେଟା ଅଦୌ ଯୁକ୍ତିସଙ୍ଗତ ନୁହେଁ । ଅବଶ୍ୟ ଏହା ବୋଲି ଯେ ଚିର ପରିବର୍ତ୍ତନଶୀଳତା ଉଚିତ ଏହା ଆମ୍ଭେମାନେ କହୁନାହୁଁ । ତେବେ, ଅଯୌକ୍ତିକ ଅପରିବର୍ତ୍ତନଶୀଳତାର ଆମ୍ଭେମାନେ ଯଥେଷ୍ଟ ବିରୋଧୀ । ପରିବର୍ତ୍ତନ ଗୋଟିଏ ସାମାଜିକ ଅନୁଷ୍ଠାନ । ସମାଜରେ ଗୋଟିଏ ଅନୁଷ୍ଠାନର ଶୂନ୍ୟତା ବା ଅନାବଶ୍ୟକତା ଯେତିକି ବଢ଼ୁଥାଏ; ଅନ୍ୟ ଦିଗରେ ପରିବର୍ତ୍ତନ ସମ୍ଭାବନା ଯେତିକି ଦୃଢ଼ତର ହେଉଥାଏ । ସମସ୍ତ ଅପେ ଯେତେବେଳେ ସମାଜର ଉକ୍ତ ଅନୁଷ୍ଠାନଟି ଏକାବେଳକେ ମୃତ ହୋଇଯାଏ ଏବଂ ନୂତନ ଅନୁଷ୍ଠାନର ଭିତ୍ତି ସିଦ୍ଧହୁଏ । ମନକୁ ଅଯୁକ୍ତି ଓ ନାନାପ୍ରକାର ଆବର୍ଜନାରୁ ମୁକ୍ତ କରିପାରିଲେ, ପରିବର୍ତ୍ତନ ଯେତେବେଳେ ବାସ୍ତବିକ ଆବଶ୍ୟକ ହେବ, ସେତେବେଳେ ହୋଇଯିବ—ଅଥଚ କୌଣସି ପ୍ରକାର ଅନିଷ୍ଟର ସମ୍ଭାବନା ଅଦୌ ନ ଥିବ । ସମାଜର ଏ ଅନୁଷ୍ଠାନଟିର ଆବଶ୍ୟକତା ଯେତେ ବେଶୀ, ଅଭ କାହାର ଏତେ

Digitized by srujanika@gmail.com

ବେଶୀ ନୁହେ । ଏ ଅନୁଷ୍ଠାନ ମାନବର ପ୍ରାଣ ଶକ୍ତିକୁ ସର୍ବଦା ଜୀବନ୍ତ ଓ ସତେଜ କରି ରଖେ । ଭ୍ରାନ୍ତ ବିଶ୍ୱାସ ପ୍ରତିଷ୍ଠିତ ଅନୁଷ୍ଠାନମାନ ମାନବକୁ ଦାସ କରି ରଖେ । ମାନବର ମାନବତ୍ୱ ଓ ଅନ୍ତରାତ୍ମାର ଚିର ନୂତନତ୍ୱ ନଷ୍ଟ-କରେ । ମାନବ ଯେ ସବୁକୁ ପୂଜାକରି ବସେ ।

ଏହାହିଁ ମାନବର ସଙ୍କେତ ପୂଜା ବା ପୌତ୍ତଳିକତା ( Symbolism ) ଯେଉଁ ସମାଜରେ ଏ ପ୍ରକାର ପୌତ୍ତଳିକତା ବେଶୀ ସେ ସମାଜରେ ସାମାଜିକ ଶ୍ଳୋକ ସେତେ କମ୍ । ଯେ ସମାଜର ମହତ୍ତର ସମ୍ଭାବନା ସେତେ କମ, ଉନ୍ନତିପଥ ସେତେ ରୁଦ୍ଧ । ଏହି ପୌତ୍ତଳିକ ଅନୁପ୍ରବର୍ତ୍ତନାଦ୍ୱାରା ସମାଜରେ କମ ଅନାସ୍ଥା ହେଉନାହିଁ, କମ ଅବିମୃତ ଅନୁଷ୍ଠାନମାନ ପ୍ରଚଳିତ ହେଉନାହିଁ ! ସଙ୍କେତ ପୂଜା ବା ପୌତ୍ତଳିକତା ଯେତେବେଳେ ତାହାର ଅଭ୍ୟନ୍ତରିକ ସାର୍ଥକତା ହରାଇ ବସେ, ସେତେବେଳେ ତାହା ସମାଜର କ୍ଷତ ବ୍ୟତୀତ କୌଣସି ଅଂଶରେ ଲାଭ କରେନାହିଁ । ଉଦାହରଣ ସ୍ୱରୂପ ବ୍ରାହ୍ମଣ ହିନ୍ଦୁସମାଜରେ ଧର୍ମ ଓ ଆଧ୍ୟାତ୍ମିକତାର ଏକ ସଙ୍କେତ ବା ମୂର୍ତ୍ତି,—ତାହାକୁ ପୂଜା କରିବାର ଯଥେଷ୍ଟ ଯୁକ୍ତି ଅଛି । କିନ୍ତୁ ତା ବୋଲି ବ୍ରାହ୍ମଣ-ପୁତ୍ର ଚରିତ୍ରରେ ଚଣ୍ଡାଳତ୍ୱ ଥିଲେ ସୁଦ୍ଧା; ତାକୁ ବ୍ରାହ୍ମଣ ବୋଲି ମାନିବା ପୂର୍ଣ୍ଣ ମୂର୍ଖତା ବ୍ୟତୀତ ଅଉ କ'ଣ ହୋଇପାରେ । ଏହାହିଁ ସାମାଜିକ ମୂର୍ତ୍ତିପୂଜା । ମୂର୍ତ୍ତିପୂଜାରେ ସ୍ୱାତନ୍ତ୍ର୍ୟ ( ନୈତିକତା ) ନ ଥାଏ, ସେଥିପାଇଁ ଅଭିନବ ସୃଷ୍ଟିର ସମ୍ଭାବନା ମଧ୍ୟ ନ ଥାଏ—ଥାଏ କେବଳ ପ୍ରାଚୀନର ଦାସତ୍ୱ । ମୃତରେ ଅମୃତତ୍ୱ ଅନ୍ୱେଷ କରିବାର ବୃଥା ଚେଷ୍ଟା !

ଏହି ସଙ୍କେତବାଦିତା କ୍ରମେ୨ ନିରର୍ଥକ ହୋଇ ଉଠେ ଏବଂ ଶେଷରେ ଈଶ୍ୱର ଜ୍ଞାନ ବ୍ୟତୀତ ମୂର୍ତ୍ତିପୂଜାର ସମତଳକୁ ଅସେ । ଏଥିରେ ଥାଏ କେବଳ କେତେକଟି ପତ୍ର ଅନୁସରଣପଦ୍ଧତି । ମାନବ ବହୁତ୍ୱ ଦୃଷ୍ଟିରେ ଏକ ବିନ୍ଦୁକୁ ହରାଇ ବସେ,—ବାହ୍ୟିକ ଘଟନା ଦୃଷ୍ଟିରେ ଘଟକ ( Factor ) ର ଦୃଷ୍ଟି ହରାଇ ବସିବା ତ ସ୍ୱାଭାବିକ । ଧର୍ମ-ଜୀବନରେ ଗୁରୁବାଦ ଏହିପରି ଗୋଟିଏ ଅସତ୍ୟ,—ଏହା ଈଶ୍ୱର-ଦୃଷ୍ଟି ଲୋପପୂର୍ବକ ଗୁରୁଦୃଷ୍ଟି ସୃଷ୍ଟି-କରେ । ଈଶ୍ୱରପୂଜା ନ ହୋଇ ଗୁରୁପୂଜା ଆରମ୍ଭ ହୋଇଯାଏ ! ଅଧୁନାତନ ଜଗତରେ ସଭ୍ୟତା-ପୂଜା ମଧ୍ୟ ଗୋଟିଏ ମନ୍ଦ ସାମାଜିକ ଅନୁଷ୍ଠାନ । ମନୁଷ୍ୟ "Go of the warld" ନାମରେ "Fashion of the time" ନାମରେ କମ ଉଚ୍ଛୃଙ୍ଖଳ ବ୍ୟଭିଚାର କରୁନାହିଁ, ବା ସମାଜରେ କମ ମନ୍ଦର ବୀଜ ରୋପଣ କରୁନାହିଁ ! ଏହାରି ଫଳରେ ନାନାରକମର କଦନୁଷ୍ଠାନ ମଧ୍ୟ ସଂସ୍ଥାପିତ ହୋଇଯାଉଅଛି । ବର୍ଣ୍ଣଭେଦ ଓ ଲିଙ୍ଗଭେଦରେ ଉତ୍କର୍ଷ ବା ଅପକର୍ଷ ନିର୍ଦ୍ଦେଶ କରିବା ଅଧୁନାତନ ଜଗତର ଗୋଟିଏ ପ୍ରଧାନତମ ମନ୍ଦାନୁଷ୍ଠାନ । ଶ୍ୱେତାଙ୍ଗମାନେ ଭାବନ୍ତି—କୃଷ୍ଣାଙ୍ଗ ପୀତାଙ୍ଗ ବା ଲୋହିତାଙ୍ଗମାନେ ସେମାନଙ୍କ ଅପେକ୍ଷା ବୁଦ୍ଧିବୃତ୍ତିରେ ଜନ୍ମଗତ ଭାବରେ ଅପକୃଷ୍ଟ । ସେମାନଙ୍କ ସଭ୍ୟତା ବର୍ବରତାପୂର୍ଣ୍ଣ । ସେମାନେ ପ୍ରକୃତିଗତ ଭାବରେ ଗଣବାଦୀ(Socialists) ବା ସାଧାରଣ ବାଦୀ(Democrats) ନୁହନ୍ତି ଏବଂ ସମସ୍ତ ପ୍ରକାର ସ୍ୱାତନ୍ତ୍ର୍ୟ ଓ ରାଜନୈତିକ ବୁଦ୍ଧି ଶକ୍ତି ସେମାନଙ୍କଠାରୁ ଲାଭ କରି ଅଛନ୍ତି । ସେମାନେ ସେମାନଙ୍କର ( କୃଷ୍ଣାଙ୍ଗ ମାନଙ୍କର ) ଭାଗ୍ୟବିଧାତା ( trustees ) ଏହା ଅପେକ୍ଷା ନୀଚତର ଭାବ ପରିପୋଷଣ କରିବା ବୁଦ୍ଧିମାନ ପକ୍ଷରେ ଅସଙ୍ଗତ । ଅନ୍ତର୍ଜାତୀୟ ସୌହାର୍ଦ୍ଦ୍ୟ ପରିବର୍ଦ୍ଧିତ ନ ହେବା ପର୍ଯ୍ୟନ୍ତ ଏ ଅବସ୍ଥାର ସମାଧାନ ନାହିଁ । କୃଷ୍ଣାଙ୍ଗମାନେ ଆଜିପର୍ଯ୍ୟନ୍ତ ଅଧୁନାତନ ସଭ୍ୟତାରେ ଅବଶ୍ୟ ପଶ୍ଚାତ୍ପଦ । ସେଥିପାଇଁ ବଞ୍ଚିତ ଓ ଲାଞ୍ଛିତ । ସମୟ ଅସିପାରେ ଯେବେ ଏହିମାନେହିଁ ପୃଥିବୀର ବିଜେତା ଓ ନେତା ହୋଇ ଉଠିବେ । ମାନବ ସମ୍ଭାବନା ପୂର୍ଣ୍ଣ, ସେଥିପାଇଁ ଏପରି ଧାରଣା ପୋଷଣ କରିବା ଅଯୌକ୍ତିକ ନୁହେଁ । ଯେଉଁମାନେ ଏଥିରେ ଅବିଶ୍ୱାସୀ, ସେମାନେ ମାନବଶକ୍ତି ବିଷୟରେ ଖୁବ୍ ମୂର୍ଖ ବୋଲି ପରିଚିତ ।

ଏତଦପେକ୍ଷା ନୀଚତର ଧାରଣା ଲିଙ୍ଗଭେଦରେ ଉତ୍କର୍ଷ ବା ଅପକର୍ଷ ନିର୍ଦ୍ଦେଶ କରିବା । ସ୍ତ୍ରୀ ଜାତି ଯେ ପୁରୁଷର ଦାସୀ ଏଥିରେ କୌଣସି ସନ୍ଦେହନାହିଁ ! ସେ ଯେ ପୁରୁଷଠାରୁ ପ୍ରତ୍ୟେକ ପ୍ରକାର ବୁଦ୍ଧିରେ ସୁଦ୍ଧା ହୀନତର ଏବଂ ସେଥିପାଇଁ ସେ ଲାଞ୍ଛିତା ଓ ଅପମାନିତା ଅନୁଗ୍ରହଣୀ ହେବାକୁ ବାଧ୍ୟ !



Digitized by srujanika@gmail.com

ସ୍ତ୍ରୀ ଠାରୁ ବୁଦ୍ଧିରେ ଉତ୍କର୍ଷ ଲାଭକଲେ ସୁଦ୍ଧା, ଯେଉଁ ମୁହୂର୍ତ୍ତରେ ଦାବି କରାଯାଏ ଯେ ସେ ନିକୃଷ୍ଟ ହୋଇଥିବା ହେତୁ ଏ ସବୁ କାର୍ଯ୍ୟ କରିବା ନିମିତ୍ତ ବାଧ୍ୟ, ସେତିକ-ବେଳେ ପୁରୁଷ ତାହାର ବୁଦ୍ଧି ଉତ୍କର୍ଷର ସମସ୍ତ ନୈତିକ ସାର୍ଥକତା ଓ ସୌନ୍ଦର୍ଯ୍ୟ ହରାଇ ବସେ । ସ୍ତ୍ରୀ ପୁରୁଷ ମଧ୍ୟରେ ସହଜ, ଅନ୍ତରର ସୂକ୍ଷ୍ମ ସଂପର୍କଟି ମିଳେଇଯାଏ, ଏକ କଠୋର ଭାବ ଉତ୍ପନ୍ନହୁଏ । ସ୍ତ୍ରୀକୁ ଉପଭୋଗ୍ୟ ମନେକରି ସ୍ତ୍ରୀ ଠାରୁ ସୌନ୍ଦର୍ଯ୍ୟ ଦାବି କରିବା ଭଲ ଅବା ମନ୍ଦ ସାମାଜିକ ଅନୁଷ୍ଠାନ ଅଛି କି ନା ସନ୍ଦେହ । ସ୍ତ୍ରୀ ଉପଭୋଗ ଯେ ମାନବ ଜୀବନର ଏକ ଆବଶ୍ୟକ ଅଂଶ, ସେ କଥା ମନା କରି ହେବନାହିଁ । ବର୍ତ୍ତମାନ ଯୁକ୍ତିର ବିଷୟ ଏହା ଯେ ସ୍ତ୍ରୀ ପୁରୁଷଠାରୁ ତାର ଉପଭୋଗ ପାଇଁ ଯେତିକି ମାଧୁରୀ ଓ ସୌନ୍ଦର୍ଯ୍ୟ ଦାବି କରିବା ସ୍ୱାଭାବିକ, ପୁରୁଷ ତା ଅପେକ୍ଷା ଯଥେଷ୍ଟ ବେଶୀ ଦାବି କରୁଛି କାହିଁକି ? ଏଟା କ'ଣ ଔଚିତ୍ୟର ଅନେକ ଦୂରରେ ନୁହେଁ କି ? କେତେ ଗୁଡ଼ାଏ ସୁବିଧା ନିଜପାଇଁ ରିଜର୍ଭ ରଖିବା ସମୁଦାୟ ନୀତି ଓ ସମାଜନୀତି ବିରୁଦ୍ଧ ନୁହେଁ କି ? ଏହାଦ୍ୱାରା ସମାଜର ପୂର୍ଣ୍ଣାଙ୍ଗ ପ୍ରାପ୍ତି ତ ଅସମ୍ଭବପର । ନାରୀଜାତିର ଅଶିକ୍ଷା, ଅଳ୍ପଶିକ୍ଷା ଯୋଗୁଁ ତ ସମାଜର ଅର୍ଦ୍ଧାଂଶ ଅନ୍ଧକାରରେ । ଅଥଚ ଫଳରେ ପୁରୁଷ ଶିଶୁଗୁଡ଼ିକ ମଧ୍ୟ ଭଲ ଭାବରେ ସେମାନଙ୍କ ଦ୍ୱାରା ପରିବର୍ଦ୍ଧିତ ହୋଇପାରୁ ନାହାନ୍ତି । ଏହାଦ୍ୱାରା ନିଜେ ପୁରୁଷଜାତିର ମଧ୍ୟ କ୍ଷତି । କିନ୍ତୁ ପୁରୁଷ ଏ ଯୁକ୍ତିର ଯଥାର୍ଥ ମାନିବାକୁ ପ୍ରସ୍ତୁତନୁହେ । ସ୍ତ୍ରୀ ପୁରୁଷ ମଧ୍ୟରେ ସମଭାବ, ବନ୍ଧୁର ଭାବ ପୋଷଣ କରିବା ଆବଶ୍ୟକ । ତା' ନହେଲେ ସମାଜର ସର୍ବାଙ୍ଗୀନ ଉନ୍ନତି ଅସମ୍ଭବ । ସଂବନ୍ଧଟି ପୂର୍ଣ୍ଣ ପ୍ରେମର ସଂବନ୍ଧ ହେବା ଉଚିତ । ପୁରୁଷ ଯେବେ ତାହାର ବାହ୍ୟିକ ଶକ୍ତି, ପାଶବିକ ଦୈହିକ ଶକ୍ତି କଥା ବିଷୟରେ ଚେ ନ-ରେ, ତେବେ ସେ ଅନୁଭବ କରିପାରିବ ସେ ସ୍ତ୍ରୀ ସଙ୍ଗେ ସମାନ, ସେମାନଙ୍କର ସମନ୍ୱୟ, ଭିନ୍ନ ୨ କ୍ଷେତ୍ରରେ ଥିଲେ ସୁଦ୍ଧା, ଆଦୌ ଅସମ୍ଭବ ନୁହେଁ । ଏହା ଗୋଟିଏ ମହତ୍ ଅନୁଷ୍ଠାନ ଏବଂ ଏହା କେବଳ ହୃଦୟ ଓ ବୁଦ୍ଧିର ଶିକ୍ଷା ଓ ଉନ୍ନତି ଉପରେ ସମ୍ପୂର୍ଣ୍ଣ ନିର୍ଭର କରେ । କିନ୍ତୁ ଆଜିକାଲି ଯେଉଁ ଧରଣର ଶିକ୍ଷା ପ୍ରଚଳିତ, ତାହାଦ୍ୱାରା ଶୀଘ୍ର ଏହା ସାଧିତହେଲାପରି ବୋଧହୁଏ ନା ।

ଶିକ୍ଷା ମାନବସମାଜର ଗୋଟିଏ ମହତ୍ତମ ଅନୁଷ୍ଠାନ । ଶିକ୍ଷାର ପ୍ରକୃତି ଉପରେ ଜାତିର ବା ସମାଜର ପ୍ରକୃତି ଯେ ସଂପୂର୍ଣ୍ଣ ଭାବରେ ନିର୍ଭର କରେ ଏଥିରେ ସନ୍ଦେହ-ନାହିଁ । ଆଧୁନିକ ଶିକ୍ଷା କେବଳ ଅନେକାଂଶରେ ବୁଦ୍ଧିର ଶିକ୍ଷା ହେବା ଦୋଷ କଥା ଛାଡିଦେଇ, ତା ବିରୁଦ୍ଧରେ ଏତିକି କୁହାପାଇପାରେ ଯେ ତା ଅନେକ ସମୟରେ ସମାଜକର୍ତ୍ତୃକ ବା ଗୁରୁଜନମାନଙ୍କଦ୍ୱାରା "ଫର୍ମ୍ମାସିଦ୍ଧଆ" ହୋଇ, ତାହାର ପୂର୍ଣ୍ଣତମ ସାର୍ଥକତାରୁ ଅନେକ ତଳେଇ ଯାଉଛି । ଏ ପ୍ରକାର ଶିକ୍ଷାରେ ନିଜତ୍ୱ ବା ସ୍ୱାତନ୍ତ୍ର୍ୟ ଖୁବ କମ୍ ଥାଏ,—ବିକାଶର ସମ୍ଭାବନା ମଧ୍ୟ ଖୁବ୍ ବେଶୀ ମୋଟେ ନୁହେଁ । ୨ୟ ଅଭାବ, ଛାତ୍ରର ଗ୍ରହଣ କରିବା ଶକ୍ତି କଥା ନଜାଣି ତାର ମନ ଉପରେ ଅନେକ ଅଗ୍ରାହ୍ୟ ବା ଅଗ୍ରହଣୀୟ (ତା ଅର୍ଥରେ ଅବଶ୍ୟ) ଭାବ ନିପତିତ ହୁଏ । ଶିକ୍ଷାମଧ୍ୟରେ ଏହା ଗୋଟିଏ କ୍ଷତିକାରକ ଅନୁଷ୍ଠାନ । ଛାତ୍ରର ମନସ୍ତତ୍ତ୍ୱ ଗୋଚର ହେବାପରେ ତାହାର ଶିକ୍ଷା ନିର୍ଦ୍ଦେଶ କରିବା ବିଧେୟ । ସେଥିରେ ପ୍ରଥମତଃ ତାହାର ସ୍ୱାତନ୍ତ୍ର୍ୟ ରହିଲା, ୨ୟତଃ, ସେ ଯେଉଁ ଶିକ୍ଷାର ପକ୍ଷପାତୀ ହେଲା, ସେଥିରେ ବିଶେଷ ଦକ୍ଷତା ଓ ଉନ୍ନତି ଲାଭ କରିବାର ସମ୍ଭାବନା ଦୃଢ଼ତର ହେଲା । ତା ପରେ ଶିକ୍ଷାକୁ କେବଳ ବୁଦ୍ଧିର ଶିକ୍ଷା ନକରି ବୁଦ୍ଧି ଓ ହୃଦୟର ଶିକ୍ଷା କରିନେଲେ ଶିକ୍ଷା ସଂପୂର୍ଣ୍ଣତା ଲାଭ କରିବ । ଶିକ୍ଷା-ଅନୁଷ୍ଠାନଟି ସର୍ବାଙ୍ଗୀନ ଉନ୍ନତି କରିପାରିବ ବୋଲି ଅନ୍ତତଃ ଧାରଣା କରାଯାଇ ପାରିବ । ମାନବର ସମୁଦାୟ ଭବିଷ୍ୟତ ଶିକ୍ଷା-ସଂସ୍କାର ଉପରେ ନିର୍ଭର କରେ । ଶିକ୍ଷା ଦୋଷଶୂନ୍ୟ ହେଲେ ସମାଜ ଓ ବ୍ୟକ୍ତି ଦୋଷଶୂନ୍ୟ ହୋଇ ନିର୍ଦ୍ଦୋଷତା ଓ ପୂର୍ଣ୍ଣତା ଦିଗରେ ଅଭିଯାନ କରିପାରିବ ।

ଆଜି ଧର୍ମ୍ମ-ଜଗତରେ ଯେ ସବୁ ଅପ୍ରଶସ୍ତ ଭାବ—ସାମ୍ପ୍ରଦାୟିକତା, ପୌତ୍ତଳିକତା ଓ ନାସ୍ତିକତା !—ସେ ସବୁ କେବଳ ଶିକ୍ଷାଦ୍ୱାରା ପରିମୋଚିତ ହୋଇପାରେ । ପୃଥିବୀର ଇତିହାସରେ, ମାନବ-ସମାଜ ଏହି ସବୁ ମନ୍ଦ ଅନୁଷ୍ଠାନମାନଦ୍ୱାରା କମ କ୍ଷତିଗ୍ରସ୍ତ ହୋଇନାହିଁ । ଏ ସବୁ ତାର ବିକାଶ-ପଥରେ କଣ୍ଟକତୁଲ୍ୟ । ଶୈବ, ବୈଷ୍ଣବ ବା 'quaker' ଧର୍ମ୍ମ ସବୁ ଛାଡିଦେଇ ଏପରି

Digitized by srujanika@gmail.com

କୁହାଯାଇପାରେ ଯେ ହିନ୍ଦୁ, ଖ୍ରୀଷ୍ଟାନ, ବୌଦ୍ଧ ମୁସଲ୍‌ମାନ ଧର୍ମମାନ ମଧ୍ୟ ପ୍ରଶସ୍ତତର ଭାବରେ ଦେଖିଲେ ବିଶ୍ୱରେ ଗୋଟିଏ ଲେଖାଏଁ ସାମାନ୍ୟ ସାମ୍ପ୍ରଦାୟ— ଯାହାର ମନ ଅଭିପ୍ରାୟ ମାନବକୁ ମାନବଠାରୁ କୃତ୍ରିମ ଭାବରେ ଦୂର କରି ରଖିବା । ଧର୍ମରକ୍ଷା ନିମିତ୍ତ କେତେ ଯେ "Crusade" ନ ହୋଇଛି, କେତେ ଯେ ନିର୍ଦ୍ଦୋଷ ହତ ହୋଇ ନାହାନ୍ତି !— କିନ୍ତୁ ସମ୍ପ୍ରଦାୟ ନିଷ୍ଠୁର ରକ୍ତପାତ ଧର୍ମର ଦୋହାଇ ଦ୍ୱାରା "ମୁକ୍ତି" ଲାଭ କରିଯାଇଛି ! ଆଧୁନିକ କାଳ ଯେଉଁ ବିଶ୍ୱ-ଧର୍ମ ଆଡ଼କୁ ଅଗ୍ରସର ହେଉଅଛି, ତାହାର ସାମାନ୍ୟ ସତ୍ତା ଆମ୍ଭେମାନେ କେବଳ କ୍ଷୀଣଭାବରେ ଅନୁଭବ କରିପାରୁଛୁଁ । ଧର୍ମଜଗତରେ ଏହା ବଡ଼ ମହତ୍ତମ ଅନୁଷ୍ଠାନ ହୋଇପାରନ୍ତା—ମାନବ ସମାଜର ଧର୍ମ ଏକ, ଅଖଣ୍ଡିତ ବିଶ୍ୱଧର୍ମ ହୋଇ ଉଠନ୍ତା । ମାନବ, ମାନବଧର୍ମାବଲମ୍ବୀ ବୋଲି ଗର୍ବ ଅନୁଭବ କରନ୍ତା । ଉକ୍ତ ବିଶ୍ୱଧର୍ମ ବସ୍ତୁତଃ ସମସ୍ତ ପ୍ରଚଳିତ ଧର୍ମର ସାର ଗ୍ରହଣ ଓ ଅସାର ପରିତ୍ୟାଗ ପୂର୍ବକ ସ୍ୱୀୟ ଶରୀର ପୋଷଣ କରନ୍ତା ।

ଏହି ଭିତ୍ତିରେ ଜାତିଗଠନ ହେଲେ ମଧ୍ୟ ବଡ଼ ଉପକାର ହୁଅନ୍ତା — ପ୍ରତ୍ୟେକଜାତି, ଯେତେ କ୍ଷୁଦ୍ର ହେଉ ପଛକେ ଅନ୍ତର୍ଜାତୀୟତାର ସ୍ପର୍ଶ ସ୍ୱୀୟ ଶରୀରରେ ସତତ ଉପଲବ୍ଧି କରନ୍ତା । ଜାତ୍ୟଭିମାନ (Nationalism) ରହନ୍ତା ନାହିଁ, ଜାତି-ପ୍ରତିପତ୍ତି ସ୍ଥାପନ ନିମିତ୍ତ ସ୍ୱତ୍ୱ ପ୍ରବୃତ୍ତି ରହନ୍ତା ନାହିଁ—ରହନ୍ତା କେବଳ ଅନ୍ତର୍ଜାତୀୟ ଶୃଙ୍ଖଳାର ଶକ୍ତି । ତାର ନିୟମ ହେଉଛି ଯେ କୌଣସି ଜାତି ଦଣ୍ଡିତ ହୁଅନ୍ତା । ଜାତିୀ ମଧ୍ୟରେ ସମ୍ପର୍କ କିପରି ସୁନ୍ଦର ଓ ସ୍ୱାଭାବିକ ହୋଇ ଉଠନ୍ତା, — ପ୍ରତ୍ୟେକ ଜାତି କି କ୍ଷୁଦ୍ର, କି ବୃହତ୍, ସମସ୍ତେ ବିକାଶର ସମସ୍ତା ଓ ସମ ସୁଯୋଗ ପାନ୍ତେ । ଦେଶାଭିମାନ (Patriotism) ନ ଥାନ୍ତା ବା ସାମ୍ରାଜ୍ୟବାଦ (Imperialism) ନ ଥାନ୍ତା । ଅନୁନ୍ନତ ଜାତି ମାନଙ୍କୁ ଉନ୍ନତ କରିବାର ଭାର (Man's burden) ନ ଥାନ୍ତା ବା ଶାସନ କରିବାର (Political Guardianship)ନ ଥାନ୍ତା ! ରାଜନୈତିକ ଜଗତରୁ ଏ ସମସ୍ତ କୁସଂସ୍କାରଜାତ ଅନୁଷ୍ଠାନମାନ ବିଲୋପ ପାଇଯାନ୍ତେ ! ଆଧୁନିକ ସଭ୍ୟତାକୁ ପାଶ୍ଚାତ୍ୟ ସଭ୍ୟତା ବୋଲି କୁହାଯାନ୍ତା ନାହିଁ ।

ଏହିସବୁ ଅନୁଷ୍ଠାନ ସଂସ୍କାର ଲାଭକଲେ ଜଗତରେ କି ଶାନ୍ତି ବିରାଜନ୍ତା ! ଯେଉଁ ସମାଜର ଅନୁଷ୍ଠାନମାନ ଯେତେ ଉନ୍ନତ ଧରଣର, ସେ ସମାଜର ଉନ୍ନତିର ସମ୍ଭାବନା ସେତେ ବେଶୀ । ସମାଜ ଅନୁଷ୍ଠାନ ବ୍ୟତୀତ ଅଦୌ ଗତିଶୀଳ ନୁହେ — ଅନୁଷ୍ଠାନ ସାହାଯ୍ୟରେ ବିକାଶ ପଥରେ ଗତିକରେ । ନୂତନ ସଂସ୍କାରର ପ୍ରଥମ ଅର୍ଥ ଅନୁଷ୍ଠାନର ପରିବର୍ତ୍ତନ । ବର୍ତ୍ତମାନ ଆମ୍ଭମାନଙ୍କ ସମାଜ ଦୁର୍ବଳ ଓ ସଂସ୍କାର ଆବଶ୍ୟକ କରେ । ପ୍ରଥମେ ଅନୁଷ୍ଠାନ ଗୁଡ଼ିକର ଦୁର୍ବଳତା ଦେଖି ସେହି ପଥରେ ସଂସ୍କାର ଆରମ୍ଭ କରିବା କଥା ।

Digitized by srujanika@gmail.com



## କାଳୋଆତୀ ସଙ୍ଗୀତ

ଶ୍ରୀ ଗୋଲୋକନାଥ ମହାପାତ୍ର

ସଂସ୍କୃତ ସଙ୍ଗୀତଶାସ୍ତ୍ରାନୁସାରେ ସଂପ୍ରପ୍ରବୃତ୍ତ ସଙ୍ଗୀତ ପ୍ରଧାନତଃ ଦୁଇଭାଗରେ ବିଭକ୍ତ । ଉଚ୍ଚତମ ଆଦର୍ଶର ସଙ୍ଗୀତର ନାମ ମାର୍ଗ ଓ ସାଧାରଣ ପ୍ରଚଳିତ ସଙ୍ଗୀତ ହେଉଛି ଦେଶୀୟ ।

ମାର୍ଗୋ ଦେଶୀତି ତଦ୍ଦ୍ୱେଧା ତତ୍ର ମାର୍ଗଃ ସ ଉଚ୍ୟତେ,
ଯୋ ମାର୍ଗିତୋ ବିରିଞ୍ଚ୍ୟାଦ୍ୟୈଃ ପ୍ରଯୁକ୍ତୋ ଭରତାଦିଭିଃ ।
ଦେବସ୍ୟ ପୁରତଃ ଶମ୍ଭୋର୍ନିୟତାଭ୍ୟୁଦୟପ୍ରଦଃ ।

× × × ×

ଦେଶେ ଦେଶେ ଜନାନାଂ ଯଦ୍ରୁଚ୍ୟା ହୃଦୟରଞ୍ଜକଂ
ଗାନଂ ଚ ବାଦନଂ ନୃତ୍ୟଂ ତଦ୍ଦେଶୀତ୍ୟଭିଧୀୟତେ ।

( ସଙ୍ଗୀତ ରତ୍ନାକର )

ପ୍ରାଚୀନ ଗ୍ରନ୍ଥକାରମାନେ କହନ୍ତି ଯେ ମାର୍ଗସଙ୍ଗୀତ ଦେବଲୋକରୁ ପ୍ରବର୍ତ୍ତିତ । ଏହି କଥାର ଅର୍ଥରୁ ବୁଝାଯାଏ ଯେ ଦେବପ୍ରତିମ ପ୍ରତିଭାବାନ୍ ଲୋକଙ୍କଦ୍ୱାରା ଓ ସେମାନଙ୍କ ମଧ୍ୟରେ ଏହି ସଙ୍ଗୀତ ପ୍ରଚଳିତ ହୋଇଥିଲା ( ଏବଂ ହେଉଅଛି ) । ଇତର ଶ୍ରେଣୀର ଲୋକମାନଙ୍କ ମଧ୍ୟରେ ପ୍ରଚଳିତ ସଙ୍ଗୀତ ଦେଶୀୟ, ଅର୍ଥାତ୍ ବଜାରୀ ବା ଗ୍ରାମ୍ୟ । ବୃହଦ୍ଦେଶୀ ଗ୍ରନ୍ଥରେ ମତଙ୍ଗ ଏହାର ପରିଷ୍କାର ସଂଜ୍ଞା ଦେଇଅଛନ୍ତି । ସ୍ଥୂଳତଃ ସ୍ତ୍ରୀଲୋକ, ବାଳକ, ଗୋପାଳକ ଇତ୍ୟାଦି ସାଧାରଣ ଲୋକମାନେ ନିଜର ଅପରିମାର୍ଜିତ ରୁଚି ଓ ଅଶିକ୍ଷିତ ହୃଦୟର ବିଶୃଙ୍ଖଳ ଓ ଅସମ୍ବଦ୍ଧ ସ୍ୱତଃ ପ୍ରେରଣାରେ ଯାହା ଗାଆନ୍ତି, ତାହାକୁ ଦେଶୀୟ ସଙ୍ଗୀତ କୁହାଯାଏ । ଆଉ ରାଗରାଗିଣୀ ତାଳ ମାନ ଇତ୍ୟାଦି ସୁନିୟମବଦ୍ଧ ସୁସଂଯତ ସଙ୍ଗୀତ ହେଉଛି ମାର୍ଗ । ମାର୍ଗସଙ୍ଗୀତର ବିଶେଷତ୍ୱ ଏହି ଯେ ଏହା ସ୍ୱଦେଶୀ ବିଦେଶୀ ସମୁଦାୟ ମାନବ ଜାତିପାଇଁ । ଏହାର ଆଦର ସବୁଠାରେ ସମାନ, ଅନ୍ତତଃ ଭାରତବର୍ଷରେ କିନ୍ତୁ ଦେଶୀ ସଙ୍ଗୀତର ଆଦର କେବଳ ଗୋଟିଏ ବିଶେଷ କୌଣସି ସ୍ଥାନରେ ସୀମାବଦ୍ଧ—ଏହାର ସ୍ୱରମାଧୁରୀ ହୃଦୟଙ୍ଗମ କରିବାପାଇଁ ଅନ୍ୟଦେଶର ଲୋକମାନଙ୍କର କର୍ଣ୍ଣଦ୍ୱାର ରୁଦ୍ଧ ।

ଅବଶ୍ୟ ଏଥିରେ ସନ୍ଦେହ ନାହିଁ ଯେ ଦେଶୀୟ ସଙ୍ଗୀତରୁ ମାର୍ଗ ସଙ୍ଗୀତର କ୍ରମବିକାଶ ହୋଇଅଛି । ଏପରି ଦୃଷ୍ଟାନ୍ତ ମଧ୍ୟ ଦେଖାଯାଏ ଯେଉଁଠାରେ କି କୌଣସି ଦେଶୀୟ ସଙ୍ଗୀତ ସମ୍ପୂର୍ଣ୍ଣ ଅବିକୃତ ଭାବରେ ମାର୍ଗସଙ୍ଗୀତରେ ଗୃହୀତ ହୋଇଅଛି; ଯେପରି ଭୂପାଳୀ, ବଙ୍ଗାଳୀ, ଗୁର୍ଜ୍ଜରୀ, ଗୌଡ଼ୀ, ବେରାଡ଼ୀ, ସିନ୍ଧୁ ଇତ୍ୟାଦି—ଏମାନଙ୍କର ନାମ କରଣହିଁ ଏମାନଙ୍କର ଦେଶୀୟତାର ନିଦର୍ଶନ

ସଙ୍ଗୀତର ଆହୁରି ତିନିପ୍ରକାର ବିଭାଗ ମଧ୍ୟ ଅଛି । ଧ୍ରୁପଦ, ଖେୟାଲ ଓ ଟପ୍ପା— ଏମାନଙ୍କ ମଧ୍ୟରେ ଧ୍ରୁପଦ ହେଉଛି ସବୁଠାରୁ ବେଶୀ ଉନ୍ନତ ଓ ସଙ୍ଗୀତଜ୍ଞମାନଙ୍କ ମଧ୍ୟରେ ବେଶି ଆଲୋଚିତ । ଏହାର କାରଣ ହେଉଛି, ଧ୍ରୁପଦଶୈଳୀର ସଙ୍ଗୀତରେ ସ୍ୱର ରଚନାର ଗାମ୍ଭୀର୍ଯ୍ୟ ଯେପରି ସୁରକ୍ଷିତ ହୁଏ, ଖେୟାଲ କିମ୍ବା ଟପ୍ପାରେ ସେପରି ହୋଇପାରେନାହିଁ ।



Digitized by srujanika@gmail.com

ଏହି ଧ୍ରୁପଦ ଯେ ମାର୍ଗସଙ୍ଗୀତ, ଏହା କହିବାଟା ବୋଧହୁଏ ନିତାନ୍ତ ଅଯୌକ୍ତିକ ନୁହେଁ । ଖେୟାଲ ଓ ଠୁଂରୀ ଅପେକ୍ଷା ଧ୍ରୁପଦସାଧନ ଅପେକ୍ଷାକୃତ କଷ୍ଟକର ଓ ସେଇଥିପାଇଁ ସାଧାରଣଙ୍କର ସହଜଲଭ୍ୟ ନୁହେଁ । କୌଣସି କୌଣସି ସଂସ୍କୃତ ସାଙ୍ଗୀତିକମାନଙ୍କ ମତରେ ମାର୍ଗସଙ୍ଗୀତ କେବଳ ଦେବଲୋକରେ ପ୍ରଚଳିତ ବୋଲି ପ୍ରଥିତ ହୋଇଥିଲେ ସୁଦ୍ଧା, ଓସ୍ତାଦ୍‌ମାନଙ୍କ ମଧ୍ୟରେ ପ୍ରଚଳିତ ଧ୍ରୁପଦକୁ ପଣ୍ଡିତପ୍ରବର ଦ୍ରୁହିଣଙ୍କଦ୍ୱାରା ପ୍ରବର୍ତ୍ତିତ ସେହି ମାର୍ଗସଙ୍ଗୀତ ବୋଲି କହିବାଟା ନିତାନ୍ତ ଅନ୍ୟାୟ ନୁହେଁ ।

କେବଳ ଏହି ଧ୍ରୁପଦ ଗାଇବା ଯେଉଁମାନଙ୍କର ଅଭ୍ୟାସ ବା ବ୍ୟବସାୟ, ହିନ୍ଦୁସ୍ଥାନରେ ସେମାନଙ୍କୁ 'କାଲୱନ୍ତ୍' କହନ୍ତି,—ଏହା 'କଳାବନ୍ତ' ଶବ୍ଦର ଅପଭ୍ରଂଶ । ପୁଣି ସେଥିନିମନ୍ତେ ଓଲଟାଇଦେଲେ ଏହି କାଲୱନ୍ତମାନଙ୍କ ଦ୍ୱାରା ଗୀତ ସଙ୍ଗୀତର ନାମ କାଲୋ-ୟାତ ବା କାଲୋଅତି ସଙ୍ଗୀତ । କାଲୋଅତି ସଙ୍ଗୀତ ବୋଲି କହିଲେ ସାଧାରଣତଃ ମୀଡ଼ ମୂର୍ଚ୍ଛନା ଆଦି ଅଳଙ୍କାରଯୁକ୍ତ ଜଟିଳତର ତାଳର ଓସ୍ତାଦୀ ସଙ୍ଗୀତ ବୁଝାଯାଏ ।

ସଙ୍ଗୀତକଳାର ଚରମ ଉତ୍କର୍ଷର ଆଦର୍ଶ ଏହି ମାର୍ଗ ବା କାଲୋଅତି ସଙ୍ଗୀତରେ । ସଙ୍ଗୀତର ଭାବୋଦ୍ଦୀପକତା ପ୍ରୀତି ବିଧାତୃତା, ପରମାୟୁ ବର୍ଦ୍ଧନଶୀଳତା, ଚିତ୍ତଶୁଦ୍ଧି-କାରିତା ଇତ୍ୟାଦି ଯେଉଁ ଗୁଣଗୁଡ଼ିକ ପ୍ରସିଦ୍ଧ, ସେମାନଙ୍କର ସମ୍ପୂର୍ଣ୍ଣ ବିକାଶ ଏହିଠାରେ । ସଙ୍ଗୀତ ଯେ ସୌନ୍ଦର୍ଯ୍ୟାନୁ-ଭୂତିରେ ସାହାଯ୍ୟକରେ, ଏହାଦ୍ୱାରା ଯେ ନିରାକାର ବ୍ରହ୍ମର ଧ୍ୟାନଶିକ୍ଷା ହୁଏ, କୁମ୍ଭକାଦି ଯୋଗ ସାଧନହୁଏ ଓ ଏହାର ସାଧନ ଯେ ସ୍ୱର୍ଗସୁଖ ଭୋଗର ସର୍ବୋତ୍କୃଷ୍ଟ ଉପାୟ ଏହି କଥାଗୁଡ଼ିକର ସାର୍ଥକତା ଏହିଠାରେ ।

କିନ୍ତୁ ଏଡ଼େ ଉତ୍କୃଷ୍ଟ, ଏଡ଼େ ମହାନ୍ ଏହି ଯେ କାଲୋ-ଅତି ସଙ୍ଗୀତ, ଯାହାର ଗୁଣ ଗାଇ ଗାଇ ଗ୍ରନ୍ଥକାରମାନଙ୍କର କଣ୍ଠତନ୍ତ୍ରି ଛିନ୍ନପ୍ରାୟ ଓ ଶୁଣି ଶୁଣି ଅମ୍ଭମାନଙ୍କର ଶ୍ରବଣ-କୁହର ଦୀର୍ଣ୍ଣପ୍ରାୟ—ତାହା ଆଜକାଲି ଅନେକଙ୍କ ମତରେ କେବଳ ଉତ୍କଟ ମୁଖଭଙ୍ଗୀ ସମନ୍ୱିତ ବିକଟ ଚିତ୍କାର ମାତ୍ର ସିନା—ଓ ପ୍ରକୃତରେ ତାହା ନୁହେଁ କି?

ଏପରି ହେଲା କାହିଁକି ? ଏଡ଼େ ଉଚ୍ଚ ଅଙ୍ଗର ସଙ୍ଗୀତ ହୋଇ ଏହାର ଏପରି ଅଖ୍ୟା ପାଇବାର କାରଣ କଣ ? କିଏ ଏଥିପାଇଁ ଦାୟୀ ? ଗାୟକ, ନା ଶ୍ରୋତା?

ଗାୟକ ଓ ଶ୍ରୋତା ଉଭୟେ ଦୋଷୀ । ଗାୟକତ ଗାଇ ପାରୁନାହାନ୍ତି ! ଶ୍ରୋତା ମଧ୍ୟ ଠିକ୍ ଶୁଣିପାରୁନାହାନ୍ତି ତେବେ ଏଥିରେ ସନ୍ଦେହନାହିଁ ଯେ ଅଧିକାଂଶ ସ୍ଥଳରେ ଗାୟକମାନେହିଁ ଏ ସଙ୍ଗୀତର ଅସଲ ସୌନ୍ଦର୍ଯ୍ୟର ବିଶେଷ ଭାବରେ ଅଙ୍ଗହାନି କରିଦେଉ ଅଛନ୍ତି । ତାଙ୍କର ରୁଚିଭଙ୍ଗଜନିତ କଣ୍ଠକର୍କଶତା, ନୀରସତା ଓ ଅଳଙ୍କାର ବାହୁଲ୍ୟଦ୍ୱାରା । ସ୍ୱର ଓ ତାଳ ସଙ୍ଗରେ ଘଣ୍ଟାବ୍ୟାପୀ ଭୀଷଣ ଯୁଦ୍ଧକରି ଖୁବ୍ କଚଡ଼ା ନଚଡ଼ା ହୋଇ ଗଳଦ୍‌ଘର୍ମ ହେବାଟା ଆଜକାଲି ସେମାନଙ୍କର ଆଦର୍ଶ ହୋଇ ପଡ଼ିଛି । ଏପରିକି ସ୍ୱାଭାବିକ ସୁନ୍ଦର କଣ୍ଠସ୍ୱରଟି କିପରି ଅସ୍ୱାଭାବିକ ଭାବରେ ମୋଟା 'ବାଜଖାଇ' ହେବ ଉପଯୁକ୍ତ ଗୁରୁଙ୍କ ପାଖରେ ଶିଷ୍ୟ ତାହା ବହୁକଷ୍ଟରେ ପଇସା ଦେଇ ଶିକ୍ଷା କରନ୍ତି,—ନ ହେଲେ ଓସ୍ତାଦ୍ ବୋଲି ଲୋକେ କହିବେ କିପରି ! ! ! ଏପରି ଅବସ୍ଥାରେ ସାଧାରଣ ଶ୍ରୋତାଙ୍କର କାଲୋଅତି ସଙ୍ଗୀତ ବିଷୟରେ ଧାରଣାଟା ଯେ ଭାରି ଉଚ୍ଚ ହେବନାହିଁ, ଏଥିରେ ଆଉ ବିଚିତ୍ର କ'ଣ ?

କିନ୍ତୁ ଶ୍ରୋତା ମଧ୍ୟ ଏଥିପାଇଁ ଦାୟୀ । ଅଶିକ୍ଷିତ କର୍ଣ୍ଣ ଓ ଅନଭ୍ୟସ୍ତ ପ୍ରାଣରେ ଏ ସଙ୍ଗୀତର ଆଦର୍ଶ ସୌନ୍ଦର୍ଯ୍ୟ ଅନୁଭୂତ ହୋଇ ନ ପାରେ ।


ସୌନ୍ଦର୍ଯ୍ୟର ଅନୁଭୂତି ସାଧନାସାପେକ୍ଷ । "ଗୁଣୀ ଗୁଣଂ ବେତ୍ତି ନ ବେତ୍ତି ନିର୍ଗୁଣ ଇତ୍ୟାଦି" ଆପ୍ତବାକ୍ୟଟି ଅକ୍ଷରେ ଅକ୍ଷରେ ସତ୍ୟ । କୌଣସି ବିଷୟର ସମଝଦାର ହେବାକୁ ହେଲେ, ପୂର୍ବରୁ ସେ ବିଷୟର ଆଲୋଚନା ଦରକାର, ଏବଂ ଯେ ଯେତିକି ଆଲୋଚନା କରିଥିବ ସେ ଠିକ୍ ସେହି ଅନୁପାତରେ ରସ ଗ୍ରହଣ କରିବାକୁ ସକ୍ଷମହେବ, ଏମ୍‌. ଏ. ଶ୍ରେଣୀର ପାଠ୍ୟକୁ ପ୍ରବେଶିକା ଶ୍ରେଣୀର ଛାତ୍ର ବୁଝିବ କିପରି । କେବଳ ଯେ ବୁଝିବନାହିଁ, ତାହା ନୁହେଁ; ତାହାର ଓଜନକୁ ଖର୍ବ କରିଦେବାର ସମ୍ଭାବନା ମଧ୍ୟ ଖୁବ୍ ବେଶୀ । ଏଇଥିପାଇଁ ଜଣେ କହିଛନ୍ତି ପରା !—

"ଇତର ତାପଶତାନି ଯଥେଚ୍ଛୟା
ବିତର ତାନି ସହେ ଚତୁରାନନ !
ଅରସିକେଷୁ ରସସ୍ୟ ନିବେଦନଂ
ଶିରସି ମାଲିଖ ମାଲିଖ ମାଲିଖ"

Digitized by srujanika@gmail.com



—ରେଡ଼ିଓର କୀର୍ତ୍ତି—


April 20th 1926
BANKERS TRUST COMPANY
Radio Corporation of America $1000
One Thousand
This certifies that the above is an authentic Photoradiogram from London to New York and on being duly acknowledged from New York the original is marked transmitted and filed in London. April 20 1926.

ରେଡ଼ିଓ ଚେକ

ଏହି ଚେକଟିର ଅବିକଳ ପ୍ରତିଲିପି ଇଂଲଣ୍ଡର ଗୋଟିଏ ବ୍ୟାଙ୍କରୁ ୨୫୦୦ ମାଇଲ ଦୂରବର୍ତ୍ତୀ ଯୁକ୍ତରାଷ୍ଟ୍ରର ଅନ୍ୟ ଗୋଟିଏ ବ୍ୟାଙ୍କକୁ କେତେକ ସେକେଣ୍ଡ ଭିତରେ ପଠାଯାଇଥିଲା

ବିଗତ ୧୦ ବର୍ଷ ଭିତରେ ରେଡ଼ିଓ ବା ବେତାର-ଯନ୍ତ୍ରର ଆଶ୍ଚର୍ଯ୍ୟ ଉନ୍ନତି ହୋଇଅଛି । ପାଶ୍ଚାତ୍ୟ ଜଗତରେ ବିଶେଷତଃ ଅମେରିକାର ଯୁକ୍ତରାଷ୍ଟ୍ରରେ ଏହି ଅଦ୍ଭୁତ ଯନ୍ତ୍ର ସାହାଯ୍ୟରେ ସମ୍ବାଦ ପ୍ରେରଣଠାରୁ ଆରମ୍ଭକରି ମନୁଷ୍ୟଚେଷ୍ଟାର ନାନା ଦିଗରେ ଏହାର ନିଯୋଗ ଆରମ୍ଭ ହୋଇଅଛି ।



ଘୋଡ଼-ଦୌଡ଼

ବିଦ୍ୟୁତ୍ ପକ୍ଷରେ ଉଠି ଏହି ଚିତ୍ରଟି ଅମେରିକାରୁ ୩୦୦୦ ମାଇଲ ଦୂରରେ ଅବସ୍ଥିତ ବ୍ରିଟେନ ସହରକୁ କେତେକ ସେକେଣ୍ଡ ଭିତରେ ନୀତ ହୋଇଥିଲା

ସେଦିନ ଇଂଲଣ୍ଡର ଗୋଟିଏ ବଡ଼ ଧନାଗାରର ଜଣେ ଲୋକ ୩,୦୦୦ ଟଙ୍କାର ଗୋଟିଏ 'ଚେକ୍' ଯୁକ୍ତରାଷ୍ଟ୍ରକୁ ତା'ର ଜଣେ ସହକର୍ମ୍ମୀ ପାଖକୁ ପଠାଇବାକୁ ଉପସ୍ଥାପିତ କଲା । ଚେକଟି ଉପରେ ତା'ର ସ୍ୱାକ୍ଷରର କାଳି ଭଲକରି ଶୁଖିବା ଆଗରୁ ୨୫୦୦ ମାଇଲ ଦୂରବର୍ତ୍ତୀ ତାହାର ସହକର୍ମ୍ମୀ ସେହି ଚେକଟିର ଗୋଟିଏ ଅବିକଳ ପ୍ରତିଲିପି ପ୍ରାପ୍ତହୋଇ ତାହା ଭଙ୍ଗାଇନେଲେ । ଦୂରକୁ ସମ୍ବାଦ ପ୍ରେରଣକରିବା ବିଷୟରେ ୨୦ ବର୍ଷ ପୂର୍ବେ ତାରବାର୍ତ୍ତା (Telegram) ବୋଧହୁଏ ସବୁଠାରୁ ଉନ୍ନତ ଉପାୟ ବୋଲି ବିବେଚିତ ହେଉଥିଲା । କିନ୍ତୁ ଏପରି ତାରବାର୍ତ୍ତା ସାହାଯ୍ୟରେ କେବଳ ଗୋଟିଏ ସମ୍ବାଦ ଅତ୍ୟଳ୍ପ ସମୟ ମଧ୍ୟରେ ସ୍ଥାନାନ୍ତରକୁ ପଠାଇ ହେଉଥିଲା । କିନ୍ତୁ ଗୋଟିଏ ଚେକ୍‌ର ଅବିକଳ ପ୍ରତିଲିପି, କିମ୍ବା ଗୋଟିଏ ସୁନ୍ଦର ପ୍ରତିଚ୍ଛବି ଅଳ୍ପକାଳ ମଧ୍ୟରେ ବହୁଦୂରକୁ ପ୍ରେରିତ ହୋଇପାରିବା କଥା ୨୦ ବର୍ଷ ପୂର୍ବରୁ କେହି ସ୍ୱପ୍ନରେ ସୁଦ୍ଧା କଳ୍ପନା କରିପାରି ନଥିବେ । କିନ୍ତୁ ବେତାରଯନ୍ତ୍ର ବା (Radio) ର କଲ୍ୟାଣରୁ ସେ ସ୍ୱପ୍ନ-କଳ୍ପନା ବର୍ତ୍ତମାନ ସତ୍ୟରେ ପରିଣତ ହୋଇଛି ।




Digitized by srujanika@gmail.com

ଏହି ଟେଲିଫଟୋ ପ୍ରକ୍ରିୟାରେ ଏକସ୍ଥାନରେ ଘଟୁଥିବା ଯେ କୌଣସି ବସ୍ତୁର ଅବିକଳ ପ୍ରତିଛବି, ସମୁଦ୍ର ପାରରେ ପୃଥିବୀର ଅପରପ୍ରାନ୍ତର ଅଧିବାସୀମାନଙ୍କ ଚକ୍ଷୁଆଗରେ ପ୍ରତିଫଳିତ ହୋଇପାରୁଛି। ସମ୍ପ୍ରତି ଯୁକ୍ତରାଷ୍ଟ୍ରର ନିଉୟର୍କସହରରେ ଯେଉଁ ଘୋଡ଼-ଦୌଡ଼ର ଫଟୋ ଏହି ଯନ୍ତ୍ରିତ ପ୍ରଚଣ୍ଡ ବିଦ୍ୟୁତଶକ୍ତି ସାହାଯ୍ୟରେ ପ୍ରାୟ ୩,୦୦୦ ମାଇଲ ଦୂରବର୍ତ୍ତୀ ଅଷ୍ଟ୍ରେଲିଆର ବ୍ରିସ୍‌ବେନ୍ ସହରକୁ ମାତ୍ର କେତୋଟି ସେକେଣ୍ଡ ମଧ୍ୟରେ ନୀତ ହୋଇଥିଲା ତାହାର ପ୍ରତିଲିପି ଏଠାରେ ଦିଆଗଲା। ପୂର୍ବୋକ୍ତ 'ଟେଲି' ଶର୍କର ମଧ୍ୟ ଗୋଟିଏ ଛବି ଏଥିସଙ୍ଗେ ସନ୍ନିବେଶିତ ହେଲା ?

## —ଅପୂର୍ବ ମୋଟର—

ଆମ ଦେଶରେ ଗୋଟିଏ ପ୍ରବାଦ ଅଛି ''ଘୋଡ଼ା ଛ'ଟଙ୍କା ଦାନା ନ'ଟଙ୍କା''। ଯେଉଁ ଜିନିଷଟିର ମୂଲ୍ୟ ଅପେକ୍ଷା ତାହାର ପୌନଃପୁନିକ ଖର୍ଚ୍ଚ ଅଧିକ ତାହା ପ୍ରତି ଏପରି କଥା ପ୍ରୟୋଗ କରାଯାଇଥାଏ। ଭାରତପରି ଦେଶରେ ମୋଟର ଗାଡ଼ି ଗୋଟିଏ ସେହିପରି ଜିନିଷ।



ଡାଃ ଟାର୍ନିଙ୍କ ଅଦ୍ଭୁତ ମୋଟର

ଏହା ଉଷ୍ଣବାୟୁ ସାହାଯ୍ୟରେ ଘଣ୍ଟାରେ ତିରିଶମାଇଲ ଯାଏ

ଅନେକ ଲୋକ ହୁଏତ ଖଣ୍ଡେ ଗାଡ଼ି କିଣିବାକୁ ଯେତେ କଷ୍ଟ ଅନୁଭବ ନକରିବେ, ତାକୁ ରଖି ଚଳାଇବାର ଖର୍ଚ୍ଚ ଯୋଗାଇବାକୁ ସେମାନଙ୍କର ପ୍ରାଣାନ୍ତ ହେବ। ଖଣ୍ଡେ ସାଧାରଣ ମୋଟରଗାଡ଼ି କିଣିବାକୁ ଯେତେ ଟଙ୍କା ପଡ଼େ, ତାକୁ ୪ବର୍ଷରଖି ଚଳାଇଲେ ତେଲ ଇତ୍ୟାଦିରେ କିଣା ମୂଲ୍ୟଠାରୁ ଦୁଇଗୁଣ ଅଧିକ ଖର୍ଚ୍ଚ ହୁଏ। ଏହି କାରଣରୁ ଭାରତର ମଧ୍ୟବିତ୍ତ ଶ୍ରେଣୀଭିତରେ ମୋଟରଗାଡ଼ିର ବ୍ୟବହାର ଅଧିକ ଦେଖାଯାଏନାହିଁ। ସଂପ୍ରତି ପ୍ୟାରିସନଗରର ଜଣେ ମୋଟରଶିଳ୍ପୀ ଗୋଟିଏ ବାୟୁଚାଳିତ ମୋଟରଗାଡ଼ି ଆବିଷ୍କାର କରି ସାଧାରଣଙ୍କ ମୋଟର ରଖିବାର ଏହି ବ୍ୟୟ ବାହୁଲ୍ୟରୁ ରକ୍ଷା ଦେଇଅଛନ୍ତି। ପାର୍ଶ୍ୱସ୍ଥ ଚିତ୍ରରେ ଉକ୍ତ ଶିଳ୍ପୀ ତାଙ୍କର ନବାବିଷ୍କୃତ ଅଦ୍ଭୁତ ମୋଟର ସମ୍ମୁଖରେ ଦଣ୍ଡାୟମାନ। ଏହି ଗାଡ଼ିଟି ପ୍ରଥମ ଚୁଲାଇଲ ପେଟ୍ରୋଲ ବା ମୋଟର ତେଲରେ ଗଲେ, ତେଣିକି ଉତ୍ତପ୍ତବାୟୁ (Hot ozon) ମାନ ସାହାଯ୍ୟରେ ଏହା ଘଣ୍ଟାକୁ ପଚାଶଠାରୁ ତିରିଶମାଇଲ ବେଗ ଅବଲମ୍ବନ କରିଥାଏ। ମୋଟରଜଗତର କର୍ତ୍ତାମାନେ କହନ୍ତି— ଯଦି ଏହି ମୋଟରଗାଡ଼ି କାର୍ଯ୍ୟକାରୀ ହୁଏ ତେବେ ପୃଥିବୀର ବାର୍ଷିକ ପେଟ୍ରୋଲ ବ୍ୟୟ ଅଧେ କମିଯିବ ଓ ତେଣିକି ସାଧାରଣ ଗୃହସ୍ଥ ମଧ୍ୟ ଖଣ୍ଡେ ଖଣ୍ଡେ ମୋଟର ରଖିପାରିବେ। —ର—

## ଆକାଶରେ ନୈଶ—ଆଲୋକଚିତ୍ର


ଯୁକ୍ତରାଷ୍ଟ୍ରର ରୋଚେଷ୍ଟାର ସହରର ଠିକ ଉପରେ ଆକାଶରେ ରାତିର ଘୋର ଅନ୍ଧକାର ଭେଦକରି ଦିନେ ଗୋଟିଏ ତୀବ୍ର ଆଲୋକ ତରଙ୍ଗ ହଠାତ୍ ସମଗ୍ର ନଗରକୁ ଦିବସ ପରି ଆଲୋକିତ କରିଦେଲା। କ'ଣ ହେଲା ବୋଲି ସମସ୍ତ ନଗରବାସୀ ଝରକାଯାକ ଫିଟାଇ ଦେଖୁ ଦେଖୁ ମୁହୂର୍ତ୍ତକ ଭିତରେ ସାତୋଟି ଆକାଶ-ପୋତରୁ ସେହି ମହାନଗରୀର ସାତଟି ଆଲୋକଚିତ୍ର ଗୃହୀତହେଲା ! ଅଥଚ ସମସ୍ତ ନାଗରିକମାନଙ୍କ ଭିତରୁ ପ୍ରକୃତ ଘଟଣା କ'ଣ କେହି ଜାଣିପାରିଲେ ନାହିଁ !

ରାତିରେ ଆଲୋକଚିତ୍ର ଗ୍ରହଣର ଏବେ କଷ୍ଟକର ବ୍ୟାପାର, ସେଥିରେ ଏତେ ଉଚ୍ଚରୁ ଏପରି ଭାବରେ ଫଟୋ ନେବା କଥା କେହି କେବେ କଳ୍ପନା କରି ନଥିବେ। ସାମରିକ କମାଣ୍ଡରମାନେ କହନ୍ତି ରାତିରେ ଆକାଶ ପୋତରୁ ଏପରି ଆଲୋକଚିତ୍ର ଗ୍ରହଣ ଯୁଦ୍ଧ ବିଗ୍ରହ ସମୟରେ ଅତି ପ୍ରୟୋଜନୀୟ ହେବ।

Digitized by srujanika@gmail.com

## —ମଥାର କସରତ—

ବଡ଼ ବଡ଼ ସହରମାନଙ୍କର ରାସ୍ତାରେ ଫେରି—ବାଲାମାନଙ୍କର ପ୍ରଧାନ କାମ ଯେ କୌଣସି ଉପାୟରେ ଲୋକଙ୍କର ଦୃଷ୍ଟି ଆକର୍ଷଣ କରିବା । ଏଥିଲାଗି ସେମାନେ ନାନାପ୍ରକାର ଅଦ୍ଭୁତ ଶବ୍ଦ ଓ ବେଶ



ଗୋଟିଏ ଉପରେ ଗୋଟିଏ ଏହିପରି ଏକାଦିକ୍ରମେ କୋଡ଼ିଏଟି ଟୋକାଇ ମୁଣ୍ଡରେ ବସାଇ ବୁଲିବା ଯେତିକି କଷ୍ଟସାଧ୍ୟ କୌତୁକାବହ ତାହାଠାରୁ ବେଶୀ

ସାହାଯ୍ୟରେ ପଥଗାମୀ ଲୋକମାନଙ୍କର ଦୃଷ୍ଟି ଆକର୍ଷଣରେ ଯତ୍ନବାନ ହୁଅନ୍ତି । ଛବିରେ ଦେଖାଯିବ—ଇଂଲଣ୍ଡର ଜଣେ ଟୋକେଇ-ବାଲା ଗୋଟିଏ ଉପରେ ଗୋଟିଏ କରି ୨୦ ଟି ଟୋକେଇ ମୁଣ୍ଡଉପରେ ବସାଇ, ଏହି ଅଦ୍ଭୁତ ପ୍ରକ୍ରିୟାରେ ପଥିକମାନଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ଯତ୍ନ କରୁଛି । ଏଥିରେ ସାଧାରଣ ଟୋକେଇବାଲାମାନଙ୍କ ଅପେକ୍ଷା ଏହାପ୍ରତି ଲୋକମାନଙ୍କର ଦୃଷ୍ଟି ସ୍ୱଭାବତଃ ଆକୃଷ୍ଟ ହେଉଛି ଓ ଫଳରେ ବିକ୍ରୟ ମଧ୍ୟ ଅଧିକ ହେଉଛି । ଟୋକାଇବାଲାର ବ୍ୟକ୍ତିଗତ ସ୍ୱାର୍ଥ ଛାଡ଼ିଦେଲେ ମଧ୍ୟ ଏତେଗୁଡ଼ିଏ ଟୋକାଇ ଏପରି କୌଶଳରେ ବହନ କରିବା ଲାଗି ଯଥେଷ୍ଟ ମଥାର କସରତ' ଲୋଡ଼ା ।

## ମୋଟର—ପାଦୁକା

ସମ୍ପ୍ରତି ଇଂଲଣ୍ଡର ଜଣେ ମୋଟରଶିଳ୍ପୀ ମନୁଷ୍ୟର ପାଦୁକା ଆକାରରେ ଦୁଇଟି ଅତିଶ କ୍ଷୁଦ୍ର ମୋଟର ପ୍ରସ୍ତୁତ କରି ତାଙ୍କ ଯୋଡ଼ାର



ମୋଟରପାଦୁକା

ଶିଳ୍ପୀ ନିଜେ ସେଥିରେ ଆରୋହଣ କରି ଚକ୍ରପାଦୁକା (Scate) ଭ୍ରମଣର ସୁଖ ଅନୁଭବ କରୁଅଛନ୍ତି

ଭଳି ଦେଶରେ ତାହା ଲଗାଇ ବୁଲାଚଲା କରୁଅଛନ୍ତି । ମୋଟର ଦୁଇଟି ପ୍ରତ୍ୟେକ ଏକଘୋଡ଼ାଶକ୍ତିବିଶିଷ୍ଟ ( One horse Power ) ଏବଂ ଘଣ୍ଟାକେ ଏହା ଦଶମାଇଲ ବେଗରେ ତା'ର ଆରୋହୀକୁ ବହନକରି ନେଇ ବୁଲପାରେ । ଶିଳ୍ପୀଙ୍କର ଏହି ଉଦ୍ଭଟ ଆବିଷ୍କାର ଯନ୍ତ୍ର ଜଗତରେ ଅତି ପ୍ରୟୋଜନୀୟ ନୋହିଲେ ମଧ୍ୟ ଯଥେଷ୍ଟ କୌତୁକାବହ—ସନ୍ଦେହ ନାହିଁ ।

Digitized by srujanika@gmail.com

# ନବ ରତ୍ନ ପରୀକ୍ଷା

ଶ୍ରୀ ଗଣପତି ପତି

ପୃଥିବୀରେ ଅନେକ ଜାତୀୟ ରତ୍ନ ଅଛି । କେଉଁ ରତ୍ନ କେଉଁ ସ୍ଥାନରୁ ମିଳେ, ତାହାର ଆକାର ବର୍ଣ୍ଣ ଓ ଗୁଣ କିପରି ? ତାହା ଜାଣିବା ସକାଶ ପାଠକ ପାଠିକାମାନଙ୍କ ମନରେ କୌତୂହଳ ଜାତ ହେବା ସ୍ୱାଭାବିକ । ସୁତରାଂ ସେମାନଙ୍କ କୌତୂହଳ ଚରିତାର୍ଥ କରିବାପାଇଁ ରତ୍ନମାନଙ୍କର ସବିଶେଷ ବିବରଣ ନିମ୍ନରେ ଉଲ୍ଲିଖିତ ହେଲା । ରତ୍ନମାନଙ୍କର ଗୁଣାଗୁଣ, ଆକାର ପ୍ରକାର, ଦୋଷାଦୋଷ ସକଳ ବିଷୟ ଅବଗତ ହେବା ଆମ୍ଭମାନଙ୍କର ଏକାନ୍ତ ଆବଶ୍ୟକ । ରାଜା ମହାରାଜାମାନେ ରତ୍ନ କ୍ରୟ କରିବାବେଳେ ପ୍ରଥମରେ ରତ୍ନ ପରୀକ୍ଷା କରନ୍ତି । ବଡ଼ ବଡ଼ ନଗରମାନଙ୍କର ବଣିକମାନଙ୍କଠାରେ ଯେଉଁ ରତ୍ନମାନ ବିକ୍ରୟ ହେଉଅଛି, ଅନେକେ ତାହା ପରୀକ୍ଷା ନ କରି ପ୍ରକୃତ ରତ୍ନ ବୋଲି କୃତ୍ରିମ ରତ୍ନ କ୍ରୟ କରନ୍ତି, ପ୍ରକୃତ ରତ୍ନ ଚିହ୍ନିବା ବଡ଼ ଦୁଷ୍କର କାର୍ଯ୍ୟ । ରତ୍ନଶାସ୍ତ୍ରବିତ୍ ପଣ୍ଡିତମାନେ ପ୍ରକୃତ ରତ୍ନ ସହଜରେ ଚିହ୍ନିପାରନ୍ତି । ଆଜି କାଲି ବଜାରରେ ପ୍ରକୃତ ରତ୍ନ କ୍ୱଚିତ୍ ଦେଖାଯାଏ । ଅତଏବ ଯେଉଁ ରତ୍ନମାନ ଉଚ୍ଚଦରରେ ବିକ୍ରୟ ହେଉଅଛି ସେହି ରତ୍ନମାନ ପରୀକ୍ଷାକରି କ୍ରୟ କରିବା ଏକାନ୍ତ ବାଞ୍ଛନୀୟ ।

ଅନେକ ଜାତୀୟ ରତ୍ନ ଅଛି । ଯଥା:—ହୀରକ, ମୁକ୍ତା, ପଦ୍ମରାଗ, ମରକତ, ଇନ୍ଦ୍ରନୀଳମଣି, ବୈଦୂର୍ଯ୍ୟ, ପୁଷ୍ପରାଗ, ସ୍ଫଟିକ, ପ୍ରବାଳ ଇତ୍ୟାଦି । ଥୋକେ ରତ୍ନ ସମୁଦ୍ରରୁ ଜାତ । ଏଣୁ ସମୁଦ୍ରର ଅନ୍ୟ ନାମ ରତ୍ନାକର ହୋଇଅଛି । ଆଉ କେତେ ରତ୍ନ ନଦୀ, ପର୍ବତ ଓ ବନରୁ ମିଳେ ।

ଯେତେ ରତ୍ନ ଅଛି ସେମାନଙ୍କ ମଧ୍ୟରୁ ଥୋକେ ଧାରଣକଲେ ଶୁଭଦାୟକ ହୁଏ, ଆଉ କେତେ ରତ୍ନ ପିନ୍ଧିଲେ ଅଶୁଭ ଫଳ ପ୍ରଦାନ କରେ । କୁଲଗ୍ନରେ ଓ ଅଶୁଭ ଦିନରେ ଯେଉଁ ରତ୍ନମାନ ଜାତ ସେହି ସକଳ ରତ୍ନ ଦୋଷଯୁକ୍ତ ଓ ଗୁଣହୀନ, ସୁତରାଂ ଜଣେ ରାଜା ମହାରାଜାମାନେ ରତ୍ନ ପରୀକ୍ଷା କରି ଧାରଣ କରନ୍ତି । ସେଉଁମାନେ ସୂକ୍ଷ୍ମ ପରୀକ୍ଷା କରି ନ ପାରନ୍ତି ସେମାନେ କେଉଁ ରତ୍ନର ଆକାର ଓ ବର୍ଣ୍ଣ କିପରି ଓ ମୂଲ୍ୟ କେତେ ? ସ୍ଥିର କରିପାରିବେ ।

(୧) ହୀରକ—ଏହି ମଣିର ପ୍ରଭା ଅତି ଉଜ୍ଜ୍ୱଳ । ହିମାଳୟ, ସୌରାଷ୍ଟ୍ର, କଳିଙ୍ଗ, କୋଶଳ ଏହି ଦେଶମାନଙ୍କରେ ହୀରା ଖଣିମାନ ଅଛି । ହିମାଳୟରୁ ଯେଉଁ ହୀରା ଜାତ ତାହାର ବର୍ଣ୍ଣ ଈଷତ୍ ତାମ୍ର । ସୌରାଷ୍ଟ୍ରର ହୀରକ ତାମ୍ରବର୍ଣ୍ଣ । କଳିଙ୍ଗ ଦେଶ ହୀରକର ସ୍ୱର୍ଣ୍ଣତୁଲ୍ୟ କାନ୍ତି । କୋଶଳ ଦେଶର ହୀରା ପୀତବର୍ଣ୍ଣ । ଶଙ୍ଖ କୁନ୍ଦ ଓ ସ୍ଫଟିକ ବର୍ଣ୍ଣର ହୀରକ ବ୍ରାହ୍ମଣମାନଙ୍କ ପକ୍ଷରେ ପ୍ରଶସ୍ତ । ଯେଉଁ ହୀରକର ବର୍ଣ୍ଣ ନକୁଳ ନେତ୍ର ପରି ତାହା କ୍ଷତ୍ରିୟମାନଙ୍କ ପକ୍ଷରେ ପ୍ରଶସ୍ତ । କଦଳୀ ପତ୍ର ପରି ଯାହାର କାନ୍ତି ତାହା ବୈଶ୍ୟମାନେ ଧାରଣ କରିପାରିବେ । ଯେଉଁ ହୀରକର ଆଭା ଶାଣିତ କରବାଳ ତୁଲ୍ୟ ତାହା ଶୂଦ୍ରମାନଙ୍କ ପକ୍ଷରେ ପ୍ରଶସ୍ତ । ଜବାପୁଷ୍ପ ଓ ପ୍ରବାଳ ପରି ରକ୍ତବର୍ଣ୍ଣ ଓ ହରିଦ୍ରାତୁଲ୍ୟ ପୀତବର୍ଣ୍ଣ ହୀରକ ରାଜାମାନଙ୍କ ପକ୍ଷରେ ପ୍ରଶସ୍ତ । ଗୁଣଯୁକ୍ତ ହୀରା ଧାରଣ କଲେ, ବିଭବ ପ୍ରଦାନ କରେ ଦୁଷ୍ଟ ହୀରା ଧାରଣକଲେ ଦୁଃଖର କାରଣ ହୁଏ । ଷଟ୍‌କୋଣ ଅଷ୍ଟକୋଣ ଦ୍ୱାଦଶକୋଣ; ଷଟ୍ ପତ୍ର ଅଷ୍ଟପତ୍ର ଦ୍ୱାଦଶ ପତ୍ର, ଷଟ୍‌ଧାର ଅଷ୍ଟଧାର ଦ୍ୱାଦଶଧାର, ଉତ୍ତୁଙ୍ଗ ସମତାଯୁକ୍ତ ପଦ୍ମାକାର ପ୍ରଭୃତି ନାନାବିଧ ହୀରକ ଅଛି । ସଦ୍‌ଗୁଣଯୁକ୍ତ ହୀରକ ଜଳରେ ପକାଇଲେ ମଗ୍ନ ହୁଏ ନାହିଁ । ଜୌହରୀ ଦ୍ରବ୍ୟ ଦ୍ୱାରା ଉଲ୍ଲେଖନ କରି ହୀରା ପରୀକ୍ଷା କରନ୍ତି । ପୃଥିବୀରେ ଯେତେ ପ୍ରକାର ଲୌହ ଓ ରତ୍ନ ଅଛି, ହୀରକ ସେ ସମସ୍ତଙ୍କୁ ବିଲେଖନ କରିପାରେ । କିନ୍ତୁ ରତ୍ନ ବା ଧାତୁ ହୀରକକୁ ବିଲେଖନ କରି ପାରେ ନାହିଁ । ଅନ୍ୟାନ୍ୟ ରତ୍ନ ଯେତେ

ଗୁରୁହୁଏ ତାହାର ମୂଲ୍ୟ ତେତେ ବଢ଼େ । କିନ୍ତୁ ହୀରକ ଯେତେ ଲଘୁହେବ ତେତେ ଶ୍ରେଷ୍ଠ । ହୀରକ ଅନ୍ୟାନ୍ୟ ମଣିକୁ କାଟିପାରେ । କିନ୍ତୁ ହୀରକ କେବଳ ହୀରକକୁ କାଟିପାରେ । ଏହା ଅନ୍ୟ କୌଣସି ଧାତୁଦ୍ୱାରା କାଟି ହୁଏନାହିଁ । ଶୃଙ୍ଗ ଥିବା ହୀରକ ଧାରଣ କରିବନାହିଁ । ଧାରଣ କଲେ ଅଶୁଭହୁଏ । ଯେଉଁ ହୀରକର ପୂର୍ବାପର-ଭାଗ ବୃତ୍ତାକାର (Circular) ଓ ନାନାବର୍ଣ୍ଣବିଶିଷ୍ଟ ସେହି ହୀରକ ପରିତ୍ୟାଜ୍ୟ । ରକ୍ତବର୍ଣ୍ଣର ହୀରକ ଧାରଣ କଲେ ଆୟୁଃକ୍ଷୟହୁଏ ।

ଯେଉଁ ହୀରକର ଓଜନ ବଂଶତ ତଣ୍ଡୁଳପରିମିତ ମଣିଶାସ୍ତ୍ରବିଦ୍ ପଣ୍ଡିତମାନେ ତାହାର ମୂଲ୍ୟ ଅନ୍ୟାନ୍ୟ ହୀରକ ଅପେକ୍ଷା ଦ୍ୱିଗୁଣ ବୋଲି ନିଶ୍ଚୟ କରିଅଛନ୍ତି । ଏହି ଓଜନର ବିଭାଗ. ଅର୍ଦ୍ଧ, ଚତୁର୍ଥଭାଗ, ଷଡ଼ଷୋଡ଼ଶ ଭାଗ, ଷଷ୍ଟିତମ ଭାଗ, ଅଶିତମ ଭାଗ, ଶତ ଭାଗ, ସହସ୍ର ଭାଗ, ନ୍ୟୂନ କିମ୍ବା ଅଧିକ ହେଲେ ମୂଲ୍ୟ ମଧ୍ୟ ସେହି ସେହି ପରିମାଣରେ ଊଣା କିମ୍ବା ଅଧିକ ହେବ ।

( ୨ ) ମୁକ୍ତା—ହସ୍ତୀ, ମେଷ, ଶୂକର, ମତ୍ସ୍ୟ, ସର୍ପ ଓ ଶାମୁକ ଏହି ସକଳ ଦ୍ରବ୍ୟରୁ ମୁକ୍ତା ଜାତ ହୁଏ । ସକଳ ମୁକ୍ତା ମଧ୍ୟରେ ଶୁକ୍ତିଜାତ ମୁକ୍ତା ପ୍ରଧାନ । ଶାମୁକାରୁ ଜାତ ହେବା ମୁକ୍ତାରେ ଛିଦ୍ର କଲେ ଛିଦ୍ର ହୁଏ ଅନ୍ୟ ମୁକ୍ତାରେ ହୁଏ ନାହିଁ । ବାଉଁଶ, ହସ୍ତୀ, ମତ୍ସ୍ୟ ଓ ଶଙ୍ଖରୁ ଯେଉଁ ମୁକ୍ତା ଜାତ ହୁଏ ତାହା ଉଜ୍ଜ୍ୱଳ ନୁହେ । ଏହି ମୁକ୍ତା ମଙ୍ଗଳ କାର୍ଯ୍ୟରେ ବ୍ୟବହୃତ ହୁଏ । ରତ୍ନଶାସ୍ତ୍ର-ପାରଦର୍ଶୀ ପଣ୍ଡିତମାନେ ଅଷ୍ଟବିଧ ମୁକ୍ତା ନିର୍ଣ୍ଣୟ କରି-ଅଛନ୍ତି । ସେମାନଙ୍କ ମଧ୍ୟରେ ଗଜମୁକ୍ତା ଓ ଶଙ୍ଖମୁକ୍ତା ନିକୃଷ୍ଟ । ଶଙ୍ଖଜାତ ମୁକ୍ତାରେ ବଡ଼ ବଡ଼ କୋଣ ଥାଏ । ଫଳ ପ୍ରମାଣ ହୋଇଥାଏ । କରିକୁମ୍ଭଜାତ ମୁକ୍ତା ଈଷତ୍ ପୀତବର୍ଣ୍ଣ ଓ ଅଭାହୀନ । ଗଜମୁକ୍ତା ବୃହଦାକାର(Mound) ଈଷତ୍ ପୀତବର୍ଣ୍ଣ ଓ ପ୍ରଭାହୀନ । ମତ୍ସ୍ୟଜ ମୁକ୍ତା ସୁବୃତ୍ତ, ଅତିସୂକ୍ଷ୍ମ ଓ ଲଘୁ । ବରାହଦନ୍ତରୁ ଯେଉଁ ମୁକ୍ତା ଜାତ ତାହା ଅତିପ୍ରଶସ୍ତ । ସବୁ ବରାହରୁ ମୁକ୍ତାଜାତ ହୁଏ ନାହିଁ କୌଣସି କୌଣସି ବରାହଦନ୍ତରୁ ଜାତ ହୁଏ । ବାଉଁଶରୁ ଜାତ ହୋଇବା ମୁକ୍ତା କୁଅପଥର (Hail stone) ପରି । ଏହି ମୁକ୍ତା ମହାଜନମାନେ ଲଗାନ୍ତି । ସବୁ ବାଉଁଶରୁ ମୁକ୍ତା ଜାତ ହୁଏ ନାହିଁ । ସର୍ପଜ ମୁକ୍ତା ବିଶୁଦ୍ଧ ଓ ବର୍ତ୍ତୁଳାକାର, ଏହାର କାନ୍ତି ଶାଣିତ ତରବାରି ପରି । ସର୍ପଜ ମୁକ୍ତା ଧାରଣ କଲେ ଲୋକେ ସୌଭାଗ୍ୟବାନ୍ ହୁଅନ୍ତି । କୋଷା-ଗାରରେ ସର୍ପ—ମୁକ୍ତା ରଖିଲେ ଭୂତ ପ୍ରେତ ଓ ସର୍ପ-ଭୟ ଦୂରହୁଏ । ସିଂହଳ ଦ୍ୱୀପ (Ceylon) ରେ ସମୁଦ୍ରର ଶାମୁକାରୁ ମୁକ୍ତା ବାହାର କରନ୍ତି । ସୌରାଷ୍ଟ୍ର, ପାରଶର, କୌବେର, ତାମ୍ରପର୍ଣ୍ଣ, ଏହି ଦେଶ ନିକଟସ୍ଥ ନଦୀ-ମାନଙ୍କରୁ ମୁକ୍ତା ଜାତହୁଏ ।

ମୁକ୍ତାର ଦୋଷ ଓ ଗୁଣ ସମ୍ବନ୍ଧରେ ବ୍ୟବସ୍ଥା ନାହିଁ । ବର୍ତ୍ତମାନ କେଉଁ ମୁକ୍ତାର ମୂଲ୍ୟ କେତେ ଏଠାରେ ସଂକ୍ଷେପରେ କୁହାଯିବ । ଯେଉଁ ମୁକ୍ତାର ଓଜନ ଅର୍ଦ୍ଧ-ତୋଲା ତାହାର ମୂଲ୍ୟ ୧୩୦୫ ମୁଦ୍ରା । ଅର୍ଦ୍ଧ ତୋଲାରୁ ଅର୍ଦ୍ଧମଷା ଊଣା ହେଲେ ତାହର ମୂଲ୍ୟ ୨୮୩ ମୁଦ୍ରା ତିନିମଷା ଓଜନ ହେଲେ ୨୦୦ ମୁଦ୍ରା । ୨୪ ମଷା ହେଲେ ୧୩୦୦୦ ମୁଦ୍ରା । ଦୁଇ ମଷା ଓଜନ ହେଲେ ୮୦୦ ମୁଦ୍ରା । ଅର୍ଦ୍ଧମଷା ଓଜନ ହେଲେ ୩୨୫ ମୁଦ୍ରା; ଛଅ ଜାଇଁଫ ହେଲେ ୨୦୦ ମୁଦ୍ରା; ତିନି ଜାଇଁଫ ଓଜନ ହେଲେ ୧୦୦ ମୁଦ୍ରା ଏହି ଓଜନର ୧/୧୬ ଭାଗ ହେଲେ ୧୧୦ ମୁଦ୍ରା ୧/୨୦ ହେଲେ ୯୮ ମୁଦ୍ରା । ୧/୧୬ ହେଲେ ୪୦ ମୁଦ୍ରା ୧/୪୦ ହେଲେ ୩୦ ମୁଦ୍ରା ୧/୬୦ ଭାଗ ହେଲେ ୧୪ ମୁଦ୍ରା ୧/୮୦ ଭାଗ ହେଲେ ୧୧ ଓ ୯ ମୁଦ୍ରା ।

ମୁକ୍ତା ବିଶୁଦ୍ଧ କରିବାକୁ ହେଲେ ଅମ୍ଳ ପାତ୍ରରେ ରଖି ଜମ୍ବୀର (lime) ରସରେ ପାକ କରିବ । ପରେ ଚକଖଡ଼ିରେ ଘଷିଲେ ଉଜ୍ଜ୍ୱଳ ହୁଏ । ମତ୍ସ୍ୟର ଉଦରରେ ମୁକ୍ତା ରଖି ମୃତ୍ତିକା ଲେପନ କରି ଅଗ୍ନିରେ ପୋଡ଼ିଦେବ, ପରେ ଦୁଗ୍ଧ ଜଳ ଓ ସୁରା ମଧ୍ୟରେ ପାକ କଲେ ଚିକ୍କଣ ହୁଏ । କୌଣସି ମୁକ୍ତା କୃତ୍ରିମ ବୋଲି ସନ୍ଦେହ ହେଲେ ଲବଣ ମିଶ୍ରିତ ଜଳରେ ଏକ ରାତ୍ରି ରଖି ପରେ ଧାନ୍ୟ ସହିତ ମର୍ଦ୍ଦନ କରି ଶୁକ୍ଳ ବସ୍ତ୍ର ବେଷ୍ଟନ କରି ରଖିବେ—ଯଦି ମୁକ୍ତା ବିବର୍ଣ୍ଣ ନହୁଏ, ତାହା ହେଲେ ତାହା ଅକୃତ୍ରିମ ମୁକ୍ତା ।

Digitized by srujanika@gmail.com

(୩) ପଦ୍ମରାଗମଣି—ପଦ୍ମରାଗମଣି ନାନାପ୍ରକାର। କେତେ ବନ୍ଧୁଲି ଫୁଲର ବର୍ଣ୍ଣପରି, କେତେକ ମଣି କାଇଞ୍ଚର ବର୍ଣ୍ଣପରି, କେତେ ଜବା-ପୁଷ୍ପପରି, ଅଉ କେତେ ରକ୍ତପରି ଲୋହିତବର୍ଣ୍ଣ। କେତେକ ପଦ୍ମରାଗମଣିର ବର୍ଣ୍ଣ ଡାଳିମ୍ବ ବୀଜପରି। କେତେ ପଳାଶ ପୁଷ୍ପତୁଲ୍ୟ। ସବୁ ପଦ୍ମରାଗମଣି ଉଜ୍ଜ୍ୱଳ। ସିନ୍ଦୂର, ପଦ୍ମ, ଉତ୍ପଳ, କୁଙ୍କୁମ ଓ ଲାକ୍ଷାରସର ବର୍ଣ୍ଣ ଯେପରି ସେହି ସେହି ବର୍ଣ୍ଣର ପଦ୍ମରାଗ ମଣିମାନ ଅଛି। ପଦ୍ମରାଗମଣିର ବର୍ଣ୍ଣ ଘନୀଭୂତ ହେଲେହେଁ ସେ ତାହାର ସ୍ନିଗ୍ଧ ପ୍ରଭାରେ ସୁନ୍ଦର ଦିଶୁଥାଏ। ଗୁଣସମ୍ପନ୍ନ ମଣି ସୂର୍ଯ୍ୟ କିରଣରେ ସମୁଜ୍ଜ୍ୱଳ ହୋଇ ତାହାର ରଶ୍ମି ପାର୍ଶ୍ୱରେ ଥିବା ଦ୍ରବ୍ୟ ସବୁ ଆଲୋକିତ କରେ। ଥୋକେ ପଦ୍ମରାଗମଣି ରକ୍ତ ନୀଳ ମିଶ୍ରିତ ବର୍ଣ୍ଣ। ଅଉ ଥୋକେ ରକ୍ତପଦ୍ମପରି। ବର୍ଣ୍ଣାଧିକ୍ୟ, ଗୁରୁତା, ସ୍ନିଗ୍ଧତା, ସମବର୍ଣ୍ଣୋଜ୍ଜ୍ୱଳତା, ନିର୍ମଳତା, ତେଜସ୍ୱିତା ଏହିସବୁ ପଦ୍ମରାଗମଣିର ଗୁଣ। ଏହିପରି ମଣିକୁ ସମସ୍ତେ ଅଦର କରି କିଣନ୍ତି। ଯେଉଁ ସବୁ ମଣି ସଚ୍ଛିଦ୍ର ଉଜ୍ଜ୍ୱଳହୀନ, ଅମସୃଣ ସେହି ସକଳ ମଣି ପ୍ରଶସ୍ତ ନୁହେ। ଗୁଣହୀନ ମଣି ଧାରଣକଲେ ଅମଙ୍ଗଳ ଘଟେ। ଥୋକେ ପଦ୍ମରାଗ ମଣିରେ ପଦ୍ମ ସଂଯୋଗ କଲେ ତାମ୍ର ବର୍ଣ୍ଣ ହୁଏ। ତୈଳରେ ମାର୍ଜ୍ଜନ କଲେ ପ୍ରଦୀପ୍ତ ହୁଏ। କିନ୍ତୁ ସ୍ପର୍ଶକଲେ ଦୀପ୍ତିହୀନ ହୁଏ। ବଜ୍ର ବା କୁରୁବିନ୍ଦ ମଣିରେ ଅନ୍ୟ ମଣି ଦ୍ୱାରା ଲେଖାହୁଏ, କିନ୍ତୁ ପଦ୍ମରାଗ ବା ଇନ୍ଦ୍ର ନୀଳମଣିରେ ଅନ୍ୟ ମଣିଦ୍ୱାରା ଲେଖନ ହୁଏ ନାହିଁ। ପଦ୍ମରାଗ ମଣି ସ୍ପର୍ଶକଲେ ବିପଦ ସ୍ପର୍ଶ କରିପାରେ ନାହିଁ।

ତଣ୍ଡୁଳଦ୍ୱାରା ଓଜନ କରି ହୀରକର ମୂଲ୍ୟ ଯେପରି ସ୍ଥିର କରନ୍ତି, ପଦ୍ମରାଗ ମଣିର ମଧ୍ୟ ଓଜନର ତାରତମ୍ୟରେ ମୂଲ୍ୟ ଊଣା କିମ୍ୱା ଅଧିକ ହୁଏ। ମଣିର ବର୍ଣ୍ଣ ଓ ଉଜ୍ଜ୍ୱଳ ଊଣା ହେଲେ ତାହାର ମୂଲ୍ୟ ଊଣା ହୋଇଥାଏ।

(୪)ମରକତ ମଣି—ମରକତ ମଣି ହରିତ୍ ବର୍ଣ୍ଣ। ଏହାର ଉଜ୍ଜ୍ୱଳତା ବକ୍ରରେଖା ତୁଲ୍ୟ ଦେଖାଯାଏ ଏବଂ ଭିତରେ ସୁବର୍ଣ୍ଣ ଚୂର୍ଣ୍ଣ ପରିପୂର୍ଣ୍ଣ ଥିଲାପରି ପ୍ରତୀତି ହୁଏ। ଉତ୍କୃଷ୍ଟ ମରକତ ମଣି ଉଜ୍ଜ୍ୱଳ, ଲଘୁ-ସୂର୍ଯ୍ୟକିରଣ ସ୍ପର୍ଶମାତ୍ରେ ଚତୁର୍ଦ୍ଦିଗ ଆଲୋକିତ କରେ। ଯେଉଁ ମଣିର କାନ୍ତି ଘନୀଭୂତ, ସ୍ନିଗ୍ଧ, ବିଶୁଦ୍ଧ, କୋମଳ, ମୟୂରକଣ୍ଠପରି ବର୍ଣ୍ଣ ସେହି ମଣି ଉତ୍କୃଷ୍ଟ। ଯେଉଁ ମରକତ ମଣି ଅମସୃଣ, ମଳିନ, ରୂକ୍ଷ, ଶିଳାଜତୁ ସଂସୃଷ୍ଟ ସେହି ମଣି ନିର୍ଗୁଣ। କୃତ୍ରିମ ମଣିରେ ଭଲଆ ପତ୍ରର ରସ ବା [ ଶିଯ ] ଦେଲେ ବର୍ଣ୍ଣର ବୈଷମ୍ୟ ଘଟେ। ଅନେକ ପ୍ରକାର ବଜ୍ରମଣି ଓ ମୁକ୍ତା ଅଛି। ଏହି ମଣି ସବୁ କୌଣସି ଅଚ୍ଛାଦନରେ ଆବୃତ ନରହିଲେ ସେ ଗୁଡ଼ିକର ପ୍ରଭା ଦିଶେନାହିଁ। କେତେ ମଣିର ଦୀପ୍ତି ସରଳ ରେଖାରେ ଅଉ କେତେ ମଣିର ଦୀପ୍ତି ବକ୍ରରେଖାରେ ବହିର୍ଗତ ହୁଏ। ଦୀପ୍ତି ବକ୍ରଭାବରେ ବହିର୍ଗତ ହେଲେ ତେଜ ସବୁବେଳେ ରହେନାହିଁ। ମରକତମଣି ଧାରଣ କଲେ ବିଷପୀଡ଼ାଦି ଉପଦ୍ରବ ଦୂରୀଭୂତ ହୁଏ। ସଂଗ୍ରାମରେ ଜୟଲାଭ ହୁଏ। ପଦ୍ମରାଗମଣି ଅପେକ୍ଷା ମରକତ ମଣିର ମୂଲ୍ୟ ଅଧିକ। ଗୁଣହୀନ ପଦ୍ମରାଗ ମଣିର ଯେପରି ମୂଲ୍ୟ ଊଣା ହୁଏ, ଗୁଣହୀନ ମରକତ ମଣିର ମଧ ସେହିପରି ମୂଲ୍ୟ ଊଣା ହୁଏ।

( ୫ ) ଇନ୍ଦ୍ରନୀଳମଣି—ଅନେକ ବର୍ଣ୍ଣର ଇନ୍ଦ୍ରନୀଳମଣି ଅଛି। ଥୋକେ ଇନ୍ଦ୍ରନୀଳମଣିର ବର୍ଣ୍ଣ ସମୁଦ୍ର ଜଳପରି। ଅଉ କେତେକର ବର୍ଣ୍ଣ ମୟୂରକଣ୍ଠପରି। ଅଉ କେତେ ଇନ୍ଦ୍ରନୀଳମଣିର ନୀଳୀରସ ବୁଦ୍‌ବୁଦ୍ ତୁଲ୍ୟକାନ୍ତି। କତିପୟ ମଣିର ବର୍ଣ୍ଣ କୋକିଳ କଣ୍ଠପରି। ଯେଉଁ ସବୁ ଇନ୍ଦ୍ର ନୀଳମଣି ମୃତ୍ତିକା ଓ ପାଷାଣ ଯୁକ୍ତ, ଶିଥିଳ, ସରନ୍ଧ୍ର ଓ ମେଘମାଳା ତୁଲ୍ୟପ୍ରଭ, ସେହି ମଣିସବୁ ଦୂଷିତ। ପଦ୍ମରାଗମଣି ଧାରଣ କଲେ ଯେଉଁ ଶୁଭଫଳ ପ୍ରାପ୍ତ ହୁଏ, ଇନ୍ଦ୍ରନୀଳମଣି ଧାରଣ କଲେ ସେହି ସେହି ଗୁଣ ହୁଏ। ପଦ୍ମରାଗମଣିର ଯେପରି ତିନଗୋଟି ଜାତିଅଛି, ଇନ୍ଦ୍ରନୀଳମଣିର ମଧ ସେହିପରି ଅନେକ ଜାତି ଅଛି। ଯେଉଁ ଯେଉଁ ଉପାୟରେ ପଦ୍ମରାଗ ମଣି ପରୀକ୍ଷା କରାଯାଇଅଛି, ଇନ୍ଦ୍ରନୀଳମଣି ମଧ ସେହି୨ ଉପାୟରେ ପରୀକ୍ଷା କରିବ। ପଦ୍ମରାଗ ଅଗ୍ନିରେ ନିକ୍ଷେପ କଲେ ଯେପରି ଅଗ୍ନି ଅକ୍ରାନ୍ତ ହୁଏ, ଇନ୍ଦ୍ରନୀଳମଣି ଉତ୍ତାପରେ ତତୋଧିକ ଅଗ୍ନି ଅକ୍ରାନ୍ତ ହୋଇ ଉଠେ। ତଥାପି ପରୀକ୍ଷା କରିବାପାଇଁ କୌଣସି ମଣି ଅଗ୍ନିରେ ନିକ୍ଷେପ କରିବନାହିଁ। ଅଜ୍ଞାନବଶତଃ ଅଗ୍ନିରେ ନିକ୍ଷେପ କଲେ ମଣିସ୍ୱାମିର ଅନର୍ଥ ସଙ୍ଘଟିତ ହୁଏ ଏବଂ ଯେଉଁ ବ୍ୟକ୍ତି ଅଗ୍ନିରେ ପକାଏ ତାହାର ଅମଙ୍ଗଳ ଘଟେ। କାଚ,

Digitized by srujanika@gmail.com

ଉତ୍ପଳ, କର୍କେତର, ସ୍ଫଟିକ, ବୈଦୂର୍ଯ୍ୟ, ଏହି ସବୁ ଅନେକାଂଶରେ ଇନ୍ଦ୍ରନୀଳମଣିପରି । ମଣିଶାସ୍ତ୍ରବିଦ୍ ପଣ୍ଡିତମାନେ ଏହି ସବୁ ବିଜାତୀୟ ରତ୍ନ ବୋଲି ନିର୍ଦ୍ଦିଷ୍ଟ କରିଅଛନ୍ତି । ଇନ୍ଦ୍ରନୀଳମଣିର ବର୍ଣ୍ଣ ତାମ୍ରବର୍ଣ୍ଣ ହେଲେ ତାହାକୁ ଯତ୍ନକରି ରଖିବ । କାଚମଣିକୁ ଲୋକେ ଆଦର କରନ୍ତି ନାହିଁ । ଅନ୍ୟାନ୍ୟ ମଣିକୁ ଆଦର କରନ୍ତି । କର୍କେତର ଓ ଉତ୍ପଳ ଏହି ଦୁଇମଣି ତାମ୍ରବର୍ଣ୍ଣ ହେଲେ କ୍ଷ୍ୟକରି ରଖିବ । ଯେଉଁ ନୀଳମଣି ମଧ୍ୟରେ ଅଙ୍ଗୁଳାକାର ନୀଳବର୍ଣ୍ଣ ରେଖା ଦେଖାଯାଏ ତାହା ଅତି ମୂଲ୍ୟବାନ୍ । ପୃଥିବୀରେ ଏହିମଣି ଦୁର୍ଲ୍ଲଭ । ଯେଉଁ ଇନ୍ଦ୍ରନୀଳମଣିର ପ୍ରଗାଢ଼ ବର୍ଣ୍ଣ ତାହାକୁ ଦୁଗ୍ଧରେ ରଖିଲେ ଦୁଗ୍ଧ ନୀଳବର୍ଣ୍ଣ ଦିଶେ । ଏହି ମଣିକୁ ମହାନୀଳମଣି କହନ୍ତି । ମାଷାଦି ପରିମାଣ ଅନୁସାରେ ପଦ୍ମରାଗ ମଣିର ଯେପରି ମୂଲ୍ୟ ନିର୍ଦ୍ଧାରିତ ହୁଏ, ଇନ୍ଦ୍ରନୀଳମଣିର ମଧ୍ୟ ସେହିପରି ମାଷାଦି ପରିମାଣରେ ମୂଲ୍ୟ ସ୍ଥିର କରନ୍ତି ।

( ୬ ) ବୈଦୂର୍ଯ୍ୟମଣି—ବୈଦୂର୍ଯ୍ୟମଣି ସକଳ ମଣି ମଧ୍ୟରେ ପ୍ରଧାନ । ଏହାର ବର୍ଣ୍ଣ ମୟୂରକଣ୍ଠପରି କିମ୍ବା ... ଣ ଏପରି ଉଜ୍ଜଳ, ଏଉ ସକଳ ବୈଦୂର୍ଯ୍ୟମଣି ଚଷପକ୍ଷୀର ପକ୍ଷତୁଲ୍ୟ ବର୍ଣ୍ଣ । ମଣିଶାସ୍ତ୍ରବିଦ୍ ପଣ୍ଡିତମାନେ ସେହି ସକଳ ମଣିକୁ ଅପ୍ରଶସ୍ତ ମଣି ମଧ୍ୟରେ ଗଣ୍ୟ କରିଅଛନ୍ତି । ଗୁଣଯୁକ୍ତ ବୈଦୂର୍ଯ୍ୟମଣି ଧାରଣ କଲେ ସୌଭାଗ୍ୟ ବୃଦ୍ଧି ହୁଏ ଗୁଣହୀନ ମଣି ଅମଙ୍ଗଳ ଘଟାଏ । ଏଣୁ ମଣି ଦେଖି ବାଛି ଧାରଣକରିବ । ଗିରିକାଚ, ଶିଶୁପାଳ, କାଚ ଓ ସ୍ଫଟିକ ଏ ସକଳ ବିଜାତୀୟ ବୈଦୂର୍ଯ୍ୟମଣି । "କାଚ" ମଣିରେ ଲେଖନ ହୁଏନାହିଁ । "ଶିଶୁପାଳ" ମଣି ଅତି ଲଘୁ । ଗିରିକାଚ ଦୀପ୍ତି ବିହୀନ । ସ୍ଫଟିକ ଅଧିକ ଉଜ୍ଜ୍ୱଳ । ଇନ୍ଦ୍ରନୀଳମଣିର ଓଜନ ଅନୁସାରେ ଯେପରି ମୂଲ୍ୟ ନିରୂପିତ ହୁଏ ଦୁଇମଧା ଓଜନ ଥିବା ବୈଦୂର୍ଯ୍ୟମଣିର ମୂଲ୍ୟ ମଧ୍ୟ ସେହିପରି ନିରୂପିତ ହେବ । ଏକଜାତୀୟ ଓ ସମାନ ଗୁଣସମ୍ପନ୍ନ ମଣି ଯେପରି ପ୍ରକାର ଭେଦରେ ଅନେକ ଦେଖାଯାଏ, ସେହିପରି ଋଜାତୀୟ ମଣିରେ ଅନେକ ପ୍ରକାରଭେଦ ଅଛି । ସେ ଗୁଡ଼ିକର ନାମାନୁସାରେ ମୂଲ୍ୟ ନିରୂପିତ ହୁଏ । ଯେଉଁ ବୈଦୂର୍ଯ୍ୟମଣି ଲଘୁ ଓ ମୃଦୁ ତାହା ବିଜାତୀୟ ।

( ୭ ) ପୁଷ୍ପରାଗ—ଅନେକ ଜାତୀୟ ପୁଷ୍ପରାଗ ଅଛି ଯେଉଁ ମଣି ଈଷତ୍ ପୀତବର୍ଣ୍ଣ ତାହାର ନାମ ପୁଷ୍ପରାଗ । ପୀତ ଅଭିଯୁକ୍ତ ଲୋହିତ ବର୍ଣ୍ଣ ହେଲେ କୌରଣ୍ଡକ କହନ୍ତି, ନୀଳ ଅଭିଯୁକ୍ତ ଶୁକ୍ଳବର୍ଣ୍ଣ ହେଲେ ତାହାର ନାମ ସୋମାଳକ । ଅତିଶସ୍ତ ଲୋହିତ ବର୍ଣ୍ଣ ହେଲେ ତାହାର ନାମ ପଦ୍ମରାଗ । ଅତି ନୀଳବର୍ଣ୍ଣର ନାମ ଇନ୍ଦ୍ରନୀଳମଣି । ବୈଦୂର୍ଯ୍ୟ ମଣିର ଯେପରି ମୂଲ୍ୟ ନିରୂପିତ କରନ୍ତି, ପୁଷ୍ପରାଗର ମଧ୍ୟ ସେପରି ମୂଲ୍ୟ ନିର୍ଣ୍ଣୟ କରିବ । ବୈଦୂର୍ଯ୍ୟମଣି ଧାରଣକଲେ ଯେଉଁ ଫଳ ଲାଭହୁଏ ପୁଷ୍ପରାଗମଣି ଧାରଣକଲେ ସେହି ଫଳ ପ୍ରାପ୍ତି ହୁଏ ।

( ୮ ) ସ୍ଫଟିକମଣି :—ଚୀନ ଓ ନେପାଲ୍ ଦେଶରେ ଏହି ମଣି ମିଳେ । ଏହି ସ୍ଫଟିକ ମଣି ମୃଣାଳ ଓ ଶଙ୍ଖତୁଲ୍ୟ ଧବଳ ବର୍ଣ୍ଣ । ଏହି ମଣିତୁଲ୍ୟ ଧବ ପାପନାଶନ ମଣି ଆଉ ନାହିଁ, ଏଣୁ ସ୍ଫଟିକ ମଣିରେ ଜପାମାଳା କରିଥାନ୍ତି । ଶିଳ୍ପ ଦ୍ୱାରା ଏହି ମଣିକୁ ସଂସ୍କାର କରି ମୂଲ୍ୟ ନିରୂପଣ କରିବ ।

( ୯ ) ପ୍ରବାଳ :—ଏହି ମଣି ଜବାପୁଷ୍ପ କିମ୍ବା ଗୁଞ୍ଜା ( ଲାଇଁଖ ) ଫଳ ତୁଲ୍ୟ ଅତ୍ୟନ୍ତ ଲୋହିତ ବର୍ଣ୍ଣ । ରୋମକ ଓ ଦେବକ ଦେଶରେ ଯେଉଁ ବିଦ୍ରୁମ ମଣି ମିଳେ ତାହା ଅତିବ ନିର୍ମଳବର୍ଣ୍ଣ । କେରଳ ଦେଶରେ ଯେଉଁ ବିଦ୍ରୁମ ମଣି ମିଳେ ତାହା ଅତିପ୍ରଧାନ । ଆଉ ଅନ୍ୟ ଦେଶମାନଙ୍କରେ ଜାତ ହେବା ବିଦ୍ରୁମ ଉତ୍କୃଷ୍ଟ ନୁହେ ।

ପ୍ରବାଳ ମଣି—ପ୍ରସନ୍ନ, କୋମଳ, ସ୍ନିଗ୍ଧ, ଗାଢ଼ରକ୍ତବର୍ଣ୍ଣ ହେଲେ ତାହା ଉତ୍କୃଷ୍ଟ ବୋଲି ଜାଣିବ, ଏହି ମଣି ଧାରଣ କଲେ ଧନ ଧାନ୍ୟାଦି ଲାଭ ହୁଏ, ଶତ୍ରୁ ନାଶ ହୁଏ ।

Digitized by srujanika@gmail.com

# ପଲ୍ଲୀ-ଚରିତ୍ର



—ଘରେ—



Digitized by srujanika@gmail.com



—ଗାଡ଼ାରେ—



Digitized by srujanika@gmail.com

# ମଲା ଜନ୍ମ

( ପୂର୍ବାନୁବୃତ୍ତି )

ଉପେନ୍ଦ୍ର କିଶୋର ଦାସ

ଯେଉଁଦିନ ସକାଳୁ ଜମିଦାରଙ୍କର କ'ଣ ଗୋଟାଏ ଜରୁରୀ କାମରେ ମୋ ସ୍ୱାମୀ ସକାଳୁ ଉଠି ଅନ୍ୟ ଗାଁକୁ ଚାଲିଗଲେ । ସେ ଦିନ ଘରକୁ ଫେରିବେ ନାହିଁ ବୋଲି ଶୁଣିଲି । ମନେହେଲା; ଯାହାହେଉ, ଆଜ ଦିନକତ ଛୁଟି—

ଯାହାନ୍ତାରୁ ସେ ଯିବେ ବୋଲି, ସେ ପୋଇଲିଟା ଏପଟ ସେପଟ ହୋଇ ସବୁ ଦେଖ କରୁଥାଏ । ଭାବିଲି ସ୍ତ୍ରୀଙ୍କ ଘରେ ଆଉ କେହି ନାହାନ୍ତି ନା କ'ଣ ? ଶୁଣିଛି ମୋର ଶାଶୁ ଲୁଅଡ଼େ ଅଛନ୍ତି—ସେ ବିଧବା, କିନ୍ତୁ ଏତ ଅଷ୍ଟ ଅଳଙ୍କାର ମଣ୍ଡି ହୋଇଛ ଦିହଯାକ । ବୟସବି ଏମିତି ବେଶୀ କିଛି ହୋଇନାହିଁ । ତେବେ ଏ କିଏ ? ପିଣ୍ଡା ପାଖରେ ମତେ ଦେଖି ସେ ମୋ ପାଖକୁ ଆସିଲା । ନାଟ ପିଲାଙ୍କ ଭଳି ମୋ ମୁହଁ ପାଖରେ ହାତ ହଲାଇ କହିଲା; ହେ ବୋହୂ ! ମା ସିଅଡ଼େ କୋଉପହରୁ ଗାଧୋଇ ଆସି ଓଦାଲୁଗାରେ ଠିଆ ହୋଇଛନ୍ତି; ଅଖିରେ କ'ଣ ତମର ପୁଅ ନାହିଁ କି ?

ଭାରି ରାଗ ହେଲା କଥା ଶୁଣି । କହିଲି । ମୁଁ ତ ଜାଣିନାହିଁ । ଜାଣି ନା ? ଅଜଣା ହୋଇ ଆସିଛ ଏଠିକି ! ଗାଧୋଇସାରିଲେ ଶୁଖିଲା ଲୁଗାଦବା, କି ପୂଜାପାଇଁ ଠା କରିଦବା, ଏକଥା ପୁଣି କିଏ ଶିଖେଇଦବମ ! କ'ଣ ଛୁଆ ନା ପିଲା । ଅସ ବାହାରି—

ସେ ଚାଲିଗଲା ! ଦ ଦିନ ହେଲା ମୁଁ ଏ ଘରକୁ ଅସିଛ, କିନ୍ତୁ କଣ କରିବ—ସଦାକୁ ଅସିଲି, ଖଣ୍ଡେ ଦଳା ଦୁଆର ଛଡ଼ା ଅରପାଖେ ଠାକୁର ଘର । ମୋ ଶାଶୁ ସେଠି ଠିଆ ହୋଇଥିଲେ । ଘର ଭିତରୁ ଶୁଖିଲା ଲୁଗା ଅଣି ଦେଲି ତାଙ୍କୁ । ସେ ପୋଇଲିଟା ସେତେବେଳେ ଦୁଆର ମଝିରେ ଠିଆ ହୋଇ ଅପଣା ମନକୁ ସମସ୍ତଙ୍କୁ ଶୁଣାଇ ଶୁଣାଇ କହୁଥାଏ; ମୋର ଛୁଇଁବା କଥା ନୁହେଁ ବୋଲି ସିନା— ନଇଲେ, ପରଲୋକଙ୍କୁ ଏମିତି ଖୋସାମଦ କିଏ ପଡ଼ିଥିଲା । ଦଣ୍ଡକେ ସବୁ ସଜକରି ଥୋଇଦିଅନ୍ତି ପଛା !

ଶାଶୁ ଲୁଗା ପାଲଟିଲେ, ମତେ ଭୁନ ଭୁନ କହିଲେ, ଦେଖୁଛ ତ କେମିତି ଏକୁଟିଆ ଘର, ଏତେ ନାକ କଲେ ଚଳିବ କୋଉଠି ଝିଅ !

ସେ ଠାକୁର ଘରଭିତରକୁ ଯାଇ କବାଟ ଲଗାଇ ଦେଲେ । ଦୁଆର ମୁହଁ ପାଖରେ ଗୋଟିଏ ପିଲା କେତେବେଳରୁ ଖୁଣ୍ଟକୁ ଆଉଜି ଠିଆ ହୋଇଥିଲା । ମତେ ଦେଖି ପାଖକୁ ଆସିଲା—କାନ ଧରି ହସି ହସି କହିଲା—ନୂଆ ମା !

କାଖ କରି ମୁଁ ତାକୁ ମୋରି ଘରକୁ ନେଇ ଆସିଲି, ଘରଭିତରେ ଆଉ କେହି ନ ଥିଲେ ସେତେବେଳେ । ଅସ୍ତେ ଅସ୍ତେ ତାକୁ ପଚାରିଲି—ତୋ ନା କଣ କି ? ନଟବର ! ସେ କହିଲା ।

ପଚାରିଲି, ହଇରେ ନଟ ! ମତେ ତୁ ଚହ୍ନିଲୁ କେମିତି ? ବାଃରେ; ଆମ ଧାଇମା ସବୁ କହୁଥିଲା । କୋଉ-ଦିନ କୋଜାଣି କେତେଦିନ ହୋଇଗଲାଣି—ତୋର ନୂଆ ମା ଆସିବ, ବାପା ଯିବେ କେତେ ବାଜା ବଜେଇ ତାକୁ ଆଣିବାକୁ ।

ଧାଇ ମା କିଏ ?

ମଲା, ତୁ ଜାଣି ନାହିଁ ନା ? ସେ ସଉରଭୀ ସବୁ, ଏଇ-ଟିକିଣା ଯେ ଦୁଆରେ ଠିଆ ହୋଇଥିଲା ତୁ ଆସିଲାବେଳେ ।

ବୋଧହୁଏ ସେଇ ପୋଇଲିଟା ! ପଚାରିଲି, ହଇରେ ଧାଇମା ଏଠି କ'ଣ କାମ କରେ ?

ମତେ ଦୁଧ ପେଇଦିଏ । ଦାଣ୍ଡକୁ ବୁଲେଇ ନିଏ, ଆଗେ ରାତିରେ ତାରି ପାଖରେ ଶୋଉଥିଲି । ଏବେ ମା ପାଖରେ ଶୁଏ—ଢେରୁ ଦିନ ହେଲା ।

ପଚାରିଲି ଧାଇମା ତତେ ମାରେ ? ହଇରେ ? ଖୁ—ଉ—ଉ—ବୁ । ଦୁଧ ନ ପିଇଲେ, ଅମାନିଆ ହେଲେ, ଗୋଟା ବାଡ଼ି ଧରି ଏମିତି ପିଟି ପକାଏ ଖାଲି ।



Digitized by srujanika@gmail.com

ବାପା କିଛି କୁହନ୍ତି ନାହିଁ ତାକୁ ?

ନାଇଁ, ଖାଲି ହସି ଦେଇ ଦାଣ୍ଡକୁ ଚାଲିଯାନ୍ତି । ତା'ପରେ ଦଣ୍ଡ କ'ଣ ? ଭାବି କହିଲି ବାପାଙ୍କୁ ସିଏ ଓଷଦ କରିଚି କି ଅଜ୍ଞେ ସମସ୍ତେ କୁହନ୍ତି !

ଆଉ ମା ? ମୁଁ ପଚାରିଲି; ସେ କିଛି କୁହନ୍ତି ନାଇଁ ଧାଇଁମା ତତେ ମାରିଲେ ? ସେ କହିଲା; ସବୁବେଳେ ଖାଲିତ ଠାକୁର ଘରେ ପଶିଥାଏ ସିଏ ଦିନରାତି । ଏ ଖଞ୍ଜାକୁ ଜମା ଅସେ କି ?

ଆଖିଦିଟା ମୋର୍ ଲୁହରେ ପୂରି ଉଠିଥିଲା ତା କଥା ଶୁଣି ଶୁଣି । ମା ମଲା, ଏଇ ଅରକ୍ଷ ଅଶରଣ ପିଲାଟି । କାହାରତ ଟିକେ ଲୋଭନାହିଁ ଯତ୍ନ ପ୍ରତି ? ଦୁଇ ହାତରେ ତାକୁ ଛାତି ଉପରେ ଭିଡ଼ିଧରି ମନେ ମନେ କହିଲି, କେହି ନଥିଲେ—ତୋର, ମୁଁ ତ ଅଛି ।

* *

ଜମିଦାର ଘର । ବେଶୀ କେହି ଲୋକ ନଥିଲେ ବି ଅମଲା ଚାକରଙ୍କ ଗୋଳମାଳ ଭିତରେ ରାତି ଅନେକ ହୋଇଯାଏ । ଆଜ ପୁଣି ସହଜେ ସେ ଘରେ ଜାହାନ୍ତି । ରାତି ଦିପହର ଯାଏ ଖଞ୍ଜାରେ ଗହଳ ଚହଳ ଲାଗିଲା । ଅନେକ ରାତିରେ ଗୋଟି ଗୋଟି ସମସ୍ତେ ଘରକୁ ଗଲେ । ଘରଭିତରେ ଖଣ୍ଡେ ସପ ପକାଇ ଶୋଇବାକୁ ଯାଉଚ— ନଟ ଅସି ଡାକିଲା, ନୂଆ-ମା, ଶୋଇଲୁଣି ? ମୁଁ ତୋ ପାଖରେ ଶୋଇବ ।

ପିଲାଟା; ଏତେବେଳେ ଯାଏ ତାକୁ ନିଦନାଇଁ ଖାଲି ମୋରି ପାଖରେ ଶୋଇବ ବୋଲି । ସକାଳର ସେଇ ଟିକିଏ ଅଦର ପାଇ ଏକାଥରକେ ମୋର ହୋଇ ଯାଇଚ ଯେମିତି । ଏତେ ସ୍ନେହକାଙ୍ଗାଳ ବିଚାରି !

କୋଳକୁ ଟାଣିନେଇ କହିଲି; ଅଲୋ ଶୋଇବୁ ମୋ ପାଖରେ । ମା ପାଖରେ ଶୋଇଲୁ ନାହିଁକି ଅଜ ? ସେ କହିଲା; ମାଙ୍କୁ କହିଲି ମୁଁ ନୂଆ ମା ପାଖରେ ଶୋଇବ ଯାଉଚ ।

ସେ କ'ଣ କହିଲେ; ମୁଁ ପଚାରିଲି ।

କହିଲା—ହଉ, ଯା ଶୋଇବୁ ।

ସଉତୁଣୀ ପୁଅ ସେ ମୋର । ସହଜରେ ତାକୁ ମୋର ଭଲ ନ ପାଇବା କଥା । କିନ୍ତୁ ଏତେ ସ୍ନେହ ତା ପାଇଁ ଏ ପୋଡ଼ା ଛାତି ଭିତରେ କୋଉଠି ଥିଲା କେଜାଣି ? ଅରକ୍ଷକୁ ଭଗବାନ୍ ବୋଧହୁଏ ଏମିତି ଭରସା ହୁଅନ୍ତି ।

ବାହାରେ ସଉରଭାର ପାଟି ଶୁଭିଲା, ନଟ ଆ ଶୋଇବୁ । ବିକଳରେ ମୋ ବେକକୁ ବେଢ଼ାଇ ଧରି ନଟ କହିଲା; ନୂଆମା ତୁ କହିଦେ ତାକୁ—ମୁଁ ଏଇଠି ଶୋଇବ ତୋ ପାଖରେ ।

ସଉରଭା ଆସି ପୁଣି ଡ଼ାକିଲା, ନଟ ଆ, ଆ, ଡ଼ାକୁ-ଚନ୍ତି ।

ସେ କହିଲା, ମୁଁ ମାଙ୍କୁ କହିଆସିଚ—ଏଇଠି ଶୋଇବ ।

ଆ ତେବେ ମୋ ପାଖରେ ଶୋଇବୁ ।

ଅଉ ମୁହଁ ବୁଜ ରହିପାରିଲି ନାଇଁ କହିଲି; ପିଲାଟା କହୁଚ ସେ ଏଇଠି ଶୋଉ ଅଜକ ।

ମୋ ଆଡ଼କୁ କଟମଟ କରି ଚାହିଁ ସେ କହିଲା; ଚାଖଣ୍ଡେ ବୋଲି ପେଲା । ତାର ପୁଣି ଗୋଟାଏ ଆଇନ । ଆ ଶୋଇବୁ ମୋ ପାଖରେ କହୁଚ ?

ଡ଼ରରେ ପିଲାଟା କାଠପିତୁଳା ପରି ସେମିତି ପଡ଼ିଥାଏ । ତାକୁ ଯୋରରେ ମୋ ପାଖରୁ ଝିକିନେଇ କହିଲା; ଚାଲ; ଶଇତାନ ଟୋକା ! ନଇଲେ ମାରି ହାଡ଼ ଚୂନା କରି ଦେବିଟି ? ଲୁହ ଢ଼ଳ ଢଳ ଅଖିରେ ନଟ ଚାଲିଗଲା ତା ସାଙ୍ଗେ—ମୋ ଅଡ଼କୁ ଚାହିଁ ଚାହିଁ । ମନେ ହେଲା ମୋର ଦିହରୁ ଖଣ୍ଡେ ଯେମିତି କିଏ କାଟି-ନେଲା । ସପଟା ସେଇ ଘରେ ଫୋପାଡ଼ ଦେଇ ବାହାର ପିଣ୍ଡାରେ ଆସି ବସିଲି । ରାଗ ଆଉ ଅପମାନରେ ସେ ରାତି ଗୋଟିକ ଯାକ ଅଉ ମତେ ନିଦ ହେଲାନାହିଁ ।

ତହିଁ ଅରଦିନ ସକାଳୁ ମୋ ସ୍ୱାମୀ ଘରକୁ ଫେରିଲେ, ଘରୁ ବାହାର ଯାଏ ଚାକର ପୋଇଲିଙ୍କ ଧାଁ ଦଉଡ଼ ପଡ଼ିଗଲା । ଭାବିଲି ମୋରବ କାଳ ଆସିଲା । ଅଜ ରାତିରେ ପୁଣି କ'ଣ ହଉଚି କେଜାଣି । ପ୍ରଥମ ରାତିର ଘଟନା ଯାକ ଗୋଟି ଗୋଟି ହୋଇ ମନେ ପଡ଼ି ଦିହଟା କେମିତି ଶୀତେଇ ଉଠିଲା । ମନରୁ ଜୋରକରି ସେ ଭାବ ତଡ଼ ଦେବାକୁ ଚେଷ୍ଟାକଲି । ଭାବିଲି ଯେତେ ଖରାପ ହେଲେ ସେତ ପୁଣି ମଣିଷ । ସେ କ'ଣ ବୁଝିବେ ନାଇଁ ?

Digitized by srujanika@gmail.com

ମୋ କଥା ମୁଁ ଯଦି ସବୁ ତାଙ୍କୁ ଖୋଲି କୁହେଁ ? ଆଜି ରାତିରେ ତାଙ୍କୁ ସବୁକଥା ସଫା କହିବି । କହିବି; ଏମିତି ଜୋର ଜବରଦସ୍ତି କଲେ ସେ କ'ଣ ମୋ ମନ ପାଇବେ ? ଅଧିକ ଯାହା ଟିକେ ତାଙ୍କୁ ଭଲ ପାଇବାକୁ ଚେଷ୍ଟା କରନ୍ତୁ ସେତିକି ବି ଯିବ ।

ଭିତର ଖଞ୍ଜାରେ ତାଙ୍କ ପାଟି ଶୁଭିଲା । ମୁଁ ଯୋଉ-ଘରେ, ଦୁଆର ଆରପଟେ ତାର ଠିକ ସାମନା ଘରେ ତାଙ୍କର ଲୁଗାପଟା ଥାଏ । ଖୋଲା କବାଟ ବାଟେ ଚାହିଁଲି ସେ ଅଡ଼େ । ଯାହା ଦେଖିଲି, ମନ ମୋର ଏକାଥରକେ ବିରକ୍ତିରେ ପୂରି ଉଠିଲା ।

ଖଟ ଉପରେ ସ୍ୱାମୀ ବସିଚନ୍ତି—ଆଉ ସଉରଭୀ ପାଖରେ ଠିଆହୋଇ ତାଙ୍କ ଜାମାରୁ ବୋତାମ ଫିଟାଉଚି । ଦୁହେଁ ଯାକ ହସି ହସି କ'ଣ କଥାବାର୍ତ୍ତା ହଉଥିଲେ—ମତେ ଦେଖି କବାଟଟା ଆଉଜାଇ ଦେଲେ । ରାଗ ଆଉ ଘୃଣାରେ ଦେହଟାଯାକ ସିରି୨ ହୋଇ ଉଠିଲା । ଘଡ଼ିକ ପୂର୍ବରୁ ଯେତେ ସଂକଳ୍ପ ଯେତେ ଦମ୍ଭ ମନରେ ଧରିଥିଲି ସବୁ କୁଆଡ଼େ ଉଭେଇଗଲା ମୋର ! ଭାବିଲି ଅପମାନ ଷୋଳ ଅଣା ପୂରିବାକୁ ଆଉ କେତେ ବାକି ଅଛି ?

ଘର ଭିତରେ କାନ୍ଥକୁ ଅଉଜି ସେମିତି କାଠପରି ବସିଚି—ଗୋଟାଏ ପୋଇଲି ବାଟିଏ ଦୁଧ ମୋ ପାଖରେ ଥୋଇଦେଇ କହିଲା; ବୋହୂ ସାନ୍ତାଣୀ, ସଉରଭୀ ଧାଇମା କହିଲେ—ନଟବାବୁଙ୍କୁ ଦୁଧ ପେଇଦବାକୁ ।

ନଶୁଣିଲା ପରି ପଚାରିଲି, କିଏ କହିଲା ?

ସଉରଭୀ ଧାଇମା । ମନ ହେଉଥାଏ ଗୋଇଠାମାରି ବାଟି ଫାଟି ଫୋପାଡ଼ି ଦବାକୁ । ରାଗ ଚପେଇ ରଖି କହିଲି—ମୁଁ ପାରିବିନାହିଁ, ସେଇଅକୁ ଡାକିଦିଅ ?

ସେ ଚାଲିଗଲା । ଦଣ୍ଡକ ପରେ ଆରଘରୁ ସ୍ୱାମୀଙ୍କ ପାଟି ଶୁଭିଲା; ନପାରିବ ଯଦି—ଏଠିକି ଆସିଚି କ'ଣ ସାନ୍ତାଣୀ ହବାକୁ ? ନଟ, ଯା ସେ ଘରକୁ । ମୋ ଘର କବାଟଟା ଧଡ଼ିକରି ଫିଟାଇଦେଇ ସଉରଭୀ ନଟକୁ ଟାଣି ଟାଣି ଆଣି ସେ ଘରେ ଛାଡ଼ିଦେଲା । ମତେ ଚାହିଁ ଟିକେ ହସିଦେଇ ଚାଲିଗଲା । ଭାବଟା ଯେମିତି—'ଦେଖିଲୁ, କାହା କଥା ରହିଲା ?'

ନଟ ଆସି ମୋ କୋଳ ପାଖରେ ବସି ଡାକିଲା, ନୂଆମା, ଭୋଜନ କଲଣି ମ ?

ସବୁ ଅପମାନ ସବୁ ବିରକ୍ତି କୁଆଡ଼େ ପାଣିପରି ହୋଇଗଲା ମୋର ସେ କଥା ପଦକରେ । ଦୁଧ ବାଟି ପାଖକୁ ଆଣି କହିଲି—ଆ, ପିଆଇ ଦିଏଁ ।

* * *

ଦିପହରଟା ଯାକ ଏକପ୍ରକାର ଚୈତନ୍ୟହୀନ ହୋଇ କଟିଗଲା ଖାଲି ଶୋଇ୨ । ବିଛଣାରେ ପଡ଼ି ନିଦ ମତେ ଜମା ମାଡ଼ୁ ନଥାଏ, କିନ୍ତୁ ନଶୋଇଲେ କାଳେ ରାତରେ ନିଦ ହୋଇଯିବ । ସେ ଯଦି ପୁଣି ଆଗପରି ଅତ୍ୟାଚାର କରନ୍ତି ମୁଁ ଶୋଇଥିଲା ବେଳେ ? ଏହି ଭୟରେ ବିଛଣାରେ ଖାଲି ପଡ଼ିରହିଲି ଆଖିବୁଜି । ଉଠିଲା ବେଳକୁ ଅନ୍ଧାର ହୋଇ ଯାଇଥିଲା ଅଳ୍ପ ଅଳ୍ପ, ଘରେ ଘରେ ସଞ୍ଜବତୀ ଲଗି ଯାଇଥିଲା । ନିଦ ଆଉ ନଥିଲେ ବି ଉଠିବାକୁ ମନ ହେଲାନାହିଁ । ସେମିତି ସେଇ ଅନ୍ଧାର ଘର ଭିତରଟାରେ ପଡ଼ି ପଡ଼ି ଆଜି ରାତିପାଇଁ ମନରେ ସାହସ ବାନ୍ଧିବାକୁ ଚେଷ୍ଟାକଲି । ମୋ ସ୍ୱାମୀ ଘରକୁ ଆସିଚନ୍ତି ବୋଲି ସେ ଦିନ ସମସ୍ତଙ୍କର ଖିଆପିଆ ସହଳ ସହଳ ବଢ଼ି ଯାଇଥିଲା । ଖଞ୍ଜାରେ ଲୋକଙ୍କ ଗହଳ ଚହଳ କମିଆସିଲା । ଭାବିଲି, ହେ ଭଗବାନ୍ ! ନଟ କାଲିପରି ମୋ ପାଖକୁ ଆଜି ଶୋଇବାକୁ ଆସନ୍ତା ଯଦି, ତେବେ ବୋଧହୁଏ ମତେ ଆଉ ତାଙ୍କ ପାଖକୁ ଯିବାକୁ ପଡ଼ନ୍ତା ନାହିଁ । କିନ୍ତୁ ନଟ ତ ଆସିଲାନାହିଁ, ଆସିଲା ଜଣେ ପୋଇଲି ଗୋଟାଏ ଦୀପଧରି । ଟିକେ ଗଲାଖଙ୍କାର ମାରି ଟିକେ ହସି ଫୁସ୍ ଫୁସ୍ ହୋଇ ସେ କହିଲା—ବୋହୂ ସାନ୍ତାଣୀ, ଆସ ସେ ଘରକୁ, ସାନ୍ତ ଡାକୁଚନ୍ତି—

ଖଟ ଉପରେ ଦୁଆର ମୁହଁ ଆଡ଼କୁ ପଛକରି ସେ ଶୋଇଥିଲେ; ବୋଧହୁଏ ଚାହିଁକରି । ଓଢ଼ଣା ଟଣାଇ କବାଟ ପାଖରେ ଯାଇଁ ଠିଆହେଲି । ପାଦ ଶବ୍ଦ ଶୁଣି ସେ ଫେରି ଚାହିଁଲେ । କହିଲେ—ଆ ଏଠିକି ।

ସବୁ କାମରେ ଏମିତି ପ୍ରତିବାଦ କରିବାକୁ ମୋର ଆଉ ଇଚ୍ଛା ବା ଆଗ୍ରହ ନଥିଲା । ଖଟ ପାଖରେ ଯାଇଁ ଠିଆହେଲି । ସେ ଉଠିଆସି ମତେ ଖଟ ଉପରେ ଶୁଆଇ ଦେଲେ, ତା ପରେ ନିଜେ ଆସି ମୋ ପାଖରେ ଶୋଇଲେ;



Digitized by srujanika@gmail.com

ଏତେ ପାଖରେ ଯେ ତାଙ୍କ ନିଶ୍ୱାସପ୍ରଶ୍ୱାସ ଆସି ମୋ ଦେହରେ ଲାଗୁଥାଏ । ମନେ ହେଲା କହିବାକୁ ଏତେ ଲଗାଲଗି ହୋଇ ନ ଶୋଇଲେ କ'ଣ ସ୍ୱାମୀ ସ୍ତ୍ରୀ ବୋଲି କେହି କହିବେନାହିଁ ନା କ'ଣ । କିନ୍ତୁ ମୁହଁରେ କିଛି କହିଲି ନାହିଁ । ଭାବିଲି ଆଜି ସବୁ ସହିବି ଯେତେ ସେ ମତେ ବିରକ୍ତ କରନ୍ତୁ ପଛେ ।

ଦଣ୍ଡେଗଲା, ସେ କହିଲେ—ଓହୋ ସେଦିନ ପରି ଆଜି ଆଉ ମୋ ସାଙ୍ଗେ ଯୁଦ୍ଧଲଗାନା, ଛଣା ଓଠରି ଝିଙ୍କା ଝିଙ୍କି । ମୁଁ କ'ଣ ଏମିତି ବାଘ ନା ସାପ ପାଖକୁ ଆସିଲେ ଗିଳିଦେବି—

ସେ ଅସ୍ତେ ଅସ୍ତେ ମୋ ପିଠିରେ ହାତ ଦେଇ ପାଖକୁ ତାଙ୍କର ଟାଣି ନେଲେ । କିଛି କହୁ ନ ଥାଏ । ଚୁପ୍ ହୋଇ ପଡ଼ିଥାଏ ଅପେକ୍ଷା କରି । କହିଲେ—ଆଜି ଭଲ ପିଲାଟିପରି ସେମିତି ଗୋଡ଼ହାତ ଛାଟି ମତେ ବିରକ୍ତ କରନା' ।

ଏଥର ସେ ମତେ ଏତେ ପାଖକୁ ଭିଡ଼ିନେଲେ ଯେ ମୁଁ ଏକରକମ ଯାଇ ତାଙ୍କ ଛାତି ଉପରେ ପଡ଼ିଲି । ରାଗରେ ମୋର ଲାଜ ସରମ ସବୁ କୁଆଡେ ପାଶୋର ଗଲା । ଜୋର କରି ଉଠିବସି ଦୃଢ଼ ସ୍ୱରରେ କହିଲି—ଓଃ ! ସେ କ'ଣ ହଉଚ ?

ଏତିକି କହିଦେଇ ତାଙ୍କ ଅଡ଼ୁ ଗୋଟାଏ ଆସନ୍ନ ବଜ୍ରପାତର ଅଶଙ୍କାରେ ମୁଁ ସ୍ତବ୍ଧ ହୋଇ ରହିଲି । କିନ୍ତୁ ଯେତେ ଭୟ କରିଥିଲି ସେତେଦୂର ହେଲା ନାହିଁ କିଛି । ସେ ଶାନ୍ତ କଣ୍ଠରେ କହିଲେ—ହଉ, ହଉ, ମୁଁ ତତେ କିଛି କହୁନାହିଁ ଏଇକ୍ଷଣି ତୁ ଶୋ । ପିଲାଲୋକ, ଏତେଦିନଯାଏ କିଛି ବୁଝିନାଉଁ ଜାଣିନାଉଁ, ସେଥିପାଇଁ ଏ ସବୁ ତତେ ବିଷପରି ଲାଗୁଛି । ମୁଁ ବି ସେଥିଲାଗି ତତେ ଜୋର କରୁନାହିଁ । ତେବେ ଆଉ କେତେଦିନ ଏମିତି ନ ଜାଣିଲା ପରି ରହିବୁ । ସ୍ୱାମୀ କି ଜିନିଷ ବୁଝିଥିଲେ ତୁ ଏମିତି ହୁଅନ୍ତୁ ନାହିଁ । ଆମ ହିନ୍ଦୁ ଘରେ ସ୍ୱାମୀ ହଉଛନ୍ତି ସ୍ତ୍ରୀର······

ବାଧା ଦେଇ କହିଲି ମୁଁ ଜାଣେ ।

ସେ ହସିଲେ; କହିଲେ—ନା–ନା କିଛି ଜାଣିନାଉଁ । ସ୍ତ୍ରୀ ଲୋକଙ୍କର ସ୍ୱାମୀ ଦେବତାପରି ପୂଜା କରିବା ଜିନିଷ । ଶାସ୍ତ୍ରରେ ଅଛି ଇହପରକାଳରେ ସ୍ୱାମୀ ଛଡ଼ା ସ୍ତ୍ରୀର ଅନ୍ୟ-ଗତି ନାହିଁ ।

ମୁଁ ପାଟି ଫିଟାଇଲି ନାହିଁ । ସେ ପିମିତି କହିଯିବାକୁ ଲାଗିଲେ; ଯେତେହେଲେ ତୁ ପିଲା । ସେଇଥିପାଇଁ ମୁଁ ତତେ କିଛି କହୁ ନାହିଁ ବୁଝିଲୁ ? ତା ବୋଲି ସବୁବେଳେ ଯଦି ଏମିତି ହଉ, ଆଉ ମୁଁ ସତରେ ଚଢ଼ିଯାଏଁ ତୋ ଉପରେ, ତେବେ—ତେବେ ତୋ ଦଶାଟା କଣ ହବ ଜାଣିଚୁନି କି ?

କହିଲି—କଣ ?

ତତେ ଖାଇବାକୁ ଦେବିନାହିଁ । ମୋ ପାଖରେ ଖଟ ଉପରେ ଏମିତି ଶୋଇବାକୁ ଦେବିନାହିଁ । ଘରେ ସମସ୍ତେ ଖାଇସାରିଲା ପରେ ଅଇଁଠା ସଙ୍ଗୁଡ଼ି ଟିକିଏ ଖାଇ ପୋଇଲିଙ୍କ ପରି ପଡ଼ିରହିବୁ ଏଠି । କେହି ପଚାରିବେ ନାହିଁ ।

ସେ ମୋ ମୁହଁ ପାଖକୁ ମୁହଁ ଆଣି ମତେ ଟିକିଏ ଆଦର କରିବାକୁ ଚେଷ୍ଟାକଲେ । ମୁଁ ଅନ୍ୟ ଆଡକୁ ମୁହଁ ଫେରାଇ ନେଇ ପଚାରିଲି—ଏତିକି ?

ସେ କହିଲେ—ମୋର ତୋ ଉପରେ ଯେତେବେଳେ ଷୋଳପଣ ଅଧିକାର ମୁଁ ତତେ ମାରିପାରେ, ହାଣିପାରେ, ଘରୁ ତଡ଼ିଦେଇପାରେଁ । ସେଥିରେ ମତେ କେହି ପାଟି ଫିଟାଇ ପାରିବେନାହିଁ ତ ଜାଣୁ ?

ଏଇ ଭାତଗଣ୍ଡାକ ଲୋଭରେ ମୁଁ ଏଠିକି ଆସିଚ ପରା ? ବଡ ଲୋକଙ୍କ ପାଖରେ ଟିକେ ଶୋଇବା ଲାଗି ଖାଲି ? କଣ୍ଠ ରୁଦ୍ଧ ହୋଇ ଆସୁଥିଲା ମୋର ରାଗରେ—ସେ ପୁଣି କହିଲେ ଖାଲି ସେତିକି ମନେ କରୁଛୁ ପରା । ଇଚ୍ଛା କଲେ ଆଜି ତତେ ଘରୁ ତଡ଼ିଦେଇ ଆଉ ଗୋଟାଏ ବାହା ହୋଇପାରେ । ମୋର ସମ୍ପତ୍ତି ଦେଖି କିଏ ମତେ କନ୍ୟା ନ ଦବ ? ପୁରୁଷ ଆମେ, ଗୋଟାଏ ଗଣ୍ଡା ଦଶଟା ବାହା ହେଇପାରୁଁ ଦୋଷ ସେଥିରେ ଆମକୁ କେହି ଦେଇପାରିବେ ନାହିଁ । କିନ୍ତୁ ତୁ ଯେମିତି ହଉଚୁ, ମୁଁ ଯଦି ସତେସତେ ସେଇଆ କରେ ତେବେ ଦଶାଟା ତୋର କ'ଣ ହେବ ଥରେ ଭାବୁଚୁ ଟିକି ? ସଉତୁଣୀ ତୋର ରାଣୀ ହୋଇ ବସିବ ଖଟ ପଲଙ୍କ ଉପରେ । ଆଉ ତୁ ? ପୋଇଲିଙ୍କ ପରି ପିଣ୍ଡାରେ ପଡ଼ିଥିବୁ—ଉଠୁଣୁ ବସୁଣୁ ମାଡ ଗାଳି ଖାଇ ।

କହିଲି ଆମ ଘରକୁ ଚାଲିଯିବି ।

ସେ ହସିଲେ, କହିଲେ—ଚାଲିଗଲେ ସେଠିକି ଅଧିକ ବେଶୀ ଦୁଃଖ । ବାପଘରେ କେହି ତ ପଚାରିବେ ନାହିଁ

Digitized by srujanika@gmail.com

ଉଠୁଣୁ ବସୁଣୁ ସମସ୍ତେ ଦୂର୍ ଦୂର୍ ମାର ମର୍ କହିବେ । ସେଉଠୁ ତୋ ବାପ ଦିନେ ଯୋର କରି ତତେ ଅଣି ଏଠି ଛାଡ଼ିଦେଇ ଯିବେ—ନନ୍ଦା ଶୁଣି ।

ଦହିଯାଇ ଯେମିତି ଛୁଆଫୋଡ଼ ହୋଇ ଯାଉଥାଏ ରାଗ ଅଉ ବିରକ୍ତିରେ—କହିଲି । ମୁଁ କୁଆଡେ ଚାଲିଯିବି ।

ଚାଲିଗଲେ କୁଆଡ଼େ କିଏ ରଖା ପାଇବୁ ପରା ଭାବିଛୁ ସେ କହିଲେ; ଆଉ ଥରେତ ବାହାହୋଇ ପାରିବୁ ନାହିଁ କୋଉଠି ଯେ ସୁଖରେ ରହିବୁ ? ପଇସା କିଏ ଦବ ? ଖାଇବାକୁ ପାଇବୁ କୋଉଁଠୁ ? ତେବେ ରୂପ ଯୌବନ ଥିଲେ ଅନ୍ଧା ମୁଠାଏ କୋଉଠି ଖାଇବାକୁ ମିଳିପାରେ ।

ଛି ଅଭଦ୍ର ଘୃଣା କଥା ! ଏ କଥା ଏ ମୁହଁରେ କେମିତି ଧରି ପାରିଲେ—ତାଙ୍କ ସ୍ତ୍ରୀ ବିଷୟରେ । ପୁଣି ? ଘୃଣା ଅଉ ବିରକ୍ତିରେ ସ୍ତବ୍ଧ ହୋଇ ସେମିତି ପଡ଼ି ରହିଲି ।

ସେ ପୁଣି ମୋ ହାତକୁ ଧରି କହିଲେ ଭଲ ପିଲା ପରି ସେ ବୁଦ୍ଧି ଛାଡ । ଖାଲି ମୋର ମନ ନେଇ ଚାଲିଲେ ତୋର ଦୁଃଖ ସୁଖ ସବୁ ଭଲ ହବ । କହୁଁ କହୁ ସେ ଦୁଇ ହାତରେ ମତେ ଦୃଢରୂପେ କୁଣ୍ଢାଇଧରି ଚୁମ୍ବନ କଲେ ।

ମଣିଷର ସହିବାରତ ଗୋଟାଏ ସୀମା ଅଛି ? ଅଉ ଚୁପ୍ ହୋଇ ରହି ପାରିଲିନାହିଁ । ପ୍ରାଣପଣେ ନିଜକୁ ମୁକ୍ତ କରିବାକୁ ଚେଷ୍ଟାକରି କହିଲି—ମତେ ଛାଡ,ନଇଲେ ପାଟି କରିବି ଏଇକ୍ଷଣି ।

ତାଙ୍କ ଛାତି ଉପରେ ମତେ ସେମିତି ଭିଡ଼ିଧରି ସେ କହିଲେ—କିଏ ଶୁଣିବ ଏଠି ହଜାରେ ପାଟିକଲେ ? ଓଲଟି ସକାଳେ ସମସ୍ତେ ଗାଳିଦେବେ ଥଟ୍ଟା କରିବେ ତତେ ।

ତାଙ୍କ ମୁହଁ କ୍ରମେ ମୋ ମୁହଁ ପାଖକୁ ଲାଗିଆସିଲା । ଅଉ ପାରିଲି ନାହିଁ ଖୁବ୍ ଜୋରରେ ତାଙ୍କ ହାତକୁ ଚିମୁଟି ଦେଲି । ସେ ଯନ୍ତ୍ରଣାରେ ପାଟିକରି ଟିକେ ପଛକୁ ଘୁଞ୍ଚିଗଲା ବେଳେ ହାତ ଦୁଇଟା ତାଙ୍କର ପଛକୁ ଫୋପାଡ଼ି ଦେଇ ବାହାରକୁ ପଳାଇଆସିଲି । ପିଣ୍ଡାତଳେ ଗୋଟାଏ ପକ୍କା କୂଅ ଥିଲା , ତାଙ୍କୁ ମୋ ପଛରେ ଆସିବାର ଦେଖି ମୁଁ କୂଅ ଉପରେ ଠିଆ ହୋଇ କହିଲି—ମୋ ସଙ୍ଗେ ପୁଣି ସେମିତି ଲଗାଇଲେ ମୁଁ କୂଅକୁ ଡେଇଁ ପଡ଼ିବି ଜାଣିଥା ?

ଭୟରେ ସେ ଅଉ ପିଣ୍ଡାତଳକୁ ଓହ୍ଲାଇଲେ ନାହିଁ କିନ୍ତୁ ସେଉଠୁ ରାଗରେ ଗର୍ଜିଉଠି କହିଲେ—ଆଚ୍ଛା ରହ, ତତେ ଦେଖୁଚି । ତାପରେ ଘର ଭିତରକୁ ଯାଇ ଦୁଲୁକରି କବାଟ ଲଗାଇଦେଲେ ।

ବାଡ଼ି ପଟ ତୋଟା ଗହଳ ଭିତରେ ଅନ୍ଧାର ସେତେ ବେଳକୁ କାନପାରି ସବୁ ଶୁଣୁଥାଏ ଅଉ ଭୟରେ ଦେହଟା ଥର ଥରି ଉଠୁଥାଏ, ପତ୍ରର ଫାଙ୍କରେ ସରସର ହୋଇ ମୁଣ୍ଡ ଉପରେ ଗୋଟାଏ ପେଚା ବିକଟ ଶବ୍ଦ କରି ଉଡ଼ିଗଲା । ସେଇଠି ସେମିତ କାଠ ପିତୁଳାପରି ଠିଆ ହୋଇ ଭାବିଲି—ନା ଏଜନ୍ମରେ ସ୍ୱାମୀଙ୍କପାଖେ ମୋର ପଡ଼ିବାର ନୁହେଁ, ଚେଷ୍ଟା କରିବା ବୃଥା……

( କ୍ରମଶଃ )

Digitized by srujanika@gmail.com

# ପୁସ୍ତକ ପରିଚୟ

ପ୍ରଭୁ ଶ୍ୟାମାନନ୍ଦ—ଶ୍ରୀ ପାର୍ବତୀଚରଣ ଦାସଙ୍କ ପ୍ରଣୀତ ଡ଼ବଲ କ୍ରାଉନ ୧୬ ଫର୍ମା, ପେଟ୍ରିୟଟ ପ୍ରେସରେ ଛପା । ମୂଲ୍ୟ ବାରଅଣା ।

ବୈଷ୍ଣବ ମହାଜନମାନଙ୍କର ଅନ୍ୟତମ ଶ୍ରୀ ଶ୍ୟାମାନନ୍ଦଙ୍କ ଜୀବନ ଚରିତ ବର୍ଣ୍ଣନ କରିବାକୁ ଯାଇ କଥା ପ୍ରସଙ୍ଗରେ ପାର୍ବତୀ ବାବୁ ଅନେକ ମୂଲ୍ୟବାନ ଐତିହାସିକ ତଥ୍ୟର ଅବତାରଣା କରିଅଛନ୍ତି କିନ୍ତୁ ମୂଳ ବିଷୟଟିର ସରସତା ସର୍ବ ପ୍ରଯତ୍ନରେ ରକ୍ଷିତ ହୋଇଅଛି । ଶ୍ୟାମାନନ୍ଦଙ୍କର ବାଲ୍ୟଜୀବନଠାରୁ ଆରମ୍ଭକରି ତୀର୍ଥାଟନ, ଦୀକ୍ଷାଗ୍ରହଣ, ଗୁରୁପ୍ରାପ୍ତି ଓ ଧର୍ମପ୍ରଚାର ଆଦି ଅନେକ ଗୁରୁତ୍ୱ ବିଷୟରେ ପାଠକ ସାଧାରଣଙ୍କର ମନ ସ୍ୱତଃ ସେଥିପ୍ରତି ଆକୃଷ୍ଟ ହେବ । ତେବେ ୭ମ ପରିଚ୍ଛେଦ ବର୍ଣ୍ଣିତ ଶ୍ୟାମାନନ୍ଦଙ୍କର ଶ୍ରୀରାଧା—ନୂପୁର ପ୍ରାପ୍ତି ଓ ଲଲିତାଙ୍କ ସହ ସାକ୍ଷାତ୍ ପରେ ରାଧାଙ୍କର ସ୍ୱପ୍ନଲୀଳା ଦର୍ଶନ ଆଦି କେତୋଟି ଅଲୌକିକ ପ୍ରସଙ୍ଗର ଅବତାରଣା କରିବାକୁ ଯାଇ ପାର୍ବତୀବାବୁ ପାଠକମାନଙ୍କୁ ତାହା ବିଶ୍ୱାସ କରାଇବାକୁ ପ୍ରବର୍ତ୍ତାଇଛନ୍ତି । ଏପରି ଚେଷ୍ଟା ବୈଷ୍ଣବପାଠକ ଗୋଷ୍ଠୀରେ ଶୋଭନୀୟ ଓ ଗ୍ରାହ୍ୟ ହୋଇପାରେ କିନ୍ତୁ ସାଧାରଣ ପାଠକ ତାହା କେତେ ଦୂର ବିଶ୍ୱାସ କରିବେ ?

ଯାହାହେଉ ମୋଟ ଉପରେ ବହିଟି ସୁଖପାଠ୍ୟ ଓ ତଥ୍ୟପୂର୍ଣ୍ଣ ହୋଇଅଛି । ସାଧାରଣଙ୍କର ଶିକ୍ଷଣୀୟ ଭଳି ବିଷୟ ଅନେକ ଏଥିରେ ଅଛି । ଗ୍ରନ୍ଥକାରଙ୍କ ଭାଷା ସରଳ, ରଚନା ଜଡ଼ତାବର୍ଜିତ ଓ ପ୍ରକାଶ ଭଙ୍ଗୀ ନିପୁଣତାର ପରିଚୟ ଦିଏ ।

ଉତ୍କଳେ ଶ୍ରୀକୃଷ୍ଣ ଚୈତନ୍ୟ—ବାବାଜି ପଦ୍ମଚରଣ ଦାସଙ୍କ ପ୍ରଣୀତ । ଡ଼ବଲକ୍ରାଉନ ୬ ଫର୍ମା । ଦତ୍ତପ୍ରେସରେ ଛପା । ମୂଲ୍ୟ ଚାରିଅଣା ମାତ୍ର ।

ଶ୍ରୀଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କର ଜୀବନର ଶେଷକାଳ ଉତ୍କଳରେ ଅତିବାହିତ ହୋଇଥିଲା । ଏହା ଇତିହାସ ପାଠକମାନେ ଜାଣନ୍ତି, କିନ୍ତୁ ନୀଳାଚଳଧାମରେ ସାଙ୍ଗୋପାଙ୍ଗ ସହ ମହାପ୍ରଭୁ ଯେ ଅପୂର୍ବ ଲୀଳା ବିସ୍ତାର କରିଥିଲେ ସେ କଥା ଚୈତନ୍ୟ ଚରିତାମୃତ ପାଠ ନକଲେ ଜଣାପଡ଼େନା । ବାବାଜି ପଦ୍ମଚରଣ ଦାସ ଏ ବହିଖଣ୍ଡରେ ସେହିଲୀଳାର କେତେକ ଅଂଶ ବର୍ଣ୍ଣନ କରିବାର ପ୍ରୟାସ କରିଅଛନ୍ତି । ପ୍ରୟାସ ବିଫଳ ହୋଇନାହିଁ । ଚୈତନ୍ୟଚରିତାମୃତ ଲେଖକ ଯେ ଭାବରେ ଅନୁପ୍ରାଣିତ ହୋଇ ଏହି ଅପୂର୍ବ ଲୀଳାବର୍ଣ୍ଣନ କରିଥିଲେ, ଲେଖକ ତାହା ସମ୍ୟକ୍‌ରୂପେ ପାରିନଥିଲେ ମଧ୍ୟ ପାଠକସାଧାରଣଙ୍କ ଆଗ୍ରହ ଉଦ୍ଦୀପ୍ତ କରିବାକୁ ଏଥିରେ ଯଥେଷ୍ଟ ଉପାଦାନ ସଞ୍ଚିତ କରିପାରିଅଛନ୍ତି । ଆମ୍ଭେମାନେ ଏପ୍ରକାର ପୁସ୍ତକର ବହୁଳ ପ୍ରଚାର କାମନା କରୁଁ ।

ଟିକିରାମାୟଣ—ଶ୍ରୀଦାମୋଦର ମିଶ୍ର ପ୍ରଣୀତ । ୮୦ ପୃଷ୍ଠା । ପ୍ରକାଶକ ବ୍ରହ୍ମପୁର ଷ୍ଟୁଡେଣ୍ଟସ୍ ଷ୍ଟୋର । ମୂଲ୍ୟ ଛଅଣା । ଷ୍ଟୋରର ବାଲବିନୋଦ ଗ୍ରନ୍ଥମାଳାର ଏହା ୭ମ ଗ୍ରନ୍ଥ ।

ଓଡ଼ିଆ ପିଲାଙ୍କର ଆଦର କରିବାଭଳି ବହି ଆମ ଦେଶରେ ଆଦୌ ନଥିଲା । ବ୍ରହ୍ମପୁର ଷ୍ଟୁଡେଣ୍ଟସ୍ ଷ୍ଟୋରଙ୍କର ଏଦିଗରେ ଚେଷ୍ଟା ସର୍ବଥା ପ୍ରଶଂସାଯୋଗ୍ୟ, ଏକଥା ଏକାଧିକ ବାର ଆଗରୁ କୁହାଯାଇଛି । ବାଳକ ବାଳିକାମାନଙ୍କ ସୁକୁମାର ମତିକୁ ଉପଯୋଗୀ ଭାବରେ ନିଜର ସରଳ ପ୍ରାଞ୍ଜଳ ଭାଷାରେ ଲେଖିବା ଉପାୟ 'ଷ୍ଟୋର' ବେଶ ଜାଣନ୍ତି । ଟିକିରାମାୟଣ ମଧ୍ୟ ସେହିପରି ଖଣ୍ଡେ ବହି ହୋଇଛି । ପ୍ରଚ୍ଛଦପଟରେ ଖଣ୍ଡେ ତିନିରଙ୍ଗର ଛବି ଭିତରେ ଉଣେଇଶ ଖଣ୍ଡ ଏକରଙ୍ଗ ଛବି, ପିଲାମାନଙ୍କ ପାଇଁ ଏହାର ଉପାଦେୟତା ଅଧିକ ବୃଦ୍ଧି କରିଅଛି ।

କିନ୍ତୁ ବହିଖଣ୍ଡି ଗଦ୍ୟରେ ଲେଖା ନହୋଇ ଲଳିତ ପଦ୍ୟରେ ହୋଇଥିଲେ ପିଲାମାନଙ୍କର ଅଧିକ ଆଦରଣୀୟ ହୋଇଥାନ୍ତା ।

ଅକ୍ଷର ପରିଚୟ—ଶ୍ରୀ ରାମଚନ୍ଦ୍ର ଆଚାର୍ଯ୍ୟଙ୍କ ପ୍ରଣୀତ ବ୍ରହ୍ମପୁର ଷ୍ଟୁଡେଣ୍ଟସ୍ ଷ୍ଟୋରରୁ ପ୍ରକାଶିତ ।

ପିଲାମାନଙ୍କର ଅକ୍ଷରଶିକ୍ଷିବା ବହି । ଏପ୍ରକାର ପୁସ୍ତକ ଓଡ଼ିଶାରେ ଅନେକ ଅଛି । ଏ ବହିଖଣ୍ଡି ଛବିବାହୁଲ୍ୟରେ ତାହାଠାରୁ କେତେକ ପରିମାଣରେ ଉତ୍କୃଷ୍ଟ ହୋଇଅଛି । ମୂଲ୍ୟ ମଧ୍ୟ ସାଧାରଣଙ୍କ ପକ୍ଷେ ଉପଯୁକ୍ତ ହୋଇଅଛି ।

---



Digitized by srujanika@gmail.com

# ବିବିଧ ପ୍ରସଙ୍ଗ

## ଓଡ଼ିଆଭାଷା ଓ ପ୍ରାଦେଶିକତା

ଓଡ଼ିଆ-ସାହିତ୍ୟକ୍ଷେତ୍ରରେ ଅଳ୍ପଦିନ ହେଲା ଏହି ସମସ୍ୟାଟି ବଡ଼ ଗୁରୁତର ଆକାର ଧାରଣ କଲାଣି । ନୂତନ ଲେଖକ ଓ ନୂତନ ସାହିତ୍ୟ-ପତ୍ର ପତ୍ରିକାମାନଙ୍କର ସଂଖ୍ୟା ଯେତିକି ବଢ଼ୁଛି, ସାହିତ୍ୟ ଭିତରେ ପ୍ରାଦେଶିକତାର ମଧ୍ୟ ସେତିକି ଆମଦାନି ହେଉଛି, ଫଳରେ ଦେଶର ସାହିତ୍ୟିକ, ସାହିତ୍ୟରସିକ ଓ ଚିନ୍ତାଶୀଳ ପାଠକମାନଙ୍କ ଭିତରେ ଏହି ବିଷୟ ନେଇ ଟିକିଏ ଭଲ ରକମର ଶୃଙ୍ଖଳା ସୃଷ୍ଟି ହୋଇଥିବାର ମଧ୍ୟ ଦେଖାଗଲାଣି । ସେଥି ଭିତରୁ ଦଳେ ଭାଷାତତ୍ତ୍ୱବିତ ଏପ୍ରକାର ପ୍ରାଦେଶିକତା ପ୍ରୟୋଗର ସମ୍ପୂର୍ଣ୍ଣ ବିରୋଧବାଦୀ । ସେମାନଙ୍କ ମତରେ ସାହିତ୍ୟ ହେଉ ବା ଇତିହାସ ପ୍ରଭୃତି ରଚନା ହେଉ ସର୍ବପ୍ରକାର ରଚନାରେ ପ୍ରାଦେଶିକତା ସର୍ବଥା ବର୍ଜନୀୟ । ସାହିତ୍ୟର ବିଶେଷରେ ପାଠ୍ୟପୁସ୍ତକ ଗତ ସାହିତ୍ୟର ଭାଷା ଯଥାସମ୍ଭବ ସରଳ ଓ ସର୍ବଜନବୋଧ ହେବା ଉଚିତ । ତାହା ନୋହିଲେ ଭାଷାର ସ୍ୱାଚ୍ଛନ୍ଦ୍ୟ ଅଭିବୃଦ୍ଧିରେ ବାଧା ଘଟେ । ଏହି ଯୁକ୍ତି ମନରେ ପୋଷଣ କରି ସେମାନେ ସାହିତ୍ୟରେ ପ୍ରାଦେଶିକତାର ଗନ୍ଧମାତ୍ର ପାଇଲେ ନାକରେ ଲୁଗା ଦେଇ 'ଇହି' 'ଇହି' କରି ଉଠନ୍ତି । ଏମାନଙ୍କୁ ( Conservative ) ରକ୍ଷଣଶୀଳ କହିବା ସମୀଚୀନ । କିନ୍ତୁ ଏ ବିଷୟରେ ଏମାନଙ୍କର ମତ କେତେଦୂର ସମର୍ଥନଯୋଗ୍ୟ ସେଟା ଅବଶ୍ୟ ବିଚାର କରିବା କଥା । ସାହିତ୍ୟର ସକଳ ଅଙ୍ଗରେ ପ୍ରାଦେଶିକତାର ପ୍ରସାର ଯେ ଏକାବେଳେକେ ଧୃଷ୍ଟ ଓ ନ୍ୟାୟସଙ୍ଗତ ତାହା ଆମେ କହୁନାହୁଁ, କିମ୍ବା ପ୍ରାଦେଶିକତା ବର୍ଜନ ଯେ ସର୍ବତୋଭାବରେ ଲୋଡ଼ା ତାହା ମଧ୍ୟ କହିବାକୁ ଯାଉନାହୁଁ । ସାହିତ୍ୟର କେତେକ ଅଙ୍ଗରେ, ବିଶେଷରେ ଶିଶୁସାହିତ୍ୟ ଓ ପାଠ୍ୟପୁସ୍ତକଗତ ସାହିତ୍ୟରେ ଏ ପ୍ରକାର ବର୍ଜନନୀତି ଏକାନ୍ତ ଆବଶ୍ୟକ । ଯେଉଁ ଭାଷା ଉପରେ ଅବଲମ୍ବନ କରି ଶିଶୁର ତରଳ ଚିନ୍ତାଶକ୍ତି ଗଢ଼ି ଉଠେ ଓ ଭବିଷ୍ୟତ ସାହିତ୍ୟଜ୍ଞାନର ପରିପୁଷ୍ଟି ସାଧିତ ହୁଏ ସେ ପ୍ରକାର ସାହିତ୍ୟରେ ସାଧାରଣ ଦୁର୍ବୋଧ୍ୟ କିଛି ରହିବା ବାଞ୍ଛନୀୟ ନୁହେଁ । ଦେଶର ନାନା ଅଞ୍ଚଳରେ ଗୋଟିଏ ଶବ୍ଦର ନାନାପ୍ରକାର ପ୍ରତିଶବ୍ଦ ଥିବାରୁ ଏ ସାହିତ୍ୟରେ ପ୍ରାଦେଶିକତା ବର୍ଜନ କରିବାକୁ ଅଭିଜ୍ଞ ଲୋକ ମାତ୍ରକେ ପକ୍ଷପାତୀ ହେବେ । ଏହା ବୋଲି କାବ୍ୟ, ନାଟକ ଆଦି ଉନ୍ନତତର ସାହିତ୍ୟମାନଙ୍କରେ ଏହି ନିୟମ ଯେ ସେହିପରି 'କଣ୍ଟାକଣ୍ଟ' କରି ଧରିବାକୁ ହେବ ତାର କିଛି ମାନେ ନାହିଁ । ସାହିତ୍ୟରେ ଭାଷାର ପ୍ରାଦେଶିକତା ସ୍ଥାନ ବିଶେଷରେ ଦୁର୍ବୋଧ ଓ କଠିନ ହେଲେ ସୁଦ୍ଧା ତାହାଦ୍ୱାରା ତାହାର ସାହିତ୍ୟର କ'ଣ କିଛି ଇଷ୍ଟସାଧିତ ହୁଏନାହିଁ ? କଠିନ ଓ ଶ୍ରୁତିକଟୁ ଭାଷା ତାହାଦ୍ୱାରା କଣ ଯଥେଷ୍ଟ ଲଳିତ ଓ କୋମଳ ହୁଏନାହିଁ ? ସଂସ୍କୃତ-ଭାଷାରେ ବିକୃତ ଆମର ଏ ଓଡ଼ିଆ ଭାଷାଗତ ଏହି ପ୍ରାଦେଶିକତା ପ୍ରଭାବରେ କ'ଣ ତାର ସ୍ୱାତନ୍ତ୍ର୍ୟ ରକ୍ଷାକରେ ନାହିଁ ? ସାହିତ୍ୟରେ ଯେଉଁମାନେ ଭାଷାଶିଳ୍ପର ଅନୁରାଗୀ, ସାହିତ୍ୟିକ ଭାଷାକୁ କୋମଳ ଓ ଶ୍ରୁତିସୁଖାବହ କରିବା ଯେଉଁମାନଙ୍କର ମତ, ସେମାନେ ଏହି ପ୍ରାଦେଶିକତାକୁ ସର୍ବଥା ପରିହାର କରି ଚଳିପାରିବେତ ? ତେବେ ବାହୁଲ୍ୟ ଦୋଷ ଅବଶ୍ୟ ନିନ୍ଦନୀୟ । ଭାଷାକୁ କୋମଳ ଓ ଲଳିତ କରିବାକୁ ହେବ ବୋଲି ପୂର୍ବତନ ଲେଖକମାନଙ୍କ ଭାଷାର ଧାରାକୁ ଏକାବେଳେକେ ପରିହାର କରି ତୁଚ୍ଛା ଗ୍ରାମ୍ୟ ଶବ୍ଦ ବିନ୍ୟାସରେ ସାହିତ୍ୟର ଅଭିବୃଦ୍ଧି କାମନା କରିବା ଏକପକ୍ଷରେ ଯେପରି ବାତୁଳତା, ଅପର ପକ୍ଷରେ ରକ୍ଷଣଶୀଳତା ଅବଲମ୍ବନ କରି ଭାଷାରେ "ଯାହା ଅଛି ସେହିଆ"କୁ ଘଣ୍ଟଘୋଡ଼ାଇ ରଖିବା ମଧ୍ୟ ତତୋଽଧିକ ଅନ୍ୟାୟ ବୋଲି ବିବେଚିତ ହେବ ।



Digitized by srujanika@gmail.com

ଅମ୍ଭେମାନେ ଏ ଉଭୟ ପ୍ରକାର ( Extremity ) ଅତ୍ୟନ୍ତକତାର ଏକାନ୍ତ ବିରୋଧୀ । ଭାଷା ଏକାନ୍ତ ନିର୍ଜୀବ ଓ ଗତିହୀନ ନହେଉ, ପୁଣି ତହିଁରେ ସ୍ୱେଚ୍ଛାଚାରିତା ଓ ଉଚ୍ଛୃଙ୍ଖଳତା ଅବଲମ୍ବିତ ନହେଉ, ଏହାହିଁ ଅମ୍ଭମାନଙ୍କର କାମନା ।

ଜାତୀୟ ସଭ୍ୟତା ସଙ୍ଗେ ଜାତୀୟ ସାହିତ୍ୟ ମଧ୍ୟ ନିତ୍ୟଜୀବନ୍ତ ଓ ଅଗ୍ରସର । ଦେଶର ଚିନ୍ତାଶୀଳ ଲେଖକଙ୍କ ଭାବଧାରା ଉପରେ ଜାତୀୟ ସାହିତ୍ୟ ଗଢ଼ି ଉଠେ, ମନୁଷ୍ୟ ମନରେ ଯେତିକି ନୂତନ ଭାବର ପରିସ୍ଫୁରଣ ହେଉଛି, ସେ ଭାବ ବହନର ଉପଯୁକ୍ତ ହେବାକୁ ଭାଷା ମଧ୍ୟ ଦିନକୁଦିନ ସେତିକି ନୂତନ ଶବ୍ଦଦ୍ୱାରା ସମୃଦ୍ଧ ହେଉଛି । ବିଶ୍ୱସାହିତ୍ୟରେ ଏହିପ୍ରକାର ଭାଷାଗତ 'କ୍ଷୁଧା' ସର୍ବକାଳରେ ଅଛି ଏବଂ ଥିବ ।

କିନ୍ତୁ ଆମଦେଶରେ କେତେକଜଣ ପ୍ରବୀଣ ସାହିତ୍ୟସେବୀ ଏ କଥାଟାକୁ ଏକାବେଳେକେ ପାଶୋରି ଦେଇଥିବାପରି ଜଣାପଡ଼େ ।

ଓଡ଼ିଅଭାଷା କେଡ଼େ ଦରିଦ୍ର, ଆଧୁନିକ ଲେଖକମାନେ ସେ କଥା ମର୍ମେ ମର୍ମେ ଉପଲବ୍ଧି କରୁଥିବେ । ମନରେ କୌଣସି ନୂତନଭାବ ଜାଗରିତ କରିବାକୁ କିମ୍ବା ମାନବ ପ୍ରକୃତିର ସୂକ୍ଷ୍ମତମ ବୃତ୍ତିଗୁଡ଼ିକ ବିକଶିତ କରିବାକୁ ଯେ ଯେ ଶବ୍ଦ ଲୋଡ଼ା ଓଡ଼ିଆ ସାହିତ୍ୟରେ ତାହାର ଶୋଚନୀୟ ଅଭାବ ଏ କଥା ଲେଖକମାନେ ଭଲକରି ଦେଖିପାରୁଥିବେ ସେତେବେଳେ, ଯେତେବେଳେ କୌଣସି ବିଶେଷଭାବ-ସୂଚକ ଶବ୍ଦପାଇଁ ଓଡ଼ିଆ ଅଭିଧାନ ବୃଥା ଓଲଟ ପାଲଟ କରୁଥିବେ । ଆମଦେଶରେ ଅଭିମନ୍ୟୁ, ବଳରାମ, କବିସୂର୍ଯ୍ୟ ଗୋପାଳକୃଷ୍ଣ ଆଦି ପୁରୁଣା କବିମାନେ ମଧ୍ୟ ଏହି ଅଭାବ ଉପଲବ୍ଧି କରିଥିଲେ । ଓଡ଼ିଅଭାଷା ଯେତେବେଳେ ତା'ର ଚରମୋନ୍ନତିରେ ଉପନୀତ ହୋଇଥିଲା ଏବଂ ଏହି କାରଣରୁ ସେମାନେ ବାଧ୍ୟହୋଇ ନିଜ ନିଜ ରଚନା ଭିତରେ ଯଥେଷ୍ଟ ପ୍ରାଦେଶିକ ଶବ୍ଦମାନର ବ୍ୟବହାର କରିଯାଇଅଛନ୍ତି । ବାହୁଲ୍ୟ ଭୟରେ ଏଠାରେ ସେପରି ଦୃଷ୍ଟାନ୍ତଦେବାରୁ ବିରତ ହେଲୁଁ । ସେଥିମଧ୍ୟରେ ଏପରି କେତୋଟି ଶବ୍ଦ ଅଛି ଯାହା ଆମର ଆଧୁନିକ ଓଡ଼ିଆ ସାହିତ୍ୟରେ ନିର୍ବିବାଦରେ ଗ୍ରାହ୍ୟ ଓ ବ୍ୟବହୃତ ହୋଇପାରିଲାଣି । ପୁଣି ଆଜି କେତୋଟି ଶବ୍ଦ ଏ ପର୍ଯ୍ୟନ୍ତ ସୁଦ୍ଧା ପୂର୍ବପରି ଦୁର୍ବୋଧ ଓ ସଙ୍କୀର୍ଣ୍ଣ ସୀମାବଦ୍ଧ ହୋଇ ରହିଅଛି । ଭାଷାରେ ସାର୍ବଜନୀନ ହେବାକୁ ତାହା ଏ ପର୍ଯ୍ୟନ୍ତ ସୁଦ୍ଧା ଅକ୍ଷମ । ଏହାବୋଲି ଆମେ କ'ଣ ସେ ସାହିତ୍ୟକୁ ଫିଙ୍ଗିଦେବା ? ରାଶିକୃତ ଉତ୍କର୍ଷକୁ ଅବହେଳାକରି ମୁଷ୍ଟିମେୟ ଦୋଷକୁ ଧରିବସିବା ?

ଏ ତ ଓଡ଼ିଅଭାଷାର ଚରମୋନ୍ନତି କାଳର କଥା । ଯେତେବେଳେ ଏହି ଭାଷାର ଦୈନ୍ୟ ସମ୍ପୂର୍ଣ୍ଣ ନିରାକୃତ ହୋଇ ନଥିଲା, ଆଉ ଆଜିକାଲି ଯେଉଁ ଭାଷା ଓଡ଼ିଆ ସାହିତ୍ୟରେ ବ୍ୟବହୃତ ହେଉ ତାହା ତୁଳନାରେ ଶିଶୁ ଏଥିରେ ନା ଅଛି ସଂସ୍କୃତଭାଷାର ଅବିକଳ ଅନୁକୃତି ! ନା ଅଛି ପ୍ରାଚୀନ ଓଡ଼ିଅଭାଷାର ସମ୍ପୂର୍ଣ୍ଣ ଅବଲମ୍ବନ ! ଏଣୁକରି ଏଥିରେ ଯେ ଭାଷାର ଦୈନ୍ୟ ନୁହେଁ — ଭାଷାର ଦୁର୍ଭିକ୍ଷ ଉପସ୍ଥିତ ହେବ ଏହା କିଛି ବିଚିତ୍ରକଥା ନୁହେଁ ।

ଏ ତ ଗଲା ସାଧାରଣ ସାହିତ୍ୟ କଥା । କାବ୍ୟ, ନାଟକ ଉପନ୍ୟାସ ଆଦି ଯାହାର ଅନ୍ତର୍ଗତ । ବୈଜ୍ଞାନିକ ସାହିତ୍ୟ (Scientific literature) ଯାହା ଆଜିକାଲି ସାହିତ୍ୟର ପ୍ରଧାନ ଅଙ୍ଗରୂପେ ପରିଗଣିତ ହେବାକୁ ବସିଲାଣି ଓଡ଼ିଅଭାଷା ଯେନ ସେ ବିଷୟରେ ପାଦ ନ ପକାଇବା ଭଲ । (Botany) ଉଦ୍ଭିଦ୍‌ବିଜ୍ଞାନ (Chemistry) ରସାୟନ (zoology) ପ୍ରାଣୀବିଜ୍ଞାନ, ଆଦି ବିଜ୍ଞାନର ଯେ କୌଣସି ବିଭାଗ ଅବଲମ୍ବନକରି ପ୍ରବନ୍ଧ ଲେଖିବାର ଚେଷ୍ଟା କର, ଦେଖିବ — ତହିଁରେ ପାରିଭାଷିକ ( Technical ) ଇଂରାଜୀ ଶବ୍ଦର ଓଡ଼ିଆ ପ୍ରତିଶବ୍ଦ ନାହିଁ । ବହୁ ଆୟାସ ସ୍ୱୀକାରକରି ସଂସ୍କୃତ-ସାହିତ୍ୟରୁ ଖୋଜିଲେ ମଧ୍ୟ ସାମାନ୍ୟ କେତୋଟି ସାଧାରଣ ଶବ୍ଦଛଡ଼ା ପ୍ରତ୍ୟେକଟିର ପ୍ରତିଶବ୍ଦ ସେଥିରୁ ପାଇବା ମଧ୍ୟ ଅସମ୍ଭବ ।

ଭାଷାରେ ରକ୍ଷଣଶୀଳ ବୃତ୍ତି ଅବଲମ୍ବନକଲେ, ତାହାହେଲେ ବିଜ୍ଞାନର ଏହି ଅବଶ୍ୟ-ଜ୍ଞାତବ୍ୟ ବିଷୟଗୁଡ଼ିକ ତ୍ୟାଗ କରିବାକୁ ହେବତ ?

ଏହିପରି ଲକ୍ଷ ଲକ୍ଷ ଦୃଷ୍ଟାନ୍ତ ଉପସ୍ଥାପିତ କରାଯାଇପାରେ । ଓଡ଼ିଅଭାଷା ଯେଉଁଠି ଏକାଥରେକେ ପଙ୍ଗୁ ।

ଏଥିଲାଗି ଆମେ କହୁଁ ଓଡ଼ିଆ ଭାଷାଲାଗି ଶବ୍ଦ ସୃଷ୍ଟି (Word Coining) ଏକାନ୍ତ ଲୋଡ଼ା । କିନ୍ତୁ ସାହିତ୍ୟ

Digitized by srujanika@gmail.com

ଦିଗରେ ଟିକିଏ ସ୍ୱାଧୀନତା ନଦେଲେ ଶବ୍ଦସୃଷ୍ଟି ହେବ ବା କୁଆଡୁ ? 'ଆମର ଯାହା ଅଛି ତାହା ଥାଉ' ଏ କଥା ଭାଷା ଭାଷରେ ପ୍ରାଦେଶିକତା ପ୍ରୟୋଗକୁ ଏପରି 'ନାକ ଟେକିଲେ' ଚଳିବ କାହିଁ ?

ଭାଷାରେ ସ୍ୱାଧୀନତା ଦିଆଯାଉ । ପ୍ରାଦେଶିକତା ପ୍ରୟୋଗ ବାହୁଲ୍ୟ ମଧ୍ୟ ନିର୍ବିକାର ଚିତ୍ତରେ ସହ୍ୟ କରାଯାଉ । ଖଣିରୁ ଅପରିଷ୍କୃତ ହୀରକ ଉଦ୍ଧାର କଲାଭଳି ଲେଖକ ତା'ର ସ୍ୱାଧୀନଭାବ ଧାରା ଯେଉଁ ନିଜର ମନୋମତ ଶବ୍ଦସୃଷ୍ଟି ବା ଶବ୍ଦ ଅହରଣ କରିଯାଉନ୍ତୁ । ଲେଖକର ଏହିଠାରେ କାମ ଶେଷ । ତା'ପରେ ସେସବୁକୁ 'କାଟଛାଣ୍ଟ' 'ସଫା ସୁତୁରା' କରି ଶେଷରେ ଭାଷାର ମାନଦଣ୍ଡରେ ତଉଲ କରି ସେଥିରୁ ଭଲମନ୍ଦ ବାଛିଦେବା ତ ସମାଲୋଚକର କାମ । ଏହିପରି ନୂତନ ଶବ୍ଦସୃଷ୍ଟି ଓ ଶବ୍ଦସମ୍ଭାର ମଧ୍ୟରେ ପଡି ଯେ କେତୋଟି ଶବ୍ଦ ପ୍ରକୃତରେ ଉପଯୁକ୍ତ ଓ ସର୍ବଜନଗ୍ରାହ୍ୟ ହେବ ସେ ଗୁଡ଼ିକ ସବୁକାଳପାଇଁ ରହିଯାଇ ବାକି ଅକର୍ମଣ୍ୟ ଆବର୍ଜନାଗୁଡ଼ିକ ତ ଦିନେ ଆପେ ମଉଳି ଝଡ଼ିପଡ଼ିବ ! ସେଥିପାଇଁ ଏତେ ଲମ୍ଫ ଝମ୍ପ କରିବା ବୃଥା ।

---

## ଚିତ୍ର ପରିଚୟ

ଏ ସଂଖ୍ୟାରେ ପୂର୍ଣ୍ଣପୃଷ୍ଠା ଚିତ୍ରଟି ବାଲେଶ୍ୱର ଜିଲ୍ଲାର ଉଦୟମାନ ଜମିଦାର ଶ୍ରୀଯୁକ୍ତ ରାଧାକାନ୍ତ ପାତ୍ରଙ୍କର । ଏଥିପୂର୍ବରୁ ସାହିତ୍ୟ କ୍ଷେତ୍ରରେ ଏ ମହାଶୟଙ୍କର କେବେ ପାଦ ପଡି ନ ଥିଲେ ସୁଦ୍ଧା ଜାତୀୟ ସାହିତ୍ୟ ପ୍ରତି ତାଙ୍କର ଗଭୀର ଶ୍ରଦ୍ଧା ଓ ଆନ୍ତରିକତା ଥିବାପରି ଜଣାଯାଏ । ବାରୁଣୀକୁ ସେ ସ୍ୱେଚ୍ଛାପ୍ରଣୋଦିତ ହୋଇ ସ୍ୱଶତ ଟଙ୍କା ସାହାଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଥିବାରୁ ତାଙ୍କୁ ଆନ୍ତରିକ ଧନ୍ୟବାଦ ଦେଉଅଛୁଁ ।

ସ ବା .

---

Digitized by srujanika@gmail.com

## ଲିଡ଼ାର

Hero ଟାଏ ହେବାଭଳି ମୋର ଥିଲା ବହୁତ quality
ଏତେକ ବଢ଼ିଆ genius ଉନ୍‌ଦା potentiality
Opportunity ଟା ଖାଲି ପଡ଼ିବାକୁ ମୁଁ ଥିଲି ଚାହିଁ
ରହିଥିଲା ମୋ ଗୁଣଯୋକ ଜକି ଜୁକିକରି ସେଥିପାଇଁ

ପାଠିରୁ ଲାଳ ବହିଲା ବଡ଼ Leader ଗୋଟାଏ ହୋଇବାକୁ
ଦାକ ପୃଷ୍ଠାରେ ଚୌଳ ଦେଇ ଲମ୍ବ ଦମ୍ଭ ହୋଇ ଶୋଇବାକୁ
ଅକସ୍ମାତେ ବେଳେ ଅସି ଘଡ଼ିଗଲା ସେ ପାହୁଟା
ଚେଇଁ ଉଠି ସେ ଗୁପ୍ତ ଶକ୍ତି ଡେଇଁ ପଡିଲା ମୋ ନାହୁଟା—

ଗାନ୍ଧୀଗୋଳ ଅଇଲା ମାତ,
ପିଲାଏ School, College ଛାଡ
ଚାଲିଲେ ଛୁଟି ଧାଡକ ଧାଡ,
picket–କଲେ ଅପମ ଚାଢ,
ପାଣ, ବାଉରି, ଡୋମ, ହାଡ
ହୋଇ ଗଲେ ସବୁ ନିଷ୍ଠାବାନ୍
ମାହାର୍ଦ୍ଦରେ ସିରିଣି ଗୋଳ
ଖାଇଲେ ହିନ୍ଦୁ, ମୁସଲମାନ
( ଡାଟକା ହୋଇ ବୁଜିଲେ ଆଖି, ବ୍ରହ୍ମଜ୍ଞାନୀ ଖ୍ରୀଷ୍ଟିଅନ )

କଥ ନୂଦାରେ ଶୁଭିଲା ଡ଼ାକ, ଅସିଲା ଦେଶର Trumpet call,
ରଡ଼ ଛଡ଼ ଅଇଲେ ଗଡ଼ Volunteer ଦଳକୁ ଦଳ
ଖଦଡ଼ ଭେକ ଧାରଣ କରି, ସାଜିଲି କମୂତ କମାକାର
ଏକା ନିଶ୍ୱାସେ ପାଠ ଛାଡ଼ ହୋଇଲି College ସୀମା-ପାର

ସଭାସ୍ଥଳେ ଦେଖାଇ ଦେଲି ବକ୍ତୃତାର କାରସାଦ
ଚମକି ଗଲେ ଦେଖଣାହାରି ଦେଖି ମୋର ଓସ୍ତାଦ
ଘର, ଦ୍ୱାର, ପିତା, ଭ୍ରାତା, ଏକାଦନକେ କରି ତ୍ୟାଗ
ଅଶ୍ରମରେ ହାଜର ହେଲି ଧରି ଖଦଡ଼ baggage-bag
Sacrifice ଦେଖି ମୋର ଲାଗିଲା ଦେଶେ ଚମତ୍କାର
'ସାବାସ' 'ହାବାସ ସାବାସ' ବୋଲିକହିଲେ ଯେତେ ସମଝଦାର
Newspaper ସମ୍ପାଦକେ ବୋଇଲେ ଧନ୍ୟ ଧନ୍ୟ ରେ!
ଶକ୍ତ ଗୋଟାଏ ନେତା ବୋଲି ହୋଇଗଲି ମୁଁ ଗଣ୍ୟରେ ।

Leader.

Digitized by srujanika@gmail.com

କାଚମୂଲ୍ୟରେ କାଞ୍ଚନ ବିକ୍ରୟ

ଅପୂର୍ବ ସୁଯୋଗ ! ( ଅଳ୍ପଦିନ ପାଇଁ ) ଅପୂର୍ବ ସୁଯୋଗ ! !

ରାଜା ୰ କୃଷ୍ଣସିଂହଙ୍କ କୃତ

# ମହାଭାରତ

| | | | |
|---|---|---|---|
| ଆଦିପର୍ବ | ଟ ୩ ୵ | ଦ୍ରୋଣପର୍ବ | ଟ ୨ ୵ |
| ସଭାପର୍ବ | ଟ ୦ ୴ | କର୍ଣ୍ଣପର୍ବ | ଟ ୦ ୴ |
| ବନପର୍ବ | ଟ ୧ ୳ | ଶଲ୍ୟାଦି ପର୍ବଚତୁଷ୍ଟୟ | ଟ ୧ ୵ |
| ବିରାଟପର୍ବ | ଟ ୦ ୳ | ଶାନ୍ତିପର୍ବ | ଟ ୨ ୵ |
| ଉଦ୍ୟୋଗ ପର୍ବ | ଟ ୧ । | ଅନୁଶାସନ ପର୍ବ | ଟ ୧ ୵ |
| ଭୀଷ୍ମପର୍ବ | ଟ ୧ ୵ | ଅଶ୍ୱମେଧାଦିଦଶପର୍ବ | ଟ ୦ ୴ |

ଓଁ ଟ ୧୬୳

ବହୁଳ ପ୍ରଚାର ପାଇଁ ଆମ୍ଭେମାନେ ଏହି ମହାଗ୍ରନ୍ଥକୁ ଫେବୃୟାରି ତା ୨୨ ରିଖ ପର୍ଯ୍ୟନ୍ତ ଟ ୧୬୳ ସ୍ଥଳେ ଟ ୧୦୳ ରେ ଦେଉଥିଲୁଁ । ଏଣିକି ଅନ୍ୟ ପେପର ନ ଦେଇ ଗ୍ରାହକମାନଙ୍କୁ ଆଉ ଏକ ବିଶେଷ ସୁବିଧା ଓ ସୁଯୋଗ ଦେଉଅଛୁଁ । ଯେଉଁମାନେ ଏହି ମହାଭାରତରୁ ୧ ସେଟ୍ ମଗାଇବେ, ସେମାନେ ତାହାସହିତ ନିମ୍ନରେ ଦିଆଯାଇଥିବା ପୁରସ୍କାରମାନଙ୍କ ମଧ୍ୟରୁ ଯେ କୌଣସି ପୁରସ୍କାର ଇଚ୍ଛାକରିବେ ତାହା ପାଇପାରିବେ ।

୧ମ ପୁରସ୍କାର(୧) ପଣ୍ଡିତ ୰ କପିଳେଶ୍ୱର ବିଦ୍ୟାଭୂଷଣଙ୍କ କୃତ—ସଚିତ୍ର ସ୍ତ୍ରୋକାଣ୍ଡ ରାମାୟଣ ଟ ୨୴, ଏଥିରେ ସାତଖଣ୍ଡି ବହୁରଙ୍ଗ ଓ ଏକରଙ୍ଗ ଛବି ଅଛି, ଭାଷା ଅତିପ୍ରାଞ୍ଜଳ ଓ ମଧୁର (୨) ଅମରକୋଷ (ସଟୀକ) ଟ ୧୵ (୩) ବତ୍ରିଂଶ ସିଂହାସନ ଟ ୦ ୳

୨ୟ ପୁରସ୍କାର(୧) ଉତ୍କଳ ପ୍ରକୃତି ଟ ୧୵ (୨) ଦାକ୍ଷିଣାତ୍ୟ ଭ୍ରମଣ ଟ ୧। (୩) ମହାତ୍ମା-ଗାନ୍ଧିଙ୍କ ଜୀବନୀ ଟ ୦ ୳୷ (୪) ରୂପାରୂଢ଼ୀ (ଉପନ୍ୟାସ) ଟ ୧୵

୩ୟ ପୁରସ୍କାର(୧)ସେ ୧ ଟ ଭାଗବତ ଟ ୬୵ (୨) ଖାଣ୍ଡ୍ରେ ଓଡ଼ିଆ ପକେଟ ଅଭିଧାନ ଟ ୧।

୪ର୍ଥ ପୁରସ୍କାରସେ ୧ ଟ ନୃସିଂହପୁରାଣ ଟ ୬୵

କେଉଁ ଗ୍ରାହକଙ୍କର କେଉଁ ପୁରସ୍କାର ଲୋଡ଼ା, ସ୍ପଷ୍ଟ ଲେଖିବେ । ଯେଉଁମାନେ ପୁରସ୍କାର ସହିତ ପୁସ୍ତକ ନେବେ ସେମାନେ ଅଗ୍ରୀମ ଟ ୩୵ ପଠାଇବେ । ଅଥବା ଯେଉଁମାନେ କେବଳ ମହାଭାରତ ମଗାଇବେ, ପୁରସ୍କାର ନେବାକୁ ଇଚ୍ଛୁକ ହେବେନାହିଁ ସେମାନେ ପ୍ରତି ଟଙ୍କାରେ ଟ ୦ ୷ ଲେଖାଏଁ କମିଶନ ପାଇବେ । ଇତି ।

ପ୍ରାପ୍ତିସ୍ଥାନ—

ପଣ୍ଡିତ ଶ୍ରୀ ଅତୁଳ ମିଶ୍ର କାବ୍ୟତୀର୍ଥ, ମେନେଜର କଟକ ଟ୍ରେଡିଂକୋମ୍ପାନୀ,

ବାଲୁବଜାର, ପୋ: ଅ: ଚାନ୍ଦନୀଚୌକ—କଟକ ।


Digitized by srujanika@gmail.com

ଅଳ୍ପ ବୟସରେ ନାରୀର ମସ୍ତକର କେଶ ଉପୁଡ଼ିଗଲେ

ତାହା କେଡ଼େ ଅସୁନ୍ଦର କଥା, ତାହା

ସେହିମାନେ ଜାଣନ୍ତି

କିନ୍ତୁ



# କ୍ୟାନ୍ଥାରାଇଡିନ୍ ହେଆର

# ଅୟେଲ

ଲଗାଇଲେ କେଶମୂଳ ସବଳ ହୁଏ, କେଶ ପୁଷ୍ଟ, ଘନ ଓ ସତେଜ ହୁଏ; ତାହାଛଡ଼ା ମୁଣ୍ଡବ୍ୟଥା, ଅଧକପାଳି, ଅକାଳପକ୍ୱତା ଆଦି ଯାବତୀୟ କେଶ ଓ ଶିରୋରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ ହୁଏ । କେଶବର୍ଦ୍ଧନର ଉପଯୋଗୀ ଏପରି ସୁଗନ୍ଧ ତୈଳ ଆଉ ନାହିଁ ।

ମୂଲ୍ୟ ଗୃରଆଉନ୍ସ ଶିଶି ଟ ୧ ୲

କେଶପାଇଁ ଯାହାଙ୍କର ଔଷଧ ବ୍ୟବହାରର ପ୍ରୟୋଜନ ନାହିଁ ସେମାନେ

# ସୁରଭିତ ନାରିକେଳ ତୈଳ

ବ୍ୟବହାର କରନ୍ତୁ

ରଶିତେଲ ଶୀଘ୍ର ବିକୃତହୋଇ ଦୁର୍ଗନ୍ଧ ଜାତ କରିଥାଏ । ଜଡ଼ାତେଲ **ସ୍ୱଭାବତଃ** ଘନ—ଏଣୁ ମୁଣ୍ଡରେ ଧୂଳିଜମି ମୁଣ୍ଡ **ଅପରିଷ୍କାର** କରେ କିନ୍ତୁ ନଡ଼ିଆତେଲ ସର୍ବାପେକ୍ଷା

ଲଘୁ ! ସ୍ନିଗ୍ଧ !! ଅବିକାର !!!

ସମ୍ୟକ୍ ପରିଶୁଦ୍ଧ ନାରିକେଳ ତୈଳରୁ ଏହି ତେଲ ପ୍ରସ୍ତୁତହୋଇଛି ।

ରୋଜ୍, ଲ୍ୟାଭେଣ୍ଡର, ବେ, କଲୋନ, ପ୍ରତ୍ୟେକ ଶିଶି ଟ ୧ ୲

ବେଙ୍ଗଲ କେମିକ୍ୟାଲ ଏଣ୍ଡ ଫର୍ମାସିଉଟିକ୍ୟାଲ ଓ୍ୱାର୍କସ୍ ଲିମିଟେଡ଼

୧୫ କଲେଜ ସ୍କୋୟାର—କଲିକତା ।

Digitized by srujanika@gmail.com

## —ବିଧାନ—

ପ୍ରଚାର — ବାରୁଣୀ ନିର୍ଦ୍ଦିଷ୍ଟ ସଂଖ୍ୟକ ଛପା, ତେଣୁ ବର୍ଷକପାଇଁ ଗ୍ରାହକ ନୋହିଲେ ଖୁଚୁରା ସଂଖ୍ୟା ଦିଆଯାଏନାହିଁ ।

ଏବର୍ଷପାଇଁ ବାରୁଣୀ ପ୍ରତିଋତୁରେ ଖଣ୍ଡେ ଲେଖାଏଁ ବାହାରିବ । ପ୍ରତିସଂଖ୍ୟା ସେହି ଋତୁ ଆରମ୍ଭର ପ୍ରଥମ ସଂକ୍ରାନ୍ତିରେ ବାହାରିବା କଥା ।

ଗ୍ରାହକ—ସ୍ଥାନୀୟ ଗ୍ରାହକମାନଙ୍କପାଇଁ ବାର୍ଷିକ ୧ ତିନିଟଙ୍କା, ଅନ୍ୟଥା ତିନିଟଙ୍କା ବାରଣା ଓ ପିଃ ରେ ନେଲେ ଚାରିଟଙ୍କା ।

ବାରୁଣୀର ବାର୍ଷିକ ମୂଲ୍ୟ ସର୍ବଥା ନିର୍ଦ୍ଦିଷ୍ଟ ଓ ଅଗ୍ରୀମ । କ ବା ପାଠାଗାର ନିମନ୍ତେ ଅଳ୍ପ ମୂଲ୍ୟ ନାହିଁ ।

ମଫସଲର ଗ୍ରାହକମାନେ କୌଣସି ସଂଖ୍ୟା ନ ପାଇଲେ ଆଗେ ସ୍ଥାନୀୟ ଡାକଘରେ ସନ୍ଧାନ କରି, ଡାକଘର ଉତ୍ତର ସହିତ ଆମ୍ଭମାନଙ୍କ ପାଖକୁ ଲେଖିବେ ।

ଡାକଘରର ଗୋଳମାଳରୁ ଯେଉଁମାନଙ୍କର ବାରୁଣୀ ପାଇବାରେ ବାରମ୍ବାର ଗୋଳମାଳ ଘଟେ ସେମାନଙ୍କର ରେଜେଷ୍ଟ୍ରି ଡାକରେ ନେବା ଉଚିତ ।

ପତ୍ରିକା ପଠାଯିବାର ଦିନ ୨୦ ଦିନ ମଧ୍ୟରେ ଅପ୍ରାପ୍ତ ସଂଖ୍ୟାପାଇଁ ଆବେଦନ ନ ଆସିଲେ ତତ୍ପରେ ତାହା ଗ୍ରାହ୍ୟ ନୁହେଁ ।

ସମ୍ବାଦ ଓ ଟଙ୍କା ପଇସା ପଠାଇଲାବେଳେ "କର୍ମ-ସଚିବ—ବାରୁଣୀମନ୍ଦିର, ବାଙ୍କାବଜାର—କଟକ" ଠିକଣାରେ ପଠାଇବେ ଓ ସର୍ବଦା ଗ୍ରାହକନମ୍ବର ଦେବାକୁ ଯତ୍ନ କରିବେ, ଅନ୍ୟଥା ପତ୍ରୋତ୍ତର କିମ୍ବା ପ୍ରାପ୍ତିସ୍ୱୀକାର ପାଇବାରେ ବିଳମ୍ବ ଘଟିପାରେ । ଏକମାସ ପାଇଁ ଠିକଣା ପରିବର୍ତ୍ତନ କରିବା ପ୍ରୟୋଜନ ହେଲେ ସ୍ଥାନୀୟ ଡାକଘରେ କରିବେ । ତଦୂର୍ଦ୍ଧ୍ୱ ସମୟପାଇଁ ଆମ୍ଭମାନଙ୍କୁ ଜଣାଇବା ବିଧେୟ ।

### ବିଜ୍ଞାପନ ।—

| | |
|---|---|
| ସାଧାରଣ ଏକ ପୃଷ୍ଠା | ଅଠଟଙ୍କା |
| „ ଅର୍ଦ୍ଧ | ପାଞ୍ଚଟଙ୍କା |
| „ ଚଉଠ „ | ତିନିଟଙ୍କା |
| ଚଦର ସମ୍ମୁଖ ଓ ପାଠ୍ୟ ଶେଷର ସମ୍ମୁଖ ଏକପୃଷ୍ଠା | ଦଶଟଙ୍କା |
| „ ଅର୍ଦ୍ଧ „ | ଛଅଟଙ୍କା |
| ମଲାଟର ଚତୁର୍ଥପୃଷ୍ଠା ଏକପୃଷ୍ଠା | କୋଡ଼ିଏଟଙ୍କା |
| „ „ ଅର୍ଦ୍ଧପୃଷ୍ଠା | ବାରଟଙ୍କା |
| ମଲାଟର ୨ୟ ଓ ୩ୟ ପୃଷ୍ଠା ଏକପୃଷ୍ଠା | ବାରଟଙ୍କା |
| „ „ ଅର୍ଦ୍ଧପୃଷ୍ଠା | ଆଠଟଙ୍କା |

ତିନିଥରପାଇଁ ପ୍ରତ୍ୟେକର ଦୁଇଗୁଣ ଓ ସାରାବର୍ଷପାଇଁ ପ୍ରତ୍ୟେକର ଚାରିଗୁଣ ଦେବାକୁ ପଡେ ।

ଅନ୍ୟାନ୍ୟ ବିଶେଷ ପୃଷ୍ଠା ପତ୍ରେ ଜ୍ଞାତବ୍ୟ ।

ସାଧାରଣ ପୃଷ୍ଠାରେ ବିଜ୍ଞାପନଦାତାମାନେ କୌଣସି ନିର୍ଦ୍ଦିଷ୍ଟ ପୃଷ୍ଠାରେ ବିଜ୍ଞାପନ ଛପାଇବାକୁ ଦାବୀ କଲେ ତାହା ଗ୍ରାହ୍ୟ ହେବ ନାହିଁ ।

ବିଜ୍ଞାପନ ବନ୍ଦ କରିବାକୁ ଇଚ୍ଛାକଲେ ସେ ସଂଖ୍ୟା ପ୍ରକାଶିତ ହେବାର ଅନ୍ତତଃ ପନ୍ଦରଦିବସ ଆଗରୁ ଜଣାଇବା ପ୍ରୟୋଜନ । ନୂତନ ବିଜ୍ଞାପନ ବା ବିଜ୍ଞାପନ ପରିବର୍ତ୍ତନ ପକ୍ଷେ ମଧ୍ୟ ଏହି ନିୟମ ପ୍ରଯୁଜ୍ୟ ।

ଅଶ୍ଳୀଳ ବିଜ୍ଞାପନ ଛପାଯାଏ ନାହିଁ ।

ସ୍ଥୂଳପାଇକା ଅକ୍ଷରରେ ବିଜ୍ଞାପନ ଛପାଯାଏ ନାହିଁ ।

ବିଜ୍ଞାପନ-ଦାତାମାନଙ୍କର ବିଜ୍ଞାପନସ୍ଥ ବ୍ଲକ୍‌ମାନ ଅତି ସାବଧାନରେ ଛପାଯାଏ । ତଥାପି କୌଣସି କାରଣରୁ ତାହା ଭାଙ୍ଗିଗଲେ କିମ୍ବା ବିଜ୍ଞାପନ ଶେଷ ହେବା ସଙ୍ଗେ ସଙ୍ଗେ ତାହା ଫେରସ୍ତ ନ ନେଲେ ଆମ୍ଭେମାନେ ଦାୟୀ ନୋହୁଁ ।

ବିଜ୍ଞାପନର ମୂଲ୍ୟ ସର୍ବଦା ଅଗ୍ରୀମ ଦେୟ ।

ବିଜ୍ଞାପନରେ ଆମ୍ଭର ମୂଲ ଚୂଲ ନାହିଁ । ଏହାହିଁ ନିର୍ଦ୍ଦିଷ୍ଟ ନିୟମ ।

ଉତ୍ତର ନିମିତ୍ତ ଡାକ ଟିକଟ ନ ପଠାଇଲେ ଉତ୍ତର ପଠାଇବାକୁ ବାଧ୍ୟ ନୋହୁଁ ।

କର୍ମ-ସଚିବ

ବାରୁଣୀମନ୍ଦିର, ବାଙ୍କାବଜାର — କଟକ ।

Digitized by srujanika@gmail.com

## ସଂପାଦକୀୟ—

ଲେଖକମାନେ ପ୍ରବନ୍ଧାଦି ଓ ତତ୍ସମ୍ପର୍କୀୟ ପତ୍ରାଦି ସଂପାଦକ ବାରୁଣୀଙ୍କ ନାମରେ ପଠାଇବେ ଓ ସର୍ବଦା ପ୍ରେରିତ ପ୍ରବନ୍ଧର ନକଲ ରଖିବେ—କାରଣ, ଅମନୋନୀତ ପ୍ରବନ୍ଧ ପ୍ରାୟ ଫେରାଇଦେବା ସମ୍ଭବ ହୁଏନା ।

ସମଗ୍ର ପାଣ୍ଡୁଲିପି ହସ୍ତଗତ ନ ହେଲେ କ୍ରମଶଃ ପ୍ରକାଶ୍ୟ ପ୍ରବନ୍ଧ ପତ୍ରିକାରେ ସ୍ଥାନ ଦିଆଯାଏନାହିଁ ।

ଲେଖକମାନଙ୍କର ପ୍ରବନ୍ଧ କାହିଁକି ପ୍ରକାଶିତ ନ ହେଲା, ସମ୍ପାଦକ ସେ କୈଫିୟତ ଦେବାକୁ ଅକ୍ଷମ ।

ସଚିତ୍ର ପ୍ରବନ୍ଧାଦି ପ୍ରୟୋଜନୀୟ ଚିତ୍ରାଦି ସହ ପତ୍ରିକା ପ୍ରକାଶର ଅନ୍ତତଃ ଦେଡମାସ ପୂର୍ବରୁ ହସ୍ତଗତ ହେବା ଉଚିତ ।

ବିବର୍ଣ୍ଣ ଚିତ୍ର ଏକବର୍ଣ୍ଣ ଚିତ୍ର ଓ ରେଖା-ଚିତ୍ରାଦି ବିଷୟରେ ପୃଥକ ବ୍ୟବସ୍ଥା ।

ସଂପାଦକ—ବାରୁଣୀ ମନ୍ଦିର
ବାଙ୍କାବଜାର, କଟକ ।


# FASHION-HOUSE

BANKA BAZAR, CUTTACK.
NO MORE TO CALCUTTA, NO MORE TO EUROPEAN FIRMS
☞ *to beg Fashion.*

We have succeeded in the Art to Challenge the foreign market
*Orders are pouring forth every day.*

Young-men of education are invited to take their training in the art from our *L. Mohanty*-who after passing the art in the College of Calcutta Tailoring took his training in the renowned firms there for years to-gether

*Trial Orders will Support Own Statement.*


# TO ADVERTISERS

## OF

# BARUNEE.

We have engaged agents all through Orissa and Calcutta Town to gather advertisements for Barunee. These who intend advertising in Barunee may consult with them or directly with our office.

We strictly discourage the habit of paying for Advertisements to our agents. Every payment regarding advertisements must be made directly to the officer.

**No payment will be recognised unless it is made to the office and receip; obtained for it.**

This rule cancelles all previous one.

Digitized by srujanika@gmail.com

## ବିଦର୍ଭ ଦମୟନ୍ତୀ ହଂସକୁ ଦୂତକରି ପଠାଇଥିଲେ

ଏକଥା ତ ପୁରାଣରେ ଶୁଣାଯାଏ

କିନ୍ତୁ

କେତେଜଣ ଲୋକ ତାହା ପ୍ରକୃତରେ ବିଶ୍ୱାସ କରନ୍ତି ?

—ସେହିପରି—

ଏକସ୍ଥାନରେ ବସି ଓଡ଼ିଆ, ଇଂରାଜୀ, ବଙ୍ଗଳା ଆଦି ସମସ୍ତ ଭାଷାର ସବୁଭଲ ପୁରୁଣା, ନୂଆ ବହି ଯେ ଏକାଠି ମିଳିପାରେ—



— ଥରେ ଚାଲେ ଆସି —

# ପ୍ରାଚୀଭଣ୍ଡାର

ପୋ: ଅ: ବାଲୁବଜାର, ଚୂନଗଣିଚୌକ—କଟକରେ ପହଞ୍ଚ

# ଆଖିରେ ନ ଦେଖିଲେ

ଆପଣ ବିଶ୍ୱାସ କରିବେନାହିଁ ।

ଖାଲି ବହି ନୁହେଁ, ଲେଖାପଢାର ସମସ୍ତ ସରଞ୍ଜାମ ଓ ଷ୍ଟେସନାରୀ ଦ୍ରବ୍ୟମାନ ମଧ୍ୟ ପାଞ୍ଚପଚିଶ ରକମର ଏଠି ଦେଖିପାରିବେ ଓ କିଣିପାରିବେ ।

ମଫସଲର ଅର୍ଡରମାନ ସୁବିଧାରେ ପଠାଉଥାଉଁ ।


Digitized by srujanika@gmail.com

# ସାମାନ୍ୟ ବ୍ଲକ୍‌ଟିଲାଗି

ଆଉ କଲିକତା ଲେଖି ହଇରାଣ ଓ କ୍ଷତିଗ୍ରସ୍ତ ହେବାକୁ ପଡ଼ିବ ନାହିଁ ।

ଲାଇନ ହାଫ୍‌ଟୋନ ଓ ଇଲେକ୍‌ଟ୍ରୋର ସମସ୍ତ ପ୍ରକାର ବ୍ଲକ୍ ଆମ୍ଭେମାନେ

# କଲିକତାଠାରୁ ସୁଲଭରେ ହାତପାଖରେ ତିଆର କରି ଦେବୁଁ

— ଏଣିକି —

ଡାକ ଖର୍ଚ୍ଚ ଓ ଅଧିକ ଦାମ ଦେଇ ସୁଦ୍ଧା ଅଠାଦିନରୁ ବେଶି ସମୟ
ଅପେକ୍ଷା କରିବାକୁ ହେବ ନାହିଁ ।
ଏକ ଥରେ

# ଭାରତୀ କଳା-ଭବନ

ବାଙ୍କାବଜାର, କଟକ

ରେ

ଆପଣ ବ୍ଲକପାଇଁ ଅର୍ଡ଼ର ଦିଅନ୍ତୁ ।

ମୂଲ୍ୟ ତାଲିକା ।

| | | | |
|---|---|---|---|
| ଲାଇନବ୍ଲକ | | ବର୍ଗ ଇଞ୍ଚ | [illegible] |
| ଏଜନ | ଉତ୍କୃଷ୍ଟ | | [illegible] |
| ହାଫ୍‌ଟୋନ | ଦସ୍ତା ଉପରେ | | [illegible] |
| ଏଜନ | ତମ୍ବା ଉପରେ | | [illegible] |
| ତିନରଙ୍ଗ | ହାଫଟୋନ | | [illegible] |
| ଏନଗ୍ରେଭିଂ | ଶିଶା ଉପରେ | | [illegible] |

ବିସ୍ତାରିତ ମୂଲ୍ୟ ତାଲିକା ପାଇଁ ଏଠା ପତ୍ର ଲେଖନ୍ତୁ ।

Digitized by srujanika@gmail.com